Digitized by srujanika@gmail.com

ଛୁଇଁଲା ରାଧା

ନୀଳମଣି ମିଶ୍ର

Digitized by srujanika@gmail.com

ଛଇଲୀ ରାଧା (ଉପନ୍ୟାସ)

ଲେଖକ :
ନୀଳମଣି ମିଶ୍ର

ପ୍ରକାଶିକା :
ଶଶିପ୍ରଭା ସାମନ୍ତରାୟ
ଦିବ୍ୟଦୂତ ପ୍ରକାଶନୀ
ରାଜାବଗିଚା, କଟକ-୭୫୩୦୦୯

ପ୍ରଚ୍ଛଦ :
ହରେକୃଷ୍ଣ ରାଉତ

ମୁଦ୍ରଣ :
ଶ୍ରୀଅରବିନ୍ଦ ପ୍ରିଣ୍ଟିଂ ପ୍ରେସ୍
ରାଜାବଗିଚା, କଟକ-୯

ପ୍ରଥମ ସଂସ୍କରଣ (ରଜସଂକ୍ରାନ୍ତି)-୧୯୮୬
ମୂଲ୍ୟ : ଟ ୨୫-୦୦ (ବନ୍ଧେଇ)

CHHAILI RADHA

Author :
Nilamani Mishra

Publisher :
Sashiprava Samantaray
Dibyadoota Prakasani

Cover design—
Harekrushna Rout

Printer :
SriAurobindo Printing Press
Rajabagicha, Cuttack-9

Price—**25-00** (Bound)

Digitized by srujanika@gmail.com

ପଦଟିଏ

ଉପନ୍ୟାସଟିଏ ଲେଖିବା ଯେତିକ କୌତୂହଳପ୍ରଦ, ସେତିକ ଦୁରୂହ ମଧ୍ୟ । କାହାଣୀର ଜୈବଯାତ୍ରା ଯୁଗରେ, ଉପନ୍ୟାସଟିଏ ଲେଖି ବ୍ୟସ୍ତ-ସମସ୍ତ ମନକୁ ଭାରାକ୍ରାନ୍ତ କରିବାକୁ ଯେଉଁମାନେ ଲେଖନୀ ଚାଳନା କରନ୍ତି, ସେମାନଙ୍କ ମନ ଭରି ଉଠେ ଆତ୍ମସନ୍ତୋଷରେ । ଜନତାର ଘୋଡ଼-ଦୌଡ଼ରେ ନିଜର ବାହାଦୁରୀଟିକୁ ମିଶେଇ ଦେଇ ଯେଉଁ ଲେଖକମାନେ ଉପନ୍ୟାସଟିଏ ଲେଖି ବସନ୍ତି, ସେମାନେ ଆଦୌ ଜାଣି ପାରନ୍ତି ନାହିଁ ଯେ, ସାଧାରଣ ଲୋକେ ତାଙ୍କ ଲେଖାଟିକୁ ଆଦରି ନେବେ କି ଅନାଦର କରି ଫିଙ୍ଗି ଦେବେ । ତଥାପି ପ୍ରତ୍ୟେକ ଲେଖକ 'ମନ୍ଦଃ କବି ଯଶଃ ପ୍ରାର୍ଥୀ' ହୋଇ ଉଠନ୍ତି ଏବଂ ବାରଅଉଡ଼ ଗୋଟାଇ ନେଇ ଗୋଟିଏ କାହାଣୀକୁ ଜନସାଧାରଣଙ୍କ ମନର ଖୋରାକ ପାଇଁ ଝିଙ୍ଗାଝିଙ୍ଗି ପୋଛା ପୋଛି କରି ଚକଚକିଆ କାହାଣୀ ଭାବରେ ପରିବେଷଣ କରିଦିଅନ୍ତି ।

ମୁଁ ତାହାହିଁ କରିଛି । କେତେ ପ୍ରକାର ଶବ୍ଦାଧାରକୁ ଫାଙ୍କଫାଙ୍କିଆ ଭାବରେ ଗୋଟାଇବାକୁ ଏଥିରେ ଚେଷ୍ଟା କରିଛି ଏବଂ ତାହାର ସଫଳ ପ୍ରୟୋଗ କରିଛି ବୋଲି ମନେ ମନେ ହେଣ୍ଡି ମାରୁଛି । ପାଠିକା ଓ ପାଠକମାନେ ଏହାକୁ କିପରି ଭାବରେ ଗ୍ରହଣ କରିବେ ତାହା ସେଇମାନଙ୍କୁ ଜଣା ।

ଗତ ଦଶବର୍ଷ ଧରି ମୁଁ ପ୍ରସ୍ତୁତ ଶବ୍ଦାଧାରଟିକୁ ଗୋଟିଏ ସଫଳ କାହାଣୀରେ ପରିଣତ କରିବା ପାଇଁ କେଇଥର ଲେଖି, ପୁଣି ଚିରି ଫିଙ୍ଗି ଦେଇଛି ଏବଂ ପୁଣି ବାରଭୁଠରୁ ପାଣି ଆଣି, ତୀର୍ଥ ଜଳରେ ପରିଣତ କରିବା ଲାଗି ନଇଠା ପଣରେ ଲାଗି ପଡ଼ିଛି ।

ମୁଁ ମୋର ପାଠକମାନଙ୍କୁ ପ୍ରଥମରୁ ଜଣାଇ ଦେବାକୁ ଚାହେଁ ଯେ, ଏ, କାହାଣୀଟି ମୋର ସମ୍ପୂର୍ଣ୍ଣ ନିଜସ୍ୱ ନୁହେଁ, ବାଟଘାଟରୁ ସନ୍ତର୍ପଣରେ ସଞ୍ଚିତ ଗୋଟାଇ ଆଣିଥିବା ଗୋଟିଏ ବେଢ଼ଙ୍ଗିଆ ପ୍ରୟାସ ।

ଗତ କେଇବର୍ଷ ମଧ୍ୟରେ ମୁଁ କେଇଖଣ୍ଡି ସଫଳ ଉପନ୍ୟାସର ଅନୁବାଦ କରି ପରିବେଷଣ କରିଥିବା ବହିପରେ, ଖଣ୍ଡିଏ ପୂର୍ଣ୍ଣାଙ୍ଗ ଉପନ୍ୟାସ

Digitized by srujanika@gmail.com

ଲେଖିବାର ସାହସ କରୁଛି । ସେଥିରେ ବହୁ ଅଂଶରେ ପୂରି ରହିଛି—ଗୁଜରାଟି ଉପନ୍ୟାସ 'ଜନମଟିପ୍'ର ପ୍ରଭାବ । ଅନେକ ଦିନ ତଳେ—ପ୍ରାୟ ୧୯୭୫-୭୬ ରେ ଗପଟିଏ ଶୁଣିଥିଲି । କାହାଣୀଟି ଏପରି ଏକ ବଳିଷ୍ଠ ପୃଷ୍ଠଭୂମିରେ ସଜଡ଼ା ଯାଇଛି ଯେ, ତାହା ଶୁଣିବା ମାତ୍ରେ ସେହି ଧରଣର ଗୋଟିଏ କାହାଣୀ ଗଢ଼ିବା ପାଇଁ ମୋ' ମନ ଛକ୍‌ଛକ୍ ହୋଇ ଉଠିଲା । ତେଣୁ ଅଣ୍ଟାଭିଡ଼ି, କଲମ୍ ସଜାଡ଼ି, ବସି ପଡ଼ିଲି କାହାଣୀଟିକୁ ଓଡ଼ିଶୀ ଢଙ୍ଗରେ ସଜାଡ଼ିବା ପାଇଁ । ପ୍ରଥମ ପ୍ରୟାସ ସମ୍ପୂର୍ଣ୍ଣ ବିଫଳ ହେବା ପରେ, ହତୋତ୍ସାହିତ ନ ହୋଇ ପୁଣି ଥରେ, ଧର୍ମକୁ ଆଖିଠାରି ମାରି, ଥା' ଥା' ମା' ମା' ହୋଇ ଆରମ୍ଭ କଲି । ଫଳ ସେପରି ସୁସ୍ଥ ଓ ସବଳ ହୋଇ ଫଳିଲା ନାହିଁ । ପରିବେଶରେ ତୃତୀୟଥର ବି ଚେଷ୍ଟା କରିବାକୁ ଭୁଲି ନାହିଁ । ଶେଷଥରର ପ୍ରଚେଷ୍ଟାକୁ ଆପଣମାନଙ୍କ ହାତରେ ଅର୍ପଣ କରୁଛି ।

ଉପନ୍ୟାସର ନାମଗୁଡ଼ିକ କାଳ୍ପନିକ ଏବଂ ସ୍ଥାନର ନାମ କେବଳ ଘଟଣାବଳୀକୁ ମିଶାଇବା ଉଦ୍ଦେଶ୍ୟରେ ସନ୍ନିବେଶିତ ହୋଇଛି । ଏଥିରେ ପ୍ରଦତ୍ତ ଭାଷାର ବହୁ ପରିବର୍ତ୍ତନ କରାଯାଇଛି, ପାଠକମାନଙ୍କର ସୁଖପାଠ୍ୟ ଦୃଷ୍ଟିରୁ । ମୟୂରଭଞ୍ଜ ଓ କେନ୍ଦୁଝର ଅଞ୍ଚଳରେ ଯେଉଁ ଭାଷା ବ୍ୟବହୃତ ହୁଏ ତାହାର ସମ୍ୟକ୍ ରୂପ ଏଥିରେ ପ୍ରଦର୍ଶିତ ହୋଇ ନାହିଁ ବରଂ କଟକ ଓ ପୁରୀ ଅଞ୍ଚଳର ଭାଷା ଅନେକାଂଶରେ ପ୍ରକଟିତ ହୋଇଛି ।

ଏଥିରେ ବ୍ୟବହୃତ ଓଡ଼ିଆ ପ୍ରବଚନ ଗୁଡ଼ିକ ମଧ୍ୟରୁ ଅଧିକାଂଶ ଉତ୍ତର ଓଡ଼ିଶାରେ ବ୍ୟବହୃତ ହୁଏ ଏବଂ କେତେକ ଶବ୍ଦ ମଧ୍ୟ ସେହି ଅଞ୍ଚଳର ସ୍ୱାକ୍ଷର ବହନ କରୁଛି ।

ସ୍ୱତନ୍ତ୍ର ଭାବରେ ଖଣ୍ଡିଏ ଉପନ୍ୟାସ ଲେଖିବାର ଏହା ହେଉଛି—ମୋର ପ୍ରଥମ ପ୍ରୟାସ । ତେଣୁ ସ୍ଥଳ ବିଶେଷରେ ତ୍ରୁଟି ବିଚ୍ୟୁତି ରହିଥିବା ଆଦୌ ଅସମ୍ଭବ ନୁହେଁ ।

ପ୍ରସ୍ତୁତ ଉପନ୍ୟାସଟି ଲେଖିବାରେ ଯେଉଁମାନେ ମୋତେ ଉତ୍ସାହିତ କରିଛନ୍ତି, ସେମାନଙ୍କ ମଧ୍ୟରେ, ମୋର ସହଯୋଗୀ ବନ୍ଧୁ ଠାକୁର ଭଗବାନ୍ ପଣ୍ଡା ସର୍ବାଦୌ ଧନ୍ୟବାଦର ପାତ୍ର । ସେ ଆମୂଳଚୂଳ ପୁସ୍ତକଟିର କାହାଣୀ ଶୁଣିଛନ୍ତି ଏବଂ ସ୍ଥଳ ବିଶେଷରେ ତ୍ରୁଟିଗୁଡ଼ିକ ପ୍ରତି ମୋର ଦୃଷ୍ଟି ଆକର୍ଷଣ କରିଛନ୍ତି ।

Digitized by srujanika@gmail.com

ମୋର ଶ୍ରଦ୍ଧେୟ ପୁତ୍ର ଆୟୁଷ୍ମାନ୍ ଶିବକୁମାର ପାଣ୍ଡୁଲିପି ଅବସ୍ଥାରୁ ମୋ' ଅଜ୍ଞାତ ସାରରେ କାହାଣୀଟି ପାଠକରି ବିଶେଷ ଆନନ୍ଦିତ ହୋଇଛୁ ଏବଂ ଏହା ପୁସ୍ତକ-ପ୍ରକାଶିତ ହେଲେ ସେ ହିଁ ସବୁଠାରୁ ବେଶୀ ଖୁସି ହେବ ।

ମୋର ଧର୍ମପତ୍ନୀ ଶ୍ରୀମତୀ କୃଷ୍ଣପ୍ରିୟା ଅନେକ ସ୍ଥଳରେ ଗାଉଁଲି ଶବ୍ଦ ଓ ପ୍ରବଚନ ଯୋଜନାରେ ମୋତେ ସହାଯ୍ୟ କରିଛନ୍ତି । ତାଙ୍କ ସାହାଯ୍ୟ ବିନା ହୁଏତ ସେପରି କେତେକ ଲୋକବାଣୀ ସନ୍ନିବେଶରେ ମୁଁ ଅସମର୍ଥ ହୋଇଥା'ନ୍ତି । ତେଣୁ ତାଙ୍କୁ ମୁଁ ହାର୍ଦ୍ଦିକ ଧନ୍ୟବାଦ ଜଣାଉଛି ।

ପୁସ୍ତକଟି ଛାପିବା ଦାୟିତ୍ୱ ବହନ କରିଛନ୍ତି ଓଡ଼ିଶାର ସୁସାହିତ୍ୟିକା ଶ୍ରୀମତୀ ଶଶୀପ୍ରଭା ସାମନ୍ତରାୟ । ତାଙ୍କର ଅନାବିଳ ସ୍ନେହ ଓ ଆଗ୍ରହ ମୋତେ ଅଭିଭୂତ କରିଛି । ଏହି ଅବସରରେ ମୁଁ ତାଙ୍କର ସଦିଚ୍ଛା ପାଇଁ ତାଙ୍କ ଠାରେ ଋଣୀ ।

ଓଡ଼ିଶାର ଅଗଣିତ ପାଠକ ପାଠିକାଙ୍କ ହସ୍ତରେ ମୁଁ ମୋର ପ୍ରଥମ ଉପନ୍ୟାସଟିକୁ ଅର୍ପଣ କରୁଛି । ସେମାନେ ସାଗ୍ରହରେ ଏହାକୁ ଗ୍ରହଣ କଲେ ମୋର ଶ୍ରମ ସାର୍ଥକ ହେବ ।

ବିନୀତ

ନୀଳମଣି ମିଶ୍ର

ସ୍ନାନ ପୂର୍ଣ୍ଣିମା
୧୧, ଜୁନ, ୧୯୮୭

Digitized by srujanika@gmail.com

ଛଇଳୀ ରାଧା

॥ ଏକ ॥

ରାଜୁ ସକାଳୁ ସକାଳୁ ଉଠି କା' ମୁହଁ ଚାହିଁଥିଲା କେଜାଣି; ଘରୁ ନ ବାହାରୁଣୁ ମୁଣ୍ଡରେ ଚାଳ ବାଜିଲାଣି । ସବୁଦିନେ ସେ ବାପାଙ୍କ ସହିତ କାମ କରିବା ଲାଗି ବିଲକୁ ବାହାରି ପଡ଼ିବା ମାତ୍ରେ, ରାଧା କାନ୍ଧରେ ଦଉଡ଼ିଟାକୁ ଝୁଲେଇ, ହାତରେ ଦାଆ ଧରି ତା' ପଛେ ପଛେ ବାହାରି ପଡ଼େ । କିନ୍ତୁ ଆଜି ରାଧା ବାହାରି ପଡ଼ିବା ମାତ୍ରେ ବୁଢ଼ୀ ପଛରୁ ବିରାଡ଼ି ଛିଙ୍କିଲା ପରି କହିଲା—"ବୋହୂ, ଆଜି ମୁଁ ବାପ ପୁଅଙ୍କ ସାଙ୍ଗରେ ଯାଉଛି, ତୁ ଘରଟାସାକର ବାସିକାମ ଓ ରୋଷେଇବାସ ସାରି ଦେଇ ଖାଇବା ନେଇ ବିଲକୁ ଯିବୁ ।"

ରାଜୁର ମନଟା ମରିଗଲା—ମା'ର ନିଉଛୁଣା କଥାପଦକ ଶୁଣି । ହାତରେ ଧରିଥିବା ଦା'ଟାକୁ ସେଇଠି ଅଧିକାନ୍ଥି ଉପରେ ଥୋଇ ଦେଇ ରାଜୁ ଆଡ଼କୁ ଆଖିମିଟିକା ମାରି କହିଲା ରାଧା—"ତୁମେ···ଯାଉନ...ଅନେଇଚ କାହିଁକି"?

ରାଧାର ଆଖିମିଟିକାର ଜବାବ୍ ଦେଇ ସେ ଆଖିରେ ଆଖିରେ କହିଲା—"ଜଲଦି ଆସିବୁ...।" ରାଧାଠାରୁ ଉତ୍ତର ପାଇବା ଆଶାରେ ସେ ସହମି ଯାଇ ଚାହିଁ ରହିଲା ।

ରାଜୁର ମିନତିଭରା ଉଦାସିଆ ଆଖିରେ ଆଖି ମିଶେଇ ରାଧା ନାକ ଫୁଲେଇ ମୁହଁ ମୋଡ଼ି ଦେଇ ଫୁସ୍‌ଫୁସ୍ ହୋଇ କହିଲା—"ମୋ ଗରଜ ପଡ଼ି ମରୁଛି—ମୁଁ ଜଲଦି ଯିବି ।" ଏତିକି କହିଦେଇ ସେ ଘର ଭିତରକୁ ପଶିଗଲା ।

"ଦେଖିବି ଭଲ···ତୁ କେମିତି ନ ଆସିବୁ···।" ରାଗରେ ଚମତମ ହେଲା ପରି ରାଜୁ ବାପାର ପଛେ ପଛେ ଆଗେଇ ଗଲା ।

ଏକାନ୍ତ ମିଳନ ଲାଗି ଉଛୁଳା ବିକଳ ତରୁଣ ତରୁଣୀଙ୍କୁ ବଡ଼ ପରିବାରରେ ରାତିର ଶେଷରେ ଟିକିଏ ସ୍ୱାଧୀନତା ମିଳିଥାଏ; କିନ୍ତୁ ରାଜୁ ଭାଗ୍ୟରେ ସେତକ ବି ଯୁଟେ ନାହିଁ । ଦୁଇ ବଖୁରିଆ ଛୋଟ କୁଡ଼ିଆଟା ଭିତରେ ରାଜୁ ହାଇପି ପାଇପି ହୋଇ, ରାଧା ପାଖରେ ଶୋଇପଡ଼େ । ପାଖ କୋଠରିରେ ମାଆ ବାପା ଭାଇ ଭଉଣୀ ଶୋଇଥାଆନ୍ତି । କାଳେ କିଏ ତାଙ୍କ ଫୁସୁର୍ ଫାସର କଥା ଶୁଣି ପକେଇବ, ସେଇଥି ପାଇଁ 'ଚୁପ୍···ଚୁପ୍···କିଏ କାଳେ କାନ ପାତିଥିବ'···କହି ମନକଥା

Digitized by srujanika@gmail.com

ମନରେ ମାରି ରାଜୁ ରାଧାକୁ କୋଳରେ ଭିଡ଼ିଧରି ଓଠମାନଙ୍କୁ ମେଣ୍ଟେଇ ନିଏ । କିନ୍ତୁ ନୂଆ ଜୀବନର ଉଛୁଳା ଯଉବନ ସେଇଥିରେ କି ସନ୍ତୁଳା ପଡ଼େ ! ତେଣୁ ମନମତାଣିଆ ପ୍ରେମର ଉଚ୍ଛୁଳା ସୁହାଗକୁ ମିଛି ମିଛିକା ଖଣ୍ଡି କାଶରେ ଘୋଡ଼େଇ ଦେବାକୁ ଦୁହେଁ ଯାକ ଚେଷ୍ଟାକରି ଜାକିଜୁକି ହୋଇ ଶୋଇପଡ଼ନ୍ତି ।

ତଥାପି ଦିହିଙ୍କି ମନଖୋଲି ହସଖୁସିର ମଉକା ମିଳେ କାମ କରୁଥିବା ବିଲମାଳରେ । ମାଆ ଘର ଗୋଟିକର କାମ ସାରି ଦେଇ ମୁଳିଆ ଉଠା ବେଳକୁ ଆସେ ବିଲ ଆଡ଼େ । ନିଜ ଜୀବନର ଉଚ୍ଛଳା ଦିନଗୁଡ଼ିକୁ ମନେପକାଇ, ବାପା ସେ ଦିହିଙ୍କି ଅଲଗା କାମ କରିବାର ସୁବିଧା ଦେଇଥାଏ । ତଥାପି ବୁଢ଼ା କାମ କରୁ କରୁ ମନେ ମନେ ଭାବେ—'ଟୁଆ ଦି'ଟା ମନଖୋଲି ମିଶିପାରୁ ନାହାନ୍ତି' । ତେଣୁ ସେ ବାହାରକୁ ଚାଲିଯିବାର ବାହାନା କରି କହେ—"ପୁଅରେ, ମୁଁ ଟିକିଏ ତେମା ସାଥିରେ ଦି'ପଦ ଦୁଃଖ ସୁଖ ହେଇ ଆସୁଛି, ତୁମେ ଦିହେଁ କାମ କରୁଥା' ।" ବୁଢ଼ା ପ୍ରାୟ ରୋଜ୍ ଏମିତିଆ କିଛି ନା କିଛି ଗୋଟାଏ ବାହାନା କରି ସେଠାରୁ ଆଡ଼େଇ ହେଇଯାଏ ଘଡ଼ିଏ ଦି'ଘଡ଼ି ଲାଗି ।

ବୁଢ଼ା ଦି' ଚାରିଘଡ଼ି ଅଗରୁ କେବେହେଲେ ଆସିବନି ବୋଲି ଦିହେଁ ବେଶ୍ ଜାଣିଥାଆନ୍ତି । ତେଣୁ ସେଇ ସମୟରେ ମନମତାଣିଆ ହସ ଖେଳରେ ବିତେଇବାକୁ ଦିହେଁ ଯାକ କେବେ ହେଲେ ମଉକା ହାତ ଛଡ଼ା କରନ୍ତି ନାହିଁ ।

ବୁଢ଼ା ଟିକିଏ ଉହାଡ଼କୁ ଚାଲିଯିବା ମାତ୍ରେ ଦିହିଙ୍କ ମନ ଆନନ୍ଦରେ କୁଳୁରି ଉଠେ; ଦିହେଁ ଦିହିଙ୍କ ପହିଲେ ଚାହିଁ ଦେଇ, ଆଖିରେ ଆଖିରେ କେତେ କଥା କହିଯାଆନ୍ତି । ତା'ପରେ ବାସ୍ ଚାଲେ ଖେଳ । ପହିଲେ ରାଧା ନଡ଼ା ହେଳାଟିକୁ ପାଖରେ ଥୋଇ, ଦାଆଟାକୁ ହେଇଠି ପକାଇ ଦେଇ ଆଗେ ଆଗେ ଧାଇଁଯାଏ । ଆଖିରେ ରାଜୁକୁ ଗୋଡ଼େଇ ଧରିବା ଲାଗି ଇଶାରା । ତା'ପରେ ରାଜୁର ମରଦପଣିଆ ଚେଇଁ ଉଠେ ନାଗସାପର ଫଣା ଉପରେ ପାହାରଟେ ଦେଲା ଭଳି । ମୁଳିଆ ଉଠା ବେଳଟାରେ ବିଲମାଳଟା ଶୁନ୍ଶାନ୍ । କଙ୍କଡ଼ାକୁ ଗୋଳ ପାଣି ସୁହାଇଲା ଭଳି, ରାଧା ପଛକୁ ଚାହିଁ ଚାହିଁ ଆଗେ ଆଗେ ଧାଇଁଥାଏ ଏବଂ ପଛେ ପଛେ ରାଜୁ । କେତେ ବାଙ୍କିଶିଆଳୀ ଦେଇ, ଏ'କିଆରି ସେ'କିଆରି ଧାଇଁବା ପରେ, ସତରେ ଥକିଯାଇ କି ମିଛା ଜାଣିଶୁଣି ରାଧା ହସି ହସି ପେଣ୍ଠ ମୁଠାଇ ବସିପଡ଼େ ନଥିକିଣି । ଜୀବନ ବିକଳେ ପଳାଉଥିବା ଶିକାରକୁ ଆଣ୍ଟୁଡ଼ି କଲାପରି, ରାଜୁ ବିଜୟ ଉଲ୍ଲାସରେ ଉଲ୍ଲସିତ ହୋଇଉଠେ । ସେ ତାକୁ

Digitized by srujanika@gmail.com

ତଳେ ପକାଇ ଦେଲୁ, ତା' କାନମୂଳ ପାଖରୁ ଦୁଇ ହାତରେ ଧରିନେଇ, ସେ ତା'ର ଥାଳୀପଟ ମଶ ଗୁଦ ମୁହଁଟିକୁ ପରୁ ଚୁମାଟିଏ ଖାଇଦେଇ ପଚାରେ ଗଜୁ— “କହ...ଆଉ କେବେ ଏମିତି ପଳାଇବୁ ?”

ତଳେ ଅସହାୟ ଅବସ୍ଥାରେ ପଡ଼ି ଗଧ ଗଜୁର ବଳାତ୍କାରକୁ ଆନନ୍ଦରେ ସହି ନେଇ, ଉଚ୍ଛଳା ପ୍ରେମରେ ଉଦ୍ବେଳିତ ହୋଇ ଉଠିଥିଲେ ବି ଉପରେ ଦେଖାଣିଆଁକୁ 'ଗୁହିଁପିହିଁ' ହୋଇ ଗଜୁ କବଳରୁ ଖସି ପଳେଇବାର ବିଫଳ ପ୍ରୟାସ କରିଚାଲେ ।

ଗଜୁ ଗଧଠାରୁ ଆଦୌ ବଳବାନ ନଥିଲା । ତେଣୁ ବଳାତ୍କାରରୁ ରକ୍ଷା ମିଳିବା ଗଧ ପକ୍ଷରେ ଆଦୌ ସହଜ ନଥିଲା—ତଥାପି ସେ ଗଜୁକୁ ଠେଲିଦେଇ ଦେବାକୁ ଚେଷ୍ଟା କଲେ, ଗଜୁର ପୁରୁଷ ପଣିଆ ଚେଙ୍କି ଉଠେ । ସେ ଗଧର ଭଜନଗୁଲିଆ ଜଙ୍ଘ ଉପରେ ମୁଁହକୁ ଆଘାତ କରି କହେ—“ହିଁ...ବହପ ତ କମ୍ ନୁହେଁ । ଉଠିଲୁ ଦେଖି...”।

“ଇସ୍ ଘାରି ମରଦଟେ ତ...” । କହି ଗଧ ନଖରକୁ ଗଜୁର ଅଣ୍ଟାରେ କୁତୁକୁତୁ କରିଦିଏ । ଗଜୁର ଦୁର୍ବଳତା ଜାଣିଥାଏ ଗଧ । କୁତୁକୁତୁ କରିଦେଲେ ଗଜୁ ଆଉ ସମ୍ଭଳା ପଡ଼େନା, ସେ ହସି ହସି ତା'ର ଭୁଜବନ୍ଧନକୁ ଶିଥିଳ କରିଦିଏ । ସେଇ ମଉକାରେ ଗଧ ନିଜକୁ ମୁକୁଳାଇ ନେଇ ପୁଣି ନାକଟେକି, ମୁହଁମୋଡ଼ି ଗଜୁକୁ ଚିଡ଼େଇଲା ଭଳି ମୁଦ୍ରାଭଙ୍ଗୀ କରେ ।

ଏଇମିତି ଦଉଡ଼ ଧାଁଦଉଡ଼ କଉଡ଼ିକିଆ-ଖେଳରେ ମାତିଥିଲେ ହେଁ ତାଙ୍କୁ ବେଳ ଜଣାପଡ଼େନି । ଦୂରରୁ ବୁଢ଼ାର ଖଣ୍ଡିକାଶ କମ୍ପା ଖାଇବା ନେଇ ଆସୁଥିବା ମାଆର ବର୍‌ ବର୍‌ ଶବ୍ଦ ଶୁଣି ଗଧର ଚେତାପଶେ । ପ୍ରଶାନ୍ତ ଭାଗର ନୁଖୁରା କଚଣ ପରି ଗଧର ମୁହଁଟା ଝାଉଁଳି ପଡ଼େ । ସେ ଲୁଗାପଟା ଠିକ୍ କରି ନେଇ ମୁହଁ ଲୁଚାଇଦେଇ କହେ—“ଯାଃ...ମଣିଷଟେ ନା' ଗଧଟା ବା'... ଦେଖୁନ...ଆଗରେ କିଏ...”।

ଗଧର ମୁହଁ ଚିହ୍ନାରେ ଗଜୁର ଉଚ୍ଛଳା ଯଉବନର ଜୁଆରରେ ଭଟ୍ଟା ପଡ଼ିଯାଏ । ସେ ବି ଗଧଠାରୁ ଦୂରେଇ ଯାଇ ମନ ମାରି ଯେତେ ଅବା ଭୋକରେ ଆଉଟୁ ପାଉଟୁ ହୋଇଛୁ, ଠିକ୍ ସେଇମିତି ମୁହଁଟା ଥମ୍ଭିଲା କରି ବସିପଡ଼େ ।

କାଲି ଗଧ ଏମିତିଆ ମଉକାରେ ନିଜକୁ ଗଜୁଠାରୁ ମୁକୁଳେଇ ନେଇ କହିଥିଲା—“ଯା...ଯାଃ...ମୁଁ...ଦେଖିବି ତୋ' ମରଦ ପଣିଆ...। ଏଇ କହୁଛି ତ...”।

Digitized by srujanika@gmail.com

ଆଜି ଗଜୁ ଗଧାର ସେଇ କଥା ପଦକର ଜବାବ ଦେବାକୁ ମନେ ମନେ ଆଣ୍ଠୁ କରିଥିଲା । ହଠାତ୍ ସକାଳଠାରୁ ବଗଡ଼ ଛୁଙ୍କିଲା ପରି ମାଆର କଥାଗୁଡ଼ାକ ତା' ପାଦଦ'ଣ୍ଟାକୁ ଦ'ପହଣ୍ଡ ପଛେଇ ଦେଲା ।

ଗଜୁର ମନେ ପଡ଼ିଗଲା—କାଲି ଗଧାର ଗୃହଲକ୍ଷ୍ମୀ ସେ ସ୍ୱାମୀର ଉଥଳା ପ୍ରେମରେ ଅତିଷ୍ଠ ହୋଇଉଠି କହିଥିଲା—"ତୁମେ ତ ନିପଟ ଗଧ···, କିଛି ଭଲମନ୍ଦର ଖବର ରଖିଚ କି ନାହିଁ···! ଏକୁଟିଆ ଥିଲାବେଳେ ଯିନା ତୁମେ ତୁମ ମନ ଓଜନମାନ ଯେତେ ପାରି ସେତେ ମେଣ୍ଟେଇ ନେଉଥିଲ···ଏବେ ପରା ···" । ଗଧାର କଥା ପଦକ ଗୁଁ···ଉଁ···କଲା ଲାଗିଲା ଗଜୁକୁ । ପାଞ୍ଚଦିନ ତଳେ ସେ ଶୁଣିଥିଲା—ମା'ର ଡାଗିଦା—"ବୋହୂ···ହୁସିଆରରେ ଚଳିବୁ···ତୋ' ମାସ ଗଡ଼ିଗଲାଣି ଆଜି କି ପଦରଦିନ ହେଲା···" ।

ଗଜୁ ସେତିକରେ ଗଧାକୁ ବାହୁ ପାଶରୁ ମୁକୁଳେଇ ଦେଲା ସୁନାପିଲାଟି ପରି । ଗଧା ଗଜୁର କବଳରୁ ଉଦ୍ଧାର ପାଇ ଯାଇ ଲୁଗା ପଟା ବାଟେଇ ନେଇ ଫେଁ···କରି ହସି ଦେଇ କହିଲା—"ଦେଖିଲ···କେମିତି ଚକମା ଦେଇ ଗମ୍ପଟ୍ କଲି···। ଏମିତି ଠିକଏ କ'ଣ ହାତ ମାରିଦେଲେ ତୁମ ଛୁଆର ଖାଲି କଅଣ ହେଇ ଯାଉଚି···ଘରି ବାପ ହେଲା ବାଲା···ଦେଖିଚ କେତେ ବା'···" ।

ଗଜୁ ଆଉ କିଛି ମୁହଁ ଖୋଲି କହିପାରିଲାନି କିମ୍ବା ଧାଇଁ ଯାଇ ଗଧାକୁ ଭିଡ଼ି ଆଣି ପାରିଲାନି । ମନ ମାରି ସେଇଠି ଓଠ କାମୁଡ଼ି ଫିସ୍ ଫିସ୍ କରି କହିଲା—"ଆଚ୍ଛା···ଆଜି ଖସିଗଲୁତ ··ଦେଖିବୁ, କାଲି ତ' ମଜା ନ ଛଡ଼େଇଚ ଯଦି ମ···ନାଁ' ଗଜୁଆ ନୁହେଁ···" ।

"ଏମିତି କେତେ କା'ଲି ଦେଖିଚି···" । ବୁଢ଼ୀକୁ ଦ'କଆଘ ଦୂରରେ ଦେଖି ତଳକୁ ମୁହଁ ପୋତି କହିଲା ଗଧା ।

"ହଉ···ରଃ...ଦେଖିବୁ କା···ଲି···" ।

"କାଲି ତୁମେ ଗୋଟେ ବାଘ ଶିକାର କରି ପକେଇବ..." ।

"ବାଘ ନୁହେଁ···ଗଧୀ ଶିକାର " ।

"ଓଃ···ଘରି ମରଦଟାଏ ନାଃ..." ।

ମାଆ ଆସି ଦୁମ୍ କଲା ଘଡ ତପଲଟା ରଖି ଦେଇ କାଖରୁ ପାଣି ମାଠିଆଟିକୁ ତଳେ ଥୋଇ ଦେବାରୁ, ଗଜୁର ମୁହଁରୁ ଉଁ...କି...ଚୁଁ···କିଛି ବାହାରିଲା ନାହିଁ । ସେ କେବଳ ଗଧାକୁ କଟମଟ କରି ଗୁହିଁ ରହିଲା ।

Digitized by srujanika@gmail.com

ଆଜି ମାଆ ଗଧାକୁ ଅଟକାଇ ନେଇ ଥିବାରୁ, ଗଜୁର ମନଟା କେମିତିଆ କେମିତିଆ ହୋଇଗଲା । ସେ କାଲିକା କଥା ମନେ ପକାଇ ଗୋଟାଏ ଦୀର୍ଘ ନିଶ୍ୱାସ ମାରି ବୁଲି ଆସିଲା ବିଲକୁ ।

ବାପା ସାଙ୍ଗରେ ଦେଢ଼ମାଣିଆ କିଆରୀଟାର ଗୁଡ଼ିଏ ବହଳର ନଡ଼ା ଗୁଡ଼ାକୁ ଦାଆରେ ଆଡ଼େଇ ଆଡ଼େଇ କାଟୁଥିଲା ସତ, କିନ୍ତୁ ତା' ଆଖି ଆଗରେ ନାଚି ଉଠୁଥିଲା ଗଧାର ମୁହଁ ମୋଡ଼ା ଠାଣି, ଆଉ ତା'ର ହସ ହସ ଚେହେରା । ଅଜାଣତରେ ଗଜୁର ହାତଟା ଅଟକି ଗଲା । ବାପା ତା'ର ପାଖକାଟି ପାଞ୍ଚହାତ ଆଗେଇ ଗଲେଣି, ସେ କଥା ତା'ର ଖିଆଲ ନାହିଁ ।

କେତେବେଳ ପରେ ମାଆ ଗାଈ ଦି'ଟାଙ୍କୁ, ନଡ଼ା ଉଠି ଯାଇଥିବା ଦଣ୍ଡା ମୂଳରେ ବାନ୍ଧି ଦେଇ ଆସି ପହଞ୍ଚିଲା । ମୁହଁଟା କାହିଁକି କେଜାଣି ତା'ର ଶୁଖିଲିଆ ଶୁଖିଲିଆ ଦେଖା ଯାଉଛି । ଗଜୁ ମନେ ମନେ ଭାବିଲା—କାଲି ଆମ ଦହିଁଙ୍କ କଥା କଟାକଟି ମାଆ ସତରେ କ'ଣ ଶୁଣି ନେଇଛି କି ? ନଇଲେ, ସେ ବାପାଙ୍କ ଆଡ଼କୁ ଚାହିଁ ହସିଲା କାହିଁକି ?

ମାଆ ନିଜ ଦାଆଟିକୁ ଧରି କିଆରୀ ଭିତରକୁ ପଶିଗଲା ବେଳେ କହି ଉଠିଲା ବୁଢ଼ା ଦେବାଭୁସୁଁ—"ତୁ ଆଜି ନ ଆସି ବହୂ ଆସିଥିଲେ ଏ' କିଆରୀଟା କଟାସରି, ଆଉ କିଆରୀରୁ ଅଧାଅଧି ସରି ଯାଇଥାଆନ୍ତା ।"

ମାଆ କଅଣ ଉତ୍ତର ଦେବ, ଗଜୁ ସେଇ ଆଡ଼କୁ କାନ ଡେରି ରହିଲା । ମାଆ ଗୋଟିଏ ପାଖ କାଟିବା ଲାଗି ତିଆରି ହେଉଁ ହେଉଁ କହିଲା—ନାଇଁ ମ.. ମ'ର ଆଜି ଟିକିଏ ମନ ହୋଇଗଲା ବିଲ ଆଡ଼େ ବୁଲିଆସିବା ଲାଗି... ।"

ମାଆର କଥାଶୁଣି ଗଜୁର ମନ ମାନିଲା ନାହିଁ । ସେ ମନେ ମନେ ଭାବିଲା—ନାଃ..., କଥାରେ ନିଶ୍ଚେ କିଛି ସନ୍ଧିଅଛି । ହଉ. ଆଜି ସିନା ଗଧୀ ଗୁହ ପାଇଗଲା, କାଲି ଯିବ କୁଆଡ଼େ ? ମାଆ କ'ଣ ନିତି ନିତି ଆସିବ କି ?

ସେତିକିରେ ଗଜୁର ମନ ବୁଝିଲା ନାହିଁ । ସେ ପୁଣି ଭାବନାର ଖିଅ ଧରି ଭାବି ବସିଲା—'ଗଧା ଆସି ଥାଆନ୍ତା ସିନା...ସେ କେତେ ଛଟକରେ ଆଖି ମିଟିକା ମାରି କହିଥା'ନ୍ତା...ହଁ...ମୁଁ...ଦେଖିଛି କେତେ ମରଦ ପଣିଆ ।' ସେ ଅନ୍ୟମନସ୍କ ଭାବରେ ଧାନକଟା ବନ୍ଦ କରିଦେଇ ପୁଣି ଭାବି ବସିଲା—' ଏଇଲେ ଗଧୀ ପାଣିପୁଣା ଆଣିସାରି ଭାତ ବସେଇ ଦବନି...। ତା'ର ଯେଉଁ ଘୁଣ୍ଟେ ଗୁଣ୍ଡିକିଆ କାମ, ଦି'ଘଡ଼ି ଭିତରେ ସବୁତକ ଚଟ୍‌ଭଟ୍ କରି ଥୋଇଦେବ ।...

Digitized by srujanika@gmail.com

ହଁ ...ସେ ଘାସ ଓପ୍‌ଡ଼େଇ ଦେଇ, ଅନାବନା ଶାଗ କେରାଏ କରେଇରେ ପକାଇ ଦେଇ, ନଈରୁ ଧରି ଆଣିଥିବା ଦି'ଚାରିଟା ମାଛ ଦି'ଟା ତାଟିଆରେ ବସେଇ ଦେବା ଲାଗି ପୋଡ଼ିଲା ଲଙ୍କାକୁ ସର୍ ସର୍ କରି ଶିଳରେ ବାଟୁଥିବ । ହଁ ... ପୋଡ଼ିଲା ବଟା ତା'ର ସରିଯିବଣି । ସେ ଏଇଲେ ଦାଲିତକ ଛୁଙ୍କ ଦେଇଦେବ... ଏ' ଜବା' ଜାମଟେ ଯେ ? କିନ୍ତୁ...ମାଆ ଯଦି ଦୁଧ ଦୁହିଁ ଦେଇ ଶିକାରେ ରଖି ନଥିବ, ତେବେ ସେ ପୋଡ଼ାମୁହିଁ ବିରାଡ଼ିଟା ସବୁତକ ଦୁଧ ପିଇଦେଇ ଚମ୍ପଟ୍ କରିଥିବ ଯେ ? କିନ୍ତୁ...ନାଃ...ମୋ' ଗଧା କ'ଣ ଏତେ ଅଣବୁଝିଆ କି ? ସେ ନିଶ୍ଚୟ ଦୁଧତକ ଆଉଟା ଆଉଟି କରି ଶିକାରେ ଥୋଇ ଦେଇଥିବ...' ।

ଗଜୁ ଭାବନାର ସୁଅରେ କୂଳକିନାରା ହରେଇ ଭାସି ବୁଲୁଥିବା ବେଳେ ବୁଢ଼ା ବୁଢ଼ୀ ଦିହେଁ ଥରେ ଦି'ଥର ତା'ଆଡ଼କୁ ଚାହିଁଦେଇ ମୁରୁକି ମୁରୁକି ହସି ଦେଇଛନ୍ତି । ଶେଷଥରକ ଗଜୁର ଆଖି ପଡ଼ିଗଲା— ମା'ଆଉ ବୁଢ଼ାଣି ଉପରେ । ସେ ଲାଜରେ ଗୋଟିପଣେ ସଢ଼ିଯାଇ, ପାଣି ପିଇବା ବାହାନାରେ କଳସୀଟାକୁ ଟେକି ଢକ୍ ଢକ୍ କରି ପେଟେ ପାଣି ପିଇଦେଲା ।

ଗଜୁ ତା' ମୁହଁରୁ ଲାଜର ପଣକୁ ପୋଛିଦେବା ବାହାନାରେ ଧଡ଼ିଏ ହିଡ଼ ଉପରେ ବସିପଡ଼ି, ପୁଣି ଝାରଦର୍ପରେ ଦାଆଟିକୁ ଧରି ନିଜ ପାହ୍ୱା ପାଖକୁ ଆଗେଇ ଗଲା । ସେ ଆଗେଇ ଯାଇଥିବା ବାପାର ପାହ୍ୱା ସିଧାରେ ନିଜ ପାହ୍ୱାଟିକୁ ମିଶାଇ ଦେବା ଲାଗି ଜୋର୍ ହାତ ଚଳାଇ, ହେଳା ହେଳା କରି ନଡ଼ାଗଛ କାଟିବାରେ ଲାଗିପଡ଼ିଲା ।

ଗଜୁ ଆଉ ଟିକିଏ ହେଲେ ମୁହଁ ଉପରକୁ ନ ଉଠାଇ ତରତର ହୋଇ ଧାନ କଟାରେ ଲାଗିଯିବାରୁ, ତା' କପାଳରେ ବିନ୍ଦୁ ବିନ୍ଦୁ ହୋଇ ଝାଳ ବୁନ୍ଦା ଉଠିଲା । ସେ କପାଳରୁ ଝାଳତକ ଡେବରି ହାତରେ ପୋଛି ଦେଇ ପୁଣି କାମରେ ମାତିଗଲା । ସେ ମନେ ମନେ ଭାବିଲା— 'ବାପା ମା' ମୋତେ କ'ଣ ଭାବୁଥିବେ ସତେ ? ମୁଁ କ'ଣ ଗଧାକୁ ସବୁବେଳେ ଅଣ୍ଟିରେ ପୂରାଇ ବୁଲାଇବ ନା' କଅଣ ? ଦିନେ ଅବଧ ନ ଆସିଲା ନାହିଁ...' ।

ଗଜୁ ଗଧାର ଭାବନାକୁ ମନରୁ ପୋଛିଦେଇ କଟଡ଼ା କାଟିବାରେ ମାତି ଉଠିଲା ।

ଗଜୁ ତା' ପାହ୍ୱାଟାକୁ ଆଗେଇ ନେଇ କ୍ଷଣ ତକ ବାଟେଇ ବୁଢ଼ୋଇ ଠିକ୍ ସାପ ଖେଳିଲା ପରି ପକାଇ ଅଟେଇ ଚଲା ।

Digitized by srujanika@gmail.com

ପୂଅର କାମ ଦେଖି ତାକୁ ଦେଖା ସଙ୍ଗେ ସଙ୍ଗେ କହିଲା ବୁଢ଼ା— “ପୁଅରେ, ଦିନଟା ସାରା ତ ପଡ଼ିଛୁ, ଏବେ ତ ଚରଭର ହେଉଚୁ କାହିଁକି ? ଦାଆଟା କାଲି କମାରର ଶାଳରୁ ଆସିଚି । ଇଲିଶିମାଛର କଣ୍ଟା ପରି ତା' ଧାରଟା ଭାରି ଟାଣ···ଟିକଏ ଦେଖି ଶୁଣି କାଟ ପୁଅ···!”

ବାପାଙ୍କ କଥା ଶୁଣି ଗଜୁର ହାତଟା ଧିମେଇ ଗଲା ସତ, କିନ୍ତୁ ସେ ପୁଣି ଗଧାର ଧିଆନରେ ମଶ୍‌ଗୁଲ୍ ହୋଇ ଉଠିଲା । ତା' ଆଖିରେ ନାଚଉଠିଲା— 'ଗଧା ପୋଉଷ ଲଙ୍କା ବଟାରୁ ମେଞ୍ଚାଏ ପକାଇ, ଲୁଣ ହଳଦୀ ଗୁନ୍ଦେଇ ଦେଇ ମାଛ ଦି'ଟାକୁ ଚାଟିଆରେ ବସେଇ ଦେବନି ଉହୁ ଉହକା ରଡ଼ା ନିଆଁରେ । ସେ ଜାଣେ—ମାଛ ଦି'ଟା ନହେଲେ ମୋର ଗୁଣ୍ଡା ଅଳେ...। ସେଇଥି ପାଇଁ ସେ ଯେମିତି ହେଉ, ନଈରୁ ଦଣ୍ଡିକାଣ୍ଡି ହେଉ ବା ଧୁସ ଚୁଙ୍ଗୁଡ଼ି ହେଉ ଧରି ଆଣି ଥାଏ । କିଛି ନ ପାଇଲେ ଚୂନା ଶୁଖୁଆକୁ ଧୁଆଧୋଇ କରି ଚାଟିଆରେ ବସେଇ ଦିଏ···' ।

ସତେ ଯେପରି ଗଧାର ଚାଟିଆ ବସା ମାଛ ବାସନା ଗଜୁ ନାକରେ ଝାଁଏ ଝାଁଏ ହୋଇ ବାଜି ଯାଉଛି । ପୋଉଷ ବଟା ଦେଇ ଚାଟିଆରେ ବସେଇ ଥିବା ଦଣ୍ଡିକାଣ୍ଡି ମାଛର ଗନ୍ଧ ଆଘ୍ରାଣ କରୁ କରୁ, ଗଜୁ ଚାହିଁ ଦେଲା ତା' ମାଆ ଆଡ଼କୁ । ରୁଗୁଣା ମାଆଟି କଆଁରର ମଝି ମଝିରୁ ଆଉ ଗୋଟିଏ ପାଲି ବାହାର କରି ଆଠ ଦଶ ବଡ଼ା ନଡ଼ା କାଟିଛି କି ନାଇଁ, ତା' କାଶ ବାହାରି ପଡ଼ିଲା । ବୁଢ଼ୀ କାଶି କାଶି ବେଦମ୍ ହୋଇ ପଡ଼ିବା ପରେ, ଅଣ୍ଟାରୁ ରସର କଗଜ ବାହାର କରି, ସେଥିରୁ ଅଫିମ ଟିକଏ ଛିଡ଼ାଇ ଆଣି ପାଟିରେ ପକାଇ ଦେଲା । ମାଆର ଅବସ୍ଥା ଦେଖି ଗଜୁର ମନଟା କଅଁଳ ହୋଇ ଆସିଲା । ସେ ମୁଣ୍ଡରୁ ଝାଳ ପୋଛି ଦେଇ ତା' ପାଲି ପାଖରୁ ଘାଟି କରି କହିଲା— “ତତେ କହୁଥିଲି କଏସେ ବୋଲକୁ ଆସିବା ଲାଗି । ସେ' ତ ଆସିଥିଲେ କଆଁରଟା ଅଧାଅଧି କଟା ସରନ୍ତାନି···। ତାକୁ ଆଜି ଯେମିତି ଅଟକେଇଚ, ସେମିତି ମଜା ପା···ଆ···।”

ମାଆ ଗଜୁର ମନ କଥା ଜାଣିପାରିଲା କି କ'ଣ···, ସେ ଧଇଁସଇଁ ହୋଇ କହିଲା—“ପୁଅରେ, ସବୁଦିନେ କ'ଣ ମନକଥା ହୁଏନା ଥାଏ ? ଘରେ ସେ କ'ଣ ଗୋଡ଼ ଉପରେ ଗୋଡ଼ ପକେଇ ବସିଥିବ କି ? ଘର ଗୋଟିକର ବାସି କାମ; ତା'ପରେ ପୁଣି ରନ୍ଧାବଢ଼ା, ଛୁଆ ଦି'ଟାଙ୍କର ଅଝଟ···। ତା'ର ଟିକେ ତ

Digitized by srujanika@gmail.com

ଥକା ମେଣ୍ଟେଇବା ଦରକାର···! ସବୁଦିନେ କ'ଣ ସେ ତୋ' ସାଥିରେ ତାଳ ଦେଇ କାମ କରୁଥିବ କି ?"

ମାଆର କଥାଟି ଗଜୁର କାନରେ ହାତୁଡ଼ିରେ ଠଣ୍‌ଠଣ୍ କରି ପିଟିଲା ପରି ବାଜି ଉଠିଲା । ସେ ପୁଣି ଥରେ ଗାଧାର ଭାବନାରେ ନିଜକୁ ହଜେଇ ଦେଲା । ତା' ଆଖି ଆଗରେ ଭାସି ଉଠିଲା— ମାଛ ଚଢ଼ଚଢ଼ ଓ ପେଜମରା ଭାତରୁ କଂସାଏ ଧରି ଗାଧା ମୁହଁରେ ସଜଫୁଟା ମଲ୍ଲୀଫୁଲ ପରି ହସର ଫୁହାରା ଛୁଟାଇ ବିଲ ଆଡ଼କୁ ମାଡ଼ି ଆସୁଛି । କାନ୍ଧରେ ତା'ର ଘାସ ବନ୍ଧା ନଡ଼ାଦଉଡ଼ି ଖଣ୍ଡିକ ଝୁଲୁଛି । ପଛେ ପଛେ ଧାଇଁ ଚାଲିଛନ୍ତି— ଚମ୍ପୀ ଆଉ ଷେତରା । ଦିହେଁ ଛେଳିର ପଘାଦଉଡ଼ିଟିକୁ ଧରିଛନ୍ତି । ଛେଳି ଦି'ଟା ତାଙ୍କୁ ଟାଣି ଓଟାରି ବେଦମ୍ କରି ଦେଉଛନ୍ତି । ଏ' ଦୃଶ୍ୟ ତା' ଆଖି ଆଗରେ ଭାସିଉଠିବା କ୍ଷଣି ସେ ପଛକୁ ବୁଲି ପଡ଼ି ଚାହିଁଲା—କାହିଁ, କେହି କୁଆଡ଼େ ନାହାନ୍ତି ତ !

ପୁଅର ଆନମନା ଠାଣି ଦେଖି ବୁଢ଼ା ତା' ଆଡ଼କୁ ଟିକଏ ହସିଲା ହସିଲା ହୋଇ ଚାହିଁ ରହିଲା । ପୁଅ ଆଡ଼କୁ ମଣଗୁଲ୍ ହୋଇ ଚାହିଁଥିବାର ଦେଖି ବୁଢ଼ୀ ଖଣ୍ଡିକାଶଟିଏ ମାରି କହିଲା—"ମଲା, ତୁମେ ତୁମ କାମରେ ଲାଗୁନ, ଛୁଆଟା ଆଡ଼କୁ କାହିଁକି ଭକୁଆଙ୍କ ପରି ଚାହିଁଛ ଯେ ? ମନେ ପକେଇଲ ନିଜ କଥା···ତେମେ କ'ଣ ଏଇମିତି ଚାହୁଁ ନ ଥିଲ କି ?"

ବୁଢ଼ୀ ଖୁବ୍ ଧୀରେ ଏଇ କଥା ପଦକ କହିଥିଲେ ବି ପବନରେ କଥାଟା ଭାସି ଆସି ଗଜୁର କାନରେ ବାଜିଗଲା । ସେ ଲାଜରେ ଜୁଡ଼ୁବୁଡ଼ୁ ହୋଇ ଦାଆଟରେ ଚର୍ ଚର୍ କରି ତା' ପାହିରେ କାଟି ଚାଲିଲା ।

ମଝି ବିଲଟାରେ ଶୀତୁଆ ପବନ ସୁଲୁସୁଲୁ ହୋଇ ବହୁଥିଲେ ବି ଖରାତେଜ କମ୍ ନଥିଲା । ମୂଲିଆମାନେ ଖାଇପିଇ ସାରି; ଟିକଏ ଥକା ମେଣ୍ଟେଇ ପୁଣି ବିଲମାନଙ୍କୁ ଧାଡ଼ି ଦେଲେ । ଆଉ କେତେକ ପାଖ ଆଖରେ ଥିବା ଗଛ ଗୁଲରୁ ଉଠି ଚୂନପତର ଟିକଏ ବାଁ' ହାତରେ ଦଳି ଦଳି ଷେତକୁ ଆଗେଇ ଆସିଲେ ମୂଲିଆଣୀମାନେ ଛୁଆଙ୍କୁ କାଟେଇ, ମୁଣ୍ଡରେ ଘାସନେବା ଲାଗି ବାଉଁଶିଆଟେ ମୁଣ୍ଡେଇ ପାଚିଲା ଧାନ କିଆରୀ ଆଡ଼କୁ ଲସର୍ ପସର୍ ହୋଇ ଆଗେଇ ଚାଲିଲେ । କିନ୍ତୁ କାହିଁ···ଏ' ଯାଏଁ ଗାଧା ଖାଇବା ଜିନିଷ ନେଇ ଆସୁନି କାହିଁକି ? ବେଳ ତ ଆସି ମୁଣ୍ଡ ଉପରୁ ଖସି ଯିବାକୁ ବସିଲାଣି···।

Digitized by srujanika@gmail.com

ସମସ୍ତଙ୍କ ପେଟ କଅଁ କଅଁ ହେଲାଣି ଭୋକରେ । ବାପ ପୁଅ ହେଁ ଭୋକରେ ଆଉଟୁ ପାଉଟୁ ହୋଇଥିଲେ ବି ନିଜ ନିଜର ପାହାକୁ ଶେଷ— କରିବାରେ ଲଗି ପଡ଼ିଲେ । କିନ୍ତୁ ମାଆ ବିଚରାର ଦମ୍ କେଉଁଠି ? ଅଫିମ ନିଶାରେ ବୁଢ଼ୀ ଦାଆଟା ଧରି ଘୁଷୁରି ଘୁଷୁରି କାମରେ ଲାଗି ଯାଇଥିଲେ ବି ବାପ ପୁଅଙ୍କ ସାତ ପଛରେ ତା' ପାହା ରହିଛି । ମଝିରେ ମଝିରେ ପୁଣି ଧଇଁ କାଶ, ଭଙ୍ଗା ଦେହଟାକୁ ନେଇ ବୁଢ଼ୀଟା ଅଫିମ ବଳରେ କେତେ ଆଉ ମାଡ଼- ଗୁଳବ ?

ବାପ ପୁଅ ହେଁ ନିଜ ନିଜର ପାହା କାଟିଦେଇ ବଜସ୍ତୀ ଙ୍କରଙ୍କ ପରି ହିଡ଼ ଉପରେ ବସି ପଡ଼ିଲେ । ରଜୁ ବିଚରା ଭୋକରେ ଛଟପଟ ହୋଇ ଗଧାର ଆସିବା ବାଟକୁ ଚାହିଁ ରହିଲା । ପୁଅର ମନ କଥା ବୁଝିପାରି ବନ୍ଧୁର ପକ୍ଷ ନେଇ କହିଲା ବୁଢ଼ା—"ଘର ଘୋର···ସେଥିରେ କ'ଣ ଥଳକୁଳ ଅଛି ? କେତେ- ବେଳେ ଉଛୁର···ହଉ; ପୁଅ ତୁ ଗଲୁ, ଆଉ ହିଡ଼ ମୁଣ୍ଡରୁ ଚକମକି ଥଳିଟା ନେଇ ଆସିଲୁ, ପିକାରୁ ଦି'କସ୍ ଟାଣି ଦେଲେ ଠିକେ ଥକା ମେଣ୍ଟିଯିବ···ଏ' ବଡ଼ ଗୁଡ଼ାକ କେଉଁଠିକି ଯୋଗ୍ୟ ନୁହେଁ···" ।

ହାତ ପାପୁଲିରେ ମୁଣ୍ଡରୁ ଝାଳ ପୋଛି ଦେଇ ରଜୁ ହିଡ଼ମୁଣ୍ଡରୁ ଚକମକି ମୁଣିଟା ନେଇ ଆସି ବାପାଙ୍କ ହାତକୁ ବଢ଼ାଇ ଦେଲା । ବୁଢ଼ା ଚକମକି ମାରି ସୋଲରେ ନିଆଁ ଧରାଇ ପିକାଟିକୁ ଲଗାଇ ଦି'କସ୍ ଜୋର ଜୋର୍ କରି ଟାଣିନେଲା ।

ଏହା ମଧ୍ୟରେ ରଜୁ ପୁଣି ଗଧାର ଚିନ୍ତାରେ ନିମଗ୍ନ ହୋଇଗଲା—ଆଜି ସକାଳେ ଆସିବା ବେଳେ ଗଧା କହୁଥିଲା ମୁହଁ ଝିଙ୍ଗାଡ଼ି—ଡେରିରେ ଯିବି, ଦେଖିବା ତୁମେ ମୋର କ'ଣ କରିବ ?

ଗଧା ହସି ହସି କହିଥିବା କଥାଗୁଡ଼ାକୁ ସତ ବୋଲି ମାନି ନେଇ ରଜୁ ମନେ ମନେ ରାଗି ଯାଇ କହିଲା—'ଛୁଣ୍ଡାଳ ଘରର ଟୋକିଟା କମ୍ ଜଣେ ନୁହେ ! ସବୁ କିଛି ନିଜ ଇଚ୍ଛାରେ କରିବ···ମୁଁ କିଛି କହୁନାହିଁ ବୋଲି ନା ?'···

ରଜୁ ଥକା ମାରି ବସିଥିବାର ଦେଖି କହିଲା ବୁଢ଼ୀ—"ପୁଅରେ, ତୁ ତ ତୋ' ପାହାର ନଡ଼ାଡ଼କ କାଟି ସାରିଲୁଣି, ମୋ' ପାହାଟା ଟିକିଏ କାଟି- ଦେଲୁ···" ।

Digitized by srujanika@gmail.com

"ଲୋକରେ ମଣିଷ ଆଉଟ୍ଠି ପାଉଟ୍ଠି ହେଲଣି ନା, ତୋ' ପାହ୍ନଟା କାଟି ଦେବାର ଚିନ୍ତା ତୋତେ ଲାଗିଛି···" ମୁହଁ ବିଚକେଇ ଦେଇ କହିଲା ରାଜୁ ।

"ଏଇମିତି ଝୋଲମରା ହୋଇ ବସିଲେ କ'ଣ ଲୋକ ମରିଯିବ···? ବିଚରା କାମଧନ୍ଦା ସାରି ଆସୁଥିବ···" ଘର ଆଡ଼କୁ ଚାହିଁ କହିଲା ବୁଢୀ ।

ବୁଢ଼ା ପିଙ୍କାଟା ଟାଣିଟାଣି କହିଲା—"ଆଉ ସେ କାମ···। ଦେଖୁଛୁ ବେଳ ଆସି ମୁଣ୍ଡ ଉପରେ ହେଲାଣି···। ଖାଇ ସାରିବା ପରେ କଟାହବ, ସେତିକି ଥାଉ"।

ବୁଢୀ ଶୋକରେ ବିକଳ ହୋଇ ଧାନକଟା ବନ୍ଦ କରି, ପୁଣି ଥରେ ଘର ଆଡ଼କୁ ଅନାଶା କଲା । ଆଖପାଖ ବିଲରେ ଅନ୍ୟ ଲୋକମାନେ ଖିଆପିଆ ସାରି ଥକା ମାରିବା ଲାଗି ପାଖ ଛେମୂଳକୁ ଚାଲିଗଲେଣି । ନିତି ଡେରି କରି ଖାଇବା ଜିନିଷ ଆଣୁଥିବା ଗଙ୍ଗା ଗଉଡୁଣୀ ମଧ୍ୟ ଖାଇବା ଜିନିଷ ମୁଣ୍ଡରେ ଧରି ବାଛୁରି ଦି'ଟାଙ୍କୁ ହାଙ୍କି ହାଙ୍କି ଆସୁଥିଲା । ପଡ଼ଶା ଘରର ନାଲୁ ନିଜ ସ୍ତ୍ରୀ ବେରାମ ପଡ଼ିଥିବାରୁ, ନିଜେ ଖାଇବା ଜିନିଷ ଘରୁ ଯାଇ ଘେନି ଆସିଲାଣି ।

ନାଲୁ ସେଇ ପାଖ ଦେଇ ଯାଉଥିବାର ଦେଖି ପଚାରିଲା ବୁଢୀ— "ଆରେ ନାଲୁ, ଆମ ବହୂ ଆସୁଛିକି ?"

ନାଲୁ ମୁହଁ ନ ଖୋଲି ହାତ ହଲେଇ ଦେଇ ସେଇ ବାଟ ଦେଇ ଆଗେଇ ଗଲା ।

ବୁଢୀ ନୁଥ୍ କରି ହିଡ଼ ଉପରେ ବସି ପଡ଼ି, ରାଜୁ ଆଡ଼କୁ କଟ୍‌ମଟ୍ କରି ଚାହିଁରହିଲା । ରାଜୁ ବେଶ୍ ବୁଝି ପାରିଲା—ମାଆର ସେ ଚାହାଣିର ଅର୍ଥ । ଯତେ ଯେପରି ବୁଢ଼ୀ ତାକୁ ଛିଗୁଲେଇ କରି କହୁଛି—"ତୋ'ରି ଯୋଗୁ ଏ'ସବୁ ଘଟୁଚି ! ତୋ'ର ଯଦି କରାମତି ଥାଆନ୍ତା, ତେବେ ସେ ପୁଣି ଏତେ ଦମାକ୍ ଦେଖାନ୍ତା···!

କିନ୍ତୁ ମୁହଁଟାକୁ ବଲୁଙ୍ଗି ମାରିଲା ପରି କହିଲା ପ୍ରକାଶ୍ୟରେ ମାଆ— "କି କାମ ତା'ର ଏତେବେଳ ଯାଏ ଲାଗିଛି ଯେ···" ।

ଦେବା ଭୁୟାଁ । ବହୂର ପକ୍ଷ ନେଇ ପୁଣି ଥରେ କହିଲା—"ତୋ' ଛୁଟା ଦି'ଟା କମ୍ ସୁଧାରି କିନା···! ସେ ଦି'ଟା ଇସ୍କୁଲ୍‌ରୁ ଆସି ତା' ଜାନ୍ ଖାଇ ଯାଉଥିବେ" !

Digitized by srujanika@gmail.com

"ମୁଁ ତ ତାକୁ ମନା କରିଦେଇ ଆସିଥିଲି—ସେ,ଠି ତାଙ୍କୁ ଖାଇବାକୁ ଦେବା ଲାଗି । ସେଠି ଗିଳିଦେବେ, ପୁଣି ସାଙ୍ଗରେ ଗୋଡ଼େଇ ଗୋଡ଼େଇ ଆସି ଏଠି ପୂରିବେ···' ! "କିନ୍ତୁ ସେ ଶଇତାନ୍‌ଗୁଡ଼ାକ ମାନିଲେ ତ···" କହିଲା ବୁଢ଼ା ।

ମାଆ ବାପା ଦୁହେଁ ଏଇମିତି କଥାବାର୍ତ୍ତା କରି ସମୟ ଗଡ଼େଇ ଚାଲି-ଥାଆନ୍ତି; କିନ୍ତୁ ଗଜୁର ମାଗରିଦପଣିଆରେ ଆଞ୍ଚ ଆସୁଥିବାରୁ, ସେ ମନେ ମନେ ରଢ଼େଇ ଖଢ଼େଇ ହୋଇ ବଢ଼ଳିତ ହୋଇ ଉଠୁଥାଏ ।

ଘଡ଼ିକ ଘଡ଼ି ଗଜୁର ମୁହଁଟା ରାଗରେ ଲାଲ୍ ହୋଇ ଉଠୁଥାଏ । ସତେ ଅବା, ସେ ଏଇଲେ ଗଧାକୁ ଆଗରେ ପାଇଲେ କଞ୍ଚା ଚୋବେଇ ଯିବ··· । ସେ ମନେ ମନେ ଭାବିଲା—'ମୁଁ ଏକୁଟିଆ ଥିଲେ କିଛି ଯା'ଆସେ ନଥିଲା, କିନ୍ତୁ ସେ ଗଣ୍ଡୀଘର ଝିଅ ଗଣ୍ଡୀ ଭାବିବା ଉଚିତ ଥିଲା—ଏ'ଠି ବାପା ମାଆ ଦୁହେଁ ଯାକ ଅଛନ୍ତି । ବୁଢ଼ା ବୁଢ଼ୀ ଦି'ଟା ଭୋକରେ ଆଉଟୁ ପାଉଟୁ ହେଲେଣି' ।

ବେଳକୁ ବେଳ ଗଜୁ ଅସ୍ଥିର ହୋଇଯାଇ ମନେ ମନେ ରାଧାକୁ କେତେ ଗାଳି ଦେଇ ତା' ସପ୍ତପୁରୁଷ ଉଦ୍ଧାର କରିବାରେ ଲାଗିଲା । ମନରେ ତା'ର ଗଧାର ବ୍ୟବହାରରେ ବିଦ୍ରୋହୀ ହୋଇଉଠିଲା । ସେ ଆଉ ଖଟ ଉପରେ ବସି ପାରିଲା ନାହିଁ, ଉଠିପଡ଼ି ଗଧାର ଆସିବା ବାଟକୁ କପାଳରେ ହାତ ରଖି ଚାହିଁବାରେ ଲାଗିଲା, କାଳେ କେଉଁଠି ଆସୁଥିବାର ଦେଖି ପାରିବ ।

ଏତିକିବେଳେ ମାଆ ଖାସା ଗୁଳିଟିଏ ଛାଡ଼ି ଦେଲା—"ଦେଖୁଛୁ କ'ଣ ବା' ? କାହିଁ, ସିଆଡ଼େ ତ ଜାମଭା କାଉଟିଏ ବି ଦେଖା ଯାଉନାହିଁ । ସେ କ'ଣ କମ୍ ବଦ୍—ମଗଜିଆଣୀ କି ? ଯା' ବୁଝିଥିବ ସେଇଆ । ଏଣେ କିଏ ମରୁ ତ ସରୁ···" ।

ବୁଢ଼ା ଖଟ ଉପରୁ ଗର୍ଜି ଉଠିଲା—"ଏ' ରାଣ୍ଡୀଟା ମରୁନାହିଁ କାହିଁକି ? ମୁହଁରେ ଟିକେ ବାଡ଼ ବତା ବି ନାହିଁ···" ।

ବୁଢ଼ା କଥାରେ ବୁଢ଼ୀ ରାଗି ନ ଯାଇ ନରମ ଗଳାରେ ଉତ୍ତର ଦେଲା—"କଥାଟାକୁ ଏତେ ମୋଟ କରୁଚ କାହିଁକି ଯେ ! ତୁମେ କହିଲ; କେତେ କାମ ହରକା ହେଉଚି···। ଆମ ତିନିଜଣଙ୍କ ଛଡ଼ା ଆଉ ସମସ୍ତେ ଖା' ପିଅ ସାରି ବିଲକୁ ଓହ୍ଲେଇ ପଡ଼ିଲେଣି । ଏ' କଥା କଣ ବହୂର ଟିକେ ଭାବିବା ଉଚିତ ନୁହେଁ ?

Digitized by srujanika@gmail.com

"ପିଲଟେ ଲୋ, ପିଲଟେ । ତା'ର ଏତେ ଅକଲ ପସନ୍ଦ ଆସିବ କୁଆଡ଼ୁ ?"

ବୁଢ଼ୀ ବୁଢ଼ାର ଏ' ସାଉଁଳିଆ କଥାର ଜବାବ୍ ଦେଲା ମୁହଁଟାକୁ ଫଣ ଫଣ କରି—"ପିଲଟେ କଅଣ ବା'…? କାଲି ପୁଣି ଛୁଆର ମାଆ ହବ । ଆଉ ପିଲା ଅଛି ସେ ? ଏତେ ବେପରୁଆ ହେଲେ ଚଳିବ ?

ମାଆର ମୁହଁଝଡ଼ା କଥା ଗୁଡ଼ାକ ରାଜୁର ଦେହରେ ଟହ୍‌ଟାପ୍ ହୋଇ ଗଳି ଯାଉଥିଲା । କିନ୍ତୁ ଉପାୟ କ'ଣ ? ପୁଣି ଏତେ ବାଟ ଧରକୁ ଗଲେ ତ… ।

ଘଡ଼ିଏ କାଳ ସମସ୍ତେ ନୀରବ, କାହାରି ପାଟିରୁ ଊଁ କି ଚୁଁ ପଦେହେଲେ କିଛି ବାହାରିଲା ନାହିଁ । ସମସ୍ତେ ଖାଲି ମଝିରେ ମଝିରେ ଜୋର୍‌ରେ ବୁକୁଫଟା ନିଃଶ୍ୱାସଟିଏ ଲେଖାଏଁ ଛାଡ଼ୁଥାଆନ୍ତି ।

ଏ' ପର୍ଯ୍ୟନ୍ତ ବହୂର ପକ୍ଷ ନେଇ କଥା କହୁଥିବା ବୁଢ଼ା ଅଧୈର୍ଯ୍ୟ ହୋଇ ଉଠିଲା । ସେ ପଛକଥାତକ ସବୁ ହୋକ ବିକଳରେ ଭୁଲିଯାଇ କହିଲା—"ଯାଃ…ଅତି ହେଇଗଲା… । ଏ' ବହୂଟାର କାହାରି ପ୍ରତି ଟିକେ ହେଲେ ଦୟାମାୟା ନାହିଁ" !

ବୁଢ଼ାର କଥା ଶୁଣି ରାଜୁର ହାଡ଼ ସନ୍ଧିରେ ନିଆଁ ଲାଗିଗଲା । ସେ ମନେ ମନେ ଜଳିପୋଡ଼ି ଯାଇ କ'ଣ କରିବ, କିଛି ଭାବିପାରିଲା ନାହିଁ । ଶେଷକୁ ମାଆ ମଧ୍ୟ ଶେଷ ଚୁଳିଟି ଛାଡ଼ିଦେଇ କହିଲା—"ଆରେ ରାଜୁଆ, ଆଉ ବସିଚୁ କ'ଣ, ଟିକିଏ ଆଗେଇ ଯାଃ । ସେ ବଣ୍ଡିଘର ଝିଅଟା ଆଉ ଉଭେଇ ଯାଇ ନାହିଁ ତ କୁଆଡ଼େ ? ତାକୁ କ'ଣ ବାଟଘାଟରେ କିଏ ନେଇଦେଲା ନା' କଅଣ" ?

ପୋଡ଼ାମୁହିଁ ବୁଢ଼ୀଟା ପାଟିରୁ ଦହଜଳା କଥା ପଦକ ବାହାରି କରି-ଦେଲା ସିନା, ସେ କ'ଣ ଜାଣିଥିଲା ଯେ, ସେଇ କଥାପଦକ ରାଜୁର ଛାତି କରତି ଦେଲା । ବୁଢ଼ୀ ଏ' କଥାର ମର୍ମ ଠିକ୍‌ଭାବେ ବୁଝିପାରିଲା ନାହିଁ, କିନ୍ତୁ ବୁଢ଼ା ରାଜୁର ମନୋଭାବ ବେଶ୍ ବୁଝିପାରି କଥାଟାକୁ ହାଲୁକା କରିଦେବା ପାଇଁ କହିଲା—"ଏତେ ବେସ୍ତ କାହିଁକି ? ଆଉ ଟିକିଏ ସବୁର୍ କରିଯାଅ…" । ସେ ରାଜୁର ଫଣଫଣିଆ ମୁହଁଟାକୁ ନିରୀକ୍ଷଣ କରି କହିଲା—"ଧୁଅ, ବସିପଡ଼ ଟିକିଏ, ନଇଲେ ସେଇଠି ହିଡ଼ ଉପରେ ଟିକିଏ ଚିତ୍‌ହୋଇ ଶୋଇପଡ଼" ।

ବୁଢ଼ୀ କ'ଣ ଭାବିଲା କେଜାଣି, ସେ ଆଉ ପାଟିରୁ ପଦେହେଲେ କିଛି ବାହାର କଲା ନାହିଁ । ସେ ରାଜୁର ଉଗ୍ରରୂପ ଦେଖି ପକେଇ ମନେ ମନେ ସଢ଼ମି ଗଲା ।

Digitized by srujanika@gmail.com

ସମସ୍ତ ଧୀରେ ଧୀରେ ଗଡ଼ି ଚାଲିବା ସଙ୍ଗେ ସଙ୍ଗେ ତିନି ପ୍ରାଣୀ କ୍ରୋଧରେ ଉଦ୍‌ଭ୍ରାନ୍ତ ହୋଇ ଉଠିଲେ । ଗଜୁର ହାଲ୍ କହିଲେ ନ ସରେ । କ୍ଷଣେକ୍ଷଣକେ ତା'ର ମୁହଁର ଭାବ ବଦଳିବାକୁ ଲାଗିଲା । ତା' ଠାଣିରୁ ମନେ ହେଉଥିଲା— ସତେ ଯେପରି, ସେ କିଛି ଗୋଟାଏ ଅଘଟଣ ଘଟାଇ ଦେବ ଆଜି । ସେ ବାପା କଥାମାନ ହୃଡ ମୁଣ୍ଡରେ ଆଉ ବସିପାରିଲା ନାହିଁ । ପଦ୍ମିଲ ପାହ୍ନ ପାଖରେ ପଡ଼ିଥିବା ପାଞ୍ଚହାତିଆ ବାଡ଼ିଟାକୁ ଧରି, ସେ ଉଗ୍ ଉଗ୍ ହୋଇ ଆଗେଇ ଗଲା । ସତେ ଅବା ସେ ତା'ର ମରଦପଣିଆ ଆଜି ଜାହିର୍ କରିଦେବ ଗଧା ଉପରେ । ମାଆ କହିବା ଅନୁସାରେ ତାକୁ ଯଦି ବସୁମାତା ଗିଳି ଦେଇଥାଏ, ତେବେ ବି ବସୁଧାର ପେଟ ଚିରି ସେ ତାକୁ ଟାଣି ଆଣିପାରିବ ।

ଗଜୁର ଉଗ୍ରରୂପ ଦେଖି ବୁଢ଼ା ଆଉ ସମ୍ଭାଳି ପାରିଲା ନାହିଁ । ସେ ବୁଢ଼ୀକୁ ମୁହଁ ଖିଙ୍କାରି କହିଲା– ''ଚାଲିଦେଲୁ ତ, ଏଥର ସମ୍ଭାଳିବୁ ଯେ ? ଘୁହିଁରୁ କ'ଣ ବା' ଯା'ଟିକେ ତା' ପଛେ ପଛେ । ମୂର୍ଖଟା ତା'...ରାଗ ତମରେ କ'ଣ ନାହିଁ କ'ଣ କରି ବସିବ' ।

ଏଇଲେ ପାଟିରୁ ଉପଦେଶ ହାଙ୍କି ଚାଲିଥିବା ବୁଢ଼ା, ତା' ଯୁଆନ ବୟସରେ ଥରେ ବୁଢ଼ୀଟାକୁ ଜୋର୍‌ରେ ଠେଲି ପକେଇ ଦେଇ, ତା' ହାତଟାକୁ ମୋଡ଼ି ଦେଇଥିଲା । ଆଜି ସୁଦ୍ଧା ବୁଢ଼ୀ ବାଆଁ ହାତରେ ଭାରି ଜିନିଷଟାଏ ବି ଉଠେଇ ପାରେନା ।

ଗଜୁ ବାଡ଼ିଟାକୁ ଧରି ଲମ୍ବ ଲମ୍ବ ପାହାଣ୍ଡ ପକାଇ ଦ' ଘରି କିଆରି ଆଗେଇଛି କି ନାହିଁ ସାମ୍ନାରେ ଗଧାର ରଣଚଣ୍ଡୀ ରୂପ ଝଲସି ଉଠିଲା । ତା' ନାକରୁ ଗରମ୍ ପବନ ସଁ...ଅଁ...ସଁ...ଅଁ...ହୋଇ ବାହାରୁଥିଲା । ଗୁଡ଼ିଏ ଲେଉଟାଣି ଖରାଟା ନରମି ଆସିଥିଲେ ବି ଗଧାର କପାଳରେ ଝାଳ ବିନ୍ଦୁ ସୂର୍ଯ୍ୟ କିରଣରେ ଚକ୍ ଚକ୍ କରୁଥିଲା । ସେ ବି କମ୍ ଜୋର୍‌ରେ ପାହାଣ୍ଡ ପକାଇ ଆଗେଇ ଆସୁ ନଥିଲା । ତା'ର ଚାଲି ଓ ମୁହଁର ଠାଣି ଦେଖି ମନେ ହେଉଥିଲା—ସତେ ଯେପରି, କାଳୀ ନାଗୁଣୀଟିକୁ କେହି ଚାଲି ଦେଇଛି । ତା' ଆଗେ ଆଗେ ମେଁ...ଏଁ...ମେଁ...ଏଁ ହୋଇ ଛେଳି ଦ'ଟା ଚାଲିଥାଆନ୍ତି, ଆଉ ଖାଇବା ଡସଲିଟା କବଟାରେ ବାନ୍ଧି ମୁଣ୍ଡ ଉପରେ ଥୋଇ ଚାଣ୍ଡେ ଚାଣ୍ଡେ ଦେଡ଼ହାତିଆ ପାହାଣ୍ଡ ପକାଇ ଚାଲିଛି ଗଧା ।

Digitized by srujanika@gmail.com

ଗଜୁ ସତ୍ୟତ ମୁହାଁମୁହିଁ ହୋଇଗଲେ, ଯେଉଁ ଆଖିରୁ ଝରି ଝରୁଥିଲା ହସର ଫୁଆର, ସେ ମୁହଁ ଆଜି ଗୋଟିପଣେ ଲାଲ୍, ସତେ ଯେମିତି କିଏ ତା' ମୁହଁ ଉପରେ ମେଞ୍ଚାଏ ହେବ ସିନ୍ଦୂର ବୋଳି ଦେଇଛି। ଆଖି ଯୋଡ଼କ କଳା-କାଠ ପାଲଟି ଯାଇଛି ବା, ମନେ ହେଉଥିଲା; ସତେ ଯେପରି ସେଥିରୁ ଲହୁଧାର ନିଗିଡ଼ି ପଡ଼ିବ।

ଶ୍ୱେକର ଦାଉ, ଆଉ ମାଆର ଦେହଜଳା କଥାରେ ଗଜୁର ହିତାହିତ ଜ୍ଞାନ ହରାଇ ବସିଥିଲା। ସେ ବାଡ଼ିଟାକୁ ଝଟାପଟ୍ ଡାହାଣ ହାତରେ ଜୋର୍‌କରି ଧରି, ଦାନ୍ତ ରେଶିମି ଝପଟିଗଲା ଗଧା ପାଖକୁ। ଆଜି ସେ ଏତେଦିନ ପରେ ସ୍ୱାମୀତ୍ୱର କର୍ତ୍ତବ୍ୟ ଜାହିର୍ କରିବାକୁ ଯାଉଥିଲା।

ଗଧା ବେଶ୍ ବୁଝିପାରିଲା, ଗଜୁର ମତଲବ୍। ସେ ମୁଣ୍ଡରୁ ଖାଇବା ତସଲାଟିକୁ ଓହ୍ଲାଇ ଆଣି ହାତରେ ଧରିନେଲା ବେଶ୍ ସାବଧାନତାର ସହିତ। ସେ ଅନୁମାନ କରିନେଲା ଗଜୁ ଯା' ପରେ କ'ଣ କରିବ। ତେଣୁ ସେଥିପ୍ରତି ସେ ଆଦୌ ଭ୍ରୂକ୍ଷେପ ନକରି, ସତେ ଯେପରି ତା' ମନରେ କିଛି ହେଲେ ପ୍ରତି-କ୍ରିୟା ଜାତ ହୋଇନି, ସେହିପରି ଭାବରେ ଆଗେଇ ଆସିଲା ଖାଇବା ତସଲା ଓ ପାଣି ମାଠିଆଟା ଧରି।

ଗଧାର ବେପରୁଆ ଭାବରେ ଗଜୁ ଆହୁରି ଉତ୍ୟକ୍ତ ହୋଇଉଠି, ଫଟା-ଫଟ୍ କଷିଦେଲା ଦି' ପାହାର।

କିଛି ସମୟ ଆଗରୁ ପୁଅକୁ ଉସ୍କାଉ ଥିବା ବୁଢ଼ୀ ଗଜୁର ପ୍ରତିକ୍ରିୟାରେ ବିଚଳିତ ହୋଇ ଉଠିଲା। ସେ ବୁଢ଼ାକୁ ଲକ୍ଷ୍ୟ କରି ଚିତ୍କାର କରି ଉଠିଲା—"ଧାଇଁ ଯା'...ଧାଇଁ ଯା, ସେ ପୋଡ଼ା ମୁହାଁ ବହୂଟାକୁ ବାଡ଼େଇ ପକାଇଲା"।

ବୁଢ଼ା ଖଟ ଉପରେ ଛିଡ଼ା ହୋଇପଡ଼ି ପାଟି କରି କହିଲା—"ଥାଉ... ଥାଉ...ଖବରଦାର...ବହୁତ ହୋଇଗଲା...ଆଉ ଯଦି ହାତ ଉଠେଇବୁ ମୋ, ମୁଣ୍ଡ ଖାଇବୁ..."।

ଗଜୁ ହାତରୁ ଠକ୍ କରି ବାଡ଼ିଟା ଖସି ପଡ଼ିଲା। ବାପାର ବଣ ନିୟମ ଯେ ତା' ହାତଟାକୁ ଅଟକାଇ ଦେଲା ତା' ନୁହେଁ, ଗଧାର ମୁହଁ ଫଣ୍ ଫଣ୍ ଚେହେରା ଦେଖି, ସେ ସହମି ଗଲା। ସେ ହାତରୁ ବାଡ଼ିଟା ଫୋପାଇ ପକାଇ, ସେଇଠି, ଗଧା ଆଗରେ ଅପରାଧୀଟିଏ ପରି ଛିଡ଼ା ହୋଇ ରହିଲା। ହଠାତ୍ ତା' ମୁଣ୍ଡରେ ସବାର୍ ହୋଇଥିବା ଶଇତାନ୍‌ଟା ଦପ୍‌କରି ଓହ୍ଲାଇ ଗଲେ। ସେ

Digitized by srujanika@gmail.com

ଗଧାର ମୁହଁରେ ଫୁଟି ଉଠିଥିବା ଦୃଢ଼ତା ଲକ୍ଷ୍ୟ କରି, ଆହୁରି ବିସ୍ମିତ ହୋଇଗଲା ।

ଗଧା ମୋଟା ବାଡ଼ଟାରେ ଜୋର୍ ଜୋର୍ ଦି' ପାହାର ଖାଇଥିଲେ ବି, ତା' ମୁହଁରୁ ଉଃ…କି…ଆଃ…କିଛି ହେଲେ ବାହାରିଲା ନାହିଁ । ସତେ ଯେପରି, ଗଜୁ ତା' ଦେହରେ ହାତ ଦେଇନି ଠିକ୍ ସେହିପରି ମନୋଭାବ ଦେଖାଇ, ସେ ଆହୁରି ଦି'ପାହାର ଆଗେଇ ଆସି କହିଲା—"ହଁ ମାରୁନ...ରହିଲେ କାହିଁକି ? କେତେ ବଳ ଅଛି ଦେଖେଇ ଦଉନ…ଆଉ ତୁମ କରାମତିରେ କ'ଣଟେ ହବ ଯେ…। ପିଟ…ଆହୁରି ବଡ଼େ ପିଟିଦେଇ ତୁମ ମନର ଓରିମାନ ମେଣ୍ଟେଇ ନିଅ…" ।

ଗଧାର କଥାରେ ଗଜୁର ମୁଣ୍ଡଟା ଘୂରେଇ ଗଲା । ଆଗରୁ ତ ବାପା ମାଆ ଦିହେଁ ତାକୁ କେତେ କଥା ଟିପୁଲେଇ କରି କହିଥିଲେ; ତା'ପରେ ପୁଣି ଗଧାର କଥାଗୁଡ଼ାକ ଦାଢ଼ୁଆ କଣ୍ଟୁଶିର ଖେଞ୍ଚା ପରି ତା'ର ମନେ ହେଲା । ସେ ଆହୁରି ସହମି ଯାଇ ଭାବିଲା—'ସତରେ କ'ଣ ମୋର କିଛି ହେଲେ କରାମତି ନାହିଁ…। ବାପା ମାଆ ଓ ଶେଷକୁ ଗଧା ମଧ୍ୟ ତାକୁ ଜଳେଇ କୁଟେଇ କେତେ କଥା ହାଣି ଦେଇଗଲେ । ତା'ହେଲେ...ମୁଁ କ'ଣ ଏଇମାନଙ୍କ ଶାଣଢିଆ କଥା ଗୁଡ଼ାକ ଶୁଣି ନୀରବ ରହିବି ? ସତରେ କ'ଣ ମୋର କିଛି କରାମତି ନାହିଁ । ହଁ…ପ୍ରକୃତରେ ମୁଁ ଗଧାଠାରୁ କିଛି ନଶୁଣି, ତାକୁ ଅନ୍ଧାଧୁନ୍ଦିଆ ବାଡ଼େଇବା ଠିକ୍ ହୋଇନି…। ହୁଏତ କିଛି ଗୋଟାଏ ଶକ୍ତ ଘଟଣା ଘଟି ଯାଇଥିବ… ନଇଲେ, ଗଧା ଏମିତି ଫଁ…ଅଁ…ଫଁ…ଅଁ…ହେଉଚି କାହିଁକି ?

ଗଜୁ ଆଉ କିଛି ଭାବି ପାରିଲା ନାହିଁ । ସେ ସେଇଠି ଦପ୍ କରି ବସି ପଡ଼ିଲା । ଗଧା ତାକୁ ଆହୁରି ଚିଡ଼ାଇବାକୁ ଯାଇ କହିଲା—"କିଛି ନ ବୁଝି ନ ଶୁଝି, ମୋତେ ଦି'ପାହାର ପିଟି ଦେଲେ ମରଦ ପଣିଆ ଖାଲି ଶିଙ୍ଗ ମେଲେଇ ଗାଁ' ଗୋଟାକ ଖେଳି ଯିବ...! ଆଉ ତ କିଛି କରିବାର ନାହିଁ…କେବଳ ମାଇପ ଉପରେ ପାଇକପଣ ହାଙ୍କି ଚାଲିଚ…ଆଉ ତୁମେ କରିବ ବା କଅଣ ? କାଣୀ ବିରାଡ଼ି ଅସରପାକୁ ବାଇ..." ।

ଗଧାର ଏ' କଥାଗୁଡ଼ାକ ଶୁଣି ସେ କିଛି କହିବା ପୂର୍ବରୁ, ବାପା ମାଆ ଆସି ଗଜୁକୁ ସେଠାରୁ ବିଲ ପାଖକୁ ନେଇଗଲେ ଏବଂ ଗଧା ସେହିପରି ତମ୍ପ ସାପ ପରି ଫଁ ..ଅଁ…ଫଁ…ଅଁ…ହୋଇ ତାଙ୍କ ପଛେ ପଛେ ଚାଲିଲା ।

—୦—

Digitized by srujanika@gmail.com

।। ଦୁଇ ।।

ପାହାଡ଼ ତଳିଆ ଗାଁ। ଜ୍ୟୋତିପୁର ଥିଲ—ପୂର୍ବକାଳର ବେଶ୍ ମାତବର୍ ଜାଗାଟିଏ । ଶୁଣାଯାଏ—କାଳେ କେଉଁ ଆଦ୍ଧାମା ଅମଳରେ ସେଇଠି ଭୂୟାଁମାନେ ମେଳକରି ଆନନ୍ଦପୁରରୁ ଭଞ୍ଜବଂଶର ପିଲାଟିଏ ଗ୍ଲେରେଇ ଆଣି, ତାକୁ ନିଜ ରାଜା ବୋଲି ଘୋଷଣା କରି, ହରିଚନ୍ଦନ ଭଞ୍ଜରାଜାଙ୍କୁ ଆଉ ଖାତିର କଲେ ନାହିଁ । ରାଜାଘର ପକ୍ଷରୁ ପାଇକମାନେ ଆସିବା ମାତ୍ରେ ହ’ମୁହାଣି ଘାଟି ପାଖରେ ସେଇ ବାଉଁଶବଣ ଓ ପଳାଶ ବଣ ଭିତରେ ଭୂଇଁଆମାନେ ମେଳି କରି କାଣ୍ଡ ଶରରେ ବିନ୍ଧି ପକାଇଲେ ରାଜାଘର ପାଇକଗୁଡ଼ାଙ୍କୁ । ଶେଷକୁ ଅବସ୍ଥା ସଙ୍ଗିନ୍ ହୋଇ- ଉଠିଲା । ଗାଁ’ର ବଡ ବଡ଼ଆମାନେ ରଜାଘରେ ଯାଇ ଭୂୟାଁମାନଙ୍କ ଅବଉଡି ବିଷୟରେ ଜଣାଇଲେ । ରଜାଙ୍କ ପକ୍ଷରୁ ବାରମ୍ବାର ଭୂୟାଁମାନଙ୍କ ଉପରେ ଯେତେ ଆକ୍ରମଣ ହେଲେ ବି, ଘଟଣା ଚପିଗଲା ନାହିଁ । ଶେଷକୁ ଭୂୟାଁ। ଓ ରଜାଘର ମଧ୍ୟରେ ଗୋଟିଏ ସାଲିଶ୍ ହେଲା । ମୟୂରଭଞ୍ଜ ରାଜ୍ୟରୁ କେନ୍ଦୁଝରଟା ଅଲଗା ହୋଇଗଲା । ଯାହା ବା’ ହୋଇ ଥାଆନ୍ତା, ଭୂୟାଁମାନେ ସାନରାଣୀଙ୍କୁ ହାତ କରିଥିବାରୁ ଘଟଣାଟି ଅଧିକ କୁହୁଳି ଉଠିଲା । ଶେଷକୁ ମୟୂରଭଞ୍ଜର ରାଜା କେନ୍ଦୁଝରକୁ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ବୋଲି ସ୍ୱୀକାର କରିନେଲେ । ସେଇଦିନୁ ବୈତରଣୀ ନଦୀଟି ହେଲା—କେନ୍ଦୁଝର ଓ ମୟୂରଭଞ୍ଜର ସୀମା । ସେ ପଟେ ଆନନ୍ଦପୁର ଏ’ପଟେ ପିଲାରାଜା ଜ୍ୟୋତିଭଞ୍ଜଙ୍କ ନାଆଁରେ ପୂର୍ବରୁ ନାଆଁ ଭୂୟାଁ ପୀଢ଼’ ବଦଳରେ ହେଲା—ଜ୍ୟୋତିପୁର ।

ସେଇ କାଳରୁ କେନ୍ଦୁଝର ରାଜ୍ୟରେ ଭୂୟାଁମାନେ ହେଲେ—ବଡ଼ କୁହା···ବଡ଼ ବୋଲା··· । ନ ହୁଅନ୍ତେ ବା’ କେମିତି ? ସେଇଦିନରୁ ଭୂୟାଁ ସରଦାର୍ଙ୍କ କୋଳରେ ବସି କେନ୍ଦୁଝରର ରାଜାମାନେ ଅଭିଷିକ୍ତ ହୋଇ- ଆସୁଛନ୍ତି ।

କିନ୍ତୁ···ସମୟର ଚକ ଗଡ଼ିଗ୍ଲଲିବା ସଙ୍ଗେ ସଙ୍ଗେ ଜ୍ୟୋତିପୁର ତା’ର ପୂର୍ବ ଗୌରବ ହରାଇ ବସିଛି । ରାଜାଙ୍କ ଦୁର୍ଗ ସେଠାରୁ ବହୁଦୂରକୁ ଦୂରେଇ ଯାଇଛି ଏବଂ ତା’ ସହିତ ଜ୍ୟୋତିପୁରର ସୌଭାଗ୍ୟରବି କେଉଁ ଦୂରଦିଗ୍- ବଳୟରେ ଅସ୍ତମିତ ହୋଇଯାଇଛି ।

ସେ କାଳର ଜ୍ୟୋତିପୁର ଏବେ ଯତିପୁରରେ ପରିଣତ ହୋଇଛି । ଗାଁ’ର ମାତବର ଲୋକମାନେ ରାଜବଂଶର ଲୋକମାନଙ୍କ ସହିତ ଚଢ଼ିକୁ ଉଠି

Digitized by srujanika@gmail.com

ଯାଇଛନ୍ତି । ଅନ୍ତମ୍ଭ କେବଳ ଗରିବ ଗୁରୁବା କେଇଦର ପାଇକ, ଚଷା ଓ ଭୂୟାଁ ।

ଗାଁ'ଟିର ଏକମାତ୍ର ଧନ୍ଦା ଚାଷବାସ । ଲୋକମାନେ ମୁଗ, ବିରି, କୋଳଥ ମଝିରେ ମଝିରେ ଚାଷ କରୁଥିଲେ ବି, ମୁଖ୍ୟ ଧନ୍ଦା ଥିଲା ଧାନଚାଷ । ତେଣୁ ଧାନଚାଷ ଉପରେ ଭରସା କରି ଲୋକମାନେ ନିଜର ନିଜର ବେଉସା ଚଳାଉଥିଲେ ।

ମଗୁଶିର ମାସର ଆରମ୍ଭରୁ ଲୋକମାନେ ଧାନ କଟାକଟିରେ ମାତି ଯାଉଥିଲେ । କଟାକଟିରେ ଟିକିଏ ଅବହେଳା କରିଦେଲେ ସର୍ବନାଶ, ଯାହା ବରଷକର ହାଡ଼ଭଙ୍ଗା ମିହନତ ଫସଲ ଫାଟିଯିବ । ତେଣୁ ଗାଁ'ଟାଯାକର ଲୋକମାନେ ସିନ୍ଦୁର ଫାଟିବା ଆଗରୁ, ହଳବାଡ଼ିକୁ ଚାଲିଯାଆନ୍ତି । ଘରେ କେବଳ ଛୋଟ ଛୋଟ ପିଲା ଓ ରନ୍ଧାବଢ଼ା କରି ହଳବାଡ଼ିକୁ ଖାଇବା ନେବା ପାଇଁ ଜଣେ ଅଧେ ମାଇପି ରହିଥାଆନ୍ତି । ବାକି ସମସ୍ତେ ଯାଇ ବିଲରେ ହାଜର୍ । କଥାରେ ଅଛି ପରା—ଧାନକଟା ବେଳେ ମାଆ ମରିଗଲେ ପୁଅ ମଲା ଶବ ଉପରେ କତରା ଘୋଡ଼ାଇ ଦେଇ ଧାନ କାଟି ଆଣିବା ଲାଗି ଚାଲିଯାଏ ।

ରାଜାଘର ଶାସନ ପକ୍ଷରୁ ସେ ଗାଁ'ରେ ବି ଗୋଟିଏ ଇସ୍କୁଲ ଥିଲା—ନାଁ'କୁ ମାତ୍ର । କାରଣ, ସହରଠାରୁ ସନ୍ତପୁର ବହୁଦୂରରେ ଥିବାରୁ, ସେ ଗାଁ'କୁ ହାକିମ ହୁକୁମାଙ୍କ ଆସିବା ତ ଦୂରର କଥା, ଛୋଟିଆ ବାବୁମାନେ ମଧ୍ୟ ସହଜେ ଗାଁ'ର ସୀମାନା ମାଡ଼ନ୍ତି ନାହିଁ । ରାଜ୍ୟର ନିୟମ ଅନୁସାରେ ସମସ୍ତେ ଛୋଟ ପିଲାମାନଙ୍କୁ ଇସ୍କୁଲକୁ ଛାଡ଼ିବାକୁ ବାଧ୍ୟ । ସେଇଥିପାଇଁ ଲୋକେ ଝକ୍‌ମାରି ପିଲାମାନଙ୍କୁ ଇସ୍କୁଲକୁ ପଠାଉଥିଲେ । ଇସ୍କୁଲର ମାଷ୍ଟର୍ ବି ଖାସା ଲୋକ । ଗାଁ'କୁ କେହି ହାକିମ ହୁକୁମା ସହଜେ ଆସୁ ନଥିବାରୁ, ମାଷ୍ଟର ବାପୁଡ଼ାର ବହପ କହିଲେ ନ ସରେ ! ହିଁ··· ବର୍ଷରେ ଥରେ ଅଧେ ସ୍କୁଲ ପରିଦର୍ଶନରେ କେହି ଜଣେ ଅଧେ ଆସୁଥିବାରୁ, ମାଷ୍ଟର୍ ଏକାବେଳେକେ ବେପରୁଆ ହୋଇ ଯାଇଛନ୍ତି । ପିଲାଙ୍କୁ ମଠେଇ ମାଷ୍ଟର୍ ଗାଁ'ରୁ କେତେ ଜିନିଷ ଆମଦାନୀ କରି ନେଉଥିଲେ । ଯେତେବେଳେ ବା' ସ୍କୁଲ ପରିଦର୍ଶକ ସେ ଗାଁ'କୁ ଆସୁଥିଲେ ମାଷ୍ଟ୍ରେ ତାଙ୍କୁ ଖିଆଇ ପିଆଇ, ସେବା ଶୁଶ୍ରୂଷା କରି ଖୁସ୍ କରିଦେଉଥିଲେ । ତେଣୁ ହାକିମ ହୁକୁମାଙ୍କ ଆଗରେ ମାଷ୍ଟର୍ ଥିଲା—ସୁନାମୁଣ୍ଡାଟାଏ ।

Digitized by srujanika@gmail.com

ସେଇ ଗାଁ'ରେ ମାଷ୍ଟର ବାପୁଡ଼ା ଅନେକ ଦିନ ଧରି ରହିଯାଇଥିବାରୁ, ସେ ମଧ୍ୟ ଗୃହବାସ କରୁଥିଲେ ଏବଂ ଗାଁ' ଭିତରେ ଖଣ୍ଡିଏ ଛୋଟକାଠର ଦୋକାନ ନେଇ ସେଥିରୁ ବେଶ୍ ଦି'ପଇସା ହାତପଇଠ କରୁଥିଲେ । ତେଣୁ ଇସ୍କୁଲରେ ପାଠପଢ଼ା କେବଳ ନାଁ'କୁ ମାତ୍ର ଚାଲିଥିଲା ଏବଂ ପିଲାମାନେ ପାଠ ପଢ଼ିବାକୁ ଯାଇ ମାଷ୍ଟରଙ୍କ ଘରକାମ କରି କରି ଥକା ପଡ଼ୁଥିଲେ ।

ସେଦିନ ଥିଲା—ଶନିବାର । ପିଲାମାନେ ସକାଳୁ ସକାଳୁ କଅଣ ଦି'ଟା ଜଳଖିଆ ପାଟିରେ ଦେଇ ଇସ୍କୁଲକୁ ଯାଉଥିଲେ । ରାଜୁ ମାଆ ବିଲକୁ ଯିବା ପୂର୍ବରୁ ବହୂକୁ ତାଗିଦ୍ କରି ଦେଇ ଯାଇଥିଲା—"ସେ ଅଳପେଟିଆ ଦି'ଟା ଆଜି ସଅଳ ସଅଳ ଇସ୍କୁଲ୍‌ରୁ ଆସି ଖାଇବା ପାଇଁ ଅଝଟ ଲଗାଇବେ । ଖବରଦାର୍ ...ତାଙ୍କୁ ଏ'ଠି କିଛି ଖାଇବାକୁ ଦେବୁନାହିଁ । ଏ'ଠି ପେଟେ ପେଟେ ଗିଳିବେ ପୁଣି ତୋ' ପଛେ ପଛେ ଗୋଡ଼େଇ ଗୋଡ଼େଇ ଯାଇ ବିଲରେ ସମସ୍ତଙ୍କ ସାଥିରେ ପେଟେ ଲେଖାଏଁ ଠୁଙ୍କିବେ । ସେ ଦିହେଁ ଆସି ପହଞ୍ଚିବା ବେଳକୁ ତୁ ଖାଇବା ଜିନିଷତକ ବନ୍ଧାବନ୍ଧି କରି ଥୋଇ ଦେଇଥିବୁ । ଆସିବା—ମାତ୍ରେ ତାଙ୍କୁ ସାଙ୍ଗରେ ଧରି ବିଲକୁ ଚାଲିଯିବୁ, ସେଇଠି ସେ ଦିହେଁ ଖାଇବେ" ।

ପିଲାଙ୍କ ଖାଇବା ବିଷୟରେ ବହୂକୁ ଏମିତି ତାଗିଦା କରିବାର ଅସଲ୍ କାରଣ ଥିଲା ନିଆରା । ସବୁଦିନ ଲଢ଼େଇଟା ଲାଗିବା ଦିନରୁ ଜିନିଷ ପତ୍ରର ଦରଦାମ ଯେପରି ହୁ...ହୁ ହୋଇ ବଢ଼ିଛି ସେଥିପାଇଁ ବୁଢ଼ୀ ଜଗି ରଖି ଘର ଖରଚ କରୁଥିଲା । ନଇଲେ, ଅସମୟରେ ଯାହା ଖାଉଟି ଶେଷ ହୋଇଯିବ, ତା'ହେଲେ ହାତ ପିଠିରେ ଲୁହ ପୋଛି ପୋଛି ଦିନ ସରିବ ନାହିଁ ।

ଯତିପୁର ଗାଆଁଟା ହାଡ଼ଭଙ୍ଗା ଓ ନଙ୍ଗୁଳିଆ ଗରିବ ଗାଁ'ଟିଏ ହୋଇଥିଲେ ବି ସେ ଗାଆଁରେ ଗୋଟିଏ ମାରୱାଡ଼ୀ ଯାଇ ଦୋକାନଟିଏ ଖୋଲିଥିଲା । ଗାଁ'ଟା ଯାକର ସବୁଲୋକ ସେଇ ଦୋକାନକୁ ଆଶ୍ରା ଭରସା କରି ଚଳୁଥିଲେ । କାରଣ ଦୋକାନୀ ସବୁଦିନେ ଲୋକମାନଙ୍କୁ ଧାର ଉଧାର ଦେଇ, ଅମଳ ବେଳକୁ ସୁଧ ଅସୁଲ ସମେତ ସବୁତକ, ଅସୁଲ କରି ନେଉଥିଲା ।

ହରିରାମ ମାରୱାଡ଼ୀ ବରଷ କେଇଟା ଭିତରେ ବେଶ୍ ମାତବର୍ ଦୋକାନୀଟିଏ ବନି ଯାଇଥିଲା ଏବଂ କେଇଟା ସେରନ୍ତା ଘରକୁ ଛାଡ଼ିଦେଲେ ସମସ୍ତଙ୍କ ଚୂଟି ସେ ହାତରେ ରଖିଥିଲା । ତେଣୁ ସମସ୍ତେ ହରିରାମ ମାରୱାଡ଼ୀ-ଠାରୁ ଧାରକରଜ ନ କରି ଦିନେ ହେଲେ ଚଳିପାରୁନଥିଲେ ।

Digitized by srujanika@gmail.com

ରାଜ୍ୟର ବାପା ଦେବା ଥିଲ—ନିଖାଦ ଗୃହୀଟିଏ । ସାରବର୍ଷ ମିହନତ କରି ସେ ଯାହା କିଛି ଅମଳ କରୁଥିଲେ, ସବୁତକ ନେଇ ମପେଇ ଦେଇ ଆସୁଥିଲା ସେଇ ହରିରାମ ଦୋକାନରେ ।

ଲଢ଼େଇ ଲାଗିଯିବା ଖବରରୁ, ହରିରାମ ଖୁବ ହୁସିଆର ହୋଇ ଯାଇଥିଲା । ଆଗପରି ସେ ଆଉ ସମସ୍ତଙ୍କୁ ବିଶ୍ୱାସ କରି ଧାର କରଜ ଦେଲା ନାହିଁ । କିନ୍ତୁ ରାଜୁର ବାପା ଦେବ ଥିଲା—ହରିରାମ ମାହାଜନର ଧରାବନ୍ଧା ଗରାଖ । ହରିରାମର ଦୋକାନ ଖୋଲା ହେବା ଦିନରୁ ଦେବା ତାଙ୍କୁ ଅତି ଆପଣାର କରି ନେଇଥିଲା । ତଥାପି ସେ—ବର୍ଷ ଦେବା ମାହାଜନର ସବୁତକ କରଜ ସୁଝିଦେବା ପରେ, ତାକୁ ପାଖରେ ବସେଇ ଅତି ବିଶ୍ୱାସରେ କହିଲା ହରିରାମ—"ଦେବା, ବେଳ ଆସି ଖରାପ ହୋଇଗଲାଣି । ଲଢ଼େଇର ଖବର ଯା'ସବୁ ଶୁଣା ଯାଉଛି, ସେଥିରେ କେତେବେଳେ କଅଣ ଘଟିବ, ତା'ର ଠିକ୍ ଠିକଣା ନାହିଁ । ମୁଁ ତୋ' ଭଲ ପାଇଁ କହୁଛି, ଏଣିକି ଟିକିଏ ହୁସିଆର୍ ହୋଇ ଚଳ । ଆଗ ପରି ମୁଁ ଆଉ ଧାର କରଜ ଦେଇ ପାରିବି ନାହିଁ । ତେଣେ ଚମ୍ପୁଆର ମାହାଜନମାନେ ଆଉ ଅଧଲାଟିକର ଜିନିଷ ଧାରରେ ଦେବାକୁ ମଙ୍ଗୁ ନାହାନ୍ତି । ମୁଁ ଆଉ ଆଣିବି କେଉଁଠୁ ଯେ, ତୁମମାନଙ୍କୁ ଆଖିବୁଜି ମପେଇ ଦେବି" ?

ହରିରାମର ତାଗିଦା ଶୁଣି ଦେବଭୁୟାଁର ପାକାଶି ଉଡ଼ିଗଲା । ସେ କେତେ ନାଉଲି ଗୁଉଲି ହୋଇ ମାହାଜନ ପାଖରେ ତା' ଗୁହାରି ଜଣାଇଲା । ଶେଷକୁ ହରିରାମ ମାହାଜନ ଫୁସ୍ ଫୁସ୍ କରି ଦେବଭୁୟାଁର କାନରେ କହିଲା—"ଦେବା, ତୋ' କଥା ନିଆରା । ମୁଁ ଏତେଦିନ ହେଲା ଏଠାରେ କାରବାର କଲିଣି, ମୁଁ କ'ଣ ଲୋକ ଚିହ୍ନିନି ? ତୋତେ ମୁଁ ନିରାଶ କରିବି ନାହିଁ, କିନ୍ତୁ..." ହରିରାମ ଅତି ପାଖକୁ ଘୁଞ୍ଚିଆସି କହିଲା—"ହଁ...ଦେଖ, ତୁ ଆଉ କଥାଟା ଫିଟିଆରା କରିବୁ ନାହିଁଟି ? ନଇଲେ, ମୋତେ ଏ' ଗାଁ' ଲୋକେ ରବେଇ ଖବେଇ କରି ଖାଇଯିବେ ଜାଣିଥା'.. ହଁ, ତୋ'ର ଯା' ଯେତେବେଳେ ଦରକାର, ଆସି ସଉଦାପତ୍ର ନେଇଯିବୁ, କିନ୍ତୁ ଲୋକବାକ ଥିଲାବେଳେ ତୁ ଦେଖିଗୁହିଁ କାରବାର କରିବୁ" ।

ହରିରାମର ଆଶ୍ୱାସନାରେ ଦେବଭୁୟାଁର ପିଣ୍ଡରେ ପ୍ରାଣ ପଶିଗଲା । ସେ ତା' ଝାଉଁସିଆ ମୁହଁରେ ହସ ଉକୁଟାଇ ଦେଇ କହିଲା—"ମହାଜନେ, ମୁଁ

Digitized by srujanika@gmail.com

କ'ଣ ସେତେ ଅଣ ବୁଝିଆର୍ କି ? ଦେଖିବେନ, ଏ'କଥା କାନକୁ ବି'କାନ ହେବନି । ତୁମକୁ ତ ଭରସା କରିଚି, ମାରିଲେ ମାରିବ, ରଖିଲେ ରଖିବ···"

"ହିଁ...ଦେବୁ, ଆଉ ଗୋଟିଏ କଥା, ତୋ' ସ୍ତ୍ରୀକୁ କହିଦେବୁ, ଏ' କାଳମହିଚଗ ବେଳେ ସେ ଟିକିଏ ସେପରି ଜଗିରଖି ଚଳେ···" ।

"ସେ କଥା ପଗ୍ଳୁରୁଚନ୍ତି ମାହାଜନେ; ମୁଁ ଏଇଲେ ଯାଇ ବୁଢ଼ୀକୁ ସବୁ କଥା ବୁଝାଇ ଦେବି·· " ।

ଦେବ ଭୂୟାଁ ଦୋକାନରୁ ଘରକୁ ଫେରି ଆସି ବୁଢ଼ୀକି ସବୁ କଥା ବୁଝେଇ ଦେଲା । ବୁଢ଼ାର କଥାଚକ ଶୁଣି ବୁଢ଼ୀର ତାଳୁରେ ବଥ କାମୁଡ଼ିବାକୁ ଲାଗିଲା । ସେ ମନେ ମନେ ଭାବିଲା—'ସତ ତ, ମୁଁ ଯଦି ଜଗିରଖି ନ ଚଳିବି, ତେବେ ମୋ' ଝିଆ ଏ ବାରଦୁଆରେ ଶୁଣ୍ଡି ପିଣ୍ଡା ହେଇସିବେ ଯେ···' ।

ସେଇଦିନଠୁଁ ବୁଢ଼ୀ କାଠ କସୁର୍ କରି ଘରର ଗୃହିଦା ପୂରଣ କରିବାରେ ଲାଗିଲା ଏବଂ ପଦପଦକେ ବହୂକୁ ତାଗିଦ୍ କରି କହୁଥିଲା—"ବହୂ, ବେଳ-କାଳ ଆସି କ'ଣ ନାଇଁ କ'ଣ ହେଲାଣି···ଜାଣିଛୁ କି ? ମୁଁ ଏକଲା ଜଗିରଖି ଚଳିଲେ ହେବ ନାହିଁ, ତୁ ଟିକିଏ ସାବଧାନ ହୋଇ ଚଳିବୁ···ନଇଲେ ଢଡ଼କେ ଘରଟା ଉଜୁଡ଼ି ଯିବ···" !

ଗୁଧା ଶାଶୁ ବୁଢ଼ୀକୁ ହେମତ୍ ଦେଇ କହିଲା—"ସେଥିପେଇଁ ତେମେ ନିଧଡ଼କ ରୁହ ବଉ, ଏ' ଘର କ'ଣ ମୋର ନୁହେଁ ? ଘରର ସୁବିଧା ଅସୁ-ବିଧାକୁ ଯଦି ମୁଁ ନ ଜଗିବି, ଆଉ ଜଗିବ କିଏ" ?

ସେଦିନ ଗୁଧାକୁ ବୁଝେଇ ଶୁଝେଇ ବୁଢ଼ୀ ବାପ ପୁଅଙ୍କ ପଛେ ପଛେ ବିଲକୁ ଗଲା ଯାଉଁ ଯାଉଁ ଫେରିପଡ଼ି କହିଲା—"ଦେଖ ବହୂ, ରନ୍ଧାରନ୍ଧି ସାରି ଦୁଆର କବାଟ ଗୁବଚୂବା ଭଲ କରି ଦେଇ ବିଲକୁ ଯିବୁଟି···· ! ଦେଖିଲୁ ନି, ସେଦିନ ଆମ ଲଙ୍ଗଳରୁ ଫାଳଟାକୁ କିଏ ଆଖିରେ ପାଖି ଦେଇ ନେଇଗଲା ! ଏ' ଗାଁ'କୁ ଜୁହାର ମା' ! ହାତେ ମାପି ଗୃଖଣ୍ଡେ ଗଲେ ବି ଦିନ ଦୁଇପହରରେ ଯାଉନାହିଁ···" ।

ଗୁଧା ଏ' ଘରକୁ ବହୂ ହେଇ ଆସିବା ଦିନରୁ ତା' ସମ୍ବନ୍ଧରେ କେତେ କଥା ଗୁଣ୍ଡିବାଇଦ ପରି ଲୋକଙ୍କ ମଧରେ ଖେଳିଯାଇଥିଲା । କେବଳ ଯନ୍ତିପୁରରେ କାହିଁକି, ଆଖପାଖ କେଇଂଖଣ୍ଡ ଗାଁ'ର ଲୋକେ ତା' ସମ୍ବନ୍ଧରେ ଫୁସୁର୍ ଫାପର୍ ହେଉଥିଲେ—"ଆଲୋ ବାପା, ସେ କ'ଣ କମ୍ ଖଣ୍ଡେ କି ? ଜାଣିନ କି···

Digitized by srujanika@gmail.com

ବାପା ମାଆ ପିଲାଦିନରୁ ସତ୍ୟ କରିଥିଲେ ବି ସେ ନିର୍ବନ୍ଧ ସରିଥିବା ଟୋକାଟାକୁ ଗୁଡ଼ ଗଜୁଆ ସାଙ୍ଗରେ ଆପଣା ମନକୁ ଗୁଳି ଆସିଲାଣି । କମ୍ ଜଣେ ସେ ନୁହେଁ..." ?

ଆଉ ଜଣେ ହଠାତ୍ ବାଧା ଦେଇ କହିଲା—"ଆରେ ଭାଇ, ତୁମେ ଆଜିର ଗୋଟେ କଥା ଶୁଣିନ କି ? ସେ ଅଣ୍ଡିରାଚଣ୍ଡୀ ପରା ଏକୁଟିଆ ତାଙ୍କ ଗାଁ'ର ଷଣ୍ଢଟାକୁ ବାନ୍ଧି ପକେଇଥିଲା..." !

ଗାଆଁ ସାରା ଲୋକେ ଗଧା ବିଷୟରେ ଏମିତି କେତେ କ'ଣ ଟୁପୁର୍ ଟାପର୍ ହେଉଥିଲେ ବି ମନେ ମନେ ତାକୁ ଭୟ କରୁଥିଲେ । ତେଣୁ ବିଅର୍ ଲେଖା ପୋଖା ଗାଁ'ର କୁରାଫାତିଆ ଟୋକାମାନେ ଭରସି କରି ତା' ସହିତ ଥଟ୍ଟା ପରିହାସ କରୁ ନଥିଲେ କମ୍ବା ଅବେଳେ ସବେଳେ ଭରସି କରି କେହି ଗଧା ସହିତ ଟାହି ଟାପରା କରିବାକୁ ସାହସ କରୁ ନଥିଲେ । ଅବଶ୍ୟ ସେପରି ଘଟଣା ଘଟିବାର ଅବସର ଆସି ନଥିଲା ।

କିନ୍ତୁ ଗାଁ'ଟା ସାକର ଗୋଟିଏ ହେଠନଜରିଆ ଟୋକା ଥିଲା—ମକରା । ସେ ଗଧାର ବାହାଦୁରିଆ କାମକୁ ଆଦୌ ସହିପାରୁ ନଥିଲା । ସେ ଭାବୁଥିଲା— 'ମୁଁ ଥାଉଁ ଥାଉଁ ପୁଣି ଗାଁ'ରେ ଗଧା ସଖି ସୁଲକ୍ଷଣୀ ସାଧବ ବହୂ ହୋଇ ରହି-ଯିବ । ଆଚ୍ଛା...ଦେଖିବା... । କେବେ କଅଣ ହାବୁଡ଼ ର ପଡ଼ିବ ନା...!

ମକରା ଗଧାକୁ ଅକଳରେ ପକାଇ ହୀନସ୍ତା କରିବାର ଗୋଟିଏ ମଉକା ଖୋଜୁଥିଲା । ବରାଡ କପାଳକୁ ଶିକା ଛିଡ଼ିଲା ପରି, ସେଦିନ ତାକୁ ଗୋଟିଏ ସୁଯୋଗ ଆସି ହାତପାହାନ୍ତାରେ ମିଳିଗଲା ।

ବେଳ ଆସି ମୁଣ୍ଡ ଉପରେ ହେବା କ୍ଷଣି ଗଧା ଭାତ ଶାଗଭଜା ହାରି, ଦହିକଡ଼ ବସାଇ ଦେଇ ମାଠିଆ ହ'ଟା ନେଇ ନଈକୁ ପାଣି ଆଣିବା ପାଇଁ ଗୁଲିଗଲା । ସେ ଭାବିଲା— ନଈରୁ ପାଣି ଆଣି ଦହିକଡ଼ ଚୁର୍କି ଦେଇ ଖାଇବା ଜିନଷ ବନ୍ଧାବନ୍ଧି କରି ଥୋଇଦେବ । ଛୁଆ ହ'ଟା ଆସିବା ମାତ୍ରେ ତାଙ୍କୁ ସାଙ୍ଗରେ ନେଇ ବିଲକୁ ଭାତ ନେଇ ଯିବ' ।

ଗଧା କଳସୀ ହ'ଟା ଧରି ମୁଣ୍ଡରେ ଲୁଗା ଦେଇ ବାହାରି ପଡ଼ିଲା ନଈକି । ଶୀତଦିନିଆ ଖରା ହେଲେ ବି ହ' ପହରିଆ ଖରଟା କମ୍ ଟାଣୁଆ ହୋଇନଥିଲା । ଏଣେ ତରବରରେ ଗଧା କାମଧନ୍ଦାରେ ଲାଗି ଯାଇଥିବାରୁ, ତା' ଗୋଲପୀ ଚେହେରାଟା ମନ୍ଦାର ଫୁଲିଆ ହୋଇଉଠି, କପାଳରେ ବୁନ୍ଦା ବୁନ୍ଦା ଝାଳ କଣି

Digitized by srujanika@gmail.com

ଆସିଲ । ସେ ଚିରା ଶାଢ଼ୀ ଖଣ୍ଡିକୁ ସମୁଟି ସାମୁଟି ପିନ୍ଧିଦେଇ, ପାଣି ଢ଼’ ମାଠିଆ ଧରି ନଈରୁ ଅତଡ଼ା ଉପରକୁ ଉଠି ଆସିଲ । ତା’ର ବଳଲ ବଳଲ ଗୁଣ୍ଡୁଣୀ ହାଣ୍ଡି ପରି ଚେହେରାକୁ ଦୋହଡ଼ାଇ, ସେ ଲସର ପସର ହୋଇ ଚାଲିଥିଲେ ବି ଚାରିଆଡ଼କୁ ତା’ର ନଜର୍ ଥିଲ । କିନ୍ତୁ ତା’ର ନଜର୍ ନଥିଲ ଯେ, ହଳଦିଆଗେଣ୍ଡି ପରି ଚେହେରା ମଧ୍ୟରୁ ଉଛୁଳା ଯୌବନ ପସରାଟି ଚିରାଲୁଗା ଫାଙ୍କ ଦେଇ ଉହୁଙ୍କି ମାରୁଛି । ହାଣ୍ଡିଗୁଣ୍ଡି ପରି ବହଳ ଜଙ୍ଘରୁ ବେଳେବେଳେ ଲୁଗା ଖସିଯାଇ ଦେଖଣାହାରୀଙ୍କୁ ଲୋଭେଇ ପକାଉଛି । କାମ ଲହସରେ ଘଧାର ସେଥିପ୍ରତି ଖାତିର୍ ନଥିଲା କିମ୍ବା ଖିଆଲ୍ ନଥିଲା ।

ମକର ନଈକୂଳର ଅତଡ଼ା ଉପରେ ଥିବା ମୁଣ୍ଡି ଆମ୍ବ ଉପରେ ବସି ଏକଧ୍ୟାନରେ ଘଧାକୁ ଚାହିଁ ଚାହିଁ ଭାବୁଥିଲା—‘ଆଜି ଠିକ୍ ମଉକା ମିଳିଛି । ଦେଖିବି ଶିକାର ଯିବ କୁଆଡ଼େ’ ?

ଘଧା ହଲି ଦୋହଲି, ପାଦ ଗଣି ଗଣି, ନଈରୁ ଅତଡ଼ା ଉପରକୁ ଉଠି ଆସିବା ବେଳେ ତା’ ଦେହର ଗଢ଼ଣ ଓ ଚିରା ଲୁଗାର ଫାଙ୍କ ଦେଇ ଉହୁଁକି ଉଠିଥିବା ଶାଳଗଜା ପରି ବାହା ମୂଳକୁ ଦେଖି ତା’ ମନର ଭୋକିଲା ସିଂହଟା ଗର୍ଜି ଘୁମୁରି ଉଠିଲା । ସେ ମନେ ମନେ ଭାବିଲା—“ଆଃ, କେଉଁ ବିଧାତା କେତେ କାଳ ବସି ଏ’କୁ କୁଟିକମ କରି ଗଢ଼ିଥିଲା ରେ···? ଶେଷକୁ ଯା’ ଭାଗ୍ୟରେ ଥିଲା—ଗଜୁଆ ପରି ଛତରା ଟୋକା··· । ଘରେ ଦ’ଓଳି ଖାଇବା ପାଇଁ ଖାଉଟି ନାହିଁ, ଟୋପା ଚକଚକ ହଳଦିଆଗେଣ୍ଡି ପରି ଚେହେରାକୁ ଢାଙ୍କିବା ଲାଗି ଭଲ ଲୁଗା ଖଣ୍ଡେ ନାହିଁ ! ହାୟ···ଯା’ପରି ମାଇକିନିଆଟେ ଘରେ ଥିଲେ, ଅନ୍ଧାର ଘରଟାରେ ଚାନ୍ଦମା ଉଇଁ ପଡ଼ନ୍ତା . ହାୟରେ ଭାଗ୍ୟ···” !

ମକର ଉପରେ ନଜର୍ ପଡ଼ିଯିବା କ୍ଷଣି ଘଧା ମୁଣ୍ଡରେ ଓଢ଼ଣାଟିକୁ ଟାଣି-ଆଣି ତା’ ଚଲା ବାଟରେ ଆଗେଇ ଗଲା । ଘଧାର ଢଙ୍ଗ ଢାଙ୍ଗଣା ଓ ଚାଲି-ଚଳନରେ ସେପରି କିଛି ଦେଢ଼ଙ୍ଗିଆ ଭାବ ନ ଦେଖି, ମକର ହଠାତ୍ କିଛି ଭରସି କରି କହିପାରିଲା ନାହିଁ । ସେ ଭାବିଥିଲା—ଘଧା ତା’ ଆଡ଼କୁ ଚାହିଁ ମୁରୁକି ହସା ଦେଇ ଲାଜରା ଲାଜରା ହୋଇ ହଲି ଦୋହଲି ବାଟ କାଟି ଚାଲି-ଯିବ । କିନ୍ତୁ ଘଧା କୁଳବୁଆଷ୍ଟ୍ରୀ ପରି ମାନମହତକୁ ପଣତ କାନିରେ ବାନ୍ଧି, ଘରମୁହାଁ ହୋଇ ଆଗେଇ ଚାଲିବା ପରେ, ମକରର ହଠାତ୍ କିଛି କହିବା ଲାଗି ସାହସ ହେଲା ନାହିଁ । କିନ୍ତୁ ତା’ର ଖଲଖଲିଆ ପାଟିଟାକୁ ସେ ରୋକି ପାରିଲା

Digitized by srujanika@gmail.com

ନାହିଁ । ବାଟ-ଘାଟରେ ଝିଅ ବହୂଙ୍କୁ ଟାହିଟାପରା କରି, ମାନଇଜ୍ଜତ ପଦାରେ ପକାଇ ଦେଉଥିବା ବାରବୁଲା ମକରା ରାଧାକୁ କିଛି ନ କହି ସେମିତି ଛାଡ଼ି ଦିଅନ୍ତା ବା' କିପରି ? ସେ ସାହସ କରି କହିଲା—"ଘୋଡ଼େଇ ରଖିବା ଜିନିଷ ତ ଭୁଞ୍ଜା ହେଲା ପଡ଼ିଛି, ମୁଣ୍ଡରେ ହାତେ ଓଢ଼ଣା ଟାଣିଲେ କ'ଣ ଲାଭ ? ଆଃ··· କି ଚାଲରେ···ମନ ମୋହି ନେଉଛି···ଛାତି ଦହି ଦେଉଛି···" ।

ମକରାର ଟାହିଲା ଶୁଣିବା ମାତ୍ରେ ରାଧାର ସର୍ବାଙ୍ଗ ଗୋଡ଼ରୁ ମୁଣ୍ଡଯାଏଁ ରାଗରେ ଜଳି ଉଠିଲା । ସେପରି ଅବସ୍ଥାରେ ସେ କଅଣ କରିବ, ଆଦୌ କିଛି ଚିନ୍ତା କରିପାରିଲା ନାହିଁ । ଲାଜ, ସରମ, ମନସ୍ତାପ ଓ କ୍ରୋଧରେ ସେ ଭାଙ୍ଗି ପଡ଼ିଥିଲେ ବି, ଶାଶୂ ଶଶୁର ଓ ଗିରସ୍ତଙ୍କ କଥା ଚିନ୍ତାକରି ସେ ଗୁଣ୍ଡେ ଗୁଣ୍ଡେ ପହଣ୍ଡ ପକାଇ ଘରକୁ ଫେରି ଆସିଲା ।

ମକରା ଭାବିଥିଲା—ବି'ନା ଜବାବରେ ରାଧା କେବେ ହେଲେ ଛାଡ଼ିବ ନାହିଁ । ମାରଣା ଷଣ୍ଢଟାକୁ ଲାଠି ଦେଖା ବାଲା ରାଧା ପାଟିରେ କ'ଣ ବେଙ୍ଗ ଚମଡ଼ା ବାନ୍ଧି ସେମିତି ଚାଲିଯିବ ! ଦିନ ବାର ଧରା ପଡ଼ିଥିବା ବରକୁ ଛାଡ଼ି, ଯେ ଆପଣା ମନକୁ ରାଜୁଆ ସହିତ ମନାଇ ଆଣିଲା, ସେ କ'ଣ କମ୍ ମୁହଁବାଲୀ ହୋଇ ଥିବ ! ତେଣୁ ସେ ଟାକି ରହିଲା ରାଧାର ନଅଟ ଜବାବକୁ ।

କିନ୍ତୁ ପଦଟିଏ ହେଲେ କିଛି ନ କହି, ଲାଜ, ସରମରେ ସଢ଼ି ଯାଇ, ରାଧା ତା' ବାଟେ ବାଟେ ଚାଲିଯିବାରୁ, ମକରାର ମନଟା ଝାଉଁଳି ପଡ଼ିଲା । ଯେତେ ହେଲେ ଗାଁ'ର ବହୂଟେ ତ, ତେଣୁ ଦିନ ଦି'ପହରଟାରେ ଟଣାଓଟରା କରିବାକୁ ତା'ର ସାହସ ହେଲା ନାହିଁ । ତେଣୁ ସେ ଆଉ ପଦଟିଏ ଦହଜଳା କଥା ହାଣି ଦେଇ ଖପ୍‌କରି ନଣ ଭିତରକୁ ଡେଇଁ ପଡ଼ିଲା ।

ରାଧା ଦୁଆର ମୂହଁରେ ପହଞ୍ଚିବା ବେଳକୁ ରାଗରେ ତା'ର ସର୍ବାଙ୍ଗ ଥରୁଥିଲା । ସେତିକି ବେଳକୁ ଚମ୍ପୀ ଓ ଖେତରା ଧାଇଁ ଆସି କହିଲେ—"ଭାଉଜ···" । କିନ୍ତୁ ଭାଉଜର ଗୋରା ତକତକ ମୁହଁଟି ରାଗରେ ଲାଲ୍ ଟକ୍ ଟକ୍ ହୋଇଥିବାରୁ, ହଠାତ୍ ଛୁଆ ଦି'ଟା ଭରସି କରି କିଛି କହିପାରିଲେ ନାହିଁ । ତଥାପି ଚମ୍ପୀ ଭରସିକରି କହିଲା—"···ଆମେ ଆଜି ବେଗିରେ ଆସିଲୁ ଇସ୍କୁଲ୍‌ରୁ । ମାଷ୍ଟ୍ରେ କହିଲେ—ବଡ଼ ସାଇବ ଆସିବେ, ଆମକୁ ସବୁ କ'ଣ ପଚାରିବେ, ତେଣୁ ଅଜି ଜଲଦି ଛୁଟି ହବନି···"।

ପ୍ରକୃତରେ ଛୁଆ ଦହେଁ କୋଡରା ଜାମା ପେଣ୍ଟେ ପିନ୍ଧି ଯାଇଥିବାରୁ, ସଫା ପେଣ୍ଟ ଜାମା ପିନ୍ଧି ଅସିବା ଲାଗି ମାଷ୍ଟ୍ରେ ତାଙ୍କୁ ଘରକୁ ପଠାଇ ଦେଇଥିଲେ ।

Digitized by srujanika@gmail.com

କିନ୍ତୁ ଛୁଆ ଦିହେଁ ଭାଉଜର ରଣଚଣ୍ଡୀ ମୂର୍ତ୍ତି ଦେଖି, ଆଉ କିଛି ହେଲେ କହି-ପାରିଲେ ନାହିଁ । ସେ ଦୁହେଁ କେବଳ ଡେରିରେ ଆସିବେ ବୋଲି ଜଣାଇ ଦେଇ ପୁଣି ଦୌଡ଼ିଗଲେ ସ୍କୁଲକୁ ।

ଗଧା କାଳୀନାଗୁଣୀ ପରି ଫୁଁ...ଅଁ...ଫୁଁ...ଅଁ...ହୋଇ ଘର ଭିତରକୁ ପଶିଗଲା ମାତ୍ରେ, ତା'ର ନଜର ପଡ଼ିଗଲା ଚୂଲ୍ଲୀ ଉପରେ ବସିଥିବା ଦହିକଡ଼ି ହାଣ୍ଡି ଉପରେ । ନଆଁ ଲଗା ବଗଡ଼ିଟା କଣ୍ଟା ଘାଆରେ ଚୂନ ବୋଳି ଦେଲାପରି, ତାତିଲା ଦହିକଡ଼ି ହାଣ୍ଡିଟାରୁ ଖାଇ ନପାରି, ତାକୁ ଚୂଲ୍ଲୀଉପରୁ ତଳକୁ ଗଡ଼ାଇ ଦେଇଛି । ମକରର ଶାନ୍ଧୁଆ କଥା, ଛୁଆ ଦି'ଟାଙ୍କର କରୁଣ ଚେହେରା, ଏଣେ ପୁଣି ବଗଡ଼ିଟାର ଅଦଉତି, ଏକା ବେଳେକେ ଗଧାକୁ ନୁଆଁଇ ଦେଲା । ପାଞ୍ଚ ପଚିଶରେ ହକ୍ କଥା ଉପରେ ମୁହେଁ ମୁହେଁ ହାଣି ଦେବା ବାଲା ଗଧା, ପିଞ୍ଜରାରେ ପଡି ମହାବଳ ବାଘ ଗର୍ଜି ଘୁମୁରି ହେଲା ପରି, ସେ ମର୍ମାହତ ହୋଇ ପଡିଲା । ହଠାତ୍ କ'ଣ କରିବ, ତାକୁ ବୁଦ୍ଧି ଦେଖାଗଲା ନାହିଁ । ନାଗସାପ କାମୁଡ଼ାରେ ଦେହଟା ବିଷ ଜ୍ୱାଳାରେ ଜଳି ପୋଡ଼ି ଗଲାପରି, ମକରର ଟାହିଲା ତା' ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା । ତେଣେ ପୁଣି ଛୁଆ ଦି'ଟା ଅଖିଆ ଅପିଆ ଇସ୍କୁଲରେ ପଡିଥିବାରୁ ତାଙ୍କ ପାଇଁ ମନଟା ବିକଳ ହୋଇ ଉଠିଲା । ତା' ସାଥିକୁ ବେଳ ଆସି ମୁଣ୍ଡ ଉପରୁ ତଳିବାକୁ ବସିଲାଣି, ବିଲରେ ତିନ ତିନିଜଣ ଗୁରୁ ଗୁରୁଜନ ଭୋକ ଓପାସରେ ଆଉଟୁ ପାଉଟୁ ହେଉଥିବେ, ଏହି କଥା ଭାବି ସେ ମନେ ମନେ ବ୍ୟସ୍ତ ହୋଇ ଉଠିଲା । ଏଇ ଘଡ଼ସନ୍ଧି ମୁହୂର୍ତ୍ତରେ ବରାଡ଼ିଟାର ଅଦଉତି ତା'ର ଲୁହା ପରି ଟାଣ ମନଟାକୁ ଭାଙ୍ଗି ଚୂର୍‌ମାର୍ କରିଦେଲା । ପାଣି କଳସୀ ଦୁଇଟି ଘରେ ଥୋଇ ଦେଇ, ବ୍ରହ୍ମ ନଈକୂଳକୁ ଧାଇଁଯାଇ ମକରାର ବେକଟାକୁ ମୋଡ଼ିଦେବ ନା, ଇସ୍କୁଲକୁ ଯାଇ ସ୍ୱାର୍ଥପର ମାଷ୍ଟର୍‌ଟାକୁ ମୁହେଁ ମୁହେଁ ଦି'ପଦ ଶୁଣେଇ ଦେଇ, ଛୁଆ ଦି'ଟାକୁ ଭିଡ଼ ଓଟାରି ଦେନ ଆସିବ କିମ୍ବା ଭାତ, ଶାଗଖରଡ଼ା ଓ ହାଣ୍ଡିରେ ଥିବା ଦହିକଡ଼ି ଟିକକ ନେଇ ଭୋକ ଓପାସରେ ଦହଗଞ୍ଜ ହେଉଥିବା ତିନି ପ୍ରାଣୀଙ୍କ ନିକଟକୁ ପବନବେଗରେ ଛୁଟି-ଯିବ; ସେ ଆଦୌ କିଛି ସ୍ଥିର କରିପାରିଲା ନାହିଁ ।

ଗୋଟିଏ ମୁହୂର୍ତ୍ତ ଗୁମ୍ ମାରି ବସିବା ପରେ, ଛୁଆ ଦିହିଙ୍କର ଶୁଖିଲା ଶୁଖିଲା ମୁହଁ ତା' ଆଖି ଆଗରେ ଭାସି ଉଠିଲା । ସେ ସଙ୍ଗେ ସଙ୍ଗେ ସବୁକଥା ପଛକୁ ପକାଇ ଦେଇ ଦୁଆରଟିକୁ ଭଲ ଭାବରେ ବନ୍ଦ କରି ସ୍କୁଲକୁ ଧାଇଁଗଲା ।

Digitized by srujanika@gmail.com

କିନ୍ତୁ ସେଠାକାର କାରବାର ଦେଖି ସେ ଆବାକାବା ହୋଇଗଲା । ବର୍ଷକରେ ବାରମାସ ନିଜ କାମରେ ଗତର ଖଟେଇ, ଅଣ୍ଟି ଗରମ୍ କରୁଥିବା ସ୍ୱାର୍ଥପର ମାଷ୍ଟରଟାର ଆଜି ପିତ୍ତ ମୁଣ୍ଡକୁ ଉଠିଯାଇଛି । ସେ ହାତରେ ଖଣ୍ଡିଏ ଦେଢ଼ହାତିଆ ବେତ ଧରି ସ୍କୁଲ ଘରଟାକୁ ଝଡ଼ାଝଡ଼ି, ଲିପାଲିପି, ସଜାସଜ ଓ ଧୂଆଧୋଇ କରିବାରେ ପିଲାଙ୍କୁ ଲଗାଇ ଦେଇଛି । ସେ ମନେ ମନେ ମାଷ୍ଟରର ବାପ୍ପୁଡ଼ା ଉପରେ ରକ୍ତଚନ୍ଦନ ଘେରେଇଥିଲେ ମଧ ହଠାତ୍ କିଛି କହିପାରିଲା ନାହିଁ । କିନ୍ତୁ ମାଷ୍ଟରର ନଜର୍ ତା' ଉପରେ ପଡ଼ିଯିବା କ୍ଷଣି ସେ ଚମ୍ପୀ ଓ ଖେତରିଙ୍କୁ ଛୁଡ଼ି ଦେବା ଲାଗି ଅନୁନୟପୂର୍ଣ୍ଣ ଓଜର୍ ଜଣାଇଦେଲା ।

ମାଷ୍ଟ୍ରେ ଅବଶ୍ୟ ରାଧାର ନାଁ' ଓ ଗୁଣଗ୍ରାମ ସମ୍ବନ୍ଧରେ ଆଗରୁ ଶୁଣିଥିଲେ କିନ୍ତୁ ଆଖି ସାମ୍ନାରେ ତା'ର ଦୁର୍ଗାପରି ଚେହେରା ଦେଖି ମନେ ମନେ ପ୍ରଶଂସା ନ କରି ରହି ପାରିଲେ ନାହିଁ । ସେ ରାଧା ପରି ତେଜସ୍ୱିନୀ ତଥା ଦାରିଦ୍ର୍ୟର କଷାଘାତରେ ନିପୀଡ଼ିତା ନାରୀଟିକୁ କିପରି ଉତ୍ତର ଦେବେ, ହଠାତ୍ ସ୍ଥିର କରି ପାରିଲେ ନାହିଁ । ଗୋଟିଏ ମୁହୂର୍ତ୍ତ ଅବାକ୍ ହୋଇ ରାଧା ଆଡ଼କୁ ଚାହିଁବା ପରେ କହିଲେ ମାଷ୍ଟ୍ରେ—"ଭଉଣୀ, ଛୁଆଙ୍କୁ ଛୁଡ଼ି ଦେବି କିପରି ? ଇନ୍‌ସ୍‌ପେକ୍ଟର୍ ସାହେବ ଆସି ଆର ଗାଁ'ରେ ପହଞ୍ଚିଗଲେଣି, ଆଉ ଘଡ଼ିକରେ ଆସି ପହଞ୍ଚିବେ ଏଇ ଯାଙ୍ଗେ ଯାଙ୍ଗେ ଛୁଟି ହୋଇଯିବ···ତୁମେ ବ୍ୟସ୍ତ ହୁଅନି, ଏଇଲାଗେ ପିଲାଏ ଘରକୁ ଫେରିଯିବେ···" ।

ରାଧା ଯେତେ ଦମ୍ଭରେ ଇସ୍କୁଲ୍ ପର୍ଯ୍ୟନ୍ତ ଧାଇଁ ଯାଇଥିଲା ମାଷ୍ଟର ମୁହଁରେ ଖୋକ୍ ଠୋକ୍ ଦି'ପଦ ଶୁଣେଇ ଦେଇ ଛୁଆ ଦିହିଙ୍କୁ ନେଇ ଫେରି ଆସିବ ବୋଲି, ସେଠାକାର କାରବାର ଓ ମାଷ୍ଟରଙ୍କ ଖୋସାମତିଆ କଥା ଶୁଣି, ସେ ଆଉ ମୁହଁରୁ ଉଁ···କି ଚୁଁ···କିଛି ପଦେ ହେଲେ ନ କହି, ସେଇ ଗୋଡ଼େ ଗୋଡ଼େ ଫେରି ଆସିଲା ଘରକୁ ।

ସେ ଘରକୁ ପଶି ଯାଇ ଭାବିଲା—'ତା'ହେଲେ କ'ଣ ଛୁଆଙ୍କୁ ନ ନେଇ ବିଲକୁ ଚାଲିଯିବ ? କିନ୍ତୁ ନାଃ···ଛୁଆଡି'ଟା ସକାଳ ପହରୁ କିଛି ପାଟିରେ ଦେଇ ନାହାନ୍ତି, ତାଙ୍କୁ ଭୋକିଲା ଛୁଡ଼ି ଦେଇ ଯିବ କିପରି ? ବିଲରେ ଶାଶୁ ଶୁଣିଲେ କ'ଣ ଭାବିବେ ? ନିଜର ଭାଇ ଭଉଣୀ ହୋଇଥିଲେ ବହୂ କ'ଣ ଛୁଆ ଦି'ଟାଙ୍କୁ ହେଠ ନଜର କରି ଆସିଥାଆନ୍ତା, ହେଲାବା' ଆଉ ଘଡ଼ିଏ ଡେରି

Digitized by srujanika@gmail.com

ହୋଇ ଥାଆନ୍ତା, ବୁଆ ଦ୍ୱ'ଟାଙ୍କୁ ଉଦ୍ଧଳିବଳଳରେ ଛାଡ଼ି ଦେଇ ଏ' ମାଇପିଟା ଆସିଲ କପରି ? ନାଃ ବୁଆଙ୍କ ଅ.ସିବା ବେଳକୁ ମୁଁ ଆଉ ଥରେ ଦହିକଢ଼ି ଟିକିଏ ବସେଇ ଦେଲେ ହେବ···' ।

ଗଧା ପୁଣି ଚୁଲି ଜଳେଇ ଦହିକଢ଼ି ଟିକିଏ ଉତୁରେଇ ନେଇ ଚୁଙ୍କ କରି ନେଲା । ଭାତ, କଢ଼ି ଓ ଶାଗତକ ଅଲଗା ଅଲଗା ବାସନରେ ଥୋଇ, ତଳେ ଘଜାଡ଼ି ଖଣ୍ଡିଏ କବଟାରେ ତାକୁ ବାନ୍ଧି ସଜାଡ଼ି ଦେଲା ଏବଂ କଳସୀରେ କଳସୀଏ ପିଇବା ପାଣି ବିଲକୁ ନେବା ପାଇଁ ସଜାଡ଼ି ଦେଇ, ଛେଳି ଦ୍ୱ'ଟାଙ୍କୁ ପାଞ୍ଚହାତିଆ ଦଉଡ଼ି ଦ୍ୱ'ଖଣ୍ଡରେ ବାନ୍ଧିଦେଇ ବୁଆଙ୍କ ଆସିବା ବାଟକୁ ଗୁହିଁ ରହିଲା ।

ଗୁହିଁ ଗୁହିଁ ଆଖିରୁ ପାଣି ମଲା, ବେଳ ଆସି ଅଢ଼େଇ ପହର ହେବାକୁ ବସିଲା, ତଥାପି ବୁଆଙ୍କର ଦେଖା ମିଳିଲା ନାହିଁ । ବିଲକୁ ଭାତ ପାଣି ନେଉଥିବା ମାଇପିଏ କେତେବେଳରୁ ଗୁଲି ଗଲେଣି, ସେମାନେ ପହଞ୍ଚି ଖୁଆଇ ପିଆଇ ଫେରିବାକୁ ବସିବେଣି, କିନ୍ତୁ ହାୟ, ଗଧା ଏମିତି ଧର୍ମ ସଙ୍କଟରେ ପଡ଼ିଛି ଯେ, ସେ ନା' ଯାଇ ପାରୁଛି; ନା' ରହିପାରୁଛି ।

ସେ ଲକ୍ଷ୍ୟକଲା— ବିଲରୁ ଭାତ ପାଣି ଦେଇ ମାଇପିଏ ଲେଉଟାଣି ଆସିଲେଣି, ଆଉ ଘଡ଼ିକରେ ଆସି ଗାଁ'ରେ ପହଞ୍ଚି ଯିବେ । ହୁଏତ ତାଙ୍କ ଶାଶୁ ଖବର ପଚାରି ଥିବେ । କିନ୍ତୁ ଏ'ପର୍ଯ୍ୟନ୍ତ ମୁଁ ଖାଉଟି ନେଇ ଯାଇ ନଥିବାର ଶୁଣିଲେ, ଗାଁ' ମାଇପିଏ ମୋତେ ଭାବିବେ କ'ଣ ?

ଏହି ଚିନ୍ତାରେ ହନ୍ତସନ୍ତ ହୋଇ, ଗଧା ଦୁଆର ମୁହଁରେ ଆଉ ଅଧିକ ସମୟ ଛିଡ଼ା ହୋଇ ପାରିଲା ନାହିଁ । ସେ ପୁଣି ଥରେ ଦୁଆର କିଳି ଦେଇ, ସ୍କୁଲ ଆଡ଼କୁ ଧାଇଁ ଗଲା । କିନ୍ତୁ ସ୍କୁଲହତାର ଧାଁ ଦଉଡ଼ ଦେଖି ତା' ଗୋଡ଼ ଉଠିଲା ନାହିଁ । ଆଗକୁ ଯିବାଲାଗି ଇନ୍‌ସ୍‌ପେକ୍ଟର ସାହେବ ସାକ୍ଷାତ ବସ୍ତୁ, ପ୍ରଥମା ଘର ମାଷ୍ଟରଙ୍କ ଷୋଡ଼ଶ ଉପଗ୍ଭର ଯୋଗାଡ଼ରେ ମସ୍‌ଗୁଲ । ପିଲାମାନେ ହାତରେ ଝଞ୍ଜଣା ଧରି ବଞ୍ଚ୍ଛନ୍ତି, ମାଷ୍ଟ୍ରେ ଏ'ପାଖ ସେପାଖ ହୋଇ ସରବତ୍ ଓ ଜଳଖିଆ ଯୋଗାଡ଼ରେ ଲାଗିପଡ଼ିଛନ୍ତି । ଗାଁ'ର ମୁଖିଆ ହରିସାହୁ, ଗୋବିନ୍ଦ ବାରିକ ଓ ମାହାଜନ ହରିରାମ ଖୁବ୍ ବ୍ୟସ୍ତ ଥିଲା ପରି ଦେଖାଯାଉଛନ୍ତି । ଇନ୍‌ସ୍‌ପେକ୍ଟର୍ ବାବୁ ଘୋଡ଼ାରେ ଦ୍ୱ'ମାଇଲ୍ ବାଟ ଗୁଲି ଆସିଛନ୍ତି ବୋଲି, ଗୋଟାଏ ପାହାଡ଼ିଆ ଦୁର୍ଗ ଜିତିଥିବାର ବିଜୟୀବୀର ପରି, ସମସ୍ତଙ୍କ ସେବା ଶୁଶ୍ରୂଷାର ଅଧିକାରୀ ସାଜି,

Digitized by srujanika@gmail.com

ଗୁଣ୍ଡି ଫୁଲେର ଫୁଲପକା ସତରଞ୍ଜି ଉପରେ, ହରିରାମଙ୍କ ଘରୁ ଆସିଥିବା, ମୋଟା ତକିଆକୁ ଆଉଜି କରି ବସିଛନ୍ତି । ହୋ' ହା' କେଁ କଟର, ଟେଁ ଗୁଁ ଶବ୍ଦରେ ଫାଟି ପଡୁଥିବା ସ୍କୁଲ ହତାଟାରେ ଚଢ଼େଇ ଚୁଆଟିଏ ବି ଚିଁ…ଚୁଁ… କରୁନି । ସମସ୍ତେ ଶାନ୍ତ, ନୀରବ…! ଆଖି ଓ ହାତର ଇଶାରାରେ ସବୁ କାମ ଚାଲିଛି । ସମସ୍ତଙ୍କ ଧିଆନ ଯାଇ ଏକମାତ୍ର ଦେଶୀ ସାହେବ ଇନ୍‌ସ୍‌ପେକ୍ଟର୍‌ଙ୍କ ଉପରେ ଲାଗି ରହିଛି । ମାଷ୍ଟର୍ ବାପୁଡ଼ାର ବ୍ୟସ୍ତତା କହିଲେ ନସରେ । ଉପଚାରରେ କାଳେ କେଉଁଠି ତ୍ରୁଟି ରହିଯିବ, ସେଥିଲାଗି ସେ ଅଧାମଳାଛୁଆ ଧୋତିକମିଜ୍ ଉପରେ ଧୋବ ଫର୍ ଫର୍ ଚାଦରଟାକୁ କାନ୍ଧରେ ଲମ୍ବାଇ, ଦି' ହାତ ଯୋଡ଼ି ଆଜ୍ଞାକୁ ଅବଧାନ ଥିଲା ପରି, ଅଭିନୟ କରିବାରେ ଲାଗିପଡ଼ିଛନ୍ତି । ଦେଶୀ ସାହେବଙ୍କ ଶ୍ରୀମୁଖରୁ କିଛି ପଦେ ହେଲେ ବାହାରିବା ମାତ୍ରେ, ମାଷ୍ଟ୍ରେ ଭଣାରେ ପାଞ୍ଚଥର ଆଜ୍ଞା…ହଜୁର୍ କହି ଦାନ୍ତ ନେଫିଡ଼ି, ଅଧାଲଇଁ ପଡ଼ି ରାଜୁଡ଼ା କାଇଦାରେ ଉତ୍ତର ଦେଇ ଚାଲିଛନ୍ତି ।

ଗଧା ସ୍କୁଲ ହତା ବାହାରେ ଥିବା ବରଗଛ ଉହାଡ଼ରେ ଛିଡ଼ା ହୋଇ ସେଠାକାର ହାବଭାବ ଦେଖି ଆବାକାବା ହୋଇଗଲା । ସେ ଫେରିଯିବ କିମ୍ବା ଛୁଆଙ୍କ ଛୁଟି ହେବାଯାଏଁ, ସେଇଠି ବରଗଛ ମୂଳରେ ଛିଡ଼ା ହୋଇ ରହିବ, ଆଦୌ ଠିକ୍ କରି ପାରିଲା ନାହିଁ । ତେଣେ ତା'ର ମନକୁ ଉଚ୍ଛନ୍ନ କରିଦେଲା— ମକରର ଛିଗୁଲା କଥା ଗୁଡ଼ାକ । ସେ କିପରି ତା'ର ପ୍ରତିଶୋଧ ନେବ ? ଏଇ ଛେପରା କଥା ଗୁଡ଼ାକ ଯାଇ ସେ କିପରି ଶାଶୁ ଶଶୁରଙ୍କ ଆଗରେ ମୁହଁ ଖୋଲି କହିବ ? ନ କହିଲେ ଚଳିବ କିପରି ? ଯା'ର ଯଦି ଗୋଟାଏ କିଛି ପ୍ରତିକାର ନ ହୁଏ; ତେବେ ସେ ଛତରା ଟୋକା ମକରର ବହପ ବଢ଼ିଯିବ । ଆଜି କଥା ପଦେ କହିଲା, କାଲି ପୁଣି ପଣତ କାନିଟାକୁ ଧରି ଓଟାରି ନେବ । ନାଃ, ଯା'ର ପ୍ରତିକାର ଦରକାର । ଯେମିତି ହେଉ, ସେ ରାଜୁ ଆଗରେ ସବୁ କିଛି ବନେଇ ଚୂନେଇ କହିବ । 'ଯାହା ହେଉ ପଛକେ, ସେ ଟୋକାକୁ ଭଲ କରି ପାନେ ନ ଦେଲେ ଚଳିବ ନାହିଁ' !

ସେହି କଥା ମନେ ମନେ ଭାବି ପୁଣି ଉତ୍ତ୍ୟକ୍ତ ହୋଇଉଠିଲା ଗଧା । ସେ ଛୁଆ ଦିହିଙ୍କୁ ଓ ବଳକୁ ଭାତ ପାଣି ନେବା ଦାୟିତ୍ୱ ଏକାବେଳେକେ ପାଶୋରି ଦେଇ, ସେହି ଭାବନାର ଖିଅରେ ନିଜକୁ ହଜାଇ ଦେଲା । ସେହି କଥା ମନେ ପଡ଼ିଯିବା କ୍ଷଣି, ଗଧା ନିଜର ଅସ୍ତିତ୍ୱ ଭୁଲିଗଲା । ସେ ସେ ସ୍କୁଲ

Digitized by srujanika@gmail.com

ହତା ବାହାରେ ବରଗଛ ମୂଳରେ ଠିଆ ହୋଇଛୁ, ଏ' ଧାରଣା ତା'ର ରହିଲା ନାହିଁ । ସେ ଭାବନାର କେଉଁ ଅଥଳ ଦରିଆରେ ଭାସି କପରି ମକରାଠ ହାଡ଼-ଗୋଡ଼ ଚୂନା କରି, ତା' ମରଦପଣିଆ ଚଖେଇ ଦେବ, ସେଇ ଚିନ୍ତାରେ ଉବେଇ ଟୁବେଇ ହେବାକୁ ଲାଗିଲା ।

ମକରାକୁ ଜୀବନସାରା ମନେ ରଖିବା ଭଳି ପାଠଟିଏ ପଢ଼େଇବା ଲାଗି ସେ ମନେ ମନେ କେତେ ପ୍ରକାର ଯୋଜନା କରି ବସିଲା । ସେଇ ଭାବନାର ସୁଅରେ ଭାସି ଭାସି ସେ ଏତେ ଦୂର ଆଗେଇ ଗଲା ଯେ, ସମସ୍ତ ସମ୍ବନ୍ଧରେ ତା'ର ଧାରଣା ରହିଲା ନାହିଁ ।

ନୂଆଁଉ, ତୁମେ କେତେବେଳୁ ଏ'ଠି ଠିଆ ହେଇଚ ? ସ୍କୁଲ ଆମର ଛୁଟି ହୋଇଗଲାଣି···" । ଛୁଆ ଦୁହିଁଙ୍କ କଥା ଶୁଣି ଚହଙ୍କି ଉଠିଲା ପରି ଚମକି ପଡ଼ିଲା ଗଧା—"ହଉ, ସ୍କୁଲ, ଆଃ···କେତେବେଳ ହୋଇଗଲାଣି···ଉଃ··· ସେମାନଙ୍କ ଦଶା କ'ଣ ହେବନି..." !

ଗଧା ପିଲା ଦୁହିଁଙ୍କି ପିଠିରେ ପକାଇ ପବନ ବେଗରେ ଉଡ଼ିଗଲା ଘରକୁ । ଘରୁ କନ୍ଧାବନ୍ଧ ହୋଇ ଥୁଆ ହୋଇଥିବା ତସଲାଟିକୁ ମୁଣ୍ଡରେ ଓ ହାତରେ ପାଣି କଳସୀଟିକୁ ଧରି ଘର ଦୁଆର ବନ୍ଦବାନ୍ଦ କରି ସେ ଏକମୁହାଁ ହୋଇ ଧାଇଁଲା ବିଲ ଆଡ଼େ ।

ଶେଷରେ ଆଉଟୁ ପାଉଟୁ ହୋଇଥିବା ପିଲା ଦୁ'ଟା ଗଧାର କଦମା ଚାଲିରେ ପାଦକୁ ପାଦ ମିଶାଇ ଚାଲି ପାରିଲେ ନାହିଁ । ସେ ଦୁହେଁ ଛେଳି ଦୁଇଟିକୁ ଧରି ଗଧାର ପଛେ ପଛେ ଧାଇଁ ଧାଇଁ ଚାଲିଲେ । ଶେଷକୁ ଖେତରା ପାଟି କରି କହିଲା—"ନୂଆ'ଉ, ଆମେ କ'ଣ ତୁମ ଚାଲିଲେ ଦୌଡ଼ି ପାରୁଛୁ କି ? ମୁଁ ଯାଇ ମାଆକୁ କହିବ ଯେ, ଆଜି ଆମ ଇସ୍କୁଲକୁ ଯାଇବ ଆସିଥିଲାରୁ ଏତେ ଡେରି ହେଲା । ନୂଆ'ଇ ଦୁ'ଦୁ'ଥର ଯାଇ ଇସ୍କୁଲରୁ ଫେରି ଆସିଚି । ଶେଷକୁ ସେ ବରଗଛ ମୂଳରେ ଠିଆ ହୋଇ ରହିଲେ ଛୁଟିହେଲା ଯାଏଁ···" ।

କିନ୍ତୁ ଖେତରା ବା ଚମ୍ପୀର କଥା ଶୁଣିବା ପାଇଁ ଗଧାର ତର ସହିଲା ନାହିଁ । ସେ ତା'ର ଗୁଣ୍ଡୁଣୀ ହାଣ୍ଡି ପରି ଦେହଟାକୁ ହଲେଇ ଦୁଲେଇ ଢ'ଢ ହାତିଆ ପାହୁଲ ପକାଇ ଆଗେଇ ଗଲା ବିଲ ଆଡ଼କୁ ।

କିନ୍ତୁ ହେଲା କ'ଣ ଫଳ ? ଏତେ ଉତ୍ସାହ, ଆବେଗ, ଅଭିମାନ ତଥା ଅପମାନର ଜ୍ୱାଳା ସହି, ସେ ଖାଇବା ଜିନିଷ ନେଇ ଧାଇଁ ଆସୁଥିବା ବେଳେ,

Digitized by srujanika@gmail.com

ତାଙ୍କୁ ରଜୁ ସ୍ୱାଗତ ଜଣାଇଲା ଠେଙ୍ଗା ପାହାରରେ···! ହାୟରେ ଭାଗ୍ୟ...!! ହାୟରେ ଫଟା କପାଳ !!!

—୦—

॥ ତିନି ॥

'ବାଘ ମାଡ଼ ଦେଖି କୋଳଥ ଚେପା' ପରି ରଜୁର ମାଡ଼ ଦେଖି ବୁଆ ବହେଁ ଯାଇ ମାଆଙ୍କୁ ଜାବୁଡ଼ି ଧରିଲେ । ସେ ଦୁହେଁ ଏତେ ଡରି ଯାଇଥିଲେ ଯେ, କେତେ କଥା କହିବେ ବୋଲି ବାଟସାରା ମସୁଧା କରି ଯାଇଥିଲେ ହେଁ ତାଙ୍କ ପାଟିରୁ ପଦଟିଏ ହେଲେ କିଛି ବାହାରିଲା ନାହିଁ ।

ସତେ ଯେମିତି କିଛି ହୋଇ ନାହିଁ, ରାଧା ରଜୁର ମାଡ଼କୁ ଆଦୌ ଖାତିର ନ କରି ଖାଇବା ଜଳଖିଆତକ ତଳେ ଥୋଇଦେଇ, ଲୁଗାପଟା ସଜାଡ଼ି ନେଇ, ଖାଦ୍ୟତକ ବାଢ଼ିଦେଲା । ରାଧାର ବ୍ୟବହାରରେ ରଜୁ ଏକାବେଳେକେ ଚହଲି ଉଠିଲା । ସେ ମନେ ମନେ ଖୁବ୍ ପସ୍ତାମିଯାଇ, ଆକାଶ ପାତାଳ କେତେ କ'ଣ ଭାବିବାକୁ ଲାଗିଲା—'ବିନା କାରଣରେ ରାଧା କେବେହେଲେ ଡେରି କରି ନଥା'ନ୍ତା ! ମୁଁ ଖାଲି ମିଛଟାରେ ତାଙ୍କୁ ହାତ ଉଠେଇ ଦେଲି ସିନା, କିଛି ନା କିଛି ଗୋଟାଏ କାରଣ ଥିବ' । ମନେ ମନେ ସେ କେତେ କ'ଣ ଭାବିଗଲା କିନ୍ତୁ କୌଣସି କାରଣ ଖୋଜି ପାଇଲା ନାହିଁ ।

ଶେଷରେ ରଜୁ ମନକୁମନ ଚଢ଼ି ଉଠି ଭାବିଲା—'ହଃ···ଅଃ···କିଛି ଗୋଟାଏ ହୋଇଯାଇଛି···! ତା' ବୋଲି ଏ' ମତ୍ତଗର୍ବୀ ମାଇକିନାଟା ମୁହଁ ଖୋଲି କିଛି କହିବ ନାହିଁ ? ଏ' ବି କମ୍ ହାରାମଜାଦୀ ନୁହେଁ ! ଠିକ୍ କଥା ସେଦିନ କହୁଥିଲା—ତାଙ୍କ ଗାଁ'ର ଭରଡିଆ—"ବଡ଼ ବଦ୍‌ମାଗଣିଟେ, ଯା' ବୁଝିଥିବ ସେଇଆ । ଖାତିର୍ ନାହିଁ କାହାରିକି···! ଯା' ଆସିଲା ମୁହଁକୁ ବକି-ଯିବ, ନଇଲେ ପଥର ପରି ଗୁମ୍‌ମାରି ବସିଯିବ ଯେ, ଆଉ ହଲଇବାକୁ କାହା ବାପର ସାଧ୍ୟ ନଥିବ' ।

ରଜୁ ଗୁମ୍ ହୋଇ ଖାଇ ଚାଲିଛି···। ମଝିରେ ମଝିରେ କଣେଇ କଣେଇ ରାଧାକୁ ବି ଚାହୁଁଛି । କିନ୍ତୁ ରାଧା ରଜୁ ଆଡ଼କୁ ନ ଚାହିଁ, ଶାଶୁ ଓ ଦିଅରଙ୍କ କଥାକୁ କାନ ଡେରିଲା ପରି ବସି ରହିଥାଏ । ଖେତର ପାଟିରେ ଗୁଣ୍ଡାଏ ଘିଚ

Digitized by srujanika@gmail.com

ଦେବ ଦେଇ, ଦନ୍ତକଡ଼ରୁ ସଉକାଏ ହାମ୍ପୁଡ଼ ନେଇ କହି ଗ୍ଲଥାଏ—"ମାଆ ଆଜ ନୂଆ'ଭ କ'ଣ କମ୍ ହରକତ୍ ହେଉଛନ୍ତି କ ? ଅମ ଇସ୍କୁଲ୍‌କୁ ପଗ ଦ' ତନଥର ଯାଇଚ । ଆମେ ଅସିବୁ କମିତ··· ? ସାଇବ ପଗ ଆସିଥିଲ, ମାଷ୍ଟ୍ରେ ଛୁଟି ଦେଲେନ୍ତି ଜମାରୁ···"।

ଚମ୍ପୀ କେତେ କଥା ଭାଇକୁ ପଗ୍ଚରବ ବୋଲ ମନେ ମନେ ଭାବଥିଲ । କନ୍ତୁ ଭାଇର ହନୁମାନ୍ ରୂପ ଦେଖି ତା' ପିଳେହି ପାଣି··· । କଛି ସମୟ ଗଲରୁ ସେ ବେଶ୍ ଦ'ଗ୍ଚର ଗ୍ରଣ୍ଡା ଖାଇସାର କହିଲ—"ଭାଇ, କହିଲୁ—ସେ ସାଇବଟା ଗୋଟେ ପାଛୁଆକୁ ଓଲଟେଇ ମୁଣ୍ଡରେ କାଇଁକ ଦେଇଥିଲ ଯେ···" ?

ଚମ୍ପୀ କଥା ଶୁଣି ସମସ୍ତେ ଠୋ' ଠୋ' ହୋଇ ହସି ଉଠିଲେ । ମୁହଁ ଧାନ ଓସୁଁଆ ହାଣ୍ଡି ପର କଣ ବସିଥିବା ଗଧା ବ ଖିଲ୍‌ଖିଲ୍ ହୋଇ ହସିଦେଲ ।

ଗଧାର ମୁହଁରେ ହସ ଦେଖି, ଗଜ୍ ମନେ ମନେ ଶାନ୍ତିରେ ନିଃଶ୍ୱାସଟିଏ ମାରିଲ । ସେ ହସକୁଟା ଗଧା ମୁହଁରେ ଆଉଥରେ ହସ ଫୁଟାଇବା ଆଶାରେ କହିଲ—"ଏ' ବେଅକଲଆ ମାଷ୍ଟ୍ରଟା ଦନେ ନା ଦନେ ମୋ' ହାତରୁ ଖାଇବ ନର୍ଘାତଆ ଗୁପୁଡ଼ା···" ।

ଦେବ ଭୂପୁଁ । ନଜେ ବ କମ୍ ଗୁଣ୍ଡା ନଥିଲ··· । କନ୍ତୁ ଅଯଥାରେ କଣ୍ଟା-ବାଡ଼ରେ ଲୁଗା ପକାଇ କଳ କରବା ତା'ର ସ୍ୱଭାବ ନଥିଲ କମ୍ବା ଦରକାଯା ଲୋକଙ୍କ ସହିତ କୁସପାଂଡ ହେବାକୁ ଆଦୌ ଚେଷ୍ଟା କରୁ ନଥିଲ । ବରଂ ଅଡ଼ୁଆ ଖିଅ ସଜାଡ଼ ଦେଇ ସେ ଘଟଣାଟିକୁ କୌଣସି ମତେ ମେଣ୍ଟେଇ ନେଉ-ଥିଲ । ତେଣୁ ଗଜ୍‌ର ହମ୍‌ବଡ଼ା କଥାରେ ସେ ବାଧା ଦେଇ କହିଲ—"ହଃ··· ତା'ର କଉଁ ଗୁଡ଼ଦରେ କଦା ଲଗିଚଲେ କ ? ଦନେ ଅଧେ ଏମିତଆ କ'ଣ ହୁଏନ···" ?

"ପାଠଶାଠର ତ ନାଁ' ନାଇଁ···ଖାଲ ଛୁଆଗୁଡ଼ାକୁ ଲଗେଇ ଗଣ୍ଡିଳ ସାଇତବା ସେ ମାଷ୍ଟର୍‌ର କାମ । ସାଗଦନ ଛୁଆଗୁଡ଼ାଙ୍କୁ ହନ୍ତସନ୍ତ କର, କଅଣ ନା···ପାଠ ପଡ଼ଉଚ··· । ଏଥିରେ କା' ହାଡ଼ ଜଳବ ନାଇଁ ଯେ···" ? ବୁଢ଼ୀ ମନେ ମନେ ଗାଁ' ମାଷ୍ଟର୍‌ଟା ଉପରେ ରକ୍ତଗୁଡ଼ଳ ଗ୍ଲେବାଉ ଥିଲ । ସେ ବୁଢ଼ୀର କଥାକୁ ମନେ ମନେ ସମର୍ଥନ କରୁଥିଲେ ବ, ମାଷ୍ଟର୍ ଉପରେ ଥିବା ତା' ମନର ଅକଟ୍ ମେଣ୍ଟାଇଁ ନେବା ଉଦ୍ଦେଶ୍ୟରେ କହିଲ—"ବଉଡ଼ ପାକଟେ ସେ···କା' ଘରେ କଅଣ ଅଛି, ତା' ଆଖିରେ ସବୁ ଜଳୁଛି । ସେଦନ ପଗ ଖେତଗକୁ

Digitized by srujanika@gmail.com

ପଠେଇଲା—"ଯା···ତୁମ ଘରେ ପଗ ଭଲ ବନ୍ଧା ହୁଏ, ଠେକଏ ଆଣିଲୁ"··· । ସମସ୍ତଙ୍କ ସବୁ ଜିନିଷ ଉପରେ ଲୋଭ··· । ଆଉ ଯିମିତି ଦୁନିଆରେ ମାଷ୍ଟର୍ ନାହାନ୍ତି" !

ପ୍ରକୃତରେ ଗଜୁଆର ମାଷ୍ଟର୍ ସାଥିରେ ସେମିତି କିଛି ଅଦଉଛା ନଥିଲା । ସେ ଯା' କିଛି କହୁଥିଲା—କେବଳ ଗଧାକୁ ଖୁସି କରିବା ପାଇଁ । କାରଣ, ଗୋଟେ ମୂର୍ଖ ଗରମିଆ କାମକରି ଦେଇଛି ତ, କରିବ ଆଉ କଅଣ ? ସେ ବାରମ୍ବାର ଗଧା ଆଡ଼କୁ ଚାହୁଁଥିଲା । କିନ୍ତୁ ଗଧା କ'ଣ ସହଜେ ଚାହିଁବାବାଲା ! ସେ କମ୍ ଫୋକଟବାଜ୍ ନୁହେଁ । କିଛି ନ ବୁଝି ନଶୁଝି ମାଉ··· !

କିନ୍ତୁ ଗଜୁର ଏକାଜିଦ୍ ଗଧାକୁ ସେ କୌଣସି ମତେ ଖୁସି କରିବ । ଆଖିରେ ଆଖିରେ ତା'ଠାରୁ କ୍ଷମା ମାଗିନେଇ ନିଜ ମନକୁ ବୋଧ କରିବ । ତେଣୁ ସେ ଆଉ ଗୋଟିଏ ଅସ୍ତ୍ର ଛାଡ଼ିଦେଇ କହିଲା—"ଆଜି ତା' ଭାଗ୍ୟ ଭଲ, ତା' ମାଆ ଦୁଣିଆ ପୂଜିଥିଲା । ନଇଲେ ମୁଁ ଆଜି ଯନ୍ଦ ଘରେ ଥାଆନ୍ତିନା, ତା' ଶଙ୍କିଟାକୁ ଚପି ଦେଇଥାନ୍ତି···"

ଗଧା ଆଉ ନିଜକୁ ଆୟତ୍ତ କରି ପାରିଲା ନାହିଁ । ସେ ଶାଶୁ ଶଶୁରଙ୍କୁ ଲାଜ ନକରି, ଗର୍ଜି ଧୂମ୍ବର ହେଲା ପରି କହିଲା—"ହୁଁ···ମଁ··· ଦେଖିଛି କେତେ ସେ ବାହାଦୁରୀ···ଚାଲି ନ ଜାଣଇ ପାଇକ ଆଗେ, ଝାମ୍ପ କରୁଥାଇ ମାଈପ ଆଗେ···ସେ ଶୁଣିଲା କଥା ଗୁଡ଼ାକ ଅଣ୍ଟିରେ ଖୋସି ରଖ···" ।

ଗଜୁଆ ଛାତିରେ କରତ ଚାଲିଗଲା ପରି ତାକୁ ବୋଧ ହେଲା । ସିଂହ ଛୁଆ ଶିକାର ଉପରକୁ ଠିକ୍ ବେଳଉଣ୍ଡି କୁଦା ମାରିବା ପରି ସେ କହି ଉଠିଲା—"ତୁ ମତେ କ'ଣ କରି ପାରିବୁ କି ? ତୁ କ'ଣ ଭାବଚୁ ମୁଁ ଅଣପୁରୁଷ ···?"

ଯେଷାକୁ ତେଷା ପରି ନ'ଠ ଜବାବ ଦେଇ କହିଲା ଗଧା—"ମ'ର ଯୁଗ ପଡ଼ ମରିଚ, ମୁଁ କାହିଁକି କଇବ···? କହିବା ଲୋକ ଗୋପରେ ବଡ଼ ଚନ୍ତ···"।

"କହିଲୁ·· କହିଲୁ ତା' ନାଁଆ; ଏଇଠି, ତୋ'ର ଆଗରେ ଯନ୍ଦ ତାକୁ ଠିଆ ଚିରା ନ କରେଇଚି, ମୁଁ ବାପାର ପୁଅ ନୁହେଁ···"।

"ଏଁ···ଏଁ···" ଗଜୁର କଥାରେ ବାଧା ଦେଇ କହିଲା ବୁଢ଼ୀ—"କଥା କହିଲା ବେଳେ ପୁଅର ପାଟିରେ ବାଟୁଳି ବାଜୁନା···। ଠିକେ ଭାବି ଚିନ୍ତି କଥା କ'···"।

"ନା···ନାଃ···ତାଙ୍କୁ କହିବାକୁ ଛାଅ ମା'···। ବାହାଦୁରୀ କଥା କହିବା ଅଲଗା, ତାକୁ କାମରେ ଲଗେଇବା ଅଲଗା । ହାତୀର ଦାନ୍ତ ଠାରୁ ମରଦ

Digitized by srujanika@gmail.com

ପୁଅର କଥା ଆହୁର ଟାଣ ହେଲେ ଯାଇ, ସେ ମରଦ···ନଇଲେ···ସେମିତି କେତେ ଗଧିଆ ବଣରେ ହୁଲ୍ଲା ଦଉ ନାହାନ୍ତି କି ?" କଡ଼ା ଘାଆରେ ଚୂନ ବୋଳିଦେଲା ପରି କହିଦେଲା ଗଧା ।

ଗଧାର ଶେଷ କଥା ପଦକ ଶୁଣିବା ମାତ୍ରେ ଦେବା ଭୂୟାଁ । ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ । ସେ ନିଶରେ ଲାଗିଥିବା ଦହିକଡ଼ିକୁ ପୋଛୁ ପୋଛୁ କହିଲା—"କମ୍ କଥା ତୁ କଉନୁ ବଉ ! ଭୂୟାଁ ବଂଶର ଯୁଆନ ମରଦ୍ କଥା ଦେଇ ପଛକୁ ହଟିବାବାଲା ନୁହଁନ୍ତି । ଆଜି ଏଇ ବୁଢାଟାକୁ ଯେମିତି ସିଧା ସାଦା ଦେଖୁଚ୍, ସେ ଏତେ ସୁଧାର ଗାଈ ନୁହେଁ ଲୋ ମା'···! ଏଇ ଦେବା ଯେଉଦିନ ଗୁହୁଁ ଗୁହୁଁ...''ଟିକିଏ ଅଟକି ଯାଇ କହିଲା ବୁଢ଼ା—"ଦିନ ଦି'ପହରେ ଆଖି ଭିଙ୍ଗିଲା ପରି ସେ ଗଉଡ ଟୋକାକୁ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେବା ବାଲା ଏଇ ଲୋକ...'' !

ତାତିଲା ଲୁହାରେ ବେଳକାଳ ଜାଣି ପାହାର ଦେବାପରି, ଗଧା ମନର ଅକସ୍ ମେଣ୍ଟାଇ ନେବାପାଇଁ ଶଶୁରକୁ ଜବାବ୍ ଦେଇ ନରମ ଗଳାରେ କହିଲା—"ପୁରୁଣା କାଳର କଥା ସତ ହୋଇଥିବ । ଅତେରୁ କ'ଣ ଘଟିଯାଇଛି ଏବକାର ବହୁମାନେ ତା' ଜାଣିବେ କେମିତି ? ଆଖିରେ ଦେଖିଲେ ସିନା ପରତେ ଯିବ ମଣିଷ···କଥାରେ ଅଛି—ଯା' ନ ଦେଖିବ ଦୁଇ ନୟନେ, ପରତେ ନ ଯିବ ଗୁରୁ ବଚନେ···''।

"ଗମ···ଗମ···, ତୁ କ'ଣ ଯେ ବକି ଯାଉଚୁ ବଉ, ତୁ ଜାଣିପାରୁନୁ"। ନିଜର ପାଚିଲା ନିଶକୁ ମୋଡ଼ି କହିଲା ଦେବ ଭୂୟାଁ—"ବଡ଼ ବଡ଼ଆଙ୍କ ଆଗରେ କଥା କହିଲା ବେଳେ ଦବକି କରି କହିବା ଉଚିତ" ।

"ମଲା···ଏ' କି ହେଲିକି··· ? ଶଶୁର କଥାରେ ନଠ୍ ଜବାବ୍ ଦଉଚୁ ଟିକେ ଲାଜ ସରମ୍ ବି ନାଇଁ···''। ଚହିଁକି ଉଠିଲା ପରି କହିଲା ବୁଢ଼ୀ ।

"ହୁଁ···ଧୀରେ ଧୀରେ ମୁହଁ ବଢିଯାଉଚି...ଦେଖୁଚ...। ଏଠି ବାପଘର କଣ ପାଉଚୁ କି ? ଜାଣିଚୁଟିକି...ଦିନ ଦି'ପହରେ ସରଗର ତରା ଗଣେଇ ଦେବି···'! ଚିତାବାଘର ଲାଙ୍ଗୁଳଟା ଧରି କିଏ ଟାଣିଦେଲା ପରି ଗର୍ଜି ଉଠିଲା ରଜୁ ।

ଗଧା କ'ଣ ସହଜେ ହଟିଲାବାଲି ଝିଅ...। ସେ ବି ତମ୍ପ ଲାଞ୍ଜରେ ହାତ ମାରିଦେଲା ପରି ଫୁଁ...ଅଁ...କରି କହି ଉଠିଲା—"ବାପ ଘରର କଣମତ

Digitized by srujanika@gmail.com

ଦେଖଇବାର ହୋଇଥିଲେ, ଆଜି ଗଧାକୁ ହିହଳା କଥା କହିଦେଇ ଟୋକା ପାର ପାଇ ଯାଇ ଥାଆନ୍ତା ! ହି' ଗୋଡ଼କୁ ଧରି ହି'ଫାଳ କରି ଫାଡ଼ ଦେଇ ନଥା'ନ୍ତି...'' ।

''କିଏ କ'ଣ ବେ'ଣ୍ଟିକ କହିଲା କି ବଦ୍ରୁ ? ନାଁ... କିଏ ଟୋ' ଦେହ...'' । ହଠାତ୍ ଜଳନ୍ତା ନିଆଁରେ ପାଣି ପଡ଼ିଲା ପରି ନରମି ଯାଇ କହିଲା ଦେବଭୂୟାଁ ।।

ଶଗୁର ବୁଢାର ମନକଥା ବୁଝି ଥାଇ ଭଦ୍ରମାନ ଭଗ୍ର ନରମ ସ୍ୱରରେ କହିଲା ଗଧା—''ସେ ପୁଅ ଏ ଗାଁ'ରେ ଜନ୍ମ ହୋଇ ନାହାନ୍ତି ବାପା ! ଗଧା ହିହରେ ହାତ ଲଗେଇ ନଖଣ୍ଡ ହୋଇ ଫେରିଯିବ ? ମୁଁ କେବଳ ତୁମରି ବଂଶର ମାନ ମହତକୁ ଜଗି ଗ୍ରୋପଗ୍ର ଟୋକାର ଟାହିଲିଆ କଥା ଶୁଣି ରକତ ଗୁଡ଼ଳ ଗ୍ଳେବେଇ ରହିଗଲି । ମୁଁ ଯଦି ଆଜି ସେ ଛତରକୁ ମଜା ଚଖେଇ ଦେଇଥାନ୍ତି, ତୁମେ କଣ କହିଥାନ୍ତ—ବଦ୍ରୁଟା ଆମ ମୁହଁରେ ଚୂନକାଳୀ ବୋଲି ଦେଲା ? କି ସ୍ତ୍ରୀନିମାନିଆ ଘରର ହିଁ ଅଟେ...ଆମ ମାନ ମହତ ପଦାରେ ପକାଇ ଦେଲା...! ମାଲିକ ବସି ଥାଉଁ ଥାଉଁ ଗ୍ଲର ମାଇକିନାରେ କ'ଣ ବା କରିଥାନ୍ତି । ଦେଖେଁ ...କେଉଁ ପାଣି କେଣିକି ଯାଉଚି'' ?

ବୁଢ଼ା ସେ ଲୋକଟାର ନାଁ ଜାଣିବା ଲାଗି କଅଁଳେଇ କରି ପଗ୍ରରିଲା—କହୁନୁ ମା' ସେ କିଏ'' ?

''ଯାହାକୁ ଯମ ଡାକରା ଦେଇଥିବ, ସେଇ ହୋଇଥିବ...'' । ଗର୍ଜି ଉଠିଲା ରଜ୍ଜୁ ।

ଗଧା କଥାଟାକୁ ଆହୁରି ମୋଟ କରିବା ଇଚ୍ଛାରେ ରଜ୍ଜୁ ଆଡ଼କୁ ଆଡେ଼ଇ ନଗ୍ରହିଁ କହିଲା—'' ତାକୁ କାଇଁକି ଯମ ଡାକରା ଦେବ ଯେ ? ତା' ମନ ତ ଆନନ୍ଦରେ କୁଲୁଗ୍ର ଉଠୁଥିବ...'' ।

ରଜ୍ଜୁ ଗ୍ଲତି ଫୁଲାଇ ନିଜର ପୌରୁଷତ୍ୱ ଦେଖାଇ କହିଲା—''ଶିଆଳର ମରିବା ବେଳ ଆସିଗଲେ, ସେ ଗାଁ, ସୀମାନାକୁ ମାଡ଼ି ଆସି ଉତ୍ପାତ କରେ ! ଯିଏ ଭୂୟାଁ ବଂଶର କୁଳବୁଆଣୁଣୀକୁ ଛୁଗୁଲେଇ କରି ଟାହିଲା କରିଚି, ତା' ମୁଣ୍ଡରେ କୁଆ ବସିଲାଣି ବୋଲି ଜାଣ...'' ।

''ଏତେ କଥା ଇଆଡ଼୍ ସେଆଡ଼୍ କାହିଁକି ଗ୍ଲଳିଚୁ ଯେ...''? ବୁଢ଼ୀ କବୁଲେଇ କରି ପଗ୍ରରିଲା ଗଧାକୁ—'' ତୁ ସଫା ସଫା କହି ଦେଉନୁ, ସେ ଲୋକଟା କିଏ ଯେ'' ?

Digitized by srujanika@gmail.com

"ଆଉ କିଏ ହବ···? ଗାଁଆଟା ଯାକ ଯା ନାଁରେ ଉଠୁଚ ପଡୁଚ। ସେଇ ବାଡ଼ପଣା ମକର୍‌···" !

"ଏଁ···କିଏ ସେ ? ମକର୍‌···?? ସେଇ ଉଠାଗଣ୍ଡି ଆ ବେଣିପୂର୍‌ଅଟା···?‌?" ସତେ ଯେପରି ଦେବାଲ୍ଲୁଯୁଁ ।ର ପାଟି ଆପା ଆପା ମାଣିଗଲା ।

ଋଧା ଆଉ ମୁହଁ ନ ଖୋଲି ମୁଣ୍ଡ ହଲାଇ ଇଶାରାରେ ଜଣାଇ ଦେଲା ଏବଂ ରାଜୁଆ ଆଡକୁ ମୁହଁ ଟେକି ତା'ର ମନୋଭାବ ଜାଣିବାକୁ ଚୁହିଁ ରହିଲା ।

ରାଜୁର ଆଖି ଆଗରେ ନାଚି ଉଠିଲା ମକରର ସବୁଯାକ ଅପକର୍ମ ।

ମକରର ଜନ୍ମସ୍ଥାନ ଥିଲା–ବେଣୀପୁର । ପିଲାଟି ଦିନରୁ ତା' ବାପା ମାଆ ମରି ଯିବାରୁ, ସେ ଆସି ଏଇ ଗାଁଆରେ ତା' ମାମୁଘରେ ରହୁଥିଲା । ଏଇଁ ଗାଁଆରେ ଗଲା ପଚିଶ ତିରିଶ ବର୍ଷ ହେଲା ରହିଲାଣି । ଏବେ ସେ ଗାଁଆରେ ଗୋଟାଏ ଷଣ୍ଢମାର୍କା ଟୋକା । ତା' ନାଆଁ ଶୁଣିଲେ ଗର୍ଭିଣୀ ଗାଈ ବାଟ କାଟି ଆଡେଇ ହୋଇଯାଉଛି । ଯେତେ ବଡ଼ ଯେତେ ପ୍ରକାର ଅପକର୍ମ ଅଛି, ମକର ସବୁ କିଛି କରି ପାରୁଛି । ଦି' ଦି'ଥର ହଳଦିଆ ଭାତ ଖାଇ ଫେରି ଆସିଲାଣି । ଆଖପାଖ ଗାଁ' ଗଣ୍ଡାରେ ଯେତେ ଯେଉଁଠି ଚୋରି, ବାଟମାରି, ସିନ୍ଧି ଓ ଡକେଇତି ହେଉଛି–ସବୁଥିରେ ମକରର ହାତ ଅଛି ବୋଲି ଲୋକେ କୁହାକୁହି ହେଉଛନ୍ତି ।

ମକର ତା'ର ପହିଲା ସ୍ତ୍ରୀକୁ ମାରି ପିଟି ଗହଣାଗାଣ୍ଠି ଦି'ଖଣ୍ଡ ଛଡ଼ାଇ ନେଇ, ଘରୁ ବାହାର କରିଦେଲା । ସେ ବାପଘରେ ଯାଇ ଆଉ ଜଣକୁ ସୁଆଁଅ ହେବାରୁ, ମକର ଦିନେ ସୁଯୋଗ ଉଣ୍ଡି, ସେ ଲୋକଟାର ଘରପୋଡ଼ି ଦେଲା । ତା'ର ଦ୍ୱିତୀୟ ସ୍ତ୍ରୀ ଦେଡ଼ ବର୍ଷର ପୁଅଟିକୁ ଧରି ଏଇ ଗାଆଁ ଦାଣ୍ଡରେ କାନ୍ଦି କାନ୍ଦି ବାପ ଘରକୁ ଯାଇ କପାଳକୁ ଆଦରି ଦିନ କାଟୁଛି ।

ଏବେ ତିନି ବର୍ଷ ତଳେ, କୁଆଡ଼େ କେଜାଣି, ମକର ଆଉ ଗୋଟିଏ ମାଇକିନିଆ ଆଣି ଘରେ ରଖିଛି । ପହିଲେ ଆସିବା ବେଳେ ସେ ମାଇପିଟି ମନେ ହେଉଥିଲା–କୌଣସି ଗୋଟିଏ ବଡ ଘରର ବୋହୂ ହୋଇଥିବ । ଚେହେରାଟି ଥିଲା ତା'ର ସରଗର ଅପସରୀ ପରି । ଦେହରେ ସୁନାଗହଣା ଗୁଡ଼ାଇ ହୋଇଥିଲା । କି ସୁନ୍ଦର ଚେହେରା, ଡାହାଣୀ ଦେଖିଲେ ଲୋଭ କରିବ । କିନ୍ତୁ ଏବେ ତା' ଚେହେରା ଶୁଖି କଳାକାଠ ପଡ଼ିଗଲାଣି । ଦେହରେ କଳାଫିଟା କେବଳ ଝୁଲୁଛି । ଆଜିକାଲି ଯାଇ ମାଇପେ ତାକୁ କିଛି ପଚାରିଲେ, ସେ କିଛି

Digitized by srujanika@gmail.com

ଉତ୍ତର ନ ଦେଇ ଖାଲି ଧୀର ଶ୍ରାବଣ ପରି ଆଖିରୁ ଲୁହ ଝରାଇ ନିଜ କପାଳରେ ହାତ ମାରୁଛି । ସେ ମାଇପିଟି କେଉଁ ଗାଆଁର, କିପରି ମକରା ସାଙ୍ଗରେ ଆସିଲା, ସେ ବିଷୟରେ କେହି କିଛି ଜାଣି ନଥିଲେ ସୁଦ୍ଧା ଯେତେ ମୁଣ୍ଡ ସେତେ ପ୍ରକାର ଅନ୍ଦାଜିଆ ଗୁଣ୍ଡିବାଇଦ ଗାଁ'ରେ ହୁଲୁସ୍ଥୁଲ ହୋଇଛି ।

ଏବେ କିନ୍ତୁ ମକରାର ଧୂଆ ମାସ ପଡ଼ିଯାଇଛି । ଯୁଦ୍ଧ ଲାଗି ଯିବାରୁ, ଚାରିଆଡ଼େ ମହରଗ, ଅନାଟନ, ଚୋରୀ, ଡକାୟତି ସବୁଦିନେ ଲାଗିରହିଛି । ପୋଲିସ୍ ବାଲାଙ୍କର ରାଇଜ । ଯେ ପୋଲିସ୍‌କୁ ହାତ କରି ପାରିଲା, ତା'ର ପୋ'ବାର ତେର । ମକରା ଏବେ ସେଇବାଟ ଧରିଛି । ପୋଲିସ୍ ସହିତ ସଲସୂତର କରି, ସେ ବେଶ୍ ହାତଚିକ୍‌ଣ କରୁଛି । ଦି' ଚାରିମାସରେ ପୋଲିସବାବୁମାନେ ଏଆଡ଼େ ଗସ୍ତରେ ଆସିଲେ, ସେମାନଙ୍କ ଆଡ୍ଡା ହେଇ ମକରାର ଘରେ । ଖିଆ ପିଆ, ଆଉ ଆଉ ପ୍ରକାରର ମଉଜ ମଜଲିସ୍ କରିବାରେ ଯାହା ଯାହା ଦରକାର ମକରା ସବୁ କିଛି ଖଞ୍ଜାଇ ଦେଇ ଏବେ ପୋଲିସବାଲାଙ୍କର ଗେହ୍ଲାପୁଅ ବନି-ଯାଇଛି ।

ଏଇତ, କାଲିକା କଥା, ପାଖ ଗାଁଆରେ ଗୋଟିଏ ଚୋରୀ ହୋଇଗଲା । ପୋଲିସ୍ ଆସି ସନ୍ଦେହରୁ ଚାରିଜଣ ନିରୀହ ଲୋକଙ୍କୁ ବାନ୍ଧି ନେଇଗଲେ । କିନ୍ତୁ ଦି'ଦି'ଥର ସଜା ଭୋଗିଥିବା ମକରା ନିଶରେ ହାତ ମାରି ଛାତି ଫୁଲେଇ ଗାଁ'ରେ ବୁଲୁଥିଲା । ପୋଲିସ୍ ତା'ରି ଘରେ ରାତି ମଉଜ୍ ମଜଲିସ୍ କରି ଫେରିଗଲେ । ତେଣୁ ଗାଁ'ଲୋକେ ଭାବିଲେ—ମକରାର ଚରଗୁଣ ମାଫ୍, ତା'ର ଆଉ କେହି କିଛି କରି ପାରିବେ ନାହିଁ ।

ମକରାର ନାଆଁ ଶୁଣିବା ମାତ୍ରେ ଦେବାଭୂୟାଁ ନୀରବ ହୋଇଗଲେ । ତା' ପାଟିରୁ ଆଉ ଉଁ ··କି···ଚୁଁ···କିଛି ହେଲେ ବାହାରିଲା ନାହିଁ ।

ଦେବଭୂୟାଁ ଆଦୌ ମାଇଚିଆ ନଥିଲା । ସେ ବି ତା' ଯୁଆନ ବେଳେ ଚାହୁଁ ଚାହୁଁ ଗାଆଁଠାଯାକ ଲୋକମାନଙ୍କ ଆଖି ଆଗରେ ତା' କକାର ଶତ୍ରୁକୁ ଦି'ଗଡ଼ କରି ଗଣ୍ଡିରୁ ମୁଣ୍ଡ ଅଲଗା କରି ଦେଇଥିଲା । ଏବେ ବି ତା'ର ସେ କଥା ମନେ ଅଛି । ସେଦିନ ଦୋଳଯାତ୍ରା ଯାଗ ଗାଆଁର ଲୋକେ ଠାକୁରଙ୍କ ମେଲଣ ପଡିଆରେ ଏକଜୁଟ ହୋଇ ହୋଳି ଖେଳରେ ମାତିଥିଲେ । କଥା କଥାକେ, ଗଉଡ଼ ସାହିବାଲାଙ୍କ ସହିତ ଭୂୟାଁ । ସାହିଲୋକଙ୍କର କଳିକଜିଆ ଆରମ୍ଭ ହୋଇ-

Digitized by srujanika@gmail.com

ଗଲା । କେଉଁ କାଳର ଶତ୍ରୁତା ସାଧିବାକୁ ଯାଇ ଦେବା ଭୀମା ଗଉଡ଼ଙ୍କୁ ବର୍ ଦାଣ୍ଡରେ ଧ'ଗଡ଼ କରି ତଳେ ଶୁଆଇଦେଲା ।

ଗଉଡ଼ ସାହି ସହିତ ଭୂୟାଁ ସାହିର ଶତ୍ରୁତା କେଉଁକାଳରୁ ଚାଲି ଆସୁଥିଲା । ଦି' ସାହିରେ ଲୋକେ ଛକା ପଞ୍ଝାରେ ଟାଙ୍କରହିଥିଲେ । କାହିଁ କେତେ ବର୍ଷ ତଳେ ଭୀମା ଗଉଡ଼ ଦେବାର କକାକୁ ନଈକୂଳର ବାଉଁଶ ବଣରେ ପିଟି ପିଟି ମାରି ଦେଇଥିଲା । ତା'ରି ପ୍ରତିଶୋଧ ନେଇଥିଲା ଦେବା ସେଦିନ । ବର୍ଷେ ଦି'ବର୍ଷ ପର୍ଯ୍ୟନ୍ତ ଯତ୍ନପୁରରେ ପୋଲିସ୍ ଗୁଇନ୍ଦା ଜଗିରହିଲେ । ମାମଲା ଚାଲିଲା, କିନ୍ତୁ ପ୍ରମାଣ ଅଭାବରୁ ସମସ୍ତେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ ।

ଦେବାର ଆଖି ଆଗରେ ସେ ଦୃଶ୍ୟ ଗୋଟି ଗୋଟି ହୋଇ ନାଚି ଉଠିଲା ।

କିନ୍ତୁ ସେଦିନର ଦେବା, ଆଉ ଆଜିର ଦେବା ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ! ସେଦିନର ଉଦ୍ଦଣ୍ଡ ଯୁବକ ଦେବା ଆଜି ଗାଁଆର ପାଞ୍ଚ ଜଣରେ ଜଣେ । ଗାଆଁର ହାନି ଲାଭ, ନ୍ୟାୟ ନିଶାପରେ ଦେବାକୁ ଡାକିବା ପଡ଼ୁଛି । ଗାଁ ମୁଖିଆଙ୍କ ମଧ୍ୟରେ ଦେବାର ସମ୍ମାନ କିଛି ମନ୍ଦ ନୁହେଁ । ଷ୍ଟେଟ କୋର୍ଟର ମାଲି ମାମଲାରେ ଦେବା ଭୂୟାଁର କଥାକୁ ସାରା ଗାଆଁର ଲୋକେ ତାରିଫ କରୁଛନ୍ତି । ସେ ଆଜି କାଲି ଚନ୍ଦ୍ରକଳା ପାଣିରେ ବି ଗୋଡ଼ ବୁଡ଼ାଉ ନାହିଁ । ଦେବାକୁ କେବଳ ଯତ୍ନପୁରରେ ନୁହେଁ, ଆଖପାଖ ପାଞ୍ଚଖଣ୍ଡ ଗାଁଆର ନ୍ୟାୟ ନିଶାପରେ ଡକରା ହେଉଛି । ଲୋକେ ଦେବାକୁ ବାହାବା କରୁଛନ୍ତି । ପବନର ଧାପ ଦେଖି ସେ ଠିକ୍ ଛତାଟି ଧରି ପାରୁଛି ।

ଦେବା ମକରର ନାଆଁ ବୋହୂ ମୁହଁରୁ ଶୁଣି, ନିତାନ୍ତ ଅସହାୟ ହୋଇ ଉଠିଲା । ସେ ଘଟଣାର ଗୁରୁତ୍ୱ ବୁଝିବାଲାଗି କଅଁଳେଇ କରି ରାଧାକୁ ପଚାରିଲା—"ମା', ସେ ଛତରଖିଆ ମକରା ତୋତେ କହିଲା କଅଣ" ?

ବୁଢ଼ାର କଥା ଶୁଣି ରାଧା ମୁଣ୍ଡର ଓଢ଼ଣାଟିକୁ ଆଉ ଟିକିଏ ଆଗକୁ ଟାଣି ଆଣି, ଶାଶୁ ଆଡ଼କୁ ମୁହଁ ବୁଲାଇ କହିଲା—"ବୋହୂକୁ କିଏ କ'ଣ ଗାଳି ମନ୍ଦ କଲା, ତା' କ'ଣ ବୋହୂ ମୁହଁରୁ ଶୁଣିଲେ, ତୁମକୁ ଭଲ ଲାଗିବ···" ?

ରାଧାର ପାଟିରୁ କଥା ଛଡ଼ାଇ ନେଇ କହିଲା ବୁଢ଼ୀ—"ଆରେ ମା', ଏ'ସବୁ ଖ୍ରାପରା କଥାଗୁଡ଼ାକୁ ଯେତେ ହଜମ କରିଯିବୁ ସେତେ ମଙ୍ଗଳ । ବୋହୂ ତୁ କଥାଟାକୁ ପେଟରେ ଲୁଚେଇ ରଖିଥିଲେ ଭଲ ହୋଇଥାଆନ୍ତା । ବେଳକାଳ

Digitized by srujanika@gmail.com

ଦେଖି ଆମେ ମକଗକୁ ଭଲ କର ପାନେ ଦେଇଥାଆନ୍ତେ । ତୁ କ'ଣ ସେ ବୁଝିକଲୁ'' ?

ବୁଢ଼ୀର କଥା ଶୁଣିବା ପରେ ସମସ୍ତେ ନୀରବ ହୋଇଗଲେ । ଖିଅପିଆ ସରିବା ପରେ ଆଉ ସେପରି କଥା କାମ ହୋଇପାରିଲା ନାହିଁ । ସମସ୍ତେ ଗୁମ୍ ମାରି ସେଇଠି ହିଡ ମୁଣ୍ଡରେ ବସି ରହିଲେ । କେବଳ ଟୁଂ.ହ'ଠା ଛେଳିଙ୍କୁ ଚରାଇ ପାଣି ପିଆଇ ଆଣି ତାଙ୍କରି ସହିତ ଖେଳିବାରେ ମାତିଗଲେ ।

ବୁଢ଼ା ମୁଣ୍ଡରେ ହାତ ଦେଇ ଦାଆରେ ଭୂଇଁ ଉପରେ କେତେ ନାଇଁ କେତେ ଗାର କାଟିଚାଲିଲା ଏବଂ ବୁଢ଼ୀ ବରଷା ଖୋଲମଗ୍ନ ହୋଇ ବସି ରହିଲା । କେବଳ ଗନ୍ଧୁଆ ମଝିରେ ମଝିରେ ଗୋଟିଏ ଗୋଟିଏ ଦୀର୍ଘ ନିଃଶ୍ୱାସ ଛାଡ଼ି, ସମସ୍ତଙ୍କୁ ତା' ମନର ପ୍ରତିକ୍ରିୟା ଜଣାଇ ଦେଉଥିଲା । ତା' ମୁହଁର ଭାବ ଘଡ଼କ ଘଡ଼ି ପରିବର୍ତ୍ତିତ ହୋଇଯାଉଥିଲା । ସେ ଆଖିର ଇଶାରାରେ ଗଧାକୁ ଜଣାଇ ଦେବାକୁ ଚାହୁଁଥିଲା—'ତୁ ଭାବନା କରନା ଭଧି ! ମୁଁ ଦିନେ ନା ଦିନେ ଯଦି ମକଗର ଚଣ୍ଡିରୁ ତା' ମୁଣ୍ଡଟାକୁ ଧାନ କାଟିଲା ପରି କାଟି ଅଲଗା ନ କରିଛି, ମୁଁ ତୋ'ର କଥା ଅନୁସାରେ ସତରେ ମର୍ଦ୍ଦ ନୁହେ, ମାଇଚିଆଟେ...।

ଘରବାହୁଡ଼ା ସମୟ ପର୍ଯ୍ୟନ୍ତ ସମସ୍ତେ ସେଇ ହିଡ଼ ମୁଣ୍ଡରେ ନୀରବ ହୋଇ ବସିରହିଥିଲେ ବି ମନେ ହେଉଥିଲା—ସତେ ଯେପରି, ସମସ୍ତଙ୍କ ବୁକୁ-ତଳେ ନିଆଁ ହୁଳା ହୁତୁ ହୁତୁ ହୋଇ ଜଳୁଛି, ଆଉ ସମସ୍ତେ ସେଇ ନିଆଁରେ ଜଳିପୋଡ଼ି ଛଟିପିଟି ହେଉଛନ୍ତି ।

—୦—

॥ ଚୋର ॥

ଜ୍ୟୋତିପୁର ଗାଆଁଟି ଖୁବ୍ ବଡ଼ ହୋଇ ନଥିଲେ ବି ନିତାନ୍ତ ଛୋଟ ଗାଆଁ ନଥିଲା । ଗାଆଁଟି ତା'ର ପୂର୍ବ ଗୌରବ ହରାଇଥିଲେ ବି ଏବେ ସେଠାରେ ଦୁଇ ତିନୋଟି କୋଠା ଘର ଥିଲା । ମୟୂରଭଞ୍ଜ ଓ କେନ୍ଦୁଝର ସୀମାରେ ଗାଆଁଟି ଥିବାରୁ, ପ୍ରାୟ ବଡ ବଡ଼ଆ କର୍ମଚାରୀ ସେଠାକୁ ଗସ୍ତରେ ଆସୁ ନଥିଲେ, କିନ୍ତୁ କେତେବେଳେ ଅବା ସ୍କୁଲ ପରିଦର୍ଶକଙ୍କ ପରି ବାବୁଭୟା ସେଠାରେ ଆସି ପହଞ୍ଚିଯାଉଥିଲେ । କିନ୍ତୁ ଥାନାବାଲାଙ୍କର ସେ ଗାଆଁଟି ଥିଲା—ଇସ୍ତମାରୀ ପଟା । ଥାନାର ବଡ଼ ବାବୁ, ସାନବାବୁ ଜମାଦାର, କନେଷ୍ଟବଲ ପ୍ରଭୃତି ବରାବର ମାସରେ ଥରେ ଦି'ଥର ଜ୍ୟୋତିପୁରକୁ ଧାଇଁକି-

Digitized by srujanika@gmail.com

ଧୂକୁଡ଼ ହେଉଥିଲେ । ତେଣୁ ପୋଲିସ୍‌ବାଲା ଆସିଲେ, ଗାଆଁର ଲୋକମାନେ ବ୍ୟତିବ୍ୟସ୍ତ ହୋଇପଡ଼ୁଥିଲେ ।

ସ୍କୁଲ ଇନ୍‌ସ୍‌ପେକ୍ଟରଙ୍କ ମୁକାମ ଉଠିଯିବାର ଠିକ୍ ପରେ ପରେ ଥାନାର ବଡ଼ବାବୁ ସଙ୍କର୍ଷଣ ମହାନ୍ତି ଆସି ଗାଆଁରେ ହାଜର୍ ହୋଇଗଲେ । ସଙ୍ଗରେ ତାଙ୍କର ଆସିଥିଲା — ଜଣେ ପୋଲିସ୍ କନେଷ୍ଟବଲ୍ ।

ଥାନା ବଡ଼ବାବୁଙ୍କର ଜ୍ୟୋତିପୁର ଥିଲା—ମନୋରଞ୍ଜନ ସ୍ଥଳ ! ସେ ଆଖପାଖ ଗାଆଁକୁ ଚୋରି ଚମାରିର ମାଲମାମଲା କି ଖୁସିବାସିରେ ଆସିଲେ ବି ଜ୍ୟୋତିପୁରରେ ଥରେ ବୁଲି ଯାଉଥିଲେ । କାରଣ ଏ' ଗାଆଁରେ ତାଙ୍କର ଚରଣ୍ଟ ପାଇଁ ସବୁକିଛି ମିଳି ଯାଉଥିଲା । ବିଶେଷତଃ ଗାଆଁର ଅଧିକାଂଶ ଲୋକେ ନିତାନ୍ତ ନିରୀହ ହୋଇଥିବାରୁ, ସେମାନଙ୍କୁ ଉପରଠ ହଲେଇ ଥାନାବାବୁ ନିଜ ହାତଟିକୁ ବେଶ୍ ଚିକ୍କଣ କରି ପାରୁଥିଲେ । ଅବଶ୍ୟ ରାଜସରକାରଙ୍କର ଚଳନ୍ତି ପ୍ରତିନିଧି ଥାନାବାବୁଙ୍କର ଅଧିକାଂଶ ଖର୍ଚ୍ଚ ତୁଲଉଥିଲେ—ସେଠ୍ ହରିରାମ । କେବଳ ପୋଲିସ୍‌ବାଲା କାହିଁକି, ସାତଦିନରେ ଥରେ ମାତ୍ର ଆସୁଥିବା ଡାକପିଅନ୍ ହରିରାମଙ୍କ ଘରେ ଦି'ପହରେ ଗଣ୍ଡେ ଖାଇ, ଟିକିଏ ବିଶ୍ରାମ ନେଇ ଫେରି ଯାଉଥିଲା ।

ଥାନାବାବୁ ସଙ୍କର୍ଷଣ ମହାନ୍ତିଏ ଆସି ଗାଆଁ ଦାଣ୍ଡରେ ହାଜର୍ ହୋଇଯିବା ମାତ୍ରେ ଗାଁ'ବାଲାଙ୍କ ଭିତରେ ଛନକା ପଶିଗଲା । କାରଣ ଏଇ ମାସେତଳେ ଆଉ ଗୋଟିଏ ଗାଁ'ର ଚୋରିମାଲ ଜ୍ୟୋତିପୁରରେ ବରାମଦ୍ ହୋଇଥିବାରୁ, ଥାନାବାବୁ ସାରା ଗାଆଁଟାକୁ ହନ୍ତାଲ ପକାଇଥିଲେ । ସେମିତି କିଛି ଘଟଣା ଘଟିଲା କି ବୋଲି ଭାବି, ଗାଁ' ଲୋକେ ଅତରଛ ହୋଇପଡ଼ିଲେ । ଗାଁ' ମୁଣ୍ଡରେ କୋଠଘରେ ସଙ୍କର୍ଷଣ ମହାନ୍ତିଙ୍କ ମୁକାମ୍ ପଡ଼ିଲା ।

ଥାନାବାବୁଙ୍କ ଲାଗି ସଙ୍ଗେ ସଙ୍ଗେ ସେଠ୍ ହରିରାମଙ୍କ ଘରୁ ଶେଯ, ମାଣ୍ଡି, ବିଛଣାଚଦର ଆସିଗଲା । ଏବଂ ବାବୁଙ୍କ ଖାନା ପିନାର ସମସ୍ତ ଯୋଗାଡ଼ ଘଣ୍ଟାକ ଭିତରେ ହୋଇଗଲା । ଥାନାବାବୁ ଉଙ୍କି ମାରି ସବୁତକ ସରଞ୍ଜାମ ଆସିଲାଣି କି ନାହିଁ, ଦେଖିଥିଲେ ହେଁ, ପୂଜାରୀ ଟୋକା ପଞ୍ଚୁଆକୁ ପଚାରିଲେ—"କି ହେ... ସବୁ ଜିନିଷ ଆସିଲା..." ?

ପଞ୍ଚୁଆ କୋଶଳା ଶାଗରେ ବଡ଼ି, ବାଇଗଣ ଦେଇ ଛୁଙ୍କ ଦେଉଁ ଦେଉଁ କହିଲା—"ହଜୁର... ! ସବୁ ଆସିଯାଇଛି ଯେ, କିନ୍ତୁ...ମକରାକୁ ଟିକିଏ ଡକାଇ ପଠାନ୍ତୁ । ସେ ଚଣ୍ଡାଳଟା ନ ଆସିଲେ ସବୁପାକ ମଜା ପାଣି ଫାଟିଯିବ" !

Digitized by srujanika@gmail.com

ଆଗ ସାମ୍ନାର ଟିକଏ ଆଡୁଆଳରେ ବସିଥିବା କନେଷ୍ଟବଲ୍‌କୁ ଡାକ ପକାଇଲେ ଦାରୋଗାବାବୁ—"ଆବେ ଏ ଜମାଦାର୍..." ।

"ହଜୁର୍..." ! ବସିବାଠାରୁ ଝଟାପଟ୍ ଉଠି ଆସିଲା ଜମାଦାର ଦର୍ଶନୀ ଗଉଡ ।

"ସେ ମକର ପାଖକୁ ଖବର ପଠେଇଲୁ..." ! ଗର୍ଜି ଉଠିଲେ ଦାରୋଗା-ବାବୁ ସଙ୍କର୍ଷଣ ମହାନ୍ତି । "ହଜୁର୍, ଆଉ ଖବର ପଠେଇବ କଅଣ ? ଯାଉଛି, ନିଜେ ତାକୁ ଡାକି ଆଣିବ" । ଲସର୍ ପସର୍ ହୋଇ ଧାଇଁଗଲା—ଦର୍ଶନୀ ଗଉଡ ।

ଯଦିଓ ଖୁସିବାସିରେ ଦାରୋଗାବାବୁ ଜ୍ୟୋତିପୁରକୁ ଆସିଥିଲେ, ତଥାପି ତାଙ୍କ ଆସିବା ମୂଳରେ ଗୋଟିଏ ପ୍ରଧାନ ଉଦ୍ଦେଶ୍ୟ ଥିଲା—ଖାନା, ପିନା, ମଉଜ, ମଜଲିସ୍ । ତା'ଛଡ଼ା କିଛି ହାତପଇଠ ନ ହେଲେ, ସହଜେ କ'ଣ ସାକ୍ଷାତ୍ ଯମଦୂତର ଅବତାର ସଙ୍କର୍ଷଣ ବାବୁଙ୍କର ଚଳିବ ? ତେଣୁ ସେ ଗୁଳ ସନ୍ଧିରୁ କଥା ବାହାର କରି ଦୁଆର ମୁହଁରେ ବସିଥିବା ଅର୍ଜୁନା ଗଉଡ଼କୁ ଡାକି ପଚାରିଲେ—"କବେ, ଅର୍ଜୁନା ! ଗାଁ' ମୁଖିଆର ତ ଦେଖା ନାହିଁ, ଆଉ ସବୁ ଗାଁ'ର ହାଲଚାଲ କ'ଣ ? ଆଉ ସେ ପୁରିଆ କଥା କ'ଣ ହେଲା" ?

ଦାରୋଗାବାବୁ ମିଛୁମିଛୁକା ପ୍ରତ୍ୟେକ ଗାଁ'ରେ ଏମିତିଆ କେତୋଟି ପ୍ରଶ୍ନ ପଚାରି ଦିଅନ୍ତି । ଯଦି କଥାଟା ବାଜିଗଲା, ତେବେ ପ'ବାର ତେର..., ନଇଲେ କଥାଟିକୁ ବାଆଁରେଇ ଦେଇ ସେ ଆଉ ଗୋଟିଏ ଜାଲ ପାରି ଦିଅନ୍ତି ।

ସେ ଗାଁ'ରେ ଥିଲେ ତିନିଜଣ ପୁରିଆ । ଦାରୋଗାବାବୁ କେଉଁ ପୁରିଆ କଥା ପଚାରୁଛନ୍ତି, ବିଚରା ଅର୍ଜୁନା ଗଉଡ଼ କିଛି ବୁଝିପାରିଲା ନାହିଁ । ତେଣୁ ସେ ଉତ୍ତର ଦେଲା—"ନା...ହଜୁର, ସେମିତି କିଛି ଘଟଣା ଘଟି ନାହିଁ..." ।

ଦାରୋଗାବାବୁଙ୍କର ପ୍ରଥମ ପ୍ରଶ୍ନଟି ବ୍ୟର୍ଥ ହୋଇଯିବାରୁ, ସେ ଦାନ୍ତ କାମୁଡ଼ି ବାଘପରି ଗର୍ଜି ଉଠିଲେ—"ସେ ଭୋବନା କଥା କ'ଣ ହେଲା ? ସେ ଖବର ମୋ' କାନରେ ପଡ଼ିଥିଲା..." ।

ସେ ଗାଆଁରେ ଭୋବନା ତେଲି, ଭୋବନା ତନ୍ତୀ ଦୁଇଜଣ ଥିଲେ । ଏଥର ଦାରୋଗାବାବୁଙ୍କ ପ୍ରଶ୍ନରେ ଆବାକାବା ହୋଇଯାଇ କହିଲା ଅର୍ଜୁନା ଗଉଡ଼—"ହଜୁର୍.. ସେମିତି କିଛି ହୋଇନାହିଁ ତ..." ।

ସେଇଠି ଅର୍ଜୁନା ଗଉଡ଼ ପାଖରେ ଜଇଆ ଗଉଡ ଛିଣ୍ଡା କମ୍ବଳରେ ମୁହଁ ଘୋଡ଼ାଇ ହୋଇ ବସିଥିଲା । ସେ ଦାରୋଗା ବାବୁଙ୍କ ସହିତ ଦ'ପଦ କଥା କହି

Digitized by srujanika@gmail.com

ବାହାବା ନେବା ପାଇଁ ଗୁହୁଁ ଥିଲା । ତେଣୁ ସେ ହଠାତ୍ ମୁହଁରୁ କମ୍ଫକଟା କାଢ଼ି ଦେଇ, ଟିକଏ ସିଧା ହୋଇ ବସିପଡ଼ି କହିଲା—"ହଜୁର୍···କ'ଣ ସେଇ ଭୋବନା ତେଲୀ କଥା କହୁଛନ୍ତି କି ?"

ଦାରୋଗା ସଙ୍କର୍ଷଣ ମହାନ୍ତିଙ୍କୁ ଗୋଟିଏ ମଜକା ମିଳିଗଲା । ସେ ମାଣ୍ଡିଟାକୁ ଜଙ୍ଘ ଉପରେ ରଖି, ଶରୀରର ଭର ଡା'ର ଉପରେ ଅଜାଡ଼ି ଦେଇ କହିଲେ—"ହୁଁ···ହୁଁ···" । ସେ ଟିକଏ ରହିଯାଇ, ଖିଙ୍କାରି ହେଲା ପରି କହିଲେ—"ମୁଁ ତ ସିଧା କଥା ପଚାରୁଛି । ଏ' ଗଧଟା ବୁଝି ପାରୁନି କ'ଣ ? ଉଠ୍ ବେଃ···" ! ଅର୍ଜ୍ଜୁନା ଗଉଡ଼କୁ ସେଠାରୁ ଉଠାଇ ଦେଇ ଜସୁି ଗଉଡ଼କୁ ପାଖକୁ ଡାକି ପଚାରିଲେ ସଙ୍କର୍ଷଣ ବାବୁ—"ହୁଁ···କ'ଣ ହେଲା ସେ ଘଟଣା ? ମୁଁ ଟିକିନଖି ଖବର ରଖିଛି···"।

ଦାରୋଗାବାବୁଙ୍କୁ ତ୍ରିକାଳଦର୍ଶୀ ବୋଲି ମନେ କରି ଜସୁି ଗଉଡ ଦୁ' ବରଷ ତଳେ ଘଟିଥିବା ଭୋବନା ତେଲୀର 'ଦୁଃଖଅ' ଘଟଣା ଗୋଟି ଗୋଟି କରି ବଖାଣିଗଲା । ସଙ୍କର୍ଷଣ ମହାନ୍ତି କଡ଼ା ମିଜାଜ୍‌ରେ ମଝିରେ ମଝିରେ 'ହୁଁ' ଟାଏ ମାରୁଥିଲେ । ଦାରୋଗାବାବୁଙ୍କ 'ହୁଁ' ମାରିବାରୁ ଜଇଆ ବେଶ ବୁଝିପାରିଲା ଯେ, ବଡ଼ବାବୁ ସବୁ କଥା ଜାଣନ୍ତି । ତେଣୁ ସରକାରୀ ହାକିମଙ୍କଠାରୁ ବାହାବା ପାଇବା ଆଶାରେ ସେ ଟେଶରେ କହିଲା—"ହଜୁର୍, ମୁଁ ଭୋବନା ତେଲୀକୁ ସେଇଦିନ କହିଛି—ଆରେ···ଏ' ବୁଢ଼ା ବଅସରେ କାହିଁକି ଏମିତି ଗୋଟେ କାଣ୍ଡ କଲୁ ? ଦିନ କେଇଟା ପରେ ପୁଅକୁ ବାହା କରେଇ ଆଣିବୁ, ଘରଟା ତୋ'ର ବେଶ୍ ଚଳିଯିବ । କିନ୍ତୁ ତୁ ଯା' କଲୁ, ଖାଲି ମୁହଁରେ ଚୂନ କାଳି ବୋଳିବୁ ସିନା···। ସେ ରାଣ୍ଡୀ ବାର ଭୁଠରେ ମୁହଁ ଧୋଇଲାଣି, ତୁ କ'ଣ ସେ ନଅାଁ ଝିଲକୁ ଅଣ୍ଟିରେ ପୂରାଇ ରଖି ପାରିବୁ" ? ଟିକଏ ଦମ୍ ମାରି ପୁଣି କହିଲା ଜସୁି ଗଉଡ—"ହଜୁର୍, ମୋର କହିବାର କଥା ମୁଁ କହିଦେଲି, କିନ୍ତୁ ମୋ' କଥା ଶୁଣୁଛି କିଏ ?

"କଥା ମଝିରେ 'ହୁଁ'ଟିଏ ମାରି କହିଲେ ଦାରୋଗା ବାବୁ—"ମୂର୍ଖ ଗୁଡ଼ାକଙ୍କ ମୁଣ୍ଡରେ ହଳଦିଗୁଣ୍ଡା ପଡ଼ିଥିଲେ ତ···" ?

"ସେତିକିରେ କ'ଣ ଯାନଯନ୍ତ୍ରଣା ଶେଷ ହେଲା କି ହଜୁର୍···" ହଠାତ୍ କହୁଁ କହୁଁ ଅଟକିଗଲା ଜଇ ଗଉଡ ।

Digitized by srujanika@gmail.com

ସଙ୍କର୍ଷଣ ମହାନ୍ତି ବେଶ୍ ବୁଝିପାରିଲେ ଯେ, ଜଇଆ କିଛି ଘଟଣା ଲୁଚଉଛି । ବୋଧହୁଏ ସେ ଗାଁ' ମୁଖିଆକୁ ଭୟ କରୁଛି । ତେଣୁ ସେ ତାକୁ ସାହାସ ଦେଇ କହିଲେ—"ହାଁ...କ'ଣ କହୁଥିଲୁ କହ ! ଲୁଚଉଛୁ କାହିଁକି ? ଅରେ ମୁଁ ଥାଉଁ ଥାଉଁ ତୋର ଡର କାହାକୁ" ?

"ଭୋବନାର ବାହାଦର ହେଇଗଲା ପିନା, ତା' ବାପ ଝିଅକୁ ଛାଡିବା ପୂର୍ବରୁ ପାଞ୍ଚପା' ଟଙ୍କା ପାଇଁ ଅଡ଼ିବସିଲା । ସେ ଚଣ୍ଡାଳ ବୁଢ଼ାର କଥା ଶୁଣି ଭୋବନାର ହୋସ୍ ଉଡ଼ିଗଲା । ଆଉ କରିବ କ'ଣ ? ଶେଷକୁ ଝିକ୍ ମାରି, ନାକ-ଘଷି ମାରିଓ୍ୱାଡ଼ିଠୁଁ ଦେଢ଼ଶ' କରଜ ଆଣିଲା ଜମି ବ' ପା' ବନ୍ଧା ଦେଇ" ।

"ଆଚ୍ଛା..." ! ଟିକିଏ ଚଡ଼ାମିଞ୍ଜାସ୍‌ବରେ କହିଲେ ସଙ୍କର୍ଷଣ ବାବୁ— "ତା'ପରେ..."?

"ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ହଜୁର...! ଏଇ ମଝିକାରେ ସେ ମାଇକିନାର ପହିଲା ଗେରସ୍ତ ଆସି ଠେଙ୍ଗା ଧେନି ହାଜର୍... । ତାକୁ ବି ଦ୍' କୋଡ଼ି ଦେଇ ପାର ହେଇଛି ହେଲା । ନ ଦେଇଥିଲେ ସେ ନାନା ଝଞ୍ଜାଟ କରିଥାଆନ୍ତା" ।

ଜପ୍ତି ଗଉଡର କଥାରେ ବାଧା ଦେଇ ପଚାରିଲେ ଦାରୋଗାବାବୁ— "ଆଚ୍ଛାଃ...ଏ କେବକାର କଥା" ?

"ହଜୁର୍, ଏ'ତ ଅନେକ ଦିନର କଥା ହେଇଗଲାଣି । ସେତେବେଳେ ଥାନାରେ ବକ୍‌ସି ସାହେବ ଥିଲେ ହଜୁର..." ! କହିଲା ଜପ୍ତି ଗଉଡ ।

"ଘଟଣାଟି ନିତାନ୍ତ ପୁରୁଣା ହୋଇଥିବାରୁ ସେଥିରୁ କିଛି ହାତ ଶକ୍ତ କରି ହେବନାହିଁ ବୋଲି ମନେ ମନେ ଚିନ୍ତା କରି କହିଲେ ଦାରୋଗାବାବୁ— "ତା'ପରେ ସବୁ କ'ଣ ହେଲା କହିଲୁ..." ?

"ବାହା ମଉଜର୍ ମାସ ଦ୍'ଟା ଯାଇଛି କି ନାହିଁ, ପୁଣି ଆସି ଚଢ଼ିକ ପଡ଼ିଗଲା ଭୋବନା ମୁଣ୍ଡରେ । ହଜୁର୍, ବିଚରା ଭୋବନାଟା ଛନ ପାଞ୍ଚିରୁ ଚଲା" । ଏତିକି କହି ଜପ୍ତି ଗଉଡ ଚୁପ୍ ହୋଇଯାଆନ୍ତେ, ଦାରୋଗାବାବୁ ଖଟିଆରୁ ଉଠିପଡି କହିଲେ—"ତା'ପରେ ସେ ଶାଳୀ ପଳେଇଥିବ ନିଶ୍ଚୟ" !

"ସତ କହିଛନ୍ତି ହଜୁର ! ତା' ପହିଲା ଗିରସ୍ତ ତାକୁ ଶିଖେଇ ବୁଝେଇ ନେଇ ଚମ୍ପଟ । ରକ୍ଷା ହେଇଯାଇଛି ହଜୁର,ମାମଲାଟା ଏଇ ଗାଁ'ର, ନଇଲେ କ'ଣ ସହଜେ କଥା ଛାଡ଼ି ଥାଆନ୍ତା" ?

Digitized by srujanika@gmail.com

ଜଗୁ ରାଉତର କଥାରୁ ଆହୁରି ଲମ୍ବା ଖିଅ ବାହାର କରିବା ଆଶାରେ କହିଲେ ଦାରୋଗାବାବୁ – "ତା'ପରେ ପୁଣି କଅଣ ହେଲା" ?

"ହଜୁର୍, ଜାଣିଥାଣ କଥା, ଯାଆନ୍ତା କୁଆଡ଼େ ? ଧୋବା, ବାରିକ, ନିଆଁ, ପାଣି ସବୁ ବାସନ୍ଦ"…ବାହାଦୁରି ଦେଖାଇ କହିଲା ଜଗୁ ରାଉତ ।

"ହଁ…! ନିଶ୍ଚେ କିଛି ଏଥିଆନଥିଆ କରି ଦି'ପକ୍ଷଙ୍କୁ ଜବଦ୍ କରିଥିବ ତୁମେମାନେ…! କ'ଣ ହେଲା ତା'ପରେ ? ସତ ସତ କଥା କହିଯା' ! ମୁଁ ଏ' ଘଟଣା ମୂଳରୁ ଚୂଳ ଯାଏଁ ସବୁ ଜାଣିଛି । ତୁ କିଛି ଲୁଚାଇ ପାରିବୁ ନାହିଁ । କେବଳ ତୋ ମୁହଁରୁ ଶୁଣିବାକୁ ଚାହୁଁଛି" । ଆମ୍ବାବଡ଼ମାଡ଼େ ଉତ୍ଫୁଲ୍ଲ ହୋଇ କହିଲେ ଦାରୋଗା ବାବୁ ।

"ତା'ପରେ ଖାସା ଅକଲ୍ ଶିଖିଲା ସେ ମାଇକିନିଆର ପଞ୍ଚଲ ଗିରସ୍ତ ରତନା । ଦି'ବର୍ଷର ଅଣ୍ଡିରା ବାଛୁରୀଟିଏ ଏକ ଆଗରୁ ନେଇଥିବା ଦି'କୋଡ଼ି ଟଙ୍କା ଆଉ ତା' ସାଥିରେ ଜରିମାନା କୋଡ଼ିଏ ପାଞ୍ଚ ଟଙ୍କା କାନ ମୋଡ଼ି ହୋଇ ଗଣିଲା । ଆମେ କ'ଣ ମୂର୍ଖ ହୋଇଛୁ କି ଅଜ୍ଞା ! ଦେବନାକୁ ବି ପାଞ୍ଚଟଙ୍କା ଜରିମାନା ହେଲା…" ।

ଜଇଆର କଥା ଶେଷ ନ ହେଉଣୁ କହିଲେ ଦାରୋଗାବାବୁ—"ବାଃ… ତୁମ ନ୍ୟାୟ ନିଶାପ୍‌କୁ ତ ତାରିଫ୍ ନ କରି ରହି ହେବନାହିଁ ? ତା'ର ସ୍ତ୍ରୀକୁ ସ୍ତ୍ରୀ ଗଲା, ପୁଣି ଜରିମାନା ପାଞ୍ଚଟଙ୍କା…" ?

"ହବ ନାହିଁ ହଜୁର୍ ! ଗାଁ' କଥାଟି…। ଗୋଟେ ଖାନକୀ ମାଇକିନା'କୁ ଆଣି ଦି'ଦି' ମାସ ଘରେ ରଖିଲା । ତାକୁ ବି ଶିକ୍ଷା ମିଳିବା ଉଚିତ" ! କଥାଟାକୁ ବେଶ୍ ସ୍ପଷ୍ଟ କରି ଦେଇ କହିଲା ଜଗୁ ରାଉତ ।

"ଆଚ୍ଛା…ବୁଝିଲି…। ତୁମେମାନେ ସବୁ ଏଇମିତି ଟାଉଟରି କରି ଲୋକଙ୍କୁ ହଇରାଣ କରୁଛ ନାଃ…! ସେ ଜୋରିମାନା କଲ୍ କଏ, ଆଉ ସେ ଟଙ୍କା ଅଛି କା' ପାଖରେ' ? ଖଟିଆରୁ ଉଠପଡ଼ି ଆଖି ଲାଲ୍ ଲାଲ୍ କରି କହିଲେ ଦାରୋଗାବାବୁ ।

"ହଜୁର, ଏଥିରେ ଆମର ଦୋଷ କଣ ? ଆମ ଗାଁର ଦେବା ଭୂୟାଁ, ଭଗବତ ମୁଦୁଲି ଆଉ କୈବଲ୍ୟ ନାୟକ ଯା କହିବେ, ସେଇଆ । ତାଙ୍କୁ ତ ଗାଁ'ଟା ସାରା ମାମଲତକାର ବୋଲି ମାନିଚନ୍ତି । ଅତି ବିନମ୍ରର ସହିତ କହିଲା ଜଗୁ ରାଉତ ।

Digitized by srujanika@gmail.com

"ତାହେଲେ, ଏଇ ତିନଟଯାକ ସେ ଟଙ୍କା ଖାଇଚନ୍ତି···ବରାବର ଏମିତି ନ୍ୟାୟ୍ୟ ଜଣାପ, ଜୋରିମାନା ସବୁ ଗୁଳୁଛି ଏ' ଗାଁ'ର···?

ଦାରୋଗାବାବୁଙ୍କ ତମ୍ ତମ୍ ଚେହେରା ଦେଖି, ଜମ୍ପି ରାଉତ ମନେ ମନେ ଗୁନଆ ହୋଇ ହାତଯୋଡ଼ି କହିଲା—"ହଜୁର, କୈବଲ୍ୟ ନାୟକ ଅଉ ଦେବା ଭୂୟାଁ। କେବଳ ସାକ୍ଷୀ ଗୋପୀନାଥ; ଗାଁ'ର ସବୁଯାକ କୋଠ ଟଙ୍କା ମୁଦୁଲିଙ୍କ ପାଖରେ । ଏଇ ଟଙ୍କା କ'ଣ ? ଆଗରୁ ତ କେତେ ଟଙ୍କା ସେ ହଜମ୍ କରି ସାରିଚି । କା' ଜଭରେ ହାଡ଼ ଅଛି ଯେ କଏ କହିବ" ?

ଦାରୋଗା ସଙ୍କର୍ଷଣ ମହାନ୍ତି ପାସିଙ୍ଗଶୋ ସିଗାରେଟ୍ ପକେଟରୁ ଖଣ୍ଡିଏ ମୁହଁରେ ଲଗାଇ, ଦି' ଗୁରି କଶ୍ ଟାଣି ନେଇ ବାଘ ରଡ଼ି ଗୁଡ଼ିଲା ପରି କହିଲେ—"ଏଃ···ଜମାଦାର" ! "ହଜୁର···" । ଧାଇଁଆସି ହାତଯୋଡ଼ି ଛିଡ଼ାହେଲା ରାଉତ ।

ସିଗାରେଟ୍‌କୁ ଆଉଥରେ ଦି' ଗୁରି ଥର ଟାଣିନେଇ କହିଲେ ଦାରୋଗା-ବାବୁ—ଦେଖ୍, ଆଜି ସନ୍ଧ୍ୟା ବେଳକୁ ଭାଗବତ ମୁଦୁଲି, ଦେବା ଭୂୟାଁ ଆଉ କୈବଲ୍ୟ ନାୟକକୁ ଡାକି ଆଣିବୁ । ଏଇଲେ ସମସ୍ତେ ବଲବାଡ଼ିକୁ ଯାଇଥିବେ··· ବୁଝିଲୁ···" !

ଦର୍ଶନ ରାଉତ ଦାରୋଗାବାବୁଙ୍କ ଆଜ୍ଞାକୁ ଅବଧାନ ହୋଇ କହିଲା—"ହଜୁର୍···" ।

—o—

॥ ପାଞ୍ଚ ॥

ମୁହଁ ସଞ୍ଜ ବେଳକୁ ବାପା ପୁଅ, ଶାଶୁ ବୋହୂ ଓ ପିଲାହଡ଼ଟି ବଲରୁ ଘର ମୁହାଁ ହୋଇ ଫେରି ଆସିଲେ । କାହାରି ତୁଣ୍ଡରେ ଜ୍ଁ···କ ଚୁଁ···ଭାଷା ନଥିଲା । ସତେ ଅବା ସେମାନେ ମୂକ ପାଲଟି ଯାଇଛନ୍ତି । କିନ୍ତୁ ବୁଢ଼ା ଓ ରାଜୁର ଆଖି ଦି'ଟା ଅଙ୍ଗାର ପରି ଜଳି ଉଠୁଥିଲା । ମଝିରେ ମଝିରେ ରାଜୁ ଗୋଟିଏ ଲେଖାଏଁ ବୁକୁଥରା ଦୀର୍ଘ ନିଃଶ୍ୱାସ ଗୁଡ଼ୁଥିଲା ।

ଆଗେ ଆଗେ ବାପ ପୁଅ ଦିହେଁ ଗାଁ' ମୁଣ୍ଡର କୋଠଘର ପାଖ ଦେଇ ଆସିବା ସମୟରେ, ଚଉକିଆ ରଣିଆ ଡାକ ପକାଇଲା—"ଦେବା'ଇ ମୁଁ କେତେବେଳୁ ତମକୁ ଏଇଠି ଅନାଇ ବସିଛି । ସାଇବ ଆସିଚନ୍ତି, ସେ ତମକୁ ଖୋଜୁଛନ୍ତି" ।

Digitized by srujanika@gmail.com

ରଣିଆ ଚୌକିଦାରର କଥା ଶୁଣିବା ମାତ୍ରେ ଦେବା ଚମକି ପଡ଼ିଲା । ସେ ହଠାତ୍ ଫେରିପଡ଼ି କୋଠଘରେ ବିଜେ କରିଥିବା ସାକ୍ଷାତ୍ ଯମଦୂତ ପରି ଦାରୋଗାବାବୁଙ୍କୁ ଦଣ୍ଡବତଟିଏ ପକାଇ କହିଲା—"ହଜୁର୍, ଟିକିଏ ଘରକୁ ଯାଇ ଆସିବି, ନା' ଏଇଲେ ଏଠି ବସିବି ?

ଦାରୋଗାବାବୁ ନିଜର ପ୍ରଭୁତ୍ୱ ଗର୍ବରେ ଫୁଲିଉଠି କହିଲେ—"ଯାଅ, ଘରୁ କାମ ସାରି ଆସ ।

ଦେବା ଭୂୟାଁ ଧକସ୍ ମନରେ କେତେ କ'ଣ ଆକାଶ-ପାତାଳ ଭାବି ଭାବି ଘରେ ପାଦ ଦେଲାକ୍ଷଣି ରାଜୁ ବିକବିକେଇଲା ପରି ପଚାରିଲା—"ସାଇବ ଟୁଆ କାହିଁକି ଡାକୁଥିଲା କି ?"

ରାଜୁର ପ୍ରଶ୍ନ ଅନୁସାରେ ବୁଢା ଉତ୍ତର ନ ଦେଇ ନୀରବ ହୋଇ ଛିଡ଼ା ହୋଇଗଲା । ରାଜୁ ପୁଣି ଥରେ ନୂଆ ପ୍ରଶ୍ନ ଦୋହରାଇ ଦେଇ କହିଲା—"ଏଇଟା କାହିଁକି ମାସରେ ଦଶଥର ଏ' ଗାଁ'କୁ ଧାଡ଼ି ଦଉଚି କି ? ଆମେ ଖାଇବା ବିନା ଲୋକ ଉପାସରେ ପଡି ପଡି ମରୁଚୁ, ଏ' ଗୁଡ଼ାକ ଆସି ଆମର ରକତ ମାଉଁସ ଚୁଷି ଖାଇଯାଉଚନ୍ତି "।

ଏଥର ଆଉ ଦେବା ସମ୍ଭାଳି ପଡ଼ିଲା ନାହିଁ । ସେ ରାଜୁକୁ ତାଗିଦ୍ କରି କହିଲା—"ଏଃ...ବେକୁବ୍, ଟିକିଏ ଢଙ୍ଗରେ କଥା କହି ଶିଖ୍... । ସେ ହେଲେ ମାଲିକ, ଆମେ ତାଙ୍କର ପରଜା; ସେ କାହିଁକି ଡାକିଲେ, ଏ ତଲବ୍ କରିବ କିଏ" ?

ରାଜୁ ଆହୁରି ରାଗି ଯାଇ ଚଡ଼ା ଗଳାରେ କହିଲା—"ଯାଉନ...! କିଏ ତମକୁ ମନା କରୁଚି କି ? ଏଇ ଉଚ୍ଚାଣ ଲାଗି ତ ସେମାନେ ଆମ ମୁଣ୍ଡ ଉପରେ ଚଢୁଚନ୍ତି..." ।

"ଫେର୍ ସେଇ ହୁଣ୍ଡାମି..." ! ଏଥର ଦେବାର ଉତ୍ତରରେ ରାଜୁ ଚୁପ୍ ହୋଇଗଲା ।

ଦଶ ପନ୍ଦର ବରଷ ହେଲା ଦେବା ଭୂୟାଁ ଗାଁ'ରେ ମୁରବିମାନଙ୍କ ମଧ୍ୟରେ ଜଣେ ବୋଲି ଗଣା ଯାଉଥିଲା । ତା'ର ନ୍ୟାୟ, ନିଶାପ ବୁଦ୍ଧି ଓ ବିବେକରେ ଗାଁ' ସାରାର ଲୋକେ ତାକୁ ତାରିଫ୍ କରୁଥିଲେ । କେତେକ ଘଟଣାରେ ଦେବା ନିଜକୁ ପ୍ରତିଷ୍ଠିତ କରାଇଥିବାରୁ ଗାଁ' ଲୋକେ ତାକୁ ବେଶ୍ ମାନୁଥିଲେ ।

Digitized by srujanika@gmail.com

ଗାଁ'ର ମୁଖିଆ ଭାଗବତ ମୁଦୁଲି ଥିଲା—ଜଣେ ଅସଲ ମାମଲତକାର । ସେ ଦେବା ଭୂୟାଁ । ଓ କୈବଲ୍ୟ ନାୟକଙ୍କୁ ହାତ ମୁଠାରେ ରଖି, ଗାଁ'ର କୋଠ ପଇସାତକ ପାଦୁ କରି ଗୁଲାଇଥିଲା । ମୁଦୁଲିଙ୍କ କଅଁଳକଥା ଓ ଗୁଲିକାରେ ଉଭୟ କୈବଲ୍ୟ ନାୟକ ଓ ଦେବାଭୂୟାଁ । ତା'ର ଅସଲ ରୂପ ଜାଣି ସୁଦ୍ଧା ମୁହଁରେ କିଛି କହି ପାରୁ ନଥିଲେ । ବିଶେଷତଃ କେତୋଟି ଘଟଣାରେ ଦେବା ଖିଆଲ ହଇରାଣ ହେଉଥିବା ବେଳେ ଭାଗବତ ମୁଦୁଲି ତାଙ୍କୁ ସାହାଭରସା ହୋଇ-ଥିଲା । ତେଣୁ ମୁଦୁଲିଙ୍କ କଥାକୁ ଡେଇଁ ଦେଇ ଦେବା ନିଜର ସ୍ୱାଧୀନ ମତ ବ୍ୟକ୍ତ କରି ପାରୁନଥିଲା । ବରଂ ଅନ୍ୟମାନେ ତା' ଆଗରେ ମୁଦୁଲିର ଗୁଣ ବାଖ୍ୟାନ ବସିଲେ ଦେବା କହୁଥିଲା—"ଗୁଡ଼···ଯେ' ଯା' କରିବ, ସେ ତା' ପାଇବ···" ।

ଦେବା ହାତଗୋଡ଼ ଧୋଇ ପାଟିରେ ଗଣ୍ଡିଏ ଗୁଡ଼ଜଳ ଭଜା ପକାଇ ପାଣି ଢୋକେ ପିଇଛି କି ନାହିଁ, କୈବଲ୍ୟ ନାୟକ ଧଇଁସଇଁ ହୋଇ ପଶି ଆସିଲା ଘରକୁ । ତା'ର ରଙ୍ଗଢଙ୍ଗରୁ ଜଣାପଡ଼ୁଥିଲା – ସେ ଦାରୋଗାର ଡାକରା ପାଇ ଭୁନିଆ ହୋଇଯାଇଛି ଏବଂ ଦେବା ସହିତ ମସୁଧା କରିବା ପାଇଁ ଲୁଚି ଲୁଚି, ସେ କୋଠଘରର ପଛପାଖ ଦେଇ ଆସିଛି । ସେ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ କହିଲା—"ଦେବା'ଇ, ଆମ ତିନିଜଣଙ୍କୁ କାହିଁକି ଏକା ସାଙ୍ଗରେ ତଲବ୍ ହେଉଛି କି···? ମୁଁ ତ ଭାବୁଛି, ଏଥିରେ କିଛି ଗୁମର ଅଛି ନିଶ୍ଚେ···" ।

"ହଃ···ଆମେ ତ ଚୋରି ନାରି କରି ନାହାନ୍ତି, ଏତେ ଡର କାହିଁକି ? ଯା' କିଛି ହବ ଦେଖାଯିବ···" । ଉତ୍ତର ଦେଲା ଦେବାଭୂୟାଁ । ।

"ନାଃ···ଭାଇ, ତୁମେ ସିନା ହେମତ୍ ଦେଉଚ, କିନ୍ତୁ ମୋ' ମନଟା କେମିତି କେମିତି ଗୁଳେଇ ପାଣି ହଉଚି···ସବୁ ନାଟ ଏଇ ରଣିଆ ଚଉକି-ଦାରର··· । ସେଇଟା ଆମ ନାଆଁରେ ଲଗେଇ ସୁଟେଇ କ'ଣ ନାଇଁ କ'ଣ ସାଇବ କାନରେ ଫୁଙ୍କୁଥିବ..." ।

ଦେବା କୈବଲ୍ୟ ନାୟକଙ୍କୁ ଆଶ୍ୱାସନା ଦେଇ କହିଲା—"ଆମେ କ'ଣ ରଣିଆର ହୁଣ୍ଡିବୁଜୁଳା ଖାଇ ଯାଇଛନ୍ତି ନା, ତା' ବଥାଳୀ କଥାରେ ଷଣ୍ଢ ପୁରାଇ ଦେଇଚନ୍ତି··? ତୁମେ ଏତେ ଭୟ କରୁଚ କାହିଁକି ଭାଇ···" ?

ଦେବା ପାଟିରୁ କଥା ନ ସରୁଣୁ ପୁଣି ଆସି ହାଜର ହୋଇଗଲା – ଚୌକିଦାର ରଣିଆ ମାହାଳିକ । ସେ କୈବଲ୍ୟ ନାୟକଙ୍କୁ ସେଠାରେ ଦେଖି

Digitized by srujanika@gmail.com

ପକାଇ କହିଲା—“ହେ...ନାୟକେ, ତେମେ ଆସି ଏଇଠି, ମୁଁ ତେଣେ ତମ ଘରକୁ ତିନ ଥର ଧାଇଁକି ଧୁକୁଡ଼ି ଦେଇ ଯାଉଛିଲଣି । ଚାଲ...ଚାଲ...” !

“ହଉ...ଚାଲ୍...ଆମେ ଯାଉଚୁ...” ! କହିଲା ଦେବା ।

ଇଣିଆ ମାହାଳିକ ତା’ ଲମ୍ବା ଠେଙ୍ଗଣିଟାକୁ କାନ୍ଧରେ ପକାଇ ଦେଉ- ହାଣ୍ଡିଆ ପହଣ୍ଡ ପକାଇ ଯାଉଁ ଯାଉଁ କହିଲା—“ସେ ସାଇବ ମୋ’ ଜାନ୍ ଖାଇ ସାରିଲାଣି, ତୁମେ ଜଲଦି ଆସ...” ।

ଗାଈ ବଳଦଙ୍କୁ କୁଣ୍ଡା ତୋରାଣି ଦେଇ ଦେବାର ସ୍ତ୍ରୀ ଘର ଭିତରକୁ ପଶି ଆସି କହିଲା—“କି...? କଥା କ’ଣ...? ସେ ଇଣ ମାହାଳିକ ପୁଣି କୁଆଡ଼େ ଆସିଥିଲା କି” ?

“ଥାନାବାବୁ ପରା ଆମକୁ ଡକେଇଚ...” କୈବଲ୍ୟ ନାୟକର ପାଟିରୁ କଥା ଛଡ଼ାଇ ନେଇ କହିଲା ବୁଢ଼ୀ—“ଏ’ ଭେଦାବାଉଆ ଅଳପେଣ୍ଟରଙ୍କର ଆଉ କ’ଣ କିଛି କାମ ଧନ୍ଦା ନାହିଁ...? ବେଳ ନାହିଁ...କାଳ ନାହିଁ...ଆସି ଉଠେଇ ବସେଇ ଦଉ ନାଆଁନ୍ତି...!

ସ୍ତ୍ରୀର କଥାରେ ଚିଡ଼ି ଉଠି କହିଲା ଦେବା—“ତୁଟା ମଣିଷଟେ, ନା’ ଭୂତଟେ...? ମିଛଟାରେ ଦୁନିଆଁ ସାରର ଅଦଉତି ଆଣି ମୁଣ୍ଡରେ ପୂରାଇ ମରୁଚ...। ମନା କର କର ଆସି ଗାତକୁ ଯିବାକୁ ବସିଲଣି, ମୋ’ କଥା କାନରେ ପଶିଲେ ତ” ।

ସ୍ୱାମୀ ମୁହଁରେ ବୁଢ଼ୀ ସାରା ଜୀବନ କେବେହେଲେ ନଠ୍ ଜବାବ୍ ଦେଇ ନଥିଲା; ତେଣୁ ସେ ଆଉ କିଛି ନ କହି କେବଳ ମୁହଁ ମୋଡ଼ି ଦେଇ ଅନ୍ୟ କାମରେ ଲାଗିଗଲା ।

ଦେବା ଓ କୈବଲ୍ୟ ନାୟକ ଦୁହେଁଯାକ ଯାଇ ହାଜର ହୋଇଗଲେ ଦାରୋଗା ବାବୁଙ୍କ ପାଖରେ । ସେ ଦୁହିଁଙ୍କୁ ଦେଖି ଦାରୋଗା ବାବୁ ଆଖି ତରାଟି ପଚାରିଲେ—“ଆବେଃ ଚୌକିଦାର, ସମସ୍ତେ ଆସିଗଲେ” ?

“ନାଃ...ହଜୁର, ମୁଦୁଲିଏ ଆସି ନାହାନ୍ତି...” !

ଚୌକିଦାରର ଉତ୍ତର ଶୁଣି ଦାରୋଗାବାବୁ ମୁହଁଟାକୁ ଝିଆଁଡ଼ି କହିଲେ —“ସେଇଟା ନ ଆସିବା ଯାଏ, ବସା ଏ’ ହିଦ୍ୱିଙ୍କି ନେଇଠି...” ।

ଦେବା ଓ କୈବଲ୍ୟ ହଦହେଁଯାକ ଟେଇଠି ତଳେ ବସି ପଡ଼ିଲେ । ଘଡ଼ିଏ ଦ’ଘଡ଼ି ବିତିଛି କି ନାହିଁ, ଭାଗବତ ମୁଦୁଲି ଦାନ୍ତ ନିକୁଟି, ମୁହଁ ନଗୁଡ଼ି, ଆସି ଦାରୋଗାଙ୍କୁ ଲମ୍ବା ଚଉଡ଼ା ଦଣ୍ଡବତଟିଏ ପକାଇଲା ।

Digitized by srujanika@gmail.com

ଦାରୋଗା ସଙ୍କର୍ଷଣ ମହାନ୍ତି ଖଣ୍ଡିଏ ସିଗାରେଟ୍ ଧରାଇ, ଆରାମ୍‌ରେ ସେଥିରୁ ଦୁ'ଟାର କସ୍ ଟାଣିବା ପରେ, ଗୋଡ଼ ଦୁ'ଟାକୁ ମୋଟା ମାଣ୍ଡିଆ ଉପରେ ଥୋଇ ହାକମିଆ ଠାଣିରେ କହିଲେ—"ସେ ତିନି ଜଣଙ୍କୁ ଏଇଠିକି ଆଣ…" !

ତିନିଜଣଯାକ ପୁଣି ଗୋଟିଏ ଲେଖାଏଁ ଦଣ୍ଡବତ ପକାଇ ଦାରୋଗାଙ୍କ ଆଗରେ ଛିଡ଼ା ହୋଇ ରହିଲେ । ସଙ୍କର୍ଷଣ ମହାନ୍ତି ସେମାନଙ୍କ ଆଡ଼କୁ ଅନେଇ ବାଘପରି କର୍କଶ ଗୁହାରିରେ ଗର୍ଜି କହିଲେ—"କ…ହୋ…, ସବୁଯାକ ଫାଜିଲାମି କ'ଣ ତୁମର ଭାଗରେ ପଡ଼ି ଯାଇଛି କି ? ରାଜ ସରକାର କ'ଣ ଉଠି-ଗଲାଣି କି ? କୋର୍ଟ୍ କଚେରୀ ଆଉ ଅଛି କାହିଁକି ?"

ଭାଗବତ ମୁଦୁଲି ପ୍ରଥମେ ମୁହଁ ଖୋଲି ନମ୍ର ଭାବରେ କହିଲା—"ଆମେ କ'ଣ କହିଲୁ ସେ କଥା…ହଜୁର…" ?

ମୁଦୁଲିକୁ ଆଉ କିଛି କହିବାକୁ ନ ଦେଇ ଗର୍ଜି ଉଠିଲେ ଦାରୋଗା-ବାବୁ—"ଆବେଃ…ହଜୁର୍ କା ବଚ୍ଚା…ଚୁପ୍ କର…! ମୁଁ ତୋ'ର ସବୁଯାକ ବଦମାସୀ ଜାଣିଛି । ତୁ କ'ଣ ମୋ' ଆଗରେ ଲୁଚାଇବୁ…" ?

ଦାରୋଗା ବାବୁ ଆହୁରି କେତେ କ'ଣ ଗାଳି ବକିଗଲେ । ତା'ପରେ ସେ ଚୌକିଦାରକୁ ଭୋବନା ଓ ରତନାକୁ ଡାକି ଆଣିବା ପାଇଁ ପଠାଇଲେ । ସେ ଦୁ'ଜଣ ଆସି କୋଠ ଘରେ ହାଜର ହୋଇଯିବା ମାତ୍ରେ ସଙ୍କର୍ଷଣ ମହାନ୍ତି ଆଉ ଗୋଟିଏ ସିଗାରେଟ୍ ଲଗାଇ ଦୁ'ଥର ଜୋର୍ ଜୋର୍‌ରେ ଟାଣି ନେଇ ଗର୍ଜି ଧମକି କହିଲେ—"ଆବେଃ…ତୋ' ମାଇକିନା ତ ପଳାଇଗଲା, ତୁ ପୁଣି ଜୋରିମାନା ଦେଲୁ କାହିଁକି" ?

ଭୋବନା ପଛ କଥାକୁ ମନେ ପକାଇ କ'ଣ ଉତ୍ତର ଦେବ, କିଛି ଭାବି ପାରିଲା ନାହିଁ । ଥରେ ଦୁ'ଥର କିଛି କହିବା ପାଇଁ ପାଟି ଖୋଲିଲା ସତ, କିନ୍ତୁ ଗାଁ' ମାମଲତକାରଙ୍କୁ ଅନାଇ ଦେଇ ନୀରବ ହୋଇଗଲା । ତା'ର ନିରୁପାୟ ଅବସ୍ଥାକୁ ଠଉରେଇ ନେଇ ପୁଣି ଥରେ ବାଘ ଶିକାରୀ ଉପରକୁ ଜୋର୍‌ରେ କୁଦାଟିଏ ମାରିଲା ପରି ଦାରୋଗାବାବୁ ଫାଏଁ କିନା ଗର୍ଜି ଉଠିଲେ—"ଜାଣିଛଟି ମୋତେ ଶଳେ…। ସରକାରୀ ମାଲ ହଜମ କଲେ ମଜା ନିକିଳି ଯିବ…! ଶଳେ…ବଦମାସ କାହାଁକା…! ମାମଲତକାର ଦେଖଉଛ ? ସିଧା ହାତରେ

Digitized by srujanika@gmail.com

କଢ଼ ପକାଇ ପଠେଇ ଦେବ ମାମୁଁ ଘରକୁ···। ସେଇଠି ବସି ଖେଚଡ଼ି ଖାଉଥିବ...'' !

ଟିକଏ ଅଟକିଯାଇ ପୁଣି କହିଲେ ଦାରୋଗା ବାବୁ—''ହଇହୋ···ଏ କୋଉଠିକା ଭଦ୍ରଲୋକ···? ଲୋକଟାକୁ ଚାଳାଚାରଜ୍ କରି ଦେଲ···'' ?

ଭାଗବତ ମୁଦୁଲି ହାତ ଯୋଡ଼ି କ'ଣ କହିବାକୁ ଯାଉଥିଲା, କିନ୍ତୁ ଦାରୋଗା ବାବୁ ପୁଣି ଆରମ୍ଭ କଲେ—''ମୁଁ ତୁମର ପଦେ ହେଲେ କିଛି ଶୁଣିବାକୁ ଚାହେଁନି···ଶଳେ୍··ଏ' ଗାଁ'ରେ ତୁମେ ତିନିହେଁ ନାଟ ଲଗେଇଚ···। କା' ମାଇକିନିଆକୁ ଶିଖେଇ ଆଣି କା' ସାଥିରେ ଦୁଷ୍ଟାଅ କରାଇ ଦେଉଛ, ପୁଣି ତାକୁ ଶିଖେଇ ଆଉ କା' ସାଥିରେ ଉଠେଇ ଦେଉଛ···, ମଝିରେ ସେମାନଙ୍କ-ଠାରୁ ଜାତିଆଣ ନାଆଁରେ ଜୋରିମାନା ଟଙ୍କା ଆଦାୟ କରି ହଜମ୍ କରୁଛ··!

ଭାଗବତ ମୁଦୁଲି ସେ ପର୍ଯ୍ୟନ୍ତ ଦାରୋଗା ବାବୁଙ୍କ ଡାକରାର ମତଲବ୍ ବୁଝିପାରି ନଥିଲା। ଏଇ କଥା ଶୁଣି ବି'ବର୍ଷ ତଳର ଭେଦନା ଓ ରତନାର ମାମଲା ତା' ଆଖି ଆଗରେ ନାଚି ଉଠିଲା। ସେ ଶୃଗାଳଆଣୀ ଆଗରେ ଚଳପେଟ ଲୁଚାଇବାକୁ ଉଚିତ ମନେ ନ କରି କହିଲା—''ହଜୁର, ମୁଁ ସେ ଧନ ହଜମ୍ କରି ନାହିଁ···। ସେ ତ ଧର୍ମପାଣ୍ଠି···ସେମିତି ମୋ' ପାଖରେ ଜମା ଅଛି···''।

ଦାରୋଗା ସଙ୍କର୍ଷଣ ମହାନ୍ତି ଭାଗବତ ମୁଦୁଲିର କଥାକୁ କାନକୁ ନ ନେଇ, ଭେଦନା ଓ ରତନାକୁ ଜେରା କରି, ତାଙ୍କଠାରୁ ପୁରାପୁରି ପଚଟଣାଟି ଆଦାୟ କରି ନେଲେ। ଶେଷରେ ଦାରୋଗାବାବୁ ଭାଗବତ ମୁଦୁଲିଠାରୁ ଜୋରିମାନା ଟଙ୍କା ସହିତ ଆହୁରି ଦଶ ଟଙ୍କା ଆଦାୟ କରିବା ସଙ୍ଗେ ସଙ୍ଗେ କୈବଲ୍ୟ ନାୟକ ଓ ଦେବା ଭୂୟାଁଠାରୁ, ମୁଦୁଲିକୁ ସାହାଯ୍ୟ କରିଥିବା ଦୋଷରେ, ପାଞ୍ଚ ଟଙ୍କା ଲେଖାଏଁ ଜୋରିମାନା ଆଦାୟ କଲେ। ରତନା ଜୋରିମାନା ଦେବାରୁ ବାଦ୍ ପଡ଼ିଲା ନାହିଁ। ଏମିତି ଗୁଳାକି କରି ଦାରୋଗା ବାବୁ ସେଦିନ ଶୁଖିଲା ଭୂଇଁରେ ବାଳିଆ ପିଟିଲା ପରି, ଟଙ୍କା ସତୁରି ଅଶୀ ପକେଟରେ ପୂରାଇ ଆଖି ଲାଲ୍ ଲାଲ୍ କରି କହିଲେ—''ଖବରଦାର୍, ଆଉ କିଦିନେ ଯେପରି ମୋ' କାନକୁ ଏମିତିଆ କଥା ନ ଆସେ...। ଶଳେ୍··ବିଚ୍ଛୁ ମନ୍ତ୍ର ନ ଜାଣି ସାପ ଗାତରେ ହାତ ପୂରଉଛ··! ଆଉ ଯଦି କିଦିନେ ଏମିତିଆ ମାଙ୍କଡ଼ ଭଦ୍ରଲୋକି କରିବ, ଶଳାଙ୍କୁ ହାତ କଡ଼ି ଦେଇ ଯଦି ଚମ୍ପୁଆ ଯାଏଁ ଦୋଷାରି ଦୋଷାରି ନ ନେଇଛି, ମୋ' ନାଆଁ ସଙ୍କର୍ଷଣ ନୁହେ, ଶଙ୍କରି···''।

Digitized by srujanika@gmail.com

ଦାରୋଗା ବାବୁଙ୍କ ଖଲୁଆ ଝଗୁର ସଶିବା ପରେ ଝଡଗା ଦେବା ମନ ମାରି, କପାଳକୁ ଝୁଙ୍କି ଘରକୁ ଫେରି ଆସିଲା ।

—o—

।। ଛଅ ।।

ଗତ ପ୍ରାପ୍ତ ଅଧରୁ ବଳାଗଳା ସେଦିନ ଦାରୋଗାବାବୁଙ୍କ ଇନ୍‌ସ୍‌ପେକ୍ଟରେ । ସମସ୍ତେ ଚାଲିଯିବା ପରେ, ଚାଲିଲା ଖିଆପିଆ । ମକରା ଦାରୋଗାବାବୁଙ୍କ ମନ-ଲାଖି ବିଦେଶୀ ମାଲ୍ ଆଣି ଯୋଗାଇ ଦେଲା । ସଙ୍କର୍ଷଣବାବୁ ମନ ଇଚ୍ଛାରେ ପେଟେ ଖାଇ ପିଇ ସେଇଠି ଶୋଇପଡ଼ିଲେ । ଚୌକିଦାର ବାପୁନ୍ତା ଶେଷକୁ ଅଇଁଠା କଣ୍ଟା ଦି'ଗୁଣ୍ଡା ଖାଇଦେଇ କମ୍ବଳ ଘୋଡ଼ିଯାଡ଼ି ହୋଇ ସେଇଠି ବାରଣ୍ଡାରେ ଢୁଳେଇ ପଡ଼ିଲା ।

ଶୀତୁଆ ରାତିଟା କେମିତି ବିତିବ ବୋଲି ଗାଁ' ଲୋକେ ଉହ୍ମେଇ ଜଳାଇ ଚଉପାଶ ତାକୁ ଘେରି ବସି ଥାଆନ୍ତି । ଘର ଭିତରୁ ଶୋର୍‌ଶବଦ୍ ଆସୁ ନଥାଏ । ସାରା ଗାଁ'ଟା ନୀରବ ନିସ୍ତବ୍ଧ । କେବଳ ଗୋଟିଏ ଘରେ ଶୋଇ ନଥା'ନ୍ତି ଚାରିପ୍ରାଣୀ—ବୁଢ଼ା ବୁଢ଼ୀ ଓ ପୁଅ ବୋହୂ ।

ରାଜୁ ଖଳରୁ ଫେରି ଆସିବାବେଳେ ମନେ ମନେ ପ୍ରତିଜ୍ଞା କରିଥିଲା— ଏଇଲାଗେ ଯାଇ ମକରା ଉପରେ ଦାଉ ସାଧିନେବ । ତା'ହେଲେ ବଗୁଲି ରାଧା ମୁହଁରେ ହସ ଉକୁଟି ଉଠିବ ଏବଂ ସେ ବି ମନେ ମନେ ଭାବିବ—ମୋ' ମରଦ ବେଶ୍ ମର୍ଦ୍ଦାଣିଆ ଦେଖେଇଛି । କିନ୍ତୁ ଗାଁ'ରେ ପଦାର୍ପଣ କରିବା କ୍ଷଣି ଯେଉଁ କାଣ୍ଡ-କାରଖାନା ଲାଗିଗଲା, ସେଥିରେ ତା'ର ଅକଲ୍ ଗୁଡ଼ୁମ୍ । ତା' ମନ ଭିତରେ ଥିବା ମସୁଧାତକ ପାଣି ଫୋଟକା ପରି ମିଳେଇ ଗଲା । ମନେ ମନେ ଜଳିପୋଡ଼ି, ହାତ ମଳି ମଳି ରହିଗଲା ରାଜୁ ।

ଦେବା ଶନା କାରଣରେ ଜୋରିମାନା ଦେଇ ଘରକୁ ଆସିଥିବାରୁ, ତା' ଆଖିକୁ ନିଦ ନଥିଲା ଏବଂ ବୁଢ଼ୀ ବଗୁଲି ଦି'ପହରର ଘଟଣା ଓ ସଞ୍ଜବେଳର ଅଦଉତିରେ ଶୋଇ ପାରିଲା ନାହିଁ । ଅପମାନର ଜ୍ୱାଳାରେ ଦହଗଞ୍ଜ ହୋଇ ରାଧାର ଆଖିକୁ ନିଦ ଆସୁନଥିଲା । ଆଜି ରାଜୁର ମର୍ମନ୍ତୁଦ ବେଦନା କହିଲେ ନସରେ । କିନ୍ତୁ ସେ ସାହସ କରି ରାଧାକୁ ହଲାଇ ଦେଇ ପାରିଲା ନାହିଁ କିମ୍ବା ସେ ଶୋଇଛି କି ନାହିଁ ଡାକିପାରିଲା ନାହିଁ । ଥରେ ରାଜୁ ରାଧାକୁ ହଲାଇ

Digitized by srujanika@gmail.com

ଦେବା ଲାଗି ହାତ ବଢ଼ାଇଲା ସତ, କିନ୍ତୁ ସାହସ କରି ତା' ଦେହରେ ହାତ ଲଗାଇ ପାରିଲା ନାହିଁ ।

ପାଖ କୋଠରୀରେ ବୁଢ଼ା ବୁଢ଼ୀ ଆଖି ବୁଜି ପଡ଼ିଥିଲେ ବି ଶୋଇ ପାରୁ ନଥିଲେ । ସାରାଦିନ ହାଡ଼ଭଙ୍ଗା ପରିଶ୍ରମ କରିବା ପରେ, ବିଛଣା ଧରିଲେ ବୁଢ଼ା ବୁଢ଼ୀ ଦିହେଁ ନିଘୋଡ଼ ନିଦରେ ଶୋଇ ପଡ଼ୁଥିଲେ କିନ୍ତୁ ଆଜି ଦାରୋଗା ସଙ୍କର୍ଷଣ ମହାନ୍ତିର ବ୍ୟବହାର, ଆଉ ମକରାରି ବିହଜଳା କାଣ୍ଡ ଦେବା ଭୂୟାଁଙ୍କୁ ବିଚଳିତ କରିଦେଇଛି । ସାପ ମେଞ୍ଚରାରେ ପଶି ଫଁ...ଅଁ ଫଁ.. ଅଁ ହେଲି ପରି ସେ ବିଛଣାରେ ପଡ଼ି ଏକଡ଼୍ ସେକଡ଼ ହେଉଛି । ବୁଢ଼ୀ ଦେବୀର ଅବସ୍ଥା ଜାଣୁଥିଲେ ବି ଭରସି କରି କିଛି କହିବା ଲାଗି ତା'ର ସାହସ ହେଉନାହିଁ ।

ରାଧା ବାପ ପୁଅଙ୍କ ମନର ଅବସ୍ଥା ବେଶ୍ ଠଉରେଇ ନେଇଛି । ତେଣୁ ସେ ମନେ ମନେ ତା' ଜୀବନର କର୍ତ୍ତବ୍ୟ ସ୍ଥିର କରି ନେବାକୁ ବାଧ୍ୟ ହୋଇଛି । ସେ ଅବଶ୍ୟ ନିଜ ବିଷୟରେ ବେଶୀ କିଛି ଭାବି ନଥିଲା, କେବଳ ଭାବୁଥିଲା— ରାଜୁର ମାନମର୍ଯ୍ୟାଦା ବିଷୟ । ଗୋଟିଏ ବିଛଣାରେ ପାଖାପାଖି ଶୋଇଥିଲେ ବି ଅନ୍ୟଦିନ ପରି ରାଧା ଆଜି ଯୌବନର ପସରା ରାଜୁ ଆଗରେ ମେଲି ଦେବାକୁ ଇଚ୍ଛା କରୁନାହିଁ । ବରଂ ନିଜର କଞ୍ଚାବୟସ ପ୍ରତି ତା' ମନରେ ଘୃଣା ଜାତ ହୋଇଛି । ସେ ଆଉ ବେଶୀ ସମୟ ନୀରବରେ ଶୋଇ ନପାରି ରାଜୁକୁ ହଲାଇ ଦେଇ କହିଲା—" ଶୋଇ ପଡ଼ିଲଣି କି" ?

ରାଧା ହାତର କଅଁଳ ପରଶରେ ରାଜୁ ଚଟ୍‌କରି ବୁଲିପଡ଼ି ତା' ହାତଟିକୁ ଧରି ପକାଇ କହିଲା—"ରାଧୀ, ଆଜି କାହିଁକି ଆଖିକୁ ମୋଟେ ନିଦ ଆସୁନି..." ।

"ମୁଁ ତ ଭାବିଥିଲି— ତୁମେ ଶୋଇ ପଡ଼ିଲଣି, କିନ୍ତୁ ତୁମେତ ଚାହିଁଚ..."।

ରାଧାର ମୃଦୁ ପରିହାସରେ ରାଜୁ ମନେ ମନେ କୁଳୁରି ଉଠିଥିଲେ ବି ନିଜର ମନୋଭାବକୁ କୌଣସି ମତେ ଲୁଚିରଖି କହିଲା—"ରାଧି, ଆଜି ତୁ ମୋତେ ଖୁବ୍ ଖରାପ ଭାବୁଚୁ ନା ? ତୋ' ଧାରଣାରେ ମୁଁ ନିଶ୍ଚେ ଗୋଟିଏ ପଶୁ..." ।

"ତୁମେ ଜାଣିଥିବ... ! ମୁଁ ତ ମୁହଁ ଖୋଲି କିଛି କହିନି..." । "କହିନୁ ସିନା...; କିନ୍ତୁ ମୋତେ ଆଗରୁ ଟିକିଏ ଡାକିବାକୁ ସଙ୍କୋଚ କଲୁ କାହିଁକି ? ତୋ'ର ମନ ଭିତରଟା କେବଳ ଖଣ୍ଡିଆ ଖାବରା ହୋଇଛି...

Digitized by srujanika@gmail.com

ନୁହଁ'' ? ଗଜୁର ଗଦ୍‌ଗଦ ସ୍ୱରରେ ତା' ହୃଦୟରେ ଝଡର ଆଭାସ ସ୍ପଷ୍ଟ ହୋଇ ଉଠୁଥିଲା ।

ଗଧ ବୁଲେଇ ବାଙ୍କେଇ ତା' ମନକଥା କହିବାକୁ ପସନ୍ଦ କଲା ନାହିଁ । ସେ ମନେ ମନେ ଦୃଢ଼ ନିଷ୍ପତ୍ତି କରିଥିବା ତା'ର ପ୍ରତିଜ୍ଞାକୁ ଗଜୁ ଆଗରେ ସାଫ୍ ସାଫ୍ ଖୋଲି ଦେଇ କହିଲା—''...ଶୁଣ, ମୋତେ ଛନ୍ଦକପଟ କଥା କହି ଆସେନି । ପିଲାଦିନରୁ ଢେକ୍‌ଠୋକ୍ କଥା କହିବାରେ ମୋର ଅଭ୍ୟାସ ପଡ଼ି-ଯାଇଛି । ତେଣୁ ମୁଁ ଜାଣେ—'ହକ୍ କଥାରେ ଢେକ୍‌ଠୋକ୍ କାହିଁକି' ? ମୁଁ ମୋ' ପେଟ ଭିତରର କଥା ତମକୁ କହିବା ପାଇଁ ଉଠେଇଲି ...'' ।

''କ'ଣ କହିବୁ କହ...'' ? ବ୍ୟଥିତ କଣ୍ଠରେ ଉତ୍ତର ଦେଲା ଗଜୁ । ସତେ ଅବା, ସେ ଗଧର ମନକଥା ବେଶ୍ ଜାଣିପାରିଛି ।

''ତୁମର ମନେଥିବ, ବାହାଘର ପୂର୍ବରୁ ଆମ ଗାଁ' ମୁଣ୍ଡ ଆମ୍ବତୋଟାରେ ଆମେ ରାତି ପହରେ ଯାଏଁ ବସି କେତେ କ'ଣ କୁହାକୁହି ହୋଇଥିଲେ ...'' ।

''ବେଶ୍ ଭଲ ଭାବରେ ମନେ ଅଛି... । ତୁ କ'ଣ କହିବାକୁ ଚାହୁଁଛୁ କହ...'' ତା' ମନର ବାଆ ବତାସକୁ ସେ କୌଣସି ମତେ ଚାପିଧରି କହିଲା ଗଜୁ ।

''ସେତେବେଳେ ମୁଁ ତୁମକୁ ଶେଷରେ କ'ଣ କହିଥିଲି, ତୁମର ମନେ ଅଛି ତ'' ?

''ମାନେ...'' ?

''ମାନେ ଆଉ କଅଣ ? ସେ କଥା ତୁମର ମନେ ନାହିଁ ! ତା' ହୋଇ-ଥିଲେ ତୁମେ ଆଜି ବନ୍ଧଣାରେ ଗୋଡ ହାତ ମେଲି ଦେଇ ଶୋଇ ନଥା'ନ୍ତ... !

''ତୁ କଅଣ କହୁଚ୍ ଗଧ...ମୁଁ ଆଦୌ ବୁଝିପାରୁନି....'' ।

''ବୁଝିବ କେମିତି ? ବିନା ଦୋଷରେ ଯେ ନିଜର ହାତଧରା ଭାରିଜା ଉପରେ ହାତ ଉଠାଇ ମରଦପଣିଆର ପନ୍ତଆରା ଦେଖାଏ' ସେ ବୁଝିବ କେମିତି ''?

''ଖୋଲାଖୋଲି ଭାବରେ ମୋତେ ତୁ ହୀନପୁରୁଷ ବୋଲି ଭାବୁଛୁ ତ.. ! ହଁ...ଆଜି ଅବଶ୍ୟ ତୋତେ ମାରିବା ମୋର ଭୁଲ୍ ହୋଇଛି... । ସେଥିଲାଗି ମୁଁ ତୋ' ହାତଧରି କ୍ଷମା ମାଗୁଚି...'' ।

Digitized by srujanika@gmail.com

"ନିଜ ଗେରସ୍ତକୁ କ୍ଷମା ମଗାଇ ଗୁଣ୍ଡ ଫୁଲେଇବା ବାଲା ଗଧା ନୁହେଁ…! ମୁଁ ପୁଣି ଥରେ ତୁମକୁ ଚେତେଇ ଦଉଚି—ତୁମେ ମୋତେ ଯେଉଁ କଥା ଦେଇଥିଲ, ତାକୁ ମାନିଲ ନାହିଁ ! ତେଣୁ ମୋ' ତରଫରୁ ମୁଁ ମୋ' କଥା ଅନୁସାରେ କାମ କରୁଛି…! ଏଥିରେ ତୁମେ ମୋତେ ଦୋଷ ଦେଇ ପାର…କିନ୍ତୁ ମୁଁ ଦୋଷୀ ନୁହେଁ ।

ହଠାତ୍ ତାତଲା ଲୁହଧାର ଚେହେଁକା ଲଗିଗଲା ପରି ଗଜୁ ଚହିଁକି ଉଠି କହିଲା—"ଗଧା, ଅଟା ପଶାହାସର ବେଳ ଏ' ନୁହେଁ…! ଯା' ହବାର ଥିଲା ହେଇଗଲା, ସେଇ କଥାକୁ ଫେଣେଇ କୁଣେଇ ମୋ' କଣ୍ଠାଧା'ରେ ଚୂନ ବୋଳୁଚୁ କାହିଁକି" ?

ଗଧା ଆଖିର ଲୁହଧାରକୁ ହାତ ପିଠିରେ ପୋଛି ଦେଇ କହିଲା—"ମୋ କଥା ଆଗ ଶୁଣିପାର…! ଗଧା ମହମର ପିତୁଳା ନୁହେଁ ଯେ, ସେ ଟିକିଏ ନିଆଁ ଧାସ ପାଇଲେ ତରଳି ଯିବ ! ସେ କାଉଁରିଆ କାଠି ପରି ଭାଙ୍ଗି ଯିବ ପଛକେ ନଇଁବ ନାହିଁ । ତୁମେ ସେଦିନ ମୋ' ହାତରେ ହାତ ରଖି କହିଥିଲ, 'ଗଧା, ମୁଁ ବାହାଦୁରୀ ଦେଖାଇ କହୁନି, ତୁ ଆଗ ମୋର ହୋଇଯା,' ଦେଖିବ କେଉଁ ପୁଅ ତୋତେ ଟାହିଁଲା କରି ପାରି ପାଇଯିବ ! ମୁଁ ତା' କଲିଜା ଚିରି ଟାଣି ନ ଆଣିଚି—ମୋ' ନାଁ, ଗଜୁଭୂୟାଁ ନୁହେଁ, ଗଜୁଆ ହାଡ଼ି…" । ଆଜି ସେଇ ଗଜୁଭୂୟାଁ । ଜିଭ ହଲେଇ କହୁଛି—"ଯା'ହବାର ହେଇଗଲେ…" । ଗଧା ପୁଣି ଥରେ ଆଖିରୁ ଝରିପଡୁଥିବା ଲୁହଧାରକୁ ଲୁଗା କାନିରେ ପୋଛି ଦେଇ ଏକା ନିଃଶ୍ୱାସକେ କହିଗଲା ।

ଗଜୁ ଘଡ଼ିଏ କାଳ ମୂକ ହୋଇଗଲା । କ'ଣ ଉତ୍ତର ଦେବ, ତା'ର ବୁଦ୍ଧି ଫୁରିଲା ନାହିଁ । ସେ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ କିଛି ସମୟ ଗୁମ୍ ମାରି ବସିଗଲା ।

ପୁଅ ବହୂଙ୍କ କଥାବାର୍ତ୍ତା ଶୁଣି ବୁଢାବୁଢ଼ୀ କାନ ଡେରି ଶୁଣିବାକୁ ଲାଗିଲେ । ପୁଅ ବହୂଙ୍କ କଥାବାର୍ତ୍ତାରେ ଦୁହିଁଙ୍କ ମନରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ହେବାକୁ ଲାଗିଲା । ଦେବା ମନେ ମନେ ବହୂର କଥାକୁ ତାରିଫ କରୁଥିଲେ ହେଁ ବୁଢ଼ୀ ଆଦୌ ତା'ର ମୁହଁ ଖୋର୍ କଥାଗୁଡ଼ାକୁ ଭଲ ଭାବରେ ଗ୍ରହଣ କରୁ ନଥିଲା । ସେ ମନେ ମନେ ଭାବୁଥିଲା—କେଡ଼େ ବାହାବାଜ୍ ଏ' ମାଇକିନିଆ…' ।

Digitized by srujanika@gmail.com

ଗଜୁକୁ ହଲାଇ ଦେଇ ପୁଣି କହିଲା ଗଧା—"କାହିଁ···କିଛି କହିଲି ନାହିଁ ଯେ···? ନାଃ···ତୁମର···"।

ଗଧା ପାଟିରୁ କଥା ଛଡ଼ାଇ ନେଇ କହିଲା ଗଜୁ—"ସବୁ କଥା ମୋର ଠିକ୍ ଠିକ୍ ଭାବରେ ମନେ ଅଛି···କିନ୍ତୁ ବେଳକାଳକୁ ସବୁର୍ କରିବାକୁ ପଡ଼ୁଚି···"।

"ସବୁର କରିବାବାଲା ଗଧା ନୁହେଁ। ସେ କେବଳ ଗୋଟିଏ କଥା ଶିଖିଚି ଏ'ପାଖ ନଇଲେ ସେ ପାଖ···। ତୁମେ ବେଳକାଳ ହିସାବ କରୁଥାଅ ବସି, ମୁଁ କାଲି ସିନ୍ଦୁରା ଫାଟିବା ବେଳକୁ ମୋ' ବାଟ କାଟିବି···"।

"ଆରେ···! ଏ' କ'ଣ ତୁ କହୁଚୁ···!! ତୁ କୁଆଡ଼େ ଯିବୁ···"!!!

"ଭାଗ୍ୟ ଯେଉଁ ଆଡ଼େ ନେଇଯିବ···! ତୁମେ ଯେତେବେଳେ ତୁମ, ଦରବକୁ ସାଇତି ପାରିଲ ନାହିଁ···ସେ ଉଜୁଡ଼ି ଯିବ କାହିଁକି···"?

"ତୁ କ'ଣ ସବୁ ବକି ଯାଉଚୁ ଗଧା ? ମୁଁ ତୋ'ତେ ସାଇତି ପାରୁନି ??

"ତା' ନୁହେଁ ତ ଆଉ କ'ଣ ? ତୁମେ ଯେତେବେଳେ ମୋ' ମନ ମହତର ଖିଆଲ୍ ନକରି, ନିଜ, ଜୀବନକୁ ସାରୁ ପତରରେ ଗୁଡ଼େଇ ଗମ୍ଭୀରି ଘରର ଲୁହା ସିନ୍ଦୁକରେ ପୂରେଇବାକୁ ବସିଚ, ମୁଁ ଆଉ କରନ୍ତି କ'ଣ ? ଗାଁ' ସାରାର ଝାଡ଼ୁଣୀ ସହି, ଏ'ଠି ପେଟ ରୁଟିଖଣ୍ଡକ ଲାଗି ପଡ଼ିରହିବା ଅପେକ୍ଷା···"।

ଗଜୁ ଗଧାର ମୁହଁରେ ହାତ ଦେଇ କହିଲା—"ଗଧା, ବେଳକାଳ ଦେଖୁନୁ ତୁ···! ତୁ ତ' ନିଜେ ଦେଖିଲୁ—ଅନ୍ଧାନିଆ ବାଆ ବତାସ ପରି କୁଆଡୁ ମାଡ଼ି ଆସିଲା ସେ ଦାରୁଗାଟା, ଗତରେ ମୋ' ବାପା ସେଇ ଚନ୍ଦାରେ ଭଲରେ ଗଣ୍ଡେ ଖାଇ ପାରିଲା ନାହିଁ...ଏତିକବେଳେ ପୁଣି ତୁ ଚାଲିଯିବୁ କୁଆଡ଼େ···ମୋ' ଗୁଡରେ ଖୁରଧାର ଚଲେଇ ଦେଇ···। ହଁ···ତୁ ସତ କହିଚୁ···ମୁଁ ଯା' କହିଥିଲି···ଏବେ ତା' ରଖିପାରୁନି···କିନ୍ତୁ ମଉକା ଦେଖି ମୁଁ ମକରାକୁ ତା' ଷଠିଘର ଦେଖାଇ ଦେବି···ହେଲେ···"।

ଗଜୁର ପାଟିରୁ କଥା ଛଡ଼ାଇ ନେଇ କହିଲା ଗଧା—"ଯେତେଦିନ ଯାଏ ମୁଁ ମୁଣ୍ଡ ତଳକୁ କରି ଏ' ଗାଁ'ରେ ଚଳିପାରିବନି···.

"ଏଇଥିପାଇଁ ତୁ ପଳାଇ ଯିବୁ·· "?

Digitized by srujanika@gmail.com

“ନର୍କେ ଗଳିଯିବ···। ସେଦିନ ଆମ୍ବଗଛ ମୂଳେ ତୋ’ଫା ଜହ୍ନ ଆଲୁଅକୁ ସାକ୍ଷୀ ରଖି ମୁଁ ସଫା ସଫା କହିଥିଲି—‘ତୁମେ ପଛକେ ମୋତେ ଖାଇବାକୁ ପିନ୍ଧିବାକୁ ନଦେବ, ସେଥିପାଇଁ ମୋର ଭାବନା ନାହିଁ : ତୁମଠାରୁ ମାଡ଼ ଗାଳି ସବୁ ହଜମ୍ କରିବା ପାଇଁ ମୋ’ ମନରେ ବଳ ଅଛି; କିନ୍ତୁ ତୁମେ ତାଡ଼ି ମଦ ପିଇ ମାତାଲ୍ ହୋଇଲେ କିମ୍ବା ପରଝିଅ ବୋହୂଙ୍କୁ ଆଖି ଦେଲେ ମୁଁ ସହିପାରିବି ନାହିଁ । ଆଜି ତା’ଛଡ଼ା···ମୁଁ ବାରମ୍ବାର ଚେତେଇ ଦେଇ କହିଥିଲି—ମୋ’ ମାନ ମହତ ସବୁ ତୁମରି ହାତରେ ସଅଁପି ଦେଲି, ତୁମେ ତାକୁ ପାଟ କନାରେ ଗୁଡ଼େଇ ରଖିବ··! କିନ୍ତୁ ଆଜି ମୋ’ ମାନ୍ ଇଜ୍ଜତକୁ ଗୋଡ଼ରେ ଦଳି ଦେଇ ମକବ୍ରା ତୁମ ବଂଶଧରଙ୍କ ମୁହଁରେ ଚୂନ କାଳି ବୋଳି ଦେଇ ହେଣ୍ତିମାରି ବୁଲୁଥିବା ବେଳେ ତୁମେ ଶାଢ଼ୀ କାନି ତଳେ ମୁହଁ ଗୁଞ୍ଜି ବେଳକାଳର ହିସାବ କରିବାରେ ଲଗିଚ···! ମୁଁ ଯା’ ବରଦାସ୍ତ କରି ଏ’ଠି ନଳଠା ମୁହଁରେ ବାହାରକୁ ଗୋଡ଼ କାଢ଼ି ପାରିବନି, ମୋ’ ଉପରେ ଆଖି ମିଟିକା ମାରିବା ଚାଲିର ଆଖି ଦି’ଟାକୁ ତାଡ଼ି ଆଣିବାବାଲି ରାଧା···! ତାକୁ ଟାହିଲି କରି ଆଜି ମକବ୍ରା ପାର ପାଇ ଯାଇ ଥାଆନ୍ତା···? ସବୁଦିନ ଲାଗି ତା’, ମୁହଁ ମୁଁ ବନ୍ଦ କରି ଦେଇ ଥାଆନ୍ତି ସେଇ ନଈ ତୁଠରେ, କିନ୍ତୁ ମୁଁ କାଠ ପାଷାଣ ପରି ସହିଗଲି କେବଳ ତୁମରି, ପାଇଁ । ଗେରସ୍ତ ଥାଉଁ ଥାଉଁ ଘରଜା ଅଣ୍ଡିରାଚଣ୍ଡୀ ପରି ହାତ ଉଠେଇବ କିମିତି ? କିନ୍ତୁ ମୋ’ ମାନମହତ ଗଳିଗଲେ ବି ତୁମେ ବେଳକାଳର ହିସାବ ବେପାରୀଙ୍କ ପରି କରି ବସୁଚ···। ମୁଁ ଏ’ ଅପମାନକୁ ଚୁପ୍‌ଚାପ୍ ସହି ନେଇ ମୁହଁ ବୁଲେଇ ରହି ପାରିବି ନାହିଁ । ମୁଁ ମୋର ଶେଷ କଥା ଶୁଣେଇ ଦଉଚି, ଏ’ପଟେ ସୂରୁଜ ସେପଟେ ଉଇଁଲେ ବି ରାଧା ଆଉ ଘଡ଼ିଏ ଏ’ଘରେ ରହିବ ନାହିଁ” !!!

ରଜୁ ଆବାକାବା ହୋଇ ରାଧାର କଥାଗୁଡ଼ାକୁ ଶୁଣି ଯାଉଥିଲେ ବି ତା’ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଉଥିଲା। କିନ୍ତୁ ସମୟର ପ୍ରବଳ ଧକ୍କାରେ ସେ ରାଧାର କଥା ଅନୁସାରେ ନିଆଁକୁ ଡେଇଁ ପଡ଼ିବା ପାଇଁ ସାହସ କରୁ-ନଥିଲା ।

ଏ’ପର୍ଯ୍ୟନ୍ତ ଅବଶ୍ୟ ଦେବା ବହୂର କଥାଗୁଡ଼ାକୁ ମନେ ମନେ ତାରିଫ୍ କରୁଥିଲା, କିନ୍ତୁ ରଜୁ କାଲିର ଘଟଣା ସମ୍ପର୍କରେ ବୁଝାଇ, ଆଜି କିଛିଦିନ ସତାର କରିଯିବା ପାଇଁ କହୁଥିବା ସତ୍ତ୍ୱେ ରାଧା ସେ କଥା ଠେଲି ଦେଇ, ଶାଶୁ-

Digitized by srujanika@gmail.com

ଘରୁ ଗୋଡ଼ କାଢ଼ି ସକାଳୁ ସକାଳୁ ବାହାରି ଯିବାକୁ ଜିଦ୍ କରିବାରୁ ସେ କୌଣସି ମତେ ସହିପାରିଲା ନାହିଁ । ହଠାତ୍ କାଳେ ପାଟି ଖୋଲିଦେଲେ କଥାଟା ଅଡ଼ୁଆ ହୋଇଯିବ, ସେଥିଲାଗି ସେ ଗଜୁ ଉପରେ ଭରସା ରଖି ଚୁପ୍-ଚୁପ୍ ବିଛଣାରେ ପଡ଼ି ରହିଲା ।

ବୁଢ଼ୀର ଦମା ଉଠୁଥିଲେ ବି ସେ କୌଣସି ମତେ ମୁହଁକୁ ମୁଠେଇ କାଶ ବନ୍ଦ କରିଥିଲା । କିନ୍ତୁ ଶେଷକୁ ସେ ଆଉ ସମ୍ଭାଳି ନ ପାରି ଖେଁ...ଏଁ... ଖେଁ...ଏଁ...ହୋଇ କାଶି ଉଠିଲା ।

ଗଜୁ ଗଧାକୁ କ'ଣ କହି ବୁଝାଇବ, ଠିକ୍ କରି ପାରିଲା ନାହିଁ । ଶେଷକୁ ସେ ଗଧାର ହାତ ଦିଓଟିକୁ ଜାବୁଡ଼ି ଧରି କହିଲା—"ପାଗଳ, ତୁ ଟିକିଏ ମୋ ଅବସ୍ଥା ବିଚାର କର ! ବାପା, ମା' ଓ ସାଇ ଭାଇଙ୍କ ଆଗରେ ମୋତେ ବଇଜ୍ଜତି କରି ତୁ ଗୋଡ଼ କାଢ଼ି ଚାଲିଗଲେ; ତୋତେ କି ଯଶ ପଉରୁଷ' ମିଳିବ" ?

ଗଜୁ ଟିକିଏ ରହି ଯାଇ, ତା' ଶୁଖିଲା ଓଠରେ ଜିଭ ବୁଲାଇ ଆଣି ପୁଣି କହିଲା—"ଗଧା, ତୋ'ର ମନରେ କ'ଣ କେବଳ ମାନ୍ଇଜ୍ଜତ୍ର ଭାବନା ଖେଳୁଛି ? ଆମେ କ'ଣ ଏକାବେଳେକେ ନିରକ୍ଷରୁଆ ମଣିଷ ବୋଲି ତୁ ଭାବୁଛୁ ?? ନାଃ...ତା' କଦାପି ନୁହେଁ...! ଆଜି ସଞ୍ଜବେଳେ ଯେଉଁ ପାଲି ଲାଗିଗଲା, ସେଇଥିପାଇଁ ମୁଁ ଭରସି କରି କାନ୍ଦିବାକୁ ସାହାସ କରୁନି । ତୁ ଜାଣିଚୁ... କାଲି ବିନା ଦୋଷରେ ମୋ' ବାପା ମୁହଁ ତଳକୁ କରି ପାଞ୍ଚଟଙ୍କା ଜୋରିମାନା ଗଣି ଦେଇ ଆସିଲା, ଆଜି ଯଦି ମୁଁ କିଛି ଗୋଟାଏ କରି ବସେ, ତେବେ ଦାରୁଗାବାବୁ ଆମ ବଂଶ ଗୋଟାକୁ କଳବଳ କରି ଟେକେଇ କୁଟେଇ ଖାଇଯିବ ! ତୁ ଜାଣିଚୁ କି ନାଇଁ ମୁଁ ଜାଣେନା, ମକରା ଖୋଇପେଇ ଥାନା-ବାବୁକୁ ହାତ କରି ରଖିଛି । ସେଇ ଯମଦୂତଟା ଏ' ଗାଆଁରେ କାନଫାଶ ଧରି ହାଜର ଥିବାବେଳେ ମୁଁ ଯଦି କିଛି କରି ବସେ । ତା'ହେଲେ ଆମ ଅବସ୍ଥା କହିଲେ ସରିବନି...! ତୁ ଟିକିଏ ବିଚାର କର ଗଧା" !

ଗଜୁର ସମସ୍ତ ପ୍ରକାର କାକୁତି ମିନତି, ବୁଝାସୁଝା ଗଧାର ପ୍ରତିଜ୍ଞାକୁ ଟଳାଇ ପାରିଲା ନାହିଁ । ସେ ନିଜ ଜିଦ୍‌ରେ ଅଟଳ ରହି କହିଲା—"ମୁଁ ଆଜି ଯେମିତି ଗୋଡ଼ କାଢ଼ି ଚାଲି ଯାଉଛି, ପୁଣି ଦିନେ ହୁଏତ ସେମିତି ଆପେ ଆପେ ଆସି ତୁମ ଘର ସମ୍ଭାଳି ନେବି ! ତୁମେ ମୋତେ ବାରବୁଲା ଛତରଖାଇ ବୋଲି

Digitized by srujanika@gmail.com

ଭାବନାହିଁ...! ବରଭୁଠରୁ ପାଣି ଗୁଡ଼ିଲ୍‌ବାଲୀ ରାଧା ନୁହେଁ···!! ସେ ଥରେ ଯାହାକୁ ଗଙ୍ଗାପାଣି ଭାବ ଢୋକ ଦେଇଛି, ସାରା ଜୀବନ ତାକୁ ନଭେଇ ଚଳିବ । ଶୋଷରେ ତୋଟି ଶୁଖିଯାଇ ପ୍ରାଣ ବାହାରି ଗଲେ ବି ସେ ଆଉ କେଉଁ ଘାଟରେ ମୁହଁ ମାରିବ ନାହିଁ···" !

ରାଜୁ ଶେଷକୁ ରାଧା ପାଖରେ ମୁଣ୍ଡ ନୁଆଇଁ କହିଲା—"···ହଉ··· ରାଧା, ତୋ'ର କଥା ରହୁ ପଛକେ, କିନ୍ତୁ ମୁଁ ତୋ' ହାତ ଓଠ ଧରୁଛି, ତୁ ମୋ'ର ଗୋଟିଏ କଥା ମାନ୍ ! କାଲି ବଡ଼ଯକାକୁ ନଯାଇ, ଗାଧୁଆ ପାଧୁଆ ଖିଆପିଆ ସାରି, ବାହାରି ପଡ଼ିବୁ··· । ମୁଁ ତୋ ସାଙ୍ଗରେ ଯାଇ ତୋତେ ଛାଡ଼ି-ଦେଇ ଆସିବି ! ତୋ' ଆର ପଛକେ ରହିବ, କିନ୍ତୁ ମୋତେ ଆଉ ମୁଣ୍ଡ ତଳକୁ କରିବାକୁ ପଡ଼ିବ ନାହିଁ ···"।

ଏ' କଥା ଶୁଣିବା ମାତ୍ରେ ଦେବା ଭୂୟାଁର ପୌରୁଷ ଆଉ ସମ୍ଭାଳି ପାରିଲାନି । ସେ ତମ୍ପସାପକୁ ଗୁଳିଦେବା ପରି ଫାଁ···ଏଁ କରି ଗର୍ଜି ଉଠିଲା— "ବେହିଆ···ଅଲକ୍ଷ୍ୟା···ମାଇପ ବୋଲକରା···ଦୁବଟଛରେ ଦଉଡ଼ ଦେଇ ମରୁନୁ···!! ମୋ' ଖାନ୍‌ଦାନ୍ ବୁନିଆଦରେ କଳଙ୍କ ଲଗେଇ ତୁ ଯିବୁ ମାଇପ ପଛରେ କୁକୁରଙ୍କପରି ଲସର୍ ପସର୍ ହେଇ···!!

ବୁଢ଼ାର କଥା ଶେଷ ନ ହେଉଣୁ ବୁଢ଼ୀ ଗର୍‌ଗର୍ ହୋଇ କହିଲା— "ହୁଁ···ଯାଃ···ତା' ତଳପା ଚାଟୁନୁ···! ଆରେଃ · ତୋର କ'ଣ ମୁଣ୍ଡ ଗଡ଼ଗଲା କିରେ...? ବଣ ପିଟିଦେଲେ ପଣେ ପୂଆ'ର ପରି ଛତରଖାଇ ଆସି ମୁଣ୍ଡିଆ ମାରି ମାରି ମୁଣ୍ଡ ଗୁନ୍ଧିଆ କରିଦେବେ··· । ଏତେ ମୁହଁବାଲୀ ହେଇଛି ସେ···ଏକା ରୁପୁଡ଼ାକେ ତା' ମୁହଁ ଯଦି ଛିଣ୍ଡୁ ନ ହେଇଛି···ବେଶୀ ବାହାଦୁରିଆଣୀ ଦେଖେଇ ହଉଛି···ନଣ୍ଡିଆ ପାଇକ ଝିଅ···"!

ବୁଢ଼ା ବୁଢ଼ୀଙ୍କ ଗର୍ଜନ ତର୍ଜନରେ ଘରଟା କିଛି ସମୟ ପାଇଁ ବେଶ୍ ସରଗରମ୍ ହୋଇ ଉଠିଲା । ତା'ପରେ ସମସ୍ତେ ନୀରବ... ।

ଶେଷରେ ନୀରବତା ଭଙ୍ଗକରି କହିଲା ରାଧା—"···ଆଉ ଚୁପ୍‌ହୋଇ ବସି ରହିଲ କାହିଁକି ? ଆଣ୍ଠୁନ ଦାଉଆ କଟ୍‌ରଖିଛ···ନାକ କାନ କାଟି ଧକ୍କା ଦେଇ ବାହାର କରିଦେଉନ ଘରୁ··· । ମୁଁ ବେଶ୍ ଜାଣିଛି···ଯେଉଁ ମରଦ ସମସ୍ତଙ୍କୁ ଡରି ମୂଷାପରି ବିଳରେ ପଶିଥାଏ, ସେ ମାଇପ୍ ଉପରେ ସିଂହ ପରି କୁଦିପଡ଼େ···। 'ଭୁଲା ନ ଜାଣଇ ପାଇକ ଆଗେ । ଡମ କରୁଥାଏ ମାଇପ ଆଗେ···"।

Digitized by srujanika@gmail.com

ରାଧା ଏତିକି କହି ନୀରବ ହୋଇଯିବା ପରେ ମଧ୍ୟ ରାଜୁର ମୁହଁରୁ 'ରାମ କି ନତୁ, କିଛି ବାହାରିଲା ନାହିଁ । କିଛି ସମୟ ଚୁପ୍ ରହିବା ପରେ ପୁଣି କହିଲା ରାଧା —''ମୁଁ ତୁମ ସାଥିରେ ଠାଇଁ ପଶିବା ପାଇଁ ପଳାଇ ଆସିନି । ନିଜ ଇଚ୍ଛାରେ ତୁମ ମନନେଇ ବେଶରେ ସାତପାଞ୍ଚ ଯାତକଳସ ମାଡ଼ି ବା' ହୋଇ ଆସିଚି । ତଥାପି ଯଦି ତୁମ ମନରେ ଥାଏ ଯେ, ମୁଁ ତୁମକଥା ମାନି, ମାନ-ମହତକୁ ପଦାରେ ପକାଇ ରହିବାକୁ ରାଜି ହଉନି, ତା'ହେଲେ, ଆଉ ଡେରି କରୁଚ କାହିଁକି ? ଏଇଲେ ମନର ଅକସ୍ ମେଣ୍ଟେଇ ନଉନ କାହିଁକି...''?

ରାଧାର ରାହାବାଜ କଥାର ଉତ୍ତର ଦେବାକୁ ବୁଢ଼ୀର ମୁହଁ ଖୋଲୁଥିବା ସମୟରେ ଦେବା ତା' ମୁହଁରେ ହାତ ଦେଇ ତାକୁ ଚୁପ୍ କରାଇ ଦେଲା ।

ତା'ପରେ ସମସ୍ତେ ଚୁପ୍... । ରାଧା ବଖରାରୁ ଉଠିଆସି ମାଠିଆରୁ ପାଣି ଗଡ଼ାଇ ଆଣି ତା'ର କାନ୍ଦୁଣିଆ ମୁହଁଟାକୁ ଭଲକରି ଧୋଇ ନେଲା । ତା'ପରେ .. ସିନ୍ଦୁର ଫାଟିବା ମାତ୍ରେ ସେ ଯେଉଁ ଖଣ୍ଡିକ ପିନ୍ଧିଥିଲା, ତାକୁଇ ସଜାଡ଼ି ପିନ୍ଧି-ନେଇ ଦାଣ୍ଡ ଦୁଆର ଖୋଲି ଧୀରେ ବାହାରିଗଲା ବାହାରକୁ... । ରାଜୁ କେବଳ ଚାହିଁ ରହିଥିଲା—ରାଧାର ଚାଲିବାଟକୁ ଏବଂ ବୁଢ଼ା ବୁଢ଼ୀ ଦୁହେଁ ଜଳଜଳ କରି ଚାହିଁ ରହିଥିଲେ ରାଜୁ ଆଡ଼କୁ । ସମସ୍ତଙ୍କ ପାଟି ତୁଣ୍ଡରେ ଚମ୍ପୀ ଓ ଖେତର ଉଠିପଡ଼ି ବୋକାଙ୍କ ପରି ଚାହିଁ ରହିଥିଲେ ଦାଣ୍ଡ ଦୁଆରକୁ... ।

—୦—

॥ ସାତ ॥

ରାଧା ଥିଲା—ଉତ୍ତରପଶି ଗାଆଁର ମୁଖିଆ ଭୀମ ରାଉତର ଏକମାତ୍ର କୋଳପୋଛା ଝିଅ । ତା' ବାପା ଶ୍ୟାମ ରାଉତ ପିଲାଦିନେ ଯେପରି ଉଜ୍ଜଳ ଡାଉଲ୍ ଚେହେରାର ବଳିଷ୍ଠ ଯୁବକଟିଏ ଥିଲା, ଠିକ୍ ଅବିକଳ ସେଇ ଚେହେରା ନେଇ ଜନ୍ମ ହୋଇଥିଲା ରାଧା । ପିଲାଦିନେ ଗାଆଁ ସାରା ମାଇପେ ତାକୁ ଗେହ୍ଲାବସରରେ ଡାକୁଥିଲେ—ଗୁଣ୍ଡୁଣୀ ହାଣ୍ଡି ।

ଧୀରେ ଧୀରେ ରାଧାର ବଳଲ୍‌ବାଳଲ୍ ଚେହେରାଟା ଆଖି ଝଲସିଆ ହୋଇ ଉଠିଲା । ତା'ର ଅକର୍ଣ୍ଣ ବିସ୍ତୃତ ନୟନ, ଚନ୍ଦ୍ର ବିନିନ୍ଦିତ ମୁଖମଣ୍ଡଳ, ଗୋରା ତକତକ ଚେହେରା, କଦଳୀ ଗଛ ପରି ଉରୁଯୁଗଳ, ବିମ୍ବଫଳ ପରି ଓଠ, ଯୁବାଜନ ମନଲୋଭା ଉଚ୍ଚ ଉଚ୍ଚ ଘନକୁଚ ଯୁଗଳକୁ ଦେଖିଲେ ବାଟଚଲା ଲୋକେ ଘଡ଼ିଏ ନ ଚାହିଁ ରହିପାରିଲେ ନାହିଁ ।

Digitized by srujanika@gmail.com

ରାଧାର ରୂପ ମାଧୁରୀ ଦେଖି ତା'ର ବାପା ଖେମ ରାଉତ ମନେ ମନେ ଖୁବ୍ ମୁଗ୍ଧ ହୋ'ଇ ଉଠୁଥିଲା । ସେ ଧୀରେ ଧୀରେ ତା'ର ବିବାହ ଲାଗି ସମ୍ବନ୍ଧ କରିବାକୁ ଉଚ୍ଛନ୍ନ ହୋଇ ଜାତି ଗୋଷ୍ଠ ମଧ୍ୟରେ ରାଧାର ମନଲାଖି ବରଟିଏ ଖୋଜିବାରେ ଲାଗି ପଡ଼ିଲା । କିନ୍ତୁ ରାଧାର ଠୋକ୍‌ଠୋକ୍ କଥା, ପୁଅପିଲାଙ୍କ ପରି ଖେଳ କସରତ୍ ଦେଖି ତାଙ୍କ ମନ ଚିନ୍ତାରେ ଘାରିଗଲା । ଯା'ରି ମଧ୍ୟରେ ଆଉ ଗୋଟିଏ ଘଟଣା ତାଙ୍କୁ ଆହୁରି ଚିନ୍ତାରେ ପକାଇ ଦେଲା ।

ଥରେ କେଉଁଆଡ଼ୁ ଆସି ଗୋଟିଏ ମାରଣା ଷଣ୍ଢ ଗାଁ'ରେ ପହଞ୍ଚିଲା । ଗାଁ' ଲୋକମାନେ ଷଣ୍ଢର ଉତ୍ପାତରେ ଅତିଷ୍ଠ ହୋଇ ଉଠିଲେ । ଗାଁ' ଗଣ୍ଡାର ଫସଲ ଦଳି ଚକଟି ଷଣ୍ଢଟା ନଷ୍ଟ କରିଦେଲା । ବାଡ଼ ଘର ଭାଙ୍ଗି ବଲବାଡ଼ ନଷ୍ଟ କରି ଷଣ୍ଢଟା ଗାଁ' ଗୋଟାକୁ ଉଚ୍ଛନ୍ନ କରି ପକାଇଲା ।

ଥରେ ଗାଁ' ଲୋକେ ଭାଗବତ ଘରେ ଏକାଠି ବସି କିପରି ଷଣ୍ଢଟାକୁ ବାନ୍ଧି ଅଟକାରେ ପକାଇ ଦେବେ, ସେଥିଲାଗି ବଲୁଆ ବିଗୁର କରିବାକୁ ଲାଗିଲେ । କିଏ କହିଲା—"ଷଣ୍ଢଟାର ଗୁରିଗୋଡ଼କୁ ଛନ୍ଦ ବାନ୍ଧିଦେଲେ ସେ ଆଉ ବଲ ବାଡ଼ ନଷ୍ଟ କରିପାରିବ ନାହିଁ" । ଆଉ କେହି ଜଣେ କହିଲା—"ଗୁରିଗୋଡ଼କୁ ଛନ୍ଦିବା ଦରକାର ନାହିଁ, କେବଳ ଦୁଇଟା ଗୋଡ଼କୁ ଦଉଡ଼ିରେ ବାନ୍ଧି ପକାଇଲେ ଷଣ୍ଢଟା ନବଦ୍ ହୋଇଯିବ" ।

ଲୋକମାନେ ଏ' ପ୍ରସ୍ତାବ ଶୁଣି ହୋ' ହୋ' ହୋଇ ହସି ଉଠିଲେ । ସମସ୍ତଙ୍କ ମନକୁ ଏ' କଥାଟା ବେଶ୍ ପାଇଲା । କିନ୍ତୁ ଏତିକିବେଳେ ଦୁରୁଦଣ୍ଡୀ ରାଧାଟା ସେଠାରେ ପହଞ୍ଚିପାଇ, ସମସ୍ତଙ୍କ ହସର ଜୁଆରରେ ଭଟା ପକାଇ ଦେଲା । ସେ ଲୋକଗହଳ ଆଗରେ ଠିଆହୋଇ କହିଲା—"ସମସ୍ତେ ତ ହସରେ ମଶଗୁଲ୍ ହୋଇ ଉଠୁଛ, ତୁମ ଭିତରୁ କାହା ଗୁଡିରେ ହେମତ୍ ଅଛି କହିଲ, କିଏ ଯାଇ ଷଣ୍ଢର ଗୋଡ଼ ଦି'ଟାକୁ ଛନ୍ଦ ଦେବ" ?

ରାଧାର କଥା ଶୁଣି ସମସ୍ତଙ୍କ ହସର ଜୁଆରରେ ଭଟା ପଡ଼ିଗଲା । ସମସ୍ତେ ପରସ୍ପରକୁ ଗୁହିଁ ରହିଲେ କିନ୍ତୁ ଘଡ଼ିଏଯାକେ କାହାରି ପାଟିରୁ ଉଁ···କି ଚୂଁ··· କିଛି ହେଲେ ବାହାରିଲା ନାହିଁ ।

ସମସ୍ତଙ୍କୁ ନୀରବ ହୋଇଯିବାର ଦେଖି କହିଲା ରାଧା—"ତୁମମାନଙ୍କ ମସୁଧା ଶୁଣି ମୋର ଗୋଟିଏ କଥା ମନେ ପଡ଼ିଯାଉଛି । ଥରେ ଗୋଟିଏ କାଣୀ ବିଲେଇର ଅତ୍ୟାଗୁରରେ ମୂଷାମାନେ ଅତିଷ୍ଠ ହୋଇ ଉଠିଲେ । ସେମାନେ

Digitized by srujanika@gmail.com

ବଦନ ଗୋଟିଏ ନିରୁଛିଆ ସ୍ଥାନରେ ମିଳିତ ହୋଇ, କିପରି କାଣୀ ବିରାଡ଼ି କବଳରୁ ମୁକ୍ତି ପାଇବେ, ସେଥିନେଇ ବିଷୟରେ ବିଚାର କଲେ । ସେମାନଙ୍କ ମଧ୍ୟରେ ଗୋଟିଏ ବୁଢ଼ା ମୂଷା ବଡ଼ ଚୁପ୍‌ଚାପ ବସିଥିଲା ଗୋଟିଏ କୋଣରେ । କିଏ କେତେ ପ୍ରକାର ପ୍ରସ୍ତାବ ଦେଲା । ସେଥିରେ କେହି ଏକମତ ହେଲେ ନାହିଁ । ଶେଷକୁ ଗୋଟିଏ ଆଗବୋଲା ଚଗଲା, ମୂଷା ଆଗେଇ ଆସି କହିଲା—"ଭାଇମାନେ, ମୁଁ ଗୋଟିଏ ନୂଆ ଉପାୟ ସ୍ଥିର କରିଛି । ଆମେ ଗୋଟିଏ ଘଣ୍ଟି କେଉଁଠୁ ଆଣି କାଣୀବିରାଡ଼ି ବେକରେ ଝୁଲେଇ ଦେବା । ତା'ହେଲେ, ବିରାଡ଼ିଟା ଯେତେବେଳେ ବାହାରକୁ ଆସିବ, ଆମେ ତା' ବେକର ଘଣ୍ଟି ଶବ୍ଦ ଶୁଣି, ସାବଧାନ ହୋଇ ନିଜ ନିଜ ଗାତରେ ଲୁଚିଯିବା । ତେଣୁ ସେ ଆଉ ଆମର କିଛି ଅନିଷ୍ଟ କରିପାରିବ ନାହିଁ ।

"ଚଗଲିଆ ମୂଷାର ଏ' ପ୍ରସ୍ତାବଟି ସମସ୍ତଙ୍କ ମନକୁ ଖୁବ୍ ପାଇଲା । ସମସ୍ତେ ଆନନ୍ଦରେ କରତାଳି ଦେଇ ତା' ପ୍ରସ୍ତାବକୁ ସମର୍ଥନ କରିବା ସଙ୍ଗେ ସଙ୍ଗେ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଲେ । କିଏ କହିଲା—'କାଣୀଟାକୁ ଆମେ ସ୍ତା' ଫଳରେ ବେଶ୍ ମଜାଟିଏ ଚଖେଇ ଦେଇ ପାରିବା" । ଆଉ କିଏ କହିଲା—'ଘଣ୍ଟି ବନ୍ଧା ହୋଇଗଲେ, ଆମର ପ'ବାର ତେର··· । ତେଣିକି ତ ଆମର ଅଖଣ୍ଡ ରାଜୁତି ଚାଲିବ···" ଇତ୍ୟାଦି ଇତ୍ୟାଦି ।

ଗୋଟିଏ କୋଣରେ ବସି ଚୁପ୍‌ଚାପ୍ ମୂଷାମାନଙ୍କ ପ୍ରସ୍ତାବ ଶୁଣୁଥିବା ବୁଢ଼ା ମୂଷାଟି ମୁହଁ ଖୋଲି କହିଲା—"ଭାଇମାନେ, ଗୋଟିଏ ଭଲ ପ୍ରସ୍ତାବ ଶୁଣି ସମସ୍ତେ ଖୁସି ହେଉଛ ଯେ, ମୋତେ ଆଗେ କହିଲ, ତୁମମାନଙ୍କ ମଧ୍ୟରୁ କିଏ ଘଣ୍ଟିଟି ନେଇ କାଣୀ ବିଲେଇ ବେକରେ ବାନ୍ଧି ଦେଇ ଆସିବ ? ଘଣ୍ଟିବନ୍ଧା ସରିଲେ ଯିନା ସମସ୍ତେ ମଉଜ ମଜ୍‌ଲିସ୍ କରିବ, ଆଗେ ଘଣ୍ଟିବନ୍ଧା କାମଟା ସରିଯାଉ···" ।

"ବୁଢ଼ା ମୂଷାଟା ହଠାତ୍ ଏମିତି ଗୋଟିଏ ଅଖାଡ଼ୁଆ ସମସ୍ୟା ଉଠାଇବ ବୋଲି କାହାରି ଧାରଣା ନଥିଲା । ତା' କଥା ଶୁଣି ସମସ୍ତଙ୍କ ମୁହଁ ଫିକା ପଡ଼ିଗଲା । ସମସ୍ତେ ଧିରେଇ ଧିରେଇ ସେ ସ୍ଥାନ ଛାଡ଼ି ପଳାଇଗଲେ ।

"ମୋର ମନେ ହେଉଛି"—ଖିଲ୍‌ଖିଲ୍ ହୋଇ ହସିଦେଇ କହିଲା ଗଧ—"ତୁମେମାନେ ସେହି ମୂଷାଦଳ ପରି ଏ'ଠି ବସି ଖଣ୍ଡ ଗୋଡରେ ଦଉଡ଼ ଛନ୍ଦ ଦେବାର ମସୁଧା କରୁଛ । ଫରକ୍ ହେଉଛି—ସେମାନେ ଥିଲେ ଲାଙ୍ଗୁଳ ଥିବା କଣୁଆ ମୂଷା, ତୁମେମାନେ ହେଲ—ଲାଙ୍ଗୁଳ ନଥିବା ମୂଷା" ।

Digitized by srujanika@gmail.com

ଅଲଜୁକା ଦୁରୁଦଣ୍ଡୀ ଗଧାର ଟେକ୍‌ଟୋକ୍ କଥା ଶୁଣି ସମସ୍ତେ ମନେ ମନେ ଜଳ ଉଠିଥିଲେ ହେଁ, କାହାର ପାଟିରୁ ଗୋଟିଏ ହେଲେ ଶବ୍ଦ ବାହାରିଲ ନାହିଁ । ଘଡ଼ିଏ କାଳ ସମସ୍ତେ ତଳକୁ ମୁହଁକରି ବସି ରହିବା ପରେ କହିଲା ଜଣେ—"ଯାହାକୁ ମରଣ ଡାକରା ଆସିଲାଣି, ସେଇ ଯାଉ ବାବା..." । ଆଉ ଜଣେ କହିଲା—"ଆରେ ବାବା...ସେ ଯେଉଁ ଜନ୍ତୁ, ତାକୁ କ ଭରସା" ?

ଆଉ କେହି କିଛି ମନ୍ତବ୍ୟ ଦେବା ପୂର୍ବରୁ କହିଲା ମୁହଁଖୋର୍ ଗଧା— "ପ୍ରକୃତରେ ତୁମମାନଙ୍କ ମରଦପଣିଆ ଉପରେ ମୋତେ ଦୟା ଲାଗୁଚି । ଏଇଲେ ତ ବାହାପିଆ କଥା କହିଲା ବେଳକୁ କାହାରି ପାଟିରେ ବାଟୁଳି ବାଜୁ ନଥିଲା; ପୁଣି କ'ଣ ହେଲା କି ? ସମସ୍ତେ ତ ଲାଙ୍ଗୁଳ ଜାକି ପଛେଇ ପଛେଇ ଖସିବାକୁ ବସିଲଣି" !

ଗଧାର ଚେହେଁକା ଲଗା କଥା ଶୁଣି ଗୋଟିଏ ଯୁବକ ମୁହଁଟେକି ଅଳଜୁକ ପଣରେ କହିଲା—"ଆମେ ସିନା ଲାଞ୍ଜ ନଥିବା ମୂଷା, ଆଉ ତୋ' ବାପ ଭୀମ ଗଉଡ଼ କ'ଣ ଷଣ୍ଢ ଗୋଡ଼କୁ ଛନ୍ଦିଦେଇ ପାରିବ ନା, ତୁମ ବଂଶରେ ଆଉ କେହି ନଣୁଆ ମରଦ ଅଛି, ସେ ପାରିବ..." ?

"ମୋ' ବାପା ତ ବହୁ ଦୂରର କଥା..." । କହିଲା ମୁହଁ ଚମତମ କରି ଗଧା—"ଏ' କାମ ମୁଁ ଆଖି ପିଛୁଳାକେ କରିଦେଇ ଆସିବି । ମୁଁ ଯଦି ଯା' କରିଦେଇ ଆସେ, ତେବେ ତୁମେ ତୁମର ଯୁଆଳିଆ ନିଶ ହଳକ ନିଜ ହାତରେ ଘଷିଦେବ ତ" ?

"ନଇଲେ..." ? ଯୁବକଟି ଆଉ କିଛି କହିପାରିଲ ନାହିଁ । ରାଗରେ ତା' ମୁହଁ ଗୋଟିପଣେ ଅବରିଆ ପଡ଼ିଗଲା ଏବଂ ତା' ପାଟି ଖନ ମାରିଗଲା । ଅନ୍ୟମାନେ ମୁହଁଖୋଲି କିଛି କହି ନଥିଲେ ମଧ୍ୟ ନିଜ ନିଜର ଗୁହାଣିରେ ଯୁବକର କଥାକୁ ସମର୍ଥନ ଜଣାଇଲେ ।

ଗଧା ସଙ୍ଗେ ସଙ୍ଗେ ଯୁବକର ମୁହଁ ବନ୍ଦ କରିଦେଇ କହିଲା—"ଯଦି କାଲି ସକାଳୁ ମୁଁ ଷଣ୍ଢର ଗୁରି ଗୋଡ଼କୁ ଦଉଡ଼ିରେ ବାନ୍ଧିଦେଇ ନ ଆସେ, ତେବେ ଏଇଠି, ତୁମମାନଙ୍କ ଆଗରେ ମୁଁ ଦାଢ଼ିଆ କଣ୍ଟିରେ ମୋ' ମୁଣ୍ଡ ଲଣ୍ଡା କରି ଭାଗବତ ଘର ଆଗରେ ସାତଥର ଧୂଳିରେ ଗଡ଼ିବି..." ।

ଗଧାର ଠାଉଁ ଠାଉଁଆ କଥାରେ ସମସ୍ତେ ଆବାକାବା ହୋଇ ତା' ମୁହଁକୁ ଗୁହିଁ ରହିଲେ । ଘଡ଼ିକ ମଧ୍ୟରେ କଥାଟା ସାରା ଗାଁ'ରେ ଚହଟି ଗଲା ।

Digitized by srujanika@gmail.com

ଗାଁଆ ମାଇପେ ଖୋଲାଖୋଲି ଭାବରେ ଘଧା ମାଆକୁ ଦେଖେଇ ଶେଖେଇ କହିଲେ—"ଏ' କି ଅଣ୍ଡିରାଚଣ୍ଡୀ ଝିଅ ଲୋ' ମା'… । ଜାଣିଶୁଣି ଯମଦେବତାକୁ ଡାକି ଆଣୁଚ… । ଯେ ଯା' କରିବ, ସେ ତା' ପାଇବ…" ।

ଭୀମ ରାଉତ ଝିଅକୁ ବହୁତ ବୁଝାଇ କହିଲା—"ମା' ଯା'ତ ହବାର ହେଲାଣି, ତୁ ହାତ ଯୋଡ଼ି ଗାଁ' ବାଲାଙ୍କ ପାଖରେ ଦୋଷ ମାନିଯା'… । ଷଣ୍ଢ କଏ… ? ଆଉ ତୁ କଏ…" ??

ବାପାଙ୍କ କଥା ଶୁଣି ଘଧା ନରମିଯାଇ କହିଲା—"ବାପା, ମୁଁ ଯଦି ମରିଯାଏ, ତା'ହେଲେ କ'ଣ ତୁମ ବଂଶ ବୁଡ଼ିଯିବ କି ? ଏ' ଡରୁଆ ଲୋକ-ଗୁଡ଼ାଙ୍କୁ ମୁଁ ଦେଖେଇ ଦେବି, ଗୋଟେ ଝିଅ କ'ଣ କରିପାରେ…" ।

ବାପା ମାଆ ଦୁହେଁ ଶତସହସ୍ର ଯେତେ ବୁଝାଇଲେ ବି ଘଧା ସେ କଥା ଆଦୌ କାନକୁ ନେଲା ନାହିଁ । ବରଂ ତା'ର ଜିଦ୍ ବେଳକୁବେଳ ବଢ଼ିବାକୁ ଲାଗିଲା ।

ସକାଳର ସିନ୍ଦୂର ଫାଟିବା ଆଗରୁ ଘଧା ଉଠିପଡ଼ି ଗାଧୋଇ ପାଧୋଇ ଧୋବ ଫର୍ ଫର୍ ଶାଢ଼ୀ ଖଣ୍ଡିଏ ପିନ୍ଧି ପ୍ରସ୍ତୁତ ହୋଇଗଲା । ଗାଁଆଁ ବାଲାମାନେ ଭାବୁଥିଲେ—

"କଥାରେ କଏ କ'ଣ ନ କହୁଛି… ।
କାଳ ମହରଗ ପଡ଼ିଲେ କଏ କ'ଣ ନଖାଉଛି" ।।

ଘଧା ସିନା କହିଦେଲା, କିନ୍ତୁ ଷଣ୍ଢ ପାଖକୁ ଯିବା କ'ଣ ସହଜ ହୋଇଛି କି… ? କିନ୍ତୁ ସକାଳୁ ଉଠି ସିନାନ ଗାଧୁଆ ସାରି ଘଧା ଗାଁ' ମୁଣ୍ଡ ଠାକୁରାଣୀ-ଶାଳ ଆଡ଼କୁ ହାତରେ ଠେଙ୍ଗିଣିଆ ଓ ଦଉଡ଼ି ଧରି ଯାଉଥିବାର ଦେଖି, ଗାଁଆଁ ଟୋକାମାନେ ତା' ପିଛୁ ଧଇଲେ । ବୁଢ଼ା ବୁଢ଼ା ଲୋକମାନେ ଘଧାର ସାହସ ଦେଖି ମନେ ମନେ ଗୁନିଆଁ ହୋଇ ପଡ଼ିଲେ । ସେମାନେ ଦକଦକ ମନରେ ଟୋକାମାନଙ୍କ ପଛରେ ଯାଇ, ଠାକୁରାଣୀଶାଳ ବରଗଛ ମୂଳେ ରୁଣ୍ଡ ହୋଇ-ଗଲେ ।

ଅଗ୍ନିଶିଖା ଖବର ଜନ୍ କନ୍ ହୋଇ ମାଡ଼ି ଆସିଲା । ଉତ୍ତରମଣି ଗାଁ' ମୁଣ୍ଡ ବରଗଛ ମୂଳରେ ଲୋକେ ଆଠପଠାର ହେଲେ । ଘଧା ଧୋବ ଫର୍‌ଫର୍ କଳାଧଡ଼ି ଲୁଗା ଖଣ୍ଡିଏ ପିନ୍ଧି, ହାତରେ ଗ୍ରେଟିଆ ଠେଙ୍ଗିଣିଆ ଓ ମଜବୁତିଆ ଦଉଡ଼ି ଖଣ୍ଡିଏ ଧରି ଛିଡ଼ା ହୋଇଥିଲା । ସେ ପଛଆଡ଼କୁ ଥରେ ଅନାଇ ଦେଇ

Digitized by srujanika@gmail.com

ଦେଖିଲା—ତା' ବାପା ଛଳଛଳ ଆଖିରେ ହାତରେ ଗୋଟିଏ ଲମ୍ବା ବରଗୁଣ୍ଡ ଧରି ପଛରେ ଛିଡ଼ା ହୋଇଛନ୍ତି । ସେ ବାପାଙ୍କ ଆଡ଼କୁ ଏପରି ଦୃଢ଼ତାର ସହିତ ଚାହିଁଲା ଯେ, ସେଥିରୁ ବେଶ୍ ଜଣା ପଡ଼ୁଥିଲା—ସତେ ଯେପରି ଗଧ ତା' ବାପାଙ୍କୁ ଚାହିଁ କହୁଛି—'ତୁମ ବରଗୁଣ୍ଡଟି ଆଦୌ ଦରକାର ହେବନି ବାପା'... ।

ସାଗ ଗଛ ବଳବାଡ଼ରେ ଲହଲହକା ଖେତକୁ ଉଜାଡ଼ି, ପୋଖରୀରୁ ପେଟେ ପାଣି ପିଇସାରି ଭୋର୍ ଭୋରୁ ଆସି ଷଣ୍ଢଟା ଗୋଟିଏ ଝଙ୍କାଳିଆ ବୁଦା ମୂଳରେ ଶୋଇ ପାକୁଳି କରୁଥିଲା । ବରଗଛ ମୂଳରେ ଲୋକମାନଙ୍କ ପାଟିଗୋଳ ଶୁଣିଥିଲେ ବି ଷଣ୍ଢଟା ଆଦୌ ସେ ଆଡ଼କୁ ଥରେ ହେଲେ ମୁହଁ ବୁଲାଇ ଚାହିଁଲା ନାହିଁ । ଗଧ ଷଣ୍ଢ ଆଡ଼କୁ ଚାହିଁ ବେଶ ବୁଝିପାରିଲା—ଷଣ୍ଢଟା ପେଟେ ଖାଇ ଶାନ୍ତିରେ ଟିକିଏ ବିଶ୍ରାମ ନେଉଛି । ଏହି ସମୟରେ ସେ ଆଦୌ ଉଗ୍ର କିମ୍ବା ଭୟଙ୍କର ହେବ ନାହିଁ । ତହୁଁ ସେ କାନ୍ଧରେ ଦଉଡ଼ିଟିକୁ ଝୁଲାଇ, ହାତରେ ଠେଙ୍ଗିଣିଆଟିକୁ ଧରି ଧୀରେ ଧୀରେ ଷଣ୍ଢ ଆଡ଼କୁ ଆଗେଇ ଚାଲିଲା । ଗଧ ଷଣ୍ଢ ଆଡ଼କୁ ଆଗେଇ ଯିବା ପୂର୍ବରୁ ଥରେ ତାଚ୍ଛଲ୍ୟ ଭାବରେ ଗାଆଁର ପୁଆନ୍-ମାନଙ୍କ ଆଡ଼କୁ ଚାହିଁଦେଲା । ତା' ଚାହାଣିରୁ ମନେ ହେଉଥିଲା—ସତେ ଯେପରି, ସେ ଗାଆଁ ଲୋକଗୁଡ଼ାଙ୍କୁ ପାସଙ୍ଗରେ ସୁଦ୍ଧା ପକାଉ ନାହିଁ ଏବଂ ସେମାନଙ୍କ ମରଦପଣିଆକୁ ମନେ ମନେ ଉପହାସ କରି କହୁଛି—'ଦେହରେ ଯଦି ବଳ ନାହିଁ, ମିଛଟାରେ କଣ ପଟେ ଲେଖାଏଁ ଝୁଲାଇ ମରଦପଣିଆ ଦେଖେଇ ହଉଚ କାହିଁକି ?

ଗଧ ଏକଲୟରେ ଷଣ୍ଢ ଆଡ଼କୁ ଅନାଇ ଆଗେଇ ଚାଲିଲା । ଲୋକଗହଳି ମଧ୍ୟରୁ ବାହାରି କିଛି ବାଟ ଆଗେଇ ଯିବାପରେ ଷଣ୍ଢ ମୁହଁ ବୁଲାଇ ଗଧର ସୌମ୍ୟ ଚେହେରା ଆଡ଼କୁ ଅନାଇଲା । ଷଣ୍ଢ ମୁହଁ ବୁଲାଇବା ମାତ୍ରେ ଲୋକମାନେ ଭାବିଲେ—ଏଥର ଷଣ୍ଢ ଉଠିପଡ଼ି ଗଧକୁ ସାବାଡ଼ କରି ଦେବ । ବଦମଗଜୀ ଝିଅଟାର ମଗଜ ଭାଙ୍ଗିଦେଇ ତାକୁ ଆଚ୍ଛା ଶିକ୍ଷାଟିଏ ଦେବ' ।

କିନ୍ତୁ କାହିଁକି କେଜାଣି ଷଣ୍ଢ ମୁଗ୍ଧ ନୟନରେ ଗଧ ଆଡ଼କୁ ଅନାଇ ରହିଲା । ସତେ ଯେପରି, ସେ ଗଧକୁ ଆଖିରେ ଆଖିରେ ପିଇ ଯାଉଛି । ଗଧ ହଲି ଦୋହଲି, ଆଖିରୁ ସ୍ନେହ ତଥା ଶ୍ରଦ୍ଧାର ଧାର ଶିରବଣ ଝରାଇ ହୋ' ହାଃ' କରୁଥିବା ଲୋକମାନଙ୍କ ଆଡ଼କୁ ଥରେ ହେଲେ ସୁଦ୍ଧା ଆଡ଼ ଆଖିରେ ନ ଚାହିଁ, ଷଣ୍ଢ ପାଖରେ ଯାଇ ପହଞ୍ଚିଗଲା । ଷଣ୍ଢର ଦଶହାତ ଦୂରରୁ ସେ ହଠାତ୍ ଦଣ୍ଡକରି

Digitized by srujanika@gmail.com

ଛୁଡ଼ା ହୋଇଗଲା । ଷଣ୍ଢ ଉଠିବାର ଉପକ୍ରମ ନକରି ପୂର୍ବପରି ଗଧା ଆଡ଼କୁ ଅନାଇ ରହିଲା । ଗଧା ସେଇଠି ଛୁଡ଼ା ହୋଇଯାଇ ଷଣ୍ଢକୁ ଥରେ ଭଲଭାବରେ ଦେଖି ତା'ର ମନୋଭାବ ପରଖି ନେଲା । ସେ ବେଶ୍ ଜାଣିପାରିଲା—ଦୁର୍ଦ୍ଦାନ୍ତ ଷଣ୍ଢଟା ଗଧାକୁ ସ୍ୱାଗତ ଜଣାଉଛି । ତା'ର କୋମଳ ହାତରୁ ଥରେ ଆଉଁଷା ପାଇବା ପାଇଁ ସେ ବ୍ୟାକୁଳ ହେଉଛି । ସେ ଗୋଟାଏ ବିରାଟ ଆକାରର ଜନ୍ତୁରେ ପରିଣତ ହେବା ପରେ, ଆଉ କାହାରି ପାଖରୁ କଅଁଳିଆ କଥାପଦେ ଶୁଣି ନଥିଲା କିମ୍ବା କାହାରି ହାତର କୋମଳସ୍ପର୍ଶ ସେ ଅନୁଭବ କରି ନଥିଲା । ଗଧାର ଆଖିରେ ସ୍ନେହର ଝରି ନିରୀକ୍ଷଣ କରି, ଅଜାଣ ପଶୁଟା ବି ନିଜର ଉଗ୍ରପ୍ରକୃତି ଛାଡ଼ି ତାକୁ ଆଖିର ନରମ ଚାହାଣିରେ ସ୍ୱାଗତ ଜଣାଇବା ଇଚ୍ଛାରେ ବେକଟାକୁ ଲମ୍ବାଇ ଦେଲା । ଗଧା ସେତିକବେଳେ ଲୋକମାନଙ୍କ ଆଡ଼କୁ ଥରେ ଘୃଣାପୂର୍ଣ୍ଣ ଦୃଷ୍ଟିରେ ଚାହିଁଦେଇ, ଗ୍ରେଟ କଅଁଳ ପିଲାଟି ପାଖକୁ ଆଗେଇଲେ ପରି, ଦ୍ରୁତ-ଗତିରେ ଯାଇ ଷଣ୍ଢ ପାଖରେ ପହଞ୍ଚିଗଲା ।

ଗଧା ପ୍ରଥମେ ଷଣ୍ଢଟିର ବେକ ପାଖରେ ବସିପଡ଼ି ତାକୁ ଆଉଁଷି ପକାଇଲା । ସେ ଦଣ୍ଡେ ଧଡ଼ିଏ ଷଣ୍ଢର ବେକକୁ ଆଉଁଷିବା ପରେ, ଉଠିପଡ଼ି ତା'ର ସର୍ବାଙ୍ଗରେ ହାତ ବୁଲାଇ ଆଣିଲା । ଗଧାର କୋମଳ ସ୍ପର୍ଶରେ ଷଣ୍ଢଟିର ଉଗ୍ରସ୍ୱଭାବ କୁଆଡ଼େ ଉଭାଇଗଲା । ସେ ସୁଧାର ଜନ୍ତୁଟିଏ ପରି ଧୀରେ ତା'ର ଗୋଡ଼ଗୁଡ଼ିକୁ ମେଲାଇ ଦେଇ ସ୍ପର୍ଶ ସୁଖ ଅନୁଭବ କରିବା ସଙ୍ଗେ ସଙ୍ଗେ ଆଖି ବୁଜି ପଡ଼ିରହିଲା ।

ଗଧା ଷଣ୍ଢର ଦେହରୁ ହାତ ଉଠାଇ ଆଣି ତା'ର ଗୋଡ଼ ଗୁଡ଼ିକୁ ଆଉଁଷି, ତାକୁ ଗୋଟିପଣେ ଆପଣାର କରିନେଲା । ତା'ପରେ ସେ ଥରେ ଥର କରି ତା'ର ଗୋଡ଼ ଗୁଡ଼ିକୁ ଟେକି ତା'ର ବଳ ପରଖି ନେଲା । ତା'ପରେ ସେ ଧୀରେ କାନ୍ଧରୁ ଦଉଡ଼ିଟି ଟାଣିନେଇ ପ୍ରଥମେ ଦଉଡ଼ିର ଗୋଟିଏ ମୁଣ୍ଡରେ ଫାଶ ପକାଇ ଷଣ୍ଢର ଗୋଟିଏ ଗୋଡ଼ରେ ଲଗାଇ ଦେଲା । ଏତିକବେଳେ ଅବଶ୍ୟ ଷଣ୍ଢ ଆଖି ଖୋଲି ଗଧାକୁ ଥରେ ଚାହିଁଲା ସତ, କିନ୍ତୁ ତା' କାମରେ ଆଦୌ ବାଧା ଦେଲା ନାହିଁ କିମ୍ବା ଛୁଡ଼ାହୋଇ ପଡ଼ିବାର ଆଦୌ ଉପକ୍ରମ କଲା ନାହିଁ । ଗଧା ସ୍ୱା' ମଧ୍ୟରେ ଷଣ୍ଢର ଆଉ ତିନୋଟି ଗୋଡ଼କୁ ଦଉଡ଼ିରେ ଛନ୍ଦିଦେଇ, ତା' କାମ ଶେଷ କରିଦେଲା । ସେ ଷଣ୍ଢ ପାଖରୁ ଫେରିବା ପୂର୍ବରୁ ପୁଣିଥରେ ତା'ର ଟାଉଁ-ସିଆ ବେକଟିକୁ ଘଡ଼ିଏକାଳ ଆଉଁଷି ଫେରି ପଡ଼ିଲା । ଫେରିବା ବେଳେ ସେ ବିଜୟଗର୍ବରେ ଉଲ୍ଲସିତ ହୋଇ ଫେରି ଆସିଲା । ଷଣ୍ଢଟା ଗଧାକୁ ଫେରିଯିବାର

Digitized by srujanika@gmail.com

ଦେଖି ଉଠିପଡ଼ ତା' ପଛେ ପଛେ କଅଁଳା ବାଛୁରୀଟିଏ ପରି ଗୋଳିବା ପାଇଁ ଉପକ୍ରମ କରିବା ମାତ୍ରେ, ନିଜର ଅସମର୍ଥତା ସମ୍ବନ୍ଧରେ ଜାଣିପାରିଲା । ସେ ଥରେ ଦୁ'ଥର ଉଠିବା ପାଇଁ ଚେଷ୍ଟା କରି ବିଫଳ ହେବାରୁ, ବେକଟାକୁ ଲମ୍ବାଇ ଗୋଟିଏ କାନଫଟା ରଡ଼ି ଛାଡ଼ିଲା । ସେତେବେଳକୁ ଗଧା ଯାଇ ବରଗଛ ମୂଳରେ ପହଞ୍ଚି ସାରିଲାଣି ।

ଗଧାକୁ ଆଖି ଆଗରେ ଦେଖୁଥିଲେ ହେଁ, ସେଦିନ ବଳୁଆ ବଗୁର ତଳାଇ ତାକୁ ଅଣ୍ଡା କରିଥିବା ଟୋକାମାନେ ସାହସ କରି ଥରେ ହେଲେ ତା' ଆଡ଼କୁ ଚାହିଁପାରିଲେ ନାହିଁ । ସେ ଟୋକାମାନଙ୍କୁ ଚେତାବନୀ ଶୁଣାଇଲା ପରି ଗମ୍ଭୀର ହୋଇ ଶୁଣାଇ ଦେଲା—"ଖବରଦାର୍, ତାକୁ କେହି ଯେପରି ହାତ ନ ଉଠାଅ···" ।

ଗଧା'ର ବାପା ବରଗଛଟାକୁ ହେଇଠି ତଳେ ଥୋଇଦେଇ ଝିଅର ମୁଣ୍ଡଟିକୁ ଆଉଁଷି ଦେଇ କହିଲା—"ମାଆ, ତୁ ଠିକ୍ ତୋ' ବାପାର ନାଆଁ ରଖିଛୁ । ଭୀମ ଗଉଡ଼ର ଝିଅ କ'ଣ ମୁଣ୍ଡ ତଳକୁ କରିପାରେ··· ? ସାବାସ୍ ମାଆ··· ! ଆଜି ତୁ ମୋ' ଆଖି ଖୋଲି ଦେଇଛୁ··· !! ତୋ'ର ସାହସ ଦେଖି ମୋ' ଛାତି କୁଣ୍ଢେମୋଟ ହୋଇ ଯାଇଛି !!!"

ବରଗଛ ମୂଳରେ ଜମା ହୋଇଥିବା ଲୋକମାନେ ଧୀରେ ଧୀରେ ସେଠାରୁ ଗୋଳିଗଲେ ଏବଂ ବାପାଙ୍କ ସହିତ ଗଧା ମୁଣ୍ଡ ଉପରକୁ ଉଠାଇ ବରଗଛଟିକୁ ଧରି ଧୀରେ ଧୀରେ ଘର ଆଡ଼କୁ ଆଗେଇ ଚଳି ।

—o—

॥ ଆଠ ॥

ଗଧାର ଷଣ୍ଢ ବନ୍ଧା ଘଟଣା ଆଖପାଖ ଦଶଖଣ୍ଡି ଗାଆଁରେ ହୁରି ମାରିଲା ପରି ଖେଳିଗଲା । ଯେ ଯେଉଁଠି ଶୁଣିଲା—ଘଡ଼ିଏକାଳ ଝାଇଁମାରିଲା ପରି ବସି ପଡ଼ିବା ପରେ, କେତେପ୍ରକାର ମନ୍ତବ୍ୟ ପ୍ରକାଶ କଲା । ଏହା ଫଳରେ ଗୋଟିଏ ନୂତନ ସମସ୍ୟା ଆସି ଉପସ୍ଥିତ ହୋଇଗଲା । ଅନ୍ୟ ଗାଆଁମାନଙ୍କରୁ ଉତ୍ତର-ପଶ୍ଚିମକୁ ଆସୁଥିବା ଲୋକମାନେ କୌଣସି ଗୋଟିଏ ଆଳରେ ଆସି ଭୀମ ଗଉଡ଼ଙ୍କ ଘରେ ପହଞ୍ଚି ଗଧାକୁ ଦେଖି ଯାଉଥିଲେ । ଝିଅର କୃତିତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ କେହି କେହି ଭୀମ ଗଉଡ଼କୁ ପଚାରି ଦେଉଥିଲେ । ଆଉ କେହି କେହି 'ଏ' ସବୁ

Digitized by srujanika@gmail.com

ଝିଅମାନଙ୍କ କାମ ନୁହେଁ ବୋଲି ନାକଟେକ ମନ୍ତବ୍ୟ ପ୍ରକାଶ କରୁଥିଲେ । ଆଉ କେହି କେହି ଉପରଠାଉରିଆ ଭାବରେ ଗଧାର କାମକୁ ପ୍ରଶଂସା କରୁଥିଲେ ହେଁ, ସେମାନଙ୍କ କଥାରୁ ବେଶ୍ ଜଣାପଡୁଥିଲା ଯେ, ସେମାନେ କୌଣସି ମତେ ଗଧାର କାମକୁ ସମର୍ଥନ କରୁ ନଥିଲେ । ଜଣେ ଅଧେ କେହି ଭୀମ ରାଉତଙ୍କ ମୁହଁ ଉପରେ ଖେକ୍‌ଠୋକ୍ ଭାବରେ କହି ଦେଉଥିଲେ—"ଏ' ଗୁଡ଼ାକ କ'ଣ ଝିଅଙ୍କ କାମ କି ? ସ୍ତ୍ରୀ' ଫଳରେ ତା'ର ମୁହଁ ଉପରକୁ ହୋଇଯିବ, ଆଉ ସେ ଶାଶୁ-ଘରେ କାହାରିକି ପାସଙ୍ଗରେ ପକାଇବ ନାହିଁ..." ।

ଗେବବର ଏମିତି କେତେ କ'ଣ କଥା ଶୁଣିବା ପରେ, ଭୀମ ରାଉତ ଓ ତାଙ୍କ ସ୍ତ୍ରୀଙ୍କ ମନରେ ନାନା ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହେଉଥିଲା । ସେ ଦୁହେଁ ଗଧାର ଭବିଷ୍ୟତ ସମ୍ପର୍କରେ ନାନା ପ୍ରକାର ଚିନ୍ତା କରୁଥିଲେ ।

ଗଧା ସାତବର୍ଷର ହୋଇଥିବା ବେଳେ ଖିଚିଂ ଗ୍ରାମର ଅଇଁଠୁ ନାୟକର ଏଗାର ବର୍ଷର ପୁଅ ମୋହନା ସହିତ ତାର ନିର୍ବନ୍ଧ ହୋଇଥିଲା । ସେତେବେଳେ ଅବଶ୍ୟ ମୋହନାର ଚେହେରା ଦେଖି ଭୀମ ରାଉତ ମନେ ମନେ ଆଶଙ୍କା ପ୍ରକାଶ କରିଥିଲା । କିନ୍ତୁ ତାଙ୍କ ଜାତି ଗୋଷ୍ଠରେ ଆଉ କୌଣସି ଭଲ ପିଲା ସହଜରେ ମିଳି ନଥିବାରୁ ସେ ବାଧ୍ୟହୋଇ ସେଇଠାରେ ନିର୍ବନ୍ଧ କରି ମନକୁ ବୁଝାଇ ନେଇଥିଲା—'ହୁଁ ..ଯେତେହେଲେ ପୁଅ ପିଲାଟାଏ ତ, କାଲି ଧୂଣି ଲେଣ୍ଡିଆ ଟୋକାଟାଏ ବନିଯିବ । ନଇଲେ ଶେଷକୁ ରରୁଆଁ ଗାଆଁ ସେବକ ଅବଧାନଙ୍କଠୁଁ ଔଷଧପତ୍ର ଖାଇଲେ, ପିଲାଟି ବେଶ୍ ବାଗବରଗର ହୋଇଯିବ ଯେ..." ।

କିନ୍ତୁ ଭୀମ ରାଉତଙ୍କ ଆଶା କେବଳ ଆଶାରେ ହିଁ ରହିଗଲା । ବର୍ଷ ପରେ ବର୍ଷ ବିତିଗଲା, ମାତ୍ର ଗଧାର ବଳିଲା ବାଳିଲା ଚେହେରା ଆଗରେ ମୋହନାର ଚେହେରାଟା ନିତାନ୍ତ ଫିକା ପଡ଼ିଗଲା । ଭୀମ ରାଉତ ଯିବା ଆସିବା ବାଟରେ ବରାବର କୌଣସି ନା କୌଣସି ଆଳରେ ଅଇଁଠୁ ନାୟକଙ୍କ ଘରବାଟେ ଆସି ମୋହନାର ସ୍ୱାସ୍ଥ୍ୟ ପ୍ରତି ନଜର୍ ରଖୁଥିଲା । କିନ୍ତୁ ହେଲେ କ'ଣ ହେବ, ଦିନକୁ-ଦିନ ମୋହନା ସତେ ଯେପରି ମାଟିରେ ମିଳାଇ ଯାଉଥିଲା । ଏଗାର ବର୍ଷ ବୟସରେ ମୋହନାର ଚେହେରା ଯେପରି ଥିଲା, ଛଅବର୍ଷ ପରେ ମଧ୍ୟ ତା'ଠାରୁ ଆହୁରି ଟିକିଏ କଚୋଣିଆ ଜଣାଗଲା ସିନା, ମାତ୍ର ଆଖିଦରୁଣିଆ ହୋଇପାରିଲା ନାହିଁ । ସତେ ଅବା, କେଉଁ ଡାହାଣୀ କି ଚିରୁଗୁଣୀ ମୋହନା ଉପରେ ବିଶ୍ରାମ କରି, ତା' ଦେହରୁ ରକ୍ତତକ ଶୋଷି ନେଉଛି କିମ୍ବା ପିଲାଟା କେଉଁ ଠାକୁରାଣୀର

Digitized by srujanika@gmail.com

ନଜର୍‌ରେ ଭେଟଣା ହୋଇଯାଉଛନ୍ତି । ଥରେ ଅଧେ ଗ୍ରାମ ରାଉତ ଅଇଁଠୁ ନାୟକଙ୍କୁ ବାଆଁରେଇ ପୁଅର ଚେହେରା ବିଷୟରେ ଚେତାଇ ଦେଇଥିଲେ ମଧ୍ୟ ସେଥିରେ ବିଶେଷ କିଛି ଫଳ ହେଲା ନାହିଁ ।

ଏଣେ ରାଧାର ଚେହେରା ଦିନକୁଦିନ ବେଶ୍ ଆଖିଦରୁଣିଆ ହୋଇ ଉଠିଲା । ତା' ଦେହର ଗଠନ ସାଙ୍ଗକୁ ତା'ର ସାହସ ଦେଖି ଲୋକମାନେ ରାଧା ବିଷୟରେ କେତେ କ'ଣ କୁହାକୁହି ହେଉଥିଲେ—'କ'ଣ କଲେ ମାଆ, ଝିଅଟା ରାକ୍ଷାସୁଣୀ ପରି ବଢି ଗଲାଣି । ଦିନ କେଇଟାରେ ଏ'ତ ଦୁର୍ଗା ପରି ବାଗବଗରେ ହୋଇ ଗଲାଣି । ···ମା'ଲୋ···ଏ' ଗୁଣ୍ଡୁଣୀ ହାତକୁ କିଏ ସମ୍ଭାଳିବ ଲୋ ମା' !

ଆଉ କେହି କେହି ରାଧାର ସୁଗଠିତ ଚେହେରାର ପ୍ରଶଂସା କରି କହୁଥିଲେ—'ଏ' କ'ଣ କେଉଁ ଗୁଷୀ ମୂଲିଆ ଘରକୁ ଯୋଗ୍ୟ କି ? କେଉଁ ଜନ୍ମର ପାପ ଫଳରେ ବିଚାରା ଗ୍ରାମ ରାଉତ ଘରେ ବଢୁଛି କିନ୍ତୁ ସତରେ ଏସ କେଉଁ ରଜା କି ଜମିଦାର ଘରକୁ ଯୋଗ୍ୟ··'' ।

ଯେଉଁମାନେ ଖିଚିଂ ଗାଁ'ର ଅଇଁଠୁ ନାୟକ ପୁଅ ମୋହନାକୁ ଦେଖିଥିଲେ ସେମାନେ କଥା କଥାକେ ରାଧାର ହାନକପାଳକୁ ନିନ୍ଦା କରି କହୁଥିଲେ— ''ହାଇରେ ଦଇବ, କାହାକୁ ନେଇ କେଉଁଠି ଫେଣ୍ଟିଲୁ ? ଏ' କେମିତି ସେ ଦୁଧପିଆ ରୋଗଣା ପିଲାଟାକୁ ନେଇ ଘର କରିବ' ?

ରାଧାର ମାଆ ଲୋକମାନଙ୍କ ବାରକଥା ଶୁଣି ଧନେ ଧନେ ସ୍ୱାମୀ ଆଗରେ ମନକଥା ଖୋଲି କହୁଥିଲା— ''ଏ' ନିବନ୍ଧ ଭାଙ୍ଗ ହଅ, ନଇଲେ ମୋର ଝୁଲଣା ସୁନ୍ଦରୀ ପରି ଝିଅଟି ଯାଇ ସେ ମହନାକୁ କ'ଣ କାଖେଇ ବୁଲେଇବ ନା କ'ଣ ? ଲୋକଙ୍କ କଥା ଶୁଣି ମୋ' ହାଲକ ଶୁଖିଯାଉଚି···'' !

ସ୍ତ୍ରୀର କଥା ଶୁଣି ନ ଶୁଣିଲା ପରି ଗ୍ରାମ ରାଉତ କହୁଥିଲା—''ହଉ··· ଦେଖାଯିବ···ସମୟ ତ ଅଛି··· । ଦେଖିବା···କେଉଁ ପାଣି କେଣିକି ଯାଉଚି···'' ।

ରାଧା ବଡ଼ ବେଶୀ ବିରକ୍ତ ହୋଇ ସ୍ୱାମୀ ପାଖରୁ କିଛି ଗୋଟିଏ ସ୍ପଷ୍ଟ କଥା ଆଦାୟ କରିବାକୁ ଚାହିଁଲେ, ଗ୍ରାମ ରାଉତ ନରମିଯାଇ କହୁଥିଲା—''ତୁ ଏତେ ବେସ୍ତ ହେଲେ ଚଳିବ··· ? ଆଉରି ବର୍ଷେ ଦି'ବର୍ଷ ଦେଖିବା··· । ସ୍ୟା' ମଧ୍ୟରେ ଆଉ କେଉଁଠି ହୁଏତ ଆଖି ପଡ଼ିପାରେ···'' !

ଧନେ ହଠାତ୍ ଗ୍ରାମ ରାଉତ କାନରେ ଖବରଟି ଠାଁ···ଏଁ···କରି ବାଜିଲା—'ଅଇଁଠୁ ନାୟକ ପୁଅ ଭାଗ୍ୟକୁ ବଞ୍ଚିଗଲା··ନଇଲେ ସେ ଯେଉଁ

Digitized by srujanika@gmail.com

ମେଲେରିଆ ଜ୍ୱରରେ ପଡ଼ିଥିଲା, ସେଥିରୁ ପାର ପାଇବା କ'ଣ ହେବନି··· ? ଦିନଟା ବଞ୍ଚିଗଲା ସିନା, କିନ୍ତୁ ଦେହରେ ଖାଲି ହାଡ଼ ପାଞ୍ଜରଖଣ୍ଡ ଅଛି··· ! ପୋଷେ ହେବ ରକତ କି ପୁଳାଏ ହେବ ମାଉଁସ ବି ଦେହରେ ନାହିଁ···'।

ଏ' ସମ୍ବାଦ ପାଇବା ମାତ୍ରେ ଭୀମ ରାଉତର ଛାତିଟା କ'ଣ ହୋଇଗଲା। ସେ ଘଡ଼ିଏକାଳ ଝାମରଗୁ ହୋଇ ବସି ପଡ଼ିଲେ ତା' ମୁହଁରୁ ରାମ କି ନରୁ କିଛି ହେଲେ ବାହାରିଲା ନାହିଁ। ସେ ମନେ ମନେ ଖୀରକେଶ୍ୱରୀ ଠାକୁରାଣୀଙ୍କୁ ଡାକି ପକାଇ କହିଲା—"ମା' ତୋର ଏ' କି ଖେଳ। ଗୃହକାଳ···କ'ଣ ତୋ' ଇଚ୍ଛା ମାଆ··· ! ମୋତେ ଆଉ କିଛି ବୁଦ୍ଧି ଦିଶୁନି···!! ତୁ ମାଆ ମତେ ବୁଦ୍ଧି ବତେଇ ଦେ' ମା'···!!! ମୋ' ମନକାମନା ପୂରଣ ହେଲେ ମୁଁ 'ମଣ୍ଡା' ✻ ଏକେଇଟି ଚଢ଼ାଇ ବୋଦା ବଳି ଦେବି ମାଆ"!

ଏଇ କଥା ଶୁଣିବାର ପନ୍ଦରଦିନ ଆଗରୁ ଷଣ୍ଢ ବନ୍ଧା ଘଟଣାଟି ଘଟି ଯାଇଥିଲା। ଏ' ଘଟଣାରେ ଭୀମ ରାଉତ ମନରେ ଯେତିକି ଆନନ୍ଦଜାତ ହୋଇଥିଲା, ମୋହନାର ଖବର ଶୁଣି ତା' ମନରେ ସେତିକି ଦୁଃଖ ଜାତ ହେଲା। ସେ କ'ଣ କରିବ, ହଠାତ୍ କିଛି ଭାବି ଠିକ୍ ପାଇଲା ନାହିଁ। ଶେଷକୁ ଖୀରକେଶ୍ୱରୀ ଠାକୁରାଣୀଙ୍କୁ 'ମଣ୍ଡା' ଓ ବୋଦା ଯାଚି ଭୀମ ରାଉତ ମନେ ମନେ ଆଶ୍ୱସ୍ତ ହେଲା।

ଷଣ୍ଢ ବନ୍ଧା ଘଟଣା ଉତ୍ତରପଶି ଗାଆଁରେ ବିଚିତ୍ର ରୂପ ନେଇ ପ୍ରଚାରିତ ହେଲା। କିଏ କହିଲା—'ସେ ଅଣ୍ଡିରାଚଣ୍ଡୀ ଝିଅଟା ଷଣ୍ଢଟାର ଦି' ଶିଙ୍ଗକୁ ଧରି ପଛେଇ ପଛେଇ ଡାକେ ହେବ ବାଟ ଠେଲି ନେଇ ଗୋଟିଏ ଗାତରେ ପକାଇ ଦେଲା'।

ଆଉ କିଏ ଘଟଣାଟିକୁ ଆଉ ଟିକିଏ ନୂଆ ରଙ୍ଗରେ ରଙ୍ଗେଇ ବନେଇ ଚୁନେଇ କହିଲା—"ନାଃ···ହେଃ·· ମୁଁ ତ ସେଦିନ ଆଦିପୁରରୁ ଶୁଣିଲି··· କହିଲା ମୋତେ ଧନା ଦାସ, ସେ ସବୁ ଘଟଣାଟା ନିଜ ଆଖିରେ ଦେଖିଛି···। ମାରଣ ଷଣ୍ଢଟା ଗୋଟାଏ ଭେଣ୍ଡିଆ ଟୋକାକୁ ଶିଙ୍ଗରେ ଉଲଟାଇ ଦେଇ ମାଡ଼ି ଆସୁଥିବା ବେଳେ, ଭୀମ ରାଉତ ଝିଅ ଏକା ପାହାରକେ ଷଣ୍ଢଟାକୁ ସାବାଡ଼ି ବନେଇ ଦେଇ, ତା' ଶିଙ୍ଗକୁ ଧରି ସେଇଠି ମୋଡ଼ି ମାଡ଼ି ତାକୁ ଦଫାରଫା କରି-

---

✻ ଖିଚିଂର ଖୀରକେଶ୍ୱରୀ ଠାକୁରାଣୀଙ୍କ ମୁଣ୍ଡରେ ଭକ୍ତମାନେ ମନୋବାଞ୍ଛା ପୂରଣ ପାଇଁ ଫୁଲର ତୋଡ଼ା ତିଆରି କରି ଅର୍ପଣ କରନ୍ତି। ତାହାକୁ ମଣ୍ଡା କୁହାଯାଏ।

Digitized by srujanika@gmail.com

ଦେଲି । ଶେଷକୁ ସେ ତାଡ଼କାର ମାଡ଼ରେ ଝୁଣ୍ଟା ଘୂରିକାତ ମେଲିଇ ସେଇଠି ପଡ଼ି ପାଟିରୁ ଫେଣ ବାହାର କରୁଥିବା ବେଳେ, ସେ ତା'ର ଗୋଟାଏ ଗୋଡ଼କୁ ଧରି ଉତ୍ତରପଶି ଗାଁ' ମୁଣ୍ଡ ବରଗଛ ଠାରୁ ଟାଣି ଟାଣି ନେଇ ଗାଆଁ ଆରମୁଣ୍ଡ କୁସୁମ ଗଛ ପାଖରେ ପକାଇ ଦେଲି ।···ଘାନା ଦାସ କଉଥିଲା— ସେ ପରା ଏ' ଘଟଣା ଦେଖି ବୋକା ବନିଗଲା···'' ।

ଘାଞ୍ଚ ଭୁଣ୍ଡରେ ଛେଳି କୁକୁର ବନିଗଲା ପରି, ଝୁଣ୍ଟି ବନ୍ଧା କଥା ମୋହନା ଘରେ ବିଚିତ୍ର ଧରଣରେ ପ୍ରଚାରିତ ହେଲା । ମୋହନାର ମାଆ ଏ' କଥା ଶୁଣି ମୁଣ୍ଡ ବାଡ଼େଇ ଦେଇ, ତା' ଗିରସ୍ତ ଆଗରେ ସକେଇ ହେଇ କହିଲା—''ମ'ର ସେ ତାଡକାସୁରୀ ବନ୍ଧୁ ଦରକାର ନାଇଁ ଲୋ' ମା'··· । ମ'ର ବଡା ପଡର ପରି ମହନାଟି ମାଆ କାଚକଣ୍ଟୁରୀଙ୍କ ଆଶୀର୍ବାଦରୁ ମ' କୁଳକୁ ଫେରି ଆସିଚି । ତୁମେ ସଫା ସଫା ଭୀମ ରାଉତକୁ ଶୁଣେଇ ଦିଅ—ଆମର ଏ' ବା'ଦର ହେଇ ପାରିବନି'' ।

ସ୍ତ୍ରୀର ମୁହଁ ଝିଞ୍ଜଡ଼ା କଥା ଶୁଣି ଅଙ୍ଗେଠୁ ନାୟକ ଟିକିଏ ବିରକ୍ତିଆ ଗଳାରେ କହିଲା—''କି କଥା ତୁ କହୁ ଯେ ? ମୁଁ କେଉଁ ମୁହଁରେ ମୋ' ଆଡୁ ନିର୍ବନ୍ଧଟା ଭାଙ୍ଗି ଦେବି ? ଦେଖାଯାଉ·· ଭୀମ ରାଉତ ଆଖିରେ କ'ଣ ଶୁଖୁଆକଣ୍ଟା ପଶିଚି କି··· ? ସେ କ'ଣ ତା' ଝିଅ ଆଉ ଆମ ରୋଗଣା ପିଲାଟା କଥା ଭାବୁନି ? ଯା' ହବାର ଥିବ ହବ···ମୁଁ ଆଗେ ମୁହଁ ଖୋଲି ଏ' କଥା କହେଇ ପାରିବି ନାହିଁ···'' !

ରାଧା ନିର୍ବନ୍ଧର ବରଷକ ପରେ ଥରେ 'ମାଘେ' ପରବ ମେଳାରେ ନିଜର ଭାବି ସ୍ୱାମୀ ମୋହନାକୁ ଦେଖିଥିଲା । ସେତେବେଳେ ଅବଶ୍ୟ ମୋହନାର ଅବସ୍ଥା ସେତେ ଖରାପ ନଥିଲା । ସେଇ ଦିନରୁ ମୋହନା ଚେହେରାଟି ବେଳେ-ବେଳେ ତା' ଆଖି ଆଗରେ ଝଲସି ଉଠୁଥିଲା । ବିଶେଷତଃ ଯୌବନର କାଉଁରୀ କାଠି ତା'ର ଚହଟା ଦେହରେ ଛୁଆଁ ହେବା ଦିନଠାରୁ, ସେ ନିରୋଳା ସମୟରେ ମୋହନାର ଚେହେରାକୁ ମନେ ପକାଇ ଭାବୁଥିଲା—'ସେ ନିଶ୍ଚୟ ଯୁବା' ମଧ୍ୟରେ ଶାଳଗଜା ପରି ବାହାମୂଳିଆ ଭେଣ୍ଡିଆଟିଏ ବନି ଯିବନି । ହାତରେ କୋଦାଳ ଧରି ସେ ସକାଳୁ ସଞ୍ଜଯାଏଁ ଚାଷ କାମରେ ମାତି ଯାଇଥିବ । ସେ ହାତରେ କୋଦାଳ ଧରି କାମରେ ଲାଗିପଡ଼ିଥିବା ବେଳେ ତା' ମୁଣ୍ଡର ପଟଡ଼ିଟି ହଲି-ଦୋହଲି ହୁରୁଳା ହୋଇ ଯାଉଥିବ । ସେ ନିଶ୍ଚୟ ଗାମୁଛାଟାକୁ ମୁଣ୍ଡରୁ ଖୋଲି

Digitized by srujanika@gmail.com

ହାଡ଼ ମୁଣ୍ଡରେ ଥୋଇ ଦେଇ ପୁଣି ଝାଉଁଝାଉଁଆ ଖରାରେ କାମରେ ଲାଗି ପଡ଼ିଥିବ । କାମରୁ ଫେରିବା ବେଳେ ତା'ହାତରେ ଥିବା ପାଞ୍ଚହାତିଆ ବାଡ଼ି ଖଣ୍ଡେ, କାନ୍ଧରେ ପାଚିଲା ଗାମୁଛା, ଅଣ୍ଟାରେ ଦାଡ଼ୁଆ ଲୁଗା ! ଧାନ ଅମଳବେଳେ ସେ ପଣେ ହେବ ଚକଡ଼ା ବାଉଙ୍ଗିରେ ବାନ୍ଧି ହଲି ଦୋହଲି ଘରକୁ ଫେରି ଆସୁଥିବ ଏବଂ ଖରାରେ ସେତକ କଚଡ଼ା ଖୋଲି ଦେଇ, ପୋଡ଼ପିଠାରୁ ଗୋଟାଏ ଖାଇ ଦେଇ' ଲୋଟାଏ ହେବ ପାଣି ଢକଢକ କରି ପିଇ ଯାଉଥିବ ! ଧାନପିଟା ସମୟରେ ସେ ବାପା ଉଠିବା ଆଗରୁ ଆଗଡ଼ରେ ଦଣ୍ଡଗଣ୍ଡା କଚଡ଼ା ବାଡ଼େଇ ଦେଇଥିବ । କଚଡ଼ା ବାଡ଼ଉଥିବା ସମୟରେ ଫୁଲି ଉଠୁଥିବ ତା'ର ବାହାମୂଳ; ତା' ଚଉଡ଼ା କପାଳରୁ ବନ୍ଦ ବନ୍ଦ ହୋଇ ଝାଳ ଝରିପଡୁଥିବ । ତା' କଳା ମଚ ମଚ ଚେହେରାଟି ଶୀତ ଦିନରେ ବି ଝାଳ ଜରଜର ହୋଇ ଉଠୁଥିବ...' !

କିନ୍ତୁ ହାୟ...,ମୋହନାର ଚେହେରା ସମ୍ବନ୍ଧରେ ସେ ସାହିର କେତେ ମାଇପିଙ୍କ ମୁହଁରୁ କେତେ କଥା ଶୁଣି ମନେ ମନେ ଝାଉଁଳି ପଡୁଥିଲା । ତା' କଳ୍ପନାର ଧୂଳିଘରଟି ଆଖିପିଛୁଡ଼ାକେ ଭାଙ୍ଗିଗଲା କମ୍ବା ନଈକୂଳରେ ତିଆରି କରିଥିବା ତା'ର ଧୂଳିଘରଟିକୁ ଅସମୟରେ ଆସିଥିବା ପାହାଡ଼ିଆ ବରଷା ପାଣି ଢେଉକ ମଧ୍ୟରେ ଧୋଇ ନେଇଗଲା । ଉପରକୁ ଜଣାପଡ଼ି ନଥିଲେ ମଧ୍ୟ ରାଧା ମନେ ମନେ ଝାଉଁଳି ପଡ଼ୁଥିଲା । ଅବଶ୍ୟ ମାଆ ବାପାଙ୍କ ଆଗରେ ସେ ଅଣ୍ଟାରେ ଲୁଗା କାନି ଗୁଡ଼େଇ ଦେଇ କାମରେ ଝୁଙ୍କି ପଡୁଥିଲା; କିନ୍ତୁ ରାତିର ନିରୋଳା ସମୟରେ ମୋହନାର ରୋଗଣା ଚେହେରା ତା' କଳ୍ପନା ପଟରେ ବିଚିତ୍ର ରୂପରେ ଭାସି ଉଠୁଥିଲା—କଣ ପଟର ପରି ମୋହନାଟା ଜରରେ ପଡ଼ି ହାଡ଼ ହା'ଖଣ୍ଡି ଧରି ବୁଲୁଛି । ତା'ଦେହରେ ପୁଳାଏ ହେବ ମାଂସ କମ୍ବା ପୋଷେ ହେବ ରକତ ନାହିଁ । ସତେ ଯେପରି ବାଇଗଣ ବାଡ଼ରେ ଥୁଆ ହୋଇଥିବା ଭୂତ ପରି ତା' ଚେହେରାଟି ହୋଇ ଯାଇଛି' ।

ରାଧା ଆଜି କିଛି ଭାବିପାରେ ନାହିଁ । ଆଖି ବନ୍ଦ କରି ଦେଇ ସେ ଥରି ଉଠି ଭାବେ—ଏଇ ଲୋକଟାକୁ ନେଇ ମୁଁ କରିବି କ'ଣ ? ସାରା ଜୀବନ କ'ଣ କେବଳ ରୋଗଣା ସ୍ୱାମୀକୁ କାଖେଇ କୋଳେଇ ବଇଦ ଦୁଆରକୁ ନେଇ ନେଇ ଥକିବି ?? ଘର ଭିତରେ ଖୁଆପିଆ ସାରି ଶୁଆଇ ଦେଇ ବିଲ ବାଡ଼ରେ ହାଡ଼-ଭଙ୍ଗା ମିହନ୍ତ କରି ବାର ଲୋକଙ୍କ ହାଡ଼ଜଳା କଥା ଶୁଣି ସାରା ଜୀବନ ହାତ ପିଠିରେ ଲୁହ ପୋଛୁଥିବି ??? ନାଃ...ସ୍ୱା' କେବେହେଲେ ହୋଇ ପାରିବ ନାହିଁ !

Digitized by srujanika@gmail.com

ପଛକେ ଅଭିଶାପ୍ତା ହୋଇ ବାପଘରେ ସାରା ଜୀବନ କାମ କରି କରି ତାଙ୍କର ସେବାରେ କାଳ କାଟିବି, ଏପରି ସ୍ଥାନମାନଆ ଜୀବନକୁ କେବେ ହେଲେ ଆଦର ନେବି ନାହିଁ" !!!

ଏମିତି କେତେ କ'ଣ ଭାବିଲା ପରେ ରାଧାର ଆଖିର ଲୁହ ତା' ଅଜାଣତରେ ଝରି ପଡ଼େ । ସେ ହାତ ପିଠିରେ ଆଖିର ଲୁହଧାର ପୋଛି ଦେଇ ପୁଣି ଦୃଢ଼ ହୋଇ ମନକୁ ମନ କହି ଉଠେ—"ଯଦି ବାପା ମାଆ ମୋତେ ବାଧ କରି ସେଇଠି ହାତଛନ୍ଦା କରି ଦିଅନ୍ତି, ତେବେ ମୁଁ କ'ଣ ଚୁପ୍‌ଚାପ ନୂଆ ବହୂ ସାଜି ମୋହନା ସାଥିରେ ଚାଲିଯାଇ, ତା'ରି ଘରେ ସାରବାତ ଆଖିରୁ ଲୁହ ଝରାଇ ବତାଇ ଦେବି ? ନା...ବାପା ମାଆଙ୍କ ଆଗରେ ମୋତେ ମୁହଁ ଖୋଲି-ବାକୁ ପଡ଼ିବ... । ନାଃ...ମୋ' ବାପା ସେମିତି ଅମଣିଷ ନୁହନ୍ତି ! ମା' ବି ଜାଣିଶୁଣି ମୋତେ ମରଣ ମୁହଁକୁ ଠେଲିଦେବ ନାହିଁ !! ଯଦି ସେମିତିଆ ସମୟ ଆସି ପଡ଼ନ୍ତେ, ମୁଁ ବାପା ମାଆଙ୍କୁ ମୁହେଁ ମୁହେଁ ବତାଇ ଦେବି" !.!

ଏହି ସମୟରେ ମୋହନା ରୋଗ ଦାଉରୁ ପାର ପାଇଗଲା ବୋଲି ଖବର ଆସି ପହଞ୍ଚିଲା । ଏ' ଖବର ପାଇ ଭୀମ ରାଉତ ଓ ତା'ର ସ୍ତ୍ରୀ ଏକାନ୍ତରେ ବସି ଆଲୋଚନା କରିବାକୁ ଲାଗିଲେ । ବାପା ମାଆ ଦୁହେଁ ଜାଣିଥିଲେ ଯେ, ରାଧା ଘରୁ ତା'ର ସାଙ୍ଗ ମୀନା ଘରକୁ ଯାଇଛି । ତେଣୁ ସ୍ୱାମୀ ସ୍ତ୍ରୀ ଦୁହେଁ ରାଧାର ଭବିଷ୍ୟତ ସମ୍ବନ୍ଧରେ ଆଲୋଚନା କଲେ । ପ୍ରଥମେ ରାଧାବୋଉ କହିଲା—"ତୁମେ କ'ଣ କିଛି ଭାବୁଚ ନା ନାହିଁ ମ..." ?

"କେଉଁ ବିଷୟରେ ତୁ କହୁଚୁ ଯେ..." ?

"ମଲା...; ଆଉ କଉଁ କଥାରେ ମୋର ବା' ଯାଏ ଆସେ କେତେ ? ମୁଁ ସେଇ ଅଇଁଠୁ ନାଆକ ପୁଅ କଥା ପଚାରୁଚି..." ।

"ହଁ...; ମୁଁ ବି ସେଇ କଥା ତୋତେ କହିବା ପାଇଁ ଟିକିଏ ଫାଙ୍କା ସମୟ ଖୋଜୁଥିଲି..." ।

ଏତିକିବେଳେ ରାଧା ପାଦ ଚିପି ଚିପି ଘରେ ପ୍ରବେଶ କରିଥିଲେ ହେଁ ତା' ବାପା ମାଆ କେହି ହେଲେ ତା' ବିଷୟରେ ଟେର୍ ପାଇଲେ ନାହିଁ । ତେଣୁ ଭୀମ ରାଉତ କହିଲା—"ଆଜି ଟିକିଏ ସମୟ ମିଳିଚି, ଝିଅ ଘରେ ନାହିଁଚି...":

ଭୀମ ରାଉତ ଟିକିଏ ନୀରବ ରହିବା ପରେ ପୁଣି କହିଲା—ଏବେ ଯା' ଶୁଣାଯାଉଚି, ପିଲାଟି ତା' ଭାଗ୍ୟକୁ ମରଣମୁହଁରୁ ଲେଉଟି ଆସିଚି । ହେଲେ କ'ଣ

Digitized by srujanika@gmail.com

ହେବ, ଡଳସାଇର ଗୁଳିଆ ପଧାନ କଉଥିଲ—ମହନା ଖାଲି ହାଡ଼ ଦ'ଖଣ୍ଡ ଧରି ବଞ୍ଚିଯାଇଛି । ତା'ର ଯଉଁ ଚେହେରା ଥିଲ—ସେଥିରେ ପୁଣି ମାସେ ଦେଢ଼ମାସ ପାଳଜରରେ ପଡ଼ିଲ, ଆଉ ତା' ଦେହରେ କ'ଣ ଥିବ ଯେ" ?

"ମୁଁ ତ ସେଇ କଥା ଶାରଆ ମାଆଠୁଁ ଶୁଣିଲି । ତା' ଘାନବଉ ମୋତେ ଦେଖି ତଗ ମେଲି କହିଲ—ତୁମେ ସେଠୁ ନିରବଛି ତୁଟେଇ ଦିଅ ଘାଆନ୍ତାଣୀଏ 'ଚମ୍ପା ଗୃଙ୍ଗୁଡ଼ କ ଘଷି ବଦାଡ଼ି' । ନାରେଣ ମାହାନ୍ତ ମାଇପ ଘାଙ୍ଗରେ ତ ମ'ର ଦ'ବରଷ ହେଲି ମୁହଁ ଫିଟାଫିଟି ନାହିଁ; ତେବେବି ସେଦିନ ପୁଖୁରିତୁଠରେ ମୋତେ କହିଲି—'ଗଧା ବଉ, ଗଧାକୁ ପଛକେ ଅଣ୍ଡିହାଡ଼ୀ ରଖ, ସେ ଖିଟଂରୁ ନିରବଛି ତୁଟେଇ ଦିଅ... । ଆମ ଶଙ୍କରା ସେଦିନ ଯାଇଥିଲ—କାଟକେଶରୀଙ୍କ ପାଖକୁ, ସେଇଠିକ ଅଇଁଠୁ ନାଯୁକ ତା' ଝିଅକୁ ଆଣିଥିଲ ଭୋଗ କରିବା ଲଗି । ତାକୁ ଦେଖି ଆମ ଶଙ୍କରାତ ଚହକି ପଡ଼ିଲ । ସତେ ଯେମିତି ଝୋଙ୍କାଟା ଗାତରୁ ଉଠି ଆସିଚି ହାଡ ଦ'ଖଣ୍ଡ ନେଇ । ଏ' ସବୁ ଶୁଣି ମୋ' ମନଟା କ'ଣ ନାହିଁ କ'ଣ ହେଇ ଯାଉଚି...."।

"ମୁଁ ତ ସେଇ ଚନ୍ତାରେ ପଡ଼ିଚି ଗଧାବଉ ! ଘଡ଼ିକେ କଥାଟା ତୁଟେଇ ଦିଅନ୍ତି ଯେ, ହେଲେ ଆଉ ଗୋଟିଏ ଥାନ ସହଜରେ ଯୁଟିଲେ ତ... ! ପୁଣି ସେଇ ଷଣ୍ଢ ବନ୍ଧା କଥାଟା ଓଡ଼ିଶା ମେଲିଇ ତୁଣ୍ଡବାଇଦ ବଳି ଭିଳକୁ ତାଳି ହବାକୁ ବସିଲିଣି··· । ଯା' ହଉ ପଛକେ, ଜାଣିଶୁଣି ଗୋଟେ ବତାପତରି ସାଙ୍ଗରେ ମୋ' ଗୁଣ୍ଡୁଣିହାଣ୍ଡିକୁ ଛନ୍ଦିଦେଇ ଟାରିବନି··· ! ଘଇ ବଦ୍ଧଦରରେ ଅବଶ୍ୟ ଲୋକେ ନାକ ଟେକିବେ, କିନ୍ତୁ ନିଜେ ଜାଣିଶୁଣି ମୋ' ସୁନାନାକୀ ଝିଅଟାକୁ ମୁଁ ମଚ୍ଛିନଙ୍କୁ ତା' ବେକରେ ବାଲିକକସୀ ବାନ୍ଧି ଠେଲିଦେଇ ପାରିବିନି... ! ନାଁ,.. ଆଉ ତୁ କଅଣ କଉଚୁ..." ।

ଭୀମ ଗଉଡର ପାଟରୁ କଥା ସରିବା ପୂର୍ବରୁ ଗଧାବଉ କହି ଉଠିଲ—"ମୁଁ ତ ସେଇଆ କହିବ କହିବ ବୋଲି ମନେ ମନେ ଭାବୁଥିଲି । ଯା'ହଉ ମ' ମନକଥା ଠାକୁରେ ତମ ପାଟିରେ କୁହାଇ ଦେଲେ···" ।

ଗଧା ଆଡୁଆଳରେ ବାପା ମାଆଙ୍କ ମନକଥା ଜାଣିପାରି, ଆନନ୍ଦରେ କୁଲୁରି ଉଠିଲ । ସେ ଆଉ ଅନ୍ତରାଳରେ ରହିବାକୁ ଉଚିତ ମନେ ନକରି, ଗଳା ଖଙ୍କାର ମାରି ପଦାକୁ ବାହାରି ଆସିଲ । ଗଧାବଉ ଆଉ କ'ଣ କହିବାକୁ ଯାଉଁଥିଲ, ମାତ୍ର ଝିଅକୁ ଦେଖି ପକାଇ ସେ ଜିଭ କାମୋଡ଼ି, ହଠାତ୍ କଥା ବନ୍ଦ

Digitized by srujanika@gmail.com

କରିଦେଇ ସେଠାରୁ ଉଠି ଚାଲିଗଲା ଏବଂ ଭୀମ ରାଉତ ସେଠାରୁ ଉଠି ବାଡ଼-ଆଡ଼କୁ ମୁହାଁଇଲା । ରାଧା କାହାରିକୁ କିଛି ନକହି, ସତେ ଯେପରି, ସେ କିଛି ଶୁଣିନାହାଁ, ପଦାଁ ରାଟିଏ ଧରି ଅଗଣା ଓଳେଇବାରେ ଲାଗିଗଲା ।

—୦—

॥ ନଅ ॥

ରରୁଆଁ ଗାଁ'ର 'ଉଡ଼ା—ଯାତ୍ରା' ଆନନ୍ଦପୁର, ଜ୍ୟୋତିପୁର, ଉତ୍ତର ପଶି, ଖଣ୍ଡି ଆଦିର ଓ ଖିଞ୍ଚ ଅଞ୍ଚଳରେ ଏକ ପ୍ରଧାନ ଉତ୍ସବଯାତ୍ରା ରୂପେ ପ୍ରଖ୍ୟାତ । ଯଦି ସେ ଯାତ୍ରାରେ କୋହ୍ଲ ଜାତିର ଲୋକେ ବହୁ ସଂଖ୍ୟାରେ ଏକଜୁଟ ହୁଅନ୍ତି, ତଥାପି ଖରିଦନିଆ ଯାତ୍ରା ହୋଇଥିବାରୁ, ଉଡ଼ା ପରବରେ ସେ ଅଞ୍ଚଳର ଲୋକେ ବିଶେଷ ଭାଗ ନିଅନ୍ତି । ଗାଁ' ଗଣ୍ଡାର ଯୁବକମାନେ ଦଳ ଦଳ ହୋଇ ଉଡ଼ାଯାତ୍ରା ଦେଖିବା ଓ କୋହ୍ଲମାନଙ୍କର 'ବାହା ପରବ' ଦେଖିବା ପାଇଁ ରରୁଆଁ ଗାଁ'ରେ ଆଠପନ୍ଦର ଭାଙ୍ଗନ୍ତି । ତା' ସାଥିକୁ ପାଟୁଆ ଦଳର ଉଡ଼ା ପରବ ଦେଖଣାହାରିଙ୍କ ମନରେ ନାହିଁ ନଥିବା କୌତୁହଳ ସୃଷ୍ଟି କରେ । ଭଗତାମାନେ ଈଶ୍ୱର ପାର୍ବତୀଙ୍କ ନାଆଁରେ ପଣାସଂକ୍ରାନ୍ତି ବେଳକୁ ଯେଉଁ ନିଷ୍ଠାର ପରିଚୟ ଦେଇଥା'ନ୍ତି, ଉଡ଼ା-ପରବ ସେଥିମଧ୍ୟରୁ ଗୋଟିଏ । ଓଡ଼ିଶାର ଅନ୍ୟ ଅଞ୍ଚଳରେ ଚଇତ୍ରପର୍ବର ଆକାର ଭିନ୍ନ ଭିନ୍ନ ପ୍ରକାର ହୋଇଥିଲେ ମଧ୍ୟ ମୟୂରଭଞ୍ଜ ଓ କେନ୍ଦୁଝର ଅଞ୍ଚଳରେ 'ଉଡ଼ାପରବ' ବିଶେଷ ଲୋକପ୍ରିୟ ହୋଇ ପାରିଛି । ଆଗ କାଳରେ ଭକ୍ତମାନେ ଈଶ୍ୱର ପାର୍ବତୀଙ୍କ ନାମରେ ନିଷ୍ଠାର ସହିତ ବ୍ରତ ପାଳନ କରି କଠୋର ପରୀକ୍ଷାର ସମ୍ମୁଖୀନ ହେଉଥିଲେ । କେଉଁଠି ଭକତାମାନେ ନିଆଁ ରଡ଼ ଉପରେ ଚାଲି, ଜଳନ୍ତା ନିଆଁ କୁଣ୍ଡକୁ ମୁଣ୍ଡ ଦେଖାଇ, ଅଣ୍ଟା, ଓଠ, ଜିଭ ଓ ନାକ ପ୍ରଭୃତି ଶରୀରର ସୂକ୍ଷ୍ମ ଅଙ୍ଗରେ ଜଳନ୍ତା ନିଆଁ ସହିତ କଣ୍ଟା ଫୋଡ଼ି ନିଜ ନିଜ ଭକ୍ତିର ପରାକାଷ୍ଠା ଦେଖାଇ ଥାଆନ୍ତି । ଖୁବ୍ ସମ୍ଭବତଃ ପୁରାଣଯୁଗର ଶିବଙ୍କୁ ପାଇବା ପାଇଁ ପାର୍ବତୀଙ୍କ ସାଧନାକୁ ଲକ୍ଷ୍ୟ କରି ଭାରଣଯାତ୍ରାର ସୃଷ୍ଟି ହୋଇଛି ବୋଲି ଧାରଣା ହୋଇଥାଏ ।

ମୟୂରଭଞ୍ଜ ରାଜ୍ୟର ଏକ ଉପାନ୍ତ ଅଞ୍ଚଳରେ ରରୁଆଁର ଉଡ଼ାଯାତ୍ରା ହେଉଥିଲେ ହେଁ, କେନ୍ଦୁଝରର ଚମ୍ପୁଆଠାରୁ ଆରମ୍ଭ କରି ଜସିପୁର, କରଞ୍ଜିଆ ଜାମକେଶ୍ୱର, ବିହାରର ବେଣୀସାଗର ଓ ସିଂହଭୂମିର ବହୁ ଅଞ୍ଚଳରୁ ଯାତ୍ରୀମାନେ ନିଜ ନିଜର ମାନସିକ ପୂରଣ ପାଇଁ ରରୁଆଁ ଆସିଥାଆନ୍ତି ।

Digitized by srujanika@gmail.com

ରତୁଆଁ ଉଡ଼ାଯାତ୍ରା ପାଇଁ ଗୋଟିଏ ବିସ୍ତୃତ ପଡ଼ିଆରେ ଆୟୋଜନ କରାଯାଇଥାଏ । ପଡ଼ିଆର ଠିକ୍ ମଝାମଝିରେ ଗୋଟିଏ ମଜବୁତିଆ ଖୁଣ୍ଟ ପୋତା ଯାଇ, ତା'ଉପରେ ଆଉ ଖଣ୍ଡିଏ କାଠଗଣ୍ଡି ଘୂରିଲା ପରି ବନ୍ଧା ଯାଇଥାଏ । ଉପରେ ବନ୍ଧା ଯାଇଥିବା କାଠଗଣ୍ଡିରେ ଜଣେ ଭକ୍ତଙ୍କୁ ଫୁଲଚନ୍ଦନରେ ବିଭୂଷିତ କରି ବନ୍ଧା ଯାଇଥାଏ । ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ଜନତାର ହରିବୋଲ ହୁଳହୁଳି ମଧ୍ୟରେ ଭକ୍ତଟି ବନ୍ଧା ଯାଇଥିବା କାଠ ଗଣ୍ଡିଟିକୁ ଦଉଡ଼ି ସାହାଯ୍ୟରେ ଘୂରାଯାଇଥାଏ । ଯେଉଁମାନଙ୍କର ମାନସିକ ଥାଏ, ସେମାନେ ତଳେ ଠିଆ ହୋଇ ଭକ୍ତଙ୍କ ବେକରୁ ଖସି ପଡୁଥିବା ଫୁଲକୁ ଅପେକ୍ଷା କରି ରହିଥାନ୍ତି । ସାଧାରଣ ଜନତାର ବିଶ୍ୱାସ—ସେହି ଫୁଲ ପାଇଗଲେ, ସମସ୍ତେ ଅଧିବ୍ୟାଧି ଦୂର ହୋଇ ଯାଇ ମନସ୍କାମନା ପୂରଣ ହୁଏ ।

ସେଥର ଉଡ଼ାଯାତ୍ରା ଦେଖିଯିବା ଲାଗି ଜ୍ୟୋତିପୁରର ଦଳେ ଯୁବକ ବାହାରିଲେ । ସେମାନଙ୍କ ଦଳପତି ସାଜିଥିଲା—ରାଜୁ । ବଳିଲ ବଳିଲ ଚେହେରାର ଶାଳଗଜା ପରି ଭୁଜଗୁଲିଆ ଟୋକା ରାଜୁ, ତା'ର ସାଙ୍ଗସାଥି ଛଅ-ଜଣ ଟୋକାଙ୍କୁ ରତୁଆଁ ଯିବାଲାଗି ମତାଇଥିଲା । ଯାତ୍ରାର ଠିକ୍ ପୂର୍ବଦିନ ଗୋଟିଏ କାମରେ ରାଜୁ ଶଗଡ଼ ନେଇ ଚମ୍ପୁଆ ଯାଇଥିଲା । ସେ ତା' କାମ ସାରି ଫେରିବା ପୂର୍ବରୁ ଶଗଡଟିକୁ ଗୋଟିଏ ଝଙ୍କାଳିଆ ବରଗଛ ମୂଳରେ ଥୋଇ ଦେଇ ବଳଦଙ୍କ ଆଗରେ ମେଞ୍ଚାଏ ହେବ କୁଟା ପକାଇ ସେ ବାହାରି ଗଲା—ଗୋଟିଏ 'ସେଲୁନ୍' ଆଡ଼କୁ । ସେ ଆଗରୁ ସେଲୁନ୍‌ର କାରବାର ଦେଖି-ଥିଲା । ତେଣୁ ସେଦିନ ରାଜୁ ସେଲୁନ୍‌ର ଆଗରେ ପହଞ୍ଚିବା ମାତ୍ରେ ସେଲୁନ୍‌ର ଛଇଗୁଡ଼ିଆ ଟୋକା ବାରିକଟି ତାକୁ ସ୍ୱାଗତ ଜଣାଇ ଚେୟାର ଉପରେ ବସାଇ ତା'ର ଅଲରା ବାଳଗୁଡ଼ିକୁ ଭଲ ଭାବରେ କାଟି ଖିଅର କରିଦେଲା ।

ରାଜୁର ନିଶଟିକୁ ବାଗେଇ ବୁଗେଇ ବେଶ୍ ସୁନ୍ଦର ଭାବରେ ସଜାଇ ଦେବାରୁ, ସେ ଆଗରେ ଥୁଆହୋଇଥିବା ଆଇନାରେ ତା'ର ଚେହେରା ଦେଖି ମନେ ମନେ ଉଲୁସି ଉଠିଲା । ଖିଅର ସାରି ବାରିକ ରାଜୁର ମୁଣ୍ଡ କୁଣ୍ଡାଇ ଦେବାକୁ ପାନିଆ ବାହାର କରିବା ମାତ୍ରେ ରାଜୁ କହିଲା—"ଭାଇ, ଟିକିଏ ବାସନାତେଲ ଲଗାଇ ଦିଅତ..."।

ଗ୍ରାହକର ବାସନାତେଲ ଲଗାଇବାର ଆଗ୍ରହ ଦେଖି ଟୋକା ବାରିକଟା ଟିକିଏ ଟାହୁଲି କରି କହିଲା—"କ'ଣ କି ଭାଇ, ପୁଅଣି ଘର ଅଜା ଅଛିକି" ?

Digitized by srujanika@gmail.com

ରଜୁ ବଡ଼ ଆଇନାଟା ସାମନାରେ ତା'ର ଚେହେରାକୁ ଚାରିଆଡ଼କୁ ମୁହଁ ବୁଲାଇ ଦେଖି ଦେଖି, ଟିକିଏ ମୁରୁକି ହସା ଦେଇ କହିଲା—"ମାଇଁରେ ଭାଇ, ଏ' ଯାଏଁ ତ ହାତଛଡ଼ା ହୋଇନ, ପୁଅଣି ଦରେ କେଉଁଠୁ ହେବ···"!

ବାରିକ ଠେକା ବାସନାତେଲରୁ ଟିକିଏ ଆଣି ଜବଜବିଆ କରି ରଜୁର ମୁଣ୍ଡରେ ବୋଳିଦେଇ ପାନିଆରେ ମୁଣ୍ଡଟିକୁ ସୁନ୍ଦରିଆ ଭାବେ କୁଣ୍ଡାଇ ଦେଲା । ରଜୁ ଦୋକାନୀକୁ ଚାରିଅଣା ପଇସା ଦେଇ ଖୋଡ଼ଖୁଡ଼ ହୋଇ ମନଖୁସିରେ ତା' ଶଗଡ଼ ଆଡ଼କୁ ଆଗେଇ ଗଲା ।

ପରଦିନ ସକାଳୁ ରଜୁ ଗାଧୋଇଥିଲେ ହେଁ ଜାଣିଶୁଣି, କାଳେ ତା' ମୁଣ୍ଡରୁ ବାସନା ତେଲ ଧୋଇ ହୋଇଯିବ, ସେଥିଲାଗି ସେ ମୁଣ୍ଡ ଧୋଇଲା ନାହିଁ । କମ୍ପା ଭୁଲ୍‌ରେ ସୁଦ୍ଧା ମୁଣ୍ଡରେ ପଗଡ଼ି ବାନ୍ଧିଲା ନାହିଁ । ତା'ପରେ ପେଡ଼ିରେ ଥୁଆ ହୋଇଥିବା କୁଞ୍ଚ କୁଞ୍ଚିକିଆ ଧୋବ ଲୁଗା ଖଣ୍ଡିକ କାଢ଼ି ପିନ୍ଧି ପକାଇଲା । ତା'ଉପରେ ଚମ୍ପୁଆ ବଜାରରୁ ଆଣିଥିବା ନାଲିଆ କନାର ଦୁଇହାତ ଥିବା କୁରୁତା ଓ ଶ୍ରୀନୂଳ ହାଟରୁ କିଣିଥିବା କଲ୍‌କତା ଗାମୁଛା ଖଣ୍ଡିକ କାନ୍ଧରେ ପକାଇ ରଜୁ ବାପା ମାଆଙ୍କୁ କହି ଉଡ଼ାଯାବାକୁ ବାହାରି ପଡ଼ିଲା । ସେ ବେଶଭୂଷା ହୋଇ ଘରୁ ବାହାରି ପଡ଼ିବାକ୍ଷଣି, ତା' ବାପା ଦେବଭୂୟାଁ ପୁଅର ବେଶ ପୋଷାକ ଓ ବାଳକଟାକୁ ନିରୀକ୍ଷଣ କରି ରଜୁବଡ଼ ଆଡ଼କୁ ଚାହିଁ ଟିକିଏ ହସିଦେବା ସଙ୍ଗେ ସଙ୍ଗେ ପୁଅକୁ ଚେତାଇ ଦେଇ କହିଲା—"କରେ···ବାଡ଼ିଖଣ୍ଡିକ ହାତରେ ଧରିଗଲୁନି··· । ବାଡ଼ି ଖଣ୍ଡେ ହାତରେ ଥିଲେ, କେତେ କାମରେ ଆସିବ । ତା'ପରେ ପୁଣି ଆସୁ ଆସୁ ରାତି ହୋଇଯିବ, ସଞ୍ଜବଞ୍ଜିଆ ବେଳେ ଭାଲୁଙ୍କର ଧାଡ଼······ "।

ରଜୁ ତା' ବାପାକୁ କିଛି ଉତ୍ତର ନଦେଇ, ପାଞ୍ଚହାତିଆ ବାଡ଼ି ଖଣ୍ଡିକ ଧରି ବାହାରକୁ ବାହାରିଗଲା । ରଜୁ ଘରୁ ବାହାରି ପ୍ରଥମେ ଯାଇ ପହଞ୍ଚିଲା ତା'ର ସବୁଠାରୁ ବଡ଼ ସାଙ୍ଗ ମାଧିଆ ଘରେ । ସେତେବେଳକୁ ସେଠାରେ, ଟଙ୍ଗୁଆ, ଗୋବିନ୍ଦା, ବୈକୁଣ୍ଠ, ମାଳିଆ, ଶିତୁଆ ଓ ଶଙ୍କର ପ୍ରଭୃତି ପହଞ୍ଚି ସାରିଥିଲେ । ସେମାନେ ରଜୁଆକୁ ଦେଖି ପକାଇ, ଚମକି ପଡ଼ିଲା ପରି ଏକାସାଙ୍ଗରେ କହି ଉଠିଲେ—"କରେଃ···ଆଜି ତ ରଜୁଆ ଯାହାରେ ଭୁଇଁତ ଚମକେଇବୁ ! କିଛି ମତଲବ୍ ଅଛି ନା କ'ଣ···"?

"ନା···ମିଁ··· ! ମତଲବ୍ ଗୋଟେ କ'ଣ ଥିବ···? ତୁମମାନଙ୍କର ଯଉଁ କଥା ନାଃ···" ହସି ହସି କହିଲା ରଜୁ ।

Digitized by srujanika@gmail.com

"ଆଚ୍ଛା···ଗଜୁ, ତୁ ଉତ୍ତରପଶିର ସେ ଷେଣ୍ଡ ବନ୍ଧାବାଲା ଝିଅ କଥା ଶୁଣିଚୁ"?

"ହଁ···ମୁଁ ଶୁଣିଚ ଯେ···ସେଥିରେ ତୁମର ଯାଏ ଆସେ କେତେ"?

"ମଲା···; ତୋ'ର ଏ' ଚେହେରା, ଆଉ ଏ' ବେଶ ଦେଖିଲେ, ସେ କ'ଣ ଆଉ ସମ୍ଭଳା ପଡ଼ିବ"? କହିଲା ଟୋକନ୍ଦ।

"ବୁଝିଲୁ ଗୋବନ୍ଦା···? ତୋ' ମନକୁ ଧନ ପାଉନ···! ତୁ ଖାଲି ମନେ ମନେ ଲଡୁ ଖାଉଚୁ···"! ଉତ୍ତର ଦେଲା ଗଜୁ।

"ହଉ···ଗୁଡ଼ି ସେ କଥା···, ଆମେ ଆମର ଯିବାକଥା ଯିବା! ସେ ଷେଣ୍ଡ ବନ୍ଧାବାଲା ହଉ···ଚ, ବାଘ ବାନ୍ଧିବା ବାଲା ହଉ..."! କହିଲା ସମାଧାନ କରି ପଞ୍ଚୁଆ।

ସାତଜଣ ଯାକ ସାଙ୍ଗ ହୋଇ ସକାଳୁ ସକାଳୁ ବାହାରିଗଲେ ରରୁଆଁ ଉଡ଼ାଯାତ୍ରା ଦେଖିବା ପାଇଁ।

ଉତ୍ତରପଶି ଗାଆଁରୁ ଛଅସାତଜଣ ଝିଅଙ୍କ ସାଥିରେ ଗଧା ସେବର୍ଷ ଉଡ଼ାଯାତ୍ରା ଦେଖିବାକୁ ବାହାରିଗଲା। ତାଙ୍କ ସାଙ୍ଗରେ ଯାଇଥିଲା ଗଧାର ବାପା—ଭୀମ ରାଉତ।

ଯାତ୍ରାରେ ଗଜୁ ଓ ତା'ର ସାଙ୍ଗମାନେ ପହଞ୍ଚିବା ବେଳକୁ ମୂଳିଆ ଉଠା ବେଳ ହୋଇଗଲାଣି। ସେମାନେ ସମସ୍ତେ ଗୋଟିଏ ତେଲଖାବାର୍ ଦୋକାନରେ ବସି ଆଳୁଦମ୍ ପକ୍କୋଡ଼ି ଦ'ପୁଞ୍ଜା ଲେଖାଏଁ ବରା ଓ ପୁଞ୍ଜାଏ ଲେଖାଏଁ ପିଆଜି ଖାଇ କିଛି ସମୟ ଗୋଟିଏ ଗଛମୂଳେ ବସି ଅଡ୍ଡା ମାରିଲେ।

ଗୁଇ ଜେଉଁଠା ବେଳକୁ ଦୂର ଦୂରାନ୍ତର ଗାଆଁରୁ ଯାତ୍ରାକାଳୀଏ ଧାଡ଼ି ବାନ୍ଧି ଉଡ଼ାଯାତ୍ରାକୁ ଆସିବାକୁ ଲାଗିଲେ। ଗୋଟିଏ ଦଳରେ ଭୀମ ରାଉତ ଓ ତାଙ୍କ ଗାଆଁର ଛଅ ସାତ ଜଣ ଝିଅ ଧାଡ଼ିବାନ୍ଧି ସେଇ ବାଟଦେଇ ଯାତ୍ରାକୁ ଆଗେଇ ଗଲେ। ସେମାନଙ୍କ ମଧ୍ୟରେ ଗଧାକୁ ଦେଖି କେନ୍ୟାଡ଼ପୁରର ଟୋକାଦଳ ପ୍ରଥମେ ଚମକି ପଡ଼ିଲେ। ମୋଟାସୋଟା ଚେହେରା, ଗୋଟିଏ ଗୁଣ୍ଡିଲରେ ଗଡ଼ା ତଥା ଛିଟଲୁଗା ପିନ୍ଧା ଗଧାକୁ ଦେଖି, ଗଜୁ ତା' ସାଙ୍ଗମାନଙ୍କୁ ତାଙ୍କ ପିଛୁ ଧରିବା ଲାଗି ଆଖିର ଇଶାରାରେ ଜଣାଇ ଦେଲା। ଗଜୁର ଇଙ୍ଗିତ ଲକ୍ଷ୍ୟ କରି କହିଲା ଶିଉଆ ଚୁପ୍ ଚୁପ୍ କରି—"ଆରେ ବଇଆ, ସେଇ ଟେଁଅଟାତ ଉତ୍ତରପଶିର ଭୀମ ରାଉତ ଝିଅ ହେବ! ମୁଁ ଭୀମ ରାଉତକୁ ବେଶ୍ ଚହ୍ନିଚି।

Digitized by srujanika@gmail.com

ତା' ସାଥିରେ ନଷ୍ଟେ ତା' ଝିଅ, ସେଇ ଷେଣ୍ଢ ବନ୍ଧାବାଲ୍ମ ଆସିଚ···। ତାକୁଇ ତ ଦେଖି ଗଜୁଆର ପାଟିରୁ ଲାଳ ଗଡ଼ଲାଣି"।

ଗଜୁ ଶିବୁଆର ଫିସ୍ ଫିସ୍ କଥା ଶୁଣିପାରି, ତାକୁ ବଡ଼ ବଡ଼ ଆଖିରେ ଚାହିଁ ଆଗେଇ ଗଲା।

ଗଧା ତା' ସାଙ୍ଗମାନଙ୍କ ସାଥିରେ ଛଟକଚାଲରେ ଭୁଇଁ ଦୁଲୁକେଇ, ଆଗେ ଆଗେ ଚାଲିଥାଏ ଏବଂ ତା' ସାଙ୍ଗ ଝିଅମାନେ ଚନ୍ଦ୍ରମଣ୍ଡଳର ଚାରିପଟେ ଘେରିଥିବା ତାରା ପରି ଚାଲିଥାଆନ୍ତି। ସେମାନଙ୍କ ମଧ୍ୟରେ ହସ ଖୁସିର ଲହରୀ ଛୁଟିଥାଏ। ମଝିରେ ମଝିରେ ଗଧାର ଛଟକ ଚାହାଣି, ଉଡ଼ଉଡ଼ିଆ କଥା ପଛେ ପଛେ ଚାଲିଥିବା ଟୋକାଦଳକୁ ବେଶ୍ ମଜେଇ ରଖିଥାଏ। ସେମାନେ ଆଗେ ଆଗେ ଯାଇ ଲୋକଗହଳି ମଧ୍ୟରେ ମିଶିଯିବା ମାତ୍ରେ କହିଲା ବୈକୁଣ୍ଠ— "ସତରେ ଗଜୁ, ଏ' ଯଉଁ ଝିଅଟା ଚାଲିଗଲା ଯା'ର ଯେମିତି ଭାଗ୍ୟ ଥିବ, ସେ ତା' ହାତ ଧରିବ ସିନା··· ! ଆରେ ତା' ରୂପ ଯଉବନ ଦେଖି ହାଇପି ଯାଇପି ହେଉଥାଇ, କନ୍ତୁ··"।

ବୈକୁଣ୍ଠର କଥାରେ ବାଧାଦେଇ କହିଲା ମାନିଆ— "ଭାଗ୍ୟ ଅ.ଗ କଥା ଛାଡ଼···। ସେ ଏମିତି କଉଁ ବାରପଦା ରଜା ଝିଅକି ? ଆମପରି ତ କେହି ଜଣେ ପୁଣି ତା' ହାତ ଧରିବ" ?

"ମଲା···, ତୁମେ ଗୁଡ଼ାକ କାହିଁକି ଏମିତି ମରି ଯାଉଚ ଯେ· ? ସେ ଯଦି ଖୁମ ରାଉତ ଝିଅ ହୋଇଥାଏ, ତେବେ ତା'ର ପରା ଖିଞ୍ଚର ଅଇଁଠ୍ ନାୟକ ପୁଅ ସାଥିରେ ନିର୍ବନ୍ଧ ସରି ଯାଇଚି···" !

ଗଜୁଆର ପାଟିରୁ କଥା ଛଡ଼ାଇ ନେଇ କହିଲା ଶଙ୍କର— "କ'ଣ କହୁଚୁ ··? ଅଇଁଠ୍ ନାହାକ ପୁଅ·· ସାଥିରେ···? ସେଇ ପତୁକଟା ସାଥିରେ ଏ' ଗୁଣ୍ଡୁଣୀ ହାଣ୍ଡି···? ଆବେଃ···ମୁଁ ସେ ଟୋକାକୁ କାଟକଣସି ମନ୍ଦିରରେ ଦେଖିଚି ପରା···! ସେଇଟାର ଖାଲି ହାଡ଼ ଦି'ଖଣ୍ଡ ଦେହରେ ଅଛି···! କଉଁଠି ଏ' ଷେଣ୍ଢବନ୍ଧାବାଲ୍ମ ଦଳକା ମାଈ, ଆଉ କାହିଁଠି ସେ ବଣ ପତର ପରି ହଲୁଥିବା ମେଞ୍ଚଡ଼ା ଟୋକା·· " !

"ହେଃ···" କହିଲା ଗଜୁ—" ତୁମର କ'ଣ ଆଉ କିଛି କାମ ନାହିଁ ··? ପରଝିଅଙ୍କ ନାଆଁରେ ଦି'ପଦ ନ କହିଲେ, ତୁମ ପାଟିର ଗାଲୁ ମରୁନି···" !

Digitized by srujanika@gmail.com

ରାଜୁର ଡାକିବା ଶୁଣି ସମସ୍ତେ ଚୁପ୍‌ଚାପ୍ ହୋଇ ରାଜୁର ପଛେ ପଛେ ଚାଲିବାକୁ ଲାଗିଲେ । ଦୂରରୁ ସେମାନେ ଲକ୍ଷ୍ୟ କଲେ, ଯାତ୍ରାର ଭିଡ଼ ଧୀରେ ଧୀରେ ବଢ଼ିବାକୁ ଲାଗିଛି । ଏହି ସମୟରେ ଯାତ୍ରାର ଭିଡ଼ ମଧ୍ୟରେ ହେଁ ହଲ୍ଲା ଶୁଣାଗଲା । ଶାଳବଣ ଆଡ଼କୁ ଦଉଡ଼ା ଦଉଡ଼ି ହୋଇ କେତେଲୋକ ଆଗେଇ ଚାଲିଲେ । ଏ' ଦୃଶ୍ୟ ଦେଖି ଜ୍ୟୋତିପୁରର ଟୋକାଦଳ ଆବାକାବା ହୋଇ ସେଇଠି ଛିଡ଼ା ହୋଇଗଲେ । ସେମାନେ ଆହୁରି ମଧ୍ୟ ଲକ୍ଷ୍ୟ କଲେ—ଉତ୍ତର ପଟିର ଝିଅମାନେ ଗୋଟିଏ ପଟକୁ ଦୂରେଇ ଯାଇ ଉପୁଖିତ ଚୁହାଣିରେ ଛିଡ଼ା ହୋଇ ରହିଲେ । କୋଳାହଳ ଆଡ଼କୁ ଚତୁରଙ୍ଗ ହୋଇ ଚାହିଁ ରହିଥିବା ଝିଅମାନଙ୍କୁ ଲକ୍ଷ୍ୟ କରି କହିଲେ କେହି ଜଣେ ବୃଦ୍ଧ—"ଆମର କିଛି ଭୟ କରିବାର ନାହିଁ । ସେମାନେ କୋହ୍ଲ, ତାଙ୍କର ମଧ୍ୟ ଆଜି ଉଡ଼ାପରବ । ସେଇମିତି ଧାଁ'ଦଉଡ଼ ତାଙ୍କ ଭିତରେ ଚାଲିବ । କୋହ୍ଲ ଜାତିରେ କେବଳ କାହିଁକି, ଅନେକ ଆଦିବାସୀଙ୍କର ଏ' ଚଳଣି ଅଛି । ଯେଉଁଠି ବର 'ଖେଜ' ଟଙ୍କା ଦେଇ ନପାରେ, ସେ'ଠି ଏମିତି ଯାତରା ପରବରେ ସେମାନେ ନିଜର ମନୋମତ କନ୍ୟାକୁ ଉଡ଼େଇ ନିଅନ୍ତି । ବା'ପଟରୁ ଏହା ଜାଣିଥିଲେ ବି, ସେମାନେ ଉପର ଦେଖାଣିଆ ଭାବରେ, ଏମିତି ଧା'ଦଉଡ଼ର ଗୋଟିଏ ପାଲ୍ ଲଗାନ୍ତି । କେତେକ ଆଦିବାସୀଙ୍କ ମଧ୍ୟରେ ଏ' ପ୍ରକାରର ବରଘରକୁ ଝିଅଙ୍କ ବା'ଘର ବୋଲି କୁହାଯାଏ । ଅବଶ୍ୟ ଏ'ପରି ଉଡ଼ାକନିଆ ନେବା ପୂର୍ବରୁ, ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କ ମଧ୍ୟ ମନ ମିଶିଥିବା ଦରକାର । ନଇଲେ ମହା ଅନର୍ଥ ହୁଏ" ।

ଏତିକିବେଳେ ଉଡ଼ାଉତ୍ସବ ଆରମ୍ଭ ହୋଇଯିବାର ବାଜା ବାଜି ଉଠିଲା । ସମସ୍ତେ ଉଡ଼ା ସ୍ଥାନକୁ ଆଗେଇ ଚାଲିଲେ । ସେଠାରେ ବେଶ୍ ଭିଡ଼ ଜମିଗଲା । ଢୋଲ, ମହୁରି, ହରିବୋଲ ଶବ୍ଦରେ ସେ ସ୍ଥାନଟି କମ୍ପି ଉଠିଲା । ସମସ୍ତେ ଉଡ଼ାଭଗତଙ୍କ ଆଡ଼କୁ ଏକ ଧ୍ୟାନରେ ଚାହିଁ ରହିଲେ ।

ବେକରେ ନାନା ଜାତିର ଫୁଲରେ ଗୁନ୍ଥା ମାଳ, ପଗଡ଼ି ଉପରେ ମାଳ, ହାତରେ ଫୁଲର ବଳା ଓ ବାଜୁବନ୍ଧ, ମୁଣ୍ଡରେ ସିନ୍ଦୂର କଳ ଓ ଛିଟ ଲୁଗା ପିନ୍ଧି ଭଗତ ପ୍ରଥମେ ଇଷ୍ଟଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲେ । ତା'ପରେ ବରବାର୍ ହୋଇ କ'ଣ କହିଲେ କେଜାଣି, ବାଦ୍ୟରୋଳ ମଧ୍ୟରେ ତାହା କାହାରିକୁ ଶୁଣାଗଲା ନାହିଁ । ବେଳକୁବେଳ ବାଦ୍ୟରୋଳ ସମୁଦ୍ରର ଗର୍ଜନ ପରି ପରିବେଶଟିକୁ ମୁଖରିତ କରିଦେଲା ଏବଂ ଜନତାର ହରିବୋଲ ଧ୍ୱନିରେ ସେ ଅଞ୍ଚଳଟି କମ୍ପି ଉଠିଲା ।

Digitized by srujanika@gmail.com

ଲୋକମାନେ ଭଗତାଙ୍କ ଅଣ୍ଟାରେ ଗୋଟିଏ ଧୋବ ଚଦର ବାନ୍ଧି, ତାଙ୍କୁ କାଠରେ ଜୋର୍ କରି ବାନ୍ଧି ଦେଲେ । ଭଗତା ହାତ ଉପରକୁ ଉଠାଇ, ଗୋଡ଼ ହଲାଇ ଠିକ୍ ଉଡିଲା ପରି ଉପକ୍ରମ କଲେ । ଠିକ୍ ସେତିକିବେଳେ ଲୋକମାନେ ଦୁଇଗୁଣ ଉତ୍ସାହର ସହିତ ହରିବୋଲ ଧ୍ୱନି କରିବାରେ ଲାଗିଲେ ଏବଂ ଢୋଲ ମହୁରି ଖୁବ୍ ଜୋର୍‌ରେ ବାଜି ଉଠିଲା । କାଠ ଗଣ୍ଡିରେ ବନ୍ଧା ହୋଇଥିବା ଦଉଡ଼ିଟିକୁ ଧରି ଦୁଇଜଣ ଲୋକ ଘୂରାଇବାକୁ ଲାଗିଲେ । ତା’ ଫଳରେ ଭଗତା ଠିକ୍ ଉଡ଼ିଲା ପରି ଭଙ୍ଗୀ କରି ଘୂରିବାକୁ ଲାଗିଲେ । ପ୍ରାୟ ପାଞ୍ଚ ଭେଉଁରା ବୁଲିବା ପରେ ଭଗତାଙ୍କ ଶରୀରର ଫୁଲମାଳରୁ ଗୋଟି ଗୋଟି ହୋଇ ଫୁଲ ଖସିବାକୁ ଲାଗିଲା । ଲୋକମାନେ ସେହି ଫୁଲକୁ ଗୋଟାଇବା ଲାଗି ପ୍ରତିଯୋଗିତା ଆରମ୍ଭ କରିଦେଲେ ।

ଶ୍ୟାମ ରାଉତ, ଗଧା ଓ ତାଙ୍କ ଗାଆଁର ଝିଅମାନଙ୍କୁ ଧରି ଏକ ଲାପୁରେ ଚାହିଁ ରହିଥିଲେ ଭଗତାଙ୍କ ଆଡ଼କୁ । ଭଗତାଙ୍କ ଦେହରୁ ଖସି ପଡ଼ୁଥିବା ଫୁଲ ଗୋଟାଇବା ପାଇଁ ଲୋକମାନଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଯାଆନ୍ତେ, ଶ୍ୟାମ ରାଉତ ଲକ୍ଷ୍ୟକଲା—ଦୂରରେ ଖିଞ୍ଜିର ଅଇଁଠୁ ନାୟକ ତା’ ସ୍ତ୍ରୀ ଓ ପୁଅ ମୋହନା ସହିତ ଉଡ଼ାଯାନା ପାଖରେ ଠିଆ ହୋଇଛି । ଅଇଁଠୁ ଓ ତା’ ସ୍ତ୍ରୀ ଭଗତାଙ୍କ ଦେହରୁ ଖସିପଡ଼ୁଥିବା ଫୁଲ ଗୋଟାଇ ପୁଅ ମୋହନାର ମୁଣ୍ଡରେ ଛୁଆଇଁ ଦେଲେ । ଏହି ସମୟରେ ଭଗତା ଉଡ଼ୁଥିବା ଅବସ୍ଥାରେ ନିଜ ବେକରୁ ଗୋଟିଏ ଫୁଲ-ହାର କାଢ଼ି ମୋହନାକୁ ଲକ୍ଷ୍ୟ କରି ଫିଙ୍ଗି ଦେଲେ । ଅଇଁଠୁ ନାୟକ ଧାଇଁଯାଇ ଫୁଲ ହାରଟିକୁ ଗୋଟାଇ ଆଣି ପୁଅ ବେକରେ ଝୁଲାଇ ଦେଇ, କୃତକୃତ୍ୟ ହେଲା ପରି ମୁହଁରେ ଚେନାଏ ହସ ବିଞ୍ଚିଦେଲା । ତା’ ସ୍ତ୍ରୀ ଭଗତାଙ୍କ ପ୍ରସାଦ ପାଇଁ କୋଟିନିଧି ପାଇଲା ପରି, ପୁଅକୁ କୁଣ୍ଢାଇ ପକାଇଲା ।

ଶ୍ୟାମ ରାଉତ ଗଧା ଓ ତାଙ୍କ ଗାଁ’ର ଝିଅମାନଙ୍କୁ ସେଠାରୁ ଦୂରେଇ ନେବା ଇଚ୍ଛାରେ କହିଲା—“ଝିଅ, ଚାଲ ଆମେ ଏ’ ଭିଡ଼ରୁ ବାହାରି ଯିବା । କାରଣ ଏଇଲେ ଉଡ଼ା ସରିଗଲେ, ସମସ୍ତେ ଛରଭର ହୋଇ ଜିନିଷ କିଣିବା ଲାଗି ଭିଡ଼ କରିବେ । ଚାଲ, ଆମେ ତା’ ଆଗରୁ ଯା’ଇ ଯା’ କିଣିବାର କଥା କିଣି ପକାଇବା ।

ଗଧା ଓ ତା’ ସାଙ୍ଗମାନେ ଗଧା ବାପାର ପ୍ରକୃତ ଉଦ୍ଦେଶ୍ୟ ବୁଝିପାରିଲେ ନାହିଁ । କିନ୍ତୁ ସେମାନେ କିଛି ଦୂର ଆଗେଇ ଯିବା ମାତ୍ରେ ଭିଡ଼ ଭିତରୁ କିଏ

Digitized by srujanika@gmail.com

ଜଣେ କହି ଉଠିଲା—"ଆରେଃ···ଏ'ତ ସେଇ ଉତ୍ତର ପଟିର ଷେଣ୍ଢବାନ୍ଧ ଶ୍ୟାମ ଗଉଡ ଝିଅ···!"

ତାକୁ ଉତ୍ତର ଦେଲା ପରି, ଆଉ ଜଣେ କହିଲା—"·· ଆଉରି ଜାଣିଚ··· ଭଗତା ଯା' ଉପରକୁ ଫୁଲ ହାରଟା ଫିଙ୍ଗି ନଥିଲା···?···ଯେଉଁ ମୁଣ୍ଡାପର ମେଞ୍ଚଡ଼ା ଟୋକାଟା ସାଙ୍ଗରେ ଏ' ଷେଣ୍ଢବାନ୍ଧର ବାହାଘର ହବ ବୋଲି ପରା ଆଗରୁ ନିରବନ୍ଧ ସରିଛି "।

"ସତେ ·? ବଢିଆ ହବ···ଏ' ତାକୁ କାଖେଇ କୋଳେଇ ଘରକରଣା କରିବ···" !

ସେତିକବେଳେ ପାକୁଆ ପାଟି ଗୋଟିଏ ବୁଢ଼ୀ ମୁହଁରୁ ଭସି ଆସିଲା—"ମଲା···ବାପ ମାଆଙ୍କ ଆଖିରେ କ'ଣ ପଡ଼ିଲେ ଘୋଟିଚି ନା ଶୁଟୁଆକଣ୍ଠା ଭୁଙ୍କିଚି ? ଏ ରକା ଚଉଧୁରୀ ମାଇପୀଟାକୁ ମୁଣ୍ଡା ଲଙ୍ଗୁଳିଆ ପିଲାଟା ଦେଖିଲା ଧାଙ୍ଗେ ଘାଙ୍ଗେ ଭେଟଣା ହୋଇଯିବ ଲୋ' ମା'···"।

ଗଧା ଓ ତା'ର ସାଙ୍ଗମାନେ ଲୋକମାନଙ୍କ କୁହାକୁହି ବେଶ୍ ସ୍ପଷ୍ଟ ଭାବରେ ଶୁଣିଥିଲେ ହେଁ ନଶୁଣିଲା ପରି, ଶ୍ୟାମ ଗଉଡର ପଛେ ପଛେ ଆଗେଇ ଗଲେ। ଲୋକଗହଳି ଭିତରୁ ବାହାରି ଆସିବା ପରେ କହିଲା ଗଧା—"ବାବା, ଆମେ ବଜାରରୁ କିଛି କିଣିବୁନି, ଶୀଘ୍ର ଘରକୁ ଫେରିଯିବା ଚାଲ···"।

ଶ୍ୟାମ ଗଉଡ ବେଶ୍ ବୁଝି ପାରିଲା—ଝିଅର ଉଦ୍ଦେଶ୍ୟ। ସେ ପ୍ରଥମେ ଯେଉଁ ଅସୁବିଧାରୁ ଦୂରେଇ ଯିବା ଲାଗି ଉଡ଼ାପରବ ଶେଷ ହେବା ଆଗରୁ, ସେ'ଠାରୁ ଚାଲି ପଳାଇ ଆସିଥିଲା, ସେଇ ଅସନଟିଆରେ ପଡ଼ି କ'ଣ କରିବ ବୋଲି ବୁଦ୍ଧି ପାଉ ନଥିଲା। କିନ୍ତୁ ଗଧାର ବୁଲୁଫଟା କରୁଣ ସ୍ୱରପୂର୍ଣ୍ଣ ଫେରିଯିବା ଲାଗି ଆକୁଳତା ଲକ୍ଷ୍ୟ କରି, ସେ ଆଉ ଦଣ୍ଡେ କି ଘଡ଼ିଏ ସେଠାରେ ରହିବାକୁ ଇଚ୍ଛା କଲା ନାହିଁ। ଯାତରା ଭାଙ୍ଗିବା ପୂର୍ବରୁ, ଯଦିଓ ଅନ୍ୟ ଝିଅମାନେ ଆଉ କିଛି ସମୟ ସେଠାରେ ରହିବାକୁ ଚାହୁଁଥିଲେ, ନିଜ ଗାଆଁ ବାଟ ଆଡ଼େ ଆଗେଇ ଚାଲିଲେ।

ଯିବାବେଳେ ଗଧା ଯେପରି ହସ ଖୁସିରେ ସାଙ୍ଗମାନଙ୍କ ସାଥିରେ ରଡ଼େଇ ଖଡ଼େଇ ହୋଇ ଚାଲିଥିଲା, ଫେରିଲାବେଳେ ତା'ର ଆଉ ସେ ଅବସ୍ଥା ରହିଲା ନାହିଁ। ସକପୁଟା ଗୋଲାପ ଫୁଲ ପରି ତା'ର ଚହଟା ମୁହଁଟା କଳାକାଠ ପଡ଼ିଯାଇଥିଲା। ସତେ ଅବା ମୋହନାର ପେଡ଼ନଥା ଚେଟହେରୁ ଭୂତଟିଏ

Digitized by srujanika@gmail.com

ବାହାର ଆସି ତା' ଦେହରେ ସବାର୍ ହୋଇ ଯାଇଛି, ଆଉ ସେ ଭୂତ ଦାଉରୁ ପାର ପାଇବା ପାଇଁ ବଳକଳରେ ଛଟିପିଟି ହେଉଛି ।

ରାଧା ସମ୍ବନ୍ଧରେ ଭିଡ଼ ଭିତରୁ କହୁଥିବା ଲୋକମାନଙ୍କ ପାଖରେ ରାଜୁ ଛିଡ଼ା ହୋଇଥିଲା । ସେ ରାଧାର ବାହାଦୁରୀ ପୂର୍ଣ୍ଣ କାର୍ଯ୍ୟ ତଥା ତା'ର ନିର୍ବନ୍ଧ ସମ୍ବନ୍ଧରେ ଶୁଣିଥିଲା । ଏ'କଥା ଶୁଣିବା ପରେ କାହିଁକି କେଜାଣି ରାଧା ପ୍ରତି ତା' ମନରେ ସହାନୁଭୂତି ପ୍ରକାଶ ପାଇଲା । ଆହା···ବଗୁଣି ..'' ସେ ତା' ସାଙ୍ଗମାନଙ୍କୁ ଗହଳ ମଧ୍ୟରୁ ବାହାରି ଯାଇ ବାଜାର ଆଡ଼କୁ ଯିବାଲାଗି କହିଲାରୁ ତାଙ୍କୁ ଛଳେଇ କରି କହିଲା ବୈକୁଣ୍ଠ— ''କରେ, ସେ ଷଣ୍ଢବାନ୍ଧିବାବାଲୀ ଉପରେ ତୋ' ନଜର ଲାଗିଗଲାଣି କି ?''

ରାଜୁ ମନେ ମନେ ବୈକୁଣ୍ଠ କଥାରେ ଆନନ୍ଦ ଅନୁଭବ କରିଥିଲେ ହେଁ ଉପର ଠାଉରିଆ ଭାବରେ ବିରକ୍ତି ପ୍ରକାଶ କରି କହିଲା—''ତୋ'ର ଯେଉଁ କଥା ନା···ମୁଁ କ'ଣ ସେଇଥିପାଇଁ କହୁଚି ଚହଳ ଭିତରୁ ଚାଲିଯିବା ଲାଗି ? ବୃଥାଟାରେ ଏ' ଠେଲାପେଲା ମଧ୍ୟରେ ରହି ଲାଭ କ'ଣ ? ଉଡ଼ାପଙ୍କ ଦେଖିଲେ ତ, ଆଉ ଏଠାରେ ରହିବା ଦରକାର କ'ଣ ? ହେଉ, ତୁମେମାନେ ଯଦି ନ ଚାହୁଁଛ ରୁହ···'' !

ରାଧା ଓ ତା'ର ସାଙ୍ଗମାନଙ୍କ ପଛରେ ବଜାରକୁ ଯିବାପାଇଁ ରାଜୁ ଚାହୁଁଥିଲେ ହେଁ; ସେ ସାଙ୍ଗମାନଙ୍କ ସାଥିରେ ଉଡ଼ାଯାହା ପାଖରେ ଅନ୍ୟମନସ୍କ ଭାବରେ ଛିଡ଼ା ହୋଇ ରହିଲା ।

ଭିଡ଼ ଭିତରେ ଥିବାବେଳେ ରାଧା ଥରେ ଅଧେ ରାଜୁକୁ ଦେଖି ମନେ ମନେ ତା' ଚେହେରାକୁ ନିଜ ଚେହେରା ସହିତ ତୁଳନା କରି ଦେଖିଛି । ରାଜୁର ଶାଳଗଜା ପରି ଚେହେରା ତା' ମନ ମଧ୍ୟରେ କ୍ଷଣକ ଲାଗି ଆଙ୍କି ହୋଇଗଲା । ସେ ଅବଶ୍ୟ ସେଇଠି ଛିଡ଼ା ହୋଇ ଉଡ଼ାଯାହା ଦେଖୁଥିବା ଅବସରରେ ଥରେ ଦି'ଥର ଚୋରା ଚାହାଣିରେ ରାଜୁ ଆଡ଼କୁ ଚାହିଁଛି, କିନ୍ତୁ ରାଜୁର ଦୃଷ୍ଟି ପଡ଼ିବା ମାତ୍ରେ ସେ ତା'ର ଗୁନ୍ଦକଣା ମୁହଁରେ ହସର କଇଁ ଫୁଲଟିଏ ଫୁଟାଇ ଦେଇ ମୁହଁ ବୁଲାଇ ନେଇଛି ।

ରାଜୁ ରାଧାର ଚୋରାଚାହାଣିରେ ମନେ ମନେ ଉଲୁସି ଉଠିଛି ସତ, କିନ୍ତୁ ସାଙ୍ଗମାନଙ୍କ ଟାହିଲା ଡରେ, ସେ ସେଠାରୁ ଆଗେଇ ନାହିଁ କିମ୍ବା ରାଧାର ଦୃଷ୍ଟି ଆକର୍ଷଣ କରିବା ଲାଗି ଆଦୌ ଚେଷ୍ଟା କରିନାହିଁ ।

Digitized by srujanika@gmail.com

ଗହଳ ମଧ୍ୟରୁ ବାହାର ଖ୍ରାମ ଗଉତ ଝିଅମାନଙ୍କୁ ନେଇ ଆଗେଇ ଯାଉ-ଥିବା ବେଳେ ଗଜୁ ସମସ୍ତଙ୍କ ଅଲକ୍ଷ୍ୟରେ ସେଇ ଆଡ଼କୁ ଗ୍ଲୁହିଁ ରହିଥିଲା । ତା'ର ଏ' ଅବସ୍ଥା ଦେଖି ତାକୁ ହଲାଇ ଦେଇ କହିଲା ଶିଭୁଆ–"କ ବେଃ...ମନମୁନ ଚଇତନ ଗନେଇ ଦେଉଚୁତ ସେ ବେଣ୍ଣିବାନ୍ଧୀ ଝିଅଟାର ଚଲାବାଟରେ..." !

ଗଜୁ ଶିଭୁଆ କଥାରେ ହଠାତ୍ ପ୍ରକୃତିସ୍ଥ ହୋଇ କହିଲା "ବୁଝିଲୁ ଶିଭୁଆ, ନିଜ ମନକଥା ଗୁଡ଼ାକ ଆଉ ମୋ ଉପରେ ଲଦ ଦେ'ନା..." !

ଏହି ସମୟରେ ଉଡ଼ାପରବ ଶେଷ ହୋଇଗଲା ଏବଂ ଢୋଲ ମହୁରି ବନ୍ଦ ହୋଇଯିବା ମାତ୍ରେ ପ୍ରବଳ ଭିଡ଼ ମାଡ଼ି ଆସିଲା । ସେହି ଗହଳରୁ ରକ୍ଷା ପାଇବା ପାଇଁ ଗଜୁ ଓ ତା' ସାଙ୍ଗମାନେ ଦୋକାନ ବଜାର ବସିଥିବା ଖୋଲା ପଡ଼ିଆ ଆଡ଼କୁ ଆଗେଇ ଗ୍ଲଲେ ।

—୦—

॥ ଦଶ ॥

ଉଡ଼ାଯାତ୍ରାର ଦୁଇ ଗ୍ଲରଦିନ ପରେ ହଠାତ୍ ଖିଟଂ ଗାଆଁରେ କାନକୁ କାନ ଗୋଟିଏ ଖବର ଖେଳିଗଲା, ଘର ବାହାର, ଠାକୁରାଣୀଶାଳ, ଆମ୍ବତୋଟା, ପୋଖରୀକୂଳ ସବୁଠି ଚହଳ ଖେଳାଇ ଦେଲା । ଖବର ହେଉଛି—ଉତ୍ତରପଶିର ଖ୍ରାମ ଗଉତ ଅଇଁଠୁ ନାୟକ ପୁଅ ମୋହନା ସହିତ ହୋଇଥିବା ନିବନ୍ଧ ଛୁଟେଇ ଦେଇଛି । ଏ' ଖବରରେ ଗାଆଁଟା ଉଠିଲା ପଡ଼ିଲା । ସବୁଠି ସେଇ କଥାନେଇ ଗାଆଁ ଲୋକଙ୍କ ମଧ୍ୟରେ ହଇଚଇ ପଡ଼ିଗଲା । କାରଣ ଉତ୍ତରପଶି ଗାଆଁ ପକ୍ଷରେ ଏ' ଖବର ଥିଲା—ସମ୍ପୂର୍ଣ୍ଣ ନୂଆ । ବୁଢ଼ା ବୁଢ଼ୀ ଲୋକେ ଏ' ଖବର ଶୁଣି କାନରେ ହାତ ଦେବା ସଙ୍ଗେ ସଙ୍ଗେ ମୁହଁ ଖୋଲି କହିଲେ–''ହାୟ, ଏ' ଯୁଗ ଆସି କଅଣ ହେଲା ? ଥରେ ନିବନ୍ଧ ହୋଇଗଲେ, ବା'ଘର ଅଧା ସରିଗଲା ବୋଲି ଆମେ ଜାଣୁ ! ସୁରୁଯ ପଚ୍ଛିମେ ପଶ୍ଚିମରୁ ଉଇଁ ପାରନ୍ତି; କିନ୍ତୁ କାନ ଉଠିଲା ଦିନରୁ କେଉଁ ଝିଅବାପ ନିବନ୍ଧ ଛୁଟେଇ ଦେବା କଥା ମଣିଷ ଶୁଣି ନଥିଲା'' ।

କେବଳ ସେତିକିରେ କଥାଟା ଛୁଟିଲା ନାହିଁ । ସେ ଖବର ପର ମେଲେଇ ଯାଇ ଗାଆଁରେ, କୁଆ ଉଡ଼ିଗଲେ, କୁଆ ଉଡ଼ିଗଲେ ଘର, ମାଇପୀଙ୍କ

Digitized by srujanika@gmail.com

ମେଳରେ ଭିନ୍ନ ଭାବରେ ପ୍ରସ୍ତୁତ ହେଲା । ସେ ପ୍ରସ୍ତରର ମୂଳଖିଅ ବାହାରିଲା ଏଇ ଗାଆଁର ଝିଅ ଏଇ ଗାଆଁର ବହୂ ନେତ ପାଖରୁ ।

ନେତ ଥିଲା—ଖଣ୍ଡିଆଦର ସାହିର ସୁଦାମ ବେହେରାର ଝିଅ । ସାତ-ବରଷରେ ତା'ର ବାହାଘର ହୋଇଥିଲା—ଭଗି ବାରିକ ପୁଅ ସାବନା ସହିତ । କିନ୍ତୁ ଘରଯୋଗୀ ହୋଇ ଶାଶୁ ଘରକୁ ଯିବା ଆଗରୁ ନେତ କଞ୍ଚୁଡ଼ୀ ରାଣ୍ଡ ହୋଇ ବାପ ଘରେ ରହିଲା । ଦଇବ ଯୋଗକୁ—କୁଆ ବସିବାକୁ ଡାଳ ପଡ଼ିବା ପରି ସୁଦାମ ବେହେରାର ଏକୋଇର ବଳା ଅଠର ବରଷର ଭେଣ୍ଡିଆ ପୁଅଟା ଉସୁମାନକୁ ଟଳି ପଡ଼ିଲା—ଦିନ ଦି'ଟା ବାଧିକରେ । ବେହେରା ବୁଢ଼ା ସେଇ ଚିନ୍ତାରେ ସଢ଼ି ସଢ଼ି ମାସ କେଇଟା ମଧ୍ୟରେ କଟଣ ଧଇଲା । ବୁଢ଼ୀ ବଇଦ୍ୟ ଧାଁ, ଦଉଡ଼ କରି କେତେ ଓଷଧ ମଉଷଧ କଲା ବୁଢ଼ାକୁ ବଞ୍ଚାଇବା ଲାଗି । କିନ୍ତୁ ବିହିବାମ ହେଲା ବେଳେ ସବୁଦିନ ଅନ୍ଧାର ଦିଶିଯାଏ । ଦିନେ ରାତି ଅ'ଧରେ ସୁଦାମ ବେହେରା ବୁଢ଼ୀ ଓ ଝିଅ ନେତକୁ ପାଖରେ ବସାଇ, ତା' ହାଡ଼ୁଆ ମୁହଁରୁ ପଦେ କି ଦି'ପଦ କଥା ବାହାର କରି, ସବୁଦିନ ଲାଗି ଆଖି ବୁଜି ଦେଲା ।

ହାଟୁଆତନ ଜାତିରେ ଦୁଆଅ ହୋଇ ଯିବାର ବାଧା ନଥିଲେ ବି, ନେତ ଏକାଜିଦ୍ ଧରି ବସିଲା—'ଏ' ପାଖ ସୂରୁଯ ପଛକେ ସେ ପାଖେ ଉଇଁବ, ମୁଁ ମାଆକୁ ଛାଡ଼ି ଆଉ କା'ଘରେ ପୋଇଲୀ ହେବାକୁ ଯିବିନି । ଥରେ ତ ବା' ହୋଇଥିଲି, କପାଳରେ ନିଆଁ ଲାଗିଗଲେ, ଅଉ ପୁଣି କାହିଁକି ? ଯା' ଥିବ କରମରେ—'ଯା' କରିବେ ସାଇଁ ତା' କାହାର ମନରେ ନାହିଁ ।'

ଜାତି, ଗୋତ୍ର, ଭାଇ, ବନ୍ଧୁ; ଏପରିକି, ତା' ମାଆ ବୁଢ଼ୀ କେତେ କାନ୍ଦି ବୋବାଇ ନେତକୁ ବୁଝାଇଲା, କିନ୍ତୁ ତା'ର ଏକାଜିଦ୍—ନ'ରେ ବାଡ଼ି 'ନା' ।

ସେଇ ଗାଆଁର ଝିଅ ସେଇ ଗାଆଁର ବହୂ ନେତ ବାପଘରେ ମାଆ ବୁଢ଼ୀର ଦେଖାଶୁଣା କରି ଘର କରଣାରେ ମାତି ଉଠିଲା । ନିଜ ବାପ ଘରର ଦି'ପାଆ ଜମି, ଶଶୁର ଘରୁ ଭାଗ ପାଇଥିବା ଆଠଗୁଣ୍ଠ ଜମିରେ ଫସଲ ଉଠେଇ ସେ ବେଶ୍ ଆନନ୍ଦରେ ଭାତ ଗଣ୍ଡାକ ଥା' ମା' କରି ଚଳାଇ ନେଲା ବରଷକ, ବାଡ଼ି ଘରେ ଲେଉଟିଆ, କୋଶଳା, ଫିରିକି, ମାରିଷ ଓ ପନିପରିବା ଗଛ ଦି' ପାଞ୍ଚଟା ଲଗାଇ ବରଷ ସାକର ଗୁଜରାଣ ମେଣ୍ଟେଇ ନେଲା ।

Digitized by srujanika@gmail.com

ତା' ସାଥିଙ୍କୁ ଘରର ଗୋଳଘାରକୁ ବଢ଼େଇ ଦେବା ଲାଗି ନେଡ ଆହୁରି କେତେ ପ୍ରକାରର ଫନ୍ଦିଫିକର ଲଗେଇ ଦି' ପଇସା ହାତପଇଠ କଲା ।

ଖିଚିଂ ଗାଆଁଠାରୁ ଖଣ୍ଡିଆଦର ସାନ୍ଥର ବ୍ୟବଧାନ ମାଝମଝିରେ ଟୋକିଏ ଲମ୍ବାଳିଆ ପୋଖରୀ ଓ ଶ୍ରେଷ୍ଠ କାଠର ବଗାଏଡଟିଏ । ଖିଚିଂ ଗାଆଁ ଆରମ୍ଭର ଖାଚକେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ବ୍ୟତୀତ କୃଷ୍ଣେଇ ଭୁଣ୍ଡୀ ମନ୍ଦିର ଓ ଚନ୍ଦ୍ରଶେଖରଙ୍କ ମନ୍ଦିର । ନେଡ ନିତି ସକାଳୁ ଉଠି ନଈରୁ ସିନାନ ଗାଧୁଆ ସାରି ଖାଚକେଶ୍ୱରୀଙ୍କ ମନ୍ଦିରରେ ମୁଣ୍ଡିଆଟାଏ ନ ପକେଇଲେ ତା' ପାଟିକୁ ଜଳ ମୁନ୍ଦାଏ ବି ଯାଏ ନାହିଁ । ବୟସ ବେଳୁ ତା'ର ଏ' ପ୍ରକାର ଠାକୁରାଣୀଙ୍କ ଠିଁ ଅଟଳ ଭକ୍ତି ଦେଖି ଗାଆଁର ବୁଢ଼ାବୁଢ଼ୀମାନେ ବି ନେଡକୁ ଖୋଲାଖୋଲି ଭାବରେ ପ୍ରଶଂସା କଲେ ଏବଂ ଗାଆଁ ଗୋଷ୍ଠାକର ଝିଅ ବୋହୂମାନେ ବି ତାକୁ ଖାତିର କଲେ ।

ଗାଆଁର ଦି' ଚାରିଟା ଫଟା ରସିକ ଅବଶ୍ୟ ନେଡର ବୟସ କାଳର ଚେହେରା ଦେଖି ହକ୍ ସକ୍ ହେଲେ ତା' ସହିତ ଭାବ ପୀରତି ଲଗେଇବା ପାଇଁ । କିନ୍ତୁ ନେଡକୁ ସେମାନଙ୍କ ମନ—ଗହନର କଥା ଅଛପା ରହିଲା ନାହିଁ । ସେମାନେ ଡାକେ ଡାକେ ଗଲେ ନେଡ ପଛେପଛେ ଯାଇ ଫଟାରସିକଙ୍କୁ ବୋକା ବନେଇ ଦେଲା । ସମସ୍ତେ ମରୀଚିକା ପଛରେ ଧାଇଁ ଧାଇଁ ବେହାଲ ହୋଇଗଲେ ପଛକେ, ତା' ଦେହରେ ଟିପ ଛୁଇଁ ପାରିଲେ ନାହିଁ । ନେଡର ଲମ୍ବା ଚଉଡ଼ା କଥା, ହସ ହସ ମୁହାଣି, ବନେଇ ଚୁନେଇ କଥା କହିବାରେ ଟୋକାଗୁଡ଼ାକ ଭାସିଯାଇ, ନିଜର ହାଡ଼ଭଙ୍ଗା ମିହନତ କରି ପଇସାତକ ନେଡ ପୂଜାରେ ସ୍ୱାହା କରିଦେଲେ । ନେଡ ଚାଲାକିରେ ସମସ୍ତଙ୍କ ସହିତ ଧରମ ଭାଇ ବସେଇ ସେମାନଙ୍କୁ ଏମିତି ଭୂଆଁ ବୁଲେଇଲା ଯେ, ସେମାନେ—'ଏଇ ମୋ' ପାଲରେ ପଡ଼ିଲା, ହେଇ ମୋ' ପାଲରେ ପଡ଼ିଲା ବୋଲି ଭାବ ଘିର୍ ଘିର୍ ହୋଇ ତା' ଚାରିପଟେ ଚକା ଭଉଁରୀ ଖେଳିଲେ ।

ନେଡ ସବୁବେଳେ ଅନାଶା କରିଥାଏ ତା' ଚାଲିଚଳନ ଉପରେ । ସେ ଯୌବନର କାଉଁରି ପରଶରେ ବେଳେ ବେଳେ ଘାରି ହେଉଥିଲେ ବି ନିଜର ବଡ଼ପଣ ଜାହିର କରିବା ପାଇଁ, କାହାରି ପାଖରେ ଧରା ଦେବା ତ ଦୂରର କଥା କାହା ସହିତ ଏକୁଟିଆବେଳେ କଥାବାର୍ତ୍ତା କଲା ନାହିଁ । ସେ ସବୁବେଳେ ମାପିଚୁପି କଥା କହିବା, ଏକୁଟିଆ କାହାରି ହାବୁଡ଼ରେ ପଡ଼ିଗଲେ, କିନ୍ତୁ

Digitized by srujanika@gmail.com

ଗୋଟାଏ ଆଳ ଦେଖାଇ ସେଠାରୁ ଖସି ଆସିବାକୁ ଜୀବନର ସତେଯେପରି ଗୋଟାଏ ଧରାବନ୍ଧା ନିୟମ କରିନେଲା।

ପଛରେ ପଛରେ ଗାଆଁ ମାଇପେ ନେତର ଉଚଡ଼ିଗିଆ କଥା, ଆଖିନାଚ ଛଇ-ଛଟକ ଦେଖି ତା' ସମ୍ବନ୍ଧରେ କେତେ କ'ଣ ଆକାଶ ପାତାଳ ଭାବୁଥିଲେ ଏବଂ ବେଳେ ବେଳେ ହାଙ୍ଗ ସରସାଙ୍କ ମେଳରେ ଦେଖେଇ ସେକେଇ କହୁଥିଲେ—'ବିରାଡ଼ି ଆଖି ବୁଜି ଦୁଧ ପିଇ ଚାଲିଛି, ବେଳେ ମଞ୍ଜିଗଣ୍ଡି ଫାଳିରେ ତା' ଘୁଣ୍ଟାଣି ନିକଳି ଯିବ ଯେ···' ?

କିନ୍ତୁ ସେମାନଙ୍କ ଅନୁମାନ ଅନୁମାନରେ ରହିଗଲା। ନେତ କାଦୁଅକୁ ପଶିଲା ନାହିଁ କି ଗୋଡ ଧୋଇଲା ନାହିଁ। ଫଟା ନାଗରଙ୍କୁ ଗୋଳେଇ ଧନ୍ଦାରେ ପକାଇ ସେ ଗାଆଁ ମାଇପିଙ୍କ ଆଗରେ ନେତ ଉଡ଼େଇ ଦେଲା।

କିନ୍ତୁ ବୟସ ବଢ଼ିବା ସଙ୍ଗେ ସଙ୍ଗେ ନେତର ଗୋଟିଏ ବଦ ଅଭ୍ୟାସ ବଢ଼ିଚାଲିଲା ସେ ଭୁଲ୍‌ରେ ସୁଦ୍ଧା କାହାର ଶିରି ଦେଖି ପାରିଲା ନାହିଁ। ସ୍ତ୍ରୀ' ଘର କଥା ତା'ଘରେ ଲଗେଇ ଯୁଟେଇ ତିଳକୁ ତାଳ କରି ଲଙ୍କାକାଣ୍ଡ ଘଟେଇ ବସିଲା। କାହାର ସୁଖର ସଂସାର ଦେଖିଲେ ନେତର ତୁଣ୍ଡରେ କରତ ଚାଲିଗଲା ପରି ଲାଗିଲା। ସେ କଳେ ବଳେ କୌଶଳେ ଯେ କୌଣସି ମତେ, ଅନ୍ୟର ସୁନା ସଂସାରକୁ ଚ୍ଚୁନା ନକରି ଶାନ୍ତିରେ ନିଃଶ୍ୱାସ ମାରିଲା ନାହିଁ। ଗାଆଁ ଟାସାକର ସବୁ ନାଟର ଗୋବରଧନ ସାଜିଥିଲେ ହେଁ, ତା' ନଜର ଚାଲିଚା ଓ କଥା କହିବାର ଢଙ୍ଗଢାଙ୍ଗଣା ଫଳରେ ସମସ୍ତେ ତାକୁ ଆପଣାର ହିତକାରୀ ବୋଲି ଭାବିଲେ। ଗାଆଁ ଯାକର ଏ'ଘର ମାଉସୀ ସେ ଘର ପିଉସୀ ସାଜି ନେତ ସମସ୍ତଙ୍କ ଘରର ମୁରବୀ। ସାଜିଗଲା।

ଗ୍ରାମ ରାଉତ ଘରୁ ନବନ୍ଧ ଭାଙ୍ଗି ଯିବାର ଖବର ଖିଟଂରେ ପହଞ୍ଚିବା ମାତ୍ରେ ସବୁଠାରୁ ବେଶୀ ଆନନ୍ଦ ହୋଇଥିଲା ଅଇଁଠୁ ନାୟକ। ସେ ଏ' ଖବର ଶୁଣିବା କ୍ଷଣି ଶାନ୍ତିରେ ନିଃଶ୍ୱାସଟିଏ ମାରି ଭାବିଲା—'ଯା' ହେଉ, ଧର୍ମ ସଙ୍କଟରୁ ତାକୁ ବିଧି ବିଧାତା ଆପଣା ଗୁଣେ ରକ୍ଷା କରିଦେଲେ। କାହିଁ ଗ୍ରାମ ରାଉତର ଝିଅ, କାହିଁ ମୋ' ପୁଅ'। ସେ ଏହାକୁ ଭାଗ୍ୟର ଶୁଭ ସୂଚନା ବୋଲି ଆଦରି ନେଇ ଆନନ୍ଦରେ ତା' ସ୍ତ୍ରୀକୁ ବୁଝାଇ ଦେଲା। ଅଇଁଠୁ ନାୟକର ସ୍ତ୍ରୀ ଆନନ୍ଦରେ ଗଦ୍‌ଗଦ୍ ହୋଇ କହିଲା—"ଯା' ହେଉ, ମୋ' ପୁଅକୁ ଭଗବାନ ଠାକୁରେ ରକ୍ଷା କରିଦେଲେ"।

Digitized by srujanika@gmail.com

ମନଖୁସିରେ ଆରଦିନ ସକାଳୁ ଅଇଁଠ୍ ନାୟକ କୀଚକେଶ୍ୱରୀଙ୍କ ମନ୍ଦିରକୁ ଯାଇ ଠାକୁରାଣୀଙ୍କ ଆଗରେ ମୁଣ୍ଡିଆଟିଏ ମାରି ନିଜ କାମଧନ୍ଦାରେ ମାତିଗଲା ।

ଠିକ୍ ମୂଳିଆଉଠା ବେଳକୁ ଅଇଁଠ ନାୟକ ଘରେ ପହଞ୍ଚିଗଲା—ମନ୍ଥରା ନେତ । ସେ ଅଇଁଠ୍ ନାୟକର ସ୍ତ୍ରୀକୁ ଡାକି କହିଲା—''ଭାଉଜ, ଭାଇ କାହିଁ କି ଗଲା···''?

ସେ ବିଚୁଖି ନେତକୁ ଆପଣା କୁଟୁମ୍ବର ହିତକାରିଣୀ ବୋଲି ମନେ ମନେ ଭାବି, ତାକୁ ଆଦରର ସହିତ ବସାଇ ପଚାରିଲା—''କାହିଁକି, କୁଆଡ଼େ ଆସିଥିଲ କି ନେତ'' ?

ସେ ଘରର ଗୃହଆଡ଼େ ଥରେ ଆଖି ବୁଲାଇ ନେଇ କହିଲା—''ତୁମ ସହିତ କଅଣ ବା' କଥାବାର୍ତ୍ତା କରିବି, ଭାଇ ଆସିଯାଉ, ତା'ର ସହିତ ଦି'ପଦ କଥା ଅଛି'' ।

ଏହି ସମୟରେ କାହାରୁ କାଠ ଗୋଛାଟିଏ ଆଣି ବାଡ଼ି ଦୁଆରେ ପକାଇ ଦେଇ ଅଇଁଠ୍ ନାୟକ ଘର ଭିତରକୁ ପଶିଆସିଲା । ତାକୁ ଦେଖି ପକାଇ ନେତ ଆନନ୍ଦରେ ଗଳା ଖଙ୍କାରିଟିଏ ମାରି କହିଲା—''ହେଇ, ଭାଇତ ଆସିଗଲାଣି, ଆଃ···ଭାଇ ବସ୍ ! କଥାଟା ଶୁଣିଲ ଯେ···'' ଟିକିଏ ରହିଯାଇ କହିଲା ନେତ—''ମୋ' ଛାତିଟାରେ କେମିତି ଗୋଟେ ଖୁରି ମାରି ହୋଇଗଲା ପରି ଲାଗିଲା । ଭାବିଲି, ଯାଉଛି, ଭାଇ ସହିତ ଦି'ପଦ କଥା ହୋଇ ଆସେ··· ।

''କଅଣ କରେ ନେତ ? ସେମିତିଆ କଥା କଅଣ ହୋଇଯାଇଚି କି'' ? ଅଇଁଠୁ ନାୟକ ସବୁ କଷ୍ଟ ଠଉରେଇ ବାଆଁରେଇ ଦେଇ କହିଲା ।

''ମଲା··· ! ନୁଚନ ନା, ଗୋଡ଼ ଦି'ଟା ଦୁଉଚି··· ! ଏ' କଥା ହାଟରେ ପଡ଼ି ବାଣ୍ଡରେ ଗଡ଼ାଗଡ଼ି, ସେଇ କଥା ଆଜି ଛୁଆଙ୍କ ଠାରୁ ବୁଢ଼ାଙ୍କ ମୁହଁରେ ଖଇ ଫୁଟିଲା ପରି ଭଡ୍ ଭଡ୍ ହେଉଚି, ତୁମେ କ'ଣ କହୁଚ ନା, କଅଣ କରେ ନେତ···'' ? ଏକା ନିଃଶ୍ୱାସକେ ଏତକ କହିଗଲା ଗାଆଁର ମନ୍ଥରା ନେତ ।

''ଏଇ ଉତ୍ତରପଟି ଖବର କହୁଚୁ କି ତୁ ? ମୁଁ ତ ଭାବୁଚି, ଠାକୁରଙ୍କର ଏ' ଆମ ଉପରେ ଆଶୀର୍ବାଦ ! ନଇଲେ, ମୋତେ ତ ତୁଣ୍ଡ ଖୋଲିବାକୁ ପଡ଼ିଥାଆନ୍ତା । କଥାଟା ଭୀମ ରାଉତ ପାଖରୁ ଉଠିଲା, ମୁଁ ରକ୍ଷା ପାଇଗଲି···''!

ନେତର ବାଣଟା ବ୍ୟର୍ଥ ହୋଇ ଯାଉଥିବାର ଦେଖି, ସେ ଆଉ ଗୋଟିଏ ଶର କାଣ୍ଡରେ ଯୋଖି ତାକୁ ମର୍ମସ୍ଥଳକୁ ଲକ୍ଷ୍ୟ କରି କହିଲା—''ତୁମ କଥା

Digitized by srujanika@gmail.com

ସତ ଯେ, ମୋ' କହିବାର କଥା କ'ଣ କି, ତୁମ ମହନା ପାଇଁ କ'ଣ କନିଆଁ ଅଭାବ ହବ କି ? ସେ ତୁମ ଘରକୁ ପହିଲେ ଆସିଥିଲେ ନା, ତୁମେ ତାଙ୍କ ଦୁଆରେ ଯାଇ କାନ ପତେଇ ତା' ଝିଅ ଦଲଙ୍କା କି ବହୂ କରିବ ବୋଲି ମାଗିଥିଲ ? 'ମତେ ଏଇ କଥାର ଜବାବ ଦେଲ'' ?

''ହିଁ···ନେତ, ତୁ ଯା' କଉଚୁ ସତ ଯେ, ମୁଁ ପଗ ନଜେ ସେଇ କଥା ଭାବିଥିଲି । ଭୀମ ଗଉଡକୁ ଢ'ଗୃଣିଦନ ମଧରେ ଖବର ଘଠେଇ ସମୃନ୍ଧଟା ଭାଙ୍ଗିଦେଇ ଥାଆନ୍ତି···'' ।

ଅଇଁଠୂ ନାପୂକକୁ ଆଉ କହିବାକୁ ନଦେଇ ତା' ପାଟିରୁ କଥା ଛଡ଼େଇ ନେଇ ମାଉବସିଲା ପରେ କହିଲା ନେତ—''ହିଁ··· ! ଠିକ୍ କଇଚ ଭାଇ · ସେଥିରେ ଆଉ ଭାବିବାର କଅଣ ଥିଲା ? ବର ଘର ସମ୍ବନ୍ଧ ଭାଙ୍ଗିଦେବା କଥା ଦେଶ ସଂସାରରେ ଚଳୁଚି··· ! ଚଳିବ··· !! ତୁମେ ତାଙ୍କ ମାନମହତକୁ ବଗୁର କରି, କହିବ କି ନାଇଁ ଭାବୁଥିଲେ, ସେ ଏତେବଡ଼ କାଣ୍ଡଟେ କରିଦେଲା, ଥରେ ତୁମ ସାଙ୍ଗରେ ବଗୁର କଲା କି ? ନଜେ ଭୀମ ଗଉଡ ଯେମିତି ପହିଲେ ଆସି ତୁମକୁ ନେହୁରା ହେଇ ତୁମ ଘରେ ସମୃନ୍ଧ ପକେଇଥିଲେ, ସେମିତି ନଜେ ଆସି ଥାଆନ୍ତା, ତୁମ ସହିତ ବଗୁର କରି କଥାଟା ଏଇଠି ତୁମ ଆଗରେ ଖୁଲାସା କରି ଦେଇ ଥାଆନ୍ତା; ତା'ହେଲେ ଆଉ କଥା କାଇଁକି ଉଠନ୍ତା, ପାଞ୍ଚ ପଚଶରେ ତୁମ ମୁଣ୍ଡ ତଳକୁ କାଇଁକି ହେଇ ଥାଆନ୍ତା ? । ଏବେ କଥା ଆସି ହେଲା କଅଣ ? ନଡ଼ିଆର କଉଁ ଶିରାରେ ପାଣି ଯାଉଚି ତୁମେ ମଗଜକୁ ନେଲଣି କି ? ଯଦି ମୁଁ ତୁମ ଅଭଲ କଥା କଉଚି, ତେବେ ମାର ଢ' ଟୋଗାଇଁଠା ମୋ ମୁଣ୍ଡରେ···''

ଅଇଁଠୂ ନାପୂକର ପ୍ରତିକିୟା ଜାଣିବା ପାଇଁ ନେତ ଟିକିଏ ଚୁପ୍ ରହି ପୁଣି ଆଉ ଗୋଟିଏ ମୂନିଆଁ ଶର ସାଏଁ କରି ଗୁଞ୍ଜିଦେଲା ପରି କହିଲା—''ଆଉ ବୁଝିଲ, ନଜେ ଭୀମ ଗଉଡ ଆସି ତୁମ ଘରେ ଏ' କଥା କହିଦେଇ ଯାଇଥିଲେ କଥାଟା ନଆଗ ହୋଇଥାଆନ୍ତା ! ମୁଁ ଶୁଣିଲି କାଲେ ସେ ପୋଡ଼ାମୁହାଁ ଷେଣ୍ଡ-ବାଣ୍ଡୀ ଚାଉକାଟା ହାତ ହଲେଇ, ମୁହଁ ଆମ୍ବିଳା କରି ହେଦିନ ଉଡ଼ାଯାହାରେ ଆମ ଗାଁ' ବାଲାଙ୍କୁ ଦେଖେଇ କହିଲା – ମୁଁ ସେ ଅଇଁଠୂ ନାହାକ ପୁଅ ମହନାକୁ ବାହା ହେବିନି ! ସେଇଟା ଗୋଟେ ମେଞ୍ଚଡା ମୂଷାଟେ··· । ଏମିତିଆ କଥାତ ବାବା ଏ' କାନ ଶୁଣିନି, ତୁମେ ଏ'କଥା ଶୁଣି ଚୁପ୍ ହେଇଯାଉଚ ତ ତୁଅ ମ'ର କ'ଣ ଯାଏ ଆସେ'' ?

Digitized by srujanika@gmail.com

ନେତର ପ୍ରଶ୍ନଭରା କଥାର କ'ଣ ଉତ୍ତର ଦେବ, ଅଇଁଠ୍ ନାୟକ ଆଦୌ କିଛି ଭାବିପାରିଲା ନାହିଁ । ତାକୁ ନୀରବ ରହିଥିବାର ଲକ୍ଷ୍ୟ କରି ନେତ ତା'ର ଶେଷ ବାଣଟିକୁ ଛାଡ଼ି ଦେଇ କହିଲା—"ଏଥିରେ ତୁମ ମନ କ'ଣ ହଉଚି କେଜାଣି, ମୋ' କଳିଜାରେ ଛୁରୀ ଚଳିଗଲା ପରି ମୋତେ ଲାଗୁଚି··· । ଏ' କଥାରେ ଖାଲି ତୁମର ମୁଣ୍ଡ ପାଞ୍ଚ ପଚିଶରେ ତଳକୁ ହେଲା ନାହିଁ ଯେ··· ମହିନାର ଜୀବନଟା ମାଟି ହେଇଗଲା··· । ହଉଁ···ଭଲ···ଆମର ସେଥିରେ ଯାଏ ଆସେ କେତେ ? ଦେଖାଯାଉ···" ଅଇଁଠ୍ ନାୟକର ଘରୁ ବାହାରି ଯାଉଁ ଯାଉଁ କହିଲା ନେତ—"ଦେଖିବା···ଯିଏ ତୁମ ଘରର କୁଳବୁଆସୁଣୀ ହେଇ ଆସିଥାଆନ୍ତା, ସେ ତୁମର ଛାତିରେ ଗଞ୍ଜେଇ ଦଳି ଆଜି କା'ଘରର ଈଶାଣ କଣରେ ଧୂପ ଜାଳିବ, ସେଥିରେ ତୁମ ଛାତି ସହିବ କି ନାହିଁ···" ।

—o—

॥ ଏଗାର ॥

ଖ୍ରୀମ ରାଉତ ଅଇଁଠ୍ ନାୟକ ଘରକୁ ଝିଅ ରାଧାର ମତାମତ ଅନୁସାରେ ନିର୍ବନ୍ଧ ଭାଙ୍ଗିଗଲା ବୋଲି ଖବର ପଠାଇ ଦେଲା ସିନା, ଝିଅ ଲାଗି ଆଉ ଗୋଟିଏ ଭଲ ପାତ୍ର ପାଇବା ତା' ପକ୍ଷରେ ନିତାନ୍ତ କଷ୍ଟକର ହୋଇ ଉଠିଲା । ସେ ସମ୍ବନ୍ଧ କରିବା ପାଇଁ ଯେଉଁଠିକି ଗଲା—ସବୁଠି ସେଇ ଗୋଟିଏ କଥା—'ଖିଚିଂବାଲା କ'ଣ ବିନା ଝଞ୍ଜଟରେ ଛାଡ଼ିବ ? ତା'ପରେ ପୁଣି ସେଇ ଷେଣ୍ଢବନ୍ଧା କଥା···' ।

ଖ୍ରୀମ ରାଉତ ଥିଲା—ଅବଶ୍ୟ ଖୁବ୍ ପାରିଲା ମରଦ । ସେ ବହୁସ୍ଥାନରେ ରାଧାର ମନଲାଖି ବର ଖୋଜିବାକୁ ପଛାଇଲା ନାହିଁ । କିନ୍ତୁ ନିର୍ବନ୍ଧ ଭାଙ୍ଗିଯିବା ଓ ଷଣ୍ଢବାନ୍ଧିବା ଖବରଟା ଏତେ ବେଗରେ ପ୍ରଚାରିତ ହୋଇଥିଲା ଯେ, ସବୁଠାରୁ ତାକୁ ନିରାଶବାଣୀ ଶୁଣିବାକୁ ପଡ଼ିଲା ।

ବାପାର ଚିନ୍ତା ଓ ହଇରାଣ ଦେଖି ରାଧା ମନେ ମନେ କେତେ ଦହଗଞ୍ଜ ହେବାକୁ ଲାଗିଲା । ଶେଷକୁ ସେ ଦିନେ ତୁଣ୍ଡ ଖୋଲି କହିଲା—"ବାପା, ମୁଁ ଗୋଟିଏ କଥା କହିବାକୁ କେତେ ଦିନରୁ ଚାହୁଁଛି, କିନ୍ତୁ ଭରସି କରି ତୁମକୁ କହିପାରୁନି···" ।

ଝିଅର ଉପକ୍ରମରୁ ଖ୍ରୀମ ରାଉତ କିଛିଟା ଅନୁମାନ କରିଥିଲେ ହେଁ, ନ ଜାଣିଲା ପରି ପଚାରିଲା—"କ'ଣ ପଚାରିବାକୁ ଚାହୁଁଚୁ କହୁନୁ । ଲାଜ କରୁଚୁ କାହିଁକି ?

Digitized by srujanika@gmail.com

"ମୁଁ କ'ଣ କହୁଥିଲି କି... ? ମୋତେ ବାହା ନ କରେଇଲେ ତୁମର କ'ଣ ଅସୁବିଧାଟେ ହେଇଯିବ ? ମନେକର ମୁଁ ବାହା ହେଲି ନାହିଁ, ସେଥିରେ ତ ତୁମର କିଛି ବିଗିଡ଼ିଯିବ ନାହିଁ ! ମୋତେ ଗୋଟିଏ ପୁଅ ବୋଲି ମନେକର ! ମୁଁ ତୁମ ଗୋଡ଼ତଳେ ପଡ଼ୁଛି ବାପା, ତୁମେ ଆଉ ମୋ' ପାଇଁ ବୁଲି ବୁଲି ହଇରାଣ ହୁଅନି । ଏତେ ଲୋକଙ୍କୁ ଖୋସାମଦ୍ କରି ଲାଭନାହିଁ" !

ଝିଅର କଥା ଶୁଣି ଖୀମ ରାଉତର ଛାତି କରାଟ ହୋଇ ଯାଇଥିଲେ ହେଁ, ସେ ମନକଥା ମନରେ ଚାପିରଖି କହିଲା—"ବାୟାଣି, ତୁ ଏତେ କଥା ଭାବୁଚୁ କାହିଁକି ? ଯାହା କରିବେ ସାଇଁ ତା' କାହାରି ମନରେ ନାହିଁ । ମୋ' ସୁନା ମାଆଟା ପରା, ତୁ ସେ କଥାରେ ମୁଣ୍ଡ ଖେଳାନା । ବାପ ମାଆ ଝିଅର ଭଲ ପାଇଁ ଯାହା କରିବାର କଥା, ତା' କରିବେ" ।

ସେତିକିରେ ସେଦିନର କଥା ଶେଷ ହେଲା । ଖୀମ ରାଉତ ଯା ମଧ୍ୟରେ ଖବର ପାଇଲା ଯେ, ଖିଚଂର ଅଇଁଠୁ ନାୟକ ତା' ଝିଅର ବାହାଘର ଭାଙ୍ଗିବା ପାଇଁ ସବୁମତେ ଚେଷ୍ଟା ଚଳାଇଛି । ଦରକାର ହେଲେ, ଝିଅର ବାହାଘର ସମୟରେ ଖିଚଂର ଗାଆଁ ବାଲାଙ୍କ ପକ୍ଷରୁ ଦଙ୍ଗା ଫିସାଦ କରାଯିବ । ସେଥିଲାଗି ଖିଚଂ ବାଲାଙ୍କୁ ତାଙ୍କ ଗାଆଁର କେତେଜଣ ଲୋକ ସାହାଯ୍ୟ କରିବାକୁ ହେମନ୍ତୁ ଦେଇଛନ୍ତି । ତେଣୁ ଖୀମ ରାଉତ ମନେ ମନେ ବିଚାର କରି, ଝିଅକୁ କିଛିଦିନ ଲାଗି ବାହାରକୁ ନ ଛାଡ଼ି, ଘରଭିତରେ ଆଟକ କରି ରଖିଲା ଏବଂ ସେ ଯେତେବେଳେ ବାହାରକୁ ଯାଉଥିଲା, ଝିଅକୁ ସାଥିରେ ନେଇଯାଉଥିଲା ।

ଦିନପରେ ଦିନ, ମାସପରେ ମାସ ଗଡ଼ି ଚାଲିଲା । ଯା' ମଧ୍ୟରେ ଆଠଟି ମାସ ଚାହୁଁ ଚାହୁଁ ବିତିଗଲା । ଖୀମ ରାଉତ ବହୁ ଖୋଜାଖୋଜି କରି ରାଧା ପାଇଁ ତାଙ୍କ ଜାତିର ଭଲ ପିଲାଟିଏ ପାଇପାରିଲା ନାହିଁ ।

ଦିନକର ଘଟଣା—ଖୀମ ରାଉତ ଶଗଡ଼ରେ ରାଧାକୁ ବସାଇ ବନ୍ଧୁଘରୁ ଫେରୁଥିଲା । ବାଟରେ ସହର ଭିତର ଦେଇ ଆସୁଥିବା ସମୟରେ ହଠାତ୍ ରାସ୍ତା ଉପରେ ଭିଡ଼ ଦେଖି ଗାଡ଼ିଟି ଏକପାଖିଆ କରି ଛିଡ଼ା କରାଇ, କଅଣ ହୋଇଛି ବୋଲି ଦେଖିବାକୁ ଅପେକ୍ଷା କଲା ।

ସେ ଦେଖିଲା ବେଶ୍ ହୃଷ୍ଟପୁଷ୍ଟ ସାବନା ଟୋକାଟିଏ ମାଲପତ୍ର ବୋଝେଇ କରା ଶଗଡ଼ ଉପରେ ବସି ପୋଲିସ୍ କନେଷ୍ଟବଲ୍ ସହିତ ବେଶ୍ ହାତ ହଲାଇ ମୁହଁ ଝିଙ୍କାଉ ବଡ଼ ପାଟିରେ ଜବାବ୍ ଦେଉଛି—"ଆଗରେ ତ ଶଗଡ଼ଟେ ଠିଆ

Digitized by srujanika@gmail.com

ହୋଇଛି, ମୁଁ ଯିବି କେଉଁ ବାଟେ । ଆଗେ ଆଗ ଗାଡ଼ିବାଲାକୁ କହ – ସେ ତା’ ଗାଡ଼ି ପାଖେଇ ନଉ, ତା’ପରେ ମୋତେ ନାଲି ଆଖି ଦେଖେଇବୁ·· ” ।

ଯୁଦ୍ଧବଜାର ଠିକ୍ ଘଣ୍ଟ ଆସିଥାଏ । ପୋଲିସ୍‌ବାଲାଙ୍କର ଯୁଦ୍ଧଗରମ ମୁଣ୍ଡରୁ ଉତୁରି ନଥାଏ । ଗାଆଁ ଗହଳିର ମଳିମୁଣ୍ଡିଆ ହୁମ୍‌ଶୁଳିଆ ଟୋକେଟେ ଏମିତି ମୁହଁଫିଙ୍ଗିଆଡ଼ କଥା କହିପାରିବ, ତାକୁ ପୁଣି ରାଜସରକାରଙ୍କ ଖୋଦ୍ ପୋଷା କୁକୁର ଭୋ’ ଭୋ’ ନ କରି ହଜମ୍ କରିପାରିବ ? ଟୋକାଟାର ବାହାପିଆ କଥାଶୁଣି କନେଷ୍ଟବଲର ପାରା ଉପରକୁ ଉଠିଗଲା । ସେ ହାତରେ ଧରିଥିବା ଠେଙ୍ଗାଟିକୁ ଉଠାଇ.ଖେଦି ଆସି କହିଲା—‘‘କବେ଼ଃ···ବେଶୀ ବଡ଼ିବଡ଼ି କଥା କହୁଛୁ ଶଳାଃ···’’ ।

ଟୋକାଟା ଖପ୍ କରି ଶଗଡ଼ରୁ ଡେଇଁପଡ଼ି କନେଷ୍ଟବଲ୍‌ର ଠେଙ୍ଗାଟିକୁ ଏକା ଝିଙ୍କାକେ ଛଡ଼େଇ ନେଇ ପାଟି କରି କହିଲା—‘‘କଥା କହୁଁ କହୁଁ ମୁହଁ ଖରାପ କଲୁ କାହିଁକି ? ମୁଁ ତ କହୁଛି – ଆଗ ଶଗଡ଼ ବାଲାକୁ କହ—ସେ ଗାଡ଼ି ଆଡ଼େଇ ନଉ, ନଇଲେ ମୁଁ ଯିବି କଉଁବାଟେ ?’’

ପାଟିଗୋଳ ଶୁଣି ଆଖପାଖ ଲୋକେ ଗୁରିଅଡ଼ୁ ଦୌଡ଼ି ଆସିଲେ । ସମସ୍ତେ କନେଷ୍ଟବଲ୍‌କୁ ଛିଛି ଥୁକର କଲେ । ବିଚରା କନେଷ୍ଟବଲଟା ଏତେ ଲୋକଙ୍କ ଆଗରେ ବେଇଜତି ହୋଇ ନରମି ଯାଇ କହିଲା— ‘‘ହଉ···ହଉ···ଛାଡ଼···! ଏମିତି କଥା କଥାକେ ହୁମ୍ମୁହୁମ୍ମୁ ହୋଇ ହାତ ଉଠେଇ ଧଉଚୁ···! ସହର ବଜାର ଯାଗା, ସାବଧାନ ହେଇ ଚଳ···’’ ।

ଟୋକାଟି ଆଉ ବିଶେଷ କିଛି ନ କହି ପୋଲିସ୍ କନେଷ୍ଟବଲ ହାତକୁ ତା’ ଠେଙ୍ଗାଟି ବଢ଼ାଇ ଦେଲା । ସ୍ୱା’ ମଧ୍ୟରେ ଆଗରେ ଥିଆ ଯାଇଥିବା ଶଗଡ଼ ଗାଡ଼ିଟି ରାସ୍ତାରୁ ଆଡ଼େଇ ନେଲାରୁ ଟୋକାଟି ତା’ ଗାଡ଼ି ହାଙ୍କି ଆଗେଇ ଗଲା ।

ଖ୍ରୀମ ରାଉତ ସେଇ ଭିଡ଼ ଭିତରେ ଟୋକାଟିର ସାହସ ଦେଖି ତାଜ୍ଜବ୍ ହୋଇଗଲା । ଶଗଡ଼ରେ ବସିଥିବା ଗଧା ଟୋକାଟିକୁ ଦେଖି ମନେ ମନେ ଆନନ୍ଦରେ ଉଲୁସି ଉଠିଲା । ସେ ଟୋକାଟିକୁ କେଉଁଠି ଦେଖିଥିଲା ଭଳି ତା’ର ମନେ ହେଲା । ବାଟ ସଫା ହୋଇଯିବାରୁ ତା’ ବାପା ଜୋର୍‌ରେ ଗାଡ଼ି ହାଙ୍କି ନେଇ ସାରଥି ଦେଖାଇଥିବା ଟୋକାଟିର ଶଗଡ଼ ପଛରେ ନିଜ ଶଗଡ଼ଟିକୁ ଲଗାଇ ଦେଲା । ପଛରୁ ଆସୁଥିବା ଗାଡ଼ିଟିକୁ ବାଟ ଛାଡ଼ି ଦେବାଲାଗି ଟୋକାଟି ତା’ ଶଗଡ଼ଟିକୁ ବାଁ’ ପଟକୁ ପାଖେଇ ନେଲା । ପଛରୁ ଆସୁଥିବା ଖ୍ରୀମ ରାଉତର

Digitized by srujanika@gmail.com

ଗାଡ଼ିଟି ପାଖାପାଖି ହୋଇ ଯିବାରୁ ଟୋକାଟି ସେ ଆଡ଼କୁ ଅନାଇ ଦେଇ ଖିହିଁକ ଉଠିଲା ପରି ହୋଇଯାଇ ଗାଡ଼ିରେ ବସିଥିବା ଗଧା ଆଡ଼କୁ ଏକଲୟରେ ଚାହିଁ ରହିଲା ଏବଂ ଗଧା ଆଖିର ପଲକ ନ ପକାଇ ଟୋକାଟିର ଶାଳଗଜାପରି ବାହା, ଲୁହା କବାଟପଟ ପରି ଚଉଡ଼ା ଛାତି, ତେଜସ୍ୱୀନ ବଡ଼ ବଡ଼ ଆଖି ତେଲ ନଗିଡ଼ ପଡ଼ୁଥିବା ପରି ସାବନା ଚେହେରା ଆଡ଼କୁ ଥରଟିଏ ଚାହିଁ ଦେଇ, ମୁହଁ ତଳକୁ କରନେଲା ।

ପାଖାପାଖି ହୋଇ ଯିବାରୁ, ଖ୍ରୀମ ଗଉଡ଼ କଅଁଳ କରି ପଗ୍ଭରିଲା—ପୁଅ, ନାଁ କ'ଣ ? ଯିବୁ କୁଆଡ଼େ ? ଆଜି ତୋ' ବାହାଦୁରୀ ଦେଖି, ମୋ' ମନଟା ବୋଧ ହୋଇଗଲା । କାମୁଡ଼ା କୁକୁର ପରି ଖେଦି ଆସୁଥିବା କନଷ୍ଟିବଳଟାକୁ ବେଶ୍ ପାନେ ଦେଇଚୁ ପୁଅ" !

ଟୋକାଟି ଗଧା ଉପରେ ପଡ଼ିଥିବା ତା'ର ଲୋଭଣିଆ ଆଖିଟାକୁ ଚଟ୍ କରି ବୁଲାଇ ଅଣି ଉତ୍ତର ଦେଇ କହିଲା—"ମୋ' ନାଁ' ରଜୁଭୂୟାଁ, ଯିବି ଯଜ୍ଞପୁର..." ।

"ଆରେ ପୁଅ..., ତୁ ଦେବାଭୂୟାଁର କଅଣ ହେବୁ" ?

"ସେ ଯେ ମୋ' ବାପା..." ! ଆଉ ଥରେ ସେ ଗଧାର ଲାଜରା ଆଖିରେ ଆଖି ମିଳାଇ ଆଣି ତଳକୁ ମୁହଁପୋଛି ଉତ୍ତର ଦେଲା ।

"ଆଚ୍ଛା...। ତୁ ତା'ହେଲେ ଦେବାଭୂୟାଁ । ପୁଅ...! ନହେଲେ ଏତେ ସାହସ ହବ କା'ର ଯେ, ସେ କନଷ୍ଟିବଳ ହାତରୁ ତା' ଠେଙ୍ଗା ଛଡ଼େଇ ନବ...!

ନିଜ ବାପାର ବଡ଼େଇ ଶୁଣି ରଜୁର ଛାତି କୁଣ୍ଢେମୋଟ ହୋଇଗଲା ଏବଂ ନିଜର ବାହାଦୁରୀ କାମକୁ ଜଣେ ମୁରବି ଲୋକ ପସନ୍ଦ କରିଥିବାରୁ, ସେ ଆହୁରି କୃତକୃତ୍ୟ ହୋଇ ଉଠିଲା ।

ରଜୁ ଉଡ଼ାପାହାରେ ଗଧାକୁ ଦେଖିବା ଦିନରୁ, ତା' ବିଷୟରେ ଅନେକ ସମୟରେ ଭାବୁଥିଲା । ଆଜି ତାକୁ ତା' ବାପା ସାଙ୍ଗରେ ଦେଖି, ମନେ ମନେ ତା' ସହିତ କଥାବାର୍ତ୍ତା କରିବା ପାଇଁ ଲୋଭେଇ ପଡ଼ିଲା । ଖ୍ରୀମ ଗଉଡ଼ ତା' ସାଥିରେ କଥାବାର୍ତ୍ତା ଆରମ୍ଭ କରିଥିବାରୁ, ସେ ଆହୁରି ଉତ୍ସାହିତ ହୋଇ ଉଠିଲା । ପୁଣିଥରେ ଗଧା ଆଡ଼କୁ ମୁହଁ ଉଠାଇ ଚାହିଁବା ମାତ୍ରେ, ସେ ଲକ୍ଷ୍ୟକଲା

Digitized by srujanika@gmail.com

ଯେ, ରାଧା ଆଖିରେ ପଲକ ନ ପକାଇ ତା'ର ଆଡକୁ ଗୁହିଁ ରହିଛି । ତେଣୁ ରାଜୁର ମନ କୁଲୁରି ଉଠିଲା । ସେ ସାହସ କରି ପଗ୍ଗରିଲା—"ମଉସା, କୁଆଡେ ଯାଇଥିଲେ କି ? କ'ଣ ଘରକୁ ଫେରୁଛନ୍ତି" ?

"ହଁ···ରେ ପୁଅ, ଆସିଥିଲି ଟିକଏ କାମ ଥିଲା ଯେ·· ରାଧା ତା' ମାମୁଁ ଘରକୁ ଯାଇଥିଲା, ତାକୁ ନେଇ ଆସିଲି । ତା' ସାଥିରେ ବଜାର କାମଟା ସାରି ଦେଲି । ଏଇଲେ ଘରକୁ ଫେରୁଛି ଯେ···ଭାବୁଛି···ଦି' ପହରଟା ଏଇଠି କେଉଁଠି କଟାଇ, ଦି'ଟା ଜଳଖିଆ ପାଟିରେ ଦେଇ, ଗ୍ରୀଳ ଲେଉଟାଣି ବେଳକୁ ଫେରିଯିବି । ତୁ କ'ଣ ପୁଅ, ଏଇଲେ ସିଧା ସିଧା ଘରକୁ ଫେରିବୁ" ? କହିଲା ଖ୍ୟାମ ରାଉତ ।

"ନା···ମଉସା ! ମୁଁ ମୋ ଶଗଡରେ କାଠ ବୋଝେଇ କରି ଆଣିଥିଲି । ତାକୁ କାଠବାଲାକୁ ଦେଇ ସାରି, ଆମ ଗାଆଁ ମାରୱାଡୀର କେତୋଟି ସଉଦା ନେଇ ଯାଉଛି । ମୁଁ ବି ବଜାର ମୁଣ୍ଡ ପୋଖରୀ କୂଳରେ କିଛି ସମୟ କଟାଇ ଘରକୁ ଫେରିବି" ।

"ହଉ···, ତା'ହେଲେ ଗ୍ଲ ସେଇ ପୋଖରୀ କୂଳ ବଗିଗ୍ଗରେ ଶଗଡ଼ ଖୋଲି ଦେଇ ଜଳଖିଆ ଖାଇବା । ତା'ପରେ ତୁ ତୋ' ବାଟରେ ଯିବୁ, ମୁଁ ମୋ' ବାଟରେ···।

ଖ୍ୟାମ ରାଉତର ପ୍ରସ୍ତାବ ଶୁଣି ରାଜୁ ମନେ ମନେ ଆନନ୍ଦିତ ହୋଇଉଠିଲା । ସେ ଯାହା ଗୁହୁଁଥିଲା, ସେଇଆ ଘଟିବାକୁ ଯାଉଥିବାରୁ, ଆନନ୍ଦରେ ଅଧୀର ହୋଇ ଉଠି କହିଲା—"ହଁ···ମଉସା, ସେଇଆ କରିବା···" । ଏହା କହି ରାଜୁ ମନ ଖୁସିରେ ଗାଡ଼ି ଅଡ଼େଇ ନେଇ ଗ୍ଲିଲା—ବଜାରର ଶେଷ ମୁଣ୍ଡରେ ଥିବା ପୋଖରୀକୂଳ ବଗିଗ୍ଗ ଆଡକୁ ।

ସେ ଆଗେଇ ଯାଇ ଶଗଡ଼ରୁ ଓହ୍ଲାଇ ପଡ଼ି, ବଳଦକୁ ଖୋଲି ଦେଇ, ତାଙ୍କ ଆଗରେ ଦୁଇ ବିଡ଼ା ଛଣ ଖୋଲି ପକାଇ ଦେଲା । ଏବଂ ନିଜେ ପୋଖରୀକୁ ଯାଇ ଗୋଡ ହାତ ଧୋଇ ଆସି ଗଛ ଗ୍ଗଇରେ ବସିପଡ଼ି ଥକା ମାରିଲା ।

ତା'ପଛକୁ ଖ୍ୟାମ ରାଉତ ଶଗଡ଼ ଖୋଲି ଦେଇ ରାଧାକୁ ନେଇ ପୋଖରୀକୁ ହାତ ମୁହଁ ଧୋଇବା ପାଇଁ ଆଗେଇଗଲା । ରାଧା ତା' ବାପାଙ୍କ ପଛରେ ପୋଖରୀକୁ ଯାଉଁ ଯାଉଁ ଫେରିପଡ଼ି ଖ୍ୟମାରି କୁନ୍ଦିଲା କାନ୍ଦିଲା ପରି ଛଇଗ୍ଗଟରେ ଚେହେରାଟିକୁ ଥରେ ଆଖି ବୁଲାଇ ଦେଖିନେଲା ।

Digitized by srujanika@gmail.com

ରାଧା ପୋଖରୀରେ ହାତଗୋଡ଼ ଧୋଇ; ମୁହଁରେ ପାଣି ମାରି, ଲୁଗା କାନିରେ ମୁହଁଟିକୁ ଭଲ ଭାବରେ ପୋଛି ଦେଉଥିଲା ବେଳକୁ ରାଜୁର ନଜର ପଡ଼ିଗଲା— ତା'ର ଡୋଫା ଗୋରା ଗୋଲମୁହଁଟି ଉପରେ। ହଠାତ୍‌କରେ ରାଜୁର ଯୁବକ ସୁଲଭ ଅନ୍ତର ଚହଲି ଗଲା। ସେ ରାଧା ସାଥିରେ ଦି'ପଦ କଥା ହେବା ଲାଗି ମନେ ମନେ ବ୍ୟାକୁଳ ହୋଇ ଉଠିଲା।

ଶ୍ୟାମ ରାଉତ ସାଙ୍ଗରେ ଆଣିଥିବା ଖାଇବା ପୋଟଳୀଟି ଖୋଲିବା ମାତ୍ରେ, ରାଧା ଚଟ୍ କରି ଉଠି ଯାଇ କଳ ପାଖରୁ ଲୁଟିଆରେ ପାଣି ଘେନି ଆସି ବାପାଙ୍କ ପାଖରେ ବସି ପଡ଼ିଲା।

ଶ୍ୟାମ ରାଉତ ପୋଟଳୀଟି ଖୋଲୁ ଖୋଲୁ କହିଲା—" ଆରେ ଝିଅ, ଏଇଠି କି ଆଃ…ପାଟିରେ ଟିକିଏ କ'ଣ ଦେଇ ଦେ…"।

"ନା…ମଉସା, ମୁଁ ଆମ ଘରୁ ପୋଡ଼ପିଠା ଓ ଗୁଡ଼ ଆଣିଛି…"। ଏହା କହି ରାଜୁ ଶଗଡ଼ ଉପରୁ ତା' ଖାଇବା ପୋଟଳୀଟି ଆଣି ଖୋଲିବାରେ ଲାଗିଗଲା।

"ହଉ… ଆଣିଚୁ ତ ଆଣିଚୁ…ଏଇଠିକି ଆଃ…ସାଙ୍ଗ ହୋଇ ଖାଇବା…। ଆମ ପାଖରେ ଖାଇଲେ ଅଜାତି ହୋଇଯିବୁ ନାଇରେ…। ତୋ' ବାପା ଦେବାକୁ ମୋ' ନାଁ, କହିବୁ ସେ ମୋତେ ଭଲ ଭାବରେ ଚିହ୍ନିଚି। ଗଲା ପାଁ' ସାତ ବରଷ ହେଲା ଆମର ଆଉ ଦେଖା ହେଉନି। ମୁଁ ଦି ଥରେ ତମ ଘରକୁ ଯାଇଥିଲି। ସେତେବେଳେ ତୋ'ତେ ଦେଖିଥିଲି, କିନ୍ତୁ ଆଜି ତୋତେ ଆଦୌ ଚିହ୍ନି ପାରିଲି ନାହିଁ। ତୋ' ବାପାର ଟୋକାବେଳର ଚେହେରାଟା ଅବିକଳ ଛଡ଼ାଇ ଆଣିଚୁ…। ହଉ… ଆଃ…ଏଇଠି ଏକାଠି ବସି ଖାଇବା…"।

ରାଜୁ ପୁଣିଥରେ ମନା କରିବାକୁ ବସିଥିଲା; କିନ୍ତୁ ସେ ରାଧା ଆଡ଼କୁ ଚାହିଁ ଦେବାମାତ୍ରେ, ତା' ପାଟିରୁ ଆଉ ପଦେ ହେଲେ କିଛି ବାହାରିଲା ନାହିଁ। ସେ ସ୍ପଷ୍ଟ ଦେଖିପାରିଲା— ରାଧା ଆଖିର ଇଶାରାରେ ତାକୁ ସେଇଠି କି ଯାଇ ଖାଇବା ଲାଗି ନିମନ୍ତ୍ରଣ କରୁଛି। ସେ ତା' ପୋଟଳୀଟି ଧରି, ତଳକୁ ମୁହଁପୋତି ଶ୍ୟାମ ରାଉତର ପାଖରେ ବସି ପଡ଼ିଲା।

ରାଧା ମାମୁଁ ଘରୁ ଆସିଥିବା ସରୁଚକୁଳୀ, ଢି'ପିଠା ଓ ମୁଢ଼ି ମୁଆଁକୁ ତିନି ଭାଗ କରି, ଗୋଟିଏ ପନ ରାଜୁ ଆଡ଼କୁ ବଢ଼ାଇ ଦେଲା। ରାଜୁ ନିଜ ପୋଟଳୀଟି ଖୋଲି ପୋଡ଼ପିଠା ଓ ଗୁଡ଼ତକ ତା'ପାଖରୁ ଟିକିଏ ଦୂରକୁ ଠେଲିଦେଲା।

Digitized by srujanika@gmail.com

ଶ୍ରୀମ ରାଉତ ରଜୁର ପୋଡପିଠାରୁ ଖଣ୍ଡିଏ ଭାଙ୍ଗି [illegible] ଟିକଏ ଗୁଡ଼ ଲଗେଇ କଳେ କାମୁଡ଼ ନେଇ ଚୋବାଇବାକୁ ଲାଗିଲା । ସେ ପିଠାତକ ଖାଇସାରି ଦେଖିଲା—ରଜୁ ଜଳଖିଆରେ ସୁଦ୍ଧା ହାତ ମାରିନି । ତହୁଁ ସେ କଅଁଳେଇ କରି କହିଲା—“କରେ ପୁଅ, ବସିଲୁ କାଇଁକି, ପାଟିରେ ଦେଇ ଦେ’ ହ’କଳ..” ।

ରଜୁ ଆଉ କିଛି ନ କହି ଜଳଖିଆ ପତ୍ରଟିକୁ ପାଖକୁ ଟାଣି ନେଲା ଏବଂ ପୋଡପିଠାରୁ ଖଣ୍ଡିଏ ଭାଙ୍ଗି ନେଇ ଖାଇ ବସିଲା । ବୁଢ଼ା ଶ୍ରୀମ ରାଉତ ଜଳଖିଆ-ତକ ଖାଇ ଦେଇ, ହାତ ଧୋଇବା ଲାଗି ପୋଖରୀକୁ ଚାଲିଗଲା । ବାପା ଚାଲିଗଲା ମାତ୍ରେ ଗଧା ଖାଉଁ ଖାଉଁ ମୁହଁ ଉଠାଇ ପୁଣି ଥରେ ରଜୁକୁ ଚାହିଁଦେବା ମାତ୍ରେ ରଜୁର ଆଖିରେ ତା’ ଆଖି ଯୋଡ଼ିକ ମିଶିଗଲା । ସେ ଭଲ ଭାବରେ ଲକ୍ଷ୍ୟ କଲା—ରଜୁ ଖାଇବା ଛାଡ଼ି ଦେଇ ତା’ରି ଆଡ଼କୁ ଏକ ଧାନରେ ଚାହିଁ ରହିଛି । ତହୁଁ ସେ ଟାଉଟାଉ କରି ତାଙ୍କ ଘରର ଜଳଖିଆତକ ଖାଇଦେଇ ରଜୁର ପିଠା ଖଣ୍ଡିକୁ ଏକା ଥରକେ ପାଟିରେ ପକାଇ ଦେଲା ।

ରଜୁ ତାକୁ ଗୋଟିପଣେ ଗିଳିଯିବା ଚାହାଣିରେ ଚାହିଁଥିବାର ଲକ୍ଷ୍ୟ କରି ଗଧାର ମୁହଁଟି ଗୋଟିପଣେ ଲାଲ୍ ପଡିଗଲା ଏବଂ ତା’ ମନ ଭିତରଟା ଆନନ୍ଦରେ ଉଚ୍ଛୁଳି ଉଠିଲା । ସେ ତା’ର ଅବଣ୍ଟିଆ ମୁହଁରେ ଚେନାଏ ହେବ ହସ ବାଣ୍ଟି ଦେଇ ପୁଣି ତଳକୁ ମୁହଁ ପୋତି ପିଠାତକ ଚୋବେଇବାରେ ଲାଗିଲା ।

ଶ୍ରୀମ ରାଉତ ପୋଖରୀରୁ ଫେରିଆସି ବିଡ଼ିଟିଏ ମୁହଁରେ ଲଗାଇ ଦିଆସିଲି କାଠିଟି ମାରି ସେଥିରେ ନିଆଁ ଲଗାଇ, ଭଲ କରି ଦି’କସ୍ ଟାଣି ନେଇ, ଶଗଡ଼ ଉପରେ ଟିକଏ ଗଡ଼ପଡ଼ ହେବା ଲାଗି ଶୋଇପଡ଼ିଲା ।

ଗଧା ଖାଇସାରି ତା’ ବାପାର ପତ୍ରର ସହିତ ନିଜ ପତ୍ରଟିକୁ ମୋଡ଼ା ମୋଡ଼ି କରି ରଜୁର ପତ୍ରଟିକୁ ଆଣିବାଲାଗି ହାତ ବଢ଼େଇବା ମାତ୍ରେ ରଜୁ ନିଜ ଅଇଁଠା ପତ୍ରଟିକୁ ଟାଣି ନେଇ ମେଞ୍ଚାମୋଡ଼ି କରି ଦୂରକୁ ଫିଙ୍ଗିଦେଲା । ଗଧା ତା’ ଓଠ ଫାଙ୍କରେ ଟିକଏ ଦୁଷ୍ଟାମିର ହସ ବାଣ୍ଟି ଦେଇ ପତ୍ର ଦୁଇଖଣ୍ଡି ଦୂରକୁ ଫିଙ୍ଗିଦେଲା ।

ରଜୁ ହାତ ମୁହଁ ଧୋଇ ଆସି ତା’ ଶଗଡ଼ ଉପରେ ବସିପଡ଼ି ଗଧାର ଚାଲି ବାଟକୁ ଏକ ଲୟରେ ଚାହିଁ ରହିଲା । ଗଧା ପୋଖରୀରୁ ହାତ ଧୋଇ ସାରି ମୁହଁରେ ହସର ଢେଉ ଖେଳାଇ ରଜୁ ଆଡ଼କୁ ଚାହିଁ ଚାହିଁ ଫେରି ଆସୁଥିଲା । ରଜୁ ଲକ୍ଷ୍ୟ କଲା—ଗଧାର ସେ ଚାହାଣିରେ ପୂରି ରହିଛି ତ । ମନ ଗହନର

Digitized by srujanika@gmail.com

କେତେ କ'ଣ ଅକୁହା କଥା, ଯୁବଟୀର ମନର ପ୍ରେମ ନିବେଦନ ଓ ଗୋଟିଏ ମନଲାଖି ଯୁବକ ନିକଟରେ ଆତ୍ମନିବେଦନର ଅଫୁରନ୍ତ ଆକାଂକ୍ଷା । ରାଜୁ ରାଧାର ମୁହଁକୁ ଘଡ଼ିଏ କାଳ ଚାହିଁ ରହି, ତା' ହୃଦୟରେ ସବୁଯାକ ଅକୁହା କଥାକୁ ସ୍ପଷ୍ଟ ଦେଖିପାରିଲା; ସତେ ଯେପରି ସେ ବଜାରରେ ଖିଆର ହେବାହେବ ଗୋଟିଏ ବଡ଼ ଆଇନା ଆଗରେ ନିଜର ବଳନ୍ତି ବାଳଲି ଦେହେଉଛି ଦେଖିଥିଲା ।

ଏହି ସମୟରେ ଆଖିବୁଜି ଶଗଡ଼ ଉପରେ ଶୋଇଥିବା ଖ୍ରାମ ଗଉଡ ହଠାତ୍ ଉଠିପଡ଼ି କହିଲା—"ବାପା, ତୁମେ ଦୁହେଁ ଟିକଏ ଗପସପ ହଉଥା, ମୋର ମନେ ପଡ଼ିଗଲା, ବଜାରରେ ଗୋଟିଏ କାମ ବାକି ଅଛି, ତାକୁ ସାରି ଦେଇ ଆସେ" ।

ବାପା ଚାଲିଯିବା ମାତ୍ରେ ରାଧାର ମୁହଁରେ ହସର ଅମାନିଆ ଢେଉଟା କୂଳ ଲଙ୍ଘି ଉଚ୍ଛୁଳି ପଡ଼ିଲା । ବରାଡ଼ କପାଳକୁ ଶିକାଠା ଛୁଡ଼ି ପଡ଼ିବାର ଦେଖି, ସେ ଗୋଟିଏ ମୁହୂର୍ତ୍ତ ଦାନ୍ତରେ ତଳ ଓଠକୁ ଚାପି ଧରି ନୀରବ ହୋଇଗଲା । ରାଜୁ ତା' ଶଗଡ଼ ଉପରେ ବସି ଖ୍ରାମ ଗଉଡର ଯିବା ବାଟକୁ ଏକଲୟରେ ଚାହିଁ ରହିଲା । ରାଉତ ବୁଢ଼ା ଟିକଏ ଆଡ଼ ହୋଇଯିବା ମାତ୍ରେ ସେ ରାଧାକୁ ଚାହିଁ ଦେଇ ହସି ଉଠିଲା । କିନ୍ତୁ ରାଜୁ ମୁହଁରୁ ଢେର ହେଲେ କିଛି କଥା ବାହାରୁ ନଥିବାରୁ ରାଧା ତା' ମନର ଆବେଗକୁ ଆଉ ଚାପି ରଖି ନ ପାରି କହିଲା— "ମୁଁ ଆଗରୁ ତୁମକୁ କେଉଁଠି ଦେଖିଲା ପରି ମନେ ହେଉଛି···" ।

"ହଁ···ତୋ'ର ମନେ ପଡ଼ିବ କାହିଁକି ? ତୁ ତ ସାଙ୍ଗ ସାଥିଙ୍କ ମେଳରେ ପ୍ରଜାପତି ପରି ହସିଖେଳି ଉଡ଼ାଯାଉ । ଦେଖି ମନ ଫୁଲଣିଆ ଗୀତ ଗାଉଥିଲୁ । ଅଇଁଠୁ ନାୟକ ପୁଅ ମହାନାକୁ ଯଦି ତୁ ଦେଖି ନଥା'ନ୍ତୁ, ତା'ହେଲେ ଅବା ଆଉ ଘଡ଼ିଏ ସାହାରେ ରହିଥାନ୍ତୁ । ତା' ଉପରେ ତୋ' ଆଖି ପଡ଼ିଯିବା ମାତ୍ରେ ମଉସା ତ ତତେ ନେଇ ଚାଲିଗଲେ···" କହିଲା ରାଜୁ ।

"ଓ୍ୱଃ···ହଁ···ମନେ ପଡ଼ିଲା । ତୁମେ ତୁମ ସାଙ୍ଗମାନଙ୍କ ସାଙ୍ଗରେ ଗୋଟିଏ ପାଞ୍ଚ ହାତିଆ ଠେଙ୍ଗା ଧରି ଆମରି ଆଡ଼କୁ କଟମଟ କରି ଚାହୁଁଥିଲ ନା···" ? ହସି ହସି କହିଲା ରାଧା ।

"ଭଲ ଜରବଟିଏ ଦେଖିଲେ କିଏ କ'ଣ ଆଖିବୁଜି ରହି ପାରିବ କି ? ସେଇ କେଇଘଡ଼ି ଦେଖା ସାକ୍ଷାତ୍ ଏ' ଯାଏଁ ମୋ' ଆଖିରେ ଲାଖି ରହିଛି । ମୁଁ ତାକୁ କେବେହେଲେ ଜୀବନ ସାରା ଭୁଲି ପାରିବ ନାହିଁ..." ।

Digitized by srujanika@gmail.com

ରାଜୁର ମୁହେଁ ମୁହେଁ ଠୋକ୍ ଠୋକ୍ କଥା ଶୁଣି, ରାଧାର ମୁହଁଟା ଝାଉଁଳି ପଡ଼ିଲା ସତ, କିନ୍ତୁ ତା'ର ଚେହେରା ଦେଖି ଜଣେ ଯୁବକ ତା'ପ୍ରତି ଆକୃଷ୍ଟ ହୋଇଥିବାରୁ, ସେ ମନେ ମନେ ଖୁସି ହୋଇଥିଲେ ବି, ମନର ଭାବ ମନରେ ଚାପି ରଖି କହିଲା—"ସେଥିରେ ମନେ ରଖିବା ଭଳି କ'ଣଟେ ଥିଲା ଯେ" ?

"ମୁଁ ମୋ' ମନ କଥା ମୁହେଁ ମୁହେଁ କହିଦେଲି ବୋଲି ତୁ କ'ଣ ଖରାପ ଭାବିଲୁ କି ରାଧା" ?

"ଖରାପ ଭାବିଲେ ତୁମର କ'ଣ ଟାଏ କରି ଦେଇପାରିବି ଯେ" ? ହସି ଦେଇ କହିଲା ରାଧା ।

"ତୁ କ'ଣ କରି ପାରିବୁ, ତା' ତୁ ନିଜେ ବୋଧେ ଜାଣି ପାରିନୁ ? ଏଇଲେ ତ ମୁଁ ତୋ' ଆଖିର ଇଶାରାରେ ଟାଣି ହୋଇ, ଖାଇ ବସିଲି..." ! ଟିକିଏ ରହିଯାଇ ପୁଣି କହିଲା ରାଜୁ—" ଏତେ ବଡ଼ ମାରଣା ଷଣ୍ଢଟାକୁ ଯିଏ ଘଡ଼ିକେ କାବୁ କରିଦେଲା, ମୁଁ ତୁଚ୍ଛ ତା' ଆଗରେ କି ମଣିଷଟାଏ ଯେ" ?

"ମୁଁ ଜାଣି ପାରୁନି, ତୁମେମାନେ ସେଇ ଷଣ୍ଢବନ୍ଧା କଥାଟାକୁ ବନେଇ ଚୁନେଇ ମୋର ସର୍ବନାଶ କାହିଁକି କରୁଛ ?" ହଠାତ୍ ରାଧାର ହସିଲା ମୁହଁଟି ଅଭିମାନରେ ଫଣ୍ ଫଣ୍ ହୋଇ ଉଠିଲା । ସେ ତା' ଆଖିର ଚାହାଣିକୁ ଟିକିଏ ରୁକ୍ଷ କରି କହିଲା—"ଷଣ୍ଢକୁ ମୁଁ କିପରି ବାନ୍ଧିଲି, ନ ଦେଖି ନ ଚାହିଁ କେବଳ ମୋ' ନାଁ'ରେ ଡ଼ବଡ଼ବ ବଜାଇବାରେ ଲୋକମାନଙ୍କୁ କ'ଣ ଯେ ମିଳୁଛି..." ?

"ମିଳିବ କ'ଣ.. ? ଗୋଟିଏ ଭଲ ଝିଅକୁ ସାରା ଜୀବନ କୁଆଁରୀ ରଖି ତାକୁ ବାଟ ଘାଟରେ ଟାହିଲି କରି ମନର ଓଉମାନ ମେଣ୍ଟାଇ ନେବାକୁ ହୁଏତ ତୁମ ଗାଁ'ର ଟୋକାଏ ଚାହୁଁଥିବେ..." ।

"ଆଉ ତୁମେ..." ? ପୁଣି ରାଧାର ଫଣଫଣ ମୁହଁଟା ହସର ଫୁଆରରେ ଚହଟି ଉଠିଲା । ସେ ହଠାତ୍ ଗୋଟିଏ ବେହେଡ଼ା କଥା କହି ଦେଇଛି ବୋଲି ଭାବି ଜିଭ କାମୁଡ଼ି ପକାଇ କିଛି କ୍ଷଣ ଚୁପ୍ ହୋଇଯାଇ କହିଲା—"ତୁମର କ'ଣ ଅଛି ଯେ ? ତୁମେ ତ ବାହାଚୁରା ହୋଇଥିବ..."!

"ରାଜୁ ଠୋ' ଠୋ' ହୋଇ ହସି ଉଠିଲା । ସେ ସେଇମିତି ହସୁହସୁ କହିଲା—"ମୋ' ପରି ଗୋଟିଏ ଉଦଣ୍ଡିଆ ଓ ହୁମ୍‌ଗୁଲିଆ ଟୋକାକୁ କିଏ କାହିଁକି ଝିଅ ଦବ ଯେ" ? ରାଜୁ ରାଧା ମନର ପ୍ରତିକ୍ରିୟା ଜାଣିବା ପାଇଁ ତା' ମୁହଁକୁ ଚାହିଁ ରହିଲା । ସେ ଲକ୍ଷ୍ୟ କଲା—ତା' ଉତ୍ତର ଶୁଣି ରାଧାର ମୁହଁଟି

Digitized by srujanika@gmail.com

ତୋଫା ଜୁହ୍ନମା ପରି ଏକାବେଳକେ ଉଜ୍ଜ୍ୱଳ ହୋଇ ଉଠିଛି ଏବଂ ତା' ଓଠଟା ଉଲୁସି ଉଠୁଛି । ସେ ତା' ଗୁହାଣିରେ ହସର ଝର ଝରାଇ ଦେଇ କହିଲା— ''ସତରେ କ'ଣ ତୁମର ଏ'ଯାଏଁ ହାତଛନ୍ଦା ହେଉନି···'' ?

''କହିଲି ପରା—କା'ର ଗଳାବଅସରେ ବାନ୍ଧି ହବାକୁ ମନ ହକ୍ ହକ୍ ହବ···?''

''ମାନେ···'' ? ଆଖିର ଇଶାରାରେ ରାଧା ତା' ମନ କଥା ଜାଣିବାକୁ ସତେ ଯେପରି କଡ଼ା ଆଦେଶ ଜାହିର କରୁଛି ବୋଲି ରାଜୁ ବେଶ୍ ବୁଝିପାରିଲା । ରାଜୁ ହଠାତ୍ ଟିକିଏ ଗମ୍ଭୀର ହୋଇ ଯାଇ କହିଲା—''ମାନେ ବହୁତ ଅଛି । ଦେଖିଲୁନି ଆଜି କେମିତି କଥା କଥାକେ ଶଗଡ଼ ଉପରୁ କୁଦାପଡ଼ି ହଟ୍ ବଜାରରେ ସେ ପୁଲିସ୍‌ଟା ହାତରୁ ତା' ବାଡ଼ିଟା ଛଡ଼େଇ ନେଲି । ଭାଗ୍ୟକୁ ଲୋକେ ମୋ' ପକ୍ଷିଆ ହୋଇଗଲେ; ନହେଲେ, ପୁଲିସ୍‌ର ସେଇ ଠେଙ୍ଗା ପାହାର ଗୋଟିଏ ହେଲେ ତଳେ ପଡ଼ି ନଥା'ନ୍ତା'' ! ରାଜୁ ଏତକ କହି ଦେଇ ଟିକିଏ ଚୁପ୍ ମାରି ଯାଇ ପୁଣି କହିଲା—''ସବୁଠା'ରୁ ବଡ଼ କାରଣ ଅଛି ଆଉ ଗୋଟିଏ । ଆମ ଗାଁ'ର ଗଉଡ଼ ସାହି ସହିତ ଆମ ସାହିର ଝଗଡ଼ା କେଉଁ କାଳରୁ ଚାଲି ଆସିଛି । 'ଢ଼' ସାହିର ଲୋକେ ବରାବର ଛକାପଞ୍ଝାରେ ଅଛନ୍ତି । ଯେତେବେଳେ ଯିଏ ସୁବିଧା ପାଇଲା, ସେ ନିଶ୍ଚେ ଖୁନ୍ ଖରାବ କରିଦେବ । ଏଇ ଚାରି ବରଷ ତଳେ ସେମାନେ ମୋ' ଦାଦାକୁ ହାଣି ଟିକି ଟିକି କରି ଶାଳବଣିଆରେ ପୋତି ପକାଇ-ଥିଲେ । ତା' ଆଗରୁ ମୋ' ବାପା ତାଙ୍କ ସାହିର ମୁଖିଆକୁ ହଟ୍ ଦାଣ୍ଡରେ, ଗାଁ'ଲୋକ ଥାଟପଟାର ଭାଙ୍ଗ ଥିବାବେଳେ, ଏକା ଚୋଟକେ ଦ'ଗଡ଼ କରି ଦେଇଥିଲା । ଭାଗ୍ୟକୁ ସେ ବେପ୍ରମାଣରୁ ଖଲାସ ହୋଇଗଲା; ନହେଲେ ତ, ମୁଁ ମୋ' ମାଆ ବାରଦୁଆରେ ଶୁଣ୍ଡି ପିଣ୍ଡା ହୋଇଥାଆନ୍ତି ? ଏ'କଥା ଜାଣିଶୁଣି ମୋତେ କିଏ ଝିଅ ଦେଇ କଞ୍ଚୁଡ଼ୀ ରାଣ୍ଡିକୁ ଘରେ ପୋଷିବାକୁ ଚାହିଁବ ଯେ'' ?

''ଓଃ···'ଏଇ କଥାକୁ ନାଆ ପେଲିଦେଲି କଲିକତାକୁ'···। ଯଦି ଏ' କଥା ଜାଣିଶୁଣି କେହି ତୁମକୁ ବାହା ହବା ପାଇଁ ରାଜି ହୁଏ···'' ରାଧା ଲାଜରେ ଝାଉଁଳି ପଡ଼ିଲା । ତା' ମୁହଁଟା ଗୋଟିପଣେ ସିନ୍ଦୁରିଆ ପଡ଼ିଗଲା । ସେ ରାଜୁ ମୁହଁରୁ 'ହଁ 'ଟିଏ ଶୁଣିବା ଲାଗି କାନ ଡେରି ତା' ବାପାର ଆସିବା ବାଟକୁ ଚାହିଁ ରହିଲା ।

ରାଜୁ ରାଧାର ମନୋଭାବ ବେଶ୍ ବୁଝିପାରି ଟିକିଏ କୌତୁକିଆ ହୋଇ ପଚାରିଲା—''କେଉଁ ମାନେ କଅଣ'' ?

Digitized by srujanika@gmail.com

ଲାଜକୁଳୀ ରାଧା ଖିଲ୍‌ଖିଲ୍ ହୋଇ ହସି ଉଠି କହିଲା—"ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ' ଆଜି ତୁମକୁ କ'ଣ କେଉଁ ପୁଅ ପିଲା ବାଆ ହୁଅନ୍ତା କି" ?

ରାଧା ମୁହଁରୁ ଏଇ ପଦକ ଶୁଣିବା ମାତ୍ରେ ରାଜୁର ସଙ୍କୋଚ ଦୂର ହୋଇଗଲା । ରାଧାର ଆଖିରେ ଆଖି ମିଳାଇ ସେ କହିଲା—"ରାଧା ତୁ ଯଦି ରାଜି ହୁଅନ୍ତୁ, ମୋର ବାହା ହେବାର ଆଦୌ ଆପତ୍ତି ରହିବନି ।"

ରାଧା ଏଇ ଘଡ଼ିକ ଭିତରେ ତା' ଜୀବନର ଫଇସଲା କରାଇ ନେବାକୁ ଚାହୁଁଥିଲା । ନଇଲେ ଘଡ଼ିକ ପରେ ତା' ବାପା ଆସି ପହଞ୍ଚିଗଲେ ଆଉ କିଛି କଥାବାର୍ତ୍ତା କରି ହେବନି । ତେଣୁ ରାଜୁ ପରି ଗୋଟିଏ ସଳଖ ସୁନ୍ଦର ଭେଣ୍ଡିଆକୁ ହାତ ପାହାନ୍ତାରେ ପାଇ, ସହଜରେ ତାକୁ ହାତ ଛଡ଼ା କରିବାକୁ ଛଇଳି ରାଧା ଚାହୁଁ ନଥିଲା । ତେଣୁ ଚଟାପଟ୍ କଥା ଶେଷ କରିବା ଇଚ୍ଛାରେ ସେ କହିଲା—"ବାହାଘର କ'ଣ ଖେଳଘର କଥା କି ? ସବୁ ବିଷୟ ବୁଝିଶୁଝି ନକଲେ, ପୁଣି ଜୀବନ ସାରା ହାତ ପିଠିରେ ଲୁହ ପୋଛୁପୋଛୁ କଟିବ ହେ..." !

"ହଁ...ତୁ ଯେମିତି ପାଟିଲାର ଝିଅ ହୋଇ ନଥିଲେ, ଜାଣିଶୁଣି କ'ଣ ନିବନ୍ଧ ଭାଙ୍ଗି ଦେଇ ଥାଆନ୍ତୁ..." ଗୋଟିଏ ବେଶ୍ ମୁନିଆଁ ଖୀର ଗୁଡ଼ ଦେଇ କହିଲା ରାଜୁ ।

"ତେଣୁ ବଡ଼ା ପଣ୍ଡକୁ, ନିବନ୍ଧ ଭାଙ୍ଗିବା ଭଲଗୁଣାତ ମୋ' ମୁଣ୍ଡରେ ମାଟିଆ ଚିଲ୍ ବସିଲା ପରି ହେଉଛି ! ତୁମେ ବୋଧେ ସେଇଥିଲାଗି ଦୋ' ଦୋ' ପାଞ୍ଚ ହଉଚ..." । ଦୂରରୁ ତା' ବାପାଙ୍କୁ ଆସୁଥିବାର ଲକ୍ଷ୍ୟ କରି ଏକାପଦ-କରେ କଥାଟା ତୁଟାଇ ଦେବା ଆଶାରେ କହିଲା ରାଧା—"ଦେଖ, ମୁଁ ବଳେ ପଶି ତୁମ ଘରେ ମଙ୍ଗଳବାର କରିବାକୁ ଚାହୁଁନି କିମ୍ବା ତୁମ ବେକରେ ବଳେବଳେ ଛନ୍ଦିହୋଇ ତୁମର ଗଳଗ୍ରହ ହବାକୁ ଚାହେଁନି ! ତୁମେ ଯଦି ମୋତେ ଆପଣାର କରି ନବାକୁ ସତରେ ଚାହୁଁଥାଅ, ତେବେ ଆସନ୍ତା ପୁନ୍ହାଇ ଦିନ ବଣ୍ଡ ପହରକ ବେଳକୁ ଆସି ଆମ ଗାଁ' ମୁଣ୍ଡରେ ଥିବା ଆମ୍ବ ବଗିଚାର ଠିକ୍ ମଝାମଝିରେ ଥିବା ପୋଖରୀ କୂଳରେ ପହଞ୍ଚିବ । ଆଜି ଯା'ସବୁ ବାକି ରହିଲା ସେଦିନ କଥାବାର୍ତ୍ତା କରିବା । ତା'ପରେ ଯଦି ତୁମେ ରାଜି ହବ, ତେବେ ଆମ ଦୁହିଁଙ୍କ ହାତ ଛନ୍ଦା ହୋଇ ପାରିବ..." ।

Digitized by srujanika@gmail.com

ରାଜୁ ଗଧର ସଜଫୁଟା ଫୁଲ ପରି ହସହସ ମୁହଁଟିକୁ ଗୋଟି ପରେ ପିଇଗଲା ପରେ ଚାହିଁ ମୁହଁରେ ଦୁଷ୍ଟାମିର ହସ ଫୁଟାଇ କହିଲା—"ସେଦିନ ଯଦି ମୁଁ ନ ଆସେ···" ?

"ତା'ହେଲେ ମୁଁ ଭାବନ୍ତି, ତୁମେ ସେଣ୍ଟୁବନ୍ଧା ଘଟଣାରେ ଡରିଯାଇଚ, ଆଜି ମୁଁ ନବୀନ ଭାଇଙ୍କି ଦେଇଥିବାରୁ ଅମଙ୍ଗଳୀଟାଏ ବୋଲି ଭାବିଚ···" ।

ଭୀମ ରାଉତ ପାଖେଇ ଗଲାରୁ, ଦୁହେଁ ନୀରବ ହୋଇଗଲେ । ବୁଢ଼ାର ମୁହଁରୁ ଜଣାପଡ଼ୁଥିଲା, ସେ କାହାର ସହିତ ଝଗଡ଼ା କରି ଆସିଛି । ସେ ଆସିବା ମାତ୍ରେ ଶଗଡ଼ ଯୋଚି ଘରକୁ ଯିବାଲାଗି ତିଆରି ହୋଇଗଲା ଏବଂ ରାଜୁ ମଧ୍ୟ ତା' ଶଗଡ଼ଟିକୁ ଯୋଚି ସଜ ହୋଇଯାଇ କହିଲା—"ମଉସା ମୁଁ ତ ଚେଲ୍ଲକ ବାଟରୁ ଆମ ଗାଁ ବାଟ ଧରିବି, ପୁଣି କେବେ ଭାଗ୍ୟରେ ଥିବ ଦେଖାହେବ ··! ସେ ଗଧ ଆଡ଼କୁ ଚାହିଁ ଦେବା ମାତ୍ରେ ତା'ର ମନେ ହେଲା— ଛଟଙ୍କା ଗଧ ଆଖି ଛଟକରେ ସତେ ଯେପରି ତାକୁ ଆକଟ କରି କହୁଛି—'ଖବରଦାର୍···ସ୍ନେହର ବନଟିକୁ ଭୁଲିଯିବ ନାହିଁ ତ' ? ରାଜୁ ଜାଣିଶୁଣି ମୁଣ୍ଡଟିକୁ ଟେଙ୍କାରି ଦେଲା ।

ଭୀମ ରାଉତ ବଳଦଙ୍କୁ ହାଙ୍କି ଦେଉଁ ଦେଉଁ କହିଲା—"ହଉରେ ପୁଅ ଯାଆ, ବାପାକୁ କହିବୁ ମୋ' କଥା···" ।

ରାଜୁ ସେଇ ଶଗଡ଼ରେ ବସି ଦି'ହାତ ଯୋଡ଼ି ଭୀମ ରାଉତକୁ ଦଣ୍ଡବତ ହୋଇ ଗଧ ଆଡ଼କୁ ଚାହିଁ ହସିଦେଲା । ଗଧ ଆଖିରେ ଆନନ୍ଦର ତେଜ ଓ ମୁହଁରେ ହସର ଜୋଛନା ଖେଳାଇ ଦେଇ ଲାଜରା ମୁହଁଟିକୁ ତଳକୁ ପୋତିଦେଇ, ଧୀରେ ହାତଟି ହଲାଇ ଦେଲା ।

ରାଜୁ ଚେଲ୍ଲକବାଟ ଆସିବା ମାତ୍ରେ ଶଗଡ଼ଟିକୁ ତାଙ୍କ ଗାଁ' କଡ ଆଡ଼କୁ ମୁହାଁଇ, ମୁହଁ ବୁଲାଇ ଆଉଥରେ ଗଧକୁ ଚାହିଁ ହସିଦେଇ ଆଗେଇ ଗଲା ।

—o—

॥ ବାର ॥

କଳକାଥର ଶୀତ ମଧ୍ୟରେ ଫୁଷଫୁହେଇ ରାତିର ଅତ୍ୟନ୍ତ ମନୋରମ ସୁନ୍ଦରମା ବଢ଼େଇ ଦେଇଛି ତା'ର ଅପୂର୍ବ ସୁଷମା । ଗାଆଁ ଗହଳର ଲୋକେ ଶୀତ ହାଉରୁ ରକ୍ଷା ପାଇବା ପାଇଁ କନ୍ଥା, କମ୍ବଳ, ଲୁଦନ୍ତ ଓ ଉହ୍ମେଇ ଘାଟରେ

Digitized by srujanika@gmail.com

ନିଜକୁ ଘୋଡ଼େଇ ଦେଇ ସନ୍ଧ୍ୟାପହରୁ ଦୁଆର କିଳି ପଶିଛନ୍ତି ଘର ଭିତରେ । ଶୀତ ଜାଡ଼ରେ କାଙ୍କୁର କୁଙ୍କୁର ହୋଇ ବଗଡ଼ ଛୁଆଟି ବି ଉଷୁମ ଟାଣୁଛି, ବଳଦଗା କଡ଼ରେ ଗୁରୁଡ଼୍ ଗୁରୁଡ଼୍ ହୋଇ । ଗାଆଁର ବୁଲା କୁକୁର ପିଣ୍ଡାତଳକୁ ଗୋଲ ହୋଇ ପଡ଼ି ରହିଛି । ସାପ ବିଲରୁ ଶୀତଡରେ ବାହାରୁ ନାହିଁ । ଚଢ଼େଇ ଚିରକୁଣୀ ତ ସୁରୁଯ ବୁଡ଼ିବାବେଳୁ ବସାରେ ପେଟରେ ଥଣ୍ଟ ଗୁଞ୍ଜି ପଡ଼ି ରହିଛନ୍ତି । କେବଳ ସେଇ କନ୍‌କନ୍ ଶୀତରେ ଘରୁ ବାହାରି ପଡ଼ିଛନ୍ତି—ଦୁଇଟି ପ୍ରାଣୀ ପରସ୍ପର ମନର କୁଳୁରୁ ଉଠିଥିବା ଆନନ୍ଦର ଉଷୁମ ପାଇ । ସେ ଦୁଇଟି ପ୍ରାଣୀ ହେଉଛନ୍ତି – ରାଜୁ ଓ ଗଧା ।

ସେଇ ତୋଫା ଜହ୍ନମାରେ ଗଧା ଧଳାଶାଢ଼ୀ ଖଣ୍ଡିଏ ପିନ୍ଧି ଆଗେଇ ଚାଲିଲା ଗାଆଁ ମୁଣ୍ଡର ନଡ଼ିଆଟିଆ ପୋଖରୀ କୂଳଆଡ଼େ । ମନରେ କେତେ କାହିଁ ପ୍ରଶ୍ନବାଚୀ—'କାଳେ ରାଜୁ ନ ଆସିବ ? ସମସ୍ତେ ତ ମୋ' ନାଆଁରେ ଉତ୍ତେଜିତ ହୋଇ ବାଜୁଥିବା ଭୁଣ୍ଡବାଇଦ ଉପରେ ମୁଣ୍ଡ ହଲାଇ ଦେଉଛନ୍ତି, ସେ କ'ଣ ଆସିବେ ?? ତାଙ୍କ ବାପା ମାଆ ସନ୍ଧ୍ୟା ରାଜି ନ ହୁଅନ୍ତି – 'ଏ' ଭେଣ୍ଡିବାନ୍ଧ ଟୋକାଙ୍କୁ ବନ୍ଦ କରିବାଲାଗି, ବିଚାର କରିବେ କ'ଣ ???'

ଝିର ଝିର ହୋଇ ଝରି ପଡ଼ୁଥିବା କାକରରୁ ରକ୍ଷା ପାଇବା ପାଇଁ ରାଜୁ ଘୋଡ଼ାଘୋଡ଼ି ହୋଇ ମୁଣ୍ଡରେ ଗୋଟିଏ ପଗଡ଼ି ବାନ୍ଧି ଦେଇଛି – ପଶ୍ଚିମା ଯାତ୍ରୀଙ୍କ ପରି । ହାତରେ ଖଣ୍ଡିଏ ପାଞ୍ଚହାତିଆ ବାଡ଼ି ଧରି ସେ କେତେବେଳୁ ପୋଖରୀ କୂଳର ଝଙ୍କାଳିଆ ଆମ୍ବଗଛ ମୂଳେ ବସିଛି । ଗଧାର ଆସିବା ସମୟ ହୋଇ ନଥିଲେ ବି ତାକୁ ବୋଧ ହେଉଛି – ସତେ ଯେପରି, ବେଳ କେତେ-ବେଳୁ ଗଡ଼ିଗଲାଣି । ସେ ଥରକୁଥର ଗଛମୂଳରୁ ଉଠିଯାଇ କନ୍‌କନ୍ ହୋଇ ଗଧାର ଆସିବା ବାଟକୁ ଚାହିଁ, ପୁଣି ଫେରିଆସି ଗଛମୂଳରେ ବସି ପଡ଼ୁଛି । ମନରେ ତା'ର କେତେ କ'ଣ ଭାବନା ଉଙ୍କି ମାରୁଛି – 'ମୋତେ କହିଦେଲା ବୋଲି କ'ଣ ଏ' ଝଙ୍ଝୁମ୍ ରାତିରେ ସେ ଘରୁ ଗୋଡ଼ କାଢ଼ି ଚାଲିଆସି ପାରିବ ? ଯେତେ ସାହସ ଥିଲେ ବି ଝିଅ ପିଲାଟେ ତ ? ପରରେ କ'ଣ ସେ ବାପା ମାଆଙ୍କୁ ଲୁଚି ଛପି ଆସିବାକୁ ସାହସ କରିବ ? ଯଦିବା ଆସିବା ପାଇଁ ମନରେ ସାହସ ବାନ୍ଧିଥିବ, ତେବେ ବାପା ମାଆ ଶୋଇପଡ଼ିବା ପରେ ହୁଏତ, ଚୁପ୍‌କରି ଆସିବାକୁ ଚେଷ୍ଟା କରୁ କରୁ ସମୟ ହୋଇଯିବ ! ବାଟରେ ଆସୁ ଆସୁ ଯଦି

Digitized by srujanika@gmail.com

କାହାର ହାବୁଡ଼ରେ ପଡ଼ିଯାଇଥିବ, ତେବେ ସେ ନିଜକୁ କେଉଁ ବୁଦାମୂଳେ କମ୍ବା ଗଛ ଆଡୁଆଳରେ ଛପେଇ ହୁଏତ ଛୁଡା ହୋଇଥିବ !

ପଛପଟେ କିଛି ଗୋଟେ ଖସ୍ ଖସ୍ ହେବାମାତ୍ରେ ଚମକିପଡ଼ି ରାଜୁ ଫେରିପଡ଼ି ଗୁହାଁଦେଲା—ସତେ ଅବା ଗଧା କେତେବେଳୁ ଆସି ତାକୁ ଚମକେଇ ଦେବା ଲାଗି କେଉଁଠି ଲୁଚି ରହିଛି । ଏମିତି କେତେ କ'ଣ ସନ୍ଦେହର ଦୋଳିରେ ଝୁଲି ଝୁଲି ଅଥୟ ମନରେ ବସିଥିବା ବେଳେ ହଠାତ୍ ଚାଖିପଡ଼ିଗଲା—ଆଗରେ ଆସୁଥିବା ଗଧାର ଗୁଣ୍ଡୁଣିହାଣ୍ଡି ମୁହଁ ଉପରେ ।

ତାକୁ ଦେଖିବା ମାତ୍ରେ ରାଜୁ ତା' ବସିବା ଥାନରୁ ଉଠିପଡ଼ି ଆମ୍ବଗଛର ଆରପଟକୁ ବୁଲିଗଲା—ଲୁଚିଯିବା ଲାଗି । ଗଧା ଦୂରରୁ ପାଟିକରି ଉଠିଲା—“ସେମିତି ଲୁଚିଗଲେ କ'ଣ ନିଜକୁ ଲୁଚେଇ ପାରିବ ? ନିଜକୁ ଲୁଚେଇବ ସିନା; କିନ୍ତୁ ତୁମର ଉତଳା ମନକୁ କେମିତି କେଉଁଠି ଛପେଇ ରଖିବ” ?

ରାଜୁ ହସି ହସି ଆଗେଇ ଆସି କହିଲା—“ମନଟା ମୋ' ହାତମୁଠାରେ ଥିଲେ ତ ? ତାକୁ ତ ତୁ ସେଇ କଡ଼ାପାଖା ହବୁ ଗୁରେଇ ନେଇଚୁ...” !

“ତା' ବଦଳରେ ତୁମେ ଆଉ ଗୋଟିଏ ପାଇନାହଁ କି” ? ସେ କ'ଣ ହଟିଯିବା ବାଲା ଝିଅଟି ? ବେଶ୍ ଚଟାକିକୁ ଉତ୍ତର ଦେଇ କହିଲା ଗଧା ।

“ସେ ପର୍ଯ୍ୟନ୍ତ ତୁ ମୋର ନିଜର ନ ହେଉଚୁ, ସେ ମନକୁ କ'ଣ ମୁଁ ଭରସା କରିପାରୁଚି କି ?

“ତୁମର ହୋଇ ନଥିଲେ, ତୁମେ ଏ' ନିଶୂନ୍ ରାତିରେ ରାତି ଘଡ଼ିକ ବେଳୁ ଏ'ଠି ପୋଖରୀ କୂଳରେ ବସି ନଥା'ନ୍ତ ହଉ, ଛାଡ଼ ସେ କଥା, ଏବେ ଅସଲ କଥା କୁହ ! କ'ଣ ଠିକ୍ କଲ” ?

“କି କଥା ଠିକ୍ କରିବି ସେ...” ?

“ଏତିକି ଯଦି ଜାଣିନ, ତେବେ କ'ଣ ଏଇ ଶୂନ୍‌ଶାନ୍ ରାତିରେ, ଉତ୍ତରପଶ୍ଚି ଗାଆଁ ମୁଣ୍ଡକୁ ପୋଖରୀ ତୁଠର ପଥର ପାହାଚରେ ମୁଣ୍ଡ ବାଡେଇବା ପାଇଁ ଏଠିକି ଆସିଚ” ?

“ତୁ କହିଥିଲୁ ବୋଲି ଆସିଚି; ବାସ୍ ଏତିକି ଜାଣେ...” !

“ବାହାରେ ଗୁଲକି ? ନିଜେ କିଛି ନ ଜାଣିଲା ପରି, ଗୋଟିଏ ଜଣେ କ'ଣ ତୁଳସୀ ହୋଇ ଯାଉଚ...?

Digitized by srujanika@gmail.com

"ସତରେ ମତେ ବିଶ୍ୱାସକର ଗଧ, ମୁଁ କେବଳ ଜାଣେ—ତୁ କହିଚୁ, ତାକୁ ଏଡ଼ିଦେଇ ପାରିନି, କାହାରିକୁ କିଛି ନକହି ଏଠିକି ମନ ମୋତେ ଓଟାରି ଆଣିଚି···କ'ଣ କହିବାକୁ ହେବ, ମୁଁ ଜାଣେନି···" ।

ଗଧ ଗଜୁର ସରଳିଆ କଥାରେ ନ ହସି ରହିପାରିଲା ନାହିଁ । ସେ ହସି ହସି କହିଲା—"···ଏ' ସବୁ କଥା କ'ଣ ଝିଅମାନେ ମୁହଁଖୋଲି କହନ୍ତି କି"?

"ମୁଁ କ'ଣ ଜାଣେ···" ?

"ଜାଣି ନଥିଲେ ଏବେ ଜାଣିଯାଅ···! ଝିଅମାନେ 'ବାହାଘର କଥା ନିଜ ମୁହଁରେ କହନ୍ତିନି···"।

"ହଉ···ହେଲା···କହ···କାହିଁକି ଏଠିକି ଡକେଇଚୁ" ?

"ଆଚ୍ଛା ଲୋକ ତ···" । ହସକୁଳୀ ଗଧ ଫେଁକରି ହସିଦେଇ କହିଲା—"ମୁଁ ତୁମକୁ ପଚାରୁଚି, ତୁମେ ପୁଣି ମୋତେ ଓଲଟା ପଚାରୁଚ" ?

"ମୁଁ ପାଞ୍ଚକୋଶ ବାଟ ଏଇ ଶୀତ କାକରରେ ବାବନାଭୂତ ପରି ମାଡ଼ି ଆସିଚି, ଏତିକିରୁ କ'ଣ ମୋ' ମନକଥା ଜାଣିପାରିଲୁନି" ? କହିଲା ଗଜୁ ।

"ଜାଣିଲି ଯେ, କିନ୍ତୁ ବା'ଘର ଆଗରୁ ଆମ ମନର କେତୋଟି କଥା ତୁଟିଯିବା ଉଚିତ···" !

"ବେଶ୍ ଭଲ କଥା···" କହିଲା ଗଜୁ—"ତା'ହେଲେ କି କଥା ପଚାରିବୁ ତୁ ପଚାରି ନଉନୁ···" ।

"ପୁଣି ସେଇ କଥା··· ? ପୁଅଘର ଲୋକେ ସବୁ କିଛି ଚୁଣ୍ଡିନାଣ୍ଡି ପଚାରି ବୁଝନ୍ତି । ଝିଅଘର କ'ଣ ଆଗେ କିଛି କହନ୍ତି କି" ?

"ଧଉ ହେଲା ବାବା···" କହିଲା ରାଜୁ—"ତୁ ସିନା ମୋତେ ବିଭାହେବା ଲାଗି ରାଜି ଅଛୁ, ତୋ' ବାପା···" ?

"ମୁଁ ବିବାହ କରିବି, ମୋ' ବାପା ନୁହନ୍ତି ! ମୋ' ଗଜ ଅଗଜରେ ମୋ' ବାପା କେବେ ହେଲେ ମୁହଁ ମୋଡ଼ିବେନି, ଏ' ବିଶ୍ୱାସ ମୋର ରହିଚି···" ।

"ହେଲା···ହେଲା···; ମୁଁ ସେ କଥା ଜାଣିବି କେମିତି ? କିନ୍ତୁ···ମୁଁ ତ ସେଦିନ କହିଚି—ମୋ' ମୁଣ୍ଡରେ ଶାଗୁଣା ଉଡ଼ୁଚି···" ।

ଗଧ ଏ'କଥା ଶୁଣିବା ମାତ୍ରେ ଠିକଏ ଗମ୍ଭୀର ହୋଇ ଯାଇ କହିଲା—"ଜୀବନକୁ ସାରୁପତରରେ ମୁଠାଇ ଚଳିଲାବାଲା ଗଧ ନୁହେଁ ! ମୁଁ ଗୁହେଁ··· ମୋ' ମରଦ ମଣିଷ ଭଳି ଗୁମ୍ଫ ଫୁଲେଇ ଗାଆଁ ଦାଣ୍ଡରେ ବୁଲୁ···। ତା'ରି ହପ୍

Digitized by srujanika@gmail.com

ହସ୍ ଖୁସିରେ ମୋ' ଜୀବନ ଫୁଲିଉଠୁ । ମୂଷାଙ୍କ ପରି ଜୀବନକୁ ସାତ ସିନ୍ଦୁକ ଭିତର ଫରୁଆରେ ସାଇତି ରଖିଲେ କ'ଣ କେହି ମଣିଷ ହୁଏ ?

ଗଧାର କଥା ଶୁଣି ଗଜୁ ମନେମନେ ଖୁସି ହୋଇଥିଲେ ବି ଗୋଟିଏ ବିଷୟ ଭାବି, ସେ ନୀରବ ହୋଇଗଲା । ତାକୁ ହଠାତ୍ ନୀରବ ହୋଇ ଯିବାର ଦେଖି, ଗଧା ଆଉ କିଛି ମନର ସନ୍ଦେହ ଦୂର କରିନେବା ଲାଗି କହିବାକୁ ତୁଣ୍ଡ ଖୋଲିବା ଆଗରୁ ସେ ଗଳାଖଙ୍କାର ମାରି କହିଲା—"ଗଧା, ମୋର ଗୋଟିଏ ମନ କଥା ରହିଛି । ମୁଁ ତାକୁ ଏଇଲେ ତୋ' ଆଗରେ ଖୋଲିବି ନାହିଁ ବୋଲି ଭାବୁଥିଲି; ତୁ ଯେତେବେଳେ ମୋତେ ବାଧ୍ୟ କରୁଛୁ, ମୁଁ ମୋ' ମନର ସାଇତା ସେଇ ଗୋପନ କଥାଟି ତୋ' ଆଗରେ ଖୋଲି ଦେଉଛି । ମାଆ ବାପାଙ୍କର ମୁଁ ଅଳର ଲଣ୍ଡୁ । ମୋ' ତଳକୁ ଛୋଟ ଛୋଟ ଭାଇଭଉଣୀ ଦୁଇଟି । କାଲି ପୁଣି ତୁ ଯଦି ତାଙ୍କଠାରୁ ଅଲଗା ହୋଇ ରହିବାକୁ କହିବୁ ତେବେ…" ।

"ତୁମେ ମୋ' ବ୍ୟବହାର ନ ଜାଣି, ମୋତେ ଏପରି ଦୁରୁଛନା ଦେଉଛ କାହିଁକି ?"

"ଗଧା, ଏଥିରେ ଜାଣିବାର କ'ଣ ଅଛି ? ନଆବୋହୂଟିଏ ଘରକୁ ଆସିଲେ, ଦିନ କେଇଟା ପରେ ସେ ତା' ଗିରସ୍ତକୁ ହାତ କରି ହାଣ୍ଡିଚୁଲି ଅଲଗା କରି ନେଉଛି, ତା'ନୁଜା…" ।

"ହୁଁ…ହୁଁ…କହୁନ କାହିଁକି ? ଆଜି ତ ସବୁକଥା ଖୋଲି ଖୋଲି ହୋଇଯିବା ପାଇଁ ମୁଁ ତୁମକୁ ଡାକିଛି…" ।

"ମୋର ତୋ' ଉପରେ ସେ ବିଶ୍ୱାସ ଅଛି ଯେ, କିନ୍ତୁ ମୋ' ମା'…" ।

ଗଧା ଟିକିଏ ଗମ୍ଭୀର ହୋଇଯାଇ କହିଲା—"ତୁମ ମାଆ ବୋଧେ ଭାବିଥିବେ—ଷଣ୍ଢକୁ କାବୁ କଲା ଭଳି, ମୁଁ ଯଦି ତୁମ ବଉଁଶ ଯାକକୁ କାବୁ କରି ଦିଏଁ.. ଏଇଆଡ଼, ନାଃ ଅଉ କ'ଣ" ?

"ମୁଁ ଆଜି ତୋ' ଆଗରେ କିଛି ଲୁଚାଇବାକୁ ଚାହେଁନା । ମୋ' ବାପା ଆସି ବୁଢ଼ା ହେଲେଣି ! ମାଆ ଧଇଁସେଲି ରୋଗରେ ପଡ଼ି ମରୁ ମରୁ ବଞ୍ଚିଛି । ଭାଇ ଭଉଣୀ ଦୁଇଟିଙ୍କର ଜାନକୁ ହାତ ପାଇନ…" ।

"ତା'ହେଲେ.. ତୁମେ କ'ଣ ଭାବୁଛ ମୁଁ ତୁମ ଘରେ ଗୋଡ଼ ଦେବା ମାତ୍ରେ ତାଙ୍କର ଗଳଗ୍ରହ ହେଇ ସମସ୍ତଙ୍କୁ କଷ୍ଟ ଦେବି ? ଗଧାର ଦେହ ସେମିତି କଞ୍ଚା ମାଟିରେ ଗଢ଼ା ନୁହେଁ । ମୁଁ ବି ବାପା ମାଆ ଭାଇ ଭଉଣୀଙ୍କ ମେଳରେ

Digitized by srujanika@gmail.com

ବଢ଼ିଛି । ମୋତେ ଯେଉଁ ଗୁଣ ନିପୁଣ ଦେଖୁଛ ଦଅ, ମୁଁ ସାରାଜୀବନ ସେମାନଙ୍କୁ ନିଜ ବାପା, ମାଆ ଭାଇ ଭଉଣୀଠାରୁ ଅଧିକ ବଡ଼ ବୋଲି ଭାବି ଚାଲିବି । ଯଦି ମୋ' କଥା ଏ'ପାଖ ସେ ପାଖ ହେବାର ତୁମେ ଦେଖିବ, ସେଇଦିନ ମୋତେ କଟୁରିରେ ଦି'ଖଣ୍ଡ କରି କୁଆ ଶାଗୁଣାଙ୍କ ମୁହଁରେ ଦେଇଦେବ···" ।

ରାଧା ଆହୁରି କେତେ କ'ଣ କହିବାକୁ ଯାଉଥିଲା; କିନ୍ତୁ ହଠାତ୍ ତା'ର କଣ୍ଠରୋଧ ହୋଇଆସିଲା । ରାଧାର ଅବସ୍ଥା ଦେଖି ରାଜୁ ତା' ହାତ ଦିଓଟିକୁ ଧରି ପକାଇ କହିଲା—"ରାଧା, ମୋ' ରାଣ ! ତୁ ମୋତେ ଖରାପ ଭାବିବୁନି, ମୁଁ ପେଟ କଥା ପେଟରେ ନ ରଖି ମୁହଁ ଖୋଲି କହିଦେଲି..." ।

ରାଧା ଧୀରେ ତା' ହାତ ଦିଓଟିକୁ ରାଜୁର ହାତରୁ ଖସାଇ ଆଣି, ମୁଣ୍ଡର ଓଢ଼ଣାଟିକୁ ଆଉ ଟିକିଏ ଟାଣି, ମୁହଁରେ ହସ ଫୋଟାଇ ଦେଇ କହିଲା—"ଆଉ ଗୋଟିଏ କଥା ଜାଣିଛ ତ···ରାଧାକୁ ବାଧା ଦେବାକୁ ଆସିବା ଲୋକର କି ଦଶା ହେବ" ?

ରାଜୁ ତା' ପଗଡ଼ିଟାକୁ ଠିକ୍ କରି ଦେଇ କହିଲା—"ଓଃ·· ସେଇ ଅଇଁଠୁ ନ'ହାକର ଧମକାଣି ତ···! ମନେରଖ ରାଧା, ମୁଁ ବଢ଼ିଆଣା କଥା କହୁନି, ମୋ' ହାତରେ ବାଡ଼ିଖଣ୍ଡେ ଥିଲେ ଶହେ ଜୁଆନଙ୍କୁ ମୁଁ ସାତଥର ପାଣି ପିଆଇ ଦେବି । ଅଇଁଠୁ ନାହାକକୁ ଭଗବାନ୍ ଦି'ହାତ ଦେଇଥିଲେ ବି ଆଉ କାହାରିକୁ ଗୋଟିଏ ହାତ ତ ଦେଇଥିବେ ! ସେ ଲାଗି ତୋ'ର ଭାବନା କରିବା ଦରକାର ନାହିଁ ! ମୁଁ ମାଈଓଲିଆ ନୁହେ ଯେ କାହାରି ବଣ୍ଡଉବାଣୀକୁ ଶୁଣି ଘୁଞ୍ଚିଆ ହୋଇ ଲୁଗା ମାରି କରିବି" !

ରାଜୁର ଉଗ୍ର ମୂର୍ତ୍ତି, କଥା କହିବା ବେଳେ ଆକ୍ରମଣ କଲାପରି ଠାଣି ଓ ଶେଷକୁ 'ଲୁଗାମାରା' ଶବ୍ଦଟି ଶୁଣି ରାଧା ଠୋ' ଠୋ' ହୋଇ ହସି ଦେଇ କହିଲା—"ଏଇଲେ କ'ଣ ଖିଚିଂ ବାଲି ମାଡ଼ ଆସୁଚନ୍ତି କି ? ତୁମେ ସତକୁ ସତ ତାଙ୍କ ଗାଆଁ ବାଲାଙ୍କ ସାଙ୍ଗରେ ଲଢ଼େଇ କରିବା ପାଇଁ ତିଆର ହୋଇ ଗଲଣି ନା କ'ଣ" ?

ରାଜୁ ପ୍ରକୃତରେ ଭାବାବେଶରେ ମାତି ଉଠିଥିଲା । ସେ ରାଧାର ହସରେ ହସ ମିଶାଇ ଦେଇ, ବେଶ୍ ଘଡ଼ିଏ କାଳ ହସିଲା । ଦିହିଙ୍କ ହସ ବନ୍ଦ ହେବା ପରେ, ରାତି ବେଶୀ ହୋଇ ଯାଉଥିବାର ଲକ୍ଷ୍ୟକରି କହିଲା ରାଜୁ—

Digitized by srujanika@gmail.com

"ମୋତେ ଦୂରବାଟ ଯିବାକୁ ହେବ ରାଧା, ତୋ'ର ଆଉ କ'ଣ ମୋତେ ପଚାରିବାର ଅଛି, ପଚାର ନେ…" ।

ରାଧାର ହସିଲା ମୁହଁଟା ପୁଣି କଳା ବଉଦ ଘୋଟି ଆସିଲା ପରି ଗମ୍ଭୀର ହୋଇ ଉଠିଲା । ସେ ଦୁ'ଥର ଖଣ୍ଡି କାଶ କାଶି ଦେଇ କହିଲା—"ମୋର ଶେଷ କଥା ଶୁଣ ! ମୁଁ ତୁମ ଘରେ ଗୋଡ଼ ଦେବା ମାତ୍ରେ ସେ ଘରକୁ ମୋ' ନିଜ ଘର ବୋଲି ଭାବି ଘର ଗୋଟିକର ସବୁ କାମ ଯଦି ନ କରେ, ତେବେ ମୋ' ନାଆଁ…" ।

"ନାଃ…ନାଃ…ତୁ ସେମିତି କାହିଁକି କହୁଚ ରାଧା ! ମୋର ଆଉ ସେ ବିଷୟରେ ସନ୍ଦେହ ନାହିଁ…" ।

ରାଜୁର କଥାକୁ ନ ଶୁଣିଲା ପରି କହି ଚାଲିଲା ରାଧା—"ତୁମେ ମନେ ରଖ, ରାଧା ଯା' ଥରେ କଇଚି, ତାକୁ ଯାବଜୀବନ ପାଳିବ ! ହଁ…ଆଉ ଗୋଟିଏ କଥା ଶୁଣ—ମୋତେ ଖାଇବାକୁ, ପିନ୍ଧିବାକୁ ନ ଦେଲେ ମୋର ଚିନ୍ତା ନାହିଁ ! ମୋର ଭୁଲ ଭଟକା ହେଲେ; ତୁମେ ବା ତୁମ ମାଆ ଯଦି ମୋତେ ବାଡେଇ ପକାଅ ତେବେ ବି ମୁଁ ତୁଣ୍ଡ ଖୋଲି କେବେ ହେଲେ ଖରାପ କଥା କହିବି ନାହିଁ !! କିନ୍ତୁ…" ।

"ହଁ…ହଁ…କହିଯା'.. ତୋ' ମନରେ କ'ଣ ଅଛି…" ? କହିଲ ରାଜୁ ।

ରାଧା ଟିକିଏ ରହିଯାଇ କହିଲା—"ହଁ…ଶୁଣ—ତୁମେ ଯଦି ମଦ, ତାଡ଼ି, ହାଣ୍ଡିଆ ପିଇ ମାତାଲ ହୋଇ ଘରକୁ ଆସିବ, ମୋତେ ଖରାପ ଭାଷାରେ ଗାଳିମନ୍ଦ କରିବ କିମ୍ବା ମୋତେ କେହି ଖରାପ ଭାଷାରେ ଟାହିଲି କଲେ ତାକୁ ଚୁପ୍‌ଚାପ୍ ସହିଯିବ, ତେବେ ମୁଁ କେବେ ହେଲେ ମୁଣ୍ଡପାତି ସହି ନେବିନି । ଯେଉଁଦିନ ଯା' ଘଟିବ, ମୁଁ ଆଉ ତୁମର ନୁହେଁ…! ସେତେବେଳେ ଆଉ ମୋତେ ଦୋଷ ଦବନି, ମୁଁ ତୁମ ଘର ଛାଡ଼ି ଚାଲି ଆସିବି ବାପ'ଘରକୁ…" ।

ରାଧା ପାଟିରୁ କଥା ଛଡେଇ ନେଇ କହିଲା ରାଜୁ—"ମୁଁ ଆଜି ରାତିରେ ଧର୍ମ ଦେବତାଙ୍କୁ ସାକ୍ଷୀ ରଖି କହୁଚି ରାଧା, ମୁଁ ମଦ, ତାଡ଼ି, ହାଣ୍ଡିଆ ଖାଲି କାହିଁକି, ଅଫିମ, ଗଞ୍ଜେଇ କିଛି ହେଲେ ଛୁଇଁବି ନାହିଁ । ହଁ…କେତେ ବେଳେ କେତେବେଳେ ସାଙ୍ଗ ସାଥି ମେଳରେ ବଡ଼ ଖଣ୍ଡେ ଟାଣୁଚି, ତୁ ଯଦି କହିବୁ—ତାକୁ ବି ଛାଡ଼ି ଦେବି" !

Digitized by srujanika@gmail.com

"ତୁମେ ବଡ଼ ଝାଣିଗ୍ରାର, କିନ୍ତୁ ମୋ' ବାପା ମାଆ ଆଉ ତୁମ ବାପା ମାଆ ଆଗରେ କେବେ ହେଲେ ବଡ଼ ଝାଣିବନି..." ! ହସି ହସି କହିଲା ଗଧା ।

"ଆଉ ଶୁଣ..., ତୋତେ ଯେ ଝଗଡ଼ା କଥା କହି ଝାଡୁଲି କରିବ, ତା' ମୁଣ୍ଡରେ ଯମ ରାଜାର ଘୁଷି ବାଜିଲାଣି ବୋଲି ମନେ କରିବୁ..." !

"ହଉ...ମୁଁ ଏବେ ତୁମ କଥା ବିଶ୍ୱାସ କରୁଛି, କିନ୍ତୁ ବେଳକାଳ ଆସିଲେ ଦେଖାଯିବ..." !

ପ୍ରଥମ ମିଳନର ସେଇ ଶୁନ୍‌ଶାନ୍ ରାତିରେ ଦୁଇଟି ପ୍ରଣୟୀ ରସରସିଆ କଥାରେ ସମୟ ନ ବିତାଇ, କେବଳ ଘରକରଣା ଜୀବନର କେତୋଟି ପ୍ରତିଜ୍ଞା କରି ଦୁହେଁ ଦୁହିଁଙ୍କଠାରୁ ବିଦାୟ ନେବା ପୂର୍ବରୁ ମୁହଁ ଖୋଲି କହିଲା ରାଜୁ— "ଗଧା..." !

ରାଜୁର ପ୍ରେମ ବିହ୍ୱଳ ମନର ଆକୁଳ ସମ୍ବୋଧନ ଶୁଣି ଗଧାର ଛାତିଟା ଦୁଲୁକି ଉଠିଲା । ସେ ପ୍ରେମ ପାଗଳୀମାନଙ୍କ ପରି, ରାଜୁର ମନ କଥା ବୁଝି ପାରି ତାକୁ ଗାଢ଼ ଆଲିଙ୍ଗନ ପାଶରେ ବାନ୍ଧି ନେଇ, ତା'ର ଓସାରିଆ ଛାତିରେ ତା' ମୁହଁଟି ଗୁଞ୍ଜିଦେଲା । ପୁନଅଁ ରାତିର ଜୋଛନା ଶୁଦ୍ଧମନରେ ରାଜୁ ଓ ଗଧା, ଉପରେ ଧର୍ମ ଦେବତା ଓ ତଳେ ବସୁମାତାଙ୍କୁ ସାକ୍ଷୀରଖି ନିବିଡ଼ ଆଲିଙ୍ଗନ ପାଶରେ ପରସ୍ପରକୁ ଜଡ଼ାଇ ନେଲେ । ଦୁହିଁଙ୍କ ଓଠରୁ ଝରିପଡୁଥିବା ଅମିୟ ରସରେ ଦୁହେଁ ପରମ ତୃପ୍ତି ଅନୁଭବ କରି ଘଡ଼ିଏ କାଳ ନିଶ୍ଚଳ...ନିସ୍ପନ୍ଦ ଭାବରେ ଛିଡ଼ା ହୋଇ ରହିଲେ ।

କିଛିକ୍ଷଣ ପରେ ଦୁହେଁ ଯାକ ପ୍ରକୃତିସ୍ଥ ହୋଇ ଗଭୀର ଦୁଃଖରେ ଦୁହିଁଙ୍କ ଠାରୁ ଅଲଗା ହୋଇ, ନିଜ ନିଜର ଚଲା ବାଟରେ ଆଗେଇ ଗଲେ ।

—୦—

।। ତେର ।।

ଘରୁ ଗୋଡ଼ କାଢ଼ି ନସର ପସର ହୋଇ ଗଧା ବାପଘରକୁ ଏକୁଟିଆ ଚାଲିଯିବାବେଳେ ଦେବା ଭୂୟାଁର ମୁଣ୍ଡରେ ବଜ୍ର ପଡ଼ିଗଲା । ସେ ଭକୁଆ ଭଳି ବହୂର ଯିବା ବାଟକୁ ଚାହିଁ ରହି ମନେ ମନେ ଭାବିଲା—'ଓଃ, କ'ଣ ନକଲା ଏ'ବହୂ ! ମୁଁ ଜାଣିଥିଲି ଆଗରୁ—'ଏ' ଅଗ୍ନିରଚଣ୍ଡୀ ଦିନେ ନା ଦିନେ ନାକ ନିଶ କଟେଇବ' ! ଆଜି ଠିକ୍ ସେଇଆ ହେଲା । କିନ୍ତୁ ରାଜୁ ଏ'ସବୁ ଦେଖି ଚୁପ୍

Digitized by srujanika@gmail.com

ଉତ୍ପୀଡ଼ନ କରୁଛ ? ସେ ତ ମୋ'ର ପୁଅ, ମୋ'ର ରକତ ତା' ଦେହରେ ରହୁଛି, ସେ ଏମିତି ଘାନପୁରୁଷା ହେଇ ଭେଳିକ ଲଗିଲା ପରି ମୁହଁ ତଳକୁ କରି ବସିଛି କାହିଁକି'' ?

ହଠାତ୍ ଦେବାର ଆଖି ଆଗରେ ଭାସି ଉଠିଲା—ତା' ଜୁଆନ୍ ବେଳର କଥା । ଦିନେ ତା' ସ୍ତ୍ରୀ ରାଗିଯାଇ ମୁହେଁମୁହେଁ ଦି'ପଦ ହାଣି ଦେଇଥିଲା— ''ମୁଁ ତୁମ ଘରର କଣା ଚାକରାଣୀ ନୁହେଁ, ଯେ'ବେଳ୍ ତାକୁ ମୁହଁ ଅନ୍ଧାରୁ ଗରମ ପାଣି କରି ଯୋଗେଇବି'' । ବାସ୍ ସେତିକରେ ଦେବାଭୂୟାଁ । ମୁଣ୍ଡକୁ ପିତ୍ତ ଚଢ଼ିଗଲା । ସେ ବନ୍ଧଣାରୁ ଉଠିଯାଇ ପିହେଣାଟିଏ ହାତରେ ଧରି ଗାଈ ଗୋରୁ ପରି ପିଟିଗଲା ତା' ସ୍ତ୍ରୀକୁ । ଶେଷକୁ ତା' ଦେମାଉଆ ଭାଇଟି ଧାଇଁ ଆସି ଦେବାକୁ ଅଟକାଇ ଥିଲା । ନଇଲେ ସେଦିନ ସେ ନିଶ୍ଚୟ ପିଟି ପିଟି ତା' ସ୍ତ୍ରୀକୁ ଶେଷ କରି ଦେଇ ଥାଆନ୍ତା ।

ଆଉ ଦିନକର କଥା; କେଉଁ ଦିନରୁ କଳିତକରାଳ ଲାଗିଥିବା ପଡ଼ିଶା ଘରର ଉଦିଆ ଆସି ଦେବା ଭୂୟାଁର ହାତଗୋଠ ଧରି, ନିଜେ ଭୁଲ ମାଗି ତା' ଝିଅ ବା'ଘରରେ ଯୋଗଦେବା ଲାଗି ତାକୁ ଘରକୁ ଟାଣି ନେଇଥିଲା । ଦେବା ଉଦିଆ ଭୂୟାଁର ଗତ କଥାକୁ ଭୁଲି ଯାଇ, ନିଜ ଝିଅର ବାହାଘର ପରି; ପଡ଼ିଶା ଘରର ମଙ୍ଗଳକୃତ୍ୟରେ ଲାଗିପଡ଼ିଲା । କିନ୍ତୁ ଦେବା ଘରକୁ ଆସି ତା' ସ୍ତ୍ରୀକୁ ଉଦିଆ ଘରକୁ ଯିବାଲାଗି କହିବା ମାତ୍ରେ, ତା' ସ୍ତ୍ରୀ କହିଲା—''ତୁମ ମୁହଁରେ ପାଣି ନାହିଁ ବୋଲି ସିନା ତୁମେ ଚାଲିଗଲ, କିନ୍ତୁ ମୁଁ ଜିଳାଦେ' ଉଦିଆ ଘରର ସୀମାନା ମାଡ଼ିବିନି'' । ବାସ୍ ସେତିକରେ ଆଉ ଦେବାଭୂୟାଁକୁ ସମ୍ଭାଳେ କିଏ ? ସତେ ଯେପରି, ଶୈତାନ ତା' ମୁଣ୍ଡ ଉପରେ ସବାର ହୋଇ-ଗଲା । ସେ ତା' ସ୍ତ୍ରୀକୁ ପିଟିପିଟି ତା' ଖଞ୍ଜା ଖସାଇ ଦେଲା । ଆଖିରକୁ ଉଦିଆ ଓ ତା' ଭାରିଯା ଧାଇଁ ଆସି ଦେବା ହାତରୁ ତା' ସ୍ତ୍ରୀକୁ ଟାଣି ନେଇ ନଥିଲେ, ହୁଏତ ସେଦିନ କିଛି ଗୋଟାଏ ଖୁନ ଖରାପ୍ ହୋଇଯାଇ ଥାଆନ୍ତା !

ସେଇ ଦେବା ଭୂୟାଁ । ଆଜି ଜଳକାଙ୍କ ପରି ଚାହିଁ ରହିଛି । ତା'ର ଆଖି ଆଗରେ ରାଧା—ଯା'କୁ କାଲି ପୁଣି ସେ କୁଳବଧୂ କରି ନେଇ ଆସିଥିଲା, ଉଗ୍ରଉଗ୍ ହୋଇ, ଶାଶୁ, ଶଶୁର ଓ ଗିରସ୍ତଙ୍କ ମୁହଁରେ ଚୂନକାଳି ବୋଳି ଦେଇ ବାପ ଘରକୁ ଚାଲି ଯାଉଛି । ଦେବା ମାନସିକ ଯନ୍ତ୍ରଣାର ତୀବ୍ରତାରେ ମୁଣ୍ଡରେ ହାତ ଦେଇ ଛିଡ଼ା ହୋଇଥିବା ସ୍ଥାନରେ ବସି ପଡ଼ି ଭାବିଲା—'ରାଧା ଯଦି ମୋ'

Digitized by srujanika@gmail.com

ପୁଅର ସ୍ତ୍ରୀ ହୋଇ ନଥା'ନ୍ତା, ଆଜି କ'ଣ ଜୀବନ ଦେଖି ସେ ବାପ ଘରକୁ ଫେର୍ ଫେର ହୋଇ ଚାଲି ଯାଇ ଥା'ଆନ୍ତା ? ଏରୁଣ୍ଡିବନ୍ଧ ଡେଇଁବା ଆଗରୁ ହୁଏତ ତା' ଗଣ୍ଠିଟା ଏ' ପଟେ, ଆଉ ମୁଣ୍ଡଟା ସେପଟେ ଗଡ଼ୁଥାଆନ୍ତା" ।

କିନ୍ତୁ ରାଜୁର ମନରେ ଥିଲା—ଅସୁମାରି ଭାବନା । ତା' ମୁଣ୍ଡରେ ଖେଳି-ଗଲା—ବା'ଘର ପୂର୍ବର ପୁନିଅଁ ଦିନର ଘଟଣା, କିନ୍ତୁ ସବୁର କଲା କାହିଁ । ରାଧା ହୁଏତ ଯା'ରି ମଧ୍ୟରେ ସୁବିଧା ଦେଖି ଦିନେ ରାଜୁ ମକଦ୍ଧ ଉପରେ ଦାଉ ସାଧି ନେଇ ଥା'ଆନ୍ତା, କିନ୍ତୁ ସେ ଉଠିଲା କାହିଁ ? ରାଜୁ ମାନସିକ ଯନ୍ତ୍ରଣାର ତୀବ୍ର ପ୍ରତିକ୍ରିୟାରେ ଦୋଦୁଲ୍ୟମାନ ହେଉଥିଲା । ତା'ର ଯୁବ ସୁଲଭ ଉଦ୍ଦଣ୍ଡତା ଆଜି ପ୍ରୌଢ଼ତ୍ୱର ଭାବନାରେ ନିଷ୍ପ୍ରଭ ହୋଇ ଯାଇଛି । ଅତୀତର ଘଟଣାବଳୀ ତା' ଆଖି ଆଗରେ ନାଚି ନାଚି ଗୋଟିକ ପରେ ଗୋଟିଏ ଭାସି ଯାଉଛି । କିନ୍ତୁ ବିଚରା କରିବ କ'ଣ ? ଏଣୁ ମାରିଲେ ଗୋହତ୍ୟା, ତେଣେ ମାରିଲେ ବ୍ରହ୍ମହତ୍ୟା ! ଗୋଟିଏ ପଟେ ତା' ବାପା ମାଆର ତିରସ୍କାର ପୁଣି ଗୁହାରି, ଅନ୍ୟ ପଟେ ସ୍ତ୍ରୀ ରାଧା ତା' ପ୍ରତିଜ୍ଞା ଅନୁସାରେ ଘର ଛାଡ଼ି ଚାଲିଯାଇଛି ବାପ ଘରକୁ । ରାଜୁ ମଝିରେ ମଝିରେ ଭାବୁଥିଲା—'ରାଧା ତାକୁ ଛାଡ଼ି କେବେ ହେଲେ ବାପଘରେ ବେଶୀଦିନ ରହି ପାରିବନି' ।

ସେ ପୁଣି ଭାବେ ରାଧା ସିନା ରାଗତମରେ ଘରୁ ଗୋଡ଼କାଢ଼ି ଚାଲି ଯାଇଛି, କିନ୍ତୁ···ନିଶ୍ଚେଁ ପଶ୍ଚାତ୍ତାପ କରି ଫେରି ଆସିବ । ସେ ତା'ର ମାଆ ବେମାର ପଡ଼ିଥିବା ବେଳେ ବାପଘରକୁ ଯାଇ, ଦିନ ଦଶଟା ବି ରହିପାରିଲାନି । ଭାଇର ବା'ଘରକୁ ଯାଇ ଅଷ୍ଟମଙ୍ଗଳା ବାସିଦିନ ଆସି ହାଜର ହୋଇ-ଯାଇଥିଲା ।

କିନ୍ତୁ ଦିନ କେଇଟା ପରେ ତା' ବାପା ରାଗରେ ଜରଜର ହୋଇ ତା' ଲଗି ଆଉ ଗୋଟିଏ ବା'ଘରର ଯୋଗାଡ଼ରେ ଲାଗି ପଡ଼ିଥିବାର ସେ ଲକ୍ଷ୍ୟ କରି ତୀବ୍ର ମାନସିକ ଯନ୍ତ୍ରଣାରେ ଘାରି ହୋଇ ଉଠିଲା । ଦିନେ ରାତିରେ ଦୁହିଁଙ୍କ କଥା-ବାର୍ତ୍ତା ତା' ଆଗରେ ସାକାର ହୋଇଉଠିଲା ।

"ରାଧା···" !

"ଉଁ·····" ।

"ଆଜି ମାଆ ତୋତେ ଗାଧୋଉଥିବା ବେଳେ କଅଣ ପଚାରୁଥିଲା କି" ?

ଏହା ଶୁଣିବା ମାତ୍ରେ ରାଧା ଲାଜରେ ଝାଉଁଳି ପଡ଼ି ମୁହଁ ଖୋଲି କିଛି କହିପାରିଲା ନାହିଁ ! କିନ୍ତୁ ରାଜୁ ନାଛୋଡ଼ବନ୍ଧା — "କ'ଣ କାହିଁକିଛି କହିଲୁନି ତ"?

Digitized by srujanika@gmail.com

ଦିନେ ଗାଆଁବାଲଙ୍କ ଆଗରେ ମୁଣ୍ଡ ଉପରକୁ କଣ୍ଟ ଝଣ୍ଟାକୁ କାବୁ କରି ନେଇଥିବା ସୁଧା, ଲାଜରେ ଲାଜକୁଳୀ ଲତା ପରି ଝାଉଁଳି ପଡ଼ି କହିଲା—
"ତୁମେ ସେଥିପାଇଁ ଏତେ ବ୍ୟସ୍ତ ହୋଇ ପଡ଼ୁଛ କାହିଁକି ଯେ" ?

"ମୁଁ ବ୍ୟସ୍ତ ହୋଇପଡ଼ୁଛି ବୋଲି ତୁ କେମିତି ଜାଣିଲୁ" ?

"ନାଇଁମ...ଆଜି ମୁଁ ସିନାନଗାଧୁଆ କରୁଥିବାର ଦେଖି, ବଉ ମୋ' ଉପରେ ଖୁବ୍ ଚିଡ଼ିଗଲେ..." ।

"କିନ୍ତୁ ମୁଁ ତ ଖୁବ୍ ଖୁସି..." ।

ସୁଧା ଘରକୁ ବହୂ ହୋଇ ଆସିବା ମାତ୍ରେ ବୁଢ଼ୀ ଭାବିଥିଲା—ବରଷେ ପୂରିବା ଆଗରୁ, ଘରେ କୁଆଁ କୁଆଁ ରାବ ଶୁଭିବ, ଦାଣ୍ଡଘର ବାରଣ୍ଡାରେ ଝୁଲଣି ଲାଗିବ । କିନ୍ତୁ ବରଷେ ପୂରିଯାଇ ଦି'ବର୍ଷ ଗଡ଼ିଲାଣି, କାହିଁ କିଛି ସୁରାଖ ମିଳୁନି ।

ସୁଧାର ସିନାନଗାଧୁଆ କେଇଦିନ ଚଢ଼ିଯିବା ମାତ୍ରେ ବୁଢ଼ୀର ମନ ଆନନ୍ଦରେ ନାଚି ଉଠିଥିଲା—'ଯା'ହଉ, ଠାକୁରେ ଏତେ ଦିନକେ ସୁଦୟା-କଲେ' । କିନ୍ତୁ ସେଦିନ ପୁଣି ସୁଧାକୁ ସିନାନ ଗାଧୁଆ କରୁଥିବାର ଦେଖି, ବୁଢ଼ୀ ମନେ ମନେ ଖପା ହୋଇଯାଇ କହି ପକାଇଲା—"କହିଲେ ତ କଥା କାନକୁ ନେବୁନି...କଞ୍ଚାଲଙ୍କା ଗୋଟାକୁ ଗୋଟା ରଦ୍ରଦ୍ କରି ଚୋବେଇ ଖାଇଗଲେ, ପେଟଟା ଗରମ ହବନି ? ତା'ପରେ ପୁଣି..." ।

ଶାଶୁବୁଢ଼ୀର ଛତ୍ରଭଙ୍ଗୁଆ କଥାରେ ମନେ ମନେ ରାଗିଯାଇ ସୁଧା ମୁହେଁ ମୁହେଁ କହିଦେବାକୁ ଭାବିଥିଲା—'ଯଦି ଛୁଆ ଖେଳେଇବା ପାଇଁ ମନ ଏତେ ଧକ୍ ଧକ୍ ହଉଛି, ତେବେ ପୁଅକୁ ଆଉ ଗୋଟେ ବା'କରେଇ ଆଣୁନ...' । କିନ୍ତୁ ସୁଧା ସେକଥା ତୁଣ୍ଡ ଖୋଲି କହି ପାରିଲାନି । କିନ୍ତୁ ପୁଣି ରାତିରେ ରାଜୁ ସେଇ ଅଡ଼ୁଆ ସୂତାରୁ ଖିଅ ବାହାର କରି, ତାକୁ ରଚେଇ ଖଚେଇ କରି ସେଇ କଥା ପଚାରୁଥିବାରୁ, ସେ ମନେ ମନେ ଭାବିଲା—"କ'ଣ ମାଆ ପୁଅ ଦିହିଙ୍କି ଏକା ନିଶା ଘାରିଛି କି" ?

କିନ୍ତୁ ଏ' କ'ଣ ? ରାଜୁ ତ ଓଲଟା କଥା କହୁଛି—'ମୁଁ ତ ଭାରି ଖୁସି...' । ସୁଧାକୁ ନୀରବ ରହିଥିବାର ଦେଖି, ରାଜୁ ପୁଣି କହିଉଠିଲା—"ସୁଧା, ତୁ ସବୁଦିନେ ଏମିତି ରହିଲେ କେଡ଼େ ମଜା ହୁଅନ୍ତା..." ?

Digitized by srujanika@gmail.com

"ଏମିତିର ଅର୍ଥ କ'ଣ ?"

"ଏକେ ଏକେ ଦୁଇ..." !

"ତୁମର କ'ଣ ପିଲା ଦରକାର ନାହିଁ..." ?

ଗଧାର ପ୍ରଶ୍ନ ଶୁଣି ଗଜୁ ଅନ୍ୟମନସ୍କ ହୋଇଉଠିଲା । ତା' ଆଖି ଆଗରେ ନାଚ ଉଠିଲା ସାହିର ନାରଣାର ଦୁଖିଆ ସ୍ତ୍ରୀର ସାତମାସର ଝିଅଟି । ନାରଣାର ପହିଲି ସ୍ତ୍ରୀ ମରିଯିବା ପରେ, ସେ ପାଞ୍ଚମାସର ଝିଅ ପିଲାଟିଏ ଥିବା ଗୋଟିଏ ବିଧବାକୁ ଦାଣ୍ଡିଅ ହୋଇଥିଲା । ହେଲେ ପହିଲେ କେଇଦିନ ନାରଣା ସେ ଝିଅକୁ ଗେଲବସର କରୁଥିଲା; କିନ୍ତୁ ହଠାତ୍ କ'ଣ ହେଲା କେଜାଣି, ଝିଅଟାକୁ ଆଉ ସେ ଆଡ଼ଆଖିରେ ଦେଖି ପାରିଲାନି । ଦିନେ ଗଜୁ ବିଲରୁ ଆସି ଦାଣ୍ଡ-ଦୁଆରେ ଗୋଡ଼ ଦେଇଚି କି ନାହିଁ, ନାରଣାର ସଁ ସିଁ କଚଡ଼ାରେ ଟିକି ଛୁଆଟା ଭଡ଼ା ଗୁଡ଼ କାନ୍ଦି ଉଠିଲା । ନାରଣାର କାଣ୍ଡ ଦେଖି ଗଜୁର ଆଖିରୁ ନିଆଁ ଝୁଲ ଖସି ପଡ଼ିଲା । ସେ ଧାଇଁଯାଇ ଛୁଆଟିକୁ କୋଳକୁ ଉଠାଇନେଲା । ଏତିକବେଳେ ତା' ମାଆ ଧାଇଁଆସି ଗଜୁ ପାଖରୁ ଛୁଆଟାକୁ ନେଇଯାଇ ମୁହଁ ଝିଙ୍କାଡ଼ି କହିଲା—"ଧଇଲ କାହିଁକି, ଏ' ଛୁଆଟା ତ ତା' ଆଖିର କଣ୍ଟା ହେଇଛି । ତା'ର ଜାନ୍ ନେଇଗଲେ, ତା' ଓରିମାନ ମେଣ୍ଟିବ..." !

ଗଜୁ ଉପରେ ଦାଉ ସାଧିବାକୁ ଗଉଡ଼ ସାହିର ଲୋକେ କେଇଥର ଖୋଜ ଉଣ୍ଡିଲେଣି । କିନ୍ତୁ ଅଳପକେ ଗଜୁ ଖସିଯାଇଚି । ତେଣୁ ଗଜୁ ଭାବୁ-ଥିଲା—ହୁଏତ ଦିନେ ଗୁମା ଗଉଡ଼ର ଭାଲୁ ଗ୍ରେଣ୍ଟରେ ସେ ଦ'ଗଡ଼ ହେଇଯିବ କିମ୍ବା ଗୁମାର ଦ' ଦ'ଟା ଜୁଆନ୍ ପୁଅଙ୍କ ଠେଙ୍ଗାମାଡ଼ରେ ସେ ଚିରଦିନ ଲାଗି ଆଖି ବୁଜଦେବ ! ସେତେବେଳେ ଗଧା ପେଟ ବିକଳରେ ଆଉ କା'ଦରେ ଦୁଖିଆ ହେଇଯିବ !! ଯଦି ତା' କୋଡ଼ରେ ସେତେବେଳେ ପିଲାଟିଏ ଥିବ, ସେ ନାରଣାର ସାତମାସର ଝିଅ ଛୁଆଟା ପରି ସଁ ସିଁ କଚଡ଼ା ଖାଇ ଦ' ଧରି କାନ୍ଦିବ !!!

ଏଇ ଘଟଣାକୁ ଗଜୁ ଗଧା ଆଗରେ କହିବା ଲାଗି କେତେଦିନରୁ ଭାବି-ଲାଣି, କିନ୍ତୁ ସେ ପ୍ରତିଦିନ ଗଧାର ପ୍ରେମ ଓ ସୁହାଗରେ ଭୁଲି ଯାଉଥିଲା । କିନ୍ତୁ ଆଜି ସେଇ ବୁକୁଫଟା ବେଦନାଟିକୁ ସେ ଗଧା ଆଗରେ ବନେଇ ଚୁନେଇ କହିଦେବା ଲାଗି ଗୁହୁଁଥିଲା । ତେଣୁ ସେ ଟିକିଏ ଥମିଯାଇ କହିଲା—"ତୁ କ'ଣ ଜାଣିନୁ—ମୋ' ମୁଣ୍ଡ ଉପରେ କାଳଛଞ୍ଚାଣ ଘୂରି ବୁଲୁଚି..." !

Digitized by srujanika@gmail.com

"ତା' ବୋଲି କ'ଣ ମରଦ ପୁଅ ହୋଇ ମାଇପ ଶାଢ଼ୀ କାନିତଳେ ମୁହଁଛପା ଦେଇ ରୁହନ୍ତ ନା' କ'ଣ ? ଯା' ହବାର ଥିବ, ହବ..." !

"ନାଃ...ଗଧା..." । କହିଲା ରାଜୁ—ମୁଁ ମରିବାକୁ ଡରେନି, କିନ୍ତୁ..." ।

"ପୁଣି କିନ୍ତୁ ଫିନ୍ତୁ କ'ଣ' ?

"ମୋ' ଅନ୍ଲେ...ତୁ ତ ପୁଣି ଆଉ କା' ସାଥିରେ ଦୁଖିଅ ହେଇଯିବୁ... । ସେତେବେଳେ ତୋ'ର ଯଦି କାଖରେ କି କୋଳରେ ପିଲାଥାଏ..."! ଶାଳଗଛ ପରି ପାଞ୍ଚହାତିଆ ମର୍ଦ ରାଜୁର ଆଖିରୁ ଟପ୍ ଟପ୍ ହୋଇ ଦି'ଟୋପା ଲୁହ ଗଡ଼ି ପଡ଼ିଲା ।

ଗଧା ରାତିର କଟି କଟି ଅନ୍ଧାର ମଧରେ ରାଜୁ ଆଖିର ଲୁହଧାରକୁ ପୋଛିଦେଇ କହିଲା—"ଏତିକବେଳେ ତୁମର ଟବୁକଥା ମନେପଡ଼େ..." । ଗଧା ତା' ଗ୍ରୁଡିର କୋହକୁ କୌଣସି ମତେ ରୁପିଧରି କହିଲା—"ଯଦିବା ସେମିତି ଅଘଟଣ ଘଟେ, ତେବେ ମୁଁ କାଇଁକି ତୁମ ଛୁଆକୁ ଦେଇ ବାରଦୁଆର ଶୁଣ୍ଟି ପିଣ୍ଡା ହେବି ଯେ, ଘରେ ଶାଶୁ ଶଶୁର...ତା'ପରେ ପୁଣି ଖେତବା ହସିଆର୍ ହେଇଯାଇ ନଥିବ କି ? ମୁଁ କାଇଁକି ଏ'ଘରୁ ଗୋଡକାଢି ଯିବି" ?

ତା'ପରେ ଗଧା ହସି ହସି କହିଲା—"ନଇଲେ...ଆଜକଠୁଁ କହିଥା; ଯଦି ମୁଁ ଯାଏଁ, ତେବେ ତୁମ ଛୁଆକୁ କାହା ରାଖରେ ସଅଁପି ଦେଇଯିବି... ! ତୁମେ ରାଧାକୁ ଆଜଯାଏ ଚହ୍ନି ନ..." ।

"ମୁଁ ଜାଣିଚି ରାଧା, ତୁ ଖିଆଲଆରେ ଏମିତି କହୁଚୁ, ତଥାପି ତୁ ଯଦି ମୋ' ଅନ୍ଲେ ଆଉ କାହାଘରେ ଦୁଖିଅ ହେଇଯାଉ, ସେଥିରେ ତୋ'ର ଦୋଷ କ'ଣ ? ଆମ ଜାତିରେ ତ ଘରେ ଘରେ ଏ' ଘଟଣା ଘଟୁଚି..." ରାଜୁ ପୁଣି ଥରେ ଛୁଆପିଲାଙ୍କ ପରି କାନ୍ଦି ଉଠିଲା ।

ଗଧା ରାଜୁର ମୁଣ୍ଡଟିକୁ ନିଜ କୋଳକୁ ଟାଣି ଆଣି ତା' ଆଖିରୁ ଲୁହ ଶାଢ଼ୀକାନିରେ ପୋଛି ଦେଇ କହିଲା—"ସତରେ ତୁମେ କ'ଣ ଭାବଚ—ତୁମର ଯଦି କିଛି ହୋଇଯାଏ, ମୁଁ ଆଉ କା' ସାଥିରେ ଦୁଖିଅ ହେଇଯିବି" ?

ରାଜୁ ପୁଣି ଥରେ ଆଖିରୁ ଲୁହର ଝର ଝରାଇ ଦେଇ କହିଲା—"ଅନ୍ୟ-ମାନେ ଯେପରି କରୁଚନ୍ତି; ତୁ ଯଦି ସେଇଆ କରୁ, ତେବେ ନୂଆ କଥାଟେ କଅଣ ହୋଇଯିବ ଯେ" ?

Digitized by srujanika@gmail.com

"ଅନ୍ୟମାନଙ୍କ କଥାରୁ ମୋର କ'ଣ ଯାଏ ଆସେ ? ମୁଁ ତ ମୋ' କଥା କହୁଛି..." ।

"କାହିଁକି ? କଣ୍ଟା ବଅସର ଅସରନ୍ତି ଦିନଗୁଡ଼ିକ ତୋ'ର କମିତି କଟିବ" ?

"ବ୍ରାହ୍ମଣ ଘରେ ତ ପୁଣି ବିଧବା ସ୍ତ୍ରୀ ଲୋକମାନେ ସାରା ଜୀବନ ସେମିତି ରହୁଛନ୍ତି" ?

"ତାଙ୍କ ଜାତି କଥା ନଆରା...! କିନ୍ତୁ ଆମ ଜାତିରେ ଛ..." ।

ରାଜୁର କଥା ଶୁଣି ରାଧା ଟିକିଏ ନୀରବ ରହିବା ପରେ କଥାର ଧାରା ବଦଳାଇ ଦେଇ କହିଲା—"ମୁଁ ମରିଗଲେ, ତୁମେ ତ ପୁଣି ଆଉ ଗୋଟିଏ ବିଭା ହୋଇ ଘର ସଂସାର କରିବ"...?

ରାଜୁ ମନେ ମନେ ରାଗି ଯାଇ ରାଧାପାଖରୁ ଦୂଇଯାଇ କହିଲା—"ତା'-ହେଲେ ତୁ ମୋତେ ପରୀକ୍ଷା କରିବାକୁ ବସିଛୁ" ?

"ନାଃ...ନା...ମୁଁ ସେମିତି କହୁଥିଲି ନା..." ।

"ରାଧା, ତୁ ମୋତେ ବିଶ୍ୱାସ କର, ତୋ' ବିନା ମୁଁ ଆଦୌ ବଞ୍ଚି ପାରିବିନି..." ।

"ହଃ...ସେମିତି ସମସ୍ତେ କହନ୍ତି..." !

"ସମସ୍ତଙ୍କ କଥା ଛାଡ଼...ମୋ' କଥା ମୁଁ କହୁଛି" !

"ଏ'ସବୁ କଥାରେ କ'ଣ ଅଛି ? ସେ ବେଳକାଳ ଆସୁ, ଦେଖିବା, ତୁମେ କେମିତି ମୋ' ବିନା ରହି ପାରିବ ନାହିଁ..." !

"ତୁ ମୋ' କଥା ଖେଳଘର ବୋଲି ଭାବୁଚୁ" ?

"ମୁଁ ଖେଳଘର ବୋଲି ଭାବୁନାହିଁ ହେ...! ଯା' ବି ହେଲେ ମୁଁ ତୁମ ଘରଛାଡ଼ି ଆଉ କୁଆଡ଼େ ଯିବି ନାହିଁ ! ତୁମେ ଏତିକି ମନେ ରଖ" !

"ନାଃ...ରାଧା...! ମୁଁ ସେ କଥା କହୁନାହିଁ । ଆମର କ'ଣ ଜମିଦାରୀ ଅଛି ନା; କଳ କାରଖାନା ଅଛି ? ଖଟିବା ଲୋକଟା ଚାଲିଗଲେ ଘରର ଗୁଜୁରାଣ ମେଣ୍ଟିବ କିପରି ? ସେପରି ଅବସ୍ଥାରେ..." ।

ରାଜୁର କଥା ଶୁଣି ରାଧାର କଣ୍ଠ ରୁଦ୍ଧ ଆସିଲା । ସେ ଥର୍‌ଥର୍ କଣ୍ଠରେ କହିଲା—"ଅନ୍ୟର ଭିକକୁ ହାତପାତି ବଞ୍ଚିବା ବାଲି ରାଧା ନୁହେ । ଭଗବାନ୍

Digitized by srujanika@gmail.com

ରାଧାକୁ ହାତଗୋଡ଼ ଦେଇଚନ୍ତି । ସେ ତା'ର ଉପରେ ଭରସା ରଖି ଚାଲି ଶିଖିଚି···ଚାଲି ପାରିବ ନି···" ।

ଏ'ପର୍ଯ୍ୟନ୍ତ ରାଜୁର କଥା ଗୁଡ଼ାକୁ ଖିଆଲରେ ଉଡ଼େଇ ଦେଇ, ତାକୁ ବୋଧ ଦେଉଥିବା ରାଧା ହଠାତ୍ ଝାଉଁଳି ପଡ଼ିଲା । ରାଜୁର ଆଖିରୁ ଲୁହଧାର ପୋଛୁ ଦେଉଥିବା ରାଧା ନିଜେ କଇଁ କଇଁ ହୋଇ କାନ୍ଦି ଉଠିଲା । ରାଜୁ ଯେତେ ବୁଝାଇଲେ ସୁଦ୍ଧା ତା' ଆଖିରୁ ଲୁହଧାର ବନ୍ଦ ହେଲାନାହିଁ । ଶେଷକୁ ସେ ଧଇକଇ ହୋଇ କହିଲା—"ସତରେ କ'ଣ ମୋତେ ଛାଡ଼ିଦେଇ ଚାଲିଯିବ···? ଏତେକ ନିର୍ଦ୍ଦୟ ତୁମେ !??"

ରାଜୁ ସେଇ କଥା ଗୁଡ଼ିକ ଭାବି ଭାବି ମନକୁ ମନ କହିହେଲା—"ସେଦିନ ମୁଁ କ'ଣ କହିଥିଲି, ଆଜି କ'ଣ କରିବାକୁ ଯାଉଚି, ଭାଗ୍ୟକ୍ରମରେ ରାଧା ବାପ ଘରକୁ ଚାଲି ଯାଇଚି···ମୁଁ ପୁଣି ଆଜି ଗୋଟେ ବା'ହେବାକୁ ବସିଚି···" ।

—o—

॥ ଚଉଦ ॥

ରାଧା ଚାଲିଯିବାର ମାସେ ନ ପୂରୁଣୁ ଦେବା ରାଜୁର ବିବାହ ଲାଗି ଚେଷ୍ଟା ଚଳାଇଲା । କିନ୍ତୁ ହାତରେ ପଇସା ପତ୍ର ନଥିବାରୁ, ସେ ଟିକିଏ ପଛେଇ ଯାଇ ଭାବିଲା—'ପଇସା ପତ୍ର ଯୋଗାଡ଼ ହୋଇଗଲେ ଝିଅ କ'ଣ ଅଭାବ···' ?

ଦେବା ସକାଳୁ ନିତ୍ୟକର୍ମ ବଢ଼ାଇ ଦେଇ, ଚାଲିଲା—ହରିରାମ ମାହାଜନ ଘରକୁ । ଗାଆଁ ସାରାର ଲୋକଙ୍କୁ ଧାର ଉଧାର ଦେଇଥାଏ—ହରିରାମ । ସମସ୍ତଙ୍କ ଘରର ଗହଣାପତ୍ର, ବେଲକଂସା ବିଲ ବାଡ଼ିର ବନ୍ଧକ—କବଲା ଯାକ ତା'ରି ଘରେ ଥୁଆ ! କିନ୍ତୁ ଦିନକୁ ଦିନ ହରିରାମର ନିୟତ ବଦଳି ଯାଉଛି । ଆଗ ପରି ସେ ଆଉ ଲୋକମାନଙ୍କ ସହିତ ଭଲ ବ୍ୟବହାର କରୁନଥିବାର ଜାଣିଲେ ସୁଦ୍ଧା ଦେବା ଭରସି କରି ହରିରାମ ଘରକୁ ଯିବାଲାଗି ପଛାଇଲା ନାହିଁ । କାରଣ, ସେ ବେଶ୍ ଜାଣେ, ହରିରାମ ତାକୁ ଖୁବ୍ ଭଲପାଏ; ସମୟ ଅସମୟରେ ସେ ତା' ଆଗରେ ହାତପାତି ନିରାଶ ହୋଇନାହିଁ । ବରଷ ସାରାର କରଜ ଦାମ ସୁଧ ସହିତ ଅମଳ ବେଳେ ଦେବା ସୁଝି ଦେଉଥିବାରୁ, ହରିରାମ କେତେବେଳେ ହେଲେ ଖାଲି ହାତରେ ତାକୁ ଫେରାଏ ନାହିଁ ।

କିନ୍ତୁ ସେଦିନ ଦେବା ଯାଇ ହରିରାମ ଘରେ ପହଞ୍ଚିବା ମାତ୍ରେ, ତା'ର ବ୍ୟବହାର ଦେଖି ତାକୁ କେମିତି କେମିତି ଲାଗିଲା । ସେ ଦେବା ସହିତ ପଦେ ହେଲେ କଥାବାର୍ତ୍ତା ନ କରି ନିଜ ଖାତା ଖୋଲି ହିସାବ ପତ୍ରରେ ଲାଗିଗଲା ।

Digitized by srujanika@gmail.com

ଦେବା ଶେଷକୁ ଆଉ କିଛି ନ ପାଇ, ମୁହଁ ଖୋଲି ଜଣାଇ ଦେଲା ନିଜର ଓଜର୍ ଆପତ୍ତି । କିନ୍ତୁ ହରିରାମ ତା' କଥା ନଶୁଣିଲା ପରି କହିଲା—"ମୋ' ପାଖରେ ଟଙ୍କାଗଛ ଫଳୁନି ଦେବା, ମୁଁ ଏବେ ଅଧିକାଏ ବି ତୋତେ ଦେଇ ପାରିବିନି ! ତୁ ଅନ୍ୟବାଟ ଧର···! ବେପାର ପତ୍ରରେ ଏଇଲେ ଯେଉଁ ଅବସ୍ଥା, ସେଥିରେ ମୋ' ଅବସ୍ଥା ମୋତେ ଅସମ୍ଭାଳ, ମୁଁ ଆଉ କା' କଥା ବୁଝିବି କୁଆଡ଼ୁ ? ସମସ୍ତେ ତ ଖାଲି ବୋହି ନେବାକୁ ବସିଚନ୍ତି, ଦଉଚି କିଏ" ?

ଦେବା ଭୂଷୁଁାର ଗରଜ ପଡ଼ିଥିବାରୁ, ସେ ନାଲଠା ମୁହଁରେ ଦାନ୍ତ ନିଗୁଡ଼ି କହିଲା—"ମହାଜନେ, ମୁଁ କ'ଣ କେବେ ହେଲେ ତୁମ କଥାରୁ ବାହାର ଯାଇଚି । ଯାହା ଯେତେବେଳେ ହିସାବ ଦେଇଚି । କଡ଼ାଗଣ୍ଡା ହିସାବ କରି ତୁମ ଋଣ ସୁଝି ଦେଇଚି । ତା'ପରେ···" ଟିକିଏ ରହିଯାଇ କହିଲା ଦେବା—"ତୁମେ ଯେତେବେଳେ ଯା' କହିଚ, ମୁଁ ତୁମର କେଉଁ କଥା ତଳେ ପକାଇ ଦେଇଚି, କହିଲ" ?

ଯେତେ କହିଲେ ବି ହରିରାମ ଦେବା ଭୁଷୁଁା କଥାକୁ ଖଲେ ହେଲେ କାନ ଦେଲାନାହିଁ । ଶେଷକୁ ବିଚରା ଦେବା କାନମୁଣ୍ଡ ଆଉଁଷି ହରିରାମ ଦୋକାନରୁ ମୁହଁ ଓଲାଇ ଘରକୁ ଫେରି ଆସିଲା ।

ହଠାତ୍ ଦେବା କ'ଣ କରିବ ବୋଲି ତାକୁ ବୁଦ୍ଧି ଦିଶିଲା ନାହିଁ । ତା'ର ଧାରଣା ଥିଲା—ଯା'ହେଲେ ବି ହରିରାମ ମାହାଜନ ତାକୁ ଖାଲି ହାତରେ ଫେରେଇ ଦେବନାହିଁ । କିନ୍ତୁ ତା' ଆଶାରେ ତୁଷାରପାତ ହେବାର ଦେଖି, ଦେବା ନିତାନ୍ତ ବିଚଳିତ ହୋଇ ଉଠିଲା । ସେ କିଛିକ୍ଷଣ ଗୁମ୍ ମାରି ବସିବା ପରେ, ମନକୁ ଦୃଢ଼ କରି ଭାବିଲା—'ହକ୍ ଦଉଥିଲା ନଉଥିଲା ! ପାଞ୍ଚ ଯାଗରେ ପଚିଶ ତଣ୍ଟିକାଟି ନଉଥିଲା···; ତା'ଉପରେ ପୁଣି ବେଠି ବେଗାରି ରହିଚି···! ଏ' ଗାଆଁରେ ସିନା ଆଉ କେହି ଥିଲାବାଲା ନାହାନ୍ତି, ନହି ସେ ପାରି ଆହ୍ଲାଦ-ପୁରକୁ ଗଲେ ସିରାଜ ମିଆଁ ପାଖରୁ ଟଙ୍କା ମିଳିଯିବ···! ହରିରାମ ମାହାଜନ ବିଶୁଆସରେ ହାତ ଉଧାରି ଦଉଥିଲା, ନହେଲେ...ସିରାଜମିଆଁ ପାଖରେ ଜମି-ବନ୍ଧା ଦେବାକୁ ପଡ଼ିବ' ।

ଆହ୍ଲାଦପୁରର ସିରାଜମିଆଁ କାଳପୁଣି ଗଧ ଉପରେ ଲଦି ଲୁଣ ବିକୁଥିଲା—ଗାଆଁ ଗାଆଁ ବୁଲି । ଚମ୍ପୁଆ, କରଞ୍ଜିଆରୁ ଲୁଣ କିଣିଆଣି ସୁକୁରୁଳୀ ବଜାରରେ ଲୁଣ ବେପାର କରୁଥିବା ସିରାଜ ମିଆଁ ଗତାଗତ ଯୁଦ୍ଧ ବଜାରରେ

Digitized by srujanika@gmail.com

ବଡ଼ ଲୋକ ହୋଇ ଯାଇଛନ୍ତି । କେହି କେହି କହନ୍ତି—କିଛି ଚୋରାମାଲ ହାତରେ ପଡ଼ିଯାଇଛି, ଆଉ କେହି କହନ୍ତି—ସିରାଜ ମିଆଁ ଯୁଦ୍ଧ ମଧ୍ୟରେ ଗୋଟିଏ ଡକାୟତ ଦଳ ସାଥିରେ ସଲସୁତୁରା ହୋଇ, ଲୁଣ୍ଠିଆ ଧନରେ ବଡ଼ ଲୋକ ସାଜି ଯାଇଛି । ଆଉ କେହି କେହି କହୁଛନ୍ତି—ଯୁଦ୍ଧ ବଜାରରେ କେଉଁଠୁ ସରକାରୀ ମାଲ କିଛି ହାତ ସଫେଇ କରିଛି । କିନ୍ତୁ ସିରାଜ ମିଆଁଙ୍କୁ କେହି ତା'ର ରାତା-ରାତି ଧନୀ ହୋଇଥିବାର ରହସ୍ୟ ସମ୍ପର୍କରେ ପଚାରିଲେ—ସେ ଉପରକୁ ହାତ ଉଠାଇ କହୁଛି—"ଆଲ୍ଲା ଜବ୍ ଦେତା ହୈ, ଛପର ଫାଡ଼୍ କର ଦେତାହୈ..." ।

ଯା'ହେଉ, ପାଞ୍ଚ ସାତ ବରଷ ମଧ୍ୟରେ ସିରାଜ ମିଆଁ 'ମିଆଁ ସାହେବ' ବନି ଯାଇଛି । ସକାଳୁ ଉଠିଲେ ପାଞ୍ଚ ସାତ ଲୋକ ତା' ଦୁଆରେ ହାତ ବାନ୍ଧି ଛିଡ଼ା ହୋଇ ରହୁଛନ୍ତି—କରଜ ଦାମ ପାଇଁ । କିନ୍ତୁ ସିରାଜ ମିଆଁ ବିନା ଜମି ବନ୍ଧକରେ କାହାରିକୁ ଅଧଲାଏ ସୁଦ୍ଧା ହାତ ଲଗେଇ ଦଉନି ।

ଦେବା ଆହିପୁରର ସିରାଜ ମିଆଁ ଘରକୁ ଯିବାଲାଗି ମନେ ମନେ ସ୍ଥିର କରି, ବର୍ ବର୍ ହୋଇ କହିଲା—'କେଳ ପଡ଼ିଥିବାବେଳେ ଭଗବାନ୍ ଗଧ ପାଦ ଧରିଥିଲେ, ମୁଁ ସ୍ଥୁର ବା' କି ଲୋକ କି' ?

ହରିଗ୍ରାମର ସୁଧ ଅପେକ୍ଷା ସିରାଜ ମିଆଁର ସୁଧଥିଲା—ଟଙ୍କାଏ ଟାଣ । ତା' ପୁଣି ଶହ୍ଲାପରଚେ ନଥିଲେ ସେ ଶୁଣିବାବାଲା ନୁହେ । ତେଣୁ ଗାଆଁ ମୁଖିଆ ଭଗବତ ମୁଦୁଲି ପାଖକୁ ଦେବା ଯାଇ ସିରାଜ ମିଆଁଠାରୁ ଟଙ୍କା କରଜ ଆଣିବା ଲାଗି ମନେ ମନେ ସ୍ଥିର କରିନେଲା ।

ଯୁଦ୍ଧ ମଧ୍ୟରେ ବାପାଙ୍କର ତତବର୍ ଶୁଣି ରାଜୁ ମୁଣ୍ଡରେ ବଜ ଛିଡ଼ି-ପଡ଼ିଲା ପରି ବୋଧ ହେଲା । ସେ କ'ଣ କରିବ, ଆଦୌ କିଛି ବୁଝି ପାରିଲା ନାହିଁ । ସେ ଭରସି କରି ବାପାଙ୍କ ମୁହଁକୁ ଚାହିଁ ପାରିଲା ନାହିଁ । ଦେବା ରାଜୁର ମୁହଁକୁ ଚାହିଁ ତା' ମନୋଭାବ ବେଶ୍ ବୁଝିପାରିଲେ ବି ନିଜ ଜିଦ୍‌ରେ ଅଟଳ ରହି କନ୍ୟା ଯୋଗାଡ଼ରେ ଲାଗି ରହିଲା । ରାଜୁ ଅବଶ୍ୟ କେତେ ଥର ଭାବିଥିଲା—ବାପାଙ୍କୁ ବୁଝାଇ ଦେବା ଲାଗି; ମାଆର ଉଗ୍ର ରୂପ ଦେଖି ସେ କୌଣସି ମତେ ସାହସ କରି ପାରିଲା ନାହିଁ । ଦିନେ ବୁଢ଼ୀ ରାଜୁକୁ ଶୁଣେଇ ଶୁଣେଇ କହିଲା—"ଦେଖ୍, ଯଦି ଏଥର ଗଧ ସୁନାକୁଣ୍ଡରେ ବୁଡ଼ିକରି ଆସେ, ମୁଁ ତାକୁ ଘରେ ପୂରାଇ ଦେବି ନାହିଁ" !

Digitized by srujanika@gmail.com

ତଥାପି ବୁଢ଼ୀ ବେଶ୍ ବୁଝିଥିଲା ଯେ, ଗଜୁ କୌଣସି ମତେ ନୂଆ ହୋଇ ଘରକୁ ଆସୁଥିବା ବହୂ ସାଥିରେ ଦିନେହେଲେ ଚଳିପାରିବ ନାହିଁ । ତଥାପି ବୁଢ଼ାର ଆୟୋଜନକୁ ବୁଢ଼ୀ ବିରୋଧ କଲା ନାହିଁ । ଗଜୁ ବାପାମାଆଙ୍କ ଝଞ୍ଜଟରୁ ଉଦ୍ଧାର ପାଇବା ଲାଗି ଯେତେ ଚେଷ୍ଟା କଲେ ମଧ୍ୟ ଆଦୌ ମୁହଁ ଖୋଲି କିଛି କହି ପାରିଲା ନାହିଁ । ଶେଷକୁ ସେ ଗାଆଁର ଜଣେ ଦି'ଜଣଙ୍କ ଆଗରେ ତା' ମନକଥା ଖୋଲି କହିଲା । କିନ୍ତୁ ସେମାନେ ଗଜୁକୁ 'ମାଇଚିଆ', 'ମାଇପ-ବୋଲକରା' ବୋଲି କହି ତାକୁ ଆଉ ଥରେ ବାହା ହୋଇ ଯିବାଲାଗି ବୁଝାଇଲେ, ଶେଷକୁ ସେ ଭାବିଲା—ଆଜିକାଲି ଗାଆଁର ଚୌକିଦାର ରଣିଆ ସହିତ ତା' ବାପାର ଭଲ ସମ୍ପର୍କ ଅଛି; ତାକୁ ହିଁ କହିଲେ ସେ ବାପାକୁ ବୁଝାଇ ଦେବ । ସେ ଏପରି କେତେ କ'ଣ ଆକାଶ ପାତାଳ ଭାବି ଧୀରେ ଧୀରେ ଯାଇ ରଣିଆ ଚୌକିଦାର ଘରେ ପହଞ୍ଚିଗଲା । ଗଜୁ ଦୁଆର ମୁହଁରେ ପହଞ୍ଚିଯାଇ ଶୁଣିଲା—ରଣିଆ ତା' ସ୍ତ୍ରୀ ସହିତ ତାଙ୍କର ଘର ବିଷୟରେ କ'ଣ କଥାବାର୍ତ୍ତା କରୁଛି । ସେ ଟିକିଏ ଛିଡ଼ା ହୋଇ ଧାଇ କାନ ଡେରିଲା । ରଣିଆ ତା' ସ୍ତ୍ରୀକୁ କହୁଛି—'ଓଲିଆ ଗାଈ, ଦୁର୍ଦ୍ଦଣ୍ଡ ମାଈ, ବୁଝିସୁଝି କରି ନେବୁ ରେ ଭାଇ' ।

ରଣିଆର ସ୍ତ୍ରୀ ମଣି ହାତ ହଲାଇ ମୁହଁ ଝିଙ୍କାଉ଼ କହୁଛି—"ତୁମ ଭାଗ୍ୟ ତେଜ୍ ଯେ, ତୁମେ ମୋ'ର ପରି ଗୋଟିଏ ସାଧାସିଧା ସ୍ତ୍ରୀ ପାଇଚ ! ଗଧା ପରି ମାଇକନା ମିଳିଥିଲେ···" ।

ରଣିଆ ଗର୍ଜି ଉଠି କହିଲେ—"ହିଁ···ମିଁ···କେତେ ଦେଖିଚି । ଗଜୁଆଟା ଗୋଟେ ମାଇଚିଆ, ନଇଲେ ତା' ମାଇକିନାଟା ମୁହଁରେ ଚୂନକାଳି ବୋଳି ଦେଇ, ଗାଆଁ ହାଣ୍ଡିରେ ଉଚ୍ ଉଚ୍ ହୋଇ ବୁଲି ଯାଇ ଥାଆନ୍ତା ? ଗଧା କ'ଣ, ତା' ବୋପା ଜବଦ୍ ହେଇ ଥାଆନ୍ତା । ସେ ଭଣ୍ଡୁଆ ପରି ଭୂତଟା ହାତରେ ପଡ଼ିଗଲା, ମୋ' ହାବୁଡ଼ରେ ପଡ଼ିଥିଲେ ତା' ପଙ୍ଖା ଛଡ଼େଇ ଦେଇଥା'ନ୍ତି···" ।

"ହେଲା ଯେ···", କହିଲା ରଣିଆ ସ୍ତ୍ରୀ ମଣି—"ଗଜୁବାପା ଏଡ଼େ ବେଗି ବା'ଘର ଯୋଗାଡ଼ କରିବାଟା ଠିକ୍ ନୁହେଁ ! ଆଉ କିଛି ଦିନ ସବୁର୍ କରି-ଥାଆନ୍ତେ, କଉଁ ପାଣି କେଣିକି ଯାଉଚି ଦେଖି ଥାଆନ୍ତେ, ତା'ପରେ ଯିନା ଯାଇ ଯା' କରିଥାଆନ୍ତେ···" !

"ନା···ନାଃ··· ଠିକ୍ କରିଚି ଦେବା ଭାଇ·· । ଯେଉଁ ମଗଜରେ ସେ ଦୁରୁଦଣ୍ଡୀଟା ପଳାଇ ଯାଇଚି; ପଟେ ପାଇବ···" ।

Digitized by srujanika@gmail.com

ରାଜୁ ଆଉ ଅପେକ୍ଷା ନକରି ଆଡୁଆଳରୁ ବାହାରି ରଣିଆର ଅଗଣା ଭିତରକୁ ଚାଲିଗଲା । ତାକୁ ଦେଖି ପକାଇ କହିଲା ମଣି—"ହେଇ ତ ରାଜୁଆ ଆସିଲାଣି···" ।

ରାଜୁ ରଣିଆ ପାଖକୁ ଘୁଞ୍ଚିଯାଇ କହିଲା—"ଟିକଏ ମୋ' ସାଥିରେ ଆସିବୁ ? ତୋତେ କେତୋଟି କଥା ପଚାରିବି" !

ରାଜୁ ସାଥିରେ ରଣିଆ ବାହାରକୁ ଚାଲିଗଲା । ସେ ଦୁହେଁ ରଣିଆ ଘର ଆଗରେ ଥିବା ଆମ୍ବଗଛ ମୂଳରେ ବସି ପଡ଼ିଲେ । ରାଜୁ ପ୍ରଥମେ କଥା ଆରମ୍ଭ କରି କହିଲା—"ରଣିଆ ଦା', ମୁଁ ତୋତେ ଗୋଟିଏ କଥା ପଚାରିବାକୁ ଆସିଥିଲି···" ।

"କ'ଣ କହୁଚୁ···" ।

"ସେଇ କଥା, ଏଇଲେ ଭାଉଜ କହୁ ନଥିଲେ ··" ?

"କ'ଣ ତୋ' ବା'ଘର କଥା ? ଦେବା ଭାଇ ତ ସେଦିନ କହୁଥିଲେ; ସିରାଜ ମିଆଁ ଠାରୁ ସେ ଟଙ୍କା ଆଣି କନ୍ୟା ଯୋଗାଡ଼ କରି ସାରିଲେଣି । ମୁଁ ପହିଲିଦିନ ତୋ' ବାପାର ମନବୁଝିବା ପାଇଁ ପଚାରିଲି—ଯଦି ରାଜୁଆ ଏ' ବା'ଘରରେ ରାଜି ନହୁଏ·· ? ମୋ' ପାଟିରୁ ଏ'ପଦକ ବାହାରିଲା ମାତ୍ରେ ତୋ ବାପା ଗର୍ଜି ଉଠି କହିଲା—ଯଦି ରାଜୁଆ ମୋ' ମତ ଅନୁସାରେ ବାହା ନ ହୁଏ, ତେବେ ସେ ତା' ମାଇପକୁ ନେଇ ମୋ'ଘରୁ ବାହାରି ଯାଇ ଆଉ କେଉଁଠି ରହିବ ପଛକେ, ମୋ'ଘରେ ରହିପାରିବନି ! ମୁଁ ଭାବିବି—ମୋ' ବଡ଼ ପୁଅ ମରିଯାଇଛି···" ।

ରଣିଆର ମୁହଁରୁ ଏତକ ଶୁଣିବା ମାତ୍ରେ ରାଜୁର ମୁହଁଟା କଳାକାଠ ପଡ଼ିଗଲା । ସେ କେବଳ ଜଳଜଳ ହୋଇ କିଛି ସମୟ ରଣିଆ ମୁହଁକୁ ଚାହିଁ ରହିଲା ।

ଶରଟା ଠିକ୍ ଯାଗାରେ ବାଜି ମରମକୁ ଭେଦି ଯାଇଛି ବୋଲି ମନେ କରି ପୁଣି କହିଲା ରଣିଆ—"ତୁ ଯାହା କହ ପଛକେ ରାଜୁ, ତୋ' ସ୍ତ୍ରୀ ଭଲ କାମ କଲାନି । ତୁ ମୋ' କଥାକୁ ଖରାପ ଭାବିପାରୁ; କିନ୍ତୁ ଯା'ହେଲେ ବି ମଣିଷ କ'ଣ ସୁନାରେ ତିଆରି ଛୁରିଟାକୁ ଜାଣିଶୁଣି ପେଟରେ ଭୁଷିଦେବ ? ଗଧା ତୋତେ ଗୋଇଠା ମାରିବ, ତୁ ତା' ଗୋଡ଼ ଧରି ପଡ଼ିଥିବୁ ? ରାଜୁ, ଆମ ଜାତିରେ ସେ କଥା ହୋଇ ପାରିବ ନାହିଁ । ମୁଁ ତତେ କେତେଥର କହିଛି—ସ୍ତ୍ରୀମାନଙ୍କୁ ଏତେ

Digitized by srujanika@gmail.com

ମୁହଁ ଦେବା ଭଲ ନୁହେଁ ! ଘୋଡ଼ାକୁ ଯେମିତି ଲଗାମ୍ ଲଗାଇ ଖାଟ୍‌ରେ ରଖା-ଯାଏ, ସେଇମିତି ସ୍ତ୍ରୀକୁ ହାତମୁଠାରେ ରଖିଥିବ ! ଟିକଏ ଲଗାମଛଡ଼ା କଲ-ଦେଲେ—ଏଇମିତି ମୁଣ୍ଡ ଚଳକୁ ହେବ···! ତୁ ଯଦି ଭାବୁଥାଉ—ତୋ' ସ୍ତ୍ରୀ ଖଣ୍ଡିଏ ହାଗ, ତୋ' ଇଚ୍ଛା···ଆମକୁ ଏ'କଥା ସୁନ୍ଦର ଜଣାପଡ଼ୁନ । ସବୁକଥାର ଗୋଟିଏ ସୀମା ଅଛି । କଥାଟା ଦାଣ୍ଡ ସୁନ୍ଦ୍ରିଆ ନହେଲେ, ନିଜ ଜାତିକୁଳର ମାନ ମହତ ପଦାରେ ପଡ଼ିବ..." ।

ଖଣ୍ଡିଆ ଭୂତ ପଣ ଅଦାଧୂନିଆ ଭାବରେ କହି ଚାଲିଥିବା ରଣିଆ ପାଟିରୁ କଥା ଛଡ଼ାଇ ନେଇ କହିଲା ରାଜୁ—"ତୁ ମୋ କଥା ଶୁଣିବୁ ନା, ତୁଇ କେବଳ କହି ଚାଲିଥିବୁ" ?

"ହଉ···; କ'ଣ କଉଚ୍ କହ···" ?

"ମୁଁ କ'ଣ କଉଥିଲି କି, ଏ' ବା'ଘରଟା କିଛିଦିନ ଗଡ଼େଇ ଦେଲେ ଚଳନ୍ତା ନି···" ?

"ତା' ମାନେ···? ତୁ ପୁଣି ସେ ହେଠ୍‌ନଜରି ଗଧାକୁ ତା' ଗୋଡ଼ ହାତ ଧରି ଘରକୁ ଆଣିବୁ ବୋଲି ଚାହୁଁଚୁ କି" ?

"ନାଁ···ମୁଁ ସେ କଥା ଚାହୁଁନି···" ।

"ଆଉ ଚାହୁଁଚୁ କ'ଣ ନିଆଁ ନା ପାଉଁଶ ? ଯଦି ତାକୁ ଘରକୁ ନ ଆଣିବୁ, ତେବେ ଆଉ ଥରେ ବା' ହେଇଗଲେ କ୍ଷତି କ'ଣ ? ତୋ' କଥାରୁ ମୁଁ କିଛି ବୁଝିପାରୁନି···" !

"କିନ୍ତୁ···" ! ରାଜୁ ଆଉ କିଛି କହିପାରିଲା ନାହିଁ । ତାକୁ ନୀରବ ହୋଇଯାଇଥିବାର ଲକ୍ଷ୍ୟକରି କହିଲା ରଣିଆ—

"ତୁ ଆଉ କିନ୍ତୁ ଫିନ୍ତୁ କହି ମୋତେ ଭୁଲା ନା । ଆରେ ରାଜୁ, ମୁଁ ପରା ଉଡ଼ିଗଲା ଚଢ଼େଇର ପର ଗଣିଲାବାଲା ! ଆମ୍ବ ଖାଇଲା ପୁଅକୁ ତୁ ଟାକୁଆରେ ଭଣ୍ଡଉଚୁ କ'ଣ ? ଅସଲ କଥା—ତୁ ମୋତେ ଆଉଥରେ ବାହା ହେବାକୁ ଚାହୁଁନୁ··· ! କହ···ମୋ' କଥା ସତ କି ମିଛ···" ?

ରାଜୁ ମୁହଁ ନଖୋଲି କେବଳ ମୁଣ୍ଡଟି ହଲାଇଦେଇ ଦୁଃଖ ନହେବା ପାଇଁ ଜଣାଇଦେଲା ।

ରାଜୁର ଇଙ୍ଗିତରୁ ରଣିଆ ବେଶ୍ ବୁଝିପାରିଲା ଯେ, ଏଇଟା ମାଇଚିଆଙ୍କେ । ମାଇପ ଚଲିପା ଗୁଣି, ତା'ର ଗୋଲାମ୍ ହୋଇ ରହିବ ପଛକେ, ମରଦପଣିଆ

Digitized by srujanika@gmail.com

ଦେଖେଇ ସେ ଝେଣ୍ଟବାଲୀ ରଣଚଣ୍ଡୀଙ୍କୁ କେବେହେଲେ ଉଚିତ ଶିକ୍ଷା ଦେବନି । ତହୁଁ ସେ ମନେ ମନେ ରାଗିଯାଇ କହିଲା—"ଦେଖ୍ ରାଜ୍, ତୁ ଯା' କରୁ—ମୋ ଦେଇ ସେକଥା ହେଇ ପାରିବନି । ମୁଁ ତୋ' ବାପାଙ୍କୁ ଏମିତିଆ ବେଅକଲି କଥା କହିପାରିବ ନାହିଁ । ଏଣିକି ତୋ' ଇଚ୍ଛା; ତୋତେ ଯା' ଭଲ ଦେଖାଯାଉଚି, ତୁ କର ! ହୁଁ···ମୋର ଗୋଟେ ଗ୍ଲେଟକୁହା ମାକବୁ—ବାପ ମାଆ ଥିଲେ, କେତେ ଶାଳୀ ଆସି ଗୋଡ଼ତଳେ ହାଜର୍ ହେବେ ! ତାଙ୍କ ମନରେ କଷ୍ଟ ଦେଇ, ତୁ ଯଦି ଗଧାକୁ ନେଇ ଘର କରୁ, ତୋ'ର ମଙ୍ଗଳ ହେବନି; ତାଙ୍କ ଲୁହ ତୋ' ଉପରେ ପଡ଼ିଯିବ···" !

ରଣିଆର ଶେଷପଦକ ଶୁଣି ରାଜୁ ଆଉ ସେଠାରେ ନ ବସି, ତଳକୁ ମୁହଁ ପୋତି ପଳାଇଗଲା ଘରକୁ । ସେ ତା' ଶୋଇବା ଘରକୁ ପଶିଯାଇ ଭିତରୁ କବାଟ କିଳି ଦେଇ, ବିଛଣାରେ ପଡ଼ି, ପ୍ରଥମେ ଖୁବ୍ ବହେ କାନ୍ଦିଲା । ତା'ପରେ ସେ ଆଖିରୁ ଲୁହ ପୋଛି ଆଖିବୁଜି ପଡ଼ିରହିଲା । ସେତିକିବେଳେ ଗଧାର ସୁନାଥାଳୀ ପରି ଚକାମୁହଁଟି ତା' ଆଖିରେ ଥରକୁଥର ନାଚିଉଠିଲା । କେବଳ ସେତିକି ନୁହେ, ଉଡ଼ାଯାହାଠାରୁ ଆରମ୍ଭ କରି ଘରୁ ଗୋଡ଼ କାଢି ଗୁଳିଯିବା ଦିନ ପର୍ଯ୍ୟନ୍ତ, ଗଧାର ପ୍ରତ୍ୟେକ କାମ ଗୋଟି ଗୋଟି ହୋଇ ତା' ଆଖି ଆଗରେ ଭାସିଉଠିଲା ।

କିନ୍ତୁ ପରମୁହୂର୍ତ୍ତରେ ସେ ପୁଣି ଭାବିଲା—'ତା'ହେଲେ କ'ଣ ଏଇ ବୁଢ଼ା ବୟସରେ ବାପ ମାଆଙ୍କୁ କନ୍ଦେଇ, ମୁଁ ଅଲଗା ହୋଇଯାଇ ଗଧାକୁ ନେଇ ମୋ' ଘରସଂସାର କରିବି' ? କିନ୍ତୁ···ଗଧାର ସବୁଯାକ ସ୍ନେହ ସୋହାଗ ତା' ମନକୁ ଆବୋରି ବସିଥିଲେ ମଧ୍ୟ ସେ କୌଣସିମତେ ବାପ ମାଆଙ୍କୁ କନ୍ଦାଇ ତାଙ୍କଠାରୁ ଅଲଗା ହୋଇ ଯିବାପାଇଁ ଆଦୌ ମନକୁ ବୁଝାଇପାରିଲା ନାହିଁ । ଶେଷରେ ସେ ମନକୁମନ କହିହେଲା—"ଗଧା ଯାହା କରିଚି, ସେଥିରେ ସେ ଏକୁଟିଆ ଦହଗଞ୍ଜ ହେବନି, ମୋତେ ବି ତା' ସାଥିରେ ଜଳେଇ ପୁଡ଼େଇ ମାରିବ ! ମୋ' ମନ ପଛକେ ନ ମାନୁ, ମୁଁ ବାପ ମାଆଙ୍କୁ ଖୁସି କରିବା ପାଇଁ, ତାଙ୍କରି କଥାମାନ ଆଉ ଥରେ ବାଧ୍ୟ ହେବ ! ତେଣିକି ମୋ' ମନରେ ଯା' ଅଛି ତା' ଭଗବାନ୍ ନିଶ୍ଚେ ପୂରଣ କରିବେ" ।

—o—

Digitized by srujanika@gmail.com

॥ ପନ୍ଦର ॥

ଗଧୀ ଚାଲିଯିବାର ଠିକ୍ ମାସେ ସାତଦିନ ପରେ ଦେବୀ ଭୂୟାଁ ତା' ପୁଅକୁ ଦୁଇଥର କରାଇଦେଲା ।

ଗଧୀ ବାପଘରେ ଜନ୍ମହୋଇଥିବା ଖଣି ତା' ବାପା ଶ୍ୟାମ ରାଉତର ମୁଣ୍ଡ ଚକ୍କର ଖାଇଗଲା । ସେ ଝିଅର ମୁହଁକୁ ଅନାଇ ଦେଇ ଭାବିଲା–'ଖବର ନାହିଁ ଅନ୍ତର ନାହିଁ, ତୁଫାନ୍ ପରି ଏ' ମାଡ଼ିଆସିଲା କପରି ? ନିଶ୍ଚୟ ଏଥିର କିଛି ନା କିଛି ଗୁମର୍ ଅଛି' ! ସେ ପ୍ରକାଶ୍ୟରେ କହିଲା–"କିରେ···ଆସିଲୁ କାହିଁକି ? କ'ଣ କିଛି ଘଟିଛି କି ?"

"ଆସିଲି ତ ଆସିଲି···! ଏଥିରେ କ'ଣ ଗୁଡ଼ ଗୋବର ହୋଇଗଲା କି" ? କହିଲା ଗଧୀର ବଡ଼ଭାଇ ସନାତନ–"ବାପଘର ବୋଲି ଚାଲି ଆସିଛି··· ଦି'ଚାରିଦିନ ରହି ପୁଣି ଚାଲିଯିବ "।

"ଜଣାପଡୁଛି–ସେ ରାଗତମରେ ଆସିଛି କିମ୍ବା ସେମାନେ···" । ଶ୍ୟାମ ରାଉତ ରାଗି ଉଠିଲା । କିନ୍ତୁ ସଙ୍ଗେ ସଙ୍ଗେ ଝିଅପ୍ରତି ଥିବା ମମତା ତା' ପ୍ରାଣରେ ଜାଗିଉଠିଲା । ସେ ଆଉ କିଛି ନକହି ସେଠାରୁ ଚାଲିଗଲା । ଗଧୀର ମାଆ ଏ' ଖବର ଶୁଣି ପାଟିକରି ଉଠିବା ସମୟରେ ତାକୁ ଶ୍ୟାମ ରାଉତ ବୁଝାଇ ଦେଇ କହିଲା–"ଥାଉ ରହ; ବେଳେ ଖବର ଆସିଯିବ ନାହିଁକି" ?

କିଛିଦିନ ବିତିଗଲା । ଧୀରେ ଧୀରେ ଶ୍ୟାମ ରାଉତ କାନକୁ ଜ୍ୟୋତିପୁରର ଖବର ବାଜିଲା । ଶେଷକୁ ସେ ବଳୁର ଦ୍ୱିତୀୟ ବିବାହ ବିଷୟରେ ଖବର ପାଇଲା । ସେ ଗଧୀ ଆସିବାବେଳେ ଭାବିଥିଲା–'ରାଗତମରେ ଝିଅ ପଳାଇ ଆସିଛି, କିନ୍ତୁ ଧୀରେ ଧୀରେ ସବୁକଥା ଫୁଟିଆସିବା ହୋଇଯିବାରୁ, ସେ ଦିନେ ସ୍ତ୍ରୀ ଆଗରେ ସବୁକଥା କହିପକାଇଲା । ସ୍ୱାମୀଙ୍କ ମୁହଁରୁ ଗୁମର କଥାତକ ଶୁଣି ବୁଢ଼ୀ ରାଗରେ ଜଳିଉଠି କହିଲା–"ମୁଁ ପରା ଜାଣେ,–ଏ' ମହଣମୁହିଁର ଗୁଣ ! ସେଦିନ ସିନା ବାପପୁଅ ହିହେଁ ମୋ' ମୁହଁ ବନ୍ଦ କରିଦେଲ, ଏବେ ସମ୍ଭାଳ··· । ମୁଁ ତା' ମୁହଁକୁ ଚାହିଁ ପରା ଜାଣିଥିଲି–ଏ' ରାଣୀ କିଛି ଗୋଟାଏ ଅଘଟଣ ଘଟାଇ ଘରୁ ଗୋଡ଼କାଟି ଚାଲି ଆସିଛି । ଏ' କ'ଣ ସାମାନ୍ୟ କନ୍ୟା କି' ?

"ହଃ···ଏତେ ପାଟିକରି ଗାଁକୁ ଉଛୁଳୁଚ କାହିଁକି ? ବୃଥା କଥାଟାରେ ହୁରୁଡ଼ିକା ପକାଇଚ···" ।

Digitized by srujanika@gmail.com

"ହୁଁ···କଇବ ନାଇଁ କାହିଁକି ? ମୋର ବୃଥା କଥା ନାଃ···? ମୋ' କଥା ମିଛ ନାଃ···ଏବେ ସବୁ କାନ ଫଟେଇ ଶୁଣିଲେ ତ ? ଆହୁରି ଶୁଣିବ, ହେଲାଣି କି ? ସେତେବେଳେ ମୁଁ କହୁଚି କି ନାଇଁ ··ସେ'ଠ ବା'ଘର କରନି···! ଝିଅ ନିଜେ ବର ଠିକ୍ କରିଚି ··!! ଏ' କେଉଁଠିକାର କଥା···? ବାପ ମାଆ ଅଛନ୍ତି କାହିଁକି ତା'ହେଲେ ? ଝିଅକୁ ତ ମୂଳରୁ ମୁହଁ ଦେଇଚ···; ସେ ତା' ହାତରେ ଚଉଦ ପା' ! ନିଜ ଶିଙ୍ଗରେ ନିଜେ ମାଟି ଖୋଳିଚି···ଏବେ ବଂଶକୁ ଜଳେଇ ପୁଡ଼େଇ ମାରିବ···! ଗାଆଁ ସାରା ଡ଼ବଡ଼ବି ବାଜିବ, ବାର ଲୋକେ ବାରକଥା ଛିଗୁଲେଇ ବଗିଲେଇ କହିବେ । ତୁମର କ'ଣ ଯାଏ ଆସେ ? ମୁଁ ତ ସବୁ ଶୁଣିବି ! ସାହି ମାଇପେ ଫୁସୁର୍ ଫାସର୍ ହେବେ, ଦେଖେଇ ଦେଖେଇ କହିବେ···' ।

ସ୍ତ୍ରୀର କଥାଶୁଣି ଶ୍ୟାମ ରାଉତ ପାଟିରୁ 'ହମ୍ କି ନରୁ' କିଛି ହେଲେ ବାହାରିଲା ନାହିଁ । ସେ କେବଳ କାଳିଙ୍କ ପରି ବସି ସବୁକଥା ଶୁଣିଗଲା ।

ବୁଢ଼ୀ ପୁଣି ଉବେଇ ଖବେଇ ହୋଇ କହିଲା—"ଝିଅ କ'ଣ ଏମିତି ହେବା କଥା ? ତୁମ ଘର ହୋଇଥିଲେ, ତୁମେ କ'ଣ କରନ୍ତ ? ଘର କଲେ ମାନ, ଅପମାନ, ମାର୍ ଧର୍, ଝଗଡ଼ାଝାଣ୍ଟି ନାହିଁ ? ତା' ବୋଲି ଘରୁ ଗୋଡ଼ କାଢ଼ି ବାପ ଘରକୁ ପଳାଇ ଆସିବ ? ନିଜ ବାପ ଛାଡ଼ିଲେ, ଆଉ ବାପ ମିଳିବ ? ଏ' ଅବାଗୀଟା କଲା କଅଣ" ?

ଏଥର ଶ୍ୟାମ ରାଉତ ମୁହଁ ଖୋଲି କହିଲା—"ମୁଁ ଯା' ଯା' ଶୁଣିଲି—ସେ ଟୋକାର ତ କିଛି ଦୋଷ ନାହିଁ । ଭଲ ମନ୍ଦ, ବେଳକାଳ, କିଛି ନାହିଁ ? ଯାହା ମନକୁ ଆସିବ, କରିବ ! ମୋ' ବିଚାରରେ ସେ ଟୋକା ଠିକ୍ ସହିଚି । ଘରର ଘରଣୀ ଯଦି ଝଗଡ଼ାଝାଣ୍ଟି କରି ଘରୁ ପଳାଇ ଯିବ, ସେ କ'ଣ ଏତେ ନିଲଠା ହୋଇଚି ଯେ, ଏଇଆକୁ ଅନେଇ ବସିଥିବ ? ବଣ ପିଟିଲେ ପଟେ ଝିଅ ମିଳିବେ, ସେ ଆଉ ଗୋଟେ ବାହା ହୋଇ ଯାଇ ଭୁଲ୍ କ'ଣ କଲା ? ପର ଝିଅ ସେ, ଆମେ ତାକୁ ଦୋଷ ଦେବା କାହିଁକି ? ମୋ' ବିଚାରରେ ସେ କିଛି... କରିନି, ଭଲରେ ଭଲରେ ସ୍ତ୍ରୀ'କୁ ଛାଡ଼ି ଦେଇଚି" ।

"ମୁଁ ତ ସେଇଆ କହୁଚି···! ସେ ଟୋକା ଯଦି ପିଟି ପିଟି ସ୍ତ୍ରୀ' ପଖା ଛଡେଇ ଦେଇ ଥାଆନ୍ତା, ତା'ହେଲେ ବି ମୁଁ ପାଟିରୁ ହଁ କି ହୁଁ···ବାହାର କରି ନଥା'ନ୍ତି···" ।

Digitized by srujanika@gmail.com

ଘଧା ଟିକଏ ଦୂରରେ ଛିଡ଼ା ହୋଇ ବାପ ମାଆଙ୍କ ଦୁରୁଛନା କାନ ଡେରି ଶୁଣୁଥିଲା । ସେ ଆଉ ସହି ନପାରି ମୁହଁ ଖୋଲି କହିଲା—"ହୁଁ...ହୁଁ... ଠିକ୍ କହୁଚ ବଉ...! ଯା' ବାକି ଅଛି, ତୁ ସେତକ କରି ଦେ। ଓରିମାନ ମେଣ୍ଟାଇ ନଉନୁ କାହିଁକି" ?

"ଓଃ...ମାହାରାଣୀକୁ ବାଧିଗଲା...ବଡ଼ ଚାଟ୍ଲର କାମ୍ଟେ କରି ଦେଇ ଆସିଚ ନାଃ..." ! ଗର୍ଜି ଉଠିଲା ଘଧାର ମାଆ ।

"ହଉ...ବଉ...! ମୁଁ ଯଦି ଭୁଲ୍ କରିଚ । ନିଜେ ତାକୁ ଭୋଗିବି...। ତୁ ଏତେ ରାଗୁଚ, କାହିଁକି ?..." ।

"ଶୁଣ,...ଶୁଣ,...ଝିଅର ଗୁଣ ଦେଖ !! ମୁହଁ ଉପରେ କିପରି ନହ୍ ଜବାବ୍ ଦେଇ ଗୁଲିଚ...!!! ହେ...ଭଗବାନ୍...ମୋତେ କାଇଁକି ମରଣ ହଉନି...ଏଇଆ ଶୁଣେଇବାକୁ ମତେ ବଞ୍ଚେଇ ରଖିଚୁ ପ୍ରଭୁ..." ?

"ବଉ, ତୁ କ'ଣ ଗୃହୁଁଚ କହ? ତୁ କ'ଣ ଗୃହୁଁଚ୍ ଯେ, ମୁଁ ଏଠାରେ ନ ରହେଁ ! କହି ଦଉନୁ ସଫା ସଫା...। ତୁମେ ଯଦି ନ ଗୃହିଁବ, ମୁଁ କେବେ ହେଲେ ତୁମର ବୋଝ ହୋଇ ଏ'ଠି ରହିବନି । ଭଗବାନ୍ ଜନ୍ମ ଦେଇଚନ୍ତି, ସେ ପେଟକୁ ଦି'ଟା ଅଧାର ଦେବେ...। ମୁଁ କାହାରି ଅନ୍ୟାୟ ସହି ପାରିବନି, ସେ ଯେତେ ବଡ଼ ହେଇଥାଉ ପଛକେ..." କହିଲା ଘଧା ।

"ଓଃ...ଆଇଲା କେଉଁଠୁ ଗୋଟିଏ ତୁଳସୀ । ତୋର କିଛି ଦୋଷ ନାହିଁ...ସବୁ ଦୋଷ ଖାଲି ତାଙ୍କରି..." ?

କଥାକୁ କଥା ବଢ଼ି ଗୃଲିଥିବାର ଦେଖି ଖ୍ରମ ରାଉତ ମାଆ ଝିଅଙ୍କ କଥା ମଝିରେ କହି ଉଠିଲା—"କାହିଁକି କଥାକୁ କଥା ବଢ଼େଇ ଗୃଲିଚ ଶୁଣେ...। ଯା' ତ ହବାର ହେଇଗଲାଣି । ଲେଡ଼ିଗୁଡ଼ି କହୁଣିକୁ ବହିଗଲା ପରେ, ଆଉ କ'ଣ ହେବ ଯେ ? ମିଛଟାରେ ପାଟିତୁଣ୍ଡ କରି ଲାଭ କ'ଣ ? ଏ' ଝଗଡ଼ାଝାଣ୍ଟିରୁ ମିଳୁଚ କ'ଣ ? ଏବେ ଟିକଏ ସହି ସମ୍ଭାଳି କଥାବାର୍ତ୍ତା କର ! ଯାହା ଭାଗ୍ୟରେ ଥିବ, ତା'ହେବ..." ।

ସେଦିନ ସେତିକରେ ଜଳୁଥିବା ନିଆଁଟା ଥଣ୍ଡା ପଡ଼ିଗଲା । କିନ୍ତୁ ନିଆଁଟା ଭିତରେ ଭିତରେ କୁହୁଳିବାକୁ ଲାଗିଲା ।

ଏହା ମଧ୍ୟରେ ଆହୁରି କେତେଦିନ ବିତିଗଲା । ଦିନେ ବିଲରେ ବାପ-ଝିଅ ଦୁହେଁ କାମ କରୁଥିବା ସମୟରେ ଖ୍ରମ ରାଉତ ଘଧାର ପାଖକୁ ଲାଗିଆସି

Digitized by srujanika@gmail.com

ପଚାରିଲା—"ମାଆ, ତୁ ସତ କହିଲୁ, ତୁ କ'ଣ କିଛି ବେହେଡା କଥା କହି, ଝଗଡ଼ା ଝାଣ୍ଟି କରି ଜ୍ୟୋତିପୁରରୁ ପଳାଇ ଆସିଛୁ ?"

"ହେଲା ଏବେ ବାପା, ମୁଁ ତାଙ୍କ ଘରେ କଳିକଜିଆ କରି ପଳାଇ ଆସିଛି; କିନ୍ତୁ ତୁମେ ମୋତେ ଘରୁ ତଡ଼ି ଦେବାର କାରଣ କ'ଣ ମୁଁ ତ ଜାଣି ପାରୁନି" ! କହିଲା ରାଧା ।

"ତୁ ଏ' କ'ଣ କହୁଛୁ ମାଆ ! ତୋତେ କେତେ ମୁଁ ଭଲପାଏ, ତୁ କ'ଣ ବୁଝି ପାରୁନୁ...? କିନ୍ତୁ..." ।

"କିନ୍ତୁ ଆଉ କ'ଣ ? ମୁଁ ଜ୍ୟୋତିପୁରରୁ ଚାଲି ଆସିବା ଫଳରେ ତୁମମାନଙ୍କ ମନରେ ଗଭୀର ଦୁଃଖ ଜାତ ହୋଇଛି । କିନ୍ତୁ ମୁଁ ଭୁଲ କରିଚି ବୋଲି ବିଲ୍‌କୁଲ୍ ଭାବୁନି । ମୋ' ଭାଗ୍ୟରେ ଯାହା ଥିବ, ମୁଁ ତା' ଭୋଗ କରିବି ପଛକେ, କେବେହେଲେ କାହାରି ଆଗରେ ମୁଣ୍ଡ ତଳକୁ କରି ଚଲି ପାରିବି ନାହିଁ" ।

"ମାଆ, ମୁଁ ତୋ' କଥା ବୁଝି ପାରୁଛି ସତ, କିନ୍ତୁ ଦାଣ୍ଡକୁ ତୋ' କାମଟା କେବେହେଲେ ସୁନ୍ଦର ଦେଖାଯାଉନି । ସେଇଥି ପାଇଁ ତୋ' ମାଆ କେଟେର୍ କେଟେର୍ ହଉଚି" ।

"ବାଉ ସେମିତି ହେଲେ, ମୁଁ ଆଉ କ'ଣ କରିବି ? ଯାହା କରିବାର କଥା ମୁଁ କରି ସାରିଲଣି । ସବୁ ଜାଣିଶୁଣି ଯଦି ବାଉ ସବୁବେଳେ ଚିନ୍ତାଗୁଡ଼ଳ ଘେଟେଇ ହବ, ଜୀବନ ହରେଇ ଦବା ଛଡ଼ା ମୋର ଆଉ କ'ଣ ଉପାୟ ଅଛି ?"

ଶ୍ୟାମ ରାଉତ ରାଧା ପାଟିରୁ ଏତିକି ଶୁଣିବା ମାତ୍ରେ ଆଖି ଛଳ ଛଳ କରି କହିଲା—"ପାଗଳୀଟା, ତତେ ଏ' ବୁଦ୍ଧି ଦେଲା କିଏ ? ତୁ କ'ଣ ସବୁ କହି-ଯାଉଚୁ, ନିଜେ ବୁଝିପାରୁଚୁ ତ ? ତୁ ମୋର କୋଡ଼ପୋଛା ଝିଅ...। କେତେ ଆଦରରେ କାଖେଇ କୋଳେଇ ତୋତେ ମୁଁ ଅଣ୍ଡାଟିରୁ ଆଣି ଭେଣ୍ଡା କଲି । ତୋ' ସୁଖର ଯୁଗ ରାଇଜ ଦେଖି ଆମେ କେତେ ଖୁସି ହୋଇଥିଲୁ ! ହୁ'କନା ବିଧାତା ଯେଉଁ ଅଦଉତି ଲଗେଇ ଦେଲା, ସେଥିରେ ବାପ ମାଆର ଛାତି ସହିବ କିମିତି ମାଆ" ? ଶ୍ୟାମ ରାଉତ ଏତିକି କହି ସାରିବା ବେଳକୁ, ତା' ଆଖିରୁ ଟପ୍ ଟପ୍ ହୋଇ ଲୁହ ଝରି ପଡ଼ିଲା । ରାଧା ନିଜ ଲୁଗା କାନିରେ ବାପାଙ୍କ ଆଖିରୁ ଲୁହ ପୋଛି ଦେଇ କହିଲା—"ବାପା, ମୋ' ଦୋଷ କ୍ଷମା କର । ମୁଁ ଆଉ ଏପରି କହି ତୁମ ମନରେ କଷ୍ଟ ଦେବି ନାହିଁ" !

Digitized by srujanika@gmail.com

ଭୀମ ଗଉଡ ଆଖିରୁ ଲୁହ ପୋଛି ଦେଇ ଗଧାର ମୁଣ୍ଡ ଆଉଁଷି ଦେଇ କହିଲା—"ମାଆ, ଆମେ ହେବ ଆମର ସେମିତି ଜମିଜାଗୀର୍ ନାହିଁ । ଏଇ ହାଡ଼ ମୁଣ୍ଡରେ ଲଙ୍ଗଳ ଚଷି ପେଟ୍‌ଟାଖଣ୍ଡିକ ପାଳିବା ଆମର ବେଉସା । ତୋ' ବଡ଼ ଭଉଣୀ ହିଦେହିଁ ସୁଖରେ ଯୁଗବଇଜ କରୁଛନ୍ତି । ତୁ ବି ଗୋଟିଏ ଯୋଗ୍ୟ ପିଲାର ହାତଧରି ସୁଖରେ ହି'—ବରଷ କଟେଇ ଦେଲୁ । ଏବେ ତୋ' ଉପରେ ଯେଉଁ ଅକାଳ ଚଢ଼କ ପଡ଼ିଲା, ତାକୁ ଭାବି ଆମ ଛାତି ଫାଟି ଯାଉଛି । ଯାହାବା ହୋଇଥିଲା, ଏବେ ରାଜ୍ ଆଉ ଗୋଟେ ବାହା ହୋଇଯିବା ଦ୍ୱାରା ସବୁ ବାଟ ବନ୍ଦ ହୋଇଗଲା । ତଟେ ପୁଣି…"।

"ବାପା…" କାନ୍ଦି କାନ୍ଦି କହିଲା ଗଧା—"ମୋତେ ଦୁଆଅ କରେଇବା ପାଇଁ ତୁମେ ବାଲ୍‌ବାଲ୍ ମୁଣ୍ଡ ଖେଳେଇବନି । ମୁଁ ଧରମକୁ ସାକ୍ଷୀ ରଖି ଥରେ ବାହା ହୋଇଛି; ଆଉ ଥରେ ଧର୍ମଛଡ଼ା ହୋଇ କାହାରି ହାତ ଧରି ପାରିବିନି ! ଯେତେ କଷ୍ଟ ମୋ' ଭାଗ୍ୟରେ ଥାଉ ପଛକେ, ମୁଁ ଆଉ ସେ ଭୁଲ୍ କରି ପାରିବିନି ବାପା…" ଭେ' ଭେ' କରି କାନ୍ଦି ଉଠି କହିଲା ଗଧା—"ଯଦି ମୋ' ଭାଗ୍ୟରେ ଥିବ, ମୁଁ ପୁଣି ସେଇ ଘରକୁ ଫେରିବି ! ଯା' ଭିତରେ ତୁମେ ଯଦି ମୋତେ ଦୁଆଅ କରାଇ ଦେବାକୁ ଯୋଗାଡ଼ କର, ତା'ହେଲେ କୂଅ ପୋଖରୀକୁ ଡେଇଁ ପଡ଼ିବି, ନଇଲେ ବେକରେ ଦଉଡ଼ି ଲଗେଇ ଦେଇ ଝୁଲିପଡ଼ିବି…"।

ଭୀମ ଗଉଡ ଗଧାର ମୁହଁରେ ହାତ ଦେଇ କହିଲା—"ଛି…ଛି…ମାଆ, ଏ' କ'ଣ ଗୁଡ଼େ ବକି ଯାଉଛୁ ? ଆମେ ଯା' କିଛି କରିବୁ, ତୋ'ରି ଭଲ ପାଇଁ କରିବୁ । ଯଦି ତୋ'ର ସେଥିରେ ରାଜି ନାହିଁ, ତା'ହେଲେ ଆମେ ତୋ' ବେକରେ ବାଲିକଳସୀ ବାନ୍ଧିବୁ କାହିଁକି ? ମୋ' ସୁନା ମାଆଟା ପରା, ତୁ ଏତେ ଦୂର ନଉଚ୍ଛୁଣା କଥା ଗୁଡ଼ାକ ଭାବନା ! ମୁଁ ତୋ' ମାଆକୁ ସବୁ କଥା ବୁଝେଇ ଦେବି…" !

ସେହିଦିନ ରାତି ଅ'ଧ ବେଳକୁ ଗଧା ବଉ ସ୍ୱାମୀଙ୍କୁ କାଞ୍ଚା ନିଦରୁ ଉଠାଇ କହିଲା—"ତୁମେ ତ ନିଘୋଡ଼ ନିଦରେ ଶୋଇ ପାରୁଛ, ମୋର ଏ' ପୋଡ଼ା ଆଖିକି ତ ନିଦ ମୋଟେ ଆସୁନି । ସବୁବେଳେ ଖାଲି ସେଇ ପୋଡ଼ାମୁହାଁ କଥା ମନେ ପଡ଼ୁଛି…"।

"ମୁଁ ଏବେ କରିବି କ'ଣ ? ତାକୁ ତ ପଦେ କିଛି କହିଲେ ସେ କୂଅ ପୋଖରୀକୁ ଡେଇଁ ପଡ଼ିବ ବୋଲି କହୁଛି । ତୁ ଏଣେ ତୋ' ମୁହଁରେ ଷୁରୁଧା'ର ଦେଇ ବସିଚୁ…"।

Digitized by srujanika@gmail.com

ଶ୍ୟାମ ରାଉତ ତୁଣ୍ଡରୁ କଥା ଛଡ଼ାଇ ନେଇ କହିଲା ଗଧ ବୋଉ—"ତୁମେ ସିନା କିଛି ଶୁଣୁନ କି ଜାଣୁନ ମୋ' ଛୁଡିରେ ଯେ ଯାଇ ପଡ଼ୁଛ ଗଞ୍ଜେଇ ଦଳୁଚନ୍ତି, ତା' ତୁମେ ବୁଝିବ କେଉଁଠୁ" ?

"ହେଲା ଏବେ କିଏ କ'ଣ କହିଲା—ମୁଁ କାହା ପାଟିରେ ବାଡ଼ବତା ଦେବି ଯେ ? ଆମ ଗାଁ' ଲୋକଙ୍କର ଦସ୍ତୁର, କେଉଁଠି କୁଅଟେ ଉଡ଼ିଗଲେ, ଧନ ଦ'ପହରେ ସେ କୁଆ ଉଡ଼ିଗଲା ବୋଲି ସାକ୍ଷୀ ଦରମାଣ ଦେଇ ହଲପ୍ କରିଦେବେ ସେଥିକି ଏବେ ମୋର ବଳ କାହିଁ" ?

"କଥା ଯାଇ କେଉଁ ସନ୍ଧରେ ପହଞ୍ଚିଲଣି, ତୁମ ମଗଜକୁ ପଶିଲଣି କି ?

"କ'ଣ ତୁ ଏତେ ବକଯାଉଚୁ ଯେ ଗଣ୍ଡ ଅଧରେ, ମୁଁ ମୋଟେ ବୁଝି-ପାରୁନି" ? କହିଲା ଶ୍ୟାମ ରାଉତ ।

"ମୁଁ ଗଣ୍ଡଅଧରେ ବକୁଚି ନା··· ? ଯେତେବେଳେ ଜାତିଭାଇରୁ ଅଟକ ହୋଇ ରହିବ, ସେତେବେଳେ ଯାଇ ବୁଝିବ ! ଏବେ ମୋ' କଥା ଗନ୍ଧଉଚି" !!

"ଆମେ ଏମିତି କି କାମଟେ କରିଦେଲୁ ଯେ, ଆମକୁ ଜାତି ଭାଇରୁ ନିଆଁ ପାଣି ଅଟକ ହବ ? ତୁ ମୋ' ଆଗରେ କଥା ଲୁଗୁଉଚୁ କାହିଁକି ? କଥା କ'ଣ ସଫା ସଫା କହନୁ···" !

ଗଧବୋଉ ସ୍ୱାମୀ ପାଖକୁ ଟିକିଏ ଘୁଞ୍ଚିଆସି ଫୁସ୍ ଫାସ୍ ହୋଇ କହିଲା—"ଲୋକେ ଟୁପୁର୍ ଟାପର୍ ହଉଚନ୍ତି—ଗଧକୁ ତା' ଶଶୁରଘର ବାହାର କରିଦେଇଛନ୍ତି । ଇଏ ଆଜି କା' ସାଙ୍ଗରେ ପଡ଼ି ଘରର ମାନ ଇଜ୍ଜତ ପଦାରେ ଘକେଇଲା । ସେଇଥିପାଇଁ ବହୂ ତାକୁ ଧକ୍କା ଦେଇ ଘରୁ ବାହାର କରି ଦେଇଛି···" ।

ଶ୍ୟାମ ରାଉତ ସ୍ତ୍ରୀର କଥା ଶୁଣି ହଠାତ୍ ରାଗି ପଞ୍ଚମ ହୋଇଗଲା । କିନ୍ତୁ ତା' ସ୍ତ୍ରୀ କେତେ ଜୁହାର ନେହୁରା ହୋଇ କହିବାରୁ, ସେ କିଛି ସମୟ ନୀରବ ରହିବାପରେ କହିଲା—"ଗଧବୋଉ, ମୁଁ ତତେ ବୁଝାଇଛି କ'ଣ ? ତୁ ଗଧକୁ ଛୁଆଟି ଦିନରୁ ଜାଣୁନ ? ମୁହେଁ ମୁହେଁ ବକିଦେବା, ଠେକ୍ ଠୋକ୍ ଜବାବ ଦବା ତା'ର ଅଭ୍ୟାସ । କିନ୍ତୁ···ସେ ଆଜି କା' ସାଥିରେ ପଡ଼ି ମାଆ ହେବାକୁ ଯାଉଚି, ଏ' କଥା ନିଜେ ମାଆ ଖୀଚକେଶ୍ୱରୀ ଆସି ଯଦି ମୋ' ଆଗରେ କହନ୍ତି, ମୁଁ ତା' ବିଶ୍ୱାସ କରିବି ନାହିଁ ! ଗଧ ମୁହଁଖୋର୍, ବଦ୍‌ମଗଜି, ଗୁହାବାଜ୍, ଯାହା ବୁଝିଥିବ ସେଇଆ; କିନ୍ତୁ ପର ମରଦ ସାଥିରେ ପଡ଼ି ଜାତିକୁଳ ବୁଡ଼େଇବ,

Digitized by srujanika@gmail.com

ଏ' କଥା ମୁଁ କେବେହେଲେ ମାନିବିନି ! ତୁ କ'ଣ ପିଲାଟି ଦିନରୁ ତା' ଗୁଣ-ଚଳଣି ଜାଣିନୁ ?'' ହଠାତ୍ ପୁଣି ଖ୍ୟାମ ରାଉତ ରାଗିଉଠି କହିଲା—''ଏ' କଥା କଉଁଶଳା ଶାଳୀ କହୁଚନ୍ତି ତୁ ତାଙ୍କ ନାଆଁ କହ, ମୁଁ ଯଦି ତାଙ୍କ ଜିଭ ଉପାଡି ନ ଦେଇଚି, ମୋ' ନାଆଁ ଖ୍ୟାମ ରାଉତ ନୁହେଁ, ଖ୍ୟାମାହାଡ଼ି '' !

''ଆଚ୍ଛା ଲୋକ···'' ! କହିଲା ରାଧାବୋଉ—''ଏ' ମଦନମୁହିଁ ଯଦି ଶଶୁରଘରୁ ଗୋଡ଼ କାଟି ଆସି ନଥା'ନ୍ତା ତେବେ ହାଟବଜାର ବସିଥାଆନ୍ତା କାହିଁକି ? ନିଜ ସୁନା ତ ଭେଣ୍ଡି, କହିବ କାହାକୁ'' ?

''ହେଲା···ମୁଁ ତୋ' କଥା ମାନିଲି···'' କହିଲା ଖ୍ୟାମ ରାଉତ—,'ଗଧା ଗୋଟେ ବେଅକଲି କାମ କରିଦେଇଚି, ତାକୁ କ'ଣ ଆମେ ଘରୁ ତଡ଼ିଦେବା ? ଯେତେହେଲେ ଆମରି ଛୁଆଟା ? ତାକୁ ଯଦି ଆମେ ସମ୍ଭାଳି ନ ନେବା, ଆଉ ସେ କଉଁକୂଳରେ ହବ ? ସାହାଭରସା ଥିଲା ବୋଲି ତ ଧାଇଁ ଆସିଲା । ତୁ ଏମିତି କୁଟୁକୁଟିଆ କଥା କଲେ ଚଳିବ କିମିତି'' ?

ସ୍ୱାମୀର କଥା ଶୁଣି ରାଧାବୋଉ ଏକାବେଳକେ ନରମିଯାଇ କହିଲା—''ତାହି ସୁହା ପଡ଼ୁନି ବୋଲି ମୁଁ ସିନା ଏମିତିଆ ବକବକଉଚି, ହେଲେ ମୋର କ'ଣ ଅନ୍ତର ଟେଇଆ'' ?

''ମୁଁ ଜାଣେ, ରାଧାବଉ'' ! କହିଲା ଖ୍ୟାମ ରାଉତ—''ମୁଁ ଆଜି ସେଇ କଥା ଗଧାକୁ ବୁଝାଉଥିଲି ବାଟରେ··· । ଯା' ହବାର ହେଇଗଲା, ଏଣିକି ଗତ କଥାକୁ ଖତ କରିଦେ ! ଯେତେହେଲେ ସିଏ ଆମରି ଛୁଆଟା ! ଯାଇ ଭାଇଙ୍କ କଥାକୁ ତୁ ଆଉ କାନକୁ ନେ' ନା । ଦିନେ ତାଙ୍କ ପାଟିରୁ ଗଲୁ ମରିଗଲେ; ସେମାନେ ଚୁପ୍ ହେଇଯିବେ···'' । ସେତିକିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସେରାତିର ଆଲୋଚନା ଶେଷ ହୋଇଗଲା ।

ରାଧା ତା' ଜୀବନର ଘଟଣାଗୁଡ଼ିକ ଆଦୌ ଭୁଲିପାରୁ ନଥିଲା । ଗତ ଦ'ବର୍ଷ କାଳ ରାଜୁ ସାଥିରେ ହୋଇଥିବା ତା'ର ହସଖୁସି, ସବୁତକ ଗୋଟି ଗୋଟି ହୋଇ ତା' ଆଖି ଆଗରେ ନାଚି ଉଠୁଥିଲା । ସେ ସେହି ଚିନ୍ତାରେ ସାରା ରାତି ଶୋଇପାରୁ ନଥିଲା ! ଶେଷରେ ସେ ମନେ ମନେ ଭାବିଲା—'ରାଜୁ ତା' ବାପ ମାଆଙ୍କ କଥାରେ ପଡ଼ି ବାଧ୍ୟହୋଇ ଆଉ ଗୋଟେ ବାହା ହେଇଯାଇଚି ସତ, କିନ୍ତୁ ମୋତେ ସେ କେବେହେଲେ ମନରୁ ପାଶୋରି ଦେଇ ନଥିବ !

Digitized by srujanika@gmail.com

ମୋ' ଆତ୍ମା କହୁଚି—ରାଜୁ ମୋର ! ଗୋଟିଏଜଣେ ମୋର !! ସେ ମୋତେ କେବେହେଲେ ଭୁଲିଯାଇ ନପାରେ' !!!

ତା'ପରେ ରାଧା ମନକୁମନ କହିହେଲା—'ସମସ୍ତେ କହୁଚନ୍ତି—ମୁଁ ଭୁଲ୍ କରିଚି ! ପ୍ରକୃତରେ ଏହା କ'ଣ ମୋର ଭୁଲ୍ ? କୁଳ ଭୁଆସୁଣୀ ହୋଇ ମୋର ସବୁ ମାନ ଇଜ୍ଜତ ଗଲା, ମୁଁ ସେ ଘରେ ରହିବି କାହିଁକି ? ତା'ପରେ ମୁଁ ତ ବା'ଘର ଆଗରୁ ମୋ' ମନକଥା ଗୋଟି ଗୋଟି କରି ବୁଝାଉଥିଲି, ତଥାପି ମୋର ସ୍ୱାମୀ ହୋଇ ସେ ସବୁ ମୋ' ମାନମହତକୁ ଖାତିର୍ ନକରି ଜୀବନକୁ ଯାରୁପ୍ରନ୍ତରରେ ଗୁଡ଼ାଇ ସାତସିନ୍ଧୁକରେ ସାଇତି ରଖିଲେ, ତେବେ ମୁଁ କେଉଁ ମୁହଁରେ ଗୋଟିଏ ଯୋଗ୍ୟ ଗେରସ୍ତର ସ୍ତ୍ରୀ ବୋଲି ଗର୍ବ କରିବି ? ନାଃ···ମୁଁ ଆଦୌ ଭୁଲ୍ କରିନି ! ଯା'ହବାର ହୋଇସାରିଛି ପଛକେ, ମକର-ଠାରୁ ପ୍ରତିଶୋଧ ନ ନେବା ପର୍ଯ୍ୟନ୍ତ ମୁଁ ଜ୍ୟୋତିପୁରରେ ଗୋଡ଼ ଦେବିନାହିଁ' !!!

—o—

॥ ଷୋହଳ ॥

ରଣିଆ ଚୌକିଦାର ସହିତ କଥାବାର୍ତ୍ତା କରି ଫେରି ଆସିବାପରେ ରାଜୁ ତା' କ୍ଷିପ୍ର ବିବାହ ସମ୍ପର୍କରେ ଆଉ କାହାରି ସହିତ ଆଲୋଚନା କଲାନାହିଁ । ସେ ସବୁବେଳେ ନୀରବ ରହିଲା । ବାପ, ମାଆ ଭାଇ ଓ ଭଉଣୀଙ୍କ ସହିତ ସେ ଆଦୌ କଥାବାର୍ତ୍ତା କଲାନାହିଁ । ତାକୁ ନୀରବ ରହିଥିବାର ଲକ୍ଷ୍ୟ କରି ପ୍ରଥମେ ପ୍ରଥମେ ଦେବା ଭାବିଥିଲା—ରାଜୁ ତା' ପ୍ରସ୍ତାବକୁ ମାନିନେଇଛି । କିନ୍ତୁ ରାଜୁର ମାଆ ଭାବୁଥିଲା—ରାଜୁ କୌଣସିମତେ ଏ' ବିବାହ କରିବ ନାହିଁ । ହୁଏତ ଏହି ବିବାହ ପ୍ରସ୍ତାବ ଉପରେ ବାପ ପୁଅଙ୍କ ମଧ୍ୟରେ ଗୋଟିଏ ବଡ଼ ଧରଣର କଳି ଝଗଡ଼ା ବା ମାରଧର ହୋଇଯାଇପାରେ । କିନ୍ତୁ ରାଜୁ କାହାରିକୁ କିଛି ନକହି ନୀରବ ରହିବା ଫଳରେ ଧୀରେ ଧୀରେ ତା' ମାଆ ବୁଢ଼ୀ ମନରୁ ଏ' ଆଶଙ୍କା ଦୂର ହୋଇଗଲା । ଶେଷକୁ ବୁଢ଼ୀ ଭାବିଲା—ହୁଏତ ରାଜୁ ଠିକ୍ ବିବାହ ସମୟ ପୂର୍ବରୁ କୁଆଡ଼େ ପଳାଇଯାଇ, ବିବାହକୁ ଭଣ୍ଡୁର କରିଦେବ । ସେଥିଲାଗି ସେ ରାଜୁର ବାପାଙ୍କୁ ସତର୍କ କରାଇଦେଲା । ତେଣୁ ଦେବା ପୁଅର ଗତିବିଧି ଉପରେ କଡ଼ା ନଜର୍ ରଖି ନିଜ ଆୟୋଜନରେ ଲାଗିପଡ଼ିଲା ।

Digitized by srujanika@gmail.com

ରାଜୁ ମୁହଁରେ କିଛି କହୁଲାନାହିଁ ସିନା କିନ୍ତୁ ତା' ଚେହେରା ଦେଖିଲେ ସ୍ପଷ୍ଟଭାବରେ ଜଣାପଡ଼ୁଥିଲା ଯେ, ସେ କେବେହେଲେ ଏ' ବିବାହରେ ସୁଖୀ ନୁହେ । ତା' ଚେହେରା ଏଇ କେଇଦିନ ମଧ୍ୟରେ ଶୁଖି କଳାକାଠ ପଡ଼ି ଯାଇ-ଥିଲା ଏବଂ ଆଖି ଖୋଳେ ଖୋଳେ ପଶିଯାଇଥିଲା । ଦେବା ଏ' ସବୁ ଦେଖି, ନ ଦେଖିଲାପରି ତା' କାମରେ ମାତି ଯାଇଥିଲା । ତା'ର ଏକମାତ୍ର ଜିଦ୍—ଘରୁ କାହାରିକୁ କିଛି ନକହି ପଳାଇ ଯାଇଥିବା ବହୂକୁ ଗୋଟିଏ ଉପଯୁକ୍ତ ଶିକ୍ଷା ଦେବ । କିନ୍ତୁ ବିବାହଦିନ ସକାଳୁ ଉଠି ସେ ରାଜୁର ମୁହଁକୁ ଚାହିଁ ଚମକି ପଡ଼ିଲା । ରାଜୁ ଚେହେରା ସେଦିନ ଠିକ୍ ଗୋଟିଏ ପ୍ରେତ ପରି ଦେଖାଯାଉଥିଲା । ପୁଅର ହାଲ ଦେଖି ଦେବା ଭୂୟାଁର ଜିଦ୍‌ଖୋର୍ ମନଟା ବଦଳିଗଲା । ପ୍ରଥମେ ପ୍ରଥମେ ସେ ଭାବିଥିଲା—ଏଇଲେ ରାଜୁ ମନମାରି ବସି ରହିଛି, କିନ୍ତୁ ଦିନେ ଦି'ଦିନ ପରେ ଆପଣାଛାଏଁ ବାଟକୁ ଆସିଯିବ । କିନ୍ତୁ ସେଦିନ ସେ ପୁଅର ଉଦାସିଆ ଚେହେରା ଦେଖି ମନେ ମନେ ଭାଙ୍ଗି ପଡ଼ିଲା । ଆଉ ଉପାୟ କ'ଣ ? ସବୁକଥା ସ୍ଥିର ହୋଇଯିବା ପରେ, ସେ ମୋଡ଼ମାଡ଼ ହୋଇ କୌଣସିମତେ ତା' ଉତଳା ମନଟାକୁ ବୁଝାଇ ନେଲା—ବାହାଘର ସରିଗଲେ, ରାଜୁ ଯିବ କୁଆଡ଼େ ? ଦି'ଚାରିଦିନ ହୁଏତ ଏମିତି ମନମାରି ପଡ଼ି ରହିବ; ପୁଣି ତା' ନୂଆ ସଂସାରରେ ମାତିଉଠିବ ଯେ···'' !

ଜାତି ଭାଇଙ୍କ ଖିଆପିଆ ଧୁମଧାମରେ ରାଜୁର ବାହାଘର ଶେଷ ହୋଇ-ଗଲା । ଘରକୁ ଆସିଲା—ଗୋଟିଏ ନଅମାସର ଝିଅ କୁଆଥିବା ରମ୍ଭା ବହୂ ହୋଇ । ରାଜୁ ଗୋଟିଏ ମାଟି ପିତୁଳାପରି ଉଁ କି ଚୁଁ ନକରି ବିଶାସ୍ତ ବିବାହ କରିଗଲା ସତ, କିନ୍ତୁ ତା' ଭିତରୁ ନିଆଁ ହୁଳା ଉଠୁଥିଲା । ସେ ଭାବିବାକୁ ଲାଗିଲା—ତା'ରି ପିଲାକୁ ପେଟରେ ଧରି ଗାଧା ହୁଏତ ବାପଘରେ ସାହିପଡ଼ିଶାଙ୍କ ଗଞ୍ଜଣା; ବାପ, ମାଆ ଓ ଭାଇଙ୍କ କୁଟୁଲିକୁଟିଆ କଥା ସହି ପଡ଼ିଥିବ । ତା' ବା'ଘର କଥା ଶୁଣିଲେ ହୁଏତ ସେ କ'ଣ ନାଇଁ କ'ଣ କରିଦେଇ ପାରେ । ତଥାପି ଗାଧାର ମନୋବଳ ଉପରେ ରାଜୁର ଆସ୍ଥା ଥାଏ । ସେ ପୁଣି ଭାବେ—'ନାଃ··· ଗାଧା ସେମିତିଆ ଝିଅ ନୁହେଁ । ଏଇ କଥାରେ ସେ କେବେହେଲେ ଆତ୍ମହତ୍ୟା କରିବ ନାହିଁ' ।

ଏଣେ ବାପ ପୁଅଙ୍କର ଏଇ ଛକାପଞ୍ଝା ମଧ୍ୟରେ ବିଚାରି ଅନାଥିନୀ ରମ୍ଭା ଦଳି ଚକଟି ହୋଇଗଲା । ପିଲାଟି ଦିନରୁ ମାଆକୁ ହରାଇ ରମ୍ଭା ପିଉସୀନାନୀ

Digitized by srujanika@gmail.com

ପାଖରେ ବଢିଥିଲା । ନଅବର୍ଷ ବୟସରେ ତା'ର ବାପ ମରିଥିଲା । ତାହାଠାରୁ ଚାରି ବର୍ଷ ବଡ଼ ଥିଲା ତା'ର ଗାଆଁର ଗଣ୍ଡାପୁଅ ଅନନ୍ତ ଗୋଲକ ସହିତ । ଗୋଲକ ପିଲାଦିନରୁ ଥିଲା—ବାରବୁଲା ଛତରା । ତା' ବିଧବା ମାଆ ଭାବିଲା—ପୁଅକୁ ହାତଛଡ଼ା କରିଦେଲେ, ହୁଏତ ତା'ର ବୁଦ୍ଧି ଶୁଦ୍ଧି ହେବ । କିନ୍ତୁ ତୁ ଯେତେ ମାଡ଼ିବୁ ମାଡ଼୍, ମୁଁ ସେଇ ଦରପୋଡ଼ା କାଠ, ନ୍ୟାୟରେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ଗୋଲକର ଛତରା-ଗିରି ଦିନକୁଦିନ ବଢ଼ିବାରେ ଲାଗିଲା । କାମ ଧନ୍ଦାରେ ମନ ନଦେଇ, ସେ ହାତରେ ଧନୁଶର ଧରି, ସକାଳୁ ପେଟେ ପଖାଳ ଠିଙ୍କି ଦେଇ, ପାଖ ଜଙ୍ଗଲକୁ ଚାଲିଯାଇ, ଦିନ ଅତେଇ ପହର ବେଳକୁ ଘରକୁ ଆସି ଉଧମ୍ କରୁଏ ଖାଇବା-ପାଇଁ । ମାଆ ବିଚାରୀ ଦୁଃଖଧନ୍ଦା କରି ଯାହା ଦି'ପଇସା ସାଇତି ରଖେ, ତାକୁ ଖୋଜାଖୋଜି କରି ଗୋଲକ ମାରିନେଇ, ବନ୍ଧୁ ଓ ହାଣ୍ଡିଆ ପିଆରେ ଉଡ଼ାଇ ଦିଏ ।

ରମ୍ଭା ଘରଭୋଗୀ ହୋଇ ଆସିବାର ଦୁଇମାସ ପରେ ତା' ଶାଶୁ ମରି-ଗଲା । ତା'ପରେ ବିଚାରୀ ସ୍ୱାମୀର ହାଲଚାଲ ଦେଖି ନିଜ ପେଟଟି ପାଳିବାଲାଗି ବାହାରି ପଡ଼ିଲା ପଦାକୁ । ବାଉଘରେ ଦୁଃଖଧନ୍ଦା କରି ଯାହା ମୁଠିଏ ଆଣେ, ଛତରା ଗୋଲକ ବୁଲିବୁଲି କରି ଆସି ସେତିକ ଖୋଜାଲେଉଡ଼ା କରି ଖାଇପିଇ ଦିଏ । ଓଲଟି ରମ୍ଭା କିଛି କହିଲେ; ତାକୁ ନିର୍ଘୁମ ମାଡ଼ ଚଢ଼ାଏ ।

ରମ୍ଭାର କଞ୍ଚା ବୟସଟା ଏଇମିତି ସ୍ୱାମୀର ଅତ୍ୟାଚାର ଓ ପରଘରେ ଗତର ଖଟେଇ ଖଟଣିରେ କଟିବାକୁ ଲାଗିଲା । ସେତିକରେ ବିଚାରୀ ହତଭାଗିନୀ ରମ୍ଭାର ଦିନ ଶେଷ ହେଲାନାହିଁ । ଗୋଲକ ପ୍ରଥମେ ପ୍ରଥମେ ସାଇପଡ଼ିଶାଙ୍କ ଘର ବାଡ଼ିରୁ ଲାଉ; କୋଇତାଳୁ, କଖାରୁ ଚୋରି କରି ତା' ଗୁଜୁରାଣ ମେଣ୍ଟାଇଲା ! ଗାଆଁର ଲୋକେ ଜାଣିପାରି ତାକୁ ଛକିଲେ । ଦିନେ ଦିନେ ଧରାପଡ଼ିଲେ ଗାଆଁ-ବାଲାମାନେ ମାଡ଼ଦେଇ ତାକୁ ବେହାଲ୍ କରି ପକାଇଲେ । ତା'ପରେ ସେ ଗାଆଁରୁ ଚୋରି କରିବା ଛାଡ଼ିଦେଇ, ଫେଡ଼ିମତ ଚୋରଦଳରେ ଯୋଗ ଦେଲା । ଗୋଟିଏ ବଡ଼ ଚୋରିରେ ଧରାପଡ଼ି ଗୋଲକ ପୋଲିସ୍ ହାତରୁ ଗୋଇଠା, ବିଧା ଚାପୁଡ଼ା ଖାଇ ହାଜତରେ ରହିଲା । ସେତେବେଳକୁ ବିଚାରୀ ରମ୍ଭା ଗର୍ଭବତୀ । ଗୋଲକ ହାଜତରେ ଥିବା ସମୟରେ ତା'ର ଝିଅ ଛୁଆଟିଏ ଜନ୍ମ ହେଲା । ପିଲାଟି ଜନ୍ମ ହେବାର ତିନମାସ ପରେ ଗୋଲକ ସେଇ ହାଜତ୍‌ରେ ରୋଗରେ ପଡ଼ି ପ୍ରାଣ ହରାଇଲା । ଏ' ଖବର ପାଇବାମାତ୍ରେ ରମ୍ଭାର ମୁଣ୍ଡରେ ବଜ୍ର ପଡ଼-

Digitized by srujanika@gmail.com

ଗଲା । ଯଦ୍ୟପି ଗୋଲକ କେବେ ହେଲେ ଘରର ଖର୍ଚ୍ଚ ତୁଲାଇବା ପାଇଁ ଅଧଲା-ଟିଏ ସୁଦ୍ଧା ଦେଉ ନଥିଲା, ତଥାପି ହିନ୍ଦୁ ଘରର ଝିଅ ରମ୍ଭା ସ୍ୱାମୀର ମୃତ୍ୟୁରେ କାନ୍ଦିବୋବାଇ ଉନ୍ମତ୍ତ ହୋଇଗଲା ।

ଗୋଲକର ଘରଡିହ ଖଣ୍ଡିକ ଛଡ଼ା ଆଉ ବାଡ଼ିଗୋବରରେ ଗୋଟେ ହେବ ଧାନଜମି ନଥିଲା । ବିଚରା ରମ୍ଭା ସେଇ ଘରଡିହ ଖଣ୍ଡିକ ଗାଆଁ ମାହାଜନ ହାତରେ ବନ୍ଧା ଦେଇ, ସ୍ୱାମୀର ଶୁଦ୍ଧିକ୍ରିୟା ସାରି, ତିନିମାସର ଛୁଆଟିକୁ ଧରି ବାପଘରକୁ ଚାଲିଆସିଲା । ସେ ବାପଘରେ ରହି ଦୁଃଖଧନ୍ଦା କରି ଚଳୁଥିବା ଅବସ୍ଥାରେ ଦେବା ଭୂୟାଁର ପୁଅ ରାଜୁ ସହିତ ଦୁତିଆ ହେବାର ପ୍ରସ୍ତାବ ଆସିଲା । ରମ୍ଭାର ଭାଇ, ଭାଉଜ ତାକୁ ଗଳଗ୍ରହ ବୋଲି ମନେ କରୁ-ଥିଲେ । ଏ' ପ୍ରସ୍ତାବ ଆସିବାମାତ୍ରେ ଦେବା ଭୂୟାଁର ହାଲଚାଲ କିମ୍ବା ତା'ପୁଅର ଚାଲିଚଳଣି କିଛି ନଜାଣି, ସେଥିରେ ରାଜି ହୋଇଗଲେ । ରମ୍ଭା ନଅମାସର ଶିଶୁଟିକୁ ଧରି ନୂଆ ଘରେ ପଦାର୍ପଣ, ଘରର ଅବସ୍ଥା ଦେଖି ମନେ ମନେ ଶାନ୍ତିରେ ନିଃଶ୍ୱାସ ମାରି ଭାବିଲା—'ଏତେ ଦିନକରେ ଭଗବାନ୍ ମୋ' ଦୁଃଖ ବୁଝିଲେ ! ଘରେ ଶାଶୂ ଶ୍ୱଶୁର, ଦିଅର, ନଣନ୍ଦ ଆଉ ବେଶ୍ ଛଇଛଟର ସ୍ୱାମୀ ଅଛି । ଘରେ ଖାଇବା ପିଇବାର ଅଭାବ ନାହିଁ । ଚଳିବାପାଇଁ ବଡ଼ ଘର ହୋଇ ନଥିଲେ ବି ଗୋଲକର ଘରପରି କୁଡ଼ିଆଟିଏ ନୁହେଁ । କିନ୍ତୁ ପହିଲି ରାତିରେ ତା' ସ୍ୱାମୀର ଅବହେଳା ଦେଖି ତା' ମୁଣ୍ଡକୁ ବଜ୍ର କାମୁଡ଼ିଲା । ସେ ତା' ଭାଇ ଭାଉଜଙ୍କଠାରୁ ଶୁଣିଥିଲା—ରାଜୁର ପହିଲି ସ୍ତ୍ରୀ ଅକାଳରେ ମରିଯାଇଥିବାରୁ, ଗନ୍ଧାବଅଣ୍ଡିଆ ଟୋକାକୁ ଦୁତିଆ ବିଭା କରୁଛନ୍ତି । କିନ୍ତୁ ପହିଲି ରାତିରେ ରାଜୁ ଶୋଇବା ଘରକୁ ନ ଆସି, ବାହାରେ କେଉଁଠି ରାତି କଟାଇ ସକାଳୁ ମୁହଁ ଓଳାଇ ଘରକୁ ଆସିବା ପରେ, ରମ୍ଭା ଏ' ବା'ଘରେ କିଛି ଭିତରିଆ ରହସ୍ୟ ଥିବାର ଅନୁମାନ କରିନେଲା । ସେହି ଅବସ୍ଥାରେ ସାତଟି ଦିନ କଟିଯିବା ପରେ, ସେ ଆଉ ସମ୍ଭାଳି ନପାରି, ତା' ଶାଶୂ ଆଗରେ ଆଖିରୁ ଲୁହ ଗଡ଼ାଇ ରାଜୁର ଅବସ୍ଥା ସମ୍ପର୍କରେ ଜାଣିବା ଲାଗି ମୁହଁ ଖୋଲିଲା ।

ଶାଶୁବୁଢ଼ୀ ରମ୍ଭାର ଅବସ୍ଥା ଦେଖି ମନେ ମନେ ବିଚଳିତ ହୋଇ ଉଠିଥିଲା । ଯେତେହେଲେ ସ୍ତ୍ରୀ ଲୋକଟାଏ ତ ! ସେ ନୂଆକରି ଆସିଥିବା ବୋହୂର ଆଖିରେ ଲୁହ ଦେଖି, ଆଉ ନିଜକୁ ଆୟତ୍ତ କରିପାରିଲା ନାହିଁ । ବୁଢ଼ୀ ରମ୍ଭାକୁ ଆଦର କରି ପାଖରେ ବସାଇ ସବୁକଥା ଖୋଲିଖୋଲି ଭାବରେ ବଖାଣି ଦେଇ

Digitized by srujanika@gmail.com

ଶେଷରେ କହିଲା—"ରାଜୁଆ ଆଉ ରାଧାକୁ ଆଣିବନାହିଁ ଯେ; କିନ୍ତୁ ତା'ପ୍ରତି ସ୍ୱା'ର ମୋହ ତୁଟିନି । ମାଆ, ତୁ ଭାଙ୍ଗିପଡ଼ନା, ପୁଅପିଲାଟେ କେତେଦିନ ତଳେ ଆଉଜେଇ ହୋଇ ରହିବ" ?

ଶାଶୂର ଆଶ୍ୱାସନାରେ ରମ୍ଭା ଆଖିରୁ ଲୁହ ପୋଛିଦେଲା ସତ, ତା' ମନରୁ କ୍ରୋଧ ମେଣ୍ଟିଲା ନାହିଁ । ସେ ଜଳ୍ ଜଳ୍ରୁ ଆସି ପୋଡ଼ ଚୋଡ଼ରେ ପଡ଼ି-ଥିବାରୁ, ପରିଲେ ନିଜ କରମକୁ ଦୋଷ ଦେଇ ବହେ କାନ୍ଦିଲା । ତା'ପରେ ରାଜୁ ଉପରେ ରାଗି ମନକୁ ମନ କହିହେଲା—'ଏ' କଣ ଖେଳଘର କଥାକି ? ଯଦି ତା' ନିଜ ମାଇପକୁ ସେ ଭୁଲିପାରୁନାହିଁ, ତେବେ ଆଉ ଗୋଟାକୁ ଗୋଟେଇ ଆଣିବାର କ'ଣ ଥିଲା ? ଏ' କ'ଣ ଗ୍ଲୋଟ ଦୁଧପିଆ ପିଲାଟେ ହୋଇଛି ନା କ'ଣ ଯେ, ତା' ବେକରେ କେହି ଜୋର କରି ଫାଶି ଲଗେଇ ଦେଲା । ହିଁ...ହୁଏତ, ବାପା ମାଆ ଜଗର୍ କରି ତାକୁ ଆଉ ଥରେ ବାହା ହେବାଲଗି ଲଗେଇଥିବେ, ଯଦି ତା' ମନ ପହିଲି ମାଇପ ପ୍ରତି ଏତେ ସକ୍ ସକ୍ ହେଉଥିଲା, ତେବେ ସଫା ସଫା ମନା କରି ଦେଲାନି କାହିଁକି ? ଏମିତି ମହାନ ମୁହାଁ ଧୂଳିଆ କାଦା ହୋଇ, ମୋ' ଜୀବନଟାକୁ ଏ' ମାଟିକଲା କାହିଁକି ? ମୁଁ ମୋର କପାଳକୁ ଆଦରି ମୋ' ଟିକିଛୁଆଟିକୁ ନେଇ ସେଇ ବାପଘରେ ଭାଉଜର ବିହଜଳା ଜଗର୍ ଲଗା କଥା ସହି ପଡ଼ିରହିଥାନ୍ତି; ନ ହେଲେ, ଆଉ କେଉଁଠି ବୁଢ଼ା ହାଡ଼ା ଦେଖି କୌଣସି ମତେ ଗୁଜୁରାଣ ମେଣ୍ଟଇବା ଲଗି ଦୁହାଁଓ ହୋଇ ଯାଇ ଥାଆନ୍ତି ! ଏବେ ତ କେଉଁ କୂଳରେ ହେଲି ନାହିଁ । ମୁଁ ଯା' ଦେଖୁଛି—'ବୁଡ଼ିଗଲି ଗୋଡ଼ ତଳକୁ ତଳକୁ ଯାଉଛି...' !!

ରମ୍ଭା ଏହିପରି ଆକାଶ ପାତାଳ କେତେ କ'ଣ ଭାବି, ରାଜୁ ସହିତ ସେଦିନ କୌଣସି ମତେ କଥାବାର୍ତ୍ତା କରିବା ପାଇଁ ମନରେ ଦମ୍ଭ ଧରି ଅପେକ୍ଷା କରି ରହିଲା । ସେଦିନ ରାଜୁ ଖାଇ ପିଇ ସାରି ଘରୁ ବାହାରି ଯିବା ବେଳକୁ ରମ୍ଭା ତା' ଆଗରେ ଛିଡ଼ା ହୋଇ ପଡ଼ି କହିଲା—"ଆଜି ମୁଁ ତୁମକୁ କେବେହେଲେ ଛାଡ଼ିବି ନାହିଁ । ତୁମେ ମୋ' କଥା ଶୁଣି ସାରିବା ପରେ ଗଲିଯିବ ପଛକେ ମୁଁ, ତୁମକୁ ଅଟକାଇବି ନାହିଁ" ।

ରାଜୁ ତଳକୁ ମୁହଁପୋତି ଅପରାଧୀଟିଏ ପରି ସେଇଠି ଛିଡ଼ା ହୋଇ କହିଲା—"ରମ୍ଭା, ମୋତେ କ୍ଷମା କରିଦେ । ମୁଁ କୌଣସି ମତେ ତୋତେ

Digitized by srujanika@gmail.com

ଆଦର ନେଇ ପାରିବ ନାହିଁ'' । ଗଜୁ ଏତିକ କହିଲା ବେଳକୁ ତା'ର କଣ୍ଠରୋଧ ହୋଇ ଆସିଲା ଏବଂ ତା' ଆଖିରୁ ଧାର ଧାର ହୋଇ ଲୁହ ଗଡ଼ିବାରେ ଲଗିଲା ।

ଗଜୁର ଅସହାୟ ଅବସ୍ଥା ଦେଖି ରମ୍ଭା ତା' ଆଖିରୁ ସାହାସ କରି ଲୁହ-ଧାର ପୋଛି ଦେଇ କହିଲା—''ମୋର ଦୋଷ କ'ଣ ତୁମେ କୁହ ! ତୁମେ ଗଧା ଅପାକୁ ଭଲ ପାଅ, ସେଥିରେ ମୋର ଆପତ୍ତି ନାହିଁ, ତୁମେ ତାକୁ ଘରକୁ ଆଣିଲେ ବି ମୁଁ ପଦେ ହେଲେ ମୁହଁ ଖୋଲି କିଛି କହିବି ନାହିଁ । କିନ୍ତୁ ମୋତେ ଦହଗଞ୍ଜ କରି ମାରିବାକୁ ତୁମେ କାହିଁକି ବସିଚ'' ?

ରମ୍ଭାର ଯୁକ୍ତିରେ ଗଜୁର ମୁହଁ ଖୋଲିଲା ନାହିଁ । ସେ କିଛି ସମୟ ସେଇଠି କାଠ ପଥର ପାଲଟି ଯାଇ ତଳକୁ ମୁହିଁ ରହିଲା । ଏହିପରି ଭାବରେ ନୀରବତାରେ କିଛିକ୍ଷଣ ବିତିଯିବା ପରେ ପୁଣି କହିଲା ରମ୍ଭା—''ମୁଁ ତ ତୁମ ବେକରେ ଜୋର୍ ଜବର୍ଦ୍ଦସ୍ତି କରି ବାଲି କଳସୀ ହୋଇ ବନ୍ଧା ହୋଇନି; ତୁମେ ମୋତେ ଦୁଲ୍ହଣୀ ହୋଇ ଘରକୁ ଆଣି ଏପରି ହୀନିମାନିଆ କରୁଚ କାହିଁକି'' ?

ଗଜୁ କିଛି କହିବା ପୂର୍ବରୁ ତା' ଶୋଇବା ଘର ଖଟ ଉପରେ ବସି ପଡ଼ି ଧୁଣି କିଛି ସମୟ ନୀରବ ହୋଇ ରହିଲା । ମନେ ମନେ ରମ୍ଭାପ୍ରତି ତା'ର ଦୟା ଜାତ ହେଲା । ସେ ଭାବିଲା—'ଏ ବିଚାରୀର ପ୍ରକୃତରେ ଦୋଷ କ'ଣ ? ଯାଁ'କୁ ସବୁ କଥା ଜଣାଇ ଦେଲେ କ୍ଷତି କ'ଣ ? ହୁଏତ ହୋଇପାରେ, ଏ' ମାଆ ବାପାଙ୍କ ଆଗରେ ସବୁ କଥା କହିଦେବ ! ଦେଲେ ବା କ୍ଷତି କ'ଣ ? ତା'ଫଳରେ ହୁଏତ ସାହିପଡ଼ିଶା, ଭାଇଭଉଣୀ ସମସ୍ତେ ମୋ' ମନକଥା ଜାଣି-ଯିବେ । ଏକା ଥରକରେ କାମ ମେଣ୍ଟିଯିବ'' !

ସେ କିଛି ସମୟ ପରେ ମୁହଁ ଖୋଲି, ରମ୍ଭା ଆଡ଼କୁ ଥରଟିଏ ଗୁହିଁ ଦେଇ କହିଲା—''ମୋତେ କ୍ଷମା କରି ଦେ'...! ମୁଁ ଜାଣିଶୁଣି, ତୋ' ମନରେ ଦୁଃଖ ଦେଇନି ! ହଁ...ମୁଁ ଦୁଲ୍ହଣୀ ହେବାବେଳେ ମୁହିଁ ଖୋଲି ବାପା ମାଆଙ୍କୁ କିଛି କହିନି ! ସେତକ ମୋର ଦୋଷ ! ମୁଁ ସତ କହୁଚି—ମୋ' ଗଧାକୁ ମୁଁ ଆଦୌ ଭୁଲିପାରିବ ନାହିଁ ! ମୁଁ ଭଲ ଭାବରେ ବୁଝୁଚି...ସେ ଠିକଏ ସହି ସମ୍ଭାଳି ଯାଇଥିଲେ, ଏତେ ଦୂର କଥା ବଢ଼ି ନଥାନ୍ତା, ତଥାପି...'' !

ରମ୍ଭା ଗଜୁର ପାଟିରୁ କଥା ଛଡ଼ାଇ ନେଇ କହିଲା—''ତୁମେ ଗଧା ଅପାକୁ ଡାକି ଆଣ, ମୁଁ ତା' ସହିତ ମିଳିମିଶି ସାନ ଭଉଣୀ ପରି ଚଳିଯିବି !

Digitized by srujanika@gmail.com

ବନେ ଯଦି ତା' ସମ୍ବନ୍ଧରେ କିଛି କଳିଆ କରେ, ତୁମେ ମୋତେ ଗୁଞ୍ଜୁଣିରେ ପିଟି ଏ'ଘରୁ ବାହାର କରିଦେବ"! ମୁଁ ତା' ଗୋଡ଼ତଳେ ପଡ଼ି ତା'ଙ୍କ ବୋଲହାକ ମାନି ପଡ଼ିରହିବି । ତୁମେ ଥରେ ପରୀକ୍ଷା କରି ଦେଖ···"

ରମ୍ଭା ଆଉ କିଛି କହିପାରିଲା ନାହିଁ । ତା' ଆଖିରୁ ଝର୍ ଝର୍ ହୋଇ ଲୁହଧାର ଝରି ପଡ଼ିଲା । ରାଜୁ ରମ୍ଭାର ବିକଳତା ଲକ୍ଷ୍ୟ କରି ହଠାତ୍ ବିଚଳିତ ହୋଇ ପଡ଼ିଥିଲେ ହେଁ, ଗଧାର ହସହସ ମୁହଁ, ତା' ଅଖିର ଛଟକ, ତା'ମୁହଁ ମୋଡ଼ା ଏବଂ ତା'ର ଗୁଣ୍ଠୁଣି ହାଣ୍ଡି ପରି ମନଭୁଲା ଚେହେରା ତା' ଆଖି ଆଗରେ ଝଲସି ଉଠିଲା । ତା'ର ମନେ ହେଲା—ସତେ ଯେପରି ଗଧା ଆଖି ମିଟିକା ମାରି, ତାକୁ ଉପହାସ କରି କହୁଛି—'ଦେଖିଲାଣି ତୁମ ମରଦ ପଣିଆ···' । ହଠାତ୍ ପୁଣି ରାଜୁର ଆଖି ଆଗରେ ସେ ଦୃଶ୍ୟ କୁଆଡ଼େ ଉଭେଇ ଯାଇ ଉଡ଼ା ଯାହାରେ ବୁଲୁଥିବା ଗଧାର ଚେହେରା ନାଚି ଉଠିଲା···ତା'ପରେ ସେଦିନ ବଜାର ମୁଣ୍ଡ ପୋଖରୀକୂଳରେ ଶଗଡ଼ ଉପରେ ବସିଥିବା ଗଧା ଝଲସି ଉଠି କୁଆଡ଼େ ଆଖିପିଛୁଡ଼ାକେ ଉଭେଇ ଯାଇ, ପୁଣି ପୁନିଅଁ ରାତିର, ତାଙ୍କ ଗାଆଁ ମୁଣ୍ଡ ଆମ୍ବ ବଗିଚାର ଅନ୍ଧାରକା ଗଧାର ସେଇ ଗମ୍ଭୀର ଚେହେରା ଉଦ୍ଧୁଙ୍କି ଉଠିଲା । ତା'ପରର ଗୋଟି ଗୋଟି ହୋଇ ତା'ର ମନେ ପଡ଼ିଗଲା—ଗଧାର ପ୍ରତିଜ୍ଞା ଏବଂ ଶେଷରେ ଆମ୍ବ ବଗିଚାରେ ନିଶୀଥ ରାତିର ଝରା ଜ୍ୟୋତ୍ସ୍ନାର ଝିଲ୍‌ମିଲ୍ ପରଦା ତଳେ ଦୁହିଁଙ୍କର ଏକାକାର ହୋଇ ଯାଇଥିବା ଦୃଶ୍ୟ··· । ରାଜୁ ଆଉ କିଛି ଭାବିପାରିଲା ନାହିଁ ! ହଠାତ୍ ସେ ମୁହଁ ଖୋଲି କହିଲା—"ନାଃ···ତା' ବି ସମ୍ଭବ ନୁହେଁ । ଗଧା ମୋର କାଉଁରିଆ କାଠି ପରି ଅଟଳ ସେ ଭାଙ୍ଗିଚିବ ପଛକେ, କେବେ ହେଲେ ଲଇଁପିବ ନାହିଁ !! ତୁ ମୋତେ କ୍ଷମା କରିଦେ ରମ୍ଭା··· "ରାଜୁର କଣ୍ଠସ୍ୱର ଥରି ଉଠିଲା, ସେ ହଠାତ୍ ଛିଡ଼ା ହୋଇପଡ଼ି କମ୍ପିତ ସ୍ୱରରେ କହିଲା—" ରମ୍ଭା, ମୁଁ ତୋତେ ଛୁଇଁ ନାହିଁ କି ତୋତେ ଏ'ଜୀବନରେ ଛୁଇଁ ପାରିବି ନାହିଁ ! ଗଧା ମୋର···ମୁଁ ତା'ର··· !! ଆମ ଦୁହିଁଙ୍କ ମଝିରେ ଆଉ କେହି ଛିଡ଼ା ହୋଇ ପାରିବ ନାହିଁ କିମ୍ବା ଛିଡ଼ା ହେଲେ ବି ଗଧା ତାକୁ ସହି ପାରିବ ନାହିଁ । ମୁଁ ଏହା ହେବାକୁ ଦେବି ନାହିଁ···" !!

ଏତିକ କହିଦେଇ ଝଡ଼ପରି ବାହାରିଗଲା ରାଜୁ ବାହାରକୁ । ରମ୍ଭା ଜଳଜଳ ହୋଇ କେବଳ ଚାହିଁ ରହିଲା ରାଜୁ ଗତିପଥକୁ । ସେ କିଛି ସମୟ ପର୍ଯ୍ୟନ୍ତ ଅଶ୍ୱଥଗଛ ପରି ନିଷ୍ଚଳ ହୋଇ; ସେଇଠି ଛିଡ଼ା ହେବା ପରେ, ତା'ର

Digitized by srujanika@gmail.com

ପ୍ରକୃତ ବାହ୍ୟଜ୍ଞାନ ଫେରି ଆସିଲା । ସେ ପ୍ରଥମେ କାନ୍ଦିବ କି ହସିବ, କିଛି ଠିକ୍ କରିପାରିଲା ନାହିଁ । ଠିକ୍ ସେଇ ସମୟରେ ତା'ର ଦଶମାସର ଝିଅଟି ବିଛଣାରେ ଲେଉଟି ପଡ଼ି ଚିଡ଼ା ଛୁଡ଼ି କାନ୍ଦି ଉଠିଲା । ରମ୍ଭାର ଭାବନାର ସୂତାଖିଅଟା ଛିଟ୍‌କିନା ଛିଡ଼ିଗଲା । ସେ ଛିଡ଼ା ହୋଇଥିବା ଥାନରୁ ହଠାତ୍ ଦୌଡ଼ିଯାଇ ଛୁଆଟିକୁ ସମ୍ଭାଳି ନେଲା, ନଇଲେ ହୁଏତ ଖଟଉପରୁ ଛୁଆଟି ତଳେ ପଡ଼ି ଯାଇଥାଆନ୍ତା । ସେ ଛୁଆଟିକୁ କୋଳକୁ ଉଠାଇ ନେଇ, ତାକୁ ଛାତିରେ ଜାକିଧରି କ୍ଷୀର ଖୁଆଇ ଦେଇ, ବିଛଣାରେ ସେଇଠି ଗଡ଼ିପଡ଼ିଲା । ତା' ଆଖିକୁ ଟିକିଏ ହେଲେ ନିଦ ଆସିଲା ନାହିଁ । ସାରାରାତିଟା ସେ ଏ'କଡ଼ ସେକଡ଼ ହୋଇ କେତେ କ'ଣ ଭାବିଲା, ତା'ର ସୀମା ନାହିଁ । ଶେଷକୁ ସେ ମନକୁମନ କହିହେଲା—'ଆହାଃ···ଗଧ କେଡ଼େ ଭାଗ୍ୟବନ୍ତ ! ଗୋଡ଼ରେ ଗୋଡ଼େଇ ଦେଇ ଶାଶୁଶଶୁରଙ୍କୁ ଖାତିର୍ ନକରି ବାପଘରକୁ ଚାଲିଯାଇଥିଲେ ବି, ଗେରସ୍ତ ତାଙ୍କୁ ଝୁରି ହଉଚି ! ତା' ବିନା ଆଉ କାହାରି ଆଡ଼କୁ ଆଉ ଆଖିରେ ଟିକିଏ ସୁଦ୍ଧା ଅନାଉ ନାହିଁ । ଧନ୍ୟରେ ଭାଗ୍ୟ··· !! ବର୍ଷ ବର୍ଷ ଧରି ଗତର ଖଟି ଯେଉଁ ଗେରସ୍ତ ପାଇଁ ମୋ' ସୁନା ଦେହଟାକୁ ମୁଁ ଚୂନା କଲି, ସେ ଦିନେ ହେଲେ ଟିକିଏ କଅଁଳ କଥା ପଦିଏ ବି କହିଲା ନାହିଁ । ଖାଲି···ତା'ରି ବାଧା ଗୋଇଠାରେ ମୋ' ଦେହଟା ସିଝିଗଲା···ନାଁ···ରାଜୁ···ତୁମେ ଦେବତାଟିଏ । ତୁମେ ତୁମର ଗଧାକୁ ଝୁରି-ହେଇ ଦିନ କାଟିଦିଅ, ମୁଁ ହତଭାଗିନୀ କାହିଁକି ତୁମ ଗୋଡ଼ର କଣ୍ଟା ହେଇ ଏଠି ପଡ଼ି ରହିବି ? ତୁମେ ତୁମ ବାଟ ଦେଖ···ମୁଁ ମୋ' ବାଟ ଦେଖିବି··· ! ଦେଖା-ଯାଉ, ଭାଗ୍ୟରେ ଆଉ କେତେ କ'ଣ ହୀନିମାନ ଅଛି' !!!

ସକାଳର କୁଆ କାଆ···କରିବା ଯାଏଁ ରମ୍ଭାର ଆଖିକୁ ଟିକିଏ ହେଲେ ନିଦ ଆସିଲା ନାହିଁ । ସେ ଆଉ ଘଡ଼ିଏକାଳ ସେଇମିତି ବିଛଣାରେ ପଡ଼ି ପଡ଼ି ବାହାରକୁ ଉଠିଆସି ଦେଖିଲା—ଘରେ କେହି ବାସି ଶେଯରୁ ଉଠିନାହାନ୍ତି । ଘରଟା ଚାରିଆଡ଼େ ଶୁନ୍‌ଶାନ୍, ସତେ ଯେପରି, ଘରଟା ତାକୁ ଖାଁ···ଖାଁ··· ଗୋଡ଼େଇ ଆସୁଛି ।

—o—

॥ ସତର ॥

ସେଦିନ ରମ୍ଭା ରାଜୁ ମୁହଁରୁ ସବୁକଥା ଶୁଣିବା ପରେ ସେ ତା' ବାଟ ମନେ ମନେ ବାଛିନେଲା । ସେ ଦିନେ ତା' ମନକଥା ବାଆଁରେଇ ଶାଶୁ

Digitized by srujanika@gmail.com

ଆଗରେ କହିଦେଲା, କିନ୍ତୁ ଶାଶୁବୁଢ଼ୀ ମନରେ ରମ୍ଭାର କଥା ବିଶେଷ କିଛି ପ୍ରଭାବ ପକାଇଲା ନାହିଁ । ସ୍ତ୍ରୀ ମୁହଁରୁ ଦେବା ଏ'କଥା ଶୁଣି ମନେ ମନେ ଦୁଃଖିତ ହୋଇ, ଆଉ ସେହିଦିନ ଠାରୁ ରମ୍ଭାର ମୁହଁକୁ ଭଲ ଭାବରେ ଚାହିଁପାରିଲା ନାହିଁ । କାରଣ ରମ୍ଭା ପାଖରେ ଦୋଷୀ ହେଉଛି ପ୍ରକୃତରେ ଦେବା । ସେ ପୁଅର ମତାମତ ପ୍ରତି ଖାତିର ନକରି, ନିଜର ହମ୍‌ଶୁଳିଆ ମାତିରେ ରମ୍ଭା ସହିତ ରାଜୁର ବିଭାଘର ଠିକ୍ କରିଥିଲା । ରମ୍ଭା ବେଶ୍ ବୁଝିପାରିଲା ଯେ ଶ୍ୱଶୁରବୁଢ଼ା 'ଗାଈକି ମାଇଲେ ମଲି, ଗାଈ ମାଇଲେ ମଲି' ଭଳି ବଡ଼ ଅଡୁଆରେ ପଡ଼ି ତାକୁ ଭରସି କରି ଚାହିଁପାରୁନି କିମ୍ବା ପୁଅକୁ ବି କଥା କହୁନି । ରମ୍ଭା ଉପରେ ନଜର୍ ପଡ଼ିଗଲାକ୍ଷଣି ସେ ମୁହଁକୁ ତଳେଇ ଦେଇ ଗୋଟିଏ ବୁକୁଫଟା ଦୀର୍ଘ ନିଃଶ୍ୱାସ ଛାଡୁଛି । ରମ୍ଭା ଆହୁରି ଲକ୍ଷ୍ୟ କଲା—ରାଜୁ ତା' ମନକଥା କହିଦେବା ଦିନଠାରୁ, ଘରେ ଦଣ୍ଡେହେଲେ ରହୁନି କିମ୍ବା ବାପ, ମାଆଙ୍କ ସହିତ କଥାବାର୍ତ୍ତା କରୁନି । କେବଳ ଖାଇବାକୁ ଗଣ୍ଡେ କେତେବେଳେ ଆସିଲେ ଚମ୍ପୀ କିମ୍ବା ଖେତରୀ ଜରିଆରେ ଭାତ ଦି'ଟା ଆଖିରେ କାନରେ ପୂରାଇଲା ପରି, ଥାଳୀ ସାଫ୍ କରିଦେଇ, ହାଇ ମାରିଲାପରି ଘରୁ ବାହାରି ଯାଉଛି । ଦିନେ ଦିନେ କୁଆଡ଼େ ଚାଲିଯାଉଛି ଯେ, ଚାହିଁ ଚାହିଁ ଭାତ ଗଣ୍ଡାକ ଶୁଖି ମରୁଆ ହେଉଛି ପଛକେ ସେ ଖାଇବାକୁ ଅସୁନି କିମ୍ବା କିଛି ଖବର ଦେଉନି । ରାଜୁର ଆଚରଣ ଫଳରେ ଘରଟା ଶୁନ୍ ଶାନ୍ ହୋଇଯାଇଛି । ବାହାରକୁ ଜଣାପଡୁଛି—ସତେ-ଅବା ଘରଟାରେ ତାଟିକବାଟ ପଡ଼ିଯାଇଛି !

ରମ୍ଭା ଆଉ ମାସଟିଏ ସେ ଘରେ ଦୁଃଖଧନ୍ଦା, କାମଦାମ କରି ରହିବା ପରେ, ଦିନେ ତା' ବାପଘରକୁ ଯିବାଲାଗି ଶାଶୁ ଆଗରେ କହିଲା । ବୁଢ଼ୀ ତା' ମୁହଁରୁ ବାପଘରକୁ ଯିବାର ଶୁଣି, ପ୍ରଥମେ ଚମକି ପଡ଼ିଥିଲେ ବି କିଛି ସମୟ ଚୁପ୍ ରହି କହିଲା—"ହଉ...ତାଙ୍କୁ କହେ, ସେ ତୋ' ଭାଇକୁ ଖବର ଦିଅନ୍ତୁ..." ।

ତା'ପରେ ଆହୁରି ଆଠଦିନ ବିତିଗଲା । ରମ୍ଭାର ଭାଇ ଦିନେ ରାତି ପହରକ ବେଳେ ଆସି ପହଞ୍ଚିଗଲା ଏବଂ ପରଦିନ କାଳିଅନ୍ଧାରୁ ରମ୍ଭା ତା' ଭାଇ ସହିତ ବିଦା ହୋଇଗଲା । ରମ୍ଭା ଯିବାବେଳେ ଶାଶୁ ଶଶୁରଙ୍କୁ ଜୁହାର ହୋଇ ଛିଡ଼ା ହେବାମାତ୍ରେ ତା' ଆଖିରୁ ଆମ୍ବସାଆଡ଼ା ପରି ଲୁହଧାର ଗଡ଼ି ପଡ଼ିଲା । ବିଚରା ରମ୍ଭା ଚିରଦିନ ପାଇଁ ସେ ଘରୁ ଚାଲିଯାଉଥିବାରୁ, ଦେବା ଓ ତା' ସ୍ତ୍ରୀ

Digitized by srujanika@gmail.com

ଧୈର୍ଯ୍ୟଧରି ରହି ପାରିଲେନି; ସେ ବିହୁଙ୍କ ଆଖି ଛଳଛଳ ହୋଇ ଉଠିଲା । ବୁଢ଼ା ବୁଢ଼ୀଙ୍କ କରୁଣ ଚାହାଣିରୁ ରମ୍ଭା ବେଶ୍ ବୁଝିପାରିଲା—ଦୁହେଁଯାକ ଯେପରି ମନେ ମନେ ନିତାନ୍ତ ଭାଙ୍ଗି ପଡ଼ି କରୁଣ ସ୍ୱରରେ କହୁଛନ୍ତି—ପଥ ସୁମନ ବାପ-ଘର ଯିବୁ, ଆଉ ଅଯୋଧ୍ୟାକୁ ମନ ନ କରିବୁ···' ।

ରମ୍ଭା ଚାଲିଯିବା ପରେ ଦେବା ପୁଣି ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ କହିଲା—"···ଭଲରେ ଭଲରେ ତା' କୂଳକିନାରା ବାଛି ନନେଇ ଯଦି ନ୍ୟାସ୍ତ ନିଶାପ ଉପରକୁ ସେ ଯାଏ···ପୁଣି ମୁଣ୍ଡ ତଳକୁ ହୋଇଯିବ···"!

"ହଉ···ଦେଖ···!" ବୁଢ଼ୀ ଗୋଟିଏ ଛାଡିଲା ଖରନିଃଶ୍ୱାସ ଗ୍ଡ଼ି କହିଲା—"···କେଉଁ ପାଣି କେଣିକି ଯାଉଚି···" !

ରମ୍ଭା ଚାଲିଯିବା ପୂର୍ବଦିନ ରାଜୁ ଆଦୌ ଘରକୁ ଆସିନଥିଲା । ତେଣୁ ସେଦିନ ରାତ୍ରୁଣୀଗାଧୁଆବେଳେ ସେ ଘରକୁ ପଶିଆସି, ବାପ ମାଆଙ୍କୁ ଦୁଇଟି କାଠ ପିଢ଼ୁଲାପରି ତଳକୁ ମୁହଁପୋତି ବସିଥିବାର ଦେଖି, କିଛି କ'ଣ ଗୋଟାଏ ହୋଇଯାଇଥିବାର ଆଶଙ୍କା କଲା । ତାପରେ ସେ ତା' ଶୋଇବା ଘରକୁ ପଶି-ଯାଇ, ରମ୍ଭା କମ୍ପା ତା' ଝିଅକୁ ନଦେଖି, ମନେ ମନେ ସବୁକଥା ଠଉରେଇ ନେଇ ଚମ୍ପାକୁ ଆଖିର ଇଶାରାରେ ଡକାଇ ଆଣି, ତା'ଠାରୁ ସବୁକଥା ବୁଝି-ନେଲା ।

ଚମ୍ପୀ ମୁହଁରୁ ରମ୍ଭାର ବାପଘର ଯିବାର ଖବର ପାଇବାମାତ୍ରେ ଅବଶ୍ୟ ରାଜୁର ମନ ପ୍ରଥମେ ଆନନ୍ଦରେ ଉଲୁସି ଉଠିଲା କିନ୍ତୁ ପର ମୁହୂର୍ତ୍ତରେ ସେ ବାପା ମାଆଙ୍କ ପରି ମୁହଁ ଶୁଖାଇ, ସେଇ ଘର ଭିତରେ ପଡ଼ି ରହିଲା ।

ରାତ୍ରୁଣୀ ଗାଧୁଆବେଳରୁ ଦିନ ଗଡ଼ିଯାଇ ମୂଳଆଉଠା ବେଳ ହେଲା; ଘରେ ରନ୍ଧାବଢ଼ାର କିଛି ଉପକ୍ରମ ନଦେଖି, ଚମ୍ପୀ ଓ ଖେତରା ପିଆଜ ଖଣ୍ଡା ଲଗାଇ ବାସି ପଖାଳ ଦି' କଂସା ଠୁଙ୍କିଦେଇ ଖେଳିବାକୁ ଚାଲିଗଲେ । ଚଇତ୍ର ମାସର ଗୁଉଁଗୁଉଁଆ ଖରା ମେଲେଇ ଦେଇ ସୁରୁଜ ମୁଣ୍ଡ ଉପରୁ ଗଡ଼ିପଡ଼ିଲେ । ତଥାପି କାହାରି ଧ୍ୟାନମୁଦ୍ରା ଭାଙ୍ଗିଲା ନାହିଁ । ଶେଷକୁ ରାଜୁ ତା' ଶୋଇବାଘରୁ ଉଠିଯାଇ ବାପ ମାଆଙ୍କ ଆଗରେ ମୁହଁ ତଳକୁ କରି ଘଡ଼ିଏକାଳ ଠିଆହୋଇ ରହିଲା । ତା'ପରେ ତା' ମନକୁ କ'ଣ ଆସିଲା କେଜାଣି, ସେ ସେଇଠି ଲମ୍ବ-ହୋଇ ପଡ଼ିଯାଇ ଭେଁ' ଭେଁ' କରି କାନ୍ଦି ଉଠିଲା ।

ପୁଅର ହଠାତ୍ ଏ' ଅଦେଖଣା ବୁକୁଫଟା ବ୍ୟବହାର ଦେଖି ଦେବା, "ଆରେ···ଏ' କ'ଣ···ଏ···କ···ଣ" କହି ପୁଅକୁ ଟେକି ଉଠାଇ ପକାଇ

Digitized by srujanika@gmail.com

କୁଣ୍ଢାଇ ପକାଇଲା । ରାଜୁ ବାପାର କାନ୍ଧଉପରେ ମୁଣ୍ଡ ରଖି ଛୋଟ ପିଲାଙ୍କ ପରି କାନ୍ଦି କାନ୍ଦି କହିଲା—"ବାପା, ମୋ' ଦୋଷ କ୍ଷମା କରିଦିଅ । ମୋର ପାଇଁ ଆଜି ଏତେ ନାଟ ଲାଗିଲା···" ରାଜୁ ଆଉ କିଛି କହିପାରିଲେ ନାହିଁ । କେବଳ ବୁଢ଼ାକୁ କୁଣ୍ଢାଇ ଧରି ଧକେଇ ହୋଇ କାନ୍ଦିବାକୁ ଲାଗିଲା । ଦେବା ରାଜୁକୁ ଆହୁରି ଜୋରରେ ଭିଡ଼ିଧରି, ତା' ମୁଣ୍ଡକୁ ଆଉଁଷିଦେଇ କାନ୍ଦୁଣିଆ ସ୍ୱରରେ କହିଲା—"ଛିଃ···ଛିଃ···ପାଗଳାଟା···ମରଦପୁଅ କ'ଣ କାନ୍ଦନ୍ତି··· ?" ଦେବା ରାଜୁର ଆଖିରୁ ଲୁହ ପୋଛିଦେଇ କହିଲା—"ସବୁ ତୋ' ଭଲ ପାଇଁ କରିଥିଲି ଯେ, ହେଲେ···ତୋ' ମନଟାକୁ ନ ବୁଝି ମୋ' ମନ ଅନୁସାରେ କାମ କରିଗଲି । ଏଥିରେ ତୋ'ର ଅପରାଧ କ'ଣ ? ଲୋକେ ଯା' କିଛି କହିବେ ମୋତେ କହିବେ ··'ବାପ ଥିଲା ପୁଅ ସଙ୍ଗରେ ମୁହଁ ତଳକୁ କରେନା'···ଯାଃ··· ରାଧିଆପାଧିଆ କରି ନିଶ୍ଚିନ୍ତରେ ତୋ' କାମ କର···ଆଗକୁ ଭାଗ୍ୟରେ ଯା'ଥିବ, ତାହାହିଁ ଭୋଗିବା···" ।

ବୁଢ଼ୀ ବଗୁଲି ବାପପୁଅଙ୍କ ଅବସ୍ଥା ଦେଖି, ବଲ୍‌ବଲ୍ ହୋଇ ଝୋଲମରାଙ୍କ ପରି ଦୁହିଙ୍କ ଆଡ଼କୁ ଚାହିଁ ରହିଲା । ବାପପୁଅ ଦୁହେଁ ବୋଧ ଶୋଧ ହୋଇ ଚାଲିଯିବା ପରେ, ବେଳ ଅଢ଼େଇପହର ହୋଇ ଯାଇଥିବାର ଲକ୍ଷ୍ୟ କରି, ସେ ତରଭର ହୋଇ ରୋଷେଇ ଘରକୁ ପଶିଗଲା ।

× × ×

ଠିକ୍ ସେହିଦିନ ରାତି ପ୍ରାୟ ନଅଘଡ଼ି ବାଜିଗଲାଣି । କଳା ପକ୍ଷିଆ ଦଶମୀ ରାତିର ଜହ୍ନଟା ଦଉଡ଼ମାରି ଉଠିବାଲାଗି ସଜବାଜ ହେଲାଣି । ସାରାଦିନର ଠାଉଁଠାଉଁଆ ତାଇତଆଖରା ପରେ ରାତିଅଧରୁ ସୁଲୁସୁଲିଆ ବାଆ ବହି ଲୋମମାନ ଠାକୁର ଦେବାକୁ ବସିଲାଣି । ହଠାତ୍ ଗାଆଁ ଭିତରୁ ହୋ' ହୋ' ପାଟି ଶୁଭିଲା । ସେହି ପାଟିଗୋଳରେ ପ୍ରଥମେ ଦେବାର ନିଦ ଭାଙ୍ଗିଗଲା । ସେ ଉଠିପଡ଼ି ହେଲେ କାନପାତି ଶୁଣିଲା—ପାଟିଗୋଳ ଶୁଭୁଛି ହରିରାମ ମାରୱାଡ଼ୀ ଘରୁ··· !

ଏଇ ତିନି ଚାରିମାସ ତଳେ ହରିରାମ ମାରୱାଡ଼ୀ ଦେବାକୁ ଅଧଲାଟିଏ ନଦେଇ ଖାଲି ହାତରେ ଫେରାଇ ଦେଇଥିବାରୁ, ସେ ଆଜି ସେହିଦିନରୁ ମାହାଜନକୁ ପାଟି ଫିଟେଇ ନାହିଁ । ଥରେ ଦି'ଥର ହରିରାମ ମାହାଜନ ସହିତ ମୁହାଁମୁହିଁ ହୋଇ ଯାଇଥିଲେ ହେଁ, ଦେବା ତଳକୁ ମୁହଁପୋତି ବାଟ ଭାଙ୍ଗି ନିଜ କାମରେ ଚାଲିଯାଇଛି ।

Digitized by srujanika@gmail.com

କିନ୍ତୁ ସେଦିନ ଅଧରାତିଟାରେ ତା' ହୁରିଡ଼ାକାଶୁଣି ଦେବା ଭୂୟାଁର ମନରେ ପଛକଥା ଗୁଡ଼ାକ କିଛି ପଶିଲା ନାହିଁ । ସେ ରାଜୁକୁ ଡାକି ପକାଇ କହିଲା—"ଜଲଦି ଦଉଡ଼ିଆ ପୁଅ, ହରିରାମ ମାହାଜନ ଘରେ ଡକେଇତ ପଶିଚନ୍ତି । ତୋ' ଲୁହା ଗୋବଥିବା ବାଡ଼ିଟା ଆଣିବୁ.. ସାବଧାନ ହେଇ ରହିବୁ । ମୁଁ ଧନୁଶର ନେଇ ତା' ବାଡ଼ପଟ ଆଡ଼ୁ ଆକ୍ରମଣ କରିବି··ହିଁ... ଦେଖ, ତୁ ଦକ୍ଷିଣ ପାଖକୁ ଯିବୁ ନାହିଁ । ସେଇ ପଟରୁ ମୁଁ ଆଖିବୁଜା ଶର ମାରିବି..." । ଏତିକି କହିଦେଇ ଆଖି ପିଛୁଡ଼ାକେ ଧାଇଁଗଲା ହରିରାମ ମାହାଜନ ଘର ଆଡ଼କୁ ଦେବା ଭୂୟାଁ ।

ଦେବା ଲୁଚିଯିବା ପରେ ତା' ଲୁହା ଗୋବଦିଆ ବାଡ଼ିଟି ଧରି ଧାଇଁଗଲା ରାଜୁ । ବାଡ଼ି ବୁଲେଇ ବୁଲେଇ ସେ ଦାଣ୍ଡ ଦୁଆରେ ହାଜର୍ ହେବା ବେଳକୁ ଡକାୟତମାନେ ହରିରାମର ଦାଣ୍ଡ ଦୁଆରଟିକୁ ଭାଙ୍ଗି ତା' ଘରଭିତରକୁ ପଶି-ଗଲେଣି । ଡାକୁଦଳର ପାଞ୍ଚ ଛଅଜଣ ଜୁଆଁ ଟୋକା ହାତରେ ଖୋଲା ଖଣ୍ଡା ଧରି ଦାଣ୍ଡ ଦୁଆର ଓ ଦକ୍ଷିଣପାଖ ବାଡ଼ପଟେ ପହରା ଦେଉଥିଲେ । ବାଡ଼ପଟେ ଥିବା ତିନିଜଣ ଡକାୟତଙ୍କ ଉପରେ ଦେବା ଭୂୟାଁର ଆକ୍ରମଣ ଏପରି ହେଲା ଯେ, ସେମାନେ ଦୁଇ ତିନିଟା ଶର ମାଡ଼ଖାଇ "ବାପାଲୋ"···"ମାଆଲୋ"··· ହୋଇ ଜୀବନ ନେଇ ପଳାଇଗଲେ । ପଛପଟେ ଜଗିଥିବା ସାଙ୍ଗ ଲୋକଙ୍କ ପାଟି ଶୁଣି ଡକାୟତ ଦଳର ସର୍ଦ୍ଦାର୍ ତା'ର ଚାରିଜଣ ସାଙ୍ଗକୁ ଧରି ଘରଭିତରୁ ପଳାଇ ଆସିବାମାତ୍ରେ ରାଜୁ ହାବୁଡ଼ରେ ପଡ଼ିଗଲା । ରାଜୁର ଠେଙ୍ଗା ପାହାରରେ ସେଇଠି ସାଙ୍ଗେ ସାଙ୍ଗେ ଦୁଇଜଣ ମାଟିକାମୁଡ଼ି ପଡ଼ିଯାଇଥିଲେ । ସର୍ଦ୍ଦାର ଜୀବନ ବିକଳରେ ହାତରେ ଧରିଥିବା ବର୍ଚ୍ଛାଟିକୁ ଲକ୍ଷ୍ୟ କରି ଫିଙ୍ଗିଲା । ରାଜୁ ବର୍ଚ୍ଛା-ମାଡ଼ରୁ ନିଜକୁ ରକ୍ଷା କରିବା ପାଇଁ ଡେଇଁପଡ଼ିବା ମାତ୍ରେ ବର୍ଚ୍ଛାଟା ତା' ପୁଣି ଜଙ୍ଘରେ କଚ୍...କରି ଚାଲିଗଲା । ରାଜୁ ପ୍ରାଣବିକଳରେ ବାଆଁ ହାତରେ ବର୍ଚ୍ଛାଟାକୁ ଟାଣି ବାହାର କରିବା ସଙ୍ଗେ ସଙ୍ଗେ ଡାହାଣ ହାତରେ ବାଡ଼ି ବୁଲାଇ ସର୍ଦ୍ଦାର ଉପରେ ଗୋଟିଏ ନିର୍ଘାଣିଆ ପାହାର କଷିଦେଲା । ସେତିକିବେଳେ ଆଉ ଗୋଟିଏ ମୁନିଆ ଶ୍ରେଷ୍ଠ ଶାବଳ ଆସି ବାଜିଲା ତା' ବାଆଁ ହାତ ଖୋଲି ପାଖରେ ।

ଡାକୁଦଳ ଭଲଭାବରେ ଖବର ନେଇଥିଲେ—ହରିରାମ ମାହାଜନ ଉପରେ ଗାଆଁବାଲାଙ୍କ ଅକସ ରହିଛି । ତା'ଘରେ ଡକେଇତ ପଶିଲେ, ଭୁଲରେ

Digitized by srujanika@gmail.com

ସୁଦ୍ଧା ଗାଆଁର ମାଈକୁକୁର ବି ଭୁକିବ ନାହିଁ । ତେଣୁ ସେମାନେ ଦେଢ଼ରୁ ଆହୋଇ ହରିରାମ ଘରେ ପଶିଥିଲେ । କିନ୍ତୁ ହଠାତ୍ ଖିର ଓ ଠେଙ୍ଗାମାଡ଼ରେ ଡାକୁଦଳର ସମସ୍ତେ ସାଙ୍ଘାତିକ ଭାବରେ ଆହତ ହୋଇଥିବାର ଦେଖି, ସର୍ଦ୍ଦାର ପିଠି ବଜାଇ ସେଠାରୁ ପଳାଇଗଲା ଏବଂ ଆହତ ହୋଇଥିବା ତା'ର ସାଙ୍ଗମାନେ କାଳୀଜହ୍ନ ଆଲୁଅରେ କିଏ କୁଆଡ଼େ ଉଭେଇଗଲେ । ହଠାତ୍ ଡକାୟତଙ୍କ ପଳାୟନ ଲକ୍ଷ୍ୟ କରି ହରିରାମ ଓ ତା' ପୁଅ କାଳୁରାମ ଦି'ହେଁ ବାଡ଼ି ଓ ଲଣ୍ଠନଧରି ଘରୁ ବାହାରି ଆସିଲେ । ଘରର ସ୍ତ୍ରୀଲୋକମାନେ କୋଡ଼କରୁଡ଼ ହୋଇ କାନ୍ଦିବାରେ ଲାଗିଥିଲେ ।

ହରିରାମ ଓ ତା' ପୁଅ ବାହାରି ଆସିବାମାତ୍ରେ ରାଜୁ ପାଟିକରି ଉଠିଲା— “ମାହାଜନେ, ଆଉ ଭୟ ନାହିଁ । ଜଲଦି ମୋ' ପାଖକୁ ଧାଇଁ ଆସନ୍ତୁ...” ।

ଅନ୍ଧାରରେ ରାଜୁର ପାଟି ବାରିପାରି ହରିରାମ ଓ ତା' ପୁଅ ଧାଇଁ ଆସିବା ସଙ୍ଗେ ସଙ୍ଗେ ଘରର ଦକ୍ଷିଣପଟୁ ଦେବା ଦୌଡ଼ି ଆସିଲା । ଗାଆଁର ଲୋକମାନେ ପାଟିଗୋଳରେ ଉଠିପଡ଼ିଥିଲେ ହେଁ କେହି ଦାଣ୍ଡକୁ ବାହାରି ଆସି ନଥିଲେ । କିନ୍ତୁ ଦେବା, ରାଜୁ ଓ ହରିରାମର ପାଟିଶୁଣି ଆଉ କେତେକ ଗାଆଁବାଲା ଧାଇଁ ଆସିଲେ । ରାତିସାରା ଚୋର ଡାକୁଙ୍କୁ ଭୁଆଁ ବୁଲାଇଦେଉଛି ବୋଲି କହି ଗାଆଁ ଲୋକଙ୍କ ଆଗରେ ମୁହଁଝାଡ଼ି କହୁଥିବା ରଣିଆ ଚୌକିଦାର ଗଞ୍ଜେଇ ନିଶାରେ ଟଳ୍‌ଟଳ୍ ହୋଇ “ସାବଧାନ...ହୁସିଆର...”ବୋଲି ଡାକ ପକାଇ ହରିରାମଙ୍କ ଦୁଆରେ ଆସି ହାଜର ହୋଇଗଲେ । ସମସ୍ତେ ପହଞ୍ଚିଯାଇ ରାଜୁର ହାଲଦେଖି ତୁନିଆ ହୋଇଗଲେ । ରାଜୁର ଜଙ୍ଘ ଓ ବାହାମୂଳରୁ ମୁଣ୍ଡା ମୁଣ୍ଡା ରକ୍ତ ଭବ୍‌ଭବ୍ ହୋଇ କଳସୀରୁ ପାଣି ବହିଗଲା ପରି ବାହାରୁଥିଲା । କିଏ କହିଲା—“କନା ମେଞ୍ଚାଏ ପୋଡ଼ି ଦିଅନ୍ତୁ” ଆଉ କିଏ କହିଲା—“ଚୂନ ମେଞ୍ଚାଏ ସେଇଠି ବାନ୍ଧିଦିଅ”... ଏମିତି ଆହୁରି କେତେ କ'ଣ ଔଷଧ ବରାଦ ହୋଇଗଲେ ଭିଡ଼ ଭିତରୁ । କିନ୍ତୁ ଦେବା ସେ ସବୁ ପାଟିତୁଣ୍ଡକୁ କାନ ନଦେଇ, ରାଜୁର ଜଙ୍ଘ ଓ ବାହାମୂଳରେ ଦୁଇଟା ପାଞ୍ଚହାତିଆ ଗାମୁଛା କଷିକରି ବାନ୍ଧିଦେଲା ।

ରାଜୁ ଅବଶ୍ୟ ଗୋଟିଏ ଲହମାରେ ଦଶ ପର୍ଯ୍ୟନ୍ତ ମାଡ଼ିଥିଲା, କିନ୍ତୁ ଲଣ୍ଠନ ଆଲୁଅରେ ତା' ଜଙ୍ଘ ଓ ବାହାମୂଳରୁ ରକ୍ତର ସୁଅ ଛୁଟୁଥିବାର ଦେଖି ସେ ଚିତ୍କାରକରି ବେହୋସ୍ ହୋଇଗଲା ।

—o—

Digitized by srujanika@gmail.com

॥ ଅଠର ॥

ରଜୁ ପାଞ୍ଚଦିନ ଡାକ୍ତରଖାନାରେ ପଡ଼ିବା ପରେ, ଡାକ୍ତର ଅଭୟବାଣୀ ଶୁଣାଇ କହିଲେ —"ମାହାଜନେ, ଆଉ କିଛି ଭୟ ନାହିଁ ; କିନ୍ତୁ ଘାଆ ଶୁଖି-ବାକୁ କିଛିଦିନ ଲାଗିବ" ।

"ଆପଣ ଦାମିକା ଔଷଧ ଦେଇ ରଜୁକୁ ଭଲ କରିଦିଅନ୍ତୁ ଡାକ୍ତର-ବାବୁ ! ମୁଁ ଆପଣଙ୍କ ଫିସ୍ କେତେ ଦେବି କୁହନ୍ତୁ, ଏଇଲେ ଆଗତୁରା ଦେଇ ଦେବି" କହିଲା ହରିରାମ ମହାଜନ ।

"ତୁମେ ବେସ୍ତ ହୁଅନା ମାହାଜନ, ମୁଁ ମୋ' ପାରୁପର୍ଯ୍ୟନ୍ତ ଲାଗିଛି··· ! ହଁ···ଏ' ରୋଗୀ ପାଇଁ ମୁଁ ଗୋଟିଏ କେବିନ୍ ବ୍ୟବସ୍ଥା କରିଦେଉଛି, ସେଥିପାଇଁ ଅଲଗା କେବିନ୍ ଭଡ଼ା ଦେବାକୁ ପଡ଼ିବ···" କହିଲେ ଡାକ୍ତରବାବୁ ।

"ମୁଁ ସେ ସବୁ କିଛି ବୁଝେନି ଆଜ୍ଞା, ଆପଣ ଏଇ ପାଞ୍ଚଶହ ଟଙ୍କା ରଖନ୍ତୁ । ଆମ ରଜୁକୁ ଯେମିତି ହେଉ ଚଙ୍ଗା କରିଦେଲେ, ଆପଣ ଅଉ ଯାହା କହିବେ, ମୁଁ ଆପଣଙ୍କ ଖିଦ୍‌ମତ୍‌ରେ ହାଜର୍ କରିଦେବି···" କୃତକୃତ୍ୟ ହୋଇ-ଗଲା ପରି କହିଲା ହରିରାମ ମହାଜନ ।

"ଆପଣ ଟଙ୍କା ପଇସା ସବୁ ରୋଗୀର ବାପା ପାଖରେ ଦେଇ ଯାଆନ୍ତୁ । ଯେତେବେଳେ ଯା' ଦରକାର ହେବ, ମୁଁ ତା'ଠ ଠାରୁ ନେବି···" କହି ଡାକ୍ତରବାବୁ ସେଠାରୁ ଚାଲିଯାଇ ଅନ୍ୟ ରୋଗୀମାନଙ୍କୁ ଦେଖିବାକୁ ଲାଗିଲେ ।

ହରିରାମ ଥିଲା — ଅସଲି ମଖିଚୁସ୍ କୃପଣ । କେହି ମରି ଅଧାପ୍ରାଣ ହୋଇଥିଲେ ବି ତା' ତୁଣ୍ଡରେ ସେ ପାଣି ଟୋପେ ଦେଲାବାଲା ନୁହେ । କେବେ ସୁନା ରୁପା ଗହଣା କିମ୍ବା ଜମି ବନ୍ଧକ ଦେଲେ ଦି'ପଇସିଆ ସୁଧରେ ସେ କରଜ ଦେଇ ଜାଣେ ଏବଂ ସୁଧ ଅସଲ୍ ମିଶାଇ ଦି'ଟଙ୍କା ଅଧିକ ଆଦାୟ କରିବ ପଛକେ, ଅଧଲାଏ ଛାଡ଼ିବା ବାଲା ସେ ନୁହେ ! ସେହି ହରିରାମ ସେଦିନ ଦେବା ଭୂୟାଁର କାକୁତି ମିନତି ପ୍ରତି ତିଳେହେଲେ ଦୟା ଦେଖାଇ ନଥିଲା । ହକ୍ ସୁଧ ନେଇ ଟଙ୍କା ଦେଇ ଥାଆନ୍ତା, କିନ୍ତୁ ମାଗଣା ନୁହେ । ଅତେବ ସେ ଦେବା ଭୂୟାଁଙ୍କୁ ବିଶ୍ୱାସ କରି ଧାରବର୍ଷ ଦଉଡ଼ା ବାକରେ ଦେଉଥିଲା, କିନ୍ତୁ ହଠାତ୍ କ'ଣ ହେଲା କେଜାଣି, ସେଦିନ ସେ ଦେବା ଭୂୟାଁର ମୁହଁକୁ ସୁଦ୍ଧା ଭଲକରି ଚାହିଁ ନଥିଲା ।

ଆଜି ସେହି ହରିରାମର ତେଜରୀ ମୁକୁଳା ହେଇଯାଉଛି ରଜୁର ଆରାମ୍ ପାଇଁ । କାରଣ, ସେଠ୍ ଭଲଭାବରେ ଜାଣିଥିଲା — ସେଦିନ ରଜୁ ଓ ଦେବା

Digitized by srujanika@gmail.com

ସାହସ କରି ନଥିଲେ, କେବଳ ଧନ, ମାନ ଓ ଇଜ୍ଜତ କାହିଁକି, ତା' ଜୀବନ ମଧ୍ୟ ଯାଇଥାଆନ୍ତା ! ସେ ଆହୁରି ବେଶ୍ ଅନୁମାନ କରିଥିଲା — ଗାଆଁ ଲୋକେ ତା'ଉପରେ ଚକ୍ରଗୁଡ଼ିଲ ଚୈବାଉଛନ୍ତି । ତେଣୁ ସେଦିନ ଡକାୟିତମାନଙ୍କ ଉପୁରେ ସେ ହରିଡକା ପକାଇଥିଲା ସୁଦ୍ଧା, କେହି ଜଣେ ତା' ଦୁଆରକୁ ଆସିବା ତ ଦୂରର କଥା ନିଜ ଘରର ଜଳକବାଟି ଖୋଲି ଥରେ ହେଲେ ଗାଆଁ-ବାଲାଙ୍କୁ ଡାକଟିଏ ମାରିଲେ ନାହିଁ । ବରଂ ସମସ୍ତେ ଚାହିଁ ଥିଲେ—'ହେଉଛି··· ! ବେଶ୍ ହେଉଛି··· !! ମଜାପାଉ ମାରଓ୍ୱାଡ଼ି !!! କିନ୍ତୁ ଗାଆଁର କେବଳ ଜଣେ ଲୋକ ବେଦା ଭୂୟାଁ, ଯାହା ମୁହଁକୁ ସେ ତା'ର ଅସୁବିଧା ସମୟରେ ଭୁଲ୍‌ରେ ସୁଦ୍ଧା ମୁହଁଟେକି ଚାହିଁ ନଥିଲା, ସେ ନିଜର ଭେଣ୍ଡିଆ ପୁଅକୁ ହାଣମୁହଁକୁ ଠେଲି-ପେଲି, ତା' ମାନ୍‌ଇଜ୍ଜତ ବଞ୍ଚେଇଥିଲା । ତେଣୁ ହରିରାମ ଲାଜ, ଶରମ୍ ଓ କୃତଜ୍ଞ-ତାର ବୋଝରେ ଲଇଁ ପଡ଼ିଥିଲା ବେଦା ଭୂୟାଁ ଓ ତା' ଭେଣ୍ଡିଆପୁଅ ରାଜୁ ପାଖରେ ।

ଡାକ୍ତରବାବୁ ଚାଲିଯିବା ପରେ ପରେ, ରାଜୁପାଇଁ କେବିନ୍‌ର ବନ୍ଦୋବସ୍ତ କରିଦେଇ ରାଜୁକୁ ସେଠାକୁ ନେବାପାଇଁ ବେହେରା ଦି'ଜଣ ପଠାଇଦେଲେ । ବେହେରା ଦି'ଜଣ, ବେଦା; ରାଜୁ ମାଆ ଓ ହରିରାମ ଧରାଧରି କରି ରୋଗୀକୁ କେବିନ୍‌କୁ ନେଇଗଲେ । ସେଠାରେ ସବୁ କିଛି ବନ୍ଦୋବସ୍ତ କରିଦେଇ କହିଲା ହରିରାମ—''ବେଦାଭାଇ, ତୁ ଓ ତୋ'ପୁଅ ମୋ'ପାଇଁ ଯାହା କରିଛ, ମୁଁ ସେ ଋଣ ସାତଜନ୍ମରେ ସୁଦ୍ଧା ସୁଝିପାରିବି ନାହିଁ ! ବାପ ପୁଅ ଦୁହେଁ ସେଦିନ ହିମ୍ମତ୍ କରି ଆସି ନଥିଲେ, ମୋ' ଅବସ୍ଥା କ'ଣ ହୋଇଥାଆନ୍ତା ? ହୁଏତ, ରାଜୁ ବଦଳରେ ମୁଁ ଓ ଆମଘରର ଆଉ କେତେଜଣ ଆଜି ଡାକ୍ତରଖାନାରେ ଭାଗ୍ୟକୁ ଆଦରି ପଡ଼ିଥା'ନ୍ତୁ । ତୋ'ରି ଚେଷ୍ଟାରୁ ଆଜି ମୋ' ପରିବାର ଉଦ୍ଧାର ପାଇ-ଗଲେ । ତା' ସାଥିକୁ ମୋର ପଇସାପତ୍ର ଓ ମାନଇଜ୍ଜତ ବି ବଞ୍ଚିଗଲା'' । ହରିରାମ ଏତିକି କହିସାରି କିଛିକ୍ଷଣ ନୀରବ ହୋଇଯାଇ ପୁଣି କହିଲା—''ବେଦା, ତୁ ମଣିଷ ନୋହୁ, ଗୋଟେ ଦେବତା ! ତା' ହେଇ ନଥିଲେ, ମୁଁ ସେଦିନ ଯେଉଁ ଅପମାନ ଦେଇଥିଲି, ତୁ ମୋ' ମୁହଁକୁ ଚାହିଁପାରୁ ନଥିଲୁ । କିନ୍ତୁ ମୋତେ ବିପଦ ପଡ଼ିଥିବା ବେଳେ ତୁ ତୋ' ନିମୋଷଣାହାରା ଭେଣ୍ଡିଆ ପୁଅଟିକୁ ମୋ' ପାଇଁ ଡକାୟତଙ୍କ ହାଣ ମୁହଁକୁ ଜାଣି ଜାଣି ଠେଲିଦେଲୁ···'' ।

Digitized by srujanika@gmail.com

"ଓଃ···ମାହାଜନେ, ଏତେ ବେସ୍ତ ହଉଚ କାହିଁକ ? ତୁମେ ଆମ ଗାଆଁର ଜଣେ ଲୋକ । ଗାଆଁ ଭିତରେ ଘରକରି ଯନ୍ଧ ମଣିଷ ଅଉ ଜଣେ ଭାଇର ବିପଦବେଳେ ଦେମ୍‌ଷ୍ଟୁଆଷି ହେଇ ବାହାରି ନ ପଡ଼ିଲା, ସେ କ'ଣ ମଣିଷଟେ··· ? ଠଙ୍କା ଧାରି ଦବା ନଦବା ସହିତ ସ୍ୟା'ର କ'ଣ ସମ୍ବନ୍ଧ ଅଛି ? ଆଜ ତୁମକୁ ବିପଦ ପଡ଼ିଲା, କାଲି ମୋତେ ପଡ଼ିବ ! ମୁଁ ତୁମ ଅବେଳରେ କାନ୍ଧ ପତେଇଥିଲେ, ତୁମେ ମୋ' ଅବେଅସ୍ତୁ ବେଳେ ମୁଣ୍ଡ ପତେଇ ଦବ । ବାପ ଗୁସିବାପ ଅମଳରୁ ଆମର ଏଇଆ ଚଳି ଆସୁଚି···" !

"ନାଃ···ଭାଇ···" ! ଦେବା ମୁହଁରୁ କଥା ଛଡ଼ାଇ ନେଇ କହିଲା ହରିରାମ ମାହାଜନ—"ସମସ୍ତେ ଯନ୍ଧ ସେଦିନ ମୋ' ପାଟିଶୁଣି ଧାଇଁ ଆସି-ଥାଆନ୍ତେ, ତା'ହେଲେ ଆଜ ରଜୁର ହାଲ୍ ଏତେସରି କାହିଁକ ହୋଇଥାଆନ୍ତା ? ସମସ୍ତେ ମଜା ଦେଖୁଥିଲେ ପରି ଝରକା ଓ କବାଟ ଫାଙ୍କରେ ରହିଁ । ତୁଇ ଏକା ବାପର ପୁଅ···" ।

"ନାଃ···ମାହାଜନେ, ହରିରାମଙ୍କ କଥାରେ ବାଧାଦେଇ କହିଲା ଦେବା—"ଗୋଟିଏ ହାତରେ ଥିବା ପାଞ୍ଚ ଅଙ୍ଗୁଠି କ'ଣ ସମାନ ? ସମସ୍ତେ ସମାନ ହେବେ କପରି ? ଭଲ ନାକରି ସବୁଠି ଲାଗି ରହିଚି । କଏ ଜଣେ ଭଲ ହେଲେ ପାଞ୍ଚଜଣ ଅଭଲ ହେବେ । ଏଥିରେ ଭାବିବାର କ'ଣ ଅଛି ? ମୋ' ପୁଅର ମାରକଦଶା ପଡ଼ିଥିଲା, ତାକୁ ମାରିନପାରି, କଷ୍ଟ ଦଉଚି । ତମେ ସାହାଭରସା ହେଇ ନଥିଲେ, ମୁଁ ଆଜଯାଏଁ ଚଳିଥାଆନ୍ତି କପରି ? ଆଗରେ ପଛରେ ହରି ଅଛନ୍ତି···ସେ'ହିଁ ଭରସା··· । ତୁମେ ଏତେ ବେସ୍ତ ଆଉ ହୁଅନି ··ଯାହା ଭାଗ୍ୟରେ ଥିବ, ତା' ହବ···" ।

"ହଉ···ଦେବା, ତା' ମାଆ ରଜୁ ପାଖରେ ଥାଉ, ସବୁତ ବେବସ୍ଥା କରିଦେଇଚି । ଆଉ ଆମ ରୁକର ରାଧୁଆ ତ ଅଛି ବୋଲହାକ କରିବାକୁ; ଚାଲ, ମୋ' ସାଙ୍ଗରେ । ଆମେ ପାଞ୍ଚଦିନହେଲା ଗାଆଁରୁ ଆସିଲେଣି, ତୋ' ଝୁଆ ହ'ଟା କେମିତି ଚଳୁଥିବେ ? ମୁଁ ଅବଶ୍ୟ ଆମ ଘରେ କହିଆସିଛି, ତାଙ୍କ ଖାଇବା ପିଇବା ବୁଝିବାଲାଗି··ତଥାପି ଚାଲ, ହ' ଚାରିଦିନ ପରେ ପୁଣି ଆସି ଖବର ବୁଝିଯିବା···" ।

ମାହାଜନଙ୍କ କଥାରେ ଦେବା ରାଜିହୋଇ, ତା' ସ୍ତ୍ରୀକୁ ସବୁ ବିଷୟ ବୁଝାଇଦେଇ ଘରକୁ ଚାଲିଗଲା ।

Digitized by srujanika@gmail.com

ଦେବା ଓ ସେଠ୍ ହରଗାମ ଗୃଲିଯିବାର ବଡ଼ଏ ବେଳ ଯାଇଛି କି ନାହିଁ, ଗଧା ତା' ବାପାସହିତ ପଚ୍ଚରି ପଚ୍ଚରି ଆସି ପହଞ୍ଚିଲେ ଡାକ୍ତରଖାନାରେ । ଗଜ୍‌କୁ ଔଷଧପତ୍ର ଦେଇ, ବୁଡୀ ହାତ ମୁହଁ ଧୋଇ ଫେରିଆସି ଦେଖିଲା— କେବିନ୍ ଦୁଆର ମୁହଁରେ ଛିଡ଼ା ହୋଇଛି ଗଧା । ଗଧାକୁ ଦେଖିପକାଇ ବୁଡୀର ଦେହରୁ ରକ୍ତ ଶୁଖିଗଲା । ସେ ହଠାତ୍ ଗଧାକୁ ସେଠାରେ ଦେଖିପକାଇ ବଲ୍ ବଲ୍ ହୋଇ ତା' ମୁହଁକୁ ଗୃହିଁରହି କେଜାଣି କ'ଣ ଭାବିଗଲା । ଗଧା ବୁଡୀକୁ ଆଗରେ ଦେଖି ପକାଇ, "ବଉ" ବୋଲି କହି ନୁଆଁଇକରି ଯେଉଁଠି ଶାଶୁର ପାଦ ଛୁଇଁ ଜୁହାର ହୋଇ କହିଲା—"ସେ କ'ଣ ଏଇଠି' ଏଇ ଘରେ ଅଛନ୍ତି" ?

ବୁଡୀ ଗଧାକୁ କ'ଣ ଉତ୍ତର ଦେବ, ହଠାତ୍ ତାକୁ ବୁଦ୍ଧି ଦେଖାଗଲା ନାହିଁ । କେବଳ ତା' ପାଟିରୁ ବାହାରି ପଡ଼ିଲା—"ହଁ, ତୁ···ଆସିଲୁ···" ?

"ସତରେ ବଉ" କହିଲା ଗଧା—"ମୋତେ ପ୍ରଥମ ଖବର ମିଳିଲା କାଲି ସଞ୍ଜବେଳେ । ମୁଁ ସାଙ୍ଗେ ସାଙ୍ଗେ ବାହାରି ପଡ଼ିଲି ଏଠିକି ଆସିବାକୁ । କିନ୍ତୁ ମୋ' ବାପା କହିଲେ—"ଦୂର ପାଗିଳ, ରାତିରେ କୁଆଡେ଼ ଯିବୁ ? ସତରେ, ଆମେ ରାତିରେ ଆସିଥାଆନ୍ତୁ କପରି ? ବଣ ଜଙ୍ଗଲ ବାଟ, ସେଥିରେ ପୁଣି ଅମାବାସ୍ୟା ରାତିର କଟିକଟା ଅନ୍ଧାର, ତେଣୁ ଆଜ କାଳୀଅନ୍ଧାରୁ ଉଠି ଆସୁଛୁ···"

ଗଧା ପଛକୁ ଗୃହିଁ ଦେଖିଲା—ତା' ବାପା ଦୂରରେ ଛିଡ଼ାହୋଇ ଏକ-ଧ୍ୟାନରେ ତା'ର ଆଡକୁ ଅନାଇ ରହିଛି । ସେ ପାଟିକରି ଡାକ ପକାଇଲା— "ବାପା ଏଠିକି ଆସ··· ! ସେ ଏଇଠି ଅଛନ୍ତି । ଖ୍ୟମ ରାଉତ ଝିଅର ଅଦ୍ଭୁତ ଆଚରଣରେ କାଲିଠାରୁ ଆଶ୍ଚର୍ଯ୍ୟ ହୋଇ ଯାଉଥିଲା । ଝିଅ ତା'ର ସାଢ଼େ ଛଅମାସ ହେଲା ଶାଶୁଘରୁ ପଳାଇ ଯାଇଥିଲା ଚୋରିଚୋରି କରି । ତା'ପରେ ସେ ଖବର ପାଇଥିଲା ଗଜ୍ ଆଉ ଗୋଟିଏ ବାହାହୋଇ ସାରିଛି । କିନ୍ତୁ ଏ' ଅଘଟଣ ଖବର ଶୁଣିବା ବେଳରୁ ତା' ଆଖିକୁ ନିଦ ନାହିଁ । ସତେଅବା, ଅଜାତରେ କିଛି ଘଟଣା ଘଟିନାହିଁ । ସେ ପ୍ରଥମେ ଜ୍ୟୋତିପୁରକୁ ଯିବାଲାଗି ବସିଥିଲା, କିନ୍ତୁ ଗଜୁ ଡାକ୍ତରଖାନାରେ ଅଛି ବୋଲି ଖବର ପାଇବାମାତ୍ରେ ରାତି ପାହାନ୍ତାରୁ ଉଠି ବାପାକୁ ଉଠାଇ ଗୃଲିଆସିଲା କାଳୀଅନ୍ଧାରୁ । ଝିଅର ଏ' ବଚନ ଶୁଣି ଦେଖି ଖ୍ୟମ ରାଉତ ଭକୁଆ ପାଲଟି ଯାଇଥିଲା । ତା' ପାଟିରୁ କଥା ବାହାରିଲା ନାହିଁ । ସେ କେବଳ ଝିଅର କଥା ଅନୁସାରେ ଗୃଲିଥିଲା ତା' ପଛେ ପଛେ ।

Digitized by srujanika@gmail.com

ବୁଢ଼ୀ ଅବଶ୍ୟ ପ୍ରଥମେ ଭାବିଥିଲା—ବହୂ ଏକୁଟିଆ ଆସିଛି । କିନ୍ତୁ ତା' ସାଥିରେ ଗ୍ରାମ ରାଜାଙ୍କ ଆସିଥିବାର ଦେଖିପକାଇ, ସେ ଓଢ଼ଣାଟିକୁ ଟିକିଏ ଆଗକୁ ଟାଣି ଆଣି କହିଲା—"ଏ' କ'ଣ ସମୁଧି, ସେ'ଠି ଛିଡ଼ା ହୋଇଛ କାହିଁକି ? ଏଠିକି ଆସନ୍ତୁ..." !

ସେତିକିବେଳକୁ ରାଜାର ନଜର ପଡ଼ିଗଲା—ଗଧା ଉପରେ । ମନଟା ତା'ର କୁଳୁକୁଳୁ ଉଠିଲା ଆନନ୍ଦରେ । ସେ କିପରି ତା' ସହିତ କଥାବାର୍ତ୍ତା କରିବ ଏତେବେଳନ ପରେ ? ତେଣୁ ସେ ଗଧାର ମନ ବଢ଼ାଇବାପାଇଁ ମାଗିଲା—"ବଉ, ପାଣି..." !

"ଏବେ ତ କାମ କରିବା ପାଇଁ ମୁଁ ଆସିଗଲିଣି, ପୁଣି ବଉଙ୍କୁ ଉଠାବସା କରି ଲାଭ କ'ଣ ? ସେ ଟିକିଏ ଏଣିକି ବିଶ୍ରାମ ନଅନ୍ତୁ...ମୁଁ ଦଉଚି..." ।

ଗଧାର ପୁରୁଣା ସ୍ମୃତି ବୁଢ଼ୀର ମନେ ପଡ଼ିଗଲା । କାମ କରିବା ପାଇଁ ବାହୁ ଖଣ୍ଡେ ! କିନ୍ତୁ ହେଲେ କ'ଣ ହେବ, ପ୍ରକୃତି ତ ଟିକିଏ ଉଗ୍ର... ! ବୁଢ଼ୀ ମନକୁ ମନ କହିହେଲା—'ଭଗବାନ୍ ସବୁଯାକ ଗୁଣ ଦେଇଚନ୍ତି..." !

ତା' ବାପାକୁ ଗୋଡଧୋଇବା ପାଇଁ ପାଣି ଥୋଇ ଦେଇ କହିଲା ଗଧା—"ବଉ, ଯା'ଙ୍କୁ ଏଇଲେ ପାଣି ଦେବି" ? "କରେ...ଭୁ ପରା ଏଇଲେ ପାଣି ପିଇଥିଲା, ବେଶୀ ପାଣି ପିଇବାଲାଗି ତବା ଡାକ୍ତରବାବୁ ମନା କରିଚନ୍ତି... ତାଗିଦା କରି କହିଲା ବୁଢ଼ୀ ।

ବୁଢ଼ୀର ଉତ୍ତର ଶୁଣି ରାଜୁ ଆଡ଼କୁ ଗୁହାଁ ଆଖି ନଗାଇ କହିଲା ଗଧା—" ...ଶୁଣିଲ ତ... ! ପାଣି ଦେବନି... । ବାପାଙ୍କ ପାଇଁ ଗୁହା ଟିକିଏ କରିଦଉଚି, ବଉ ଯଦି କହିବେ, ଗୁହା ମୁନ୍ଦିଏ ଦେଇପାରେ... !

ଶାଶୁଠାରୁ ଗୁହା ସରଞ୍ଜାମ ବୁଝି ନେଇ ଗଧୂଆ ଚୁଲିର ସାହାଯ୍ୟରେ ଗୁହା କରୁଥିବା ସମୟରେ, ଉକାଯୁକ୍ତ ସ୍ୱରରେ କହୁଥିବା ବୁଢ଼ୀର କଥାକୁ କାନ ଡେରି ପିଇ ଯାଉଥିଲା ଗଧା ।

ବୁଢ଼ୀ ପାଟିରେ ଖଇ ଫୁଟେଇ କହି ଗୁଲଥାଏ—"ଉକେଇଚ ବାର କ ଚଉଦ...ଏ' ବାପପୁଅ ଦହେଁ...! ଗଜୁଆ ଆମର ବାଡ଼ ବୁଲେଇ ତାଙ୍କ ସରଦାରକୁ ଘାଉଳ କରିଦେଲା..." ।

ସ୍ୱାମୀର ବୀରତ୍ୱ କାହାଣୀରେ ଗଧାର ଚିତ୍ତ କୁଣ୍ଡେ ମୋଟ ହୋଇ ଯାଉଥିଲା । ବୁଢ଼ୀ ପୁଣି କହିଲା—" ତା' ବାପା ଖର ମାରି ଉକେଇଚ ଦଳକୁ

Digitized by srujanika@gmail.com

ଉଛନ୍ନ କରିଦେଲେ । ସେ ଗୁଣ୍ଡାକ ମୁହଁରେ କଳା କନା ଗୁଡ଼େଇ ହୋଇ ଯାଇଥିଲେ ମାଣିଥିଲେ । ସେମାନେ ମାହାଜନଙ୍କ ଘର ଭିତରୁ ବାଇବନ୍ଧୁ ହୋଇ ପଳାଇ ଆସିବା ବେଳକୁ ରାଜୁ ଆଉ ପାହାରରେ ସାବାଡ଼ ହୋଇଗଲେ । ଶେଷକୁ ସେମାନେ ରାଜୁଆକୁ ମାରିଦେବା ପାଇଁ ବରଛି ଫିଙ୍ଗି ଜୀବନ ଘେନି ପଳାଇ-ଗଲେ । ନଇଲେ ବିଚରା ହରିରାମ ମାହାଜନର ଘରବସ୍ତ ନେଇ ଯାଇ-ଥାଆନ୍ତେ'' ?

ଋଧା ଗୁହା କରି ଆଣି ଗିଲାସରେ ଥୋଇଦେଲା ତା' ବାପାଙ୍କ ଆଗରେ । କାରଣ ସେ ଜାଣିଥିଲା—ତା' ବାପା ଠିକ୍ ସେତକ ବେଳକୁ ଗୁହା ଖାଆନ୍ତି ।

ଆଗରେ ଗୁହା ଥୁଆ ହୋଇଯିବାରୁ ଖ୍ରାମ ରାଉତ ଝିଅର କାମକୁ ଏକ-ଲୟରେ ଗୁହଁ ମନେ ମନେ ବିସ୍ମିତ ହୋଇ ଯାଇଥିଲେ ବି ବାହ୍ୟ ତା ଖାତିର୍ ରେ କହିଲା—''କାଇକି ଏତେ କଷ୍ଟ କଲୁ ମାଆ···। ରାଜୁକୁ ଟିକଏ ଗୁହା ଦେଲୁ···'' ?

''ବାଉ ନ କଇଲେ ଗୁହା କ'ଣ, ସେ ଗିଲାସ ଧୋଇ ପାଣି ଟୋପେ ବି ଦେବନି···'' ପୁଣି ଥରେ ରାଜୁ ଆଡ଼କୁ କଟାକ୍ଷପାତ କରି କହିଲା ଋଧା ।

''ସେ' ତ ବିଲ୍‌କୁଲ୍ ଗୁହା ପିଏନି...କରେ···ପିଇବୁ ଟିକଏ ? ପୁଅର ଉତ୍ତରକୁ ଅପେକ୍ଷା ନ କରି କହିଲା ବୁଢ଼ୀ—'' ଦେ···ତାକୁ ଟିକଏ ମାଆ···! ଦେହ ଟିକଏ ସଫ୍ତି ହେଇଯିବ'' ।

ଋଧା ଆଉ ଗିଲାସେ ଗୁହା ଆଣି ଶାଶୁ ପାଖରେ ଥୋଇ ଦେଇ କହିଲା—''ତୁମେ ଆଗ ପିଇସାର, ଆଉରି ଗୁହା ଅଛି । ତୁମର ଗିଲାସରେ ତାକୁ ଦେବ'' । ସେ ପୁଣିଥରେ ରାଜୁକୁ ଗୁହଁ ଆଖି ମିଟିକା ମାରି ପରୁରିଲା—'' କ'ଣ ···ଦେବ ଟିକଏ ଗୁହା, ନା, ସେ ଗୁଜର ଟୋକାକୁ ଦେଇନେବ'' ?

ବୁଢ଼ୀ ଗୁହା ଗିଲାସଟି ମୁହଁରେ ଲଗାଇ, ସେଥିରୁ ଦି' ଢୋକ ପିଇ ନେଇ ପୁଣି କହି ଗୁଲିଲା—''ବାପ ପୁଅ ଦିହେଁ କ'ଣ ମୋ' କଥା କେବେହେଲେ ଶୁଣନ୍ତି କି ? କାହାର କ'ଣ ଠେ ହୋଇ ଗଲେ, ଅଣ୍ଡାଭଡ଼ି ତିଆରି...। ଯେତେ ରାଜା ଯେତେ ଆଙ୍କୁର ··। କମ୍ କି ଏ' ବାପ ପୁଅ ଦିହେଁ···'' ?

ବୁଢ଼ୀ ଆଉ ଢୋକେ ଗୁହା ପିଇଦେଇ ଋଧା ଆଡ଼କୁ ଗୁହଁ କହିଲା—''ଏ' ସିନା ଟିକଏ ସହି ସମ୍ଭାଳି ଗଲା ନାହିଁ, ନଇଲେ କଉଁ ଦିନରୁ ସେ ଗ୍ରେପର ଟୋକା ମକର ଅଣ୍ଟ କରି ପାଟନେ ପାଇସାରନ୍ତାନି··· ବାପ ପୁଅଙ୍କର କ'ଣ କମ୍

Digitized by srujanika@gmail.com

ବହଞ୍ଚ କ ? ବେଳଏଡ଼ିଲେ ଜଲ୍ଦୀରୁ ପରା ବାଘକୁ ଟାଣି ଆଣିବେ···? ଦେଖୁନ ସମସ୍ତ···ନାହିଁ କରୁଁ କରୁଁ ବାପ ଆଗେ—ଆଗେ ତ ପୁଅ ପଛେ ପଛେ···। ଏବେ କଏ ଖେଲୁଛି ? ମୋ'କଥା ତ ବାପ ପୁଅ ଦୁହିଁଙ୍କି ସବୁବେଳେ ଗନ୍ଧାଏ। ଭାଗ୍ୟକୁ ଶୀତ ଗୁଡ଼ା ଗଲାଣି···ନଇଲେ ମୁଁ କ'ଣ ଆସି ପାରି ଥାଆନ୍ତି। ସାରା ଶୀତଦିନ ମୋର ଧଇଁ ପେଲା ଗୁଲଥିଲା, ମୁଁ କ'ଣ ଗଣ୍ଡଟା ସାଗ୍ ଆଖି କଷା କରି ପାରେ" ?

ଖ୍ୟାମ ରାଉତ ବୁଢ଼ୀ ପିଇସାରି ଘରକୁ ଫେରିବାର ଉପକ୍ରମ କରନ୍ତେ, କହିଲା ରାଧା—"ବାପା, ତୁମେ ଘରକୁ ଫେରିଯାଅ···। ମୁଁ ଏଇଠି ରହୁଛି। ସେ ଭଲ ହୋଇଗଲେ, ମୁଁ ଯିବି" ।

ବହୂର କଥା ଶୁଣି ବୁଢ଼ୀ ମନେ ମନେ ବିସ୍ମିତ ହୋଇ ଯାଇ ଭାବିଲା —ବଡ଼ ସାହସ ତ ଯୁଆ'ର ଏ' ଏଠାରେ ରହିବା ପାଇଁ ଆସିଛି ··"।

ଖ୍ୟାମ ରାଉତ ମନେ ମନେ ଆଶ୍ଚର୍ଯ୍ୟ ହୋଇଥିଲେ ବି ମୁହଁ ଖୋଲି କହିଲା—"ହଉ ମା'···ଯା'····ତୋ'ର ଇଚ୍ଛା···! ମୁଁ ସୁବିଧା ଦେଖି ଛଅ···ଆଠ ···ଦିନ ପରେ···ଆଉ ଥରେ ଆସିବି"।

"ତୁମର ଡେରି ହୋଇ ଯାଉଛି···ତୁମେ ଯାଅ···କହିଲା ରାଧା" ।

ରାଜୁ ରାଧାକୁ ଦେଖି ମୁହଁ ଖୋଲି କିଛି କହି ନଥିଲେ ବି ତା'ର ରୋଗ ଅଧା ଅଧି ଭଲ ହୋଇ ଯାଇଥିବାର ଅନୁଭବ କରୁଥିଲା। ତା'ପରେ ପୁଣି ସେ ସେଠାରେ ରହିବ ବୋଲି ଶୁଣିବା ମାତ୍ରେ ତା' ମନଟା ଆନନ୍ଦରେ କୁଲୁକି ଉଠିଲା ଏବଂ ତା' ରୋଗଣା ମୁହଁରେ ହସ ଉକୁଟି ଉଠିଲା।

ଖ୍ୟାମ ରାଉତ ଝିଅକୁ ଡାକ୍ତରଖାନାରେ ଛାଡ଼ିଦେଇ ଘରକୁ ଫେରିଯିବା ମାତ୍ରେ, ରାଧା ସେଠାକାର ଖବର ଅନ୍ତର ବୁଝି ସବୁକାମ ହାତକୁ ନେଇଗଲା। ବୁଢ଼ୀ କେବଳ ବହୂର କାମକୁ ଜଳଜଳ ହୋଇ ଦେଖୁଥିଲା, ମାତ୍ର ତା' ପାଟିରୁ ପଦେହେଲେ ଉଁ···ଚୁଁ···କିଛି ହେଲେ ବାହାରିଲା ନାହିଁ। ସେ କେବଳ ଭାବୁଥିଲା—'ଏତେ କାଣ୍ଡକାରଖାନା ଯୁଆ' ମଧ୍ୟରେ ହୋଇଗଲାଣି, ଏ' ନିଶ୍ଚୟ ଖବର ପାଇଥିବ ! ତଥାପି ଏ' ଆସିପାରିଲା କପରି ? ତା'ପରେ ପୁଣି ଏଠାରେ ରହି ତା' ସ୍ୱାମୀର ସବୁ କାମକୁ ଆଦରି ନେଇ ପାରୁଛି କପରି ? ସତରେ ଏ' ଛଳନା ନୁହେଁତ' ??

Digitized by srujanika@gmail.com

ବୁଢ଼ୀ ରାଧା ଉପରେ ଭୀଷଣ ରାଗିଥିଲା । ତାକୁ ଘରର ଏରୁଣ୍ଡିବନ୍ଧ ଡ଼ିଆଁଇ ନଦେବା ପାଇଁ ମନେ ମନେ ପ୍ରତିଜ୍ଞା କରି ପୁଅକୁ ଆଜ ଗୋଟିଏ ବିବାହ କରାଇ ଆଣି, ରାଧା ଉପରେ ଦାଉ ସାଧିବାକୁ ବସିଥିଲା । କିନ୍ତୁ ରାଧାର କାମ, ତା'ର ରାଜୁ ପାଇଁ ଖଟଣି ଓ ଶ୍ରଦ୍ଧା, ସର୍ବୋପରି ତା' ହାତରୁ ସବୁତକ କାମ ଛଡ଼ାଇ କରିବାର ଦେଖି, ବହୂପ୍ରତି ତା' ମନର ସ୍ନେହ, ସୋହାଗ ଓ ଆଦର ସବୁତକ ଉଜାଡ଼ି ହୋଇ ପଡ଼ିଲା । ସେ ଆନନ୍ଦରେ, ଉଲ୍ଲାସରେ ସ୍ତମ୍ଭିତ କେବଳ ଚାହିଁ ରହିଲା ରାଧା ଆଡ଼କୁ ।

ବୁଢ଼ୀ ପୁଣି ଭାବିଲା—'ନୂଆ ବହୂଟିଏ ବାହାକରି ଆଣିଥିଲି, କିନ୍ତୁ ରାଜୁ ତାକୁ ଦିନେହେଲେ ଆଉ ଆଖିରେ ବି ଚାହିଁନି, ବରଂ ମନଦୁଃଖ ମନରେ ମାରି, ସେଇ କେତେଦିନ ଭଲ କରି ଗଣ୍ଡାଏ ଖାଇନି କିମ୍ବା ଆମ ଆଗରେ ମୁହଁ ଖୋଲି ଦିନେ ହେଲେ ପ୍ରତିବାଦ କରିନି ! ଏଇଲେ ଏତେ ବଡ଼ ଆଘାତ ପାଇଥିଲେ ସୁଦ୍ଧା ଆନନ୍ଦରେ ସେ ଉଲୁସି ଉଠୁଛି, ମୁହଁରେ ହସ ଉକୁଟେଇ ରାଧାର ସେବା ଶୁଶ୍ରୂଷା ଗ୍ରହଣ କରୁଛି ! ସତରେ ରାଧା ଯେମିତି...ତା' କାମ ଯେମିତି...' ତା'ପରି ବହୂଟିଏ ଦେଶ ସଂସାରରେ ମିଳିବ ନାହିଁ । ଏତେ କାଣ୍ଡ ଘଟିଯାଇଥିଲେ ବି ସେ ପଦେହେଲେ ଅଭିମାନିଆ କଥା ମୁହଁ ଖୋଲି କହୁନି, ବରଂ ହସ ଖୁସିରେ ସବୁତକ କାମ କରି ଯାଉଛି । ସେଇ ଆଗପରି ହସହସ ମୁହଁ, ଲୋଟଣି-ପାରା ପରି ଘୂରି ଘୂରି ସବୁତକ କାମ କରି ଚାଲିଛି ! ସତେଅବା ଯା'ମଧ୍ୟରେ କିଛି ଘଟିନାହିଁ' !

ବୁଢ଼ୀ ଏହିପରି କେତେ କ'ଣ ଭାବି ଭାବି ଥକିପଡ଼ିଲା । ରାତିର ଶୋଇବା ସମୟ ହୋଇଯିବା କ୍ଷଣି, ସେ ରାଧାକୁ କହିଲା—"ମା' ତୁ ଏଇଠି ରାଜୁଆ ଖଟ ତଳକୁ ତୋ' ବିଛଣା ପକାଇ ଟିକିଏ ପଡ଼ିଯା" ଆସିବା ବେଳରୁ ତ ସବୁ କାମ କରୁଚୁ, ଯା'...ଶୋଇପଡ଼ । ମୁଁ ବାହାରେ ମୋ' ବିଛଣା ପକାଇ ଶୋଇପଡ଼ୁଛି । ଆଜକି ପାଞ୍ଚଦିନ ହେଲା ଆଖି କଷା କରିନି, ଆଜ ଟିକିଏ ଶୋଇ ପାରିବି । ଯଦି ତା'ର ରାତିରେ କିଛି ଦରକାର ପଡ଼ିବ, ତୁ ତ ବୁଝାଇନେବୁ, ମୁଁ ଆଉ କାହିଁକି ଏ'ଘରେ ଶୋଇବି" ? ବୁଢ଼ୀ ଏତିକି କହି ସତରଞ୍ଜି ଖଣ୍ଡିକ ନେଇ ବାହାରକୁ ଚାଲିଗଲା ।

ବୁଢ଼ୀ ବାହାରକୁ ଯାଇ ନିଘୋଡ଼ ନିଦରେ ଶୋଇପଡ଼ିଲା । କିନ୍ତୁ ରାଜୁ ଓ ରାଧା ଦିହେଁଯାକ ଆଦୌ ଶୋଇପାରିଲେ ନାହିଁ । ରାଜୁ ଆଖି ବୁଜି ପଡ଼-

Digitized by srujanika@gmail.com

ରହିଥାଏ ଖଟରେ; ଆଉ ରାଧା, ସେ ସେଇଠି ପଟ ପକାଇ ଦେଇ ଏକଲୟରେ ରାଜ୍ ଆଡ଼କୁ ଚାହିଁ ରହିଥାଏ । ମନରେ ତା'ର ରାଜୁ ପ୍ରତି ଅସୀମ ମମତା ପୂରି ରହିଥିଲେ ବି, ମୁହଁ ଖୋଲି କିଛି କହିବାଲାଗି ତା' ଜିଭ ଲେଉଟୁ ନଥାଏ ।

ରାଧାର ନୀରବତା ରାଜ୍ ପକ୍ଷରେ ଅସହ୍ୟ ହୋଇ ଉଠିଲା । ସେ ଅବଶ୍ୟ ଦିନବେଳେ ମାଆ ଓ ମାହାଜନର ଗୃହର ଚୋକାଠ ପାଇଁ କିଛି କହିପାରୁ ନଥିଲା ରାଧାକୁ । ତା' ପାଖିଲେ ଯେତିକି ନହାତ ଦରକାର, ରାଧା ସେତିକି କଥା କହୁଥିଲା—"ଔଷଧ ଦେବ" ? "ପାଣି ପିଇବ", "ଆଉ ଗଣ୍ଡେ ଖାଇଦିଅ" "ହଁ···ଧୀରେ ଶୁଅ···ନହେଲେ.. କଉ ଠିକିଏ ଲେଉଟେଇ ଦେବି କି···" ? ବାସ୍ ଏଇମିତି କେତୋଟି ମାମୁଲି କଥା କହି ସେ ଆସିବା ବେଳରୁ ଲୋଟଣି ପାରା ପରି ତା'ର ସେବାରେ ଲାଗିଥିଲା । ରାଧା ସେଇଠି ତା' ହାତ ପାହାନ୍ତାରେ, ଶୋଇଥିଲେ ବି ତା' ସହିତ କଥାବାର୍ତ୍ତା କରୁ ନଥିବାରୁ, ସେ ମନେ ମନେ ଅତିଷ୍ଠ ହୋଇ ଉଠି ଭାବିଲା—'ସତରେ କ'ଣ ରାଧା ଶୋଇପଡ଼ିଲାଣି ! ଦିନରେ ସିନା ମାଆ ଥିଲା ବୋଲି ମୋ' ସହିତ ମନଖୋଲି କଥା କହିପାରୁ ନଥିଲା, ଏବେ କାହିଁକି ନୀରବ ରହିଛି' ? ସେ ଆଉ ଅଧିକ ସମୟ ଭାବିପାରିଲା ନାହିଁ । ସେ ମୁହଁରୁ ଗୋଦର ଉଠାଇ ଦେଖିଲା—ରାଧା ଆଖିବୁଜି ପଡ଼ିରହିଛି ସତ, କିନ୍ତୁ ତା' ମୁହଁରେ ହସର ରେଖା ଖେଳୁଛି । ସେ ବେଶ୍ ଜାଣିପାରିଲା—ରାଧା ଅଭିମାନରେ ମୋତେ ପାଇଲେ କିଛି କହୁନାହିଁ । ତହୁଁ ସେ ଧୀରେ ଡାକିଲା—"ରାଧା··· ରାଧା ·· ! ଆରେ···ଶୋଇ ପଡ଼ିଲୁଣି ନା କ'ଣ" ?

ତଥାପି ରାଧା ନୀରବ ରହିଲା । କିନ୍ତୁ ତା'ର ଓଠ ଫାଙ୍କରୁ ହସର ସରୁ ରେଖାଟିଏ ବେଶ୍ ସ୍ପଷ୍ଟ ଭାବରେ ଉକୁଟି ଉଠୁଥିଲା । ରାଜ୍ ଭଲଭାବରେ ବୁଝି-ପାରିଲା—ରାଧା କେବେ ହେଲେ ଶୋଇନି । ତହୁଁ ସେ ତାକୁ ଚିଡ଼େଇବା ପାଇଁ କହିଲା—"ଏ' ରାଧୀ...ରାଧୂ·· ରାଧିଆ··· ! ତୁ ମୋଟେ ଶୋଇନୁ.... ତୋ' ମୁହଁ କହିଦେଉଛି···ଗୁହଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ···ଓଃ··· ଲୁଚିଛି ନା ଗୋଡ଼ ହ'ଟା ଦୁଉଛି···" ।

ତଥାପି ମୁହଁ ଖୋଲିଲାନି ରାଧା; କିନ୍ତୁ ତା' ମୁହଁରେ ଅବଶିଆ ହସ ବଢ଼ି ହୋଇଗଲା । ଶେଷକୁ ରାଜୁ ଧମକଦେଇ କହିଲା—"ଜାଣିଥା ରାଧା, ଏଥର ଯଦି ତୁ ମୁହଁ ନ ଖୋଲିବୁ, ମୁଁ ଉଠିକରି ବସି ପଡ଼ିବି···" ।

Digitized by srujanika@gmail.com

ଉଠିବା ଲାଗି ଡାକ୍ତର ବାରମ୍ବାର ମନା କରିଥିଲେ । ଧୀରେ ଧୀରେ ଉଠାଇ ବସାଇ ଦିଆଯାଉଥିଲା, ସେଥିରେ ବି ବେଶ୍ କଷ୍ଟ ହେଉଥିଲା । ତଥାପି ଗଧା ଜାଣିଥିଲା—ରାଜୁ କେବେହେଲେ ଉଠିବ ନାହିଁ । ଯଦି କଦାପି ଉଠିବାର ଉପକ୍ରମ କରେ, ତେବେ ସେ ଝଟ୍‌କରି ଉଠିଯାଇ ତାକୁ ଧରି ପକାଇବ ।

ରାଜୁ କମ୍ ଜିଦ୍‌ଖୋର୍ ନୁହେଁ । ସେ ସତକୁସତ, ହାତଭରା ଦେଇ ଉଠିବାକୁ ଚେଷ୍ଟା କରିବା ମାତ୍ରେ ଗଧା ଝଟ୍‌କରି ଉଠିଯାଇ ତାକୁ ଧରି ପକାଇ ଆକଟ କଲା ପରି କହିଲା— "...ଏ...କି...ପାଗଳାମୀ ? ଏତେ ବଡ଼ ଘାଆ, ସେଥିରେ ପୁଣି କେଲି ଦେଖ...ସେମିତିଆ ହେଲେ ନିଜେ କଷ୍ଟ ଭୋଗିବ; ମୋର କ'ଣ ଯାଏ ଆସେ...' ?

ରାଜୁ ଗଧାର ହାତଟିକୁ ଧରିପକାଇ ହସି ହସି କହିଲା—"ଓଃ... ବଡ଼ ନବରଙ୍ଗେଇ... ! ତୋ'ର ତ କିଛି ଯାଏ ଆସେନି, ତୁ ଧାଇଁ ଆସିଲୁ କାହିଁକି" ? ହଠାତ୍ ରାଜୁ ଗମ୍ଭୀର ହୋଇଯାଇ ଗଧାର ହାତଟିକୁ ନିଜ ଗୁଣ୍ଡି ଉପରକୁ ଭିଡ଼ିନେଇ କହିଲା—"ଗଧା, ଟିକିଏ ମୋ' ଆଖି ପାଖକୁ ତୋ' ମୁହଁଟି ଆଣିଲୁ, ମୁଁ ଭଲକରି ଦେଖେଁ, ତୁ ସେଇ ଗଧା ନା, ଆଉ କିଏ" ?

ଗଧା ଆଉ ନିଜର ଅମାନିଆ ମନଟାକୁ ଆୟତ୍ତ କରି ରଖିପାରିଲା ନାହିଁ, ସେ ରାଜୁର ମୁହଁ ପାଖକୁ ଲଇଁପଡ଼ି, ତା' ଓଠରେ ନିଜର ପିଆସିଆ ଓଠଟିକୁ ଛୁଆଇଁ ଦେଲା । ରାଜୁ ଆତ୍ମହରା ହୋଇ ଗଧାର ଓଠରେ ଓଠ ଲଗାଇ ଘଡ଼ିଏ-କାଳ ପରମତୃପ୍ତି ଅନୁଭବ କଲା । ହଠାତ୍ ସେ ଅନୁଭବ କଲା ଗଧା କାନ୍ଦୁଛି ଏବଂ ତା' ଆଖିର ତାତଲା ଲୁହ ତା' ଗାଲଉପରେ ଦେଇ ନିଗିଡ଼ି ପଡ଼ୁଛି । ସେ ଗଧାର ମୁହଁଟିକୁ ଦୁଇହାତରେ ଉଠାଇ ଦେଇ କହିଲା—"ମୋ' ରାଣୀ ଗଧା, କାନ୍ଦନା... ! ତୋ'ପରି ଝିଅର ଆଖିରେ କ'ଣ ଲୁହ ଭଲ ଦିଶିବ" ?

ଗଧା ଲୁଗାକାନିରେ ଲୁହ ପୋଛି ଦେଇ ହସି ହସି କହିଲା—"ମୁଁ କ'ଣ ମନଦୁଃଖରେ କାନ୍ଦୁଥିଲି ନା କ'ଣ ତୁମେ ରାଣ ନିୟମ ଗିଳି ଯାଉଚ ? ମୁଁ ତୁମ ପାଖରେ ଏ' ବିପଦବେଳେ ଆସି ଠିଆ ହେଇପାରିଚି, ସେଥିରେ ମୋ' ମନଟା ଆନନ୍ଦରେ ପୂରି ଉଠିଚି । ସେଇଥି ଲାଗି ମନଖୁସିରେ ମୋ' ଆଖିରୁ ଲୁହଧାର ଗଡ଼ିପଡ଼ୁଚି" !

Digitized by srujanika@gmail.com

"ନା···ନାଃ···ତୋ' ଆଖିରୁ ମୁଁ ଜାଣିଶୁଣି ଲୁହ ଝରେଇବାର କାଣ୍ଡ କରିଚି···! ସତରେ କ'ଣ ଗଧା, ତୁ ବିଶ୍ୱାସ କରିଚୁ—ମୁଁ ଆଉଥରେ ବାହା ହୋଇ ଖୁସିରେ ଅଛି" ?

"ଆଛା କଥା ପଗ୍ଭରୁଚ ତୁମେ ? ସାରା ଦୁନିଆ କହୁଚି—ମଉଗର୍ବିଣୀ ରାଧା ଗ୍ଭଲିଗଲା ପରେ ତୁମେ ବେଶ୍ କାମ କରିଚ···। ମୋ' ବିଶ୍ୱାସ ଅବିଶ୍ୱାସରେ ଯାଏ ଆସେ କେତେ" ? ମୁହଁ ତଳକୁ କରି କହିଲା ରାଧା ।

"ମୁଁ ଦେଶ ଦୁନିଆ କଥା ପଗ୍ଭରୁନି ରାଧା ? ତୋତେ ପଗ୍ଭରୁଚି···ତୁ ସତକରି କହିଲୁ ରାଧା, ମୁଁ ଏ' ବାହାଘରରେ ଖୁସି ବୋଲି ତୋ'ମନ କହୁଚି କି" ?

"ଆଛା ଲୋକ···" ! ହସି ହସି ଆଖି ନଚେଇ କହିଲା ରାଧା—"ମୁଁ କ'ଣ ମାଙ୍କଡ଼ଦିଆସି ହୋଇଚି ନା କ'ଣ ଯେ ତୁମ ମନକଥା କହିପାରିବି ! ହଁ··· ଗ୍ଭେଁଟ···କୁମ୍ଭୀ ପିଲଟିଏ କିନା··· ? ବାପା ମାଆ ଅଜାଣତରେ ଥାଳୀରେ ବସେଇ କୁମ୍ଭୀ ଝିଅଟି ସାଥିରେ ହାତଛନ୍ଦା କରିଦେଲେ··· !! ହେଲା ଏବେ, ତୁମ ମନ କହିଲା—ସେ ହେଠନଜଗୀଟା ଯାଉଚି ଦକ ଯାଉଚି···। ତା'ର ପରି ଆଉରି ଗୋଟେ ଦିନ ଆସିବ, ପାଉ ସେ ପଟେ···" ।

"କାହିଁକି ଏତେ ଛଳନା କରୁଚୁ ରାଧା ! ତୁ ମୋ' ଅନ୍ତରର କଥା ଜାଣିପାରିବୁ ନାହିଁ ତ, ଆଉ କିଏ ଜାଣିବ··· ?" ଏହା କହୁ କହୁ ରାଜୁ ଆଖିରୁ ଲୁହ ଧାରଟିଏ ଗଡ଼ିପଡ଼ିଲା । ସେ କୋହରେ ଥରିଲା କଣ୍ଠରେ କହିଲା—"ତୁ କି ରାଣ ପକାଇବୁ କହ, ମୁଁ ସେଇ ରାଣ ପକାଇ କହିବି...." ।

"ରାଣ ନିୟମ ଖାଇଦେଲେ ଲାଭ କ'ଣ ? ତୁମେ କେଉଁଠୁ ମୋ' ଅନ୍ତର କଥା ଚିହ୍ନିଲ ଯେ ? ଏତେ ଦିନ ଆମେ ସାଙ୍ଗରେ ଚଳିଲେ ଅଥଚ ତୁମେ ମୋତେ ଚିହ୍ନି ପାରିଲନି— ! ମୁଁ ଯଦି ତୁମ ମନକୁ ଚିହ୍ନି ନଥା'ନ୍ତି, ତେବେ କେଉଁଦିନରୁ ମରିହଜି ଯାଆନ୍ତିଣି... । ତୁମ ଦେହ ଖବର ଶୁଣିବା ମାତ୍ରେ ଧାଇଁ ଆସିଥାଆନ୍ତି କେମିତି" ?

ରାଧାର ମୁହଁରୁ ଶେଷପଦକ ଶୁଣିବା ପରେ ଉଠିପଡ଼ି ତାକୁ ଆଲିଙ୍ଗନ କରିବା ଲାଗି ଚେଷ୍ଟା କରିବାମାତ୍ରେ, ରାଧା ଆପଣା ଛୁଏଁ ଲହିଁପଡ଼ି ରାଜୁର ଛାତି ଉପରେ ମୁହଁଟିକୁ ଥୋଇ ଦେଇ ଖୁବ୍ ବେଶି ମନପୂରେଇ କାନ୍ଦିବାକୁ ଲାଗିଲା । ରାଜୁ ରାଧାର ମୁଣ୍ଡଟିକୁ ଆଉଁଷି ଦେଇ ଦେଇ ଆନନ୍ଦରେ ଅଧୀର ହୋଇ ଆଖି ବୁଜି ଶାନ୍ତିରେ ଶୋଇବାକୁ ଚେଷ୍ଟା କଲା । □

Digitized by srujanika@gmail.com

॥ ଉଣେଇଶ ॥

ପ୍ରକୃତରେ ଗଧାର ସ୍ୱଭାବ ବିଚିତ୍ର ! ତା' ଶରୀର ଓ ମନ ଗୋଟିଏ ଭିନ୍ନ ଧାତୁରେ ଗଢ଼ା ! କେହି ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଯେ, ଘରୁ ବିନା କଥାରେ ଗୋଡ଼ କାଢ଼ି ଚାଲି ଯାଇଥିବା ଗଧା ପୁଣି ବିନାଡ଼କାରେ ଆସି ହାଜର୍ ହୋଇ-ଯିବ । କେବଳ ସେତିକି ନୁହେଁ, ରାଜୁର ସେବା ଶୁଶ୍ରୂଷାରେ ସେ ମନପ୍ରାଣ ଢାଳି ଦେବ ।

ଦି'ଦିନ ପରେ ରାଧା ଶାଶୁକୁ ମୁହଁ ଖୋଲି କହିଲା—"ବୋଉ, ମୁଁ ତ ଏଠାରେ ଅଛି, ତୁମେ ଆଉ ଏ'ଠି ରହିବ କାହିଁକି ? ସେଣେ ଘରେ ବାପା ଓ ଝିଅ ଦି'ଟା ଦହଗଞ୍ଜ ହେଉଥିବେ ! ଆଠ ଦଶଦିନ ପରେ ଥରେ ଆସି ଦେଖି-ଯିବ..." ।

ବୁଢ଼ୀ ବହୂର କଥା ଶୁଣିବା ମାତ୍ରେ ମନେ ମନେ ଆଶ୍ଚର୍ଯ୍ୟ ହୋଇଯାଇ ଭାବିଲା—କେଡ଼େ ଅଦ୍ଭୁତ ଏ' ବହୂଟି ! କଥା ପଦକରେ ମଣିଷକୁ କିଣିନବ' ! କେବଳ ସେଦିନର କଥା କାହିଁକି, ରାଧା ବହୂ ହୋଇ ଆସିବା ଦିନରୁ କେବଳ ଗୋଟିଏ ଦିନ ଛଡ଼ା ସେ କେବେହେଲେ କୌଣସି କଥାରେ ରାଧା ଉପରେ ରାଗି ନଥିଲା । ରାଧା ସବୁବେଳେ ଶାଶୁର ମନଜାଣି ତା'ର ସେବା କରୁଥିଲା ଏବଂ ଯାହା ଶାଶୁ ଶ୍ୱଶୁରଙ୍କ ମନରେ ଆଘାତ ଦେବ, ସେପରି କାମ ସେ ଆଦୌ କରୁ ନଥିଲା । କେବଳ ମକରାର ଦୁର୍ବ୍ୟବହାର ପାଇଁ ସେ ଶାଶୁଘରୁ ଗୋଡ଼ କାଢ଼ି ବାହାର ଆସିଥିଲା ସିନା, ହେଲେ ତା'ର ଅନ୍ୟାନ୍ୟ ବ୍ୟବହାର କେହି ଭୁଲିପାରୁ ନଥିଲେ ।

ବୁଢ଼ୀ ପୁଣି ଭାବିଲା—ମୁଁ ତ ତା'ର ଶାଶୁ ହୋଇ ତା' ବ୍ୟବହାର, କଥାବାର୍ତ୍ତା ଓ କାମଦାମରେ ଏତେ ଖୁସି ହୋଇ ପାରୁଛି, ତା' ହାତଧରା ତାକୁ ଭୁଲି ପାରିବ କିପରି ? ରାଜୁ ସେଇଥିପାଇଁ ରମାକୁ ତିଳେ ହେଲେ ଭଲ ପାଇ ପାରିଲା ନାହିଁ ।"

ଗଧା ଟିକିଏ ହେଲେ ବିଶ୍ରାମ ନ ନେଇ ସବୁବେଳେ କାମରେ ଲାଗି ପଡ଼ିଥିବାର ଦେଖି କହିଲା ବୁଢ଼ୀ—"ତୁ ସିନା ମୋତେ ଚାଲିଯିବା ଲାଗି କହୁଛୁ, ହେଲେ ମୋର ଯିବାକୁ ଆଦୌ ପାଦ ଉଠୁନି । ଗୋଟିଏ ବେଅକ୍ତିଆର ମଣିଷକୁ ସେବା କରି, ତା' ଧନ୍ଦା ବୁଝିବା ପୁଣି ଗୋରୁଗାଈ ବାରି ହାନସ୍ତା...ମୁଁ... ରହିଲେ ତୋ' କାମ ଟିକିଏ ଉଣ୍ଡା ହୋଇ ଯାଆନ୍ତା ନାହିଁ" ?

Digitized by srujanika@gmail.com

"କ କାମ ସେ··? ସେଥିଂରେ ପୁଣି ମୁଁ ଥକ ପଡ଼ନ୍ତ ବୋଲି ତୁମେ ଭାବୁଚ···! ହାତ ହଲେଇ ଦେଲେ କାମ ଶେଷ...! ମୁଁ ତ ଭାବୁଚ...ମାହାଜନଙ୍କ ଘରକର ପିଲାଟି ବ ଚ୍ଲାଯାଉ...ସେ ଏ'ଠି ରହି କରିବ କ'ଣ"?

"ନା··ରେ·· ମାଆ"! କହିଲ ବୁଢ଼ୀ—"ସେ କଥା କହନା! ବଜାର ସହର ଜାଗା, ବାହାରକୁ ଯିବା ଲଗି ମରଦ ପୁଅଟେ ପାଖରେ ଥିବା ଭଲ! ଯଦି କିଛି ଦରକାର ପଡ଼େ, ତେବେ ତୁ ରାଜୁଆକୁ ଏକୁଟିଆ ଛାଡ଼ି ଦେଇଯିବୁ କପରି"?

"ହଉ···" ଟିକଏ ରହିଯାଇ ପୁଣି କହିଲ ରାଧା—"ତେଲେ ତୁମେ ଏକୁଟିଆ ଗାଆଁ କୁ ଯିବ କପରି? ସେ ଯାଉ, ତୁମକୁ ଛାଡ଼ ଦେଇ ଚାଲି ଆସିବ। ସବୁ ଜିନିଷ ତ ଅଛି ..ଗୋଟିଏ ଦିନ, କିଛି ଅସୁବିଧା ହେବନି···"!

ରାଧାର ଯୁକ୍ତି ଆଗରେ ବୁଢ଼ୀ କିଛି ଉତ୍ତର ଦେଇ ନ ପାରି ନୀରବ ରହିଲ। ସେ ଦିନଟି ଶାଶୁ ବହୂ ଖୁସିବାସିରେ ବିତାଇ ଦେଲେ। ପରଦିନ ସକାଳୁ ବୁଢ଼ୀ ପୁଅର ବିଛଣା ପାଖକୁ ଯାଇ କହିଲ—"ପୁଅରେ, ବହୁତ ଏ'ଠି ରହିଛୁ, ଡାକ୍ତରଙ୍କ ଔଷଧପତ୍ର ଚାଲିଛି। ସେ'ତ ମୋତେ କିଛି କାମ କରାଇ ଦେଉନି, ମୁଁ ଏବେ ଘରକୁ ଚାଲିଯାଏଁ ବୋଲି ବହୂ କହୁଚ, ତୁ କଅଣ କହୁଚ···"?

ରାଜୁ ଭାବିଲ—'ମୁଁ ଯଦି ଏତେ ସହଜରେ 'ହଁ' କରିଦିଏ, ତେବେ ମାଆ ଭାବିବ, ରାଧା ଆସିଯିବା ପରେ, ମୁଁ ଆଉ ମାଆର ଉପସ୍ଥିତି ଅନୁଭବ କରୁନି'। ସେ ମାଆ ପାଉଁକୁ ଚାହିଁ କହିଲ—"ତୁ ଯଦି ଭଲ ଭାବୁଛୁ, ଯାଇପାରୁ! ଏବେ ଚାଲିଯା···ଆଠ ଦଶଦିନ ପରେ ପୁଣିଥରେ ଚାଲି ଆସିବୁ। ବାପା ବି କାଲି ଆଉକୁ ଆସିଥାରେ···'!

ସେଦିନ ଡାକ୍ତର ରାଜୁକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ସେ ଭାବିଲେ—'ଏତେ ଶୀଘ୍ର ରାଜୁ ଭଲହୋଇ ଆସିଲା କପରି? ସେ ରୋଗୀକୁ ଭଲ ଭାବରେ ପରୀକ୍ଷା କରି କହି'ଲେ—"ତୁମେ ଏବେ ଟିକଏ ଉଠାବସା କର! କଡ଼ ଲେଉଟାଇ ଶୋଇବାକୁ ଚେଷ୍ଟା କର"। ଡାକ୍ତରବାବୁ କେବିନ୍‌ରୁ ବାହାରି ଯାଉଁ ଯାଉଁ କହିଲେ ନର୍ସକୁ—"ଆଉ କେହି ହୋଇଥିଲେ, ମାସ ମାସ ଲଗି ଯାଇ-ଥା'ନ୍ତା···! ଏ' ଖୁବ୍ ଟାଣୁଆ ଲୋକଟାଏ···"।

କିନ୍ତୁ ଡାକ୍ତରବାବୁ କେଉଁଠୁ ଜାଣିବେ, ରାଜୁର ରୋଗ ଭଲ ହେଲ କପରି? ରାଜୁର ରୋଗ ଭଲହେବା ମୂଳରେ ଥିଲ—ରାଧା! ତା'ର ସେବା,

Digitized by srujanika@gmail.com

ଶୁଶ୍ରୂଷା, ସ୍ନେହ ଓ ଶ୍ରଦ୍ଧା ଫଳରେ ରଜୁ ଏତେ ଶୀଘ୍ର ରୋଗ କବଳରୁ ଉଦ୍ଧାର ପାଇ, ଧୀରେ ଧୀରେ ଆରୋଗ୍ୟ ହୋଇ ଆସୁଥିଲା ।

ଡାକ୍ତରଙ୍କ ମୁହଁରୁ ଆଶାର ବାଣୀ ଶୁଣି ବୁଢ଼ୀ ମନେ ମନେ ଆନନ୍ଦିତ ହୋଇ କହିଲା—"ହଉ···ମୁଁ ଆଜ ଚାଲିଯାଉଚି, ସେ ଟୋକାଟି ଚାଲୁ, ମୋତେ ଛାଡ଼ିଦେଇ ସାଙ୍ଗେ ସାଙ୍ଗେ ଚାଲିଆସିବ" ।

ବୁଢ଼ୀ ଓ ଗଧିଆ ଚାଲିଯିବା-କ୍ଷଣି ରଜୁ ଓ ଗଧା ପରସ୍ପରକୁ ଚାହିଁ ମନ-ଖୋଲା ହସ ହସିବାକୁ ଲାଗିଲେ । ଗଧା ରଜୁର ବିଛଣା ଉପରେ ବସିପଡ଼ି ସ୍ୱାମୀର ପିଠି ଆଉଁଷି ଦେଉ ଦେଉ କହିଲା—"ଏ' ଡାକ୍ତରବାବୁଟି ଖୁବ୍ ଭଲ ଲୋକ । ତାଙ୍କର ଔଷଧ ଫଳରେ ତୁମେ ଏତେ ଶୀଘ୍ର ଭଲ ହୋଇଗଲ···" !

"ଯା···ଯାଃ···ଘର ଡାକ୍ତର ହୋଇଚି । ତୁ ଆସି ନଥିଲେ ମୁଁ ଆହୁରି ମାସେ ପର୍ଯ୍ୟନ୍ତ ଉଠିବସି ପାରି ନଥାନ୍ତି । ତୁ ଯିନା ମାନବୁନି, କିନ୍ତୁ ସବୁ କିଛି ତୋ'ର କରାମତି···" ।

ଗଧା ମୁହଁଖୋଲି କିଛି ଉତ୍ତର ଦେଇ ନଥିଲେ ହେଁ, ଆଖି ନଚାଇ, ମୁହଁ ମୋଡ଼ି ରଜୁର କଥାକୁ ମନେ ମନେ ସମର୍ଥନ ଜଣାଇଲା ।

ସନ୍ଧ୍ୟାବେଳକୁ ଯାଇ ବୁଢ଼ୀ ଘରେ ପହଞ୍ଚି ସବୁକଥା ବୁଢ଼ାକୁ ଜଣାଇବା ମାତ୍ରେ, ଦେବା ଖପା ହୋଇଯାଇ କହିଲା—"ମୁଁ ଜାଣିଚି ସିରା ତୋ' ଗୁଣ··· ! ତୁ ସେ ଚଣ୍ଡୀଟାକୁ ଛାଡ଼ିଦେଇ ଆସିଲୁ କାହିଁକି ? ସେହି ବହୂ ସିରା ଆମ ମୁହଁରେ ଚୂନକାଳିରୁ କୁଟା ଟାଣି ଆଣି ନିଆଁ ଲଗେଇ ଦେଇ ବାପଘରକୁ ଚାଲି ଯାଇଥିଲା; ତୁ ତାକୁ ସାଙ୍ଗେ ସାଙ୍ଗେ ଦି'ପଦ ଝାଡ଼ିଦେଇ ଫେରେଇ ନଦେଇ, ତା'ର ହାତରେ ମୋ' ବେଟାଟା ଛୁଆଟାକୁ ଛାଡ଼ି ଚାଲି ଆସିଲୁ ? ତୋ' ଅକଲରେ କ'ଣ ନିଆଁ ଲାଗିଚି" ?

ବୁଢ଼ାର ଗର୍ଜନ ତର୍ଜନ ଆଗରେ ବୁଢ଼ୀ ମୁହଁ ଖୋଲି କିଛି କହିଲା ନାହିଁ । ଗଧା ଉପରେ ତା' ମନରେ ଟିକେହେଲେ ଆଉ ଅବିଶ୍ୱାସ ନଥିଲା । ତେଣୁ ସେ ଖାମ୍ଖିଆଲ ଭାବରେ କହିଲା—"ହଉ, ମୋର ସନ୍ଧି ଭୁଲ୍ ହୋଇଗଲା; ତୁମେ ତ କାଲି ଯିବ, ତାକୁ ଘେ'ଚ୍ ନିକାଳି ଦେଇ ଆସିବ···" !

ବୁଢ଼ୀ ଯେ ଥଟ୍ଟା କରି ଏ'କଥା କହୁଥିଲା—ତା' ବେଶ୍ ବୁଝିପାରିଲା ଦେବା । ସେ ଉତ୍ତର ଦେଇ ଆଉ କ'ଣ କହିବାକୁ ଯାଉଥିବା ସମୟରେ ହରିରାମ ମହାଜନ ଆସି ପହଞ୍ଚିଯାଇ କହିଲା—"ଦେବା, କାଲି ବଡ଼ିସକାଳୁ ଆମେ

Digitized by srujanika@gmail.com

ବାହାରଯିବା । ବାଟରେ ମୋର ଗୋଟିଏ କାମ ଅଛି, ସେଇତକ ସାରିଦେଇ ଆଗେ ଡାକ୍ତରଖାନା ଚାଲିଯିବା, ବୁଝିଲୁ...'' ?

ବୁଢ଼ୀ ଉପରେ ହରିରାମର ନଜର୍ ପଡ଼ିଯିବା କ୍ଷଣି, ସେ ଚମକି ପଡ଼ିଲା ପରି କହିଲା – ''ଆରେ..., ରାଜୁ ପାଖରେ ଆଉ ଅଛି କିଏ'' ?

''ବହୂ ଆସି ପହଞ୍ଚିଗଲାରୁ ମୁଁ ଚାଲି ଆସିଲି ! ଡାକ୍ତରବାବୁ ବି କହିଲେ, ଏଠି ଏତେ ଲୋକର ଦରକାର କ'ଣ ?''

ବୁଢ଼ୀର ଉତ୍ତର ଶୁଣି ହରିରାମ ମନେ ମନେ ଭାବିଲା – ବୋଧହୁଏ ରାଜୁର ବିଭାଶିବ୍ର୍ ସ୍ତ୍ରୀ ଏ' ଖବର ପାଇ ଆସି ଯାଇଥିବ : କିନ୍ତୁ ହଠାତ୍ ଦେବା ରାଗରେ ଜଳିଯାଇ କହିଲା—''ବଡ଼ ଅକଲ୍‌ବାଲି ଏଃ... ! ସେଇଁ ବହୂ ଆମ ମୁହଁରେ ଚୁନକାଳି ବୋଳି ଦେଇ ଚାଲିଯାଇଥିଲା, ଏ' ବେଅକଲି...ତା'ରି ଜିମାରେ ମୋ' ପୁଅକୁ ଛାଡ଼ି ଦେଇ ଆସିଚି... ! ଯାଆଁକୁ ମୁଁ ଆଉ କହିବି କ'ଣ ମାହାଜନେ'' ?

''ହଉ...ହଉ...ଦେବା, ସେ ତ ଆସି ସାରିଲାଣି, ଆଉ ରାଗିଲେ କ'ଣ ହେବ ? ଆମେ କାଲି ତ ଯିବା, ସେ'ଠି ଯେମିତି ଭାବିବା ସେଇଆ କରିବା... ! ତୁ ଆଉ ପାଟି କରନା...'' ।

ହରିରାମ ମାହାଜନ ଚାଲିଯିବା ପରେ ଦେବା ଆହୁରି କେତେ ସମୟ ପର୍ଯ୍ୟନ୍ତ ଗର୍‌ଗର୍ ହେଲା । କିନ୍ତୁ ବୁଢ଼ୀ ବୁଢ଼ା ମୁହଁରେ କିଛି ଉତ୍ତର ନଦେଇ ଘର କାମରେ ଲାଗିଗଲା ।

ପରଦିନ ଦି'ପହର ବେଳକୁ ଦେବା ଓ ହରିରାମ ଯାଇ ଡାକ୍ତରଖାନାରେ ପହଞ୍ଚି ଦେଖିଲେ – ରାଜୁ ବିଛଣା ଉପରେ ତକିଆ ଭରାଦେଇ ବସିଛି ଏବଂ ରାଧା ସେବାସେଇ କରିବାରେ ଲାଗିପଡ଼ିଛି । ଦେବା ଆଗରୁ ତ ରାଧା ଉପରେ ରକ୍ତଚାଉଳ ଚୋବାଉଥିଲା, ସେ ରାଜୁକୁ ଖଟିଆ ଉପରେ ବସିଥିବାର ଦେଖି, ତା' ମନର ରାଗତକ ମେଣ୍ଟାଇ ନେଇ କହିଲା – ''କିରେ ପୁଅ .. ! ତୋ' ମଥା ଖରାପ ହେଇଗଲାଣି ନା କ'ଣ ? ସେଦିନ ନିଜେ ଡାକ୍ତରବାବୁ କହିଲେ, ମାସେ ଦେଢ଼-ମାସ ପରେ ଏ' ଉଠିବସି ପାରିବ, ଅନ୍ତତଃକମ୍‌ରେ କୋଡ଼ିଏ ପଚିଶଦିନ ପରେ କଡ଼ ଲେଉଟାଇ ଶୋଇପାରିବ ! ତୋ' ଦେହରୁ ପାଣି ପରି ହାଣ୍ଡି ହାଣ୍ଡି ରକ୍ତ ବାହାରି ଯାଇଚି...ସେଥିରେ ତୁ ନବାବ୍ ସାଇବ ପରି ଉଠି ସାରିଲୁଣି... ! ମୁଁ ଜାଣିଚିପରା, ତୋ' ମାଆ ମୁଣ୍ଡରେ ଅକଲ୍ ବୋଲି ଅଧଲାକର ସବୁ ଥାଆନ୍ତା'';

Digitized by srujanika@gmail.com

ଏତିକିବେଳେ ଗଧା ରୋଷେଇ ପାଖରୁ ଉଠିଆସି ଦେବା ଗୋଡତଳେ ଜୁହାର ହୋଇ ମୁଣ୍ଡରେ ଓଢ଼ଣାଟିକୁ ଟିକିଏ ଆଗକୁ ଟାଣିଆଣି କହିଲା—"ନା···ବାପା, କାଲି ନିଜେ ତାଙ୍କୁ ଡାକ୍ତରବାବୁ ଉଠାଇ ବସେଇ ଦେଇଗଲେ । ଆଉ କହିଗଲେ—ଯେତେବେଳେ ତୋ' ଇଚ୍ଛା ହେବ, ତୁ ଟିକିଏ ଉଠିବାକୁ ଧୀରେ ଚେଷ୍ଟା କରିବୁ···ଆଉ ତକିଆ ପିଠି ପାଖରେ ଥୋଇ ଆଉଜି କରି ବସିବୁ···" !

ଦେବା ଆଉ କ'ଣ କହିବାକୁ ଯାଉଥିଲା କିନ୍ତୁ ହରିରାମ ତାକୁ ବାଧା ଦେଇ କହିଲା—"ଦେବା, ତୁ ବେସ୍ତ ହଉଚୁ କାହିଁକି ? ତାକୁ ଟିକିଏ ଆରାମ ଲାଗୁ ନଥିଲେ, ସେ ବସିପାରନ୍ତା କେମିତି " ?

ଏହି ସମୟରେ ଡାକ୍ତର ଓ ନର୍ସ ସେଠାରେ ଆସି ପହଞ୍ଚିଲେ । ଡାକ୍ତର-ବାବୁ ହରିରାମ ଓ ଦେବାକୁ ଶୁଣାଇ କହିଲେ—"ତୁମର ଏ' ପିଲାଟା ଖୁବ୍ ଟାଣ ! ଦିନ ପାଞ୍ଚ ଛଅଟାରେ ଉଠିବସିଲାଣି । ମୁଁ ତ ଆଦୌ ଭାବିପାରୁ ନଥିଲି—ଏତେ ଶୀଘ୍ର ଏ' ଉଠାବସା କରିପାରିବ" !

ହରିରାମ ହାତ ଯୋଡ଼ି ଡାକ୍ତରବାବୁଙ୍କୁ ଗୋଟିଏ ଲମ୍ବ ଦଣ୍ଡବତ ପକାଇ କହିଲା—"ସବୁ ଆପଣଙ୍କ ମେହେରବାନି ଡାକ୍ତରବାବୁ ! ସବୁ କିଛି ଆପଣଙ୍କ ଔଷଧର ଗୁଣ···" !

ନର୍ସ ସାଜୁର ବେଣ୍ଡେଜ୍ ଫିଟାଇ କ୍ଷତ ସ୍ଥାନକୁ ପରିଷ୍କାର କରି ଦେଇ ଔଷଧ ଲଗାଉ ଲଗାଉ କହିଲା—"ଔଷଧର ଗୁଣ ତ ଅଛି, କିନ୍ତୁ ଅସଲ ହେଲା—ସେବା ଶୁଶ୍ରୂଷା ! ତା' ସ୍ତ୍ରୀ ଏଇ ଦି' ଚାରିଦିନ ହେଲା ଯାହା ଖଟୁଚି ନା, ସେଥିରେ ରୋଗୀର ଅବସ୍ଥା ସୁଧୁରି ଯାଇଛି..." ।

ତଥାପି ଦେବା ତା' ମୁହଁଟାଣ ଛାଡ଼ିଲା ନାହିଁ । ସେ ନର୍ସର କଥାକୁ ଶୁଣି ନ ଶୁଣିଲା ପରି କହିଲା—"ଖାଲି ସେବା ଶୁଶ୍ରୁଷା ଫଳରେ ଯଦି ରୋଗ ଭଲ ହୋଇ ଯାଉ ଥାଆନ୍ତା, ତା'ହେଲେ ଲୋକେ ଆଉ ଡାକ୍ତରଖାନାକୁ ଆସନ୍ତେ କାହିଁକି" ?

ତରୁଣୀ ନର୍ସଟି ଦେବା ଆଡ଼କୁ ଅବଜ୍ଞା ପୂର୍ଣ୍ଣ ଚାହାଣିରେ ଚାହିଁ କହିଲା—"ବୁଢା, ତୁମେ ରୋଗୀ ସେବା କ'ଣ ଜାଣିଛ ? ଆମେ ଦିନରାତି ରୋଗୀଙ୍କ ପିଛା ଲାଗିଛୁ । ଆମେ ବେଶ୍ ଭଲ ଭାବରେ ଜାଣୁ..." ।

Digitized by srujanika@gmail.com

ନର୍ସର କଥାରେ ବାଧା ଦେଇ କହିଲେ ଡାକ୍ତରବାବୁ—ବୁଝିଲ ହରିରାମ ବାବୁ, ଔଷଧ ଶରୀର ଉପରେ ଗୁଣ କରେ, କିନ୍ତୁ ସେବା, ଶୁଶ୍ରୂଷା ସ୍ନେହ, ଶ୍ରଦ୍ଧା ମଣିଷର ମନ ଉପରେ ପ୍ରଭାବ ପକାଏ । ରୋଗୀର ମନ ପ୍ରଫୁଲ୍ଲ ରହିଲେ ରୋଗ ଶୀଘ୍ର ଉପଶମ ହୋଇଯିବ" !

ଡାକ୍ତରବାବୁ ସେ ଘରୁ ବାହାରି ଯାଉଁ ଯାଉଁ କହିଲେ—"ବୁଝିଲ, ତୁମ ରୋଗୀକୁ ଆଉ ବେଶୀଦିନ ଏଠାରେ ରହିବାକୁ ପଡ଼ିବ ନାହିଁ···" ।

"ନା···ଆଜ୍ଞା, ଆପଣ ପୂରା ଭଲ କରି ପାରିଲେ, ରୋଗୀକୁ ଛାଡ଼ିବେ···! ପିଲାଟା ମୋର ପାଇଁ ଏତେ କଷ୍ଟ ପାଉଛି !" ଏତିକି କହି ହରିରାମ ପଚିଶଟି ଟଙ୍କା ଡାକ୍ତରଙ୍କ ହାତକୁ ବଢ଼ାଇ ଦେଲା । ଡାକ୍ତର ବାବୁ ଟଙ୍କାତକ ହରିରାମଙ୍କ ହାତରୁ ନେଇ ପକେଟରେ ରଖୁରଖୁ କହିଲେ—"ଏତେ ବ୍ୟସ୍ତ କାହିଁକି ? ପରେ ଟଙ୍କା ଦେଇଥିଲେ ଚଳନଥା'ନ୍ତା ? ତୁମେ ରୋଗୀ ପାଇଁ ଚିନ୍ତା କରନାହିଁ । ମୁଁ ତାକୁ ପୂରାପୂରି ଭଲ ନ କରି କ'ଣ ଛାଡ଼ୁଛି" ?

ରାଧାକୁ ଡାକ୍ତରଖାନାରୁ ଛଡ଼େଇ ନେବା ପାଇଁ ଦେବା କମର କସି ଗାଆଁରୁ ଆସିଥିଲା, କିନ୍ତୁ ସେ ଆସି ଡାକ୍ତରଖାନାରେ ଯାହା ସବୁ ଦେଖିଲା ଓ ଶୁଣିଲା; ସେଥିରେ ତା'ର ଅକଲ୍ ଗୁଡ଼ୁମ୍ ହୋଇଗଲା । ଡାକ୍ତରବାବୁ ଚାଲିଯିବା ପରେ ସେ ଘଡ଼ିଏ କାଳ ଘୁମ୍ମାରି ତଳକୁ ମୁହଁ ପୋତି ବସି ରହିଲା ।

କଥା କଥାକେ ଖାଇବା ବେଳ ଗଡ଼ିଗଲା । ମାହାଜନ ଖାଇବା ଲାଗି ବାହାରକୁ ବାହାରିବା ମାତ୍ରେ ଦେବା ତାଙ୍କ ସହିତ ଉଠିପଡ଼ିଲା । ଶ୍ୱଶୁରଙ୍କୁ ଉଠି ପଡ଼ିବାର ଦେଖି କୋକିଳ କଣ୍ଠୀ ରାଧା କହିଲା—"ବାପା, ତୁମେ ଏବେ କୁଆଡ଼େ ଯିବ ଯେ ? ମୁଁ କେତେବେଳୁ ରନ୍ଧାରନ୍ଧି ସାରିଲିଣି । ତୁମେ ହାତ ମୁହଁ ଧୋଇ ଆସିବା ମାତ୍ରେ ମୁଁ ପରଷି ଦେବି" !

ରାଧାର ଡାକରାରେ ଦେବାର ବୁଦ୍ଧି ହଜିଗଲା । ସେ କ'ଣ ଉତ୍ତର ଦେବ, କିଛି ଭାବି ପାରିଲା ନାହିଁ କିମ୍ବା ଖାଇବ ନାହିଁ ବୋଲି କହିବାକୁ ତା' ଜିଭ ଲେଉଟିଲା ନାହିଁ ।

ଶ୍ୱଶୁରଙ୍କ ମନୋଭାବ କେତେବେଳରୁ ଜାଣିନେଇଥିଲା ରାଧା । ସେ ବେଶ୍ ଜାଣିଥିଲା—ବୁଢ଼ା ତା' ବ୍ୟବହାର ଫଳରେ ଖୁବ୍ ରାଗିଥିଲା ଏବଂ ସେହି ରାଗରେ ସେ ପୁଅକୁ ଆଉ ଗୋଟେ ବିଧବା ସହିତ ବାହା କରେଇ ଥିଲା । କିନ୍ତୁ ରାଧା ଆଜି ଯେଉଁ ପ୍ରଶଂସାପତ୍ର ଦେଖେଇ ପାରିଲା, ସେଥିରେ ଦେବା ଭୂୟାଁର

Digitized by srujanika@gmail.com

ବୁଦ୍ଧି ଗୁଡୁମ୍ ହୋଇଗଲା । ସେ ଯାହାକୁ ନିକାଲି ଦେବା ଲାଗି ଆସିଥିଲା, ତା'ଣ ପରଷା ଖାଇବା ଲାଗି ସହଜେ ତା' ମନ ମାନିଲା ନାହିଁ । ତେଣୁ ସେ ଖାଇବ କି ନାହିଁ ଏ'ଇ ଦୋସନ୍ଧରେ ପଡ଼ି ଉଦବେଇ ହୁଦବେଇ ହେଉଥିବା ବେଳେ, ରାଧା ବୁଢ଼ାର ଧ୍ୟାନ ଭଙ୍ଗି ଦେଇ କହିଲା—"ବାପା, ମାହାଜନେ ଚିନା ଆମ ରୋଷେଇରେ ଖାଇବେ ନ, ତୁମର କ'ଣ ହୋଇଚ ଯେ, ତୁମେ ଏମିତି ଗୁମ୍ ମାରି ବସିଚ କାଇଁକି ? ତୁମକୁ ଖାଇବାକୁ ଦେଇ ସାରି ମୁଁ ପରା ପୁଣି ତାଙ୍କୁ ଖାଇବାକୁ ଦେବି…" ।

ରାଧା ମୁହଁରୁ ଏତକ ଶୁଣି କହିଲା ହରିରାମ ମହାଜନ—"ଦେବା, ଆଉ ବସିଚୁ କାହିଁକି, ଯାଃ ଜଲଦି ହାତ ଖାଇ ନେଇ ଠିକଏ ଗଡ଼ପଡ଼ ହଉଥା', ମୁଁ ମୋ' ଭାଗ ଧରୁ ଖାଇଦେଇ ଝଟାପଟ ଆସି ଯାଉଚି । ଜଲଦି ବାହାରି ନ ଗଲେ ଗାଆଁରେ ପହଞ୍ଚିବା ବେଳକୁ ପୁଣି ରାତି ଅଢ଼େଇ ପହର ହେବ…"

ମାହାଜନ ଗୁଳିଯିବା ମାନେ ଦେବା ମନ୍ତ୍ର କଲାପରି ରାଧାର ହୁକୁମ୍ ମାନି ହାତ ମୁହଁ ଧୋଇ ଖାଇ ବସିଲା ଏବଂ ବିଲ୍‌କୁଲ୍ ଖାଇବ ନାହିଁ ବୋଲି କହୁଥିବା ଦେବା ଭୂଷୁଁ । ପେଟପୁରାଇ, ମନ ବୋଧ କରି ଆକଣ୍ଠ ଖାଇଗଲା । ଖାଉଥିବା ବେଳେ ତା'ର ମନେ ପଡ଼ିଗଲା—ଛଅମାସ ତଳର ବହୁ ହାତପରଷା ଖାଦ୍ୟ ! ସେ ଥାଳୀ ପାଖରୁ ଉଠିବା ଆଗରୁ ଭାବିଲା—'କି କୁହୁକ ଜାଣେ କି ଏ, ବହୁଟି ! ମୋତେ ସତରେ କମିଆ କରି ଦେଲା ନା, କ'ଣ ବା' । ଯା' ହଉ ପଛକେ ହାତ ଖଣ୍ଡେ ତ ପାଇଚି ! ଯେଉଁଠି ସେ ହାତ ମାରିଦେବ…ସେ ଅମୃତ…" । ଦେବାର ମନେ ପଡ଼ିଗଲେ—ରାଧା ରୋଷେଇ କରିଥିବା—ରଶୁଣ ମେଥି ଓ ହେଙ୍ଗୁ ଛୁଙ୍କ ଦିଆ ଦହିକଡ଼ି, ସୋରିଷ କଞ୍ଚାବଟା ଦିଆ—ମଞ୍ଜା ରାଇତା; ବାଇଗଣ, ବଡ଼ି, ସାରୁମିଶା କୋଶଳାଶାଗ, ଖଟା ମିଠା ଦିଆ ମହୁରାଳି ମାଛଭଜା, ସୋରିଷ ଲଙ୍କା ବାଟଣାଦିଆ ହୁସ ଚୁଙ୍ଗୁଡ଼ି ଓ ପୋଇଶାଗ ଚଡ଼ଚଡ଼ି, ମୁଣ୍ଡାସାରୁ, ପାଚିଲା ବାଇଗଣ, ମୂଳା, ଲାଉ ଓ ବୋଇତାଳୁ ଦିଆ କାଞ୍ଜି, ଟଭ ରସ ଦିଆ କରାଣ୍ଡିମାଛଭଜା, ତାଟିଆ ବସା ବାଲିଛତୁ ବଡ଼ିଚୁରା ମିଶା ବାଇଗଣ ଭରତା ଓ ସାରୁତକଟା, କଳମ କମ୍ବା ସୁନୁସୁନିଆ ଶାଗ ଖରଡ଼ା; ଯେତେ-ବେଳେ ଯାହା ମିଳିଲା, ରାଧା ହାତ ଲଗେଇ ଦେଲେ ସେତିକ ଅମୃତ…। ବୁଢ଼ା ସେଇ ଭାବନାରେ ଭାସି ଯାଉଥିବା ସମୟରେ ରାଜୁ ପାଟରେ ବସି ଏଇଟା

Digitized by srujanika@gmail.com

ଖାଅ, ସେଇଟା ଆଉ ଟିକଏ ଖାଇଦିଅ, ନା...ନାଃ, ଆଉ ପାଣି ପିଇବାକୁ ଦେବନି, ବେଶୀ ହ'ଟା ଖାଇଦେଲେ ପିନା ଜଲଦି ଜଲଦି ଗୁଳିବୁଳି ପାଗବ" ପ୍ରଭୃତି କେତେ ସ୍ନେହ ବୋଳା ତାଗିଦା କରୁଥିବା ରାଧା ଶ୍ୱଶୁର ବୁଢ଼ାର ଧ୍ୟାନ ଭଙ୍ଗେଇ ଦେଇ କହିଲା—"ବାପା ଉଠୁନ କାଇଁକି ? ହାତ ଶୁଖି ରକଟା ହେଇ-ଯିବଣି ..." ?

ଦେବାର ଧ୍ୟାନ ଭଙ୍ଗିଗଲା । ସେ ମନେ ମନେ ଲଜ୍ଜିତ ହୋଇ ଉଠିଲା ।

ଦେବା ହାତ ଧୋଇ ସାର ବଡ଼ ଖଣ୍ଡେ ଧରେଇ ହ'ଟାଣ ଦେଇଛି କି ନାହିଁ, ହରରାମ ମାହାଜନ ଆସି ହାଜର ହୋଇଗଲା । ଦେବା ରାଜୁର, ଖଟିଆ ଉପରେ ବସି ତା'ପିଠି ଆଉଁଷି ଦେଉ ଦେଉ କହିଲା—"ପୁଅ...! ମୁଁ ଯାଉଚି···; ଏଥର ଦଶ ବାର ଦିନ ଗୁଡ଼ ଆସିବ । ଖେତରା ଚମ୍ପୀ କଉଥିଲେ ଆସିବେ ବୋଲି, ସେ ହିହିଁଙ୍କି ନେଇ ଆସିବ..." ।

ରାଜୁ କିଛି ଉତ୍ତର ଦେବା ଆଗରୁ, ଗଧା ଖାଇବା ପାଖରୁ କହି ଉଠିଲା— "ବାପା, ଟିକଏ ରୁହ, ମୁଁ ଖାଇସାରେ, ବୋଉଙ୍କ ପାଇଁ ଦୋକତା ଆଉ ସୁନ୍ଦ ରଆ ନାଶ କପଟଟିଏ ବଜାରରୁ କିଣିଆଣିଚ ଦେବ, ନେଇଯିବ ! ବଉଙ୍କ ନାଶ କପଟଟା ନିହାତି ଅପଣଛନିଆ ହେଇ ଗଲାଣି···" ।

"ହଉ···ହଉ···ତୁ ଧୀରେ ବସିବସି ଖାଆ ! ମୁଁ ବସିଚ.." ।

ଗଧା ଚାଉ ଚାଉ କରି ହ'ଗୁଣ୍ଡା ଖାଇ ଦେଇ, ଆଖି—ମିଟିକାକେ ବାସନ ହ'ଖଣ୍ଡ ଧୋଇ ଦେଇ ଦୋକତା ପୁଡ଼ା, ନାଶ କପଟ ଶ୍ୱଶୁର ହାତକୁ ବଢ଼େଇ ଦେଇ, ହଠାତ୍ ପଛକୁ ଫେରି ପଡ଼ ରାଜୁର ତକିଆ ତଳୁ ଖଣ୍ଡିଏ ନାଲି ଟୁକୁଟୁକୁ ପାହ୍ଲିଆ ବାହାର କରି ଆଣି କହିଲା—"ବାପା, ଏଇଟିକୁ ଚମ୍ପୀକୁ ଦେବ, ତା' ପାହ୍ଲିଆ ଖଣ୍ଡିକ କେତେ ଦିନରୁ ଭଙ୍ଗି ଯାଇଥିଲା..." ।

ବୁଢ଼ା ସବୁତକ ନେଇ ତା' ଗଣ୍ଠିଲୀରେ ବାନ୍ଧି ଦେଇ ପୁଣି ଥରେ ପୁଅର ଖଟିଆ ପାଖକୁ ଯାଇ, ତା' ମୁଣ୍ଡରେ ହାତ ବୁଲାଇ ଆଣି କହିଲା— "ଯାଉଚି···ବହୂ ତ ଅଛି, ଆଉ ଚିନ୍ତା କ'ଣ" ?

ହରରାମ ମାହାଜନ ଆସିବା ବେଳୁ ଗଧାକୁ ଦେଖି ଚକାଇ ମନେ ମନେ ଭାବୁଥିଲା—'ଏ' ଭଳି ଯୋଗ୍ୟ ବହୂଟିଏ ଯାହା ଘରେ ଥିବ, ସେ ଘରଟା ସ୍ୱର୍ଗ···! ଏତେ ସୁନ୍ଦର ଚେହେରା, ଅକଳ ପସନ୍ଦର କାମ, ଢଙ୍ଗ ଢାଙ୍ଗଣାରି

Digitized by srujanika@gmail.com

କଥାବାର୍ତ୍ତା; ସବୁକଳଛୁ ଏକାଠି ଯୁଆ'ଣ ପାଖରେ ଠୁଳ ହୋଇଛୁ । ଏମିତିଆ ବାଗବରଗର ବହୂଟିଏ ପାଇଲେ ଅନ୍ଧାର ଘରେ ଆଲୁଅ ଜଳି ଉଠିବ' !

ହରିରାମ ରାଧାର ରୂପ, ଗୁଣ ଓ କଥାବାର୍ତ୍ତା ସମ୍ବନ୍ଧରେ ଭାବନାର ଗୋଲକ-ଧନ୍ଦା ମଧ୍ୟରେ ପଡ଼ି ଘିର୍‌ଘିର୍ ହୋଇ ବୁଲୁଥିବା ସମୟରେ ଦେବା ନିଜ ଚଣ୍ଡୁଳୀଟି ଧରି ବାହାରି ପଡ଼ି କହିଲା—"ଚାଲନ୍ତୁ ମାହାଜନେ, ଗାଆଁରେ ପହଞ୍ଚୁ ପହଞ୍ଚୁ ରାତି ଦ'ଘଡ଼ି ହୋଇଯିବ..." ।

ରାଧା ଶ୍ୱଶୁର ଗୋଡ଼ ତଳେ ଜୁହାରଟିଏ ହୋଇ କେବଳ୍ ଦୁଆର ମୁହଁରେ ହରିରାମ ମାହାଜନ ଓ ତା' ଶ୍ୱଶୁରଙ୍କ ଚାଲି ବାଟକୁ ଏକ ଧ୍ୟାନରେ ଚାହିଁ ରହିଲା ।

—o—

।। କୋହଟିଏ ।।

ରାତି ଦୁଇଘଡ଼ି ବେଳକୁ ଦେବା ଓ ହରିରାମ ମାହାଜନ ଯାଇ ଗାଆଁରେ ପହଞ୍ଚିଲେ । ଦେବା ଘରେ ଗୋଡ଼ ଦେବାମାତ୍ରେ ବୁଢ଼ୀ ଟିକିଏ ରୁକ୍ଷ ସ୍ୱରରେ ପଚାରିଲା—"ରାଜୁକୁ କ'ଣ ଏକୁଟିଆ ଛାଡ଼ିଦେଇ ଆସିଲ ? ସେ ଟୋକାଟା ତ କାଲି ସକାଳୁ ଡାକ୍ତରଖାନାକୁ ଯିବ..." ?

"କାହିଁକି... ? ବହୂ ପରା ଅଛି ??

"ବହୁ୍‌ କିଏ..." ? ବୁଢ଼ା ମୁହଁକୁ ଚାହିଁ ସଙ୍ଗେ ସଙ୍ଗେ ପାକୁଆ ପାଟିରେ ହସ ଉକୁଟେଇ କହିଲା ବୁଢ଼ୀ ।

"ମଲା... ! ବହୂ କିଏ କ'ଣ...ତୋତେ ବୁଝାଇବାକୁ ପଡ଼ିବ" ?

"ମୁଁ ଜାଣେ..." ! କହିଲା ବୁଢ଼ୀ—"ରାଧା ଆଗରେ ତୁମ ମୁହଁ ଖୋଲି ନଥିବ ! ମୋର ଆଗରେ ଯିନା ପାଇକପଣ, କିନ୍ତୁ ରାଧାର ଢଙ୍ଗଢାଙ୍ଗଣା ଦେଖିଥିଲେ, ତୁମେ କ'ଣ..., ଯିଏ ପାରି ସିଏ ତରଳି ଯିବ... ! ମିଛଟାରେ ମୋତେ କାହିଁକି ଗାଳି ଦଉଥିଲ କହିଲ" ?

"ରାଗ ବ୍ରହ୍ମଚଣ୍ଡାଳ... ! ମଣିଷ ରାଗତମରେ କ'ଣ ନାଇଁ କ'ଣ କହି-ଦିଏ... ! କିନ୍ତୁ ମୁଁ ବେଶ୍ ବୁଝିଛି—ରାଧା ପରି ବହୂ ପାଖରୁ ଯେତେ ବଦରାଗୀ ହେଲେ ବି ହାରି ମାନିବ..." ।

Digitized by srujanika@gmail.com

ବୁଢ଼ା ବୁଢ଼ୀଙ୍କ କଥାବାର୍ତ୍ତା ମଝିରେ ଖେତରସ୍ତ ଓ ରମ୍ଭୀ ଆସି ପଚାରିଲେ—"ବାପା, ଭାଇ ସାଙ୍ଗରେ ଗାଁଉଳ ଏଠିକି ଆସିବ ତ"?

"ହଁ...ହଁ...ଆସିବ ନାହିଁ ଅଉ ଯିବ କୁଆଡ଼େ? ଯାଃ... ତୁମ କାମ ତୁମେ କର! ତୁମର ଏତେ କଥା ପଚରାଉଚରା କାହିଁକି"?

× × ×

ଡାକ୍ତରଖାନାରେ ରାଜୁ ଦିନକୁଦିନ ସୁସ୍ଥ ହୋଇ ଆସିଲା। ଗଧାର ସେବା, ଶୁଶ୍ରୂଷା, ଆଦର ଓ ଯତ୍ନ ଫଳରେ ତା' ଦେହ ମାସକ ମଧ୍ୟରେ ସଂପୂର୍ଣ୍ଣ ଭଲ ହୋଇଗଲା। ସେ ଧୀରେ ଧୀରେ ଖଟିଆ ଉପରୁ ତଳକୁ ଆସି ବସାଉଠା କରିବା ସଙ୍ଗେ ସଙ୍ଗେ ଗଧାର କାନ୍ଧ ଉପରେ ହାତରଖି ଚାଲବୁଲ କଲା।

ଗଧାର ମନଖୋଲା ବ୍ୟବହାର ଆଉ ରସରସିଆ କଥା ରାଜୁର ମନରେ 'ରାମବାଣ' ପରି କାମ କଲା। ତେଣୁ ସେ ଧୀରେ ଧୀରେ ଭଲ ହୋଇଯିବା ସଙ୍ଗେ ସଙ୍ଗେ ମନେ ମନେ ଭାବିଲା—'ଠିକ୍ ମୋ' ଘାଆ ପରି, ଗଧାର ମନରୁ ପୂରୁବ ଆଘାତ ଶୁଖି ଗଲାଣି'। ତେଣୁ ସେ ମନଖୁସିରେ ଗଧା ସାଥିରେ ରଙ୍ଗ ରହସ୍ୟ ହସଖୁସି ଓ ଟଣାଓଟରା କରିବାକୁ ଲାଗିଲା ଏବଂ ଡାକ୍ତରଙ୍କ ଆଗରେ ସଂପୂର୍ଣ୍ଣ ଭଲ ହୋଇ ନଥିବାର ପେଖନା କାଢ଼ି, ସେଠାରେ ଆଉ କିଛିଦିନ ରହିବାକୁ ଇଚ୍ଛା କରୁଥିଲା।

କିନ୍ତୁ ଗଧା ଥିଲା—ବେଶ୍ ଚତୁର। ରାଜୁ ରଙ୍ଗରସରେ ବିଭୋଳ ହୋଇ ଯାଉଥିବା ସମୟରେ, ସେ ତା'ର ବିଷୟ ବିବାହ ପ୍ରସଙ୍ଗ ହସି ହସି ଆରମ୍ଭ କରିଦିଏ। ହୁରୁହୁରୁ ହୋଇ ଜଳୁଥିବା ନିଆଁରେ ପାଣି କଂସାଏ ଢାଳି ଦେଲା-ପରି ରାଜୁ ହଠାତ୍ ଗୁମ୍‌ସୁମ୍ ହୋଇଯାଏ। ତା'ପରେ, ମୁହଁ ଶୁଖେଇ, ତଳକୁ ମୁହଁ ପୋତି, ଛଳଛଳ ଆଖିରେ ଗଧାକୁ ଗୁହାରିଲେ କରୁଣ ଚାହାଣିରେ। ସତେ ଯେପରି, ତା' ଚାହାଣି ଗଧାର କାନମୂଳରେ ଚୁପି ଚୁପି ହୋଇ କହେ—"ଗଧା, ସେ କଥା ଉଠାଇ ମୋ' କଟା ଘାଆରେ ଆଉ ଚୂନ ବୋଳ ଦେ'ନା'।

'ଲଇ ପଡ଼ୁଥିବ ଯେତେବେଳେ, ବାଧା ମାରିବ ସେତେବେଳେ' ପରି ଗଧା ଠିକ୍ ବେଳକାଳ ଉଣ୍ଡି କହିଦିଏ—"ମୁହଁ ଶୁଖେଇ ପକେଇଲେ କ'ଣ କଥାଟା ଲୁଚିଯିବ କି? ଜାତଭାଇଙ୍କି ଖୁଏଇ ପିଏଇ ହକ୍ ବାହା ହେଇଚ, ଲୁଚା ନା ଛପା...? ହକ୍ କଥାରେ ଏତେ ଠକ୍‌ଠକ୍ କାହିଁକି? ଆଗ ଘରଜା ଦୁରୁଦଣ୍ଡୀ ପଳାହୁଡ଼ୀ, ମୁହଁଖୋର, ବଦରାଗୀ; ଆଉ ମଝି ଘରଜାଟି କେଡ଼େ ସିହାଣି...

Digitized by srujanika@gmail.com

ଗୁଲଗଲ୍ ବେଳେ ବାଜେ ବାଜେଣି... ! କିନ୍ତୁ ମନେ ରଖିଥା ବାବୁ...ଅବଧାନ, ଆଗ ଘରଜାକୁ ଛଅଥ ଗୃପୁଡ଼େ ପଛ ଘରପାକୁ ସାବଧାନ··· ! ହେଲେ କଅଣ ହେଲା—ତୁମ ରମ୍ଭା କେଡ଼େ ସୁନ୍ଦର, ସେ କ'ଣ ଗଧା ହେଇଚ ଯେ ଗଙ୍ଗା କହିଲେ ଥିବ, ଗାଙ୍ଗୀ କହିଲେ ବାଣଗଛି ଯିବ..." ।

ଗଧାର କଳଜାଳଗା କଥା ଗୁଡ଼ାକ ଶୁଣି ଶୁଣି ରଜୁ ହଠାତ୍ ରାଗି ଉଠିଲା ପରି କହେ—"ଗଧା···ମୁଁ ତୋ'ର ବହୁତ କଡ଼ାକଥା ସହିଲିଣି ·· । ଆଉ ବେଶୀ ମୁହଁ ହଲେଇ କହନା..." ରଜୁ ହଠାତ୍ ମୁହଁଟି ତଳକୁ କରି ବୁକୁଫଟା କେଇଟା ନିଃଶ୍ୱାସ ଛାଡ଼ିଦେଇ କହେ—"ତୁ ମନେରଖ ଗଧା, ତୁ ପୁଣିଥରେ ଯଦି ସେମିତି କହିବୁ, ମୁଁ ଏଇଠି ତୋ'ର ଆଗରେ ମୁଣ୍ଡପିଟି ଫଟେଇ ଦେବି..." ।

"ଓଃ···ବାଧିଗଲା··· ! କାହିଁ···ବାହା ହେଲାବେଳକୁ ମନଟା ସକ୍ ସକ୍ ହଉଥିଲା କି ? ଏତେବେଳକୁ କଅଣ ନା, ରାଣ୍ଡୁଧମକାଣି··· । ତୁମର କ'ଣ ଏକୁଟିଆ ମୁଣ୍ଡ ଅଛି, ଆଉ କାହାର ନାହିଁ" ? ବୋଝ ଉପରେ ବେଶ ପାହାର ଦେଲାପରି କହିଲା ଗଧା—"ତୁମେ ଯେତେବେଳେ ଗାଈ, ବାଛୁରି ହଳକୁ ବାନ୍ଧି ଆଣିଲ, ଥରେ ହେଲେ ଗଧା କଥା ମନେ ପକେଇଲ ନାହିଁ ତ ? ସେ ଖବର ଯେତେବେଳେ ଯାଇ ଆମ ଗାଆଁରେ ପହଞ୍ଚିଆରା ହେଇ ଘର ଘରକୁ ହାଟ ବସିଲା, ସେତେବେଳେ ମୋର ଆଉ ମୁଣ୍ଡ ନଥିଲା ପିଟିଦବାକୁ··· ! ତୁମେ ଏକୁଟିଆ ଶ୍ୱଶୁରଘରେ ସିଆଣିଆ, ବୁଦ୍ଧି ବାଣ୍ଟ ହେଲାବେଳେ ତୁମେ ତୋଳା ପଡେଇ ସବୁଯାକ ମାରି ଆଣିଚ, ଆମେ ଯାଇ ଛୁଞ୍ଚା ହାତରେ ଫେରି ଆସିଚୁ···" ?

ରାଜୁ ବ୍ୟସ୍ତ ହୋଇପଡ଼େ ଗଧାର ଉଗଡ଼ିଗିଆ କଥାରେ । ସେ ଗଧାର ହାତଟିକୁ ଜକଳରେ ଧରି ପକେଇ କହେ—"ମୁଁ ଆଦୌ ବୁଝିପାରୁନି—ତୁ କ'ଣ କହିବାକୁ ଗୃହୁଁଚୁ" ?

"ମୁଁ ତ ଥଟ୍ଟା ତାମସା କରୁନି, ଠିକ କଥା କହୁଚି···ସତ କଥାରେ ଥା...ଥା···ମା···ମା···କାହିଁକି" ?

"ତୁ ଜାଣିନୁ ଗଧା, ମୁଁ ତୋ' ଦେହ ଛୁଇଁ ନିଅମ କରି କହୁଚି···ମୁଁ ଦିନେ ହେଲେ ରମ୍ଭା ଆଡ଼କୁ ଗୃହିଁନି··· ! ତା' ଦେହରେ ହାତଦେବା ତ ଦୂରର କଥା, ମୁଁ ତା' ଛାଇ ଛୁଇଁ ମାଡ଼ିନି ! ସେ ଯେତେଦିନ ଆମ ଘରେ ଥିଲା, ମୁଁ ରାତିରେ ଦିନେ ହେଲେ ଘରକୁ ଆସିନି···" !

Digitized by srujanika@gmail.com

"ନ ଆସିଥିଲେ ଏଣିକ ଆସିବ... ! ଝିଅ, ଘରଜା, ବାପ, ମାଆ, ଭାଇ, ଭଉଣୀଙ୍କୁ କ'ଣ ଏଇ ଦୁରଦଣ୍ଡୀ ରାଧା ପାଇଁ ପର କରିଦେବ ? ରାଧାର ଏମିତି କ ଝିଅ ମନ୍ଦ ନଗିଡ଼ ପଡ଼ୁଚ କି" ?

"ସେ କଥା ମୁଁ ଜାଣେ..." ! ଚଡ଼ ଉଠି କହି ପକାଏ ରାଜୁ—"ତୁ ମୋତେ କ ପରୀକ୍ଷା କରୁଚୁ କହ ରାଧା, ଏମିତିଆ ବାହାଲଗା କଥା କହନା... ! ମୁଁ ତୋ' ଛଡ଼ା ଆଉ କାହାରିକୁ ନେଇ ଘରକରି ପାରିବିନି । ପୂରୁବ ସୂରୁଜ ପଚ୍ଛିମରେ ଉଇଁବ, ମୁଁ ମୋ' ବାଟରୁ କେବେ ହେଲେ ଅବାଟକୁ ଯିବିନି..." ।

ରାଜୁର କଥା ଶୁଣି ରାଧା ମନେ ମନେ ଭଲୁସି ଉଠେ, ତା' ମନମୟୂରଟି ଅଦିନଆ ମେଘ ଦେଖି ନାଚି ଉଠେ ସତ, କିନ୍ତୁ ପର ମୁହୂର୍ତ୍ତରେ ତା' ଆଖି ଆଗରେ ନାଚି ଉଠେ—ମକରର ଗୁଡି ଫୁଲ୍ କଥା । ହଠାତ୍ ତା' ମୁହଁର ରଙ୍ଗ ବଦଳି ଯାଏ । ପୁନଅଁ ଚନ୍ଦ୍ରକୁ କଳା ବଉଦ ଘେରିଗଲା ପରି, ଚୋପା ଗୁଣ୍ଡାଣୀ ପରି ତା' ଚକାଚଉଥିଆ ମୁହଁଟି କଳାକାଠ ପଡ଼ିଯାଏ । ସେ ମନର ଗହୀର କୋଣରୁ ଓଜନଆ ନିଶ୍ୱାସଟିଏ ଛାଡ଼ି ଦେଇ କହେ—"ମୋର କେଉଁ ଆଶମାନ ତୁମେ ରଖିଚ ଯେ...? ତୁମ ମନରେ ସିନା ଅଭିମାନ ନାହିଁ...; ହେଲେ...ମୁଁ ସେ ପୋଡ଼ା ମୁହାଁ ମକରର କଥା ଗୁଡ଼ାକ କ'ଣ ସହଜରେ ଭୁଲିଯିବି ? ଏବେ ସେ କଥା ମନେ ପଡ଼ିଲେ ମୋ' ପିତ୍ତ ଜଳିଉଠେ...। ମୁଁ କେଉଁ କଳଠା ମୁହଁ ନେଇ ସେ ଗାଆଁ ଦାଣ୍ଡରେ ଚାଲିବି ? ମୁଁ ଏତେ ନିରଲ୍ଲଜିଆ ନୁହେଁ..." !

ରାଧାର କଥା ଶୁଣି ରାଜୁ ବଡ଼ଏ କାଳ ତଳକୁ ମୁହଁ ପୋତି ବସି ରହେ । ତା'ପରେ ରାଧାକୁ ଜୋର୍ କରି କୋଳକୁ ଭିଡ଼ି ଆଣି, କାକୁତି ମିନତି ହେଲି ପରି କହେ—"ରାଧା, ସେ କଥା ମୁଁ ଭୁଲି ଯାଇନି । ସେତେବେଳେ ବେଳକାଳ ଥିଲା ଅଲଗା...! ମୁଁ ଏଠାରୁ ଯିବା ପରେ ପରେ ଯଦି ମକରକୁ ତା' ବାପ ବାହାଘର ଦେଖେଇ ନ ଦେଇଚି, ମୋ' ନାଆଁରେ ତୁ ଯାଚଟା କୁକୁର ପାଳିବୁ...! ସେ ବାରବୁଲା ଉଠା ଗଣ୍ଡିଆ ମକରକୁ ମୁଁ ଏମିତି ପାଠ ପଢ଼େଇବି ଯେ, ଟୋକାର ଷଠୀଘର ମନେ ପଡ଼ିଯିବ" !

"ହଉ...ଦେଖାଯିବ ବଳେ...! ଖାଲି ମୁହଁରେ କହିଦେଲେ ତ ହବନି · କାମରେ ଦେଖେଇଲେ ଜାଣିବି..." ।

Digitized by srujanika@gmail.com

"ରାଧା, ତୁ କ'ଣ ମୋ' କଥା ବିଶ୍ୱାସ କରୁନୁ" ?

"ବିଶ୍ୱାସ ହେଲା ନାହିଁ ବୋଲି ତ ଘରୁ ଗୋଡ଼ କାଢ଼ି ଚାଲିଆସି, ବାର ଲୋକଙ୍କ ଠାରୁ ବାରକଥା ଶୁଣିଲି···! ଯିଏ ଯା' କହନ୍ତୁ ପଛକେ·· ରାଧା ଗୋଟିଏ କଥା ଜାଣେ— ନଅକେ ଦଶ, ନଇଲେ ଦୁଇକେ ତିନ୍...।

ରାଜୁ କ'ଣ ଉତ୍ତର ଦେଇ ରାଧାକୁ ବୋଧ କରିବ, ତାକୁ ବୁଦ୍ଧି ଦିଶେ ନାହିଁ । ସେ ନିରୁପାୟ ହୋଇ ଖଟିଆ ଉପରେ ଘୋଡ଼ ଘାଡ଼ ହୋଇପଡ଼େ ।

ରାଧା ସେଠାରୁ ଉଠିଯାଇ ଦୁଧ ଗରମ କରି ଆଣି କହେ—"ଉଠ, ଦୁଧ ପିଇଦିଅ···; ତା'ପରେ ସେ ନାଲି ପାଣି ଔଷଧଟା ଖାଇବ ପରା···" !

"ନାଃ...ତୁ ମୋ' ସାଥିରେ ଲାଗ ନା'···। ମୁଁ ଔଷଧ ଫୋଷଧ କିଛି ଖାଇବିନି କି ଦୁଧ ପିଇବିନି..." !

ରାଜୁର ଅଭିମାନିଆ କଥାରେ ରାଧାର ମନଟା ତରଳି ଯାଏ । ସେ ଦୁଧ ଗିଲାସଟି ତଳେ ଥୋଇ, ରାଜୁର ଛାତି ଉପରେ ନଇଁ ପଡ଼ି ତା' ଓଠରେ ନିଜର ନାଲି ଟୁକୁଟୁକୁ ଓଠ ମିଶାଇ ଦିଏ ।

ରାଧାର ବ୍ୟବହାରରେ ହଠାତ୍ ପରିବର୍ତ୍ତନ ଦେଖି ରାଜୁ ବିସ୍ମିତ ହୋଇ ଉଠେ । ସେ ତା' ତାତିଲା ଓଠରୁ ଝରିପଡ଼ୁଥିବା ଅମୃତକୁ ମନ ଭରି ଶୋଷି ନେବାପରେ, ହଠାତ୍ ଉଠିପଡ଼ି, ରାଧାକୁ ଆଲିଙ୍ଗନ ପାଶରେ ବାନ୍ଧି ନେଇ, ଗଦ୍‌ଗଦ କଣ୍ଠରେ କହେ—"ସତ କହିଲୁ ରାଧା, ଆଉ ଦିନେ ତୁ ମୋତେ ଏମିତିଆ ହିଆଜଳା କଥା କହିବୁନି ତ" ?

"ଉଁ...ହୁଁ...ଉଁ···" ! କହି ଦେଇ ଧୀରେ ରାଧା ରାଜୁର ବାହୁବନ୍ଧନରୁ ମୁକୁଳି ଯାଇ ଦୁଧ ଗିଲାସଟି ଆଣି ତା' ମୁହଁରେ ଲଗାଇ ଦିଏ । ରାଜୁ ଆଉ କିଛି ନକହି, ସୁନା ପିଲାଟି ପରି ଦୁଧତକ ପିଇଦେଇ କହେ—"ରାଧା ଗିଲାସଟା ଥୋଇ ଦେଇ ଆଃ...." !

"ମଲା , ମୋର କେତେ କାମ ତେଣେ ପଡ଼ିଛି, ତା'ପରେ ରୋଷେଇ··· ରାତି ଆସି ପହରେ ହେଲାଣି ! ଡାକ୍ତର ପରା କହିଛନ୍ତି—ଜଲଦି ଜଲଦି ଖାଇ-ପିଇ ଶୋଇ ପଡ଼ିବ..." !

ରାଧା ଗିଲାସଟି ଧରି ଚାଲିଯିବା ମାତ୍ରେ ରାଜୁ ଖଟିଆରୁ ତଳକୁ ଉଠିଆସି ପୁଣି ରାଧାକୁ ଆଲିଙ୍ଗନ କରିବାକୁ ଆଗେଇ ଆସେ । ରାଧା ହଠାତ୍ ରାଜୁ

Digitized by srujanika@gmail.com

କବଳରୁ ରକ୍ଷା ପାଇବା ପାଇଁ ବାହାନା ଦେଖେଇ କହେ—"ତୁମେ ଟିକେ ଏ ଶୋଇ ପଡ଼, ମୁଁ ରୋଷେଇ ସାରି ଦେଇ ଆସେ, ଜଲଦି ଦି'ଟା ଖାଇ ନେଇ ତା'ପରେ..." !

ରାଜୁ ରାଧାର ମନ ଭୁଲାଣିଆ କଥାରେ ଭୁଲି ଯାଇ, ଖଟିଆ ଉପରକୁ ଫେରିଆସି ରଙ୍ଗିନ୍ ସ୍ୱପ୍ନରେ ବୁଡ଼ି ଆତ୍ମବିଭୋର ହୋଇ ଉଠେ । ତା' ମନରେ ଦୃଢ଼ ଧାରଣା ହୋଇଥାଏ—'ରାଧା ନିଶ୍ଚୟ ମୋ' ସାଥିରେ ଗାଆଁକୁ ଯିବ··· ସେ ଯାହା କିଛି କହୁଚି, ସେ ଗୁଡ଼ାକ ତା' ମନକଥା ନୁହେଁ···! ରାଧା ମୋର··· ମୁଁ···ତା'ର···' !

× × ×

ଏହା ମଧ୍ୟରେ ରାଜୁର ଦେହ ସମ୍ପୂର୍ଣ୍ଣ ଭଲ ହୋଇଗଲା । ରାଜୁର ଦେହ ଭଲହେବା ମୂଳରେ ରାଧାର ଶୁଶ୍ରୂଷା ଥିଲା—ଏକମାତ୍ର କାରଣ । ରାଜୁକୁ ନେବା-ପାଇଁ ଦେବା, ହରିରାମ ମାହାଜନ ଆସି ପହଞ୍ଚିଲେ ।

ସେମାନଙ୍କ ଜିନିଷପତ୍ର ଗୋଟିଏ ବଳଦଗାଡ଼ିରେ ବୋଝାଇ କରାଗଲା । ଗାଡ଼ିଟି ଡାକ୍ତରଖାନା ବାହାରକୁ ଆସିଲା । ରାଜୁ ଗାଡିରେ ବସି ସାରିବା ପରେ, ଦେବା ରାଧାକୁ ଚାହିଁ କହିଲା—"ମା'ରେ···ଆଉ ଚାଲୁଚୁ କାହିଁକି ? ଗାଡ଼ିରେ ଯାଇ ବସୁନୁ···" !

ରାଧା ଶଗଡ଼ ପାଖରେ ତଳକୁ ମୁହଁପୋତି ଛିଡ଼ା ହୋଇଥିଲା । ସେ ମୁହଁଟେକି କହିଲା—"ବାପା, ମୁଁ ମୋ' ସ୍ୱାମୀଙ୍କୁ ସେବା କରିବା ଲାଗି ଆସି-ଥିଲି, ମୋର ସେ କାମ ଶେଷ ହୋଇଗଲାଣି । ମୋତେ କ୍ଷମା କରନ୍ତୁ, ମୁଁ ମୋ' ବାପଘରକୁ ଚାଲିଯିବି ! ମୋ' ପାଇଁ ବ୍ୟସ୍ତ ହେବେନି । ମୋ' ବାପା ଆସିଚନ୍ତି । ମୁଁ ତାଙ୍କ ସହିତ···" ।

ରାଧାର କଥା ଶୁଣି କାହାରି ତୁଣ୍ଡରୁ କିଛି ହେଲେ କଥା ବାହାରିଲା ନାହିଁ । ସେ ଯେଉଁପରି ଭାବରେ ଝଡ଼ପରି ଆସିଥିଲା, ଠିକ୍ ସେହିପରି ଭାବରେ ଚୋକ୍‌ଠୋକ୍ ଶୁଣେଇ ଦେଇ ଯିବାକୁ ବାହାରିଲା । କେବଳ ପଛକୁ ଫେରି ପଡ଼ିବାବେଳେ ସେ ରାଜୁ ଆଡ଼କୁ ଥରଟିଏ ଚାହିଁଦେଇ ଆଖି ନଚାଇ କହିଲା— "ମୁଁ ଯେଉଁଥି ପାଇଁ ଘରୁ ଗୋଡ଼କାଡ଼ି ଚାଲିଯାଇଛି, ସେ କଥା ହୋଇଗଲେ, ମୁଁ ଆପଣାଛାଏଁ ପୁଣି ଚାଲି ଆସିବି ! ମୋତେ ଆଣିବା ଲାଗି କାହାରି ଯିବା ଦରକାର ନାହିଁ କମ୍ବା ଯିବାକୁ ପଡ଼ିବ ନାହିଁ..." !

Digitized by srujanika@gmail.com

ଏତିକି କହିଦେଇ ରାଧା ପଛକୁ ଫେରିପଡ଼ି ଆଗେଇଗଲା ।

ହାଟଗ୍ରାମ ମହାଜନ ରାଧାର ଯିବାବାଟକୁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲା । ରାଧା ଆଖିରୁ ଅଦୃଶ୍ୟ ହୋଇଯିବା ମାତ୍ରେ ତା' ମୁହଁରୁ ବାହାରି ପଡ଼ିଲା— "ହରିହର ଏ' ଝିଅ..." ! ଆଉ ରାଜୁ ଓ ଦେବା ଭେଳିକି ଲାଗିଲା ପରି, ସେଇ ଆଡ଼କୁ ଏକଲୟରେ ଚାହିଁ ରହିଥିଲେ ।

— ୦ —

॥ ଏକୋଇଶ ॥

ଗଉଡ଼ସାହିର ମୁଖିଆ ରାମା ମକରା ସହିତ ସାଙ୍ଗ ହୋଇ ଗାଆଁରେ ନାନା ପ୍ରକାର ଉପଦ୍ରବ କରିବାକୁ ଲାଗିଲା । ରାମା ବେଶ୍ ଜାଣିଥିଲା—ମକରା ତା' ପଛରେ ଥିଲେ, ତା' ଦେହରୁ ରୋମଟିଏ ବି କେହି ହଲାଇ ପାରିବେ ନାହିଁ । ତେଣୁ ସେ ବେପରୁଆ ହୋଇ ଗାଆଁରେ ଓ ଗାଆଁ ବାହାରେ ଛୋଟ ଛୋଟ ଚୋରି ଆରମ୍ଭ କରିଦେଲା ଏବଂ ପ୍ରତ୍ୟେକ ଚୋରିରୁ ସେ ମକରାକୁ ଅଧେ ଭାଗ ଦେଇ ତାକୁ ହାତରେ ରଖିଲା ।

ରାମା ଓ ମକରାଙ୍କ ପେଞ୍ଚ ପାଞ୍ଚରେ ଗାଆଁଟା ସାରା ଉଚ୍ଛନ୍ନ ହୋଇଗଲା । କିନ୍ତୁ କହିବ କିଏ ମୁହଁ ଖୋଲି ? ଯିଏ ପହିଲେ ମୁହଁ ଖୋଲିବ, ତା'ରି ମୁଣ୍ଡରେ ବଜ୍ର ପଡ଼ିବ । ଗାଆଁ ସାରାର ଲୋକେ ନିଜ ନିଜ ମଧ୍ୟରେ ଫୁଟୁର୍ ଫାଟର ହେଉଥିଲେ ବି 'ବିରାଡ଼ି ବେକରେ କିଏ ଆଗ ନିଜ ଜୀବନକୁ ପାଣି ଛାଡ଼ିଦେଇ ଘଣ୍ଟି ବାନ୍ଧିବ' ବୋଲି ଭାବି ସମସ୍ତେ ନୀରବ ରହିଲେ ।

ଗାଆଁବାଲାଙ୍କ ନୀରବତାର ସୁଯୋଗ ନେଲେ ରାମା ଓ ମକରା । ରାମା ପହିଲୁ ପହିଲୁ ଛୋଟକାଟିଆ ଚୋରିବିଦ୍ୟା ଶିଖିଥିଲା । କିନ୍ତୁ ଏଇ କେଇଦିନ ମଧ୍ୟରେ 'ଲାଉ ଚୋରି, କଖାରୁ ଚୋରି, ହତେ ହତେ ବଡ଼ ଚୋରି' କରି ରମାର ହେପ ବଢ଼ିଗଲା ଏବଂ ମକରା ତା'ର ସାହସକୁ ଆହୁରି ବଢ଼ାଇ ଦେଲା ।

ଗଉଡ଼ସାହିର ମୁଖିଆ ଭାବରେ ରାମା ଭୂୟାଁ । ସାହିର ମୁଖିଆ ଦେବା ଉପରେ ଦାଉ ସାଧିବା ପାଇଁ କେଉଁକାଳରୁ ଉର୍କି ମାରୁଥିଲା । କିନ୍ତୁ ସୁବିଧା ସୁଯୋଗ ଅଭାବରୁ ତା' ମନର ଭାବନା କାର୍ଯ୍ୟକାରୀ ହୋଇପାରିଲା ନାହିଁ । କିନ୍ତୁ ଯା' ମଧ୍ୟରେ ମକରା ସହିତ ସେ ମିଶି 'ରାତିକ ମଧ୍ୟରେ ହାତିଏ ପାଇ' ଦେବା ସହିତ ଶତ୍ରୁ ତାକୁ ଏକାବେଳେକେ ଭୁଲିଗଲା ।

Digitized by srujanika@gmail.com

ମକରା ଜାଣିଶୁଣି ରାଧାକୁ ସେଦିନ ଗାଳି ଦେଇ ଥିବାରୁ ମନେ ମନେ ଭାବିଥିଲା— ରାଜୁଆ କଟୁ ନା କଟୁ ଗୋଟିଏ କାଣ୍ଡ ନିଶ୍ଚୟ ଘଟେଇବ । ତେଣୁ ରାମାକୁ ତା' ମନକଥା କହି, ରାଜୁଆ କଟୁ ସନ୍ଧି କରିବାକୁ ସାହସ କରେ, ତେବେ ସେ ତାକୁ ଆଜ୍ଞାକରି ପାନେ ଦେବାଲାଗି ପ୍ରସ୍ତୁତ ହୋଇ ରହିଲା । ରାମା ଭାବିଲା—'ଏଇ ସୁଯୋଗରେ ମୁଁ ସାତପୁରୁଷିଆ ଶତ୍ରୁ ତାକୁ ସହଜରେ ସାଧି ପାରିବି' । ଆଗରୁ ସେ ଅବଶ୍ୟ ଏତେ ବଡ଼ ହିମ୍ମତ୍ କରି ପାରୁ ନଥିଲା, କିନ୍ତୁ ମକରା ସାଙ୍ଗରେ ସାଙ୍ଗ ହେବା ଦିନଠାରୁ ବେଳେ ବେଳେ ଦେବା ଘର ଉପରେ ଦାଉ ସାଧି ନେବାକୁ ତା' ମନରେ ଭାବନା ଉଙ୍କି ମାରୁଥିଲା । କିନ୍ତୁ ଚୋରି କରିବା ଯୋଜନାରେ ସେ ବ୍ୟସ୍ତ ରହିବା ଫଳରେ, ସେ ଚିନ୍ତା ପ୍ରାୟ ଭୁଲି ଯାଇଥିଲା ।

ମକରା ଆସି ସେଦିନ ରାଧା ଘଟଣା ତା' ଆଗରେ ଖୋଲସା କରି କହିବାରୁ, ରାମା ମନରେ ସୁପ୍ତଭାବନା ପୁଣି ଜେଗେଇ ଉଠିଲା । ସେ କ୍ଷଣରେ ହାତ ମାରି କହିଲା—"ତୁ ଏଥିପେଇଁ ଭାବନା କରନା, ରାଜୁଆଟାକୁ ଏକାପାହାରକେ ମୁଁ ଶେଷ କରିଦେବି । ସେଇଟା କ'ଣ କରିବ"?

କିନ୍ତୁ ରାଧା ଘର ଗୁଡ଼ି ପକେଇଯିବା ଫଳରେ, ମକରା ମନର ଡ଼ର କୁଆଡ଼େ ଫସର ଫାଟିଗଲା । ସେ ଭାବିଲା—'ଦେବା ଭୂୟାଁ । ଓଃ ରାଜୁଆ ମୋତେ ଡ଼ରିଗଲେ—'ମାରନା ମୁଁ ମଲିଣି' !

ତା'ପରେ ପରେ, ମକରା ଓ ରାମାଙ୍କର ସଙ୍ଗଠିତ ଦଳ ଆଖ ପାଖ ଗାଆଁରେ ବେଶ୍ ହାତ ସଫେଇ ଦେଖାଇ ଚାଲିଲା । ଆଜି ଏ' ଗାଆଁରେ ଚୋରି ତ, ସେ ଗାଆଁରେ ଡକାୟତି । ସେ ଦିହିଁଙ୍କ ଯୋଜନା ଦିନକୁ ଦିନ ସଫଳ ହେବାକୁ ଲାଗିଲା । ତେଣେ ପୁଣି, "ସାୟାଁ । ହେଁ କୋତୱାଲ, ଡ଼ର୍ କିସ ବାତକା' ଦାରୋଗା ବାବୁ ପୂର୍ବଠାରୁ ଅଧିକ ପରିମାଣରେ ମକରାଠାରୁ ବୋ଼ତଲ, ସୁନାହାର, ସୁନା ମୁଦି ପାଇ ତାକୁ ସାତଖୁଣି ମାଫ୍ କରିଦେଲେ । ଏଣିକି ଧାଉଡ଼ି ସିଜୁ ବୁଦାକୁ' ପରି ଲୋକେ ଧାଇଁ ଧାଇଁ ଦାରୋଗା ବାବୁଙ୍କ ପାଖରେ ଏତଲା ଦେଲେ । ସେ ଦଳବଳ ଧେନି ଆସି, ଦିନେ ଦିଦିନ ଗାଆଁରେ ଡେରା ପକାଇ ଉପର ମନରେ ଖୋଳ୍ ତାଡ଼ କଲେ—'ତୁ ଗୁହାରି କରିବୁ ଯାହାକୁ, ମୁଁ ଜୁଆଇଁ କରିଚି ତାହାକୁ,' । ତେଣୁ ମକରା ଓ ରାମାର ରୋମ ବଙ୍କା ହେଲା ନାହିଁ । ଓଲଟି ଦାରୋଗା ବାବୁ ଡ଼ରେଇ ଧମକେଇ ଏତଲା ଦେବା ଲୋକକୁ ଯୋଖରା ଯୋଖରି ନାକେଦମ୍

Digitized by srujanika@gmail.com

କଲେ । ସାକ୍ଷୀ ସବୁ ତ କେହି ମିଳଲା ନାହିଁ । ଲୋକମାନଙ୍କ ମନରେ ଧାରଣା ହୋଇଗଲା—ପୋଲିସ୍ ତ ଚୋରଙ୍କ ସହିତ ହାତ ମିଳାଇଛି, ଏତଲା ଦେଇ ଲାଭ କ'ଣ ? ଓଲଟି ଧାଇଁ ଧାଇଁ ମଣିଷ ଅଧାପ୍ରାଣ ହେବ । ତେଣୁ, 'ଗଲା ପୁଅ ବାହୁଡ଼ ନଇଲା ଲୋ କୋଇଲି', ସାର ହେଲା । ଦୁଇ ଗୋଟିଏ ଘଟଣାରେ ଲୋକେ ଧାଇଁ ଧାଇଁ ଥେଇଆ ହେଲେ ସିନା, ଆଗକୁ ଆଉ କେହି ଥାନାକୁ ଗୁହାରି କରି, ମାନ ମହତ ସାରିବାକୁ ସାହସ କଲେ ନାହିଁ ।

ତା' ଫଳରେ ରାମା ଓ ମକରାର ବହପ ଆହୁରି ବଢ଼ିଗଲା । ସେ ଦୁହେଁ ଗାଆଁ ଡାଣ୍ଡରେ ହେଣ୍ଡି ମାରି ବୁଲିଲେ ଏବଂ ଯଦିବା କେହି ତାଙ୍କୁ କିଛି କହିଲା—ତାକୁ ଖାତିର୍ ନକରି ଠୋକ୍‌ଠୋକ୍ ଦି'ପଦ ଶୁଣେଇ ଦେଲେ—"ଯାଃ…ମଃ…କ'ଣ ଟେ କରିବୁ କର ! ତୁମ ହାତରେ ହବ କ'ଣ ? ହରେ କାଠ ଜାଳିଲେ ତ ଶାଗ ସିଝିବ ନାହିଁ…" ।

ହରିରାମ ମାହାଜନର କାରବାର ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଲା । ତା' ମାହାଜନୀ ଓ ସୁଧ କାରବାରରେ ଲୋକେ ଉଚ୍ଛନ୍ନ ହୋଇଗଲେ । ଯେଉଁ-ମାନେ ଟଙ୍କା ପଇସା, ସଉଦାପତ୍ର ତା' ଠାରୁ ନେଲେ—'ଅଭାବରୁ ସ୍ୱଭାବ ନଷ୍ଟ' ନ୍ୟାୟରେ ସହଜରେ ସୁଧ ଅସଲ ପଇଠ କରି ପାରିଲେ ନାହିଁ । ତେଣୁ ହରିରାମ ଆଉ ସହଜରେ ଧରା ଦେଲା ନାହିଁ । ଲୋକମାନେ ପେଟ ଖଣ୍ଡିକ ଲାଗି ପାଣ-ଘରେ ହାଡ଼ଘରେ ପଶିଲେ । ଯା'ଘରେ ବେଲା, କଂସା ଗରା, ମାଢ଼ିଆ ଓ ଗହଣା ଗାଣ୍ଠି ଥିଲା, ସବୁ ଆସି ହରିରାମ ଘରେ ଜମା ହୋଇଗଲା । ହରିରାମ ମାହାଜନର ସମୃଦ୍ଧି ଓ ପ୍ରତିପତ୍ତି ବିଷୟ ରାମା ଓ ମକରାଙ୍କ ଆଖିରେ ଅଛପା ରହିଲା ନାହିଁ । ସେ ଦୁହେଁ ମଉକା ଦେଖି ଗୋଳିଆ ପାଣିରୁ ମାଛ ଧରିବା ପରି, ହରିରାମ ବିରୁଦ୍ଧରେ ଗାଆଁ ଲୋକଙ୍କୁ ତେଜେଇ ଦେଲେ—"ମାରଓ୍ୱାଡ଼ୀ କ'ଣ ତା' ବୋପାଘରୁ ଧନ ସମ୍ପତ୍ତି ବୋହି ଆଣିଥିଲା ଯେ, ଏଇଲେ ମଗଜ ଦେଖଉଛି ! ଆମରି ପଇସାରେ ବଡ଼ ଲୋକ ହୋଇ ପୁଣି ଆମକୁ ନାଲି ଆଖି ଦେଖଉଛି…! ଆମ ଲୋକେ ସେମିତି ନାଃ…ନଇଲେ ପୁଅକୁ ଏମିତି ପାଠ ପଢ଼େଇ ଦିଅନ୍ତି ଯେ, ଏକା ରାତିକେ କନା କତରା ଧରି ତା'ଦେଶକୁ ପଳେଇବା ଲାଗି ଭରି ସହନ୍ତା ନାହିଁ…" ।

ଲୋକମାନଙ୍କୁ ମକରାର କଥାଗୁଡ଼ାକ ବେଶ୍ ସୁହାଇଲା । ଯେଉଁମାନେ ହରିରାମ ପାଖରେ ସର୍ବସ୍ୱ ସଅଁପି ଦେଇ, ପେଟକୁ ଦାନା, ଦେହକୁ କନ

Digitized by srujanika@gmail.com

ଯୋଗାଡ଼ କରି ପାରୁ ନଥିଲେ, ସେମାନେ ସ୍ୱଭାବତଃ ଭାଗ୍ୟକୁ ଆଦରି ପଡ଼ିବା ଲୋକ ହୋଇଥିଲେ ବି ରାମା ଓ ମକରାର କଥାରେ ପ୍ରଭାବିତ ହେଲେ ଏବଂ ମନଭୁଲାଣିଆ କଥା କହି ସେ ଦୁହେଁ ସେମାନଙ୍କ ନେତା ସାଜିଗଲେ ।

ଗାଆଁର ପରିସ୍ଥିତି ହରିରାମ ମାହାଜନ ପ୍ରତିକୂଳ ହୋଇ ଯାଆନ୍ତେ, ରାମା ଓ ମକରା ଦୁହେଁ, ଗୋଟିଏ ଯୋଜନା ଆରମ୍ଭ କରିଦେଲେ । ଭିତରେ ଭିତରେ ସେ ଦୁହେଁ ଝାଝା ଆଡ଼ର ଗୋଟିଏ ଡ଼କାୟତ ସର୍ଦ୍ଦାର ସହିତ 'ଏ' ବିଷୟରେ ମସୁଧା କଲେ । ଡ଼କାୟତ ସର୍ଦ୍ଦାରଙ୍କୁ ଥରେ ଡ଼କାଇ ଆଣି ଗାଆଁର ପରିସ୍ଥିତି ଓ ହରିରାମ ଘରର ଅବସ୍ଥିତି ସମ୍ପର୍କରେ ବୁଝାଇ ଦେଲେ । ଶେଷକୁ ତାଙ୍କ ମଧ୍ୟରେ କଥା ଛିଡ଼ିଲା—'ବାରଣା ଗୁରଣା' । ଝାଝାର ସର୍ଦ୍ଦାର ତାଙ୍କ ଦଳର ଲୋକଙ୍କ ଦ୍ୱାରା ହରିରାମ ମାହାଜନ ଘରେ ଡ଼କାଇତି କରି ଯାହା ପାଇବେ, ସେଥିରୁ ରାମା ଓ ମକରାକୁ ଗୁରଣା ଭାଗ ଦେଇ ବାରଣା ସେ ନେଇଯିବ । କିନ୍ତୁ ଥାନାବାବୁଙ୍କ ଲାଗି ଗୋଟେ ହ'ଟା ଆଖି ବୁରୁଶିଆ ଚିଜ ଦେବାକୁ ହେବ ବୋଲି ଡ଼କାୟତ ସର୍ଦ୍ଦାର ରାଜି ହୋଇଗଲା ।

ସେହି ମସୁଧା ଅନୁସାରେ ଝାଝାର ଡ଼କାୟତଦଳ ଆସି ଗୋଟିଏ ସୁବିଧାଜନକ ସ୍ଥାନରେ ଦିନକ ଆଗରୁ ଆଡ଼ା ଜମେଇଲେ । ରାମା ଓ ମକରା ସେମାନଙ୍କ ଲାଗି କୁକୁଡ଼ା ମଦ ଓ ଚା' ସାଙ୍ଗକୁ ଆଉ ଯାହା ଯାହା ଲୋଭଣିଆ ଆୟୋଜନ କରିବାର କଥା, ସବୁ ଯୋଗାଡ଼ କରିଦେଲେ । ସେମାନେ ମକରା ଓ ରାମାର ଆତିଥ୍ୟରେ ଖୁସିହୋଇ, ଗୋଟିଏ ଦିନ ମଉଜରେ କଟାଇବା ପରେ ନିର୍ଦ୍ଦିଷ୍ଟ ଦିନ ରାତି ଅଧରେ ହରିରାମ ମାହାଜନ ଘର ଉପରେ ଚଢ଼ାଉ କରିଦେଲେ ।

ଡକାୟତମାନଙ୍କ ଧାରଣା ବେଶ୍ ଦୃଢ଼ ହୋଇଗଲା—ମାହାଜନ ଘରୁ ଯେତେ ହୁରିଡ଼କା ପଡ଼ିଲେ ବି ଗାଆଁରୁ ବଗାଡ଼ ଛୁଆଟେ ବି ପାଟେଖି ଡ଼େଇଁ ଆସିବ ନାହିଁ । ଯଦି ବା କେହି ବାହାରନ୍ତି, ରାମା ଓ ମକରା ତାକୁ ବେଶ୍ ମଜା ଚଖେଇ ଦେବେ । ତେଣୁ ସେମାନେ ବିଶେଷ କିଛି ପ୍ରତିରକ୍ଷାର ବ୍ୟବସ୍ଥା ନକରି, ବିନା ଯୁଦ୍ଧରେ ରାବଣେଶ୍ୱର ସହର ଜିତିଲା ପରି, ହରିରାମ ମାହାଜନ ଘରୁ ମାଲ୍-ମାଲ୍ ହୋଇ ଫେରିଯିବେ ବୋଲି ଆଶା କରିଥିଲେ ।

ରାମା ଓ ମକରାଙ୍କ ମନରେ ସେଇଆ ଧାରଣା ହୋଇଥିଲା । ସେ ଦୁହେଁ ଗାଆଁ ଗୋଟାକୁ ହରିରାମ ମାହାଜନ ବିରୁଦ୍ଧରେ ମଡେଇ ଦେଇଥିଲେ । ବିଶେଷ

Digitized by srujanika@gmail.com

କର, ଯେଉଁମାନଙ୍କର ତମସୁକ୍, ହେଣ୍ଡ୍‌ନୋଟ୍ ପ୍ରଭୃତି ହରିରାମ ପାଖରେ ରହିଥିଲା, ତାଙ୍କୁ ସୁବିଧା ଦେଖି ଫେରେଇ ଦେବାର ଆଶ୍ୱାସନା ଦେଇଥିଲେ । କେବଳ ଦେବାଭୂୟାଁ । ଘର ସମ୍ପତ୍ତି ତାଙ୍କର ପଟ୍ଟା ନଥିବାରୁ, ତା' ଘରର ମତ୍ତତେ ଜାଣି ପାରି ନଥିଲେ । ତଥାପି ସେ ଦୁହେଁ ବେଶ୍ ଜାଣିଥିଲେ ଯେ, ରାଜୁଆର ଦୁଃଖଅ ବେଳକୁ ଦେବାଭୂୟାଁ । ହରିରାମ ମାହାଜନ ଆଗରେ ଦାନ୍ତନଗୁଡ଼ କେତେ କାକୁତି ମିନତି ହୋଇଥିଲେ ବି ସେ ତା' ଆଡ଼କୁ ଆଡ଼ଆଖିରେ ସୁଦ୍ଧା ଅନେଇ ନଥିଲା । ତେଣୁ ଦେବାଭୂୟାଁ । ମୁଦୁଲିଙ୍କୁ ଜାମିନ୍ କରେଇ ଆହପୁରର ସିରାଜ-ମିଆଁ ଠୁଁ କରଜ ଆଣି କାମ ଚଳେଇଁ ଥିଲା । ତେଣୁ ସେ ହରିରାମ ମାହାଜନ ଉପରେ ସେଇଦିନଠୁଁ ରାଗିଛନ୍ତି । ଏହାପରି ଭାବରେ ରାମା ଓ ମକରାର ପଠାଣ ମସୁଧା ଅକ୍ଳେଶରେ ସଫଳ ହୋଇ ପାରିବ ବୋଲି, ସେ ଦୁହିଁଙ୍କ ମନରେ ଧାରଣା ହୋଇଥିଲା ।

କିନ୍ତୁ ସେଦିନ ରାତିରେ ଦେବା ଓ ତା' ପୁଅ ରାଜୁର ଙ୍ଗାରତ୍ତ ଆଗରେ ଡକାୟତ ଦଳ, ରାମା ଓ ମକରାଙ୍କ ମସୁଧା ପାଣିଫୋଟକା ପରି ମିଳାଇଗଲା । ସେମାନେ ଏକାରାତିକେ ମାଲମାଲ ହୋଇଯିବାର ଯେଉଁ ଆଶା କରିଥିଲେ— ତାହା ଦେବାଭୂୟାଁ । ଓ ରାଜୁଙ୍କ ପାଇଁ ଫସର୍ ଫାଟିଯିବାରୁ, ଡକାୟତ ଦଳ ତ ଯାହା ରାଗିଲେ, ରାମା ଓ ମକରା ଏହାର ତୀବ୍ର ପ୍ରତିଶୋଧ ନେବା ପାଇଁ ମନେ ମନେ ପ୍ରତିଜ୍ଞା କଲେ ।

କିନ୍ତୁ ସ୍ୱା' ମଧ୍ୟରେ ରାଜୁର ଅବସ୍ଥା ଦେଖି, ସେ ଦୁହେଁ ଶାନ୍ତିରେ ନିଃଶ୍ୱାସ ମାରିଲେ । ସେ ଦୁହେଁ ଭାବିଥିଲେ, ରାଜୁଆ ଡାକ୍ତରଖାନାରେ ଶେଷ ହୋଇଯିବ । କାରଣ ଡାକ୍ତରଖାନାରେ ଯେଉଁ ଖର୍ଚ୍ଚ, ତାକୁ ଦେବା ଭୂୟାଁ । କ'ଣ ତା' ଚଉଦ ପୁରୁଷ ତୁଳାଇ ପାରିବ ନାହିଁ ।

କିନ୍ତୁ ଯେତେବେଳେ ଖବର ମିଳିଲା ଯେ, ହରିରାମ ମାହାଜନ ଆଖିବୁଜି ରାଜୁ ପାଇଁ ଟଙ୍କାର ସୁଅ ଛୁଟେଇ ଦେଇଛନ୍ତି, ସେତେବେଳେ ତାଙ୍କ ମନରେ ଉଙ୍କି ମାରୁଥିବା ସୁନେଲି କିରଣଟି ଧୂଆଁଳିଆ ଦେଖାଗଲା ।

ସ୍ୱା' ମଧ୍ୟରେ ଡକାୟତ ଦଳର ସର୍ଦ୍ଦାର ଆସି ରାମା ଓ ମକରାଙ୍କ ମୁଣ୍ଡରେ ବାବନାଭୂତ ପରି ସବାର୍ ହୋଇଗଲା । ସେ ଦୁହିଁଙ୍କ ପ୍ରରୋଚନାରେ ଆସି ସେମାନେ ଯେଉଁ କ୍ଷତି ସହିଲେ, ସେଥିଲାଗି କ୍ଷତିପୂରଣ ଦେବାଲାଗି ସର୍ଦ୍ଦାର ବାଧ

Digitized by srujanika@gmail.com

କଲୁ । ଆଜି ଉପାୟ କ'ଣ ? ସେ ଦୁହେଁ କିଛି ବିଆଜିଆ କରି, ଗୋଡ଼ହାତ ଧରି, କୌଣସିମତେ ଡକାୟତଙ୍କ କବଳରୁ ପାରିଉତାର ହେଲେ ।

ଡାକ୍ତରଖାନାରେ ଗଜୁ ଧୀରେ ଧୀରେ ଭଲ ହୋଇ ଆସୁଛି, ତା' ଆଗ ସ୍ତ୍ରୀ ରାଧା ଆସି ତାକୁ ସେବା ଶୁଶ୍ରୂଷା କରୁଛି, ମାହାଜନ ଟି ହପ୍ତା ଯାଇ ଡାକ୍ତର-ଖାନାରେ ଟଙ୍କା ଥଳୀ ଅଜାଡ଼ି ଦେଇ ଆସୁଛି, ଏ' ଖବର ଗାଆଁରେ ବେଶ୍ ଅତିରଞ୍ଜିତ ଭାବରେ ପ୍ରସାରିତ ହେଉଥିଲା । ତା' ସହିତ ହରିରାମ ମାହାଜନ ଘରେ ହୋଇଥିବା ଡକାୟତି ସହିତ ରାମା ଓ ମକରାର ହାତ ଅଛି ବୋଲି ଲୋକମାନେ ଟ୍ରୁପୁର୍ ଟାପର୍ ହେଲେ । କାରଣ ପୂର୍ବରୁ ମକରା ଗାଆଁ ଲୋକଙ୍କୁ ମାହାଜନ ବିରୁଦ୍ଧରେ ମତେଇବା ଲାଗି ଯେଉଁସବୁ ଆଲୋଚନା କରିଥିଲା, ସେଥିରୁ ଲୋକମାନେ ଏ' ଧାରଣା କରିଥିଲେ । ତା' ବ୍ୟତୀତ ଥାନାବାବୁଙ୍କ ଜୁଲମ୍ ମାସେ ପକ୍ଷେ ଗାଆଁ ଉପରେ ବେଶ୍ ଚାଲିଲା । ବିଚରା ହରିରାମ ମାହାଜନ ପୋଲିସ୍ ଆଗରେ ସାଫ୍ ସାଫ୍ ବୟାନ୍ ଦେଇ କହିଲା—"ମୋର ଗାଆଁ ବାଲାଙ୍କ ଉପରେ ଆଦୌ ସନ୍ଦେହ ନାହିଁ । ଗାଆଁ ଲୋକଙ୍କ ସହିତ ମୋର ଶତ୍ରୁତା ନାହିଁ । ଏ' ଗାଆଁରେ ତିନିପୁରୁଷ ହେଲା ଆମେ ରହି ଆସିଲୁଣି, ଦିନେ ହେଲେ କାହାରି ସହିତ ବାଦବିବାଦ ନାହିଁ । ଏ' କାଣ୍ଡ ବାହାର ଲୋକର···" ।

ସୁ'ଫଳରେ ଗାଆଁ ଲୋକେ ମାହାଜନ ଉପରେ ସନ୍ତୁଷ୍ଟ ହେଲେ । ନଇଲେ ମାହାଜନ ପଦ ଦି'ଚାରିଜଣଙ୍କ ନାଆଁ କହିଦେଇ ଥାଆନ୍ତା, ତା'ହେଲେ ସେମାନଙ୍କ ପିଠି ଫାଟିଯାଇ ଥାଆନ୍ତା । ତା'ପରେ ପୁଣି ବାରମ୍ବାର ଘୋଷରା ଘୋଷରି ଫଳରେ ଖଟିଖିଆ ଲୋକଗୁଡ଼ାକ ନାକେଦମ୍ ହୋଇ ଯାଇ ଥାଆନ୍ତେ !

ହରିରାମ ମାହାଜନ ତା'ପର ଠାରୁ ସଂପୂର୍ଣ୍ଣ ବଦଳି ଯାଇଥିଲା । ସେ ଆଗପରି ଆଉ କଠୋର ନହୋଇ, ଅବସ୍ଥା ଦେଖି କେତେଜଣଙ୍କୁ ବିନା ଲେଖା ପଢ଼ା ଓ ବନ୍ଧାବନ୍ଧାରେ ସଉଦାପରି, ହାତଉଧାର ଦେବାକୁ ଲାଗିଲା ।

ଏ' ସମସ୍ତ କାର୍ଯ୍ୟକ୍ରମ ଫଳରେ ଗାଆଁ ଲୋକମାନେ ପ୍ରକାଶ୍ୟରେ ନ କହିଲେ ମଧ୍ୟ ଭିତରେ ଭିତରେ ସେଦିନର ଡକାୟତି ପାଇଁ ରାମା ଓ ମକରାକୁ ଦାୟୀ କରି କୁହାକୁହି ହେଲେ । ଏ' ଖବର ଯାଇ ଥାନାବାବୁଙ୍କ କାନରେ ବାଜିଲା । ସେ ମକରାକୁ ଭଲ ପାଉଥିଲେ ହେଁ, ଏଇ ସୁଯୋଗରେ କିଛି ମାଲମତ୍ତା ଝିଡ଼େଇ ନବା ମତଲବ୍‌ରେ ଥାନାକୁ ଡକେଇନେଇ, ସେତେବେଳେ ମରଣହରଣେ

Digitized by srujanika@gmail.com

କଲେ । ତା’ଫଳରେ ରାମା ଓ ମକରା ଦୁହେଁ ରାତିଅଧିଆ ରୋଜଗାରରୁ ବଞ୍ଚିତ ଭେଟି ଚଢ଼େଇ ପାର ଉତ୍ତର ହେଲେ ।

ରାମା ଓ ମକରାଙ୍କ ମନରେ ରାଜୁ ଓ ତା’ ବାପା ପ୍ରତି ଭୀଷଣ କ୍ରୋଧଜାତ ହେଲା । ସେ ଦୁହେଁ ଯା’ର ପ୍ରତିଶୋଧ ନେବା ପାଇଁ ମନେ ମନେ ପ୍ରତିଜ୍ଞା କଲେ । ଯା’ ମଧ୍ୟରେ ରାଜୁ ଭଲହୋଇ ଘରକୁ ଫେରି ଆସିବାରୁ, ତା’ ଉପରେ ଯେ କୌଣସି ମତେ ଦାଉ ସାଧି ନେବାକୁ ସେ ଦୁହେଁ ବରାବର ଓଉଣ୍ଡି ବସିଲେ ।

ରାଜୁ ଡାକ୍ତରଖାନାରୁ ଫେରିବା ପରେ ମାସେ ପକ୍ଷେ ଆଦୌ କାମ କରି ପାରିଲା ନାହିଁ କିମ୍ବା ଗାଆଁ ବାହାରକୁ ଗଲା ନାହିଁ । ଧୀରେ ଧୀରେ ତା’ ବଳ ପାଇଲାରୁ, ସେ କେବଳ ହରିରାମ ମହାଜନଙ୍କ ଘରେ କାମ କଲା ଏବଂ ବେଳେ ବେଳେ ବାଡ଼ିଘରେ ତଡ଼ାମରା କରି ପଳପରିବା ଲଗାଲଗି କଲା । ବାହାରକୁ ଆଦୌ ବାହାରୁ ନଥିବାରୁ ରାମା ଓ ମକରା ତା’ ଉପରେ ଦାଉ ସାଧି ପାରିଲେ ନାହିଁ ।

ଦିନକର ଘଟଣା—ମକରା ଖବର ପାଇଲା ଯେ, କାଲି ରାତି ପାହାନ୍ତାରୁ ଉଠି ରାଜୁଆ ମାହାଜନର ଶଗଡ଼ ନେଇ ବଜାରକୁ ମାଲ ଆଣିବା ଲାଗି ଯିବ । ତା’ ସାଥିରେ ଯିବ ତେଲୀସାହିର ନଟିଆ । ଏ’ଖବର ପାଇଲା ମାତ୍ରେ ମକରା ଧାଇଁଗଲା ରାମା ପାଖକୁ । ଦୁହିଁଙ୍କ ମଧ୍ୟରେ ମସୁଧା ଚାଲିଲା—ସକାଳ ହେବା ଆଗରୁ ଶାଳବଣିଆ ଭିତରେ ରାଜୁକୁ ଶେଷ କରି ଦେବାଲାଗି । କିନ୍ତୁ ନଟିଆ କଥା କ’ଣ କରାଯିବ ? ଶେଷକୁ ରାମା ପ୍ରସ୍ତାବ ଦେଇ କହିଲା—“ଆମେ ଏମିତି ବେଶରେ ଯିବା ଯେ, ନଟିଆ କି ରାଜୁଆ କେହି ଆମକୁ ଚିହ୍ନି ପାରିବେ ନାହିଁ । ଆମେ ରାଜୁଆକୁ ଏକା ଠେଙ୍ଗାକରେ ଢ଼’ଗଡ଼ କରି ଦେଇ, ନଟିଆକୁ ସେଇଠି ଶାଳ ଗଛରେ ବାନ୍ଧି ପକାଇ ବଳଦଙ୍କୁ ଫିଟାଇ ଦେବା । ନଟିଆ ମୁହଁରେ ଏମିତି ପଟିବାନ୍ଧି ଦେଇଥିବା ଯେ, ସେ ଆଉ ଉଁ···କି ଚୁଁ···କିଛି ହେଲେ କହି ପାରିବ ନାହିଁ···” ।

ରାମାର ପ୍ରସ୍ତାବ ଶୁଣି ମକରାର ଛାତି କୁଲୁରି ଉଠିଲା । ସେ ରାମାକୁ କୁଣ୍ଢାଇ ପକାଇ କହିଲା—“ବାଃ...ବାଃ···ତୋ’ ବୁଦ୍ଧିକୁ ତାରିଫ୍ ନକରି ରହିହେବନି...” ।

“ଆଉ ଗୋଟିଏ ଗୁଲ୍ ଆମକୁ କରିବାକୁ ହେବ । ରାଜୁଆକୁ ଶେଷ କରେଇ ଦେଇ, ଆମେ କଣ୍ଠସ୍ୱର ବଦଳେଇ କହିବା—ପାଃ··· ମଜା···ହରିରାମ

Digitized by srujanika@gmail.com

ମାହାଜନ ଘରୁ ସେଦିନ ଆମକୁ ଭଗେଇ ଦେଇଥିଲୁ ନାଃ...ପାଃ...ଏବେ ଫଳ ପାଃ..." ।

"ବେଶ୍.. ବେଶ୍..." ଖୁସି ହୋଇ କହିଲା ମକରା— "ମୁଁ ତୋ' କଥାଟା ବେଶ୍ ବୁଝି ପାରିଲି । ନଟିଆ ଏ' କଥା ଶୁଣି ପୋଲିସ୍ ଆଗରେ କହିବ । ପୋଲିସ୍‌ର ଧାରଣା ହେବ—ସେଇ ଉକ୍ତ ଦଳ ରାଜୁ ଉପରେ ଦାଉ ସାଧିଛି । ତେଣୁ ମାମଲା ଅନ୍ୟ ଆଡ଼କୁ ମୁହେଁଇବ ଏବଂ ଆମେ ଆମର ଅଳସ ଠିକ୍ ସାଧିନେବା..." ।

"ତା'ହେଲେ..." ?

"ତା'ହେଲେ ଆଉ କ'ଣ ?" ମକରା ନିଜ ହାତରେ ଧରିଥିବା ବାଡ଼ିଟିକୁ ଦୁ'ଖଣ୍ଡ କରି ଦେଇ, ଗୋଟିଏ ଦେଢ଼ ହାତିଆ ଗୁପ୍ତି ବାହାର କରି କହିଲା— "ଏଇଥିରେ ରାଜୁଆକୁ ଯମପୁରକୁ ପଠାଇ ଦେଇ ପାରିଲେ, ମୋ' ଆତ୍ମାକୁ ଶାନ୍ତି ମିଳିବ.. " ।

"କେବଳ ଏକୁଟିଆ ତୋ' କଲିଜା କାହିଁକି, ଭୁଆଁ ବଂଶରୁ ଗୋଟିଏ ଜୋଙ୍କା ଟୋକାକୁ ମାରି ପାରିଲେ, ମୋ' କଲିଜା ଥଣ୍ଡା ହେବ !" କହିଲା ରାମା ।

"ବେଶ୍ ତିଆରି ହୋଇ ଯା' ! କିନ୍ତୁ ଆମେ ଦିହେଁ, ଏମିତିଆ ବେଶ ପିନ୍ଧିବା ଯେ କାହା ବୋପାର ଗୁରା ନଥିବ, ଆମକୁ ଚିହ୍ନି ପାରିବ..." !

"ସେଥିଲାଗି ପରୁଆ କରନା...! ଆମେ ଦିହେଁ ମାଥାରୁ କଳା କନି-କନି ବାବନା ଭୂତ ପରି ବେଶ ହୋଇ ରାଜୁଆ ଶଗଡ଼ ପଛେ ପଛେ ଲୁଚି ଲୁଚି ଯାଇ..." ମକରାର କାନ ପାଖରେ ଫୁସ୍ ଫୁସ୍ ହୋଇ କହିଲା ରାମା—" ...ସାବାଡ଼ି ବନେଇ ଦବା । ଆଉ ସେଇଠୁ ଡାହାଣ ଆଡ଼କୁ ଦୁ'ଡାକ ବାଟ ବଣ ଭିତରକୁ ଶଗଡ଼ଟିକୁ ଅଡେଇ ନେଇ ସେଇଠି ନଟିଆକୁ ଶାଳ ଗଛରେ ବାନ୍ଧି ପକାଇ, ବଳଦ ଦୁ'ଟାକୁ ଗୁଡ଼େଇ ଦେବା । ତା'ପରେ ଆମର କାମ ଫତେ..." ।

ଦୁ'ବନ୍ଧୁ ଯାକ ରାଜୁକୁ ଅସହାୟ ଭାବରେ ହତ୍ୟା କରିବାର ଯୋଜନା କରି, ମହୁଲିରୁ ଗିଲାସେ ଲେଖାଏଁ ଗଡ଼େଇ ଦେଇ ଖିଆ ପିଆ ସାରି ସାରାରାତି ଶଗଡ଼ ଶବ୍ଦକୁ କାନ ଡେରି ଗୁହିଁ ରହିଲେ ।

ପାହାନ୍ତିଆ ତାରା ଘଡ଼ି ମାଣ ଠିକ୍ ଉଦୟ ହେବାର ପର ମୁହୂର୍ତ୍ତରେ, ଦୂରରୁ ଶଗଡ଼ ଆସୁଥିବା ଶବ୍ଦ ଶୁଣାଗଲା । ରାମା ଓ ମକରା କଳାପୋଷାକରେ

Digitized by srujanika@gmail.com

ସଜଳ ହୋଇ ବହେଁ ଯାକ ଦୁଇଟି ଅଶ୍ରୁ ଧର ବାହାର ପଡ଼ଲେ । ଶଗଡ଼ ରାମା-ଘର ପାଖ ଦେଇ ଅଧଡ଼ାକେ ବାଟ ଗ୍ଲଲଯିବା ପରେ, ଦ'ଜଣଯାକ ଖୁବ୍ ସାବଧାନତାର ସହିତ ସେଇ ଆଡ଼କୁ ମୁହେଁଇଲେ ।

ଶଗଡ଼ରେ ଯୋଚ୍ଛା ଯାଇଥିବା ହରରାମ ମାହାଜନର ତାଗଡ଼ା ବଳଦ ଦ'ଟା ପାଞ୍ଚଣ ମାଡ଼ ପିଠିରେ ବସିବା ମାତ୍ରେ, ବେକରେ ବନ୍ଧା ଯାଇଥିବା ଘଣ୍ଟିକୁ ଜୋର୍‌ରେ ହଲଇ ହଲଇ, ଖଣ୍ଡେ ଦୌଡ଼ା ଦେଇ ଆଗେଇ ଗ୍ଲଲେ । ଶଗଡ଼ ଯାଇ ନିର୍ଦ୍ଦିଷ୍ଟ ନଗ୍ସଟିଆ ଥାନରେ ପହଞ୍ଚିବା ମାତ୍ରେ, ରମା ଓ ମକର ଝପଟିଯାଇ ସ୍ୱର ବଦଳେଇ କହିଲେ—"ଏ' ଗାଡ଼ୁଆନ୍, ଗାଡ଼ ବନ୍ଦକର" । "କଏ···ଏ··· ଏ···ସେ···ଏ···" ? ଥରିଲା କଣ୍ଠରେ ପଗ୍ଲରଦେଇ ଗାଡ଼୍‌ଆନ୍ ପାଞ୍ଚଣରେ ଆଖି-ବୁଜା ଦ' ପାହାର କଷିଦେଲା ବଳଦଙ୍କ ପିଠିରେ । ପାହାର ବସିଯିବା କ୍ଷଣି ବଳଦ ଦ'ଟା ବାଇବହ୍ମ ହୋଇ ଧାଇଁବାକୁ ଲଗିଲେ ଏବଂ ଗାଡ଼ୁଆନ୍ ବରେ ବାରମ୍ବାର ପଛକୁ ଗ୍ଲହିଁ ଗ୍ଲହିଁ, ଜୀବନକୁ ପାଣି ଛଡ଼େଇ ଦେଇ ଗାଡ଼ିର ଦଣ୍ଡା ଦ'ଟାକୁ ଜାବୁଡ଼ଧର ବସି ରହିଲା । ପ୍ରତି ମୁହୂର୍ତ୍ତରେ ସେ ଅନୁଭବ କଲା, ସତେ ଯେପର, କଳାଭୂତ ଦ'ଟା ଦ'ଆଡ଼ୁ ତା' ଆଡ଼କୁ ମାଡ଼ି ଆସୁଛନ୍ତି । ସେ ଭୟରେ ଲୋଟ୍ଟକୋଷ୍ଠ ହୋଇ କେମିତି ଶାଳବଣିଆଟା ପାର ହେବ, ତାକୁ ତର ସହିଲା ନାହିଁ ।

ସିନ୍ଦୂର ଫାଟିଲା ବେଳକୁ ସେ ଅଢ଼େଇ କୋଶ ବାଟ ଆଗେଇ ଯାଇ-ଥିଲେ ବ, ତା'ର ମନେ ହେଉଥିଲା—ସତେ ଯେପର ସେ ଭୂତ ଦ'ଟା ତା' ପଛେ ଗୋଡ଼ାଇଛନ୍ତି । ସେ ଚମ୍ପୁଆକୁ ଯାଇଥିବା ଟେଛକ ବାଟ ପାଖରେ ପହଞ୍ଚିଲା ବେଳକୁ, ତା' ଦେହରୁ ଶ୍ରମଝାଳ ଗମ୍‌ଗମ୍ ହୋଇ ବହୁଥିବାର ସେ ଅନୁଭବ କଲା । ସେ ଶଗଡ଼ଟିକୁ ସେଇ୍ ଟେଛକ କଡ଼ରେ ଛିଡ଼ା କରାଇ ଗାଡ଼ିରୁ ଓହ୍ଲାଇ ପଡ଼ ଘଡ଼ଏକାଳ ଝାମ୍ପମର ହୋଇ ତଳେ ବସି ପଡ଼ଲା । ସେତିକବେଳେ ସଡ଼କ ଦାତରେ ଥିବା ଗ୍ଲହାଦୋକାନ୍ର ବୁଢ଼ାଟି ଘରୁ ବାହାର ପାଣି ଲୁଟିଆ ଟିଏ ଧର ଗଛ ଉହାଡ଼କୁ ପେଟରେ ହାତ ମାର ମାର ଆଗେଇଗଲା ।

—୦—

॥ ବାଇଶ ॥

"ଯାହାକୁ ରଖିବେ ଅନନ୍ତ, କ କର ପାରେ ବଳବନ୍ତ" । କମ୍ବା "ଯାହା କରବେ ସାଇଁ, ତା' କାହାର ମନରେ ନାହିଁ" ।

Digitized by srujanika@gmail.com

ଗଜୁ ସେଦିନ ଘଣ୍ଟ ପାହାନ୍ତାରୁ ଶଗଡ ନେଇ ବଜାରକୁ ହରିରାମ ମାହା-ଜନର ମାଲ୍ ଆଣିବାପାଇଁ ଯାଇଥାଆନ୍ତା । ସାଥିରେ ଯିବାର ଥିଲା—ତେଲି ସାହିର ନଟିଆ । ଏ' କଥା କୌଣସିମତେ ଶୁଣି ପାରିଥିଲେ ମକରା ଓ ରମା । ତେଣୁ ସେ ଦୁହେଁ ବାଟରେ ଗଜୁକୁ ସାଫ୍ କରଦେବେ ବୋଲି ମନେ ମନେ ହେଣ୍ଡି ମାରୁଥିଲେ; କିନ୍ତୁ ସେ ଦୁହେଁ ସାରାରାତି ଉଜାଗର ରହି କେତେ ପ୍ରକାର ମସୁଧା' କରୁଥିବାବେଳେ, ସେଦିନ ରାତିରେ ଗଜୁକୁ ପଡକାଦସ୍ତ ହେବାରୁ, ରାତି ଅଧରେ ଯାଇ ଦେବା ନଟିଆକୁ କହିଲା—"ନଟ, କ'ଣ କରିବା ଗଜୁଆକୁ ତ ସଞ୍ଜପହରୁ ପଡକାଦସ୍ତ ଛୁଟିଛି, ସେ ତୋ' ସହିତ ଯିବ କିପରି ? କିନ୍ତୁ ମାହାଜନଙ୍କ କାମ ହରଜା ହେବା ଉଚିତ ନୁହେଁ । ଆମ କଥାରେ ଭରସାକରି ବିଚରା ମାହା-ଜନ ସକାଳଠୁଁ ବଜାର ଚାଲିଗଲେଣି । ମାଲମତା କିଣି ସାରିଥିବ, ଆମେ ଯଦି ନଯିବା, ତେବେ ବିଚରା ହଇରାଣ ହେବ । ତେଣୁ ମୁଁ ଭାବିଚି ତୋ' ସାଥିରେ ଚାଲିଯିବି ।"

"ଦାଦା, ତୁମେ ବୁଢାଲୋକ; କାହିଁକି ଯିବ ? କିବା ମାଲ୍, କେତେ ଏବେ ଟିକିଏ ଚକଲଫ୍ ହବ, ମୁଁ ଏକୁଟିଆ ଚାଲିଯିବି । ତୁମେ କାହିଁକି କଷ୍ଟ କରିବ ? କହିଲା ନଟିଆ ।

"ହଉ ବାବା, ତୋ'ର କୋଟି ପରମାୟୁ ହେଉ ! ତୁ ତା'ହେଲେ ପାହାନ୍ତିଆ ପହରୁ ଉଠି ଶଗଡ଼ ନେଇ ଚାଲିଯିବୁ ! ଆଉ କିଛି କହିବାର ନାହିଁ ଯେ, ଟିକିଏ ଶାଳବଣିଆ ଭିତରେ ଯିବାବେଳେ ମନରେ ଦକସ୍ ଲାଗିବ..." !

ଦେବା ପାଟିରୁ କଥା ଛଡେଇ ନେଇ କହିଲା ନଟିଆ—"ଦାଦା' ମୁଁ କ'ଣ ଆଜି ସେ ବାଟଦେଇ ନୂଆ ଯାଉଚି ? ହଜାରେ ଥର ସେବାଟେ ଯାଇଚି... । ହେଲା ଏବେ କେହି ଚୋର ଡକାୟତ ଆସି ବାଟ ଓଗାଳିବେ..., ମୋ' ପାଖରେ ଅଛି କ'ଣ ଯେ ? ଯଦି କେହି ଆସିଲା, ସିଧା ଝାଡ଼ଝୁଡ ଦେଇ ଛିଡା ହେଇପଡ଼ି କହିବି—ଯା' ଅଛି ମୋ' ପାଖରେ ନେଇଯାଅ । ସେ'ତ ଆଉ ଶଗଡ ବଳଦ ନେବେନି... !" ବାହାଦୁରୀ ଦେଖେଇ କହିଲା ନଟିଆ ।

ଏତିକି କଥାବାର୍ତ୍ତା ସାରି ଦେବା ନଟିଆକୁ ମନେ ମନେ ଆଶୀର୍ବାଦ ଦେଇ ଫେରି ଆସିଲା ଘରକୁ । କିନ୍ତୁ ନଟିଆ ସାଥିରେ ଗଜୁ ଯିବବୋଲି ଶୁଣି ମକରା ଓ ରମା ସାରା ରାତି ସଜବାଜ ହେଇ ଚେଇଁ ରହିଲେ । 'ବାପପୁଅ ଦିହେଁ ରାତି ଅନିଦ୍ରା, ଖଇଚି ମୁହଁଟା ମେଲା' ବୋଲି କ'ଣ ସେ ଜାଣିଥିଲେ ?

Digitized by srujanika@gmail.com

ଶଗଡ଼ ଗଉଡ଼ ସାହି ଭିତରେ ରାମାଧର ଦାଣ୍ଡିଦେଇ ଆଗେଇ ଯିବାମାତ୍ରେ ସେ ଦୁହେଁ ତ ମାଲ୍ ପିଇ ଚୁର୍ ହୋଇଥିଲେ, ଚାଲିଲେ ଖଣ୍ଡା ତରୁଆଲ୍ ଧରି । କିନ୍ତୁ ସେ ଦୁହେଁ ବାଟସାରା ଅଜଣା କରି କରି ପଛେ ପଛେ ଚାଲିଥିଲେ । ଶଗଡ଼ ଉପରେ ଗୋଟିଏ ଲୋକ ବସିଥିବାର ଦେଖିପକାଇ, ତାଙ୍କ ମନରେ ଟ୍ରେବ ଖାଇଲା—'ଆରେଃ···କ'ଣ···ଆମ ଖବର ଆଉ ପାଇଗଲାକି ରାଜୁଆ' ? ତଥାପି ସେ ଦୁହେଁ ଦୋ' ଦୋ' ପାଞ୍ଚ ହୋଇ ଶଗଡ଼ ପଛେ ପଛେ ଆଗେଇଲେ ଆଉ କିଛି ବାଟ । ଶେଷକୁ ସ୍ୱରବଦଳେଇ ସେ ଦୁହେଁ ଗାଡ଼ୁଆନକୁ ଡାକି ପକେଇଲେ । ନଟିଆ ଡରେ ମରେ ଛୁନଆ ହୋଇ "କିଏ ସେ" ବୋଲି ଉତ୍ତର ଦେଇ, ପ୍ରାଣ ବିକଳରେ ଶଗଡ଼ ନେଇ ପଳାଇ ଯାଆନ୍ତେ, ସେ ଦୁହେଁ ବେଶ୍ ବୁଝିପାରିଲେ ଯେ, ମେଡ଼ିଆ ନଟିଆଟା ଏକଲା ଗାଡ଼ିରେ ବସିଛି; ରାଜୁ ଗାଡ଼ିରେ ନାହିଁ ।

ନିଶା ଝୋଲରେ ରାମା ଅବଶ୍ୟ ନଟିଆ ଉପରେ ଟିକେ ବହେଇ ଦେବ ବୋଲି ଆଗେଇ ଯାଉଥିଲା, କିନ୍ତୁ ମକର ତା' ହାତଟିକୁ ଧରି ପକେଇ କହିଲା— "ଆରେ···'ଓଝୁଅ ରାଗରେ ଛାଟିଆ କାମୁଡ଼ିଲେ' ଲାଭ କ'ଣ ? ଯା' ପାଇଁ ଏତେ ସଜବାଜ, ସେ ତ ଆସିନି, ଏ' ମେଡ଼ିଆଟାକୁ ମାରି ଲାଭ କଅଣ ? ଛୁଚୁନ୍ଦ୍ରାକୁ ମାରିଲେ ହାତ ଗନ୍ଧେଇବ ସିନା, ଲାଭ କଅଣ ହେବ ? ବରଂ କଥାଟା ଫୁଟିଆରା ହୋଇଯାଇ ଆମ ମସୁଧା ଫସର୍ ଫାଟିଯିବ, ଆଉ ରାଜୁଆଟା ହୁସିଆର୍ ହେଇଯିବ···" ।

ମକରର କଥା ଶୁଣି ଖୁନ୍ ସବାର ହୋଇଥିବା ରାମାର ମଗଜରେ ଅକଲ ପଶିଲା । ସେ ଆଉ ଆଗେଇ ନ ଯାଇ ଜୁଆରେ ହାରି ଯାଇଥିବା ଖେଳାଳୀ ପରି ତଳକୁ ମୁହଁ ପୋତି କହିଲା—"ଯା' ହାତରୁ ଗଲା ଖସି···" ।

ନଟିଆ ଘଡ଼ିଏ କାଳ ଚେତକ ବାଟରେ ଝୋଲମରା ହୋଇ ବସିବା ପରେ ଗୁହା ଦୋକାନୀ ବୁଢ଼ା ଆଗରେ ସବୁ କଥା କହି ବଜାରକୁ ଆଗେଇ ଗଲା । ତା'ର ଧାରଣା ହୋଇଥିଲା—ନିଶ୍ଚୟ ସେ ଦ'ଟା ଭୂତ···! କିଛି ବରଷ ତଳେ ସେ ଶୁଣିଥିଲା—ସେଇ ଶାଳବଣିଆ ଭିତରେ ଦ'ଟା ଭୂମିଜ ଧାଙ୍ଗଡ଼ା ଧାଙ୍ଗିଡ଼ୀ ବେକରେ ଫାଶି ଲଗେଇ ଝୁଲି ପଡ଼ିଥିଲେ । ମୁର୍ଦ୍ଦାର ଦ'ଟା ପଚସଢ଼ି ଗନ୍ଧ କଲାରୁ, ବଣକୁ କାଠ ଆଣିବାକୁ ଯାଇଥିବା ଲୋକମାନେ ଟିକେ ଠାବ କରି ଥାନାକୁ ଖବର ଦେଇଥିଲେ । ଥାନାରୁ ପୋଲିସ୍ ଆସିଲା ବେଳକୁ ଶବ ଦ'ଟା

Digitized by srujanika@gmail.com

ଯାକ ପଡଶଧାଡ଼ି ଯାଇଥିଲା ଏବଂ କୁଆ ଶାଗୁଣା ସେଥିରୁ ଅଧାଅଧି ଖାଇ ସାରି-
ଥିଲେ । ସେହି ଶବ ହିଁ ଟା ଭୂତ ହୋଇ ବାହାରୁଥିବାର ଖବର ସେ ଶୁଣିଥିଲା ।
ତେଣୁ ନଟିଆ ବଜାରରେ ପହଞ୍ଚିବା କ୍ଷଣି ସବୁଯାକ ହାଲହକୀକତ ହରିରାମ
ମାହାଜନଙ୍କ ଆଗରେ ଗାଇଗଲା ।

ହରିରାମ ସେ ଘଟଣା ଶୁଣି ହଠାତ୍ ମନେ ମନେ ଭାବିଲା—'ଭୂତ ଫୁତ
କିଛି ନୁହେଁ···ଖୁବ୍ ସମ୍ଭବତଃ ମୋ' ଘରେ ପଶିଥିବା ଡକାୟତମାନଙ୍କର ଏ'
କାଣ୍ଡ ··। ସେମାନେ ରାଜୁକୁ ମାରିଦେବା ପାଇଁ ଯୋଗାଡ଼ କରିଥିଲେ···। ଯା'
ହେଉ, ସେ ବିଚରାକୁ ବଜରଙ୍ଗବଳୀ ରକ୍ଷା କଲେ । ଯେ ସାଧେ ପର ଉପକାର,
ତାକୁ ରଖନ୍ତି ଚକ୍ରଧର' ।

ସେ ଜ୍ୟୋତିପୁରକୁ ଫେରି ଯିବା ଓ ରାଜୁକୁ ଡକାଇ ସାବଧାନ କରାଇ
ଦେବାଲାଗି ମନେ ମନେ ଠିକ୍ କରି, ଦିନେ ଦିନେ ଗାଆଁକୁ ଫେରି ଆସିଲା ।
ଫେରିବା ବେଳେ ହରିରାମ ମାହାଜନ ତା' ମାମୁଁ ପୁଅ ଭାଇକୁ ସଙ୍ଗରେ ଡାକି
ଆଣିଲା ଏବଂ ତା'ର ଜଣେ ଆତ୍ମୀୟଙ୍କ ଘରୁ ଗୋଟିଏ 'ଗୁପ୍ତି' ମାଗି ଆଣି
ଜାଗିଡିଆରରେ ରଖିଲା ।

ଗାଆଁକୁ ଫେରିବା ପରଦିନ ହରିରାମ ଦେବାକୁ ଡକାଇ ଆଣି ତା'
ଆଗରେ ନଟିଆର ଭୂତ କାହାଣୀ ଦୋହରାଇ ଦେଲା, ଦେବା ଭୂୟାଁ ଥିଲା—
ଝୁବ୍ ହୋଶିଆର୍ ଲୋକ । ସେ କିଛିକ୍ଷଣ ମନେ ମନେ ଏଣୁତେଣୁ ଭାବିଲା ପରେ
ହରିରାମଙ୍କ ପାଖକୁ ଘୁଞ୍ଚିଯାଇ କହିଲା—"ମାହାଜନେ, ଭୂତ ଫୁତ ଘଟଣା
ମିଛ···! ଏ'ସବୁ କାଣ୍ଡ ଆମରି ଗାଆଁ ରମା ଓ ସେ ଉଠାଣିଆ ମକରାର ।
ମୁଁ ଯା' ଭିତିରିଆ ଖବର ପାଇଛି—ସେଥିରୁ ମୋ' ଆତ୍ମା କହୁଚି—ସେଇ
ହି'ଜଣ ରାଜୁଆକୁ ଶେଷ କରିଦେବା ପାଇଁ ଏ'ଫିକର କରିଥିଲେ । ଯା'ହେଉ···
ଈଶ୍ୱର ବଡ଼ ଲୋକ···ମୋ' ଛୁଆଟି ରକ୍ଷା ପାଇଗଲା···" ।

ହରିରାମ ମାହାଜନ ଦେବା ଭୂୟାଁ ମୁହଁରୁ ଏତକ ଶୁଣିବା ପରେ, ମନେ
ମନେ ଆତଙ୍କିତ ହୋଇ ଉଠି ପଚାରିଲା—"ଦେବା, କ'ଣ ତୁ ଭିତିରିଆ
ଶୁଣିଥିଲୁ ଖୁଲସା କରି କହିଲୁ···" ?

"ମାହାଜନେ, କହିବ କଅଣ···? ମୋତେ ପଡ, ତୁମକୁ ମିଛ···ମୁଁ
ଯା' ମଧରେ ଖବର ପାଇଚି—ରମା ଓ ମକରା ସାଙ୍ଗ ହୋଇ ତୁମ ଘରେ
ଡକେଇତ ପଠେଇ ନାନାକାର୍ଯ୍ୟ କରିବାକୁ ବସିଥିଲେ । ତାଙ୍କ ମସୁଧା ପାଣି

Digitized by srujanika@gmail.com

ଘୋଡ଼କା ପର ମିଳେଇ ଯିବାରୁ, ସେ ହନ୍ଦୋଁ ଆମ ବାପ ପୁଅଙ୍କ ଉପରେ ରକ୍ତ-ଶୋଷକ ଶ୍ୱୋଦେଇ ଦେଉଚନ୍ତି । ସେ ହନ୍ଦୋଁ ବରାବର ଖୋଜ ଉଣ୍ଡ଼ିଚନ୍ତି—ଆମ ବାପ ପୁଅ ହନ୍ଦୋଁଙ୍କି ଶେଷ କରିଦେବେ···" ଦେବା ଭୂୟାଁ । ସଙ୍ଗେ ସଙ୍ଗେ ଆଖି-ତରାଟି ହାତ ମୂଠା ମୂଠା କରି ଟିକେଏ ଉଚସ୍ୱରରେ କହିଲା—"ମୁଁ ସେଥିକ ପରୁଆ କରିନ ମାହାଜନେ ! ମୁଁ ବି ବାପର ପୁଅ···! ଘଟଣାଟା ଟିକେଏ ଡେରିହିଗଲା, ନଇଲେ ଆଜଯାଏଁ ଏ' ମକରା ନଥା'ନ୍ତା ! ତା' ନାଆଁ କେଉଁ ଦିନରୁ ଲୁଚି ସାରନ୍ତାଣି···" !

"ଏ···କ'ଣ ତୁ କହୁଚୁ ସେ ଦେବା···? ମୁଁ ତ ତୋ' କଥାରୁ ଆଦ୍ୟଅନ୍ତ କିଛି ପାଉନି···! ମୋ' ରାଣ ଦେବା, ତୁ ମୋତେ ସବୁ କଥା ସାଫ ସାଫ୍ ବତେଇ ଦେ'···" ! ଭୟ ବିହ୍ୱଳ କଣ୍ଠରେ କହିଲା ହରିରାମ ମାହାଜନ—"ଦେବା, ତୁ··· ଆଉ ତୋ' ପୁଅ ସେଦିନ ହେମତ୍ କରି ବାହାର ଆସି ନଥିଲେ, ମୋ'ର ଦଫାରଫା ହୋଇ ଯାଇଥାଆନ୍ତା ! ହୁଏତ ମୋ' ବଂଶରେ କେହି ଜଣେ ହେଲେ ଆଜ ନଥା'ନ୍ତେ । ତୁମେ ବାପ ପୁଅ ହନ୍ଦୋଁ ମୋ ଜୀବନ କାହିଁକି ମୋ' କୁଟୁମ୍ବର ଜୀବନ ରକ୍ଷା କରିଚ···" !

"କାହିଁକି ସେମିତିଆ କଥା କହୁଚ ମାହାଜନେ, ଠାକୁରେ ବଡ଼ ଲୋକ ! ସେ ଯା'କୁ ଚକ ଉହାଡ଼ରେ ହଣ୍ଡି ଢୋଡ଼େଇ ରଖିବେ, ତା' ଗୋଡ଼ରେ କଣ୍ଟାଟିଏ ବି ଭୁଷିବ ନାହିଁ ! ମକରା ଦିନେ ମୋ' ବହୂକୁ ଗାଧୁଆ ତୁଠରେ ଛୁଗୁକେଇ ବସିଲେଇ କ'ଣ ଏଣ୍ଟୁତେଣ୍ଟୁ କହିଥିଲା;" ଟିକେଏ ରହିଯାଇ କହିଲା ଦେବା—"ସେଇଥି ପାଇଁ ଗଧ ଆମ ଉପରେ ରାଗି··ହରୁ ଗରୁଜା ଯାଇଚି । ତା'ର ଏକାଥରକେ ଜଦ୍ ମକରା ଉପରେ ଦାଉ ନ ସାଧିଲେ, ସେ ଘରକୁ ଫେରିବ ନାହିଁ !! ସେହିଦିନରୁ ରାଜୁଆ ମକରା ଉପରେ ଏତେ ରାଗିଚି ଯେ, ଟିକେଏ ସୁବିଧା ପାଇଲେ ସେ ମକରାର ହାଡ଼ଗୋଡ଼ ଭାଙ୍ଗି ତାକୁ ଚିରଦିନ ଲାଗି ଘରେ ଶୁଆଇ ଦେବ ! ତା' ସାଥିରେ ଯୁଟିଚି···ରାମା; ରାମା ଗଉଡ଼ ଆମ ଘରର ସାତପୁରୁଷିଆ ଶତ୍ରୁ···ଦେଖାଯାଉ···କେଉଁ ପାଣି କେଣିକି ଯାଉଚି···" !

ଦେବା ଭୂୟାଁର କଥା ଶୁଣି ହରିରାମ ମାହାଜନ ଆବାକାବା ହୋଇଗଲା । ତା' ପାଟିରୁ ପଦଟିଏ ହେଲେ କଥା ବାହାରିଲା ନାହିଁ । ସେ କିଛି ସମୟ ଦେବା ଭୂୟାଁକୁ ଏକ ଧ୍ୟାନରେ ଗୁହିଁବା ପରେ କହିଲା—"ଏ'ତ ହଁଙ୍ଗିନ ମାମଲା···

Digitized by srujanika@gmail.com

ଦେବା ! ସ୍ବା'ର ଫଳ କ'ଣ ହେବ କିଏ କହି ପାରିବ ? ମୋ' ମତରେ ଏଇ ଝିମିଟି ଖେଳରୁ ମହାଭାରତ ହୋଇପାରେ ! ଦେବା,...'' । ଆଉ କିଛି କହି-ପାରିଲା ନାହିଁ ହରିରାମ ମାହାଜନ । ବୋଧହୁଏ ସେ କହିବାକୁ ଯାଉଁଥିଲା— 'ଦେବା, ତୁ ଏ' କାଦୁଅକୁ ପଶନା, କି ଗୋଡ଼ କାଦୁଅ କରନା...' ।

ଦେବା ମାହାଜନର ଉଦ୍ଦେଶ୍ୟ ବୁଝିପାରି କହିଲା—''ଆମେ ତ ପୁଣି ମଣିଷ ! କେତେଦିନ ଆଉ ସୋରିଷ ଖୋଳି ତା' ଭିତରେ ଲୁଚି ରହିବୁ ? ହେଲେ ଏ'ପାରି, ନଇଲେ ସେପାରି...! ଆଉ ମଝି ମଝିକିଆ କଥା କିଛି ନାହିଁ । ଆମର ବଂଶ ମରଯାଦା ନିଗାଟେ ଅଛି ! ସେଇଟା ସିନା ଉଠାଗଣ୍ଡିଆ, ଆମେ ତ ସାତ ପୁରୁଷରୁ ଏଇ ଗାଆଁରେ ରହିଚୁ !! ମାଡ଼ିବୁ ବା ମରିବୁ ଆମ ଜାତିର ଲକ୍ଷଣ...! ମାହାଜନେ, ତୁମକୁ ଠାକୁରଙ୍କ ରାଣ, ତୁମେ ଏ'କଥା ଗୁରୁକାନରୁ ଛଅକାନ କରିବ ନାହିଁ...'' !

ସେଦିନ ସେତିକିରେ କଥା ଶେଷ ହେଲା । ଦେବା ଘରକୁ ଫେରି ଏ'କଥା ବାଜୁ ଆଗରେ କହିବା ମାତ୍ରେ, ସେ ରାଗରେ ଅଗ୍ନିଶର୍ମା ହୋଇ ଡାକି କହିଲା— ''ବାପା...'' ! ପ୍ରଚଣ୍ଡ କ୍ରୋଧରେ ତା' ଦେହଟାଯାକ ଜଳି ଉଠିଲା, ସେ ଆଉ ପଦେ ହେଲେ କିଛି ପାଟିରୁ ବାହାର କରି ପାରିଲା ନାହିଁ । କିନ୍ତୁ ତା' ରଙ୍ଗ-ଢଙ୍ଗରୁ ଜଣା ପଡ଼ୁଥିଲା—ସତେ ଯେପରି, ସେ ଏଇଲେ ଘରୁ ବାହାରି ଯାଇ କିଛି ଗୋଟାଏ ଅଘଟଣ ଘଟାଇ ଦେବ ! ପୁଅର ହାବଭାବ ଅନୁମାନ କରି ନେଇ, ତା' ପିଠି ଥାପୁଡ଼େଇ ଦେଇ କହିଲା ଦେବା—''ସହି ସମ୍ଭାଳି କାମ କଲେ, ସବୁ କାମ ହାସିଲ୍ କରିହେବ ପୁଅ ! କଥାରେ ଅଛି—'ବୁଝି ବିଚାରି କାମ କଲେ, ବିପଦ ନ ପଡ଼ଇ ଭଲେ'...।

ନଟିଆ ବଜାରରୁ ଫେରିଆସି ଗାଆଁରେ ଭୁତ ବାହାରିଥିବା ଘଟଣା ପ୍ରଘଟ କରିଦେବା ମାତ୍ରେ, ସମସ୍ତଙ୍କ ମଧ୍ୟରେ ତା' କାନକୁ କାନ ଚହଟି ଗଲା । ଉପରେ କେହି କିଛି ଖୋଲି ଖୋଲି ଭାବରେ ନ କହିଲେ ମଧ୍ୟ ମନ ଭିତରେ ସମସ୍ତଙ୍କର ଧାରଣା ହୋଇଗଲା—''ଏ'କାଣ୍ଡ ରାମା ଓ ମକରାଙ୍କ ଛଡ଼ା ଆଉ କାହାରି ହୋଇ ନ ପାରେ...! ଓକେଇତି କରି ନ ପାରିବାରୁ, ତାଙ୍କ ମନରେ ରାଜୁଆ—ଉପରେ ଦାଉ ସାଧିବାକୁ ଅକସ୍ ରହିଚି । ଏକେତ ସେ ... । ତେଣିକି

ରାମା ମକରା ଗତ ରାତି ବସି ତାଙ୍କ ଅସଫଳତା ସମ୍ବନ୍ଧରେ କେତେ କ'ଣ ଯୋଜନା କଲେ । ଶେଷକୁ ସେ ଦୁହେଁ ଏକାସାଙ୍ଗରେ କହି ଉଠିଲେ... "ନାଃ...କିଛି ଗୋଟାଏ ନକଲେ ଚଳିବ ନାହିଁ ! ଗାଆଁ ଦାଣ୍ଡରେ ମୁହଁ ଟେକି ଚାଲିବାକୁ ହେଲେ କିଛି ନା କିଛି ଆଖିଦୃଶିଆ କାମ କରିବାକୁ ପଡ଼ିବ..." !

—୦—

।। ତେଇଶି ।।

ଯୁଦ୍ଧର କଳୁଆ ଭୟ ଧୀରେ ଧୀରେ ମାଡ଼ି ଆସିଲା । ସହର ବଜାରର ଲୋକମାନେ ଖବର କାଗଜରୁ ଯୁଦ୍ଧର ଖବର ଶୁଣି ନାନାପ୍ରକାର ଆଲୋଚନା କରୁଥିଲେ ଏବଂ ଗାଆଁ ଗହଳର ଲୋକମାନେ ହାଟହାଟ, ମାଲିମାମଲା ଓ ଅନ୍ୟାନ୍ୟ କାମ ଧନ୍ଦାରେ ସହରକୁ ଯାଇ ଯୁଦ୍ଧ ଖବର ଶୁଣିଆସି, ଗାଆଁ ଲୋକଙ୍କ ପାଖରେ ଆହୁରି ଦି'ପଦ ବଢ଼େଇ ଚଢ଼େଇ କହୁଥିଲେ । ଗାଆଁର ଜଣେ ଦି'ଜଣ ଲୋକ କଲିକତାରୁ ଫେରି ଆସି ଯୁଦ୍ଧ ବିଭୀଷିକାର ବିକଟାଳ ଚିତ୍ର ଲୋକମାନଙ୍କ ଆଗରେ ବଖାଣିଦେଇ ସେମାନଙ୍କୁ ଭୟଭୀତ କରାଉଥିଲେ । ତା' ସହିତ ଗାଆଁ ଉପର ଦେଇ ଦିନବେଳେ ଖଣ୍ଡେ ଦି'ଖଣ୍ଡ ଉଡ଼ାଜାହାଜ ଉଡ଼ି-ଯାଇ ଲୋକମାନଙ୍କ ମନରେ କଳୁଆଭୟ ସୃଷ୍ଟି କରୁଥିଲା ।

ଯୁଦ୍ଧଭୟ ସାଥିକୁ ଜିନିଷପତ୍ରର ଆକାଶ ଛୁଆଁ ଦର ବଢ଼ିଯାଇ ଲୋକଙ୍କ ଆତଙ୍କର କାରଣ ହୋଇଥିଲା । ଲୋକମାନେ ସାରାଦିନ କାମଧନ୍ଦାରେ ମାତି ମନକୁ ବହଲେଇ ରଖିଥିଲେ ହେଁ, ସଞ୍ଜବେଳକୁ ଗାଆଁର ଭାଗବତଟୁଙ୍ଗୀ ବା ହରିହାଟ ମେଳି କମ୍ବା ସମ୍ପ୍ରାଘରେ ବସି ନାନାପ୍ରକାର ଆଲୋଚନା କରୁଥିଲେ । ସେହି ଆଲୋଚନା ମଧ୍ୟରେ ଧୀରେ ଧୀରେ ମାଡ଼ି ଆସୁଥିବା ଜାପାନୀ ଯୁଦ୍ଧ ଓ ହୁ...ହୁ...ହୋଇ ବଢ଼ି ଚାଲିଥିବା ବଜାରଦର ସମ୍ବନ୍ଧରେ ବେଶି ହୋ ହାଲ୍ଲା ହେଉଥିଲା । ଯେ ଯାହା ଶୁଣୁଥିଲେ, ତା'ଉପରେ ଟୀକା ଟିପ୍ପଣୀ କରି ଗପି ଯାଉଥିଲେ ଏବଂ ସେହି ଆଲୋଚନା ବେଳେ ଜଣେ ଜଣେ ବୁଢ଼ା ମୁରବିପଣିଆ ଦେଖେଇ କହୁଥିଲେ – "ଆରେ ବାବୁ, ଯାହା ବା' ଏଇଲେ କିଛି ମିଳୁଛି, ଆଉ ବରଷକୁ ଗୋଟିଏ ଟଙ୍କାରେ ଚାରିସେର ହୋଇଯିବ, ଲୁଗାପଟା, ଚିନି, ଲୁଣ କିଛି ମିଳିବ ନାହିଁ" ।

Digitized by srujanika@gmail.com

ମୁରବି ବୁଢ଼ାର କଥାରେ ବାଧାଦେଇ; ଯୁଦ୍ଧ ଭୟରେ କଲିକତାରୁ ସଦ୍ୟ ଫେରିଥିବା ଟୋକା ଜଣକ କହିଉଠିଲା—"ଜାପାନୀମାନେ ଯେଉଁ ବୋମ୍ବା ମାଡ଼ କରୁଚନ୍ତି, ସେଥିରେ ତ କଲିକତା ସହର ଅଧାଅଧି ଜଳି ପୋଡ଼ି ଗଲାଣି । ଆଉ କେଇଟା ଦିନ ମଧ୍ୟରେ ଆମ ଗାଆଁ ସାଫ୍..." ।

ଏ' ପ୍ରକାର ସମ୍ବାଦ ଶୁଣିବା ମାତ୍ରେ ଗାଆଁ ଲୋକମାନେ ସ୍ତମ୍ଭୀଭୂତ ହୋଇ ଯାଇଥିଲେ । ତା'ପରେ ଆରମ୍ଭ ହେଲା—ଗାଆଁର ହାଲ୍‌ଚାଲ । ଧାନ ଦର ହୁ ହୁ ବଢ଼ି ଚାଲିରୁ ଧାନଚୋରି ଆରମ୍ଭ ହୋଇଥିବାରୁ ଗୃହୀମାନେ ମୁଣ୍ଡରେ ହାତ ଦେଇ ବସିଲେ । ଚୋରମାନେ ଧାନ କାଆଁରୁ ନଡ଼ାଗୁଡ଼ିକ ମଳି ଧାନ ଚୋରି କରୁଥିବାରୁ, ଲୋକମାନେ ନିତାନ୍ତ ଆତଙ୍କିତ ହୋଇ ପଡ଼ିଲେ । ଏହି ଚୋରମାନଙ୍କ କବଳରୁ କିପରି ନିଜ ନିଜ କ୍ଷେତକୁ ରକ୍ଷା କରାଯିବ, ସେ ବିଷୟରେ ବିଭିନ୍ନ ଲୋକ ଭିନ୍ନ ଭିନ୍ନ ମତଦେଲେ । ଶେଷକୁ ଠିକ୍ ହେଲା—ଜ୍ୟୋତିପୁର ଗାଆଁର ଲୋକମାନଙ୍କ ପକ୍ଷରୁ ରାମା ଓ ମକରା ରାତିରେ ପହରା ଦେବେ ଏବଂ ସେ ଦୁ'ଜଣଙ୍କୁ ସାହାଯ୍ୟ କରିବ ଗାଆଁର ଚୌକିଦାର ରଣିଆ । ଅବଶ୍ୟ ଏ' ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯିବା ଲାଗି ରାମା ଓ ମକରା ରଣିଆ ଚୌକିଦାରକୁ ବେଶ୍ ଦୁ'ପଇସା ହାତଗୁଞ୍ଜା ଦେଇ ଆୟତ୍ତ କରିଥିଲେ । ଏ' ପ୍ରକାର ବ୍ୟବସ୍ଥା ବିରୁଦ୍ଧରେ ରାଜୁ ପ୍ରତିବାଦ କରିବାକୁ ହୁମ୍‌ହାମ୍ ହେଲା ବେଳକୁ, ଦେବା ତାକୁ ଇଶାରାରେ ଚୂପ୍ କରାଇ ଦେଇଥିଲା । ତେଣୁ ରାଜୁର ପ୍ରତିଦ୍ୱନ୍ଦ୍ୱିତାକୁ ରାମା ଓ ମକରା ବେଶ୍ ଜାଣି ପାରିଥିଲେ ।

ଧାନ ଅମଳ ସରିଯିବା ପରେ ରାମା ଓ ମକରା ତାଙ୍କର ଜଗିବା ବାବଦ୍ ମୂଲ ଗାଆଁ ମୁଖିଆଙ୍କ ବିଚାର ଅନୁସାରେ ପାଇବାର ସ୍ଥିର ହେଲା ।

ଏ' ପ୍ରକାର ବ୍ୟବସ୍ଥା କରାଯିବା ଲାଗି ରାମା ଓ ମକରା ଗୋଟିଏ ସୁଚିନ୍ତିତ ଯୋଜନା କରିଥିଲେ । ତାଙ୍କର ଧାରଣା ଥିଲା—ଏ'ବର୍ଷ ଦେବା ଭୂୟାଁ ଜମିରେ ଧାନ ଭଲ ହୋଇଛି । ସେ ହରିରାମ ମାହାଜନ ଠାରୁ ଋଣ ନେଇ ତା' ଜମିକୁ ଦୁରସ୍ତକରି ଦେଇଥିବାରୁ, ତାକୁ ସବୁମନେ ହଇରାଣ କରିବାକୁ ହେବ ବୋଲି ସେ ଦିହେଁ ମସୁଧା କରିଥିଲେ । ସେ ଦିହେଁ ଆହୁରି ଜାଣିଥିଲେ ଯେ, ଏ' ପ୍ରକାର ବ୍ୟବସ୍ଥାରେ ଦେବା ଓ ରାଜୁ କୌଣସିମତେ ରାଜି ହେବେ ନାହିଁ । ଯଦିବା ଗାଆଁ ଲୋକଙ୍କ କଥାରେ ରାଜିହୋଇ ଯାଆନ୍ତି, ତଥାପି ସେ ବାପପୁଅ ଦିହେଁ ନିଜ କ୍ଷେତ ଜଗିବା ଲାଗି ରାତିରେ ନିଶ୍ଚୟ ବିଲମାଳକୁ ଯିବେ । ତାଙ୍କ ଜମି ଗାଆଁ ମୁଣ୍ଡଠାରୁ

Digitized by srujanika@gmail.com

ଟିକଏ ଦୂରଆ ହୋଇଥିବାରୁ, ବେଳକାଳ ଦେଖି ବାପ ପୁଅଙ୍କୁ ଆକ୍ରମଣ କରି ଗତ ଦୁଇଟି ଘଟଣାର ପ୍ରତିଶୋଧ ନେଇ ହେବ । ଏଥିପାଇଁ ରାମା ଓ ମକରା ଦୁହେଁ ଗାଆଁବାଲାଙ୍କ ଧାନ ଜମିରୁ ପ୍ରଥମେ ଶ୍ଳୋଟ ଶ୍ଳୋଟ ଶ୍ଳେଷ ଆରମ୍ଭ କରିବା ସଙ୍ଗେ ସଙ୍ଗେ ପହରା ବ୍ୟବସ୍ଥା ନିଜ ହାତକୁ ନେବା ପାଇଁ, ଚୌକିଦାର ଓ ଗାଆଁର କେତେଜଣ ଟୋକାଟାକଳିଆ ଲୋକଙ୍କୁ ଫୁସୁଲାଫୁସୁଲି କରି ହାତ କରିଥିଲେ ।

କାର୍ତ୍ତିକମାସ ଶେଷ ସୁଦ୍ଧା ଗାଆଁ ପାଖ ଆଶୁ ଧାନ କଆଁଶର କଟାକଟି ଶେଷ ହୋଇଗଲା । ମଗୁଶିର ମାସ ଆରମ୍ଭରୁ କୃଷୀଧାନେ ଗରୁଧାନ କଆଁଶରେ ବାଉଁଶ ଦେବା ଆରମ୍ଭ କରିଦେଇ କଟାକଟି ଆରମ୍ଭ କରିଥିଲେ । ଧୀରେ ଧୀରେ ଧାନକଟା ଏତେ ଜୋର୍‌ରେ ଆରମ୍ଭ ହୋଇଗଲା ଯେ, କାହାରିକୁ ସମୟ ଅଣ୍ଟିଲା ନାହିଁ । ସମସ୍ତେ କାଳୀଅନ୍ଧାରୁ ବାହାରି ଯାଇ ପୁଣି ମୂଳଆଉଠା ବେଳକୁ ଗଣ୍ଡେ ଖାଇବା ଲାଗି ଘରକୁ ଆସୁଥିଲେ । ଘଡ଼ିକ ମଧ୍ୟରେ ଘିଅ ଦି'ଗୁଣ୍ଡା ଆଖିରେ କାନରେ ପୂରାଇଦେଇ ପାଞ୍ଚ ଦଶଟା ନିଃଶ୍ୱାସ ମାରିବା ପରେ ପୁଣି ଦାଆ, ବାଉଙ୍ଗି ଧରି ବିଲକୁ ଯିବାଲାଗି ତିଆର ହୋଇ ଯାଉଥିଲେ । କେହି କେହି ବିଲକୁ ଖାଇବା ମଗାଇ ନେଇ ସେଇଠି ଖାଇଦେଇ ପୁଣି କାମରେ ଲାଗି ପଡ଼ୁଥିଲେ ।

ଦେବା ଭୂୟାଁ । ଗାଆଁ ତଳ ବିଲରୁ ଆଶୁ ଧାନତକ କଟାକଟି ସାରି ନଈ-ତଳିଆ ଗହୀର ବିଲରେ ବାଉଁଶ ଦେଇଦେଲା । କଆଁଶର କଞ୍ଚାନଡ଼ାକୁ ଆଗଭୁରା କାଟିଲେ ବେଶୀଦିନ ଶୁଖିବାକୁ ଛାଡ଼ିଦେବା ଲାଗି ସେ ରାଜି ନହୋଇ କିଛିଦିନ ସବାର୍ କରିଗଲା । କିନ୍ତୁ ଦିନେ ରାଜୁ ବାପାକୁ କହିଲା—"ବାପା, ତୁମେ ତ ସେଦିନ ମୋତେ ଆଖି ଦେଖେଇ ବାରଣ କରିଦେଲ କିଛି କହିବା ଲାଗି, ଏବେ ତ ଆମେ ଆମ ଜମିକୁ ରାତିରେ ଦେଖାରଖା କରୁଥାଇଁ । ସେ ଉଠାଗଣ୍ଡି ଆଟା ତ ରାମାଘରେ ମଦ ପିଇ ପଡ଼ିରହୁଛି । ରଣିଆ ଚୌକିଦାରକୁ ସେ ଦିହେଁ ହାତମୁଠାରେ ରଖିଛନ୍ତି । ଧାନକଟା ସରିଲେ କ'ଣ ମୁଖିଆଙ୍କ କଥା ମୁତାବକ ଆମେ ସେ ଦିହିଙ୍କି ଜଗିବା ମୂଲ ବାବଦକୁ ଧାନ ଦେବା" ?

"ନଦେଲେ କଥାଟା ଖରାପ ହବରେ ପୁଅ..." କହିଲା ଦେବା— "ଗାଁ'ବାଲା ସମସ୍ତେ ଯଦି ଦେବେ, ଆମେ ଅଦଉତି କାଡ଼ିଲେ କଥାଟା ବେବାଗିଆ ହବନି..." ?

Digitized by srujanika@gmail.com

‘‘ବାଗିଆ ହଉ କି ବେବାଗିଆ ହଉ, ସାରାରାତି ଟେଙ୍କେଇ ଟାଣି ମଦପିଇ ଘିଁ···ଆଁ···ହେଇ ଘରେ ପଡ଼ି ରହୁଥିବା ଲୋକ ଦି’ଟାକୁ ଆମେ କାହିଁକି ଧାନ ଦେବା’’ ?

‘‘ନାଁ’ରେ ପୁଅ, କାଲି ବଣିଆ ପରା କହୁଥିଲା— ରାତି ଅଧରେ ରାମା ମକରା ଯାଇ ବିଲଆଡ଼େ ଘେରାଏ ମାରି ଆସୁଚନ୍ତି । ଯେତେହେଲେ, ପାଞ୍ଚ-ଜଣଙ୍କ ଆଗରେ କଥାଟା ଯେତେବେଳେ ଉଠୁଚି, ଆମେ ଗୋଟେ ଅଡ଼ୁଆରେ ଅସନଟିଆ ପଡ଼ିଗଲେ ପାଞ୍ଚଲୋକ ଆମକୁ ଛିଃ···ଛିକରି କରିବେ···’’ ।

ରାଜୁ ବାପାର ଯୁକ୍ତି ଆଗରେ ଆଉ ମୁହଁ ଖୋଲି ପ୍ରତିବାଦ କରିନଥିଲେ ହେଁ, ଚମ୍ପସାପ ଭଳି ଭିତରେ ଭିତରେ ଗର୍ଜି ଘୁମୁରି ରହିଗଲା । ସେ କିଛି ସମୟ ପରେ ଉଠିପଡ଼ି, ହରିରାମ ମହାଜନଙ୍କ ଠାରୁ ପାଇଥିବା ‘ଗୁପ୍ତି’ ବାଡ଼ିଟି ଧରି ତାଙ୍କ ନଈକୂଳ ଜମି ଦେଖି ଆସିବା ଲାଗି ବାହାରି ପଡ଼ି କହିଲା—‘‘ମୁଁ ତା’ ହେଲେ ଯାଉଚି—ଆମ ଦେଉଡ଼ମାଣିଆ ଚକଆଡ଼େ ବୁଲିଆସେ··· । ଯଦି ସୁବିଧା ଦେଖିବି, କାଲିଠୁଁ କଣ୍ଟାନାଡ଼ିଆ ଦେଖି ଆସେ ସେ ଚକଟା କାଟିଦେଲେ ଭଲ । ଏଥର ସେ ଚକରେ ଦି’ପୋଷ ଧାନ ଭଲ ହୋଇଚି । ଯାଉଣ୍ଡି ଆସୁଣ୍ଡି ସମସ୍ତଙ୍କ ନଜରରେ ସେଇ ଚକ ଉପରେ···’’ ।

‘‘ହଉ ଯାଃ···ହେଲେ ସେ କଇଥଗଛ ଜମିଟାକୁ ବି ଚାହିଁଦେଇ ଆସିବୁ...।’’

ବାପାର କଥାରେ ମୁଣ୍ଡଟୁଙ୍ଗାରି ଦେଇ ରାଜୁ ଆଗେଇ ଗଲା ବିଲମାଳକୁ । ବାଟରେ ସେ ଯାଉଥିବା ବେଳେ ହଠାତ୍ ତା’ର କଳ୍ପନା ପଟରେ ଭାସି ଉଠିଲା —ରାଧାର ଉଜଳ ଡାଉଳ ଚେହେରା । ଧନକଟା ସମୟରେ ରାଧାର ଧାଁ, ଦଉଡ଼, ଟେଣା ଝିଙ୍କା, ଆଖି ମିଟିକା, ମୁହଁ ମୋଡ଼ା ଗୋଟି ଗୋଟି ହୋଇ । ରାଜୁ ସେସବୁ ଦୃଶ୍ୟ ଗୁଡ଼ିକୁ ମନେ ମନେ ଭାବି ଭାବି ଅନ୍ୟମନସ୍କ ଭାବରେ ଯାଇ ତାଙ୍କ ଦେଉଡ଼ମାଣିଆ ଚକ ପାଖରେ ପହଞ୍ଚିଗଲା । ସେଇଠି ସେ କଇଥ ଗଛ ମୂଳରେ କିଛି ସମୟ ବସି ପଡ଼ି ଭାବିଲା—‘ଆଜି ରାଧା ଥିଲେ, ହୁଏତ ସେଇମିତି ହସି, ଖେଳି, ନାଚି, କୁଦି, ଦିନ ବିତେଇ ଦେଉଥା’ନ୍ତା; ଆଉ ମୁଁ ତା’ର ରୂପ ମାଧୁରୀରେ ମୁଗ୍ଧ ହୋଇ, ଯେତେ କଠିନ କାମ ପଡ଼ିଲେ ବି ତାକୁ ସହଜରେ ମୁଣ୍ଡେଇ ନେଉଥା’ନ୍ତା । କିନ୍ତୁ···’ ।

Digitized by srujanika@gmail.com

ହଠାତ୍ ଗଜୁର ନଜର ପଡ଼ିଗଲା—ଦେଢ଼ ମାଣିଆ ଚକର ଗୋଟିଏ କିଆରୀର କୋଣ ଉପରେ । ତା' ମନରୁ ଗଧାର ଭାବନା କୁଆଡ଼େ ଉଭେଇଗଲା । କିଆରୀର ଗୋଟିଏ କୋଣରୁ ପାଚିଲା ଧାନକେଣ୍ଡା ଗୁଡ଼ିକ ଅଟେଇ ଅଟେଇ କାଟି ନିଆଯାଇଥିବାର ଦୃଶ୍ୟ ଦେଖି, ଗଜୁର ମୁଣ୍ଡ ଗରମ ହୋଇଗଲା । ସେ ଗୁପ୍ତିଟିକୁ ଧରି କିଆରୀ କୋଣପାଖକୁ ବିଜୁଳି ବେଗରେ ଛୁଟିଯାଇ ଦେଖିଲା—କେବଳ ଗୋଟିଏ କିଆରୀରୁ ନୁହେଁ, ତିନୋଟି କିଆରୀର କୋଣରୁ ଧାନକେଣ୍ଡା ଗୁଡ଼ିକ କାଟି ନିଆ ଯାଇଛି ।

ଗଜୁ ବୁଲି ବୁଲି ସବୁ କିଆରୀର କୋଣକୁ ଲକ୍ଷ୍ୟ କରି ଦେଖିଲା, କିଆରି ଭିତର ଓଦା ମାଟି ଉପରେ ବଡ଼ ବଡ଼ ପାହୁଲ ପଡ଼ିଛି । ତା' ମୁଣ୍ଡରେ ଖେଳି-ଗଲା—'ଏ' କାମ ନିଶ୍ଚୟ ସେଇ ରମା ଓ ମକରାର । ଆମ କିଆରୀରେ ଭଲ ଧାନ ହୋଇଥିବାରୁ ଏ' ଶଳାଙ୍କର ସହ ସହିଲା ନାହିଁ । ଶଳେ···ଜଗିବା ନାଆଁରେ ଗ୍ରାସ କରିବେ···! ତା'ପରେ, ଧାନକଟା ହେଲେ ଜଗିବା ବାବଦ୍ ମଜୁରି ନେବେ···" !

ରାଗରେ ପାଚି ଲାଲ ହୋଇ ଯାଇ ଗଜୁ ଫେରିଲା ଘରକୁ । ଦେବା ତା'ର ଚେହେରା ଦେଖି ମନେ ମନେ ଡରି ଯାଇ ତା' ପାଖକୁ ଆସି ଧୀରେ ପଚାରିଲା—"କିରେ ପୁଅ ! ବିଲ ଦେଖିବାକୁ ଯାଇଥିଲୁ ପରା··? ସେଆଡୁ ତମ ତମ ହୋଇ ଆସୁଛୁ କାହିଁକି ? କ'ଣ ହୋଇଚି...କହୁନୁ···" ।

ବୁଢ଼ା କଥା ଶୁଣି ବୁଢ଼ୀ କାମ ଛାଡ଼ି ଦେଇ ସେଠାକୁ ଆସିଗଲା । ସେ ଗଜୁର ତମତମା ଚେହେରା ଦେଖି ତା' ପିଠି ଆଉଁସି ଦେଇ କହିଲା—"ବାପା, କ'ଣ ହେଲା କହୁନୁ ! ତୋ' ଚେହେରାରୁ ଜଣା ଯାଉଚି— ତୁ କାହାର ସହିତ ଝଗଡ଼ାଝାଟି କରି ଆସିଚୁ !!

ଗଜୁ ବାପା ମାଆଙ୍କ କଥାରେ ଟିକିଏ ଆଶ୍ୱସ୍ତ ହୋଇ କହିଲା—"କହିବି ଆଉ କ'ଣ ? ନିଆଁ ନା ପାଉଁଶ ? ଆମ ଦେଢ଼ ମାଣିଆ ଚକରୁ; ଗତିଅଧିଆ ସେ ଶଳେ ଅଟେଇ ଅଟେଇ ଧାନ କାଟି ନେଇଚନ୍ତି । ଆଜି ଯେମିତି ହେଉ, ମୁଁ ଯଦି ସେ ହାରାମଜାଦା ମକରାକୁ ପାନେ ନ ଦେଇଚି, ମୋ' ନାଆଁ ଗଜୁଆ ନୁହେଁ ! ଶଳା···ଆମକୁ ମାଇଓଁଳିଆ କରି ପାଇଲେଣି ! କିଛି ନ କହିଲାକୁ, ସେ ଶଳାର ବହୁତ ବଢ଼ି ଯାଇଚି । ଆଜି ତା'ର ହାଡକୁ ମୋର ହାଡେ" !

Digitized by srujanika@gmail.com

"ହଉ, ପାଟି କରନା ...! ତୋ'ର ତ ଏଇ ହୁଣ୍ଡାଳିଆ ପ୍ରକୃତି ଗଲାନି···
"କହିଲି ବୁଢ଼ା—" ଆରେ···ଯା' କହିବୁ, ଚୁପ୍ ରହି କରିବୁ ନା, ନାଗରା ବଜେଇ କରିବୁ ? କଥାଟା କାନକୁ ପାଞ୍ଚକାନ ହୋଇଗଲେ, ଶତ୍ରୁ ହସିଆର ହୋଇ ଯିବ, ବୁଝିଲୁ···! ଯା' ତୋ' ମନରେ ଅଛି···ହାଉଳେ ହାଉଳେ କର" !

ବୁଢ଼ୀ ରଜାକୁ ଆହୁରି ଟିକିଏ ତେଜେଇ ଦେଇ କହିଲା—"ସେଇ ଅଳପେଇଷ ପାଇଁ ମୋ' ସୁନାନାଙ୍କୀ ବହୁଟି ଏ'ଘର ଗୁଡ଼ିଲା । ବାପ ପୁଅ ଦୁହେଁ ଅଛ, ତାକୁ ଅକଲସଲାମୀ ନ ଶିଖେଇଲେ, ତା' ମୁହଁ ବଢ଼ି ଯାଉଚି । ବାଡ଼ପଣା ଭେଦାବାଡ଼ିଆ···ମ···ଭାତହାଣ୍ଡି ଉପରେ ପାହାର ଦଉଚି···" !

"ଆଉ···ଚୁପ୍ କର···" ! କହିଲା ହେବା—" କଥାଟାକୁ ଯେତେ ହଲାଇବୁ, ସେତେ ପରଘଟ ହବ ! ସହି ସମାଳି ସବୁ କାମ କରାଯାଏ···! ଉଛନ୍ନ ହେଲେ, ହବା କାମ ବି ହାତରୁ ଖସିଯାଏ···ବୁଝିଲୁ···" !!

ବୁଢ଼ାର କଥାରେ ରଜୁ ଟିକିଏ ଆଶ୍ୱସ୍ତ ହେଲା ପରି ଜଣାଗଲା । ତା' ରାଗ ଥମିଯିବାର ଦେଖି କହିଲା—"ପୁଅ···, ତୁ ଯାଃ···ଗାଧୋଇ ଆସି ଖାଇଦେ···! ଆଜ ଯେମିତି ହେଉ, ଏ'କଥାର ଗୋଟେ କିଛି ଫଇସଲା ହୋଇଯିବ । ହଯେତ୍ ଏ'ପାର ନଇଲେ ସେପାର···! ମଣିଷ ଜନମ ହୋଇଚି, ଦିନେ ମରିବ···! ଏ' ଉଠାଗଣ୍ଠିଆ ଠାଇଁଆଟାକୁ ଡରି ମରି ବଞ୍ଚିବା ଅପେକ୍ଷା ମରିବା ଭଲ···" ।

'ମନ୍ଦୁ ଖୋଜୁଥିଲା ଯା' ବଇଦ ବତେଇଲା ତା' । ବାପା ଓ ମାଆଙ୍କ ଆଦେଶରେ ରଜୁ ଦବି ଯାଇଥିଲା । ନଇଲେ ରାଧାକୁ ଛୁରୁଗୁଲେଇବା ଦିନରୁ, ସେ ମକରର ଝୁଙ୍କ ଛଡ଼େଇ ଦିଅନ୍ତାନି । ସେ ମନେ ମନେ କେତେ ପ୍ରକାର ଯୋଜନା କରି ନଈକୁ ଗାଧୋଇବାକୁ ଚାଲିଗଲା ।

—o—

॥ ଚବିଶି ॥

ସାରାଦିନ ରଜୁର ମନଟା ଛକ୍ ଛକ୍, ସେ ସ୍ଥିର ହୋଇ ବସି ପାରିଲା ନାହିଁ । ହରିରାମ ମାହାଜନଠାରୁ ପାଇଥିବା ଗୁପ୍ତିଟିକୁ ସେ ବାରମ୍ବାର ବାହାର କରି ତା'ର ଧାର ପରଖି ନେଉଥିଲା । ଯଦିଓ ସେ ପରି, ଆଗରୁ କେବେହେଲେ ଗୁପ୍ତିଟିକୁ ଦେଖି ନଥିଲା । ଗୁପ୍ତିଟିକୁ ଥୋଇ ଦେଇ, ପୁଣି ତା'ର ଲୁହା ଗୋବ-

Digitized by srujanika@gmail.com

ଥିବା ବାଡ଼ଟିକୁ ପୋଛିପୋଛି କରି ଥୋଇ ଦେଲା । ପୁଣି ବାଡ଼ଟିକୁ ଥୋଇଥିବା ଥାନରୁ ଉଠାଇ ଆଣି ଥରେ ତାକୁ ବୁଲାଇ ହାତର ଶକ୍ତି ପରୀକ୍ଷା କରିନେଲା ।

ରାଜୁର ଏଭଳି ଅବସ୍ଥା ଦେଖି ଆଖିରେ ଅଛପା ରହିଲା ନାହିଁ । ସେ ମଧ୍ୟ ରାଜୁ ପରି ଅସ୍ଥିର । କୌଣସି ମତେ ଦିନ ବିତିଯାଇ ରାତି ଆସିଗଲା । ବାପ ପୁଅ ଦୁହେଁ ସଞ୍ଜପହରୁ ଦି'ଟା ଜ' ଜଳଖିଆ ଖାଇ ଦେଇ ତିଆରି ହୋଇଗଲେ । ଦିହେଁଯାକ ଗୁପ୍ତି, ଭାଲ ଓ ଲୁହା ଗୋଳଥିବା ବାଡ଼ ଧରି ବାହାରି ପଡ଼ିଲେ ।

ସଞ୍ଜ ପହରୁ କନକନିଆ ଶୀତ, ଥଣ୍ଡାଳିଆ ପବନ ସୁ ସୁ ହୋଇ ବହୁଥାଏ । ମନେ ହେଉଥିଲା—ସତେ ଯେପରି, ବାପ-ପୁଅଙ୍କ ମନରେ ଜାଗି ଉଠିଥିବା ଉଷ୍ମତାକୁ ଶୀତଳ କରିବା ପାଇଁ ପ୍ରକୃତି ତା'ର ଡେଣା ମେଲାଇ ମାତି ଉଠିଛି । ବାହାରର କଲିଜାଥରା ଶୀତ ଓ ହେମାଳିଆ ପବନକୁ ଖାତିର ନ କରି ରାଜୁ ଓ ତା' ବାପା ବାଡ଼ପଟ ଦୁଆର ଦେଇ ରାତି ପହରକ ବେଳକୁ ବାହାରି ପଡ଼ିଲେ । କେହି କାଳେ ତାଙ୍କ ଗତିବିଧି ଜାଣିପାରିବ, ସେଥିପାଇଁ ଦିହେଁଯାକ ଦି'ଖଣ୍ଡ କଳା ଲୁଗା ଘୋଡ଼େଇ ହୋଇ ତା' ଭିତରେ କଳାନାଗୁଣୀ ପରି ଗୁପ୍ତି ଓ ଭାଲକୁ ଲୁଚାଇ ରଖିଥିଲେ । ଦିହେଁଯାକ ଘରୁ ବାହାରି ଯାଉଥିବା ବେଳେ ବୁଢ଼ୀର ଡାହାଣ ଆଖିଟା ଡେଇଁ ଉଠିଲା । ସ୍ତ୍ରୀଲୋକମାନଙ୍କ ଡାହାଣ ଆଖି ଡେଇଁବା ଯଦିଓ ଅଶୁଭ ବୋଲି ବୁଢ଼ୀ ଜାଣିଥିଲା, ତଥାପି ତା' ମନରେ ତୀବ୍ର ପ୍ରତିଶୋଧର ଯେଉଁ ନିଆଁ ଜଳୁଥିଲା, ସେଥିପାଇଁ ସେ ବାପପୁଅ ଦିହିଙ୍କ ଚଲାବାଟରେ ବାଧା ଦେବାକୁ ଚାହିଁଲା ନାହିଁ । କେବଳ ସେ ହାତଯୋଡ଼ି ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଜୁହାରଟିଏ ହୋଇ ପୁଅ ଗେରସ୍ତଙ୍କ ଶୁଭ ମନାସିଲା ।

ବାପ ପୁଅ ଦୁହେଁ ବାଡ଼ପଟ ଦୁଆରୁ ବାହାରି ବାଉଁଶ ବଣ ଭିତରେ ପଶି, ଦେହଲୁଚା ଦେଇ ଆଗେଇ ଗଲେ । ବଣ ବୁଦାର ଲହୁଲୁହାଣିଙ୍କ ପ୍ରତି ତାଙ୍କ ମନରେ ଟିକିଏ ହେଲେ ଦୟା ପଶିଲା ନାହିଁ । ସତେ ଅବା, ତାଙ୍କ ମନର ଦୃଢ଼ତା ଦେଖି କେହି ବାଧା ଦେବା ଲାଗି ସାହସ କଲେ ନାହିଁ ।

ସମସ୍ତେ ଜାଣନ୍ତି—ଭୂୟାଁ । ଜାତିଟା ଖୁବ୍ ଜିଦ୍‌ଖୋର୍ ! ଯାହା ବୁଝିଥିବେ ସେଇଆ । ନିଜ କୁଳର ମାନ ମହତ ନଗିବା ଲାଗି ସେମାନେ କଥା କଥାକେ ଖୁନ୍ ଖରାବ କରିବାକୁ ଡରିଲେହେଲେ ଆଗପଛ ବିଚାରି ନାହିଁ । ପଛକେ ପୁଅ ମାଇପଙ୍କର କ'ଣ ହେବ, ସେମାନଙ୍କର ଆଦୌ ଭାବନା ନଥାଏ । କେବଳ ଗୋଟିଏ ଖିଆଲ—ଶତ୍ରୁର ସଂହାର କରିବା ।

Digitized by srujanika@gmail.com

ଦେବା ଅବଶ୍ୟ ତା' ଜୁଆନ୍‌ବେଳେ ଗଉଡ଼ ସାହିର ମୁଖିଆଙ୍କୁ ଦିନ ଦି' ପହରେ, ସମସ୍ତଙ୍କ ଆଖି ଆଗରେ ଦି'ଗଡ଼ କରି ଦେଇ ପ୍ରମାଣ ଅଭାବରୁ ଖଲାସ ହୋଇ ଯାଇଥିଲା । କିନ୍ତୁ ଏବେ ବୟସ ଖସିଯାଇ ତା'ମନଟାକୁ ନିଦ୍‌ଲିଆ କରି-ଦେଇଛି । ତା'ପରେ ପୁଣି ଡକେଇତଙ୍କ ହାବୁଡ଼ରେ ପଡ଼ି ପୋଷଣୀହାଗୀ ପୁଅ ହାଣ ମୁହଁରୁ ମରୁ ମରୁ ବଞ୍ଚିଛି । କିଛା ଘା'ରେ ଚୂନ ବୋଳିଲା ପରି ଲକ୍ଷ୍ମୀ-ଠାକୁରାଣୀ ପରି ବହୂ ବେଳକାଳ, ଭଲମନ୍ଦ, ଗୁରୁ ଗୁରୁଜନ କିଛି ନ ମାନି ବାପ ଘରେ ଯାଇ ବସିଲା । ଅବଶ୍ୟ ଦେବା ବହୂର ହେମଶୂଳିଆ କାମ ଲାଗି ଆଉ ଦୋଷ ଦେଉନାହିଁ । ବରଂ ସେ ରାଜୁକୁ ବୁଝାଇ କହୁଥିଲା—"ଆମେ ସିନା ବହୂକୁ ଦୋଷ ଦେଲେ, ପ୍ରକୃତରେ କ'ଣ ତା'ର ଦୋଷ କି ? ତା' ମାନମହତକୁ ଟେକ ରଖିବା ଲାଗି ସେ ରୁହିଁଥିଲା । ସେତିକ ଆମେ କରିପାରିଲେନି । ଘରର ବହୂଟିଏ ହେଇ ଯଦି ତା'ର ମାନ ମହତ ନ ରହିଲା; ତେବେ ସେ ଅଭିମାନ କଲା କ୍ଷତି କ'ଣ ? ଦେଖିଲୁତ, ଯେଉଁ ବହୂ ଅଭିମାନ କରି ଚାଲି ଯାଇଥିଲା, ସେ ପୁଣି ତୋ' ବେମାରି ଖବର ଶୁଣି କେମିତି ବାଘୁଣୀଙ୍କ ପରି ଧାଇଁ ଆସିଲା···! ବହୂ ପରି ବହୂଟିଏ ସେ···। ସେଦିନ ଡାକ୍ତରଖାନା ପାଖରେ ସେ ଯେଉଁ ଜବାବ୍ ଦେଲା, ମୋର ତ ତା'କଥା ଶୁଣି ତୁଣ୍ଡ ଖୋଲିଲା ନାହିଁ । ମୁଁ ସାହାସ କରି ତାକୁ ଆଉ ଥରେ ଡାକ ପାରିଲି ନାହିଁ···' !

ବୁଢ଼ାର କଥା ଶୁଣି ରାଜୁ ମନେ ମନେ ଜଳୁସି ଉଠୁଥିଲା । କାରଣ ରାଧାକୁ ସେ ଭଲ ପାଉଥିବାରୁ, ଯେଉଁ ବାପା ମାଆ ଦିନେ 'ମାଇଚିଆ' ମାଇପବୋଲକରା ବୋଲି ଉଲୁଗୁଣା ଦେଇ କେଳେଇ କୁଟେଇ ପକାଉଥିଲେ, ତାଙ୍କଣ ମୁହଁରେ ଆଜି ପରଶଂସା ! ପର ମୁହୂର୍ତ୍ତରେ ମକରର ଚେହେରାଟା ତା' ଆଖି ଆଗରେ ଭାସି ଉଠେ । ସେ ଦାନ୍ତରେ ଓଠ କାମୁଡ଼ି, ହାତ ମୁଠା ମୁଠା କରି ମନକୁ ମନ କହିହୁଏ—"ଏଇ ଶଳା ପାଇଁ ମୋ' ରାଧା ଯାଇ ବାପ ଘରେ ବସିଛି···! ସା'କୁ ଖତମ୍ ନକଲେ ମୋ' ମନର ଅବଶୋଷ ମେଣ୍ଟିବ ନାହିଁ । କମ୍ ସେ କମ୍ ତା' ଆଣ୍ଠୁ ଗଣ୍ଠି ଭାଙ୍ଗି ତାକୁ ଘରେ ଶୁଆଇ ନ ଦେଲେ ମୋ' ମନ ବୋଧ ହେବ ନାହିଁ··"।

ମକରକୁ ଆଜି ଉଚିତ ପାଠ ପଢ଼େଇବା ଲାଗି ରାଜୁ ତା' ବାପା କଟିକଟା ଅନ୍ଧାର ରାତିରେ ବାଉଁଶ ବଣ ଭିତରେ ପଶି ଆଗେଇ ଚାଲିଛନ୍ତି ।

Digitized by srujanika@gmail.com

ବାଉଁଶ ବଣ ପାର ହୋଇ ବାପପୁଅ ଦୁହେଁ ବିଲମାନ ଭିତରେ ପଶିଲେ । ଗାଆଁ ପାଖ ଜମିରୁ ଆଶୁ ଧାନ କଟା ସରି ଥିବାରୁ କିଛି ବାଟ ପର୍ଯ୍ୟନ୍ତ ବିଲଗୁଡ଼ାକ ଖାଁ ଖାଁ ଗୋଡ଼ାଉଥିଲା । କାଳେ କିଏ ବାହାରକୁ ବାହାରିଥିବ, ସେଇ ଡରେ ଦୁହେଁଯାକ ଗୁଡ଼ୁଣ୍ଡେ ଗୁଡ଼ୁଣ୍ଡେ ପାହୁଲ ପକାଇ ଆଗେଇ ଗଲେ । କିଛି ଦୂର ଯିବାପରେ ଦୁହେଁ ଅନ୍ଧାର ଭିତରେ କୁଆଡ଼େ ଉଭେଇ ଗଲେ ।

ବାପ ପୁଅ ଦୁହେଁ ତାଙ୍କ ଦେଢ଼ମାଣିଆ ଚକ ପାଖରେ ପହଞ୍ଚି ଯାଇଁ ବିଲ ମୁଣ୍ଡରେ ଥିବା ଝଙ୍କାଳିଆ କଇଁଥଗଛ ମୂଳରେ ବସି ପଡ଼ିଲେ । ମଗୁଶିର ମାସ, ଜାଗୁଲୁ ଜୁଗୁଲୁ ଅନ୍ଧାର, ସୁଲୁସୁଲିଆ ହେମାଳିଆ ବାଆ, ଚାରିଆଡ଼ ଶୁନ୍‌ଶାନ୍ ! ଘଡ଼ିଏ କାଳ ନୀରବରେ ବସିବା ପରେ, ପାଖକୁ ଘୁଞ୍ଚିଆସି ଫୁସ୍‌ଫାସ୍ ହୋଇ କହିଲା ରଜୁ—"ବାପା, ସେ ଶଳେ ଏବେ କେବେହେଲେ ଆସିବେ ନାହିଁ । ଆମକୁ ଅଧରାତି ଯାଏଁ ଏଇଠି ବସି ରହିବାକୁ ପଡ଼ିବ" !

"ହୁଁ..." କହିଲା ହେବା—"ଅଜି ଘଡ଼ିମାରି ଆଠଘଡ଼ି ପରେ ଜହ୍ନ ଆସିବ, ତା'ପରେ ସେ ଆସିବେ । ମକର ଏକୁଟିଆ କେବେହେଲେ ଆସିବ ନାହିଁ । ତା' ସାଙ୍ଗରେ ସେଇ ରାମା ଗଉଡ଼ ବି ଥିବ... ! ଦୁହେଁଯାକ ଘାର ପାଜି...ହୁସିଆର୍ ହବାକୁ ପଡ଼ିବ...ନଇଲେ...ନେଣକୁ ଦେଣ୍ ପଡ଼ିଯିବ ସେ" ?

"ସେ ଲାଗି ପରୁଆ କରନି ବାପା ! ତୁମେ ଏଇଠି ବସିଥ, ମୁଁ ଗଛ ଉପରକୁ ଉଠି ଯେଉଁ ଡାଳଟା କିଆରୀ ଆଡ଼କୁ ଓହଳି ପଡ଼ିଛି, ସେଇ ଡାଳରେ ବସିଥିବ ! ସେ ଆସିବାମାତ୍ରେ ନିଶ୍ଚେ ଏଇ କିଆରୀ କଣରୁ ଆଜ ଧାନ ଛୁଆଁଗାକ ଅଗେଇ ଅଗେଇ କାଟିବ । କାରଣ ଏ' କିଆରୀର ଧାନ ଯା' ହୋଇଛି ନା, ତାକୁ ଛାଡ଼ି ଅନ୍ୟ ଆଡ଼କୁ ସେ ଯିବନି..." ।

"ଆଚ୍ଛା...ପୁଅ... ! ସେ ଯଦି ଆଜି ଆମ ଏ' କିଆରୀକୁ ନ ଆସିଲା... ତେବେ...." ?

"ଆମ କିଆରୀକୁ ସେ ନିଶ୍ଚେ ଆସିବ ! ଆମକୁ ହଇରାଣ ହରକତ କରିବା ଲାଗି, ସେ ଦି'ଜଣ ଅଡଉଡ଼ି ଲଗେଇଚନ୍ତି... । ଆଉ କାହାରି କିଆରୀରୁ ତ ଛୁଆଁଏ ହେଲେ ଧାନ ନେଇ ନାହାନ୍ତି... । ଆମରି ଉପରେ ଦାଉ ସାଧିବାକୁ ବସିଚନ୍ତି । କାଲି କି ପରଦିନ ପାଖ କିଆରୀରୁ ଅଗେଇ ଅଗେଇ କାଟି ନେଇଚନ୍ତି, ଆଜି ନ ଆସିବେ କେମିତି ? ସେ ଜାଣିଚନ୍ତି ଯେ, ଏଇ ଦିନେ ଦି'ଦିନ ଭିତରେ ଆମେ ଧାନ କାଟିନେବା..." ।

Digitized by srujanika@gmail.com

"ଏଇଲେ ଘଡ଼ିଏ ଚୁପ୍‌ଚାପ୍ ବସି ଅପେକ୍ଷା କରିବା, ତା'ପରେ ତୁ ପଛକେ ଗଛକୁ ଚଢ଼ିଯିବୁ··· ! ଆଚ୍ଛା···ତୁ ଗଛକୁ ନଚଢ଼ି ଏଇଠି ମୋ' ପାଖରେ ରହିଲେ କ୍ଷତି କ'ଣ" ?

ରଜୁ ତା' ଯୋଜନା ବିଷୟରେ ବାପାକୁ ଭଲଭାବରେ ଫୁସ୍ ଫୁସ୍ ହୋଇ ବୁଝାଇ ଦେଲା । ବୁଢ଼ା ରଜୁର କଥାଶୁଣି ମନେ ମନେ ଖୁସିହୋଇ କହିଲା— "ଯାହା କର ପୁଅ, ଆଗ ନିଜକୁ ରକ୍ଷା କରିବୁ··· ! ସେ ହିଦେଁ କମ୍ ଦାଉଁଆ ନୁହନ୍ତି..." ?

ବାପ ପୁଅ ହିହିଙ୍କ ଫୁସୁର୍ ଫାସର୍ ମଧ୍ୟରେ ଅନେକ ସମୟ ବିତିଗଲା । ଏହି ସମୟରେ ଘୁରିଆଡ଼ ଫରଚ୍ଚ ହୋଇ ଆସିଲା । ଦେବା ରଜୁକାନରେ ଫିସ୍ ଫିସ୍ ହୋଇ କହିଲା—"ପୁଅରେ, ଜହ୍ନ ଘଡ଼ିମାରି ଆସିଲାଣି । ଯାଃ···ଏଥର ତୁ ତୋ' କାମ କର··· । ଦେଖ୍···ସାବଧାନ ହୋଇ ସବୁକାମ କରିବୁ !

ରଜୁ ବାପାର ଚେତାବନୀ ଶୁଣି ଗୁପ୍ତିଟିକୁ ଧରି କଇଥଗଛ ଉପରକୁ ଚଢ଼ିଯାଇ, ନୁଆଁଣିଆ ଡାଳଟିରେ ଚୁପ୍‌ଚାପ୍ ବସି ରହିଲା । ଦେବା କଇଥଗଛ ଉହାଡ଼ରେ ନିଜକୁ ଛପେଇ ନେଇ ହାତରେ ଭାଲି ଓ ଗୋବିନ୍ଦିଆ ବାଡ଼ିଟିକୁ ମଜବୁତ୍ କରି ଧରି ଶତ୍ରୁକୁ ଅପେକ୍ଷା କରି ରହିଲା । ସେ ଖାଲି ମନେ ମନେ ଭାବୁଥିଲା—'ଯଦି ମକରା କି ରାମା କେହି ଜଣେହେଲେ ନ ଆସନ୍ତି, ତେବେ ଆମର ଏ' ରାତି ଅନିଦ୍ରା ହେବା ବୃଥା ହେଇଯିବ···" ।

ଘଡ଼ିଏ ସମୟ ବିତିଛି କି ନାହିଁ, ଦୂରରୁ ଫୁଟୁର୍ ଫାଟର୍ ହୋଇ କିଏ ହି'ଜଣ ଆସୁଥିବାର ଦେଖାଗଲା । କଇଥଗଛ ଉହାଡ଼ରେ ଥାଇ ଦେବା ପରିଷ୍କାର ଭାବରେ ଦେଖି ପାରିଲା, ଦୂରରୁ ଦୁଇଟି ଛାୟା ତାଙ୍କରି ବିଲ ଆଡ଼କୁ ଆଗେଇ ଆସୁଛି । ଗଛ ଡାଳର ପତ୍ର ଆଢ଼େଇ ଦେଇ ରଜୁ ଜହ୍ନ ଆଲୁଅରେ ଭଲଭାବରେ ଲକ୍ଷ୍ୟ କରି ଦେଖିଲା—କିଏ ହି'ଜଣ ଫୁଟୁର୍ ଫାଟର ହୋଇ ତାଙ୍କରି କିଆରି ଆଡ଼କୁ ଆଗେଇ ଆସୁଛନ୍ତି ! ସେ ଦୁହିଙ୍କ କଥାବାର୍ତ୍ତା ଶୁଣିବା ଲାଗି କାନ ଡେରି ରହିଲା ।

ଛାୟା ଦିଓଟି ଆହୁରି ଆଗେଇ ଆସିବା ମାତ୍ରେ ମଳିଛିଆ ଜହ୍ନ ଆଲୁଅରେ ରଜୁ ବେଶ୍ ଚିହ୍ନିପାରିଲା, ସେ ଦୁଇଜଣ ହେଉଛନ୍ତି—ମକରା ଓ ରାମା । ସେ ଗୁପ୍ତିଟିକୁ ଡାହାଣ ହାତରେ ସାବଧାନତାର ସହିତ ଧରି ତଳକୁ ଡେଇଁପଡ଼ି ଆକ୍ରମଣ କରିବାର ସଜରେ ପ୍ରସ୍ତୁତ ହୋଇ ରହିଲା ।

Digitized by srujanika@gmail.com

ଆଗେ ଆଗେ ମକର ଓ ପଛେ ପଛେ ରମା ଦେଢ଼ମାଣିଆ ଚକ ପାଖକୁ ଆଗେଇ ଆସିବା ପୂର୍ବରୁ ଦପ୍‌କରି ଛୁଡ଼ା ହୋଇଗଲେ । ରଜୁ କାନଡେରି ଶୁଣିଲା, ରମା କହୁଛି—"ମକର, ତୁ ସେଇ କଇଁଥ ଗଛ ମୂଳ କଆଁରିର କଣରୁ ଅଗେଇ ଅଗେଇ ଧାନ କେଣ୍ଡାତକ କାଟି ତୋ' ଅଖାରେ ପୂରାଉ ଥା...; ମୁଁ ଯାଉଚି ନାଳ ଆରପଟ ମହୁଲ ଗଛର ପାଖ କଆଁରିରୁ ରଙ୍ଗି ଧାନକେଣ୍ଡା କେଞ୍ଝାଏ କାଟି ଆଣେ... ।

"ବାପ ପୁଅ କେହ୍ବ ତାଙ୍କ କଆଁରି ଦେଖି ନାହାନ୍ତି, ନଇଲେ ଗାଆଁରେ ପାଟିଭୁଣ୍ଡ କରି କମ୍ପେଇ ଦେଇ ଥାଆନ୍ତେ" କହିଲା ମକର—"ସେ ଦେଖିବା ଆଗରୁ ଆମେ ଆମ ଦେଖିଲା ଶୁଣିଲା କାମ ସାରି ଦେଇଥିବା... । ...ହଉ ତୁ ଯାଃ.. ଚାଉ ଚାଉ ତୋ' କାମ ସାରିଦେଇ କୁସୁମ ଗଛ ଟିକର ପାଖକୁ ଆସିବୁ । ମୁଁ ସେଇଠି ତତେ ଅପେକ୍ଷା କରିଥିବ..." ।

ରମା ସେହ୍ବି ହୁଡ଼ମୁଣ୍ଡରୁ ବାଟ ଭାଙ୍ଗି ଚାଲିଗଲା । ଦେବା ଓ ରଜୁ ଦୁହେଁ-ଯାକ ମନେ ମନେ ଖୁସି ହୋଇଗଲେ । କାରଣ, ଯୋଡ଼ାକୁ ଯୋଡ଼ା ପାରେନା । ତେଣୁ ଆଜ ଠିକ୍ ମକର ଉପରେ ଦାଉ ସାଧିହେବ ।

ମକର କଇଁଥ ଗଛ ମୂଳ କଆଁରି ପାଖକୁ ଆଗେଇ ଆସି, ତା' ବାଡ଼ିଟାକୁ ସେଇଠି ଦଣ୍ଡା ଉପରେ ଥୋଇଦେଇ ଅଣ୍ଟାରୁ ଦାଆଟି କାଢ଼ି ଚଅର୍...ଚଅର୍ କରି ପାଚିଲା ଧାନ କେଣ୍ଡା ଗୁଡ଼ିକୁ କାଟି ଅଖାରେ ଦୂରେଇବାରେ ଲାଗିଗଲା ।

ଏତିକିବେଳେ ବାପ ପୁଅଙ୍କ ମସୁଧା ଅନୁସାରେ ଦେବା ପାଟିକରି ଉଠିଲା—"କଏ...ସେ ବେଃ...ଟଳା...ହାରାମ୍‌ଜାଦା..." !

ଦେବା ଭୁସୁଁ ାର ପାଟି ବାରିପାରି ମକର ହଠାତ୍ କ'ଣ କରିବ, କିଛି ଭାବିବା ଆଗରୁ ରଜୁ ହାତରେ ଗୁପ୍ତି ଟାକୁ ଧରି ଫକ୍‌କରି ତଳକୁ ଡେଇଁ ପଡ଼ିଲା । ମକର ଏ'ଭଳି ଅକାଳରେ ପଡ଼ିଯିବ ବୋଲି ସ୍ବପ୍ନରେ ସୁଦ୍ଧା ଭାବି ନଥିଲା । ସେ ସେଠାରୁ ପଳାଇଯାଇ ଆତ୍ମରକ୍ଷା କରିବ କିମ୍ବା ରମାକୁ ଡାକ ପକେଇ ତାକୁ ସାବଧାନ କରେଇଦେବ, କିଛି ସ୍ଥିରକରି ପାରିଲା ନାହିଁ । ତା' ଆଖି ଆଗରେ ମରଣର କଳାଭଉଁରି ଖେଳିଗଲା । ସେ ହାତ ଉଞ୍ଚାଇ ପ୍ରତିରକ୍ଷା କରିବା ଆଗରୁ ରଜୁର ଗୁପ୍ତି ପାହାରରେ ଚିତ୍କାର କରି ସେଇଠି ହୁଡ଼ ମୂଳରେ ଗଛକାଟିଲା ପରି ପଡ଼ିଗଲା । ଠିକ୍ ସେତିକିବେଳକୁ ଦେବା 'ଆଗେଇ ଆସି ମକରର ମୁଣ୍ଡକୁ କଷି-ଦେଲା—ନର୍ଜାଣିଆ ପାହାରଟିଏ । ସେଇ ପାହାରକରେ ମକର ମୁହଁରୁ ଅଉ

Digitized by srujanika@gmail.com

ଗୋଟିଏ ହେଲେ ଦେ ବାହାରେ ନାହିଁ । ଦେବା ଭୂୟାଁ । ଅଦୌ ଭାବିପାରି ନଥିଲା ଯେ, ଏତେ ଶୀଘ୍ର ମକରା ଭୁଇଁରେ ଲୋଟି ପଡ଼ିବ । ରାଜୁ ମକରାର ମୃତ୍ୟୁରେ ବିବ୍ରତ ହୋଇ ପଡ଼ିଲା । ସେ ମକରାକୁ ଆଘାତ କରି ତା'ର ମନ ଓ ମାନ ମେଣ୍ଟାଇ ନେବ ବୋଲି ଭାବିଥିଲା, କିନ୍ତୁ ତା'ର ନିର୍ଜାଣିଆ ଆଘାତରେ ମକରା ଅସହାୟ ଭାବରେ ମୃତ୍ୟୁର କରାଳକବଳରେ ପଡ଼ିଯିବ, ଏହା ସେ ଆଦୌ ଚିନ୍ତା କରି ନଥିଲା । ତେଣୁ ବାପ ପୁଅ ଦୁହେଁ ହଠାତ୍ ଚିନ୍ତିତ ହୋଇ ପଡ଼ିଲେ । ରାଜୁ ଆବାକାବା ହୋଇ ମକରାର ଶବକୁ ଚାହିଁ ରହିଥିବା ସମୟରେ କହିଲା ଦେବା—“ପୁଅରେ, ଏବେ କରିବା କ...ଅ...ଣ ? ଘଟଣାଟା ତ ବେକାଗିଆ ହୋଇଗଲା, ଏ'ତ ବଡ଼ ସଙ୍ଗୀନ୍ ମାମଲା ହେବ... । ହଉ...” ଗୋଟିଏ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା ବୁଢ଼ା...“ଯାହାତ ହବାର ହୋଇଗଲାଣି । ଚାଲ୍...ନଈ ପାରିହୋଇ ଆର ପଟକୁ ନେଇଯାଇ, ସେଇଠି ବଣ ଭିତରେ ନିଆଁ ଲଗେଇ ଯାଙ୍ଗେ ଯାଙ୍ଗେ ପୋଡ଼ି ପକାଇବା...” ।

‘କିନ୍ତୁ...’’ କହିଲା ରାଜୁ ଥା...ଥା...ମା...ମା.....ହୋଇ—“ରା... ମା ଟା...ଖସି...ଗଲା...” !

“ହଁ...ହଁ...ରେ...ପୁଅ...ସତ...ତ...” !

ମକରା ଉପରେ ଆକ୍ରମଣ କଲାବେଳେ ଦୁହିଙ୍କ ମୁଣ୍ଡରେ ଖୁନ୍ ସବାର ହୋଇଥିଲା । ସେତେବେଳେ ବାପ ପୁଅ ଦୁହେଁଯାକ ଘଟଣା ଏତେସର ହେବ ବୋଲି ଚିନ୍ତାକରି ନଥିଲେ । ରାମା କଥା ମନେ ପଡ଼ିଯିବା କ୍ଷଣି ତାଙ୍କ ହାତ ଗୋଡ଼ ଗୋଟିପଣେ ଥରିବାକୁ ଲାଗିଲା ।

ମକରାର ପ୍ରଥମ ଚିତ୍କାର ସେଇ ନିଶବଦ ରାତିରେ ବହୁଦୂରକୁ ଶୁଣା-ଯାଇଥିଲା । ରାମା ସେ ଚିତ୍କାର ଶୁଣି ହଠାତ୍ ଭାବିଲା—‘ମକରା ବୋଧହୁଏ ଭାଲୁ ହାବୁଡ଼ରେ ପଡ଼ିଛି । ତେଣୁ ସେ ହାତରେ ବାଡ଼ିଟିକୁ ମଜବୁତ୍ କରି ଜାବୁଡ଼ି ଧରି ଦେଉଡ଼ମାଣିଆ ଚକ ଆଡ଼େ ତୀରବେଗରେ ଛୁଟି ଆସିଲା । କିନ୍ତୁ ଦୂରରୁ ତା'ର ନଜର୍ ପଡ଼ିଗଲା ଦୁଇଟି ଛାୟା ଉପରେ । ସେ ଦପ୍ କରି ଛିଡ଼ା ହୋଇପଡ଼ି କେତେ କ'ଣ ଭାବିବାକୁ ଲାଗିଲା । ସେ ଅନୁମାନ କରିନେଲା—ରାଜୁ ଓ ତା' ବାପା ନିଶ୍ଚୟ ବିଲମାଳରେ କେଉଁଠି ଲୁଚିଥିଲେ । ସେଇ ଦୁହେଁ ମକରାକୁ ଆକ୍ରମଣ କରି ମାରିଦେଇ ସାରିଲେଣି । ମୁଁ ଯେଉଁ ଚିତ୍କାର ଶୁଣିଲି ତାହା ମକରାର ମୃତ୍ୟୁ ପୂର୍ବରୁ ଆର୍ତ୍ତସ୍ୱର’ !

Digitized by srujanika@gmail.com

ରମା ଆଉ ଆଗେଇ ଯିବାକୁ ସାହସ ନକରି, ଦେବା ଉପରେ ଥିବା ତା'ର ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବା ଲାଗି ମନେ ମନେ ଗୋଟିଏ ଯୋଜନା ପ୍ରସ୍ତୁତ କରିନେଇ, ସେଇଠାରୁ ଧାଇଁଲା ଗାଆଁକୁ ।

ଏଣେ ରଜୁ ଓ ତା' ବାପା ଅନ୍ୟ କିଛି ଉପାୟ ନପାଇ, ମକରର ଶବକୁ କାନ୍ଧେଇ କେନ୍ଦୁଝର ସୀମା ପାର ହୋଇ ମୟୂରଭଞ୍ଜ ସୀମାରେ ଥିବା ନଈ କୂଳିଆ ଗୋଟିଏ ନିବଡ଼ ବୁଦୁବୁଦିକିଆ ଜଙ୍ଗଲ ଆଡ଼କୁ ଦ୍ରୁତଗତିରେ ଆଗେଇ ଗଲେ ।

—୦—

॥ ପଚିଶି ॥

ରମା ପ୍ରାଣ ବିକଳରେ ବଲମାଳରୁ ପଳାଇ ଆସିଥିଲେ ହେଁ, ସେ ମନେ ମନେ ବେଶ୍ ଗୋଟିଏ ଯୋଜନା ପ୍ରସ୍ତୁତ କରିନେଲା । ସେଇ ଯୋଜନା ଫଳରେ, ଦେବା ଘର ସନ୍ଧାତ ତାଙ୍କ ସାହିର ଯେଉଁ ସାତପୁରୁଷିଆ ଶତ୍ରୁତା ରହି ଆସିଥିଲା, ତା'ର ଦାଉ ସାଧିବାର ଫନ୍ଦିଫିକର ସେ ମନେ ମନେ ଠିକ୍ କରିନେଲା । ସ୍ୱାର୍ଥପର ରମା ମକରର ମୃତ୍ୟୁ ପାଇଁ ଆଦୌ ଦୁଃଖିତ ହେଲା ନାହିଁ । ବରଂ ବିନା ପରିଶ୍ରମରେ ସେ ଦେବା ଉପରେ ଦାଉ ସାଧିବାର ମଉକାଟିଏ ପାଇଥିବାରୁ ମନେ ମନେ ଖୁବ୍ ଆନନ୍ଦିତ ହୋଇ ଭାବିଲା—'ଏଥର ଦେବା ଯିବ କୁଆଡ଼େ ? ବାପ ପୁଅ ଦିହେଁ ଏଇ ଖୁନି ମକଦମାରେ ପଡ଼ି ତାନାତାର୍ଯ୍ୟ ହୋଇଯିବେ । ତା'ପରେ ···ଫାଶି ପାଇବେ କି କଳାପାଣି ପାର ହେବେ···! ଏତେଦିନ ପରେ ଏକା-ଥରକେ ଦି'ଜଣ ସାବାଡ଼···ଯାଃ···ହାତରେ ମାରି ନ ପାରିଲେ କଅଣ ହେଲା, କଳ କଉଶଳରେ ତ ମାରିଲି !'

ମନେ ମନେ ଉଲୁସି ଉଠି, ରମା ପହଞ୍ଚିଲେ ଗାଆଁ ଚଉକିଆ ଦୁଆରେ ଯାଇ କବାଟ ଖଟ୍ ଖଟ୍ କଲା । ଚୌକିଦାର ରଣିଆ ରାତି ଅଧିଆ ଗଞ୍ଜେଇ ଚିଲମ୍‌ରୁ କେଇଟି ଦମ୍ ଟାଣିଦେଇ, ନିଘୋଡ଼ ନିଦରେ ଶୋଇ ଉଷୁମ ଟାଣୁଥିଲା । ସେଇ ଘଡ଼କ ଆଗରୁ ତା' ନିଦ ଭାଙ୍ଗିଥିଲା । ସେ ନିଦ ବାଉଳାରେ ଛିଣ୍ଡା କମ୍ବଳଟାକୁ ଦେହରେ ଘୋଡ଼େଇ ଦାଣ୍ଡ ଦୁଆରେ ଛିଡ଼ା ହୋଇ ଦି'କୁହାଟ ମାରି ଦେଇ ପୁଣି ଘରେ ଘୋଡ଼ଘାଡ଼ ହୋଇ ଶୋଇ ପଡ଼ିଲା । ସେଇ ଘଡ଼କ ପରେ ରମା ଯାଇ

Digitized by srujanika@gmail.com

'ରଣିଆ'ଇ'···'ରଣିଆ'ଇ' ବୋଲି କୁହାଟ ପରେ କୁହାଟ ଗ୍ରୁଡ଼ବା ସଙ୍ଗେ କବାଟ ଧଡ଼୍ ଧଡ଼୍ କରିବାକୁ ଲଗିଲା ।

ନିଦ ପାକଳ ହେବା ଆଗରୁ ଶୀତୁଆ ରାତିରେ କେହି ଡ଼ାକ ଗ୍ରୁଡ଼ିଲେ ଘର ଚଡ଼ ଲଗେ । ବିଚରା ରଣିଆ କରିବ କ'ଣ ? କେତେ ଭୋଗ ଚଢ଼ାଇ, ଦାରୋଗା ବାବୁଙ୍କ ତଳପା ଗୁଟି—ଗୁଟି ସେ ମାଇଚ୍ଚି ଗୈଁ ଖାଦାଖି ଗୁକରି ଖଣ୍ଡେ । କରିବ କ'ଣ ?

ସେ ନିଦରୁ ଉଠିପଡ଼ି, କିଏ ଡାକୁଛି ବୋଲି କାନ ଡେରିବା ପରେ ରାମାର ପାଟି ବାରିପାରି, କବାଟ ଖୋଲିଦେଲା । କଲିଜା ଥରା ଜାଡ଼ ରାତିରେ ରାମାକୁ ଝାଳରେ ଗୋଟିପଣେ ସୁଡ଼ୁବୁଡ଼୍ ହୋଇଥିବାର ଦେଖି ରଣିଆ ଅଶ୍ଚର୍ଯ୍ୟ ହୋଇ-ଯାଇ ପଚାରିଲା—"ରାମା, ତ'ର ହୋଇଚି କ'ଣ" ?

ରାମା ରଣିଆ ଦୁଆରେ ଦୁମ୍‌କରି ବସିପଡ଼ି, କେତେ ସମୟ ଧଇଁସଇଁ ହୋଇ ଦୀର୍ଘ ନିଃଶ୍ୱାସ ମାରିବା ପରେ ମକରାର ଖୁନ୍ ବିଷୟରେ ସେ ସବୁକଥା ବଖାଣି ଦେଇ ଶେଷରେ କହିଲା—"ବାପ ପୁଅ ଦିହେଁ ମକରାର ଲାଶ୍‌କୁ ନେଇ ନଈ ଆଡ଼କୁ ଗ୍ରୁଲଗଲେଣି । ସେ ଦୁହେଁ ନିଶ୍ଚେ ସୀମା ଆରପାରି ଜଙ୍ଗଲ ଭିତରେ କେଉଁଠି ପୋତିଦେବେ କିମ୍ବା ପୋଡ଼ି ପକେଇବେ । ଲାଶ୍ ଖତମ୍ କରିଦେଲେ ମାମଲାଟା ବେଏଣ୍ଟିଆ ହେଇଯିବ ! କ'ଣ କରିବା କହିଲୁ···" !

ରଣିଆ ଯଦିଓ ଦେବା ଓ ରାଜୁକୁ ଭଲ ପାଉଥିଲା, ତଥାପି ଖୁନାମାମଲାରେ ଟାଳମଟାଳ କରିବା ଲାଗି ଆଦୌ ସାହସ କଲା ନାହିଁ । ସେ ରାମାକୁ ସାଙ୍ଗରେ ଧରି ଧାଇଁଗଲା ମୁଖିଆଙ୍କ ଘରକୁ । ମୁଦୁଲିଙ୍କ ଆଗରେ ଆହୁରି ଟିକିଏ ବଢେଇ ଚୁନେଇ ଘଟଣାଟିକୁ ବଖାଣିଗଲା ରାମା । ସବୁକଥା ଶୁଣିବା ପରେ, ମୁଖିଆ ଘଡ଼ିଏକାଳ ଗୁମ୍‌ମାରି ସେଇଠି ବସିପଡିଲେ । ତାଙ୍କ ଆଖି ଆଗରେ ଭାସିଉଠିଲା-ପୋଲିସ୍ ଦାରୋଗା ସଙ୍କର୍ଷଣ ମାହାନ୍ତିଙ୍କ ଉଗ୍ର ରୂପ । ସେ ମନେ ମନେ ଭାବିଲେ—'ଆଚ୍ଛା ମାମଲାଟା ଆସି ପହଞ୍ଚିଲା । ଏଇଲେ କି ହୀନସ୍ତା ହେବାକୁ ପଡ଼ିବ ମଣିଷକୁ··· ! ଟଣା, ଝିଙ୍କା, ମାର୍, ଧର୍, ଗୁନ୍ଦା, ଭେଦାରେ ଗାଆଁ ଟାଯାକ ଉଚ୍ଛନ୍ନ ହୋଇ ଉଠିବ । ଯେତେ ପରକାରେ ଖଞ୍ଜେଇଲେ ସୁଦ୍ଧା ସବଜନା ଦାରୁଗାବାବୁର ମରଜିକୁ ଜଗି ଚଳି ହେବନି । ସେ ଚଣ୍ଡାଳ ଆଁ···କରି ବସିଚି କେମିତି ତା' ପାକିଟି ଗରମ୍ ହେବ । ଅଧାଦିନେ ଚୁଲି ଜଳୁ ନଥିବା ଗାଆଁରେ ତା' ସବାଖିଆ ପେଟକୁ ଖୋରାକ ଯୋଗେଇବ କିଏ ସେ ? ହେଉ···'ଯା'

Digitized by srujanika@gmail.com

କରିବେ ଯାଇଁ, ତା' କା'ର ମନରେ ନାହିଁ'। ମୁଖିଆ ମୁଦୁଲି ପ୍ରକୃତିସ୍ଥ ହୋଇ କହିଲା—"ରଣିଆ, ତୁ ରମାକୁ ସାଙ୍ଗରେ ନେଇ ଧାଇଁ ଯାଇ ଥାନାରେ ଆଗ ଖବର କରିଦେ', ଆଉ ମୁଁ ଯାଉଛି ମକର ମାମୁଁ ଘରେ ଖବରଟା ଜଣେଇଦେଇ ହିଏଁ। ଦାରୋଗାବାବୁ ଆସିଲେ, ତେଣିକି ସେ ଯା' କହିବେ, ସେଇ ଅନୁସାରେ ଆମେ ଧାଁ-ଦଉଡ଼ କରିବା। ଆଉ ତୁମେ ହେଳା କରନି; ନହିଲେ, ସେ ଯେଉଁ ହାକିମ ନା, କଣ୍ଟା ଗୁେଟବେଇ ଯିବ"!

ରଣିଆ ଚୌକିଦାର ରମାକୁ ସାଙ୍ଗରେ ନେଇ ପାହାନ୍ତିଆ ପହରଟାରେ କଲଜାଥରା ଶୀତରେ ଧାଇଁଲା ଥାନାକୁ। ସେ ଦୁହେଁ ଥାନାରେ ପହଞ୍ଚିଲା ବେଳକୁ ରାତି ଆଉରି ହି'ଘଡ଼ି ଅଛି। ବଡ଼ କଷ୍ଟରେ ସଙ୍କର୍ଷଣବାବୁଙ୍କ କାନକୁ କଥାଟା ଗଲା। ସେ ଘଟଣାଟି ମୂଳରୁ ଚୂଳଯାଏଁ ଶୁଣିବାମାତ୍ରେ, ପ୍ରଥମେ ରଣିଆ ଚୌକି-ଦାରକୁ ବହେ ଭାଗବତ ଶୁଣେଇ ଦେଇ କହିଲେ—"ଆବେ, ତୁ ଶଳା ହାରମ-ଜାଦା ସେ ଗାଆଁରେ ଅଛୁ, ଏତେ ସବୁ ଘଟଣା ଘଟିଗଲା, ତୁ କିଛି ସୁରାଖ ଆଗରୁ ପାଇପାରିଲୁ ନାହିଁ? ଆଉ ତୁ ଶଳା କି ଚୌକିଦାର ହେଇଚୁ..."?

ଦାରୋଗାବାବୁଙ୍କର ଭାଗବତବାଣୀତକ ଅନାୟାସରେ ହଜମ୍ କରିଦେଇ ରଣିଆ ନମସ୍ତାଲ୍ ହୋଇ ପଡ଼ିଗଲା ତାଙ୍କ ଗୋଡ଼ତଳେ। ଏତିକିବେଳେ ରମା କହିଲା—"ହଜୁର୍ ସବୁକଥା ଜାଣନ୍ତି, ସେ ଗାଁଆଟା ଅତି ବଦ୍‌ମାଇସ୍ ହୋଇ-ଯାଇଛି ହଜୁର୍! ସେ ଭିତରେ ଭିତରେ ଏଡ଼େ ବଡ଼ କାଣ୍ଡଟାଏ କରିଦେବ ବୋଲି କ'ଣ ଗାଆଁରେ କେହି ଜଣେ ହେଲେ ଭାବିଥିଲେ? ହଜୁର୍ ସରଜମିନ୍‌ରେ ଯାଇ ସବୁକଥା ଖୋଳତାଡ଼ କଲେ, ଜାଣିପାରିବେ ଯେ? ଏବେ ତ ଯା' ହବାର ହୋଇ ଗଲାଣି; ହଜୁର୍ ଯଦି ଟିକିଏ ତୁରନ୍ତ କିଛି ନକରିବେ, ତା'ହେଲେ ସେ ବାପ ପୁଅ ଦିହେଁ ଶବଟାକୁ ଗାଇବ୍ କରିଦେଇ କୁଆଡ଼େ ଫେରାର୍ ହୋଇଯିବେ! ମୁଁ ନିଜେ ଆଖିରେ ଦେଖିଚି ହଜୁର୍, ବାପ ପୁଅ ଦିହେଁ ମକରର ଶବଟାକୁ ଅଲଗଛ କାନ୍ଧେଇ ନଈ ଆଡ଼କୁ ମୁହେଁଇ ଥିଲେ। ସେ ଦିହେଁ ନଈ ପାରହୋଇ ଆର ସୀମାନାକୁ ଚାଲିଯାଇ ମୁର୍ଦ୍ଦାରଟାକୁ କେଉଁଠି ପୋତି ପକେଇବେ କିମ୍ବା ପୋଡ଼ି ପକେଇବେ, ଆଉ କିଛି ପତ୍ତା ମିଳିବ ନାହିଁ ହଜୁର୍! ଏଡ଼େ ବଡ଼ ଖୁଣି ମାମଲାଟା ହଜୁର୍‌ଙ୍କ ପରି ହାକିମ ଥାଉଁ ଥାଉଁ ଫସର୍ ଫାଟିଯିବ"?

"ହଉ..." ଖୁବ୍ ଗମ୍ଭୀର ହୋଇ କହିଲେ ଥାନାବାବୁ ସଙ୍କର୍ଷଣ ମହାନ୍ତି—"ତୁମେ ଆଗେ ଆଗେ ଚାଲ, ମୁଁ ଏ'ଠି ସବୁ ବ୍ୟବସ୍ଥା କରିଦେଇ

Digitized by srujanika@gmail.com

ପହଞ୍ଚିଛନ୍ତି ତୁମ ପଛେ ପଛେ । ହଁ···ଚୌକିଦାର, ତୋ' ସାଥିରେ ଚାରିଜଣ କନେଷ୍ଟବଲ୍ ପଠାଉଛି, ତୁମେ ଯାଇ ସେ ଦେବା ଭୂୟାଁ ଘର ଚାରିପଟ ପହରା ଦେଉଥାଅ···" ।

ଥାନାରୁ ଚାରିଜଣ କନେଷ୍ଟବଲ୍ ସାଇକେଲ୍ ଧରି ବାହାରି ପଡ଼ିଲେ । ରଣିଆ ଓ ରାମା ତାଙ୍କ ପଛେ ପଛେ ଧାଇଁକି ଧୂଳୁଡ଼ି ଦେଇ ଗାଆଁରେ ପହଞ୍ଚିବା ବେଳକୁ ସିନ୍ଦୂରା ଫାଟିଗଲାଣି । ଶୀତୁଆ ପବନରେ ପଞ୍ଜରାହାଡ଼ ଫାଟି ଯାଉଥିଲେ ହେଁ ସେମାନେ ସିଧା ଯାଇ ଦେବା ଭୂୟାଁ ଘର ଘେରାଉ କରିଦେଲେ । ମୁଖିଆ ଓ ଗାଆଁର ଆଉ କେତେଜଣ ଲୋକ ସାରାରାତି ଅନିଦ୍ରା ହୋଇ କେତେ ପ୍ରକାର କଳ୍ପନା ଜଳ୍ପନା କରୁଥିଲେ ହେଁ, କେହି ସାହସ କରି ଦେବା ଭୂୟାଁ ଘରକୁ ଆସିପାରୁ ନଥିଲେ । କିନ୍ତୁ ପୋଲିସ୍ ନାଲିପଗଡ଼ିଆ ଆସିଯିବାରୁ ସମସ୍ତଙ୍କ ମନରେ ଦମ୍ଭ ଆସିଗଲା । ଗୋଟି ଗୋଟି ହୋଇ ଗାଆଁର କେତେଜଣ ଲୋକ ଆସି ଦେବା ଭୂୟାଁ ଘରଠାରୁ ଦୂରରେ ରୁଣ୍ଡା ହୋଇଗଲେ, ମଜା ଦେଖିବା ପାଇଁ । ତେଣେ ଭାଗବତ ମୁଦୁଲିର ମହାଚିନ୍ତା—ସଙ୍କର୍ଷଣ ମହାନ୍ତିଙ୍କ ଷୋଡ଼ଶ ଉପଚାରରେ ଖଞ୍ଜିବା ଲାଗି । 'ଗୁହା, ପାନ, ସିଗ୍ରେଟ୍, ଜଳଖିଆ, ଭାତ, ତରକାରି ସବୁ ଖଞ୍ଜାହେବ କିପରି' ? ସେଇଠି ଠିଆ ହୋଇ ମୁଦୁଲି ଚିନ୍ତାକରି ଗଲା—'ଆଉ ଗାଆଁରେ ଦବ କିଏ ସେ ? ଯାହା ଦବ ସେଇ ହରିରାମ ମାହାଜନ ! ହଉ . ସକାଳ ହଉ, ଦେଖାଯିବ···' ।

ପୋଲିସ୍‌ଦଳ ଆସି ଦେବା ଭୂୟାଁ ଘର ଘେରାଉ କରିବାର ଘଣ୍ଟାକ-ଆଗରୁ, ବାପ ପୁଅ ଦୁହେଁ ବାଡ଼ିପଟ ବାଉଁଶବଣ ଦେଇ ଲୁଚି ଲୁଚି ଆସି ଘର ଭିତରକୁ ପଶିଯାଇଥିଲେ । ବୁଢ଼ୀ ଚଗୃଷ ଝିଅ ଦି'ଟାଙ୍କୁ ଖୋଇପେଇ ଶୁଆଇ ଦେଇ, ସାରାରାତି ଅନିଦ୍ରା ହୋଇ ପୁଅ ଟେରେସ୍ତଙ୍କୁ ଚାହିଁ ବସିଥିଲା । ବାପ ପୁଅ ଦୁହେଁ ଘରୁ ଗୋଡ଼ କାଢ଼ି ବାହାରି ଯିବାମାତ୍ରେ ତା' ଡାହାଣ ଆଖିଟା ଫର୍ ଫର୍ ହୋଇ ଫରକି ଉଠିଥିଲା । ସେତିକିବେଳୁ ବୁଢ଼ୀର ମନଟା ଗ୍ରେବ ଖାଇଲା ପରି ହେଉଥିଲା । ଦେବା ଆସି କବାଟରେ ହାତ ମାରିବା ମାତ୍ରେ ବୁଢ଼ୀ ଧାଇଁ ଯାଇ କବାଟ ଖୋଲିଦେଇ ବାପ ପୁଅ ଦୁହିଁଙ୍କି ଘର ଭିତରକୁ ଟାଣି ଆଣି ଶାନ୍ତିରେ ନିଃଶ୍ୱାସଟିଏ ମାରିଲା ସତ, କିନ୍ତୁ ତାଙ୍କ ମୁହଁକୁ ଚାହିଁଦେଇ ତା' ଛାତିଟା ଧାଉଁ··· ଧାଉଁ···ଉଠିଲା ପଡ଼ିଲା । ସେ ଅନୁମାନ କରିନେଲା—କିଛି ନା କିଛି ଗୋଟାଏ ଅଘଟଣ ଘଟିଯାଇଛି ।

Digitized by srujanika@gmail.com

ବାପ ପୁଅ ଦୁହେଁ ଘର ଭିତରକୁ ପଶିଯାଇ କିଛି ସମୟ ଚୁପ୍‌ଚାପ୍ ବସି ରହିବା ପରେ କହିଲା ଦେବା—“ସମାଚ଼ାର କିଛି ଦେଖିଲା ଲୋକ କହିଁଲା କାମ ନକଲେ ଛାଡ଼ିବ ନାହିଁ । ଏଇଲେ ପୁଲିସ୍ ଦାରୁଗା ଆସିଯିବ···” । ଏତିକିବେଳେ ବୁଢ଼ୀ ଧଇଁସଇଁ ହୋଇ ଧାଇଁ ଆସି କହିଲା—ଆମ ଘର ଗୁଡ଼ାପଟେ ପୁଲିସି ଘେରି ଗଲେଣି···” ।

ହାତର ଇଶାରାରେ ଚୁପ୍ ରହିବା ପାଇଁ ଦେବା ବୁଢ଼ୀକୁ କହିଦେଇ ପୁଣି ଆରମ୍ଭ କଲା—“ଦେଖ୍ ପୁଅ, ତୁ ପିଲାଲୋକ, ମୋ’ କଥା ମାନ୍ । ପୁଲିସ୍ ଆଗରେ ତୁ ଠିକଏ ହେଲେ ମାନିବୁ ନାହିଁ । ମୁଁ କହିବି—ମକରା ଆମ ବିଲରେ ଧାନ ଚୋରି କରୁଥିବା ବେଳେ ମୁଁ ତାକୁ ମାରିଛି । ମୋ’ ପୁଅ ହାଁ···ହାଁ··· କରୁ କରୁ ମୁଁ ତାକୁ ଗୁଣ୍ଡିରେ ପାହାରେ ଦେଇଛି । ସେଇ ପାହାରକରେ ସେ ଢଳି ପଡିବାରୁ ମୁଁ ତାକୁ ଉଠେଇ ନେଇ ଆରପଟେ ନେଇ ପୋଡ଼ି ଦେଇଛି···” ।

“ନାଃ···ତା’ ହେଇ ପାରିବନି ବାପା ! ମିଛକଥା କହି ମୁଁ ତମକୁ ହାଣ ମୁହଁକୁ ଠେଲି ଦେଇ ପାରିବି ନି ! ତୁମେ ଯା’ କୁହ ପଛକେ, ମୁଁ ସତସତ କଥା ମାନିଯିବି” ! କହିଲା ରଜୁ ।

“ବାପା, ତୋର ବଳବଅପ ନହାତ କଞ୍ଚା । ତୁ ଯୁଗବାଇକ କରି ଘର-ଟାକୁ ଚଳେଇ ନବୁ । ଏ’ ଭାଇ ଭଉଣୀ ଦି’ଟାଙ୍କୁ ମଣିଷ କରି ରଖିବୁ । ମୋର ଆଉ କେତେ ଦିନ୍···” ?

“ମୁଁ ନଜେ ଦୋଷକରି ବାପ ମୁଣ୍ଡରେ ମୁଣ୍ଡେଇ ଦେଲେ, ଲୋକେ ମୋତେ କ’ଣ କହିବେ ? ଦେଶ ଦୁନିଆ ମୋ’ ଉପରକୁ ଛେପ ପକେଇବେ । ମୁଁ ତା’ କରି ପାରିବି ନି···” ।

ବାପ ପୁଅଙ୍କ କଥା ଶୁଣି ବୁଢ଼ୀ ଖୋଲାମରା ହୋଇଗଲା । ସେ ସବୁକଥା ଭଲଭାବରେ ବୁଝି ପାରିଲା । ସେ ବେଶ୍ ଜାଣିପାରିଲା ଯେ, ଏଇଲାଗେ ପୋଲିସ୍ ଆସି ବାପ ପୁଅ ଦିହିଙ୍କି ହାତକଡ଼ି ଦେଇ ନେଇଯିବ । ତା’ପରେ···; ଆଉ ସେ କିଛି ଭାବିପାରିଲା ନାହିଁ । ତା’ ମୁଣ୍ଡଟା ଘୂରାଇ ଦେଲାରୁ ସେ ଯେଉଁଠି କାଠପଥର ପରି ବସି ପଡ଼ିଲା ଏବଂ ତା’ ଅଖି ଆଗରେ ଦଣ୍ଡଦର ଅନ୍ଧକାର ଘୋଟିଗଲା ।

ପୁଅର ଅବୁଝା ପଣରେ ଦେବା ନିତାନ୍ତ ବିଚଳିତ ହୋଇ ପଡ଼ିଲା । ସେ ଘଡ଼ିଏକାଳ ନୀରବ ରହିବା ପରେ ପୁଣି ରଜୁର ପିଠିରେ ହାତ ବୁଲେଇ ଆଣି କହିଲା—“ଏ’ ଖବର ପାଇବା ମାତ୍ରେ ବଡ଼ବାବୁ ନିଶ୍ଚେ ଆସିଯିବ । ତା’ପରେ ବଡ଼ବାବୁଙ୍କୁ

Digitized by srujanika@gmail.com

ସବୁଦିନ ଲଗି କଦେଇ, ମୁଁ ତା' ଆଖିର ଲୁହ ଦେଖି ବଞ୍ଚିପାରିବ ନାହିଁ ବାପା! ତୁ ମୋ' କଥା ମାନ୍...'' !

''ତୁମେ ଗଧାକୁ ଚହ୍ନିନ ବାପା, ତା' ଶରୀର ରକତ ମାଉଁସରେ ଗଢ଼ା ନୁହେଁ । ଏ'କଥା ଶୁଣିଲେ ସେ ମୋ' ମୁହଁ ଚାହିଁବ ନାହିଁ । ତୁମେ ମୋତେ ସେମିତିଆ କଥା କୁହ ନାହିଁ । ଯାହା ସତ ଘଟଣା, ମୁଁ ପୋଲିସ୍ ଆଗରେ ସତ ସତ ମାନିଯିବ ' ତୁମେ ବୁଢ଼ାକାଳେ ଫାଶି ଖୁଣ୍ଟରେ ଝୁଲିବ, ମୁଁ ସ୍ତୀ' ସହ୍ଯ- ପାରିବ ନାହିଁ'' !

ଏହି ସମୟରେ ସଙ୍କର୍ଷଣ ମାହାନ୍ତି ଆସି ଗାଆଁରେ ପହଞ୍ଚିଗଲେ । ତାଙ୍କ ଆଖି ଯୋଡ଼ିକରୁ ନିଆଁ ଝୁଲ ଖସିଲା ପରି ଦେଖା ଯାଉଥିଲା । ସେ ସାଥିରେ ଆଉ ପାଞ୍ଚଜଣ ସିପାହୀ ଧରି ଆସିଥିଲେ । ସେ ଘୋଡାରୁ ଓହ୍ଲାଇ ପଡ଼ିବା ମାତ୍ରେ ଚୌକିଦାର ରଣିଆ ଆସି ଲମ୍ବହୋଇ ତାଙ୍କ ଗୋଡ଼ତଳେ ପଡ଼ଯାଇ, ଘୋଡାର ଲଗାମ୍‌ଟିକୁ ଧରି ନେଲା । ଗାଆଁର ମୁଖିଆ, ହରିରାମ ମାହାଜନ, କୈବଲ୍ୟ ନାୟକ, ଗାଆଁ ସ୍କୁଲ ମାଷ୍ଟର୍ ଓ ଆଉ କେତେଜଣ ପୁରୁଖା ଲୋକମାନେ ଆସି ଥାନା- ବାବୁଙ୍କୁ ଦଣ୍ଡବତ କରି ତାଙ୍କ ପାଖରେ ଛିଡା ହୋଇଗଲେ । ଗାଆଁର ଟୋକା- ମାନେ ମନେ ମନେ ଦେବା ଓ ରାଜୁଙ୍କ କାମକୁ ତାରିଫ୍ କରି ଭାବୁଥିଲେ— ''ଗାଁ'ରୁ ଗୋଟିଏ ରିଷ୍ଟ ଗଲା । ଲୋକଗୁଡାଙ୍କୁ ମାଛିକୁଣ୍ଡି କରି ରଖିଥିଲା । ଯେତେ କଚ୍ଚି ରୋଗ, ଡକେଇତି, ଜାନାକାରା ସବୁ ହେଉଥିଲା, ସବୁର ମୂଳରେ ଥିଲା— ଏ' ଶଳା ମକଦ୍ଦ··· । ଆଜ ଏ' ଗାଆଁଟା ଉଶ୍ବାସ ପଡ଼ିଲା । ହେଲେ କ'ଣ ହେଲା···ବରଷ ବାପପୁଅ ହେଁ ଠିକ୍ ବାଗରେ କାମଟା କରିପାରିଲେ ନାହିଁ । ଶଳାକୁ ଏମିତି ସଜରେ ମାରି ଥାଆନ୍ତେ ଯେ, କୁଆ କୋଇଲି କେହି ସୁଦ୍ଧା ଟେର୍ ପାଇ ନଥା'ନ୍ତେ···'' ।

ଟୋକାମାନେ ଦାରୋଗାବାବୁଙ୍କ ରକ୍ତ ମୁହଁ ଚାହାଣିକୁ ଭୟ କରି ଆଗକୁ ଆସିଲେ ନାହିଁ । କେବଳ କ'ଣ ହେଉଛି ନାଟ ଦେଖିବା ଲଗି ଦୂରେଇ ଦୂରେଇ ତାଙ୍କ ପଛେ ପଛେ ଗଲିଲେ ।

ଡାରେଗା ସଙ୍କର୍ଷଣ ମାହାନ୍ତି ପକେଟ୍‌ରେ ହାତ ପୂରେଇବା ମାତ୍ରେ ହରିରାମ ମାହାଜନ ସିଗାରେଟ୍ ଓ ଦିଆସିଲ୍ ଧରି ଆଗେଇ ଯାଇ ତାଙ୍କ ହାତକୁ ବଢ଼ାଇ ଦେଲା । ଦାରୋଗାବାବୁ ମିଛଟାରେ ପକେଟ୍‌ରେ ହାତ ପୂରାଇଥିଲେ ସିନା, କିନ୍ତୁ ତାଙ୍କ ପକେଟରେ ଆଦୌ ସିଗାରେଟ୍ ନଥିଲା । ଲୋକେ ତାଙ୍କୁ

Digitized by srujanika@gmail.com

ସିଗାରେଟ୍ ଦେଉଛନ୍ତି କି ନାହିଁ, ସେତକ ପରଖିବା ଲାଗି, ତାଙ୍କର ଥିଲା—ସ୍ଥା' ଗୋଟିଏ ପେଖନା । ହରଗମ ହାତରୁ ସିଗାରେଟ୍ ଓ ଦିଆସିଲ୍ ନେଇ ଦାରୋଗାବାବୁ ସେଥିରୁ ଖଣ୍ଡିଏ ନେଇ ମୁହଁରେ ଗୁଞ୍ଜିଦେଇ ଦିଆସିଲ୍ ମାରିଲେ । ହେମାଳିଆ ପବନରେ ଦି'ଥର ଦିଆସିଲ୍ କାଠି ଜଳିଉଠି ଲିଭିଯିବା ପରେ ତୃତୀୟଥର ଅତି ସାବଧାନର ସହିତ ଦିଆସିଲ୍ ଜଳାଇ ସିଗାରେଟ୍ ଧରାଇ ଦି'ଚୁଟି କଶ୍ ଟାଣିନେଲେ । ତା'ପରେ ଦେବା ଭୂୟାଁ ଘର ଆଡ଼କୁ ଆଗେଇ ଚାଲିଲେ । ମୁହଁରୁ ତାଙ୍କର କଥା ବାହାରୁ ନଥାଏ । ସେ ଡୋଉ଼ା ଚାବୁକଟାକୁ ଦୋହଲାଇ ଏମିତି ଭାବରେ ଧରି ଥାଆନ୍ତି ଯେ, ଆଗରେ ଯିଏ ପଡ଼ିବ, ତା'ର ଦଫାରଫା ଶେଷ ହୋଇଯିବ । ଦେଖଣାହାରି ଲୋକେ ବେଶ୍ ଜାଣିପାରିଲେ ଯେ, ଆଜି ଦେବା ଓ ରାଜୁଙ୍କ କପାଳ ଫାଟିଲା । ଏଇ ଚାବୁକରେ ଦାରୋଗାବାବୁ ବାପପୁଅ ଦିହିଙ୍କି ସେକ ଦେଇଯିବେ ।

ମଉରଗଜ ଚାଲିଲେ ହାଲି ଦୋହଲି, ସିଗାରେଟ୍ ଟାଣି ଟାଣି ଗମ୍ଭୀର ହୋଇ ଚାଲିଥାଆନ୍ତି ସଙ୍କର୍ଷଣ ମାହାନ୍ତି । ପଛେ ପଛେ ତାଙ୍କର ସିପାହୀଦଳ ଏବଂ ତା' ପଛକୁ ଗାଆଁର ପୁରୁଖା ଲୋକଙ୍କ ପଲଟଣ୍ ।

ସମସ୍ତେ ଯାଇ ଦେବା ଭୂୟାଁର ଦୁଆର ମୁହଁରେ ପହଞ୍ଚିଗଲେ । ଚିତା-ବାଘ ଆକ୍ରମଣ କରିବା ଆଗରୁ ଯେମିତି ଦପ୍‌କରି ଛିଡ଼ା ହୋଇଯାଏ, ଦାରୋଗା-ବାବୁ ଦେବା ଭୂୟାଁର ଦୁଆର ମୁହଁରେ ଛିଡ଼ାହୋଇ ଗୋଟିଏ ମୁହୂର୍ତ୍ତ ଡ଼ମାଡ଼ମା ଆଖି କରି ଏକଲୟରେ ସେଇ ଆଡ଼କୁ ଚାହିଁ ରହିଲେ । ତା'ପରେ ଆଗରୁ ଆସି ଜଗିଥିବା କନେଷ୍ଟବଲ୍ କରିମ୍ ମିଆଁକୁ ଗୁରୁଗମ୍ଭୀର ସ୍ୱରରେ ପଚାରିଲେ—

"କରିମ୍..." !

"ହଜୁର୍... !" ଧାଇଁ ଆସିଲା କରିମ୍ ମିଆଁ ।

"ଆସାମୀ ଦୁହେଁ ଘରେ ଅଛନ୍ତି ତ..." ।

"ହଜୁର୍...ମାଲୁମ୍ ନହୀଁ..." ।

"ସେ ରହିମ୍ ଭୁଲା କାହିଁ..." ?

"ହଜୁର୍...ବାଡ଼ି ଦୁଆର ପାଖରେ ସେମାନେ ଜଗିଛନ୍ତି..." ।

କରିମ୍ ମିଆଁଠାରୁ ଉତ୍ତର ଶୁଣିବା ପରେ ଦାରୋଗାବାବୁ ଖାରଦର୍ପରେ ଆଗେଇ ଯାଇ ଦେବା ଭୂୟାଁ ଦୁଆରେ ଦୁମ୍‌କରି ଗୋଟିଏ ଲାତମାରି ଡାକିଲେ—

"ଦେବା ଭୂୟାଁ..." ।

Digitized by srujanika@gmail.com

ଦେବା ଘରଟା ସତେ ଯେପରି ଦୋହଲିଗଲା ; ସେ ଭିତରଘରୁ ବାହାରି ଆସିବା ଆଗରୁ ଧୂଅ ଗଜୁକୁ କୁଣ୍ଢାଇ ପକାଇ କହିଲା—"ମୋ' ଗଣ ପୁଅ···, ମୋ' ମୁଣ୍ଡ ଖାଇବୁ, ତୋ' ମାଆ ଗଣ, କେବେ ହେଲେ ମୁହଁରୁ ବାହାର କରିବୁନି ଯେ, ତୁ ସେ ମକଦ୍ଦକୁ ମାରିଛୁ ବୋଲି··· ! ଯେତେ ସେ ଧମକା ଚମକା କଲେ ବି ତୁ ତଳେହେଲେ ମାନିବୁ ନି··· । ମୁଁ ଗୁହାରି··· ଛୁଆ ହଟହିଁ ତୋତେ ଲାଗିଲେ ପୁଅ···" ।

ହୁଇ ମାରିଲା ପରେ ଦେବା ଆଗେଇଗଲା କବାଟ ଖୋଲିଦେବା ଲାଗି । ବୁଢ଼ୀ ମଲା ମଣିଷଟିଏ ପରି ଆଖି ତରାଟି ଗୁହିଁ ରହିଥିଲା ବୁଢ଼ାର ଟାଙ୍ଗିଆ ଚୁଡ଼ିଆ ମୁହଁକୁ··· ।

—୦—

॥ ଛବିଶ ॥

ଜନହନ୍ ହେଲା ଅଗାଧ ଅବାଡ଼··· ! ଗଜୁବୋଉ ଆକାଶକୁ ଅନେଇ ରହିଛି ଜନହନ ଧରି । ବାପ ପୁଅ ହନ୍ଦଙ୍କି ପୋଲିସ୍ ବାନ୍ଧିନେଇ ଯିବା ପରେ, ଘରଟା ଶୁନ୍‌ଶାନ୍ ଲାଗିଲା ବୁଢ଼ୀକୁ । ଏକେ ଧଇଁଆ ରୋଗୀ, ତା'ପରେ ପୁଣି ପୁଅ ଗେରସ୍ତଙ୍କୁ ଧରି ନେଇଗଲା ପୋଲିସ୍; ଆଉ ତା'ର ବସାର୍ କେତେ··· ? ସେଇଥିରେ ସେ ଭାଙ୍ଗି ପଡ଼ିଲା । ନିଜର ଦଦରା ଦେହଟାକୁ ସଜାଡ଼ିବା ତା' ପକ୍ଷରେ ଥିଲା—ଦୁଃସାଧ୍ୟ ବ୍ୟାପାର, ସେଥିରେ ପୁଣି ଅକାଳ ଚଉକ··· !

ବୁଢ଼ୀର ଆଖି ଆଗରେ ନାଚି ଉଠିଲେ—ଚମ୍ପୀ ଓ ଖେଚରା । ସେ ଦୁଇଟି ବାପ ଛେଉଣ୍ଡ ପିଲାଙ୍କର ଅବସ୍ଥା କ'ଣ ହେବ ? ଖାଇବାକୁ ପାଇବେନି, ପିନ୍ଧିବାକୁ ପାଇବେନି, ବାରଘର ବୁଲି ଅଇଁଠା କଣ୍ଟା ଖାଇ, ଚିରିଣ୍ଡା କୋତରା ପିନ୍ଧି ଦିନ କାଟିବେ ! କେଉଁଠି କା'ର ଗାଈ ଗୋରୁ ଚରେଇ ପେଟ ପାଳିବେ !! ଆହା···କେଡ଼େ ମନ ଖୁସିରେ ଛୁଆ ଦିଓଟି ସକାଳୁ ଇସ୍କୁଲ୍ ଯିବାଲାଗି ତିଆର୍ ହେଇ ଯାଆନ୍ତି; ହେ ଭଗବାନ୍, ତାଙ୍କ ଫଟା କପାଳରେ କ'ଣ ଏଇଆ ଲେଖି-ଥିଲୁ' ???

ଛୁଆ ହନ୍ଦଙ୍କ ସମ୍ପର୍କରେ ଆଉ ବେଶୀ କିଛି ଭାବିପାରିଲା ନାହିଁ ବୁଢ଼ୀ । କେବଳ ତାଙ୍କର ଶୁଖିଲା ମୁହଁକୁ ଗୁହିଁ ଗୁହିଁ ଆଖିରୁ ଲୁହ ଗଡ଼େଇବାରେ ଲାଗିଲା ।

ପର ମୁହୂର୍ତ୍ତରେ ବୁଢ଼ୀର ଆଖିରେ ଲାଖିଗଲା—ପାଚିଲା ଧାନ କ୍ଷେତର କିଆରୀ ଗୁଡ଼ିକ । 'ଦେଢ଼ମାଣିଆ ଚକରେ ଏ'ବର୍ଷ ଭଲ ଧାନ ହେଇଛି ବୋଲି

Digitized by srujanika@gmail.com

ଗାଆଁ ଲୋକେ ହାତ ବସେଇ ଥିଲେ, ତାକୁ ଅମଳ କରିବ କିଏ ? ସମସ୍ତଙ୍କ ଖେତ କଟା ସରିଲେ ଗୋରୁ ଗାଈ ପଶି ଧାନ କିଆରୀ ଗୁଡ଼ିକୁ ତହସ୍ ନହସ୍ କରିଦେବେ । କଞ୍ଚାନାଡ଼ିଆ ହୋଇଥିଲା ବୋଲି ବାପପୁଅ ଦିହେଁ ଗାଆଁ ମୁଣ୍ଡି ଆଗୁ ଧାନକିଆରୀ ଗୁଡ଼ିକ କାଟି ଆଣି ଦିନେ ଦି'ଦିନ ପରେ କାଟିବେ ବୋଲି ମସୁଧା କରୁଥିଲେ···ହାୟ···ନଡ଼ାଗୁଡ଼ିକ ଉଡ଼ିଯାଇ ଧାନ ଝଡ଼ି ପଡ଼ିବ । ଘରେ ହେମସୁଆରିଆ ଲୋକ କେହି ନଥିବାରୁ, ବିଲରେ ଧାନତକ ଉଜୁଡ଼ି ଯିବ, ଛୁଆ ଖାଇବେ କ'ଣ ? ବୁଢ଼ୀ ଆଉ କିଛି ଭାବିପାରିଲା ନାହିଁ । ତା' ଆଖି ଆଗରେ କଟିକଟା ଅନ୍ଧାର ଘୋଟିଗଲା । ସେଇ ଅନ୍ଧାର ଭିତରୁ ମାଡ଼ି ଆସିଲା ଲହୁଲୁହାଣ ହୋଇଥିବା ମକରାର ଚେହେରାଟା ହାତରେ ଦି'ହାତିଆ ଭାଲଟାକୁ ଧରି । ବୁଢ଼ୀର ମନେହେଲା—ସତେ ଯେପରି ମକରାଟା ବିକଟାଳ ରୂପ ଧରି, ଦାନ୍ତ ନିକୁଟି ତା'ର ଆଡ଼କୁ ଝପଟି ଆସୁଛି ଭାଲଟାକୁ ଉଞ୍ଚେଇ ଉଞ୍ଚେଇ ! ଆଉ ପାଟି-କରି କହି ଉଠୁଛି—"ମୁଁ ମାରିବି··· ! ତୋ' ସବଂଶ କୁ ମାରିବି" !!

ବୁଢ଼ୀର କାନରେ ଠାଏଁ ଠାଏଁ କରି ଅଳପେଇସିଆ ମକରାର କଥା ଗୁଡ଼ାକ ବାଜିଲା ପରି ତା'ର ମନେ ହେଲା । ସେ ଆଉ ଚାହିଁପାରିଲା ନାହିଁ—ସେ ଲହୁଲୁହାଣ ଚେହେରା ଆଡ଼କୁ । ବୁକୁଫଟା ଚିତ୍କାରଟିଏ ବାହାରି ଆସିଲା—ବୁଢ଼ୀର ତଣ୍ଟି ଫାଟିଲା, କିନ୍ତୁ ଜିଭ ତା'ର ସତେ ଅବା ପଥୁରିଆ ପାଲଟି ଯାଇଛି । ତାକୁ କିଏ ଯେମିତି ଟାଣି ଧରିଛି ଜୋର୍ କରି । ସେ ନିର୍ବାକ୍, ନିସ୍ପନ୍ଦ, ନିଶ୍ଚଳ··· ! ତିନିଦିନ ଧରି ବୁଢ଼ୀ ଦାନ୍ତ ଘଷିନାହିଁ, ମୁହଁ ଧୋଇ ନାହିଁ, ଆଖି କଷା କରିନି । ଲୁହ ଗଡ଼ି ଗଡ଼ି ଆଖି ଫୁଲିଲାଣି, ତଥାପି ତା'ର ଭାବନାର ଅନ୍ତ ନାହିଁ ।

ପାଖ-ପଡ଼ିଶାର ମାଇପେ ଆସି କେତେ ବୁଝେଇଲେଣି; ବୁଢ଼ୀର ଧ୍ୟାନ ଭାଙ୍ଗୁ ନାହିଁ । ସେଇ ଗୋଟିଏ ଜାଗାରେ ବସି ଏକଧ୍ୟାନରେ ଗୋଟିଏ ଆଡ଼କୁ ଚାହିଁ ରହିଛି । ମଝିରେ ମଝିରେ ବେଳେବେଳେ ବୁଢ଼ୀର ମୁହଁଟା ବିକୃତ-ହୋଇ ଯାଉଛି । ଯେ ଯେତେ ପ୍ରକାର ବୁଝାଇଲେ ବି କାହାରି ଆଡ଼କୁ ବୁଢ଼ୀ ଚାହିଁ ପାରୁନି । କେଉଁ ଏକ ଅଜଣା ଭୟ ତା' ମନକୁ ଅବୋରି ବସିଛି । ତା' ଫଳରେ ସେ ନିଜକୁ ହରେଇ ବସିଛି । ଯେତେ ଚେଷ୍ଟା କଲେ ସେ ନିଜ ମନକୁ ବୁଝାଇ ପାରୁନି । ଖାଲି ହା' ହୁତାଶରେ ତା' ଆତ୍ମା କାନ୍ଦି ଉଠୁଛି ।

ବାପପୁଅ ଦୁହେଁ ହାତକଡ଼ି ପିନ୍ଧି ଚାଲିଯିବା ପରେ କିଏ କହିଲା—ଫାଶି ହେଇଯିବ, ଆଉ କିଏ କହିଲା—ଆଜି କାଲି ଆଉ ଫାଶି ଦିଆଯାଉନି, କଳାପାଣି

Digitized by srujanika@gmail.com

ହୋଇଯିବ ! ଆଉ କିଏ କ'ଣ କେତେ ପ୍ରକାର କହିଲେ । କିନ୍ତୁ କୌଣସି କଥା ବୁଢ଼ୀ ଶୁଣିପାରିଲା ନାହିଁ । ଝିଆ ଦୁହେଁ ସମସ୍ତଙ୍କ କଥା ଶୁଣିଥିଲେ ବି 'ଫାଶି' ଓ 'କଳାପାଣି'ର ଅର୍ଥ ଆଦୌ ବୁଝିପାରିଲେ ନାହିଁ । ସେଇ ନୂଆ ଶବ୍ଦର ଅର୍ଥ ଜାଣିବା ଲାଗି ଖେଳଣା ଓ ଚମ୍ପୀ ପରସ୍ପର ମୁହଁକୁ ଜଳଜଳ କରି ଚାହିଁ ରହିଲେ ।

କେତେ ସମୟ ପରେ ହରିରାମ ମହାଜନ ଆସି ଝିଆ ଦୁହିଙ୍କୁ ଡାକି ନେଇ ଘରେ ଖୁଆଇ ଆଣିଲା ଏବଂ ବୁଢ଼ୀକୁ କେତେ ପ୍ରକାର ଆଶ୍ୱାସନା ଦେଇ ବୁଝାଇଲା । କିନ୍ତୁ ଯେତେ ଚେଷ୍ଟା କଲେ ବି ବୁଢ଼ୀର ଧ୍ୟାନ ଭଙ୍ଗ ହେଲା ନାହିଁ । ସାହି ପଡ଼ିଶାର ସ୍ତ୍ରୀ ଲୋକମାନେ ବୁଢ଼ୀର ଅବସ୍ଥା ଦେଖି ମନେ ମନେ ଡରିଗଲେ— 'ଏଇ ଦୁଃଖରେ ବୁଢ଼ୀ ଚାଲିଯିବ କି ?

ଠିକ୍ ତୃତୀୟ ଦିନ ସକାଳ ଝିଆ ଖିଆ ବେଳକୁ ହଠାତ୍ ଦୁଆର ମୁହଁରେ ରାଧା ଆସି ପହଞ୍ଚି ଯାଇ ଡାକିଲା—"ବଉ..." !

'ବଉ' ଡାକ ବୁଢ଼ୀର କାନରେ ପଡ଼ିଥିଲେ ହେଁ, ତା'ର ଧ୍ୟାନ ଭଙ୍ଗ ହେଲା ନାହିଁ । ଖେଳଣା ଓ ଚମ୍ପୀ ଭାଉଜର ପାଟି ବାରି ନେଇ ଧାଇଁ ଯାଇ କବାଟ ଖୋଲି ଦେଲେ । ରାଧା ନଣନ୍ଦ ଦିଅର ଦୁହିଁଙ୍କୁ କୁଣ୍ଢାଇ ପକାଇ ବ୍ୟସ୍ତ ହେଲା ପରି ପଚାରିଲା—"ବଉ କାହିଁ .." ?

"ବଉ ଆଉ ଘର ଭିତରେ ଭିନଦିନ ହେଲା ବସିଛି, କିଛି ଖାଉନି ପିଉନି କି ଶୋଉନି...।"

ରାଧା ଝିଆ ଦୁହିଁଙ୍କ ହାତ ଧରି ଘର ଭିତରକୁ ପଶି ଯାଉଁ ଯାଉଁ ଘରର ଅବସ୍ଥା ସମ୍ବନ୍ଧରେ ବେଶ୍ ବୁଝିପାରିଲା । ଘର ଦୁଆର ଆଣ୍ଠୁ ଏ ଧୂଳିରେ ପୂର୍ଣ୍ଣ, ବୋବେଇ ଘରେ ହାଣ୍ଡି ମାଙ୍କଡ଼ି ଶବ୍ଦ ମାରୁଛି । ବିଛଣା ଉଠା ଯାଇନି । ଗାଈ ବଳଦ ତିନଦିନ ହେଲା ଫିଟା ଯାଇ ନାହାନ୍ତି ।

ରାଧା ତା' ଶୋଇବା ଘରକୁ ପଶିଯାଇ ଦେଖିଲା, ତା' ଶାଶୁ କାନ୍ଥକୁ ଏକ ଧ୍ୟାନରେ ଜଳଜଳ କରି ଚାହିଁ ବସିଛି । ସେ 'ବୋଉ' 'ବୋଉ' ବୋଲି ପାଞ୍ଚ ଡାକ ପକେଇ ଥିଲେ ବି ଥରେ ହେଲେ ବୁଢ଼ୀ ମୁହଁରୁ ଉଁ...କି ଚୁଁ କିଛି ବାହାରିଲା ନାହିଁ । ରାଧା ଖୁବ୍ ବ୍ୟସ୍ତ ହୋଇ ଯାଇ ଶାଶୁ ପାଖରେ ବସିପଡ଼ି, ତାକୁ ଧୀରେ ହଲାଇ ଦେଇ କହିଲା—"ବଉ...ମୁଁ ରାଧା...ମୋ' ଆଡ଼କୁ ଚାହିଁ...। ତୁମେ ଏମିତି ହେଲେ ଏ' ଝିଆଙ୍କ ଅବସ୍ଥା କ'ଣ ହେବ" ?

Digitized by srujanika@gmail.com

ଏହି ସମୟରେ ପଡ଼ିଶା ଘରର ସ୍ତ୍ରୀଲୋକମାନେ ଗଧା ଆସିଥିବାର ଶୁଣି-ପାରି ଧାଇଁ ଆସିଲେ । ଗଧା ଶାଶୁ ପାଖରେ ବସି ବୁଢ଼ୀର ମୁହଁକୁ ନିଜ ଆଡ଼କୁ ବୁଲାଇ ଆଣି ପୁଣି କହିଲା—"ବଉ···ବଉ···ବଉମି··· ? ମୋତେ ଚିହ୍ନି-ପାରୁଚ··· ? ମୁଁ ପରା ତୁମ ବନ୍ଧୁ···ଗଧା···" !

"ଆମେ ପରା ଦି'ଦିନ ହେଲା ଥକି ଗଲୁଣି; ସେଇଠୁ ମୋଟେ ଉଠୁ-ନେଇ କି, ଶୁହୁଁ ନି···! ତୁଆଙ୍କର ଏ' ହାଲ ଦେଖିଲେ ବି ତାଙ୍କ ଆଡ଼କୁ ବି ଟିକିଏ ଶୁହୁଁନି । ଆମେ ତ' ଡରି ଯାଇଥିଲୁ···ଭାବୁଥିଲୁ ତୁମ ଘରକୁ ଖବର ପଠେଇବୁ ବୋଲି···ପୁଣି ଭାବିଲୁ କାଳେ ତୁମ ବାପା ମାଆ କ'ଣ ଭାବିବେ···"! କହିଲା ପାଖ ପଡ଼ିଶା ଘରର ବଡ଼ବୋହୂ ଚଇତୁଣୀ ।

ଗଧା କାହାରି ଆଡ଼କୁ ନ ଶୁହୁଁ କିମ୍ବା କାହାରି କଥାର ଉତ୍ତର ନଦେଇ, ସେଠାରୁ ଉଠିଯାଇ କଳସୀରୁ ପାଣି ଟିକିଏ ନେଇ ଆସି, ଶାଶୁର ମୁହଁ ଓ କପାଳରେ ମାରିଦେଇ ଶାଢ଼ୀକାନିରେ ପୋଛି ପକାଇଲା ।

ଦୁଇଦିନ ପରେ ଗଧାର ଶରଧାବୋଳା ହାତର ପରଶ ପାଇ, ବୁଢ଼ୀର ଧ୍ୟାନ ଭାଙ୍ଗିଗଲା । ସେ ବାରମ୍ବାର ଆଖି ପିଳିଙ୍ଘା ମାରି ଗଧା ମୁହଁକୁ ବଲ୍ ବଲ୍ କରି କିଛି ସମୟ ଶୁହୁଁବା ପରେ—"ବ···"ହୂ କହି ଚିତ୍କାର କରି ଉଠିଲା ।

ଆଖିରେ ଗଭୀର ଶୋକର ଛାଇ ବୋଳି ହୋଇ ଯାଉଥିଲେ ବି, ଟୋପେ ହେଲେ ଲୁହ ଝରିପଡ଼ିଲା ନାହିଁ । ଗତ ଦୁଇଦିନ ଧରି କାନ୍ଦି କାନ୍ଦି ବୁଢ଼ୀର ଆଖିରୁ ଲୁହ ଶୁଖି ଯାଇଛି ।

ଗଧା ପୁଣି ଥରେ ଶାଶୁର ଆଖି ଓ କପାଳରେ ପାଣିମାରି ଶାଢ଼ୀ କାନିରେ ପୋଛି ଦେଇ ପଚାରିଲା—"ବଉ···! ମୁଁ ପରା ଆସିଗଲିଣି, ଅଉ ତୁମର ଚିନ୍ତା କଅଣ···" ?

ଗଧାର ଆଶ୍ୱାସନାର ପ୍ରଭାବ ପଡ଼ିଲା ବୁଢ଼ୀ ଉପରେ । ସେ ପୁଣି ଥରେ କରୁଣ ସ୍ୱରରେ କହିଲା—"ବୋହୂ··· ! ମୋ' ଗଧା····" !

ଗଧା ଆଉ ନିଜକୁ ସମ୍ଭାଳି ପାରିଲା ନାହିଁ । ଲୁହାଠାରୁ ଆହୁରି ଟାଣ ତା'ର ହୃଦୟଟି ଶାଶୁର ଦୁଃଖରେ ତରଳିଗଲା । ତା' ଆଖିରୁ ଝପ୍ ଝପ୍ ହୋଇ ଦି' ଟୋପା ଲୁହ ଝରି ପଡ଼ିଲା । କାଳେ କେହି ତା' ଲୁହ ଦେଖି ପକାଇବେ, ତେଣୁ ସେ ସଙ୍ଗେ ସଙ୍ଗେ ପଣତକାନିରେ ଆଖି ପୋଛିଦେଇ ଆବେଗଭରା କଣ୍ଠରେ

Digitized by srujanika@gmail.com

କହିଲା—"ହଁ...ବଉ, ମୁଁ ତୁମର ରାଧା । ମୁଁ ଆସିଗଲିଣି ପରା, ଆଉ ତୁମେ ଚିନ୍ତା କରୁଚ କାହିଁକି" ?

ରାଧା ଗୋଟିପଣେ ଟେକି ନେଲା ପରି, ବାହାରକୁ ନେଇ ଯାଇ, ଭଲ-ଭାବରେ ଶାଶୁର ମୁହଁ ଧୋଇ ଦେଲା, ଲୁଗା ପାଲଟାଇ ଦେଲା । ତା'ପରେ ଚଟଣା ବିଛାଇ ବୁଢ଼ୀକୁ ଆଣି ଶୁଆଇ ଦେଇ, ଘର, ବାହାର ଓ ଅଗଣା ଝାଡ଼ିକି ସଫା କରି ଦେଲା । ସେତେବେଳେ ମନେ ହେଉଥିଲା—ସତେ ଯେପରି, ତା' ପାଦ ଦୁଇଟିରେ ପର ଲାଗି ଯାଇଛି ।

ସେ ଘରଦୁଆର ସଫାସଫି କରି ସାରି, ଗୁହାଳରୁ ଗାଈ ଗୋରୁଙ୍କୁ ପିଟାଇ ନେଇ, ବାହାରେ ଖୋଲା ଯାଗାରେ ବାନ୍ଧି ଦେଇ ତାଙ୍କ ଆଗରେ ଛଣକୁଟା ପକାଇ ଦେଲା ଏବଂ ଘରେ ଯାହା କିଛି କୁଣ୍ଡା ତୋରାଣି ଥିଲା—ତାକୁ ସେମାନଙ୍କ ଆଗରେ ବଢ଼ାଇ ଦେଲା ।

ଏତକ କାମ ସାରି, ସେ ଧାଇଁ ଯାଇ, ନଈରୁ ଗାଧୋଇ ପାଧୋଇ ପାଣି ଘେନି ଆସିଲା ଏବଂ ରୋଷେଇ ଘରେ ପଶିଯାଇ ଭାତ ଓ ଦହିକଡ଼ି ଠିକଏ କରି ପକାଇଲା । ଘରେ ଥୁଆ ଯାଇଥିବା ବଡ଼ି ମେଞ୍ଚାଏ ହେବ ଭାଜି ଦେଇ, ତାକୁ ରସୁଣ ଦେଇ ଚୂରି ଦେଲା । ତା'ପରେ ସେ ଚମ୍ପୀ ଓ ଖେତରୀଙ୍କୁ ପୋଛି ପୋଛି କରି ଦେଇ, ଏକାଠି ବସାଇ ପେଟେ ଭାତ ଖୁଆଇ ଦେଲା । ଝିଆ ଦିଓଟି ଦୁଇ-ଦିନ ତଳେ ଯାହା ପେଟ ପୂରାଇ ଖାଇଥିଲେ । ଭାଉଜର ଆଦର ଓ ଯତ୍ନରେ ସେ ଦୁହେଁ ଦୁଇଦିନର ଦୁଃଖ ଭୁଲି ଯାଇ, ବେଶ୍ ମନ ଭରି ପେଟେ ଖାଇ ଦେଲେ ।

ରାଧା ଏତକ ସାରିଦେଇ ଗୋଟିଏ ବେଲାରେ ଭାତ, ରସ ତାଟିଆରେ ଦହିକଡ଼ି ଓ ଥାଳିଆରେ ବଡ଼ି ଚୂରା ନେଇ ଶାଶୁଙ୍କ ଘରକୁ ଆସିଲା । ଶାଶୁ ବୁଢ଼ୀକୁ ଉଠାଇ ଭାତ ପାଖରେ ବସାଇଲା । ବୁଢ଼ୀ ଆଦୌ ଶୋଇ ନଥିଲା । ସେ ରାଧାର କାମ ଗୁଡ଼ିକୁ ସେଇଠାରେ ଶୋଇ ଶୋଇ ଦେଖୁଥିଲା । ବହୂର ବ୍ୟବହାର ଓ କାମ ଦାମରେ ତା' ମନରୁ ଦୁଃଖ ଅଧାଅଧି ଦୂର ହୋଇଗଲା । ସେ ଖାଇବା ବେଳା ପାଖରେ ବସି ପଡ଼ି କହିଲା—"ବହୂ, ମୋ' ପେଟକୁ ଦାନା ଯିବନାହିଁ, ତୁ ମୋତେ ବଳାନା..." !

"ତୁମେ କ'ଣ ବାୟାଣୀ ହୋଇଗଲ ନା କ'ଣ ବଉ ! ଏମିତି ଉପାସ ରହି କାନ୍ଦିଲେ କ'ଣ ତେଣେ ବାପପୁଅ ଦିହେଁ ଖଲାସ ହେଇଯିବେ ? ତୁମେ ଗଣ୍ଡେ

Digitized by srujanika@gmail.com

ପାଟିରେ ଦେଇ ଦିଅ । ଛୁଆ ଦିହେଁ ଖାଇ ସାରିଲେଣି । ବାପପୁଅ ଦିହେଁ ତ ଗ୍ରେପ୍ତ କରି ଧରା ହୋଇ ନାହାନ୍ତି ? ସେ ଦୁହେଁ ଘରର ମାନ, ମହତ ଓ ଭାତହାଣ୍ଡି ଧାନ କିଆରୀକୁ ରକ୍ଷା କରିବାକୁ ଯାଇ, ଯା' କଷ୍ଟ କରିଚନ୍ତି । ସେଥିରେ ଆମେ ଭାଙ୍ଗି ପଡ଼ିଲେ ଚଳିବ କିମିତି'' ?

''ହଁ..., କହିଲୁ ଯେ ବହୂ ସତ କଥା, କିନ୍ତୁ ତିନିଦିନ ହେଲା ବାପ-ପୁଅ ଦିହେଁ କ'ଣ ଖାଉଥିବେ, କେଉଁଠି ଥିବେ ? ପୁଲିସି ତାଙ୍କୁ ମାରିଧରି କରୁଥିବ...! ବୁଢ଼ା ବୟସରେ ପୁଲିସିର ମାଡ଼ଖାଇ ସେ କ'ଣ ସହିପାରିବେ ?'' ଆଖିରୁ ଧାରଶିରବଣର ଧାର ଝରାଇ କହିଲା ବୁଢ଼ୀ ।

''ପୁଲିସ୍ ତାଙ୍କୁ ମାରିବ କାହିଁକି ? ସେ ତ ସବୁ କଥା ମାନି ଯାଇଛନ୍ତି; ନ ମାନିଥିଲେ ସିନା ମାରି ମାରି ସତକଥା ବାହାର କରିଥା'ନ୍ତା । ଜେଲ୍‌ରେ କାହାରିକୁ ଉପାସ ରଖାଯାଏ ନାହିଁ । ସେମାନଙ୍କୁ ଖାଇବାକୁ ନିଶ୍ଚେ ମିଳିଥିବ'' !

ଏହି ସମୟରେ ଖବର ପାଇ, ହରିରାମ ମାହାଜନ ଆସି ପହଞ୍ଚିଗଲା । ସେ ଘର ଭିତରକୁ ପଶିଯାଇ କହିଲା—''ମା' ତୁମେ ଆସିଗଲ ! ଦେଖିଲ, ତୁମ ପରି ବହୂଟିଏ ଭାଗ୍ୟରେ ଥିଲେ ମିଳେ ! ଠିକ୍ ବିପଦବେଳେ ଆସି ଭଙ୍ଗା ଘରଟାକୁ ସଜାଡ଼ି ନେଲା ! ମୁଁ ଦୁଇଦିନ ହେଲା ଆସି ତୁମ ଶାଶୁଙ୍କୁ ବୁଝାଇ ବୁଝାଇ ଥକି ଗଲିଣି...! ତୁମର ଯାହା ସୁବିଧା ଅସୁବିଧା ହେବ, ମୋତେ କହିବ ! ମୁଁ ମାଲି ମାମଲତ କଥା ବୁଝୁଛି । ବାପପୁଅ ଦୁହେଁ ଏବେ ଥାନାରେ ଅଛନ୍ତି; ଦିନେ ଦି'ଦିନ ପରେ କୋର୍ଟକୁ ଚାଲାଣ ହୋଇ ହାଜତରେ ରହିବେ । ସେତିକିବେଳେ ତୁମେ କେହି ଗଲେ, ତାଙ୍କ ସହିତ ଦେଖା କରି ପାରିବ'' ।

''ହଁ...ମାହାଜନେ, ଆପଣ ତ ଏ' ଗାଆଁରେ ଆମର ସାହା ଭରସା !'' କହିଲା ମୁଣ୍ଡରେ ଓଢ଼ଣାଟିକୁ ଆଗକୁ ଟାଣି ଆଣି ରାଧା—''ମୁଁ ପରା ହେଇ କଥା ବଉଙ୍କୁ ବୁଝଉଥିଲି; ସେ କ'ଣ ବୁଝୁଚନ୍ତି କି ?'ଏଇ ପରା, ଖୋଇବି ବୋଲି କେତେ ବେଳୁ ଗଣ୍ଡିଏ ଭାତ ଧରି ବସିଚି, ମୋଟେ ପାଟିକି ନେଉ ନାହାନ୍ତି...'' ।

''ନା...ମାଃ...ସେମିତି ହେଲେ ଚଳିବ ନାହିଁ ! ଘରକୁ ଯୋଗାବହୂ ଆସି ଗଲିଣି, ଆଉ ଚିନ୍ତା କ'ଣ'' ? ହରିରାମ ମାହାଜନ ଆଉ କେତେ କଥା ବୁଝାଇ ଚାଲିଗଲେ । ତା'ପରେ ବୁଢ଼ୀ ବହୂର ବୁଝାସୁଝାରେ ଦି'ଗୁଣ୍ଡା ପାଟିରେ ଦେଇ ସାରି କହିଲା—''ବହୂ..., ତୁ ଏଇ ଅସଜ ଅବସ୍ଥାରେ ଏତେ ଖଟିଲୁ କାହିଁକି'' ?

Digitized by srujanika@gmail.com

"ମୋର କଷ୍ଟ ହବନା ବଉ, କାମ କଲେ କ'ଣ ଦେହ ଖରାପ ହୁଏକି ? ବରଂ କାମ ଧନ୍ଦା କଲେ ଝୁରୁଖୁରୁରେ ସବୁକାମ ହୋଇଯିବ···" । ଲାଜରା ଲାଜରା ହୋଇ କହିଲା ରାଧା ।

"ହଉ···ମା'··· ! ତୁ ଗଣ୍ଡେ ଖାଇଦେ'··· । ଆଜି ତ ତୁ ଆସି ପହଞ୍ଚି ନଥିଲେ, କ'ଣ ହୋଇଥାଆନ୍ତା କେଜାଣି ? ଏ' ଛୁଆ ଦି'ଟା ଅନାଥ ହୋଇ ଯାଇ ଥାଆନ୍ତେ···" !

ମାଆ ତୁଣ୍ଡରୁ କଥା ଛଡ଼ାଇ ନେଇ କହିଲା ଖେତରା—"ନୂଆ'ଉ ! ତୁ ଆମକୁ ଛାଡ଼ି ପୁଣି ଚାଲିଯିବୁ ନାହିଁ ତ" ?

ଖେତରାର କଥା ଶୁଣି ମନଟା ପୂରି ଆସିଲା ରାଧାର । ସେ ଭାବିଲା— 'ଆହା, ଛୁଆ ଦିଓଟି ମୋତେ କେତେ ଭଲ ପାଉଚନ୍ତି' ! ସେ ଖେତରାର ଗାଲରେ ସରୁ ଚୁପୁଡ଼ାଟିଏ ମାରି କହିଲା—"ନା'ରେ ଖେତୁ, ମୁଁ ଆଉ ଏ' ଘର ଛାଡ଼ି କୁଆଡ଼େ ଯିବନି । ତୁମେ ସମସ୍ତେ ମିଶି ମୋତେ ଜୋର୍‌କରି ବାହାର କରିଦେଲେ ବି, ମୁଁ ଆଉ ଏ'ଘରୁ କୁଆଡ଼େ ହେଲେ ଯିବନି···" !

ଏତିକି କହି ସାରିବା ବେଳକୁ ରାଧାର ଆଖିରେ ଲୁହ ଛଳ ଛଳ ହୋଇ ଉଠିଲା । କାଳେ ପିଲାଙ୍କ ଆଗରେ ତା' ମନର ଦୁର୍ବଳତା ଧରା ପଡ଼ିଯିବ, ସେଥି-ଲାଗି ସେ ମୁହଁ ପୋଛିବା ବାହାନାରେ, ଆଖିର ଲୁହ ପୋଛି ପକାଇଲା । କିନ୍ତୁ ଝିଉଜ ଆଖିର ଲୁହ ଚମ୍ପୀ ଆଗରେ ଅଛପା ରହିଲା ନାହିଁ । ସେ ରାଧାକୁ କୁଣ୍ଢାଇ ପକାଇ କହିଲା—"ନୂଆ'ଉ, ଆମେ କ'ଣ ତୋତେ ବାହାର କରି ଦେଇଥିଲୁ କି ? ବଉ ତ' କହୁଥିଲା, ତୁ ଆପେ ଆପେ ଚାଲିଗଲୁ ବୋଲି··· । ପୁଣି ଯଦି ସେମିତି···" ।

"ନାଃ···ଲୋ ବାୟାଣି, ମୁଁ ଆଉ କେବେ ହେଲେ ଏ'ଘରୁ ଗୋଡ଼ କାଢ଼ି କୁଆଡ଼େ ଯିବନି, ବୁଝିଲୁ··· ? ତୁମେ ଦିହେଁ କାଲିଠୁଁ ଇସ୍‌କୁଲକୁ ସକାଳୁ ଖିଆପିଆ ସାରି ଚାଲିଯିବ ! ଏବେ ଯାଅ, ଖେଳ···" । ନଣନ୍ଦକୁ ସ୍ନେହରେ ଆଉଁଷି ଦେଇ କହିଲା ରାଧା ।

ରାଧା ଛୁଆ ଦୁହିଁଙ୍କୁ ଖେଳିବାକୁ ପଠେଇ ଦେଇ, ନିଜେ ଗଣ୍ଡେ ଖାଇନେଇ ଶାଶୁକୁ ଶୁଆଇ ପକାଇ, ତା'ର ଗୋଡ଼ ହାତ ଚିପିଦେଲା । ବହୂର ଶରଧା ଓ ସୁହାଗ ପାଇ ତନଦନ ହେଲା ଆଖି କଷା କରି ନଥିବା ବୁଢ଼ୀ ଟିକିଏ ନିଶ୍ଚିନ୍ତ ହୋଇ ଶୋଇ ପଡ଼ିଲା ।

Digitized by srujanika@gmail.com

ଗଧା ଖାଇସାରି, ବେଲା ବାସନ ଧୂଆଧୋଇ କରି ଦେଇ, ଥୋଇ ଦେଲା। ତା'ପରେ ସେ ଗାଈଗୋରୁଙ୍କ ପାଖରେ ପାଣି ତୋରାଣି ମୁନ୍ଦାଏ ଥୋଇ ଦେଇ ତାଙ୍କୁ ଗୁହାଳରେ ଆଣି ବାନ୍ଧିଦେଲା । ଏତକ କାମ ସାରିବା ପରେ ସେ ଚମ୍ପୀ ଓ ଖେତରାକୁ ଡାକି କହିଲା—"ଚମ୍ପୀ, ତୁ ଘରେ ଥା', ବାଉ ଶୋଇ ପଡ଼ିଛନ୍ତି, ମୁଁ ଖେତୁକୁ ନେଇ ନଟିଆ ଘରକୁ ଯାଉଛି । କାଲି ପାଇଁ ମୂଲିଆ ଯୋଗାଡ଼ ନକଲେ ଧାନ କଅଁାଗିର ନଡ଼ା ରଡ଼ିଯିବ ଯେ..." !

ଗଧା ଚମ୍ପୀକୁ ଘର ଜଗେଇ ଦେଇ, ଖେତରାକୁ ନେଇ ଗୁଣ୍ଡୁଲା ହାଣ୍ଡି ପରି ମୁଣ୍ଡରେ ଓଢ଼ଣା ଟାଣି, ଗାଆଁ ଦାଣ୍ଡରେ ହଲି ଦୋହଲି ଆଗେଇ ଗଲା ନଟିଆ ଘରକୁ ।

—୦—

।। ସତାଇଶି ।।

କଟକଣା ନଅମାସର ଗର୍ଭ ଅବସ୍ଥାରେ ଗଧା ଉଜୁଡ଼ ଯାଉଥିବା ଘରଟିକୁ ଯେପରି ଭାବରେ ସହଜରେ ସମ୍ଭାଳି ନେଲା, ତା' କେହି ବିଶ୍ୱାସ କରି ନଥିଲେ । ଦୁଇ ବରଷ କାଳ ସେହି ଘରେ ଚଳିଥିଲେ ବି, ନିଜେ ତା' ଶାଶୁ ତାଙ୍କୁ ଭଲ-ଭାବରେ ଚିହ୍ନିପାରି ନଥିଲା ।

ଗଧା ପ୍ରଥମଦିନ ଆସି ଘରେ ଗୋଡ଼ ଦେଇ କାମ ଧନ୍ଦାରେ ଯେପରି ଲାଗି ପଡ଼ିଲା, ତା' ଗାଆଁ ଗୋଟିକର ଆଲୋଚନାର ବିଷୟ ହୋଇଗଲା । କେବଳ ହରିରାମ ମାହାଜନକୁ ଛାଡ଼ି ଦେଲେ, ଆଉ କେହି ଜଣେ ହେଲେ ବିଶ୍ୱାସ କରି ପାରିଲେ ନାହିଁ ଯେ, ଶେରସ୍ତାକୁ କଳାପାଣି ପାର ବା ଫାଶି ହେବାର ନିଶ୍ଚିତ ଖବର ଜାଣିଥିଲେ ସୁଦ୍ଧା ଗଧା ତା' ବାପ ଘରୁ ଗୋଡ଼ କାଢ଼ି ଆସିଲା କେମିତି ? ତା' ବାପ ମାଆଙ୍କ ଶରୀର କ'ଣ ପଥର ନା ଲୁହାରେ ତିଆରି ? ସେମାନେ ଯାଁକୁ ଛାଡ଼ିଲେ ବା କମିତି ?

ସତ କଥା—ରାଜୁ ଓ ତା' ବାପାଙ୍କ ଖବର ଗଧାର ବାପଘର ଗାଆଁରେ ପ୍ରଚାରିତ ହେବା ମାତ୍ରେ କି ପ୍ରକାର ପ୍ରଭାବ ତା' ଉପରେ ପଡ଼ୁଛି ବୋଲି ଗାଆଁର ମାଇପିଏ କାନ ଡେରି ରହିଲେ । କେତେ ଜଣ ହୁଏତ ଭାବିଥିଲେ—ଗଧା କୋଡ଼ କଣ୍ଢେଇ ହୋଇ କାନ୍ଦ କାନ୍ଦ ଭାବନ୍ତୁ ଉଗ୍ରୁଳି ଦେବ ଏବଂ ସେମାନେ ଯାଇ ତାଙ୍କୁ ବୁଝାଇ ସୁଝାଇ ବୋଧ କରିବେ । ଆଉ କେହି ହୁଏତ ଭାବିବେ—ସେ'ତ

Digitized by srujanika@gmail.com

ସବୁଦିନ ଲାଗି ସେ'ଠୁ ଗୋଡ଼ କାଢ଼ି ଚାଲି ଆସିଛି; କେବଳ ଲୋକ ଦେଖାଣିଆକୁ ଦିନେ ଦି'ଦିନ ଟିକିଏ କନ୍ଦାକନ୍ଦି କରି, ପୁଣି ତା' ବାଟ ସେ ଧରିବ । ଯାହା ବା ଆଉ କୁଆଡ଼େ ଯାଇ ନଥା'ନ୍ତା, ଏଥର ନିଶ୍ଚିନ୍ତ ହୋଇ ଦୁରାଅ ହୋଇଯିବ ।

ସାହି ସଙ୍ଗୀମାନେ ଯାହା ବା' ଗଧା ସମ୍ବନ୍ଧରେ ଭାବିଲେ, କିନ୍ତୁ ତା' ନିଜ ବାପ ମାଆ କିଛି ହେଲେ ଚିନ୍ତା କରିପାରିଲେ ନାହିଁ । ତା' ମାଆ ବାପା ତାକୁ ପିଲାଟି ଦିନରୁ ବେଶ୍ ଜାଣିଥିଲେ । ତଥାପି ସେମାନେ ହଠାତ୍ କିଛି ଭାବି-ପାରିଲେ ନାହିଁ ।

ଏ' ଖବର ଆସି ଗାଆଁରେ ପହଞ୍ଚିବା ମାତ୍ରେ ଗଧା ଟିକିଏ କାଳ ଗୁମ୍ ମାରି ବସିଲା । ଅବଶ୍ୟ ସଞ୍ଜ ବେଳଟାରେ ସେ ଏ' ଖବର ଶୁଣିଲା । ନଇଲେ ସଙ୍ଗେ ସଙ୍ଗେ ସେ ତା' ମନ ମୁତାବକ୍ କାମ କରି ଥାଆନ୍ତା ! ବାପା ମାଆ ଗଧାର ଏ' ଅବସ୍ଥା ଦେଖି ଅବାକ୍ ହୋଇ ତାକୁ ଚାହିଁ ରହିଲେ । ତା' ମାଆ ଭାବିଥିଲା—ହୁଏତ ସେ ଆଜି ରାତିରେ କିଛି ଖାଇବ ନାହିଁ, କିନ୍ତୁ ଖାଇବା ସମୟ ହୋଇଯିବା ମାତ୍ରେ ସେ ଆଗ କରି ଯାଇ ଖାଇ ବସିଲା । ସେ ଖାଉଥିବା ବେଳେ ତା' ବାପା ଭୀମ ରାଉତ ଆସି, ସେଇଠି ତା' ପାଖରେ ଖାଇ ବସିଲା । ସେଦିନ ଅବଶ୍ୟ ଗଧା ସବୁଦିନ ଅପେକ୍ଷା ବେଶୀ ଦି'ଟା ଭାତ ଖାଇଲା । ସେ ଖାଇସାରି ହାତ ଧୋଇବା ଆଗରୁ କହିଲା—"ବାପା; ମୁଁ କାଲି ବଡ଼ଭୋରୁ ଚାଲିଯିବି···"!

"ଏଁ···କୁଆଡ଼େ ଯିବୁ···" ! ଚମକି ପଡ଼ିଲା ପରି ପଚାରିଲା ଭୀମ ରାଉତ।

"ଜ୍ୟୋଣ୍ଡପୁର···" । ସଂକ୍ଷିପ୍ତ ଉତ୍ତରଟିଏ ଦେଲା ଗଧା ।

ଭୀମ ରାଉତ ଭଲ ଭାବରେ ଜାଣିଥିଲା—ଗଧାକୁ ବୁଝେଇଲେ କିଛି ଲାଭ ନାହିଁ । ସେ ଯାହା ବୁଝିଥାଏ, ସେହି ଅନୁସାରେ କାମରେ ଆଗେଇ ଯାଏ । ତାକୁ ବୁଝାବୁଝି କରେଇ କେହି କେବେହେଲେ କୌଣସି କାମରୁ ଫେରେଇ ପାରିନ କିମ୍ବା ପାରିବ ନାହିଁ ! ତେଣୁ ସେ ଭାତ ଗୁଣ୍ଡାଟି ହାତରେ ଧରି କହିଲା—"ମୁଁ କ'ଣ କହୁଥିଲି କି ଆଉ ଦିନେ ଦି'ଦିନ ପରେ ମୁଁ ତୋତେ ନେଇ ଯାଇ-ଥାଆନ୍ତି··· । ଘରର ହାଲଚାଲ୍ ବୁଝି ପୁଣି ମୋ'ର ସାଥିରେ ଚାଲି ଆସନ୍ତୁ···" ।

"ଚାଲି ଆସିବ··· ? କାହିଁକି··· ?? ତୁମେ ଏ'କଥା ଭାବିପାରିଲ କେମିତି ବାପା ???"

ଗଧାର ଉତ୍ତରରେ ଝେଲକା ଲାଗିଲା ପରି ଜଳଜଳ ହୋଇ ଚାହିଁ ରହିଲା ତା' ମୁହଁକୁ ଭୀମ ରାଉତ । ଝିଅ କ'ଣ କହୁଛି ଏବଂ ତା'ର ଉଦ୍ଦେଶ୍ୟ କଅଣ,

Digitized by srujanika@gmail.com

ସେ ଯେତେ ଚେଷ୍ଟା କଲେ ସୁଦ୍ଧା ଅନୁମାନ କରିପାରିଲା ନାହିଁ । ବାପା ଶ୍ରେଷ୍ଠ ପିଲାଟିଏ ପରି ତା' ମୁହଁକୁ ଚାହିଁ ରହିଥିବାର ଦେଖି, ଟିକିଏ ଗମ୍ଭୀର ହୋଇ କହିଲା ଗଧା—"ଘରେ ବୋଉଣା ବୁଢ଼ୀ ଓ ଛୁଆ ଦି'ଟା ଦହଗଞ୍ଜ ହେଉଥିବେ; ମୁଁ ଏ'ଠି ଶାନ୍ତିରେ କିପରି ରହିପାରିବି ? ମୋ'ରି ପାଇଁ ବାପ ପୁଅ ଦି'ଜଣ ଯାକ ନାଆଁ କୁ ବୋଉଇଁ ଏଡ଼ିବେଣି, ଏ'କଥା ଜାଣିଶୁଣି, ମୁଁ କିପରି ଏଠାରେ ରହି ପାରିବି ? କାଲି ସକାଳୁ ଏ' ଘଟଣା ଘଟିଲାଣି, ବୁଢ଼ୀଟି କାନ୍ଦି କାନ୍ଦି ନସ୍ୟାନ୍ତ ହୋଇ ଯାଉଥିବଣି ! ଘରେ କାଲିଠୁଁ ଚୁଲ୍ଲୀ ଜଳି ନଥିବ···" !

"ହେଲା ଏବେ···ମୁଁ ତୋ' ସାଙ୍ଗରେ ଯିବି, ଖବର ଅନ୍ତର ଭଲଭାବରେ ବୁଝି ଆସିବି···" !

"ନାଃ··· ।" ବାପା ପାଟିରୁ କଥା ଛଡ଼ାଇ ନେଇ କହିଲା ଗଧା—"କେହି ମୋ' ସାଥିରେ ଯିବା ଦରକାର ନାହିଁ ! ମୁଁ ଯେମିତି ଏକୁଟିଆ ସେଦିନ ଠଙ୍ଗ୍ ଠଙ୍ଗ୍ ହୋଇ ଚାଲି ଆସିଥିଲି, କାଲି ସକାଳୁ ସେଇମିତି ଆପେ ଆପେ ଚାଲିଯିବି ! ଆଜି ଚାଲିଯାଇ ଥାଆନ୍ତି କିନ୍ତୁ ଏକୁଟିଆ ଯିବାକୁ ହିମ୍ମତ୍ ପାଇଲି ନାହିଁ । ନଇଲେ କ'ଣ ମୁଁ ଏତେବେଳ ଯାଏଁ, ଏ'ଠି ବସି ରହି ଥାଆନ୍ତି···" ?

ବାପ, ମାଆ, ସାହି, ପଡ଼ିଶା ସମସ୍ତଙ୍କୁ ବିସ୍ମିତ କରାଇ, ଗଧା ପରଦିନ ମୁହଁ ଅନ୍ଧାରୁ ଘରୁ ବାହାରି ଜ୍ୟୋତିପୁରକୁ ଚାଲିଗଲା ।

ସେଦିନ ଘରେ ପହଞ୍ଚି ଯାଇ ଗଧା ଯେପରି କାହାରି ମୁହଁକୁ ନ ଚାହିଁ ଚର୍ ଚର୍ ଭର୍‌ଭର୍ ହୋଇ ଆଖି ପିଛୁଡ଼ାକେ ଘର କାମରେ ଲାଗିଟି ପଡ଼ିଲା; ତା' ଦେଖି ଗାଆଁ ମାଇପେ ଆଖି ନଚେଇ ମୁହଁ ମୋଡ଼ି କୁହାକୁହି ହେଲେ—"ହିଁ···ମିଁ···କେତେ ଦେଖିଛ ଏମିତିଆ··· ! ଆମେ ସବୁ ଥିଲେ ବୋଲି, ଲୋକଦେଖାଣିଆକୁ ଶାଶୁ ସୁହାଗ ବୋହି ଚଢ଼ିଲା । କଉଁଠୁ ପେଟର ହୋଇ ଆସିଛି ·· ! ଏ'ଠି କ'ଣ ନା' ଗୋଡ଼ ହାତରେ ଖଇ ଫୁଟି ଯାଉଛି···" !!

ହେଃ···ସେମିତିଆ କଅଣ କହୁଚ ମିଁ···" ? କହିଲା ଆଉ ଜଣେ—"ସେ'ତ ଏଇ ଚାରି ଛଅମାସ ହେଲା ବାପଘରକୁ ଯାଇଚି; ଆଉ କା' ପାଖରେ ଠାଇଁ ପଶି ପେଟର ହୋଇଥିଲେ, ସେ କଉଁ ମୁହଁରେ ଏ'ଠିକି ଆସି ଶାଶୁ ସୁହାଗ ନଗାଡ଼ ପକାନ୍ତା··· ? ତାକୁ ଦେଖିଲେ ତ ମନେ ହଉଚି—ଆଜି କି କାଲି ତା'ର ପିଲା ହବ···" ! "ତା'ପରି ଦଲକ ମାଈର ଚେହେରାକୁ କଅଣ ବା ଠଉରେଇବ ଯେ ?

Digitized by srujanika@gmail.com

‘‘ହେଲେ ବି···; ଆମେ ତ ପୁଣି ହ’ ଗୁରଠାର ମାଆ ହେଲେଣି, ଏତିକ କ’ଣ ଠଉରେଇ ପାରିବା ନି ? ହେଲା ଏବେ ମାସେ ପକ୍ଷେ ଏ’ପାଖ ସେପାଖ ହେଇଯିବ ·· ! ମୋ’ କଥାକୁ କାନରେ ଗଣ୍ଠି ପକାଇ ରଖ, ଯଦି ଏଇ ପନ୍ଦର-ଦିନ ଭିତରେ ତା’ର ପୁଅଟେ ନ ହବ ମୋ’ କାନ କାଟିଦବ···’’ ! ‘‘ହଉ ଦେଖ, କେତେଦିନ ଏ’ଘରେ ଗୋଡ଼ ବାନ୍ଧି ରହୁଚ ! ଗେରସ୍ତକୁ ତ ଫାଶି ହବ କି ଶୂଳୀ ହବ, କାହାକୁ ଗୁହାଁ ସେ ଏ’ଠି ପଡ଼ିରହିବ’’ ?

‘‘ସେ କଥା ଯା’ କଇଲ, ମନକୁ ପାଇଲା ! କିଆଁ ବଅସ, ସାରା ଜୀବନ କଅଣ ଏଇମିତି ମୁଣ୍ଡଖାଲ ଭୁଣ୍ଡରେ ମାରି ପଡ଼ିରହି ଖଟୁଥିବ···’’ !

ଏମିତି କେତେ କ’ଣ ଏଣ୍ଡୁତେଣ୍ଡୁ ଆଲୋଚନା କରି କରି ସାହି ମାଇପେ ଯେଝା ଘରକୁ ଫିଏ ଗଲେ ।

ଖେତକ ସାଙ୍ଗରେ ଗଧା ନଟିଆ ଘରେ ପହଞ୍ଚି ଯାଇ, ଆସନ୍ତା କାଲି ପାଇଁ ମୂଲିଆ ବନ୍ଦୋବସ୍ତ କରିଦେଲା । ତା’ମନରେ ଦମ୍ଭ ଥିଲା—ହରିରାମ ମାହାଜନ ଏଇଲେ ନିଶ୍ଚେ କିଛି ଟଙ୍କା ଉଧାର ଦେଇଦେବ । ଧାନ କଟାକଟି ସରିଲେ ଅମଳ ସାରିଦେଇ ସେ ତା’ ଟଙ୍କାତକ ସୁଧ ଅସଲ ସୁଝିଦେବ ।

ମରନ୍ଦିନ ରାତି ଘଡ଼ିଏ ଥାଇ ଗଧା ବିଛଣାରୁ ଉଠି, ଚୂଲି ଲଗାଇ ଭାତ ବସାଇ ଦେଇ, ଗାଈଗୋରୁଙ୍କ କାମ ସାରିଦେଲା । ଗାଈଙ୍କୁ କୁଣ୍ଡା ତୋରାଣି ମୁହାଁଇ ଦେଇ, ଝିଟିଝିଟିଆ ଖରୁ, ଥର୍ ଥର୍ ହୋଇ ସେ ନଈରୁ ଗାଧୋଇ, ହ’ କଳସୀ ପାଣି ନେଇ ଆସିଲା । ସେ ଗାଧୋଇ ଆସି ଭାତ ଗାଳିଦେଇଁ ଦୁଧ ତକ ଉତୁରେଇ ଶିକାରେ ଥୋଇ ଦେଲା । ତା’ପରେ ବାଡ଼ିରୁ କୋଶିଳାଶାଗ ମେଞ୍ଚାଏ ହେବ କାଟି ଆଣି, ତାକୁ ବଡ଼ି ପକାଇ ସୁକ୍‌ସୁକିଆ କରି ଖରଡ଼ି ଦେଲା । ସେତକ ଓହ୍ଲାଇ ଦେଇ, ବେହେଡ଼ିରୁ ଦହି ବେଲାଏ ହେବ ଗଡ଼େଇ ଆଣି, ତାକୁ ଲୁଣ ହଳଦୀ ପକାଇ ଉତୁରେଇ ଦେଇ ଆଉ ଗୋଟିଏ ବେଲାରେ ଢ଼ାଳି ରଖି-ଦେଲା । କରାଣ୍ଡି ଶୁଖୁଆରୁ ଅଞ୍ଜୁଳାଏ ହେବ କଡ଼େଇରେ ଭଲକରି ଭାଜି, ସେତକ ଖଣ୍ଡିଏ କଅଁଳ ପତରରେ ଗୁଡ଼େଇ ଥୋଇ ଦେଇ, ବୁଆ ବିହିଙ୍କ ଖାଇବା ପାଇଁ ରାତିରୁ ବଟାବଟି କରି ରଖିଥିବା ପିଠଉ ମେଞ୍ଚାକରେ ଗଇଁଠା ପିଠା ଗଢ଼ି ଗବ୍‌ଗବ୍ ହୋଇ ଫୁଟି ଆସୁଥିବା ପାଣିରେ ଛାଡ଼ିଦେଲା । ଗଧା ନଣନ୍ଦ ବିଅରଙ୍କୁ ଉଠାଇ ଦେଇ ଜଲଦି ଜଲଦି ଦାନ୍ତ ଘଷାଘଷି କରି ଆସିବାକୁ ବଡେଇ ଦେଇ, ପିଠାତକ ଚୂଲିରୁ ଓହ୍ଲାଇ ଦେଲା ।

Digitized by srujanika@gmail.com

ଶାଶୁବୁଢ଼ୀ ବଛଣାରୁ ଉଠିଆସି ଘଧାର କାମ ଦେଖି ଚାଟକା ହୋଇ-ଗଲା । ସେ ଘଡ଼ିଏ କାଳ ଜଳଜଳ କରି ଏଣିକି ତେଣିକି ଗୁହିଁ ରହିଲା । ତା'ପରେ ସେ ବହୂ ପାଖକୁ ଆସି ତା' ହାତଟାକୁ ଧରି ପକେଇ କାନ୍ଦକାନ୍ଦ ହୋଇ, କହିଲ —"ବହୂ, ତୁ କ'ଣ ସାରରାତି ଶୋଇନାହୁଁ ନା କଅଣ ? ଘର ଗୋଟିକର କାମ ସାରିଦେଇ ସାରଲୁଣି, ପୁଣି ଏଇଲେ ଯିବୁ ବିଲକୁ..." ?

ଘଧା ବୁଢ଼ୀର କଥାକୁ କାନକୁ ନନେଇ, ଭାତ, ଦହିକାଞ୍ଜି, ଶାଗ ଓ ଶୁଖୁଆ ପୁଡ଼ାଟିକୁ ଅଲଗା ଅଲଗା କରି ବାନ୍ଧି ଗୋଟିଏ ଗଣ୍ଠିଲି କରିଦେଲା । ସେତିକି ସେ ସଜାଡ଼ି ସାରି କହିଲା—"ବଉ, ମୁଁ ଖାଇବା ଜିନଷ ସବୁ ନେଇ ଯାଉଚି । ତୁମେ ତୁଆ ବହିଙ୍କି ଗଇଁଠା ପିଠା ଖୁଆଇ ଦେଇ ଇସ୍କୁଲ୍‌କୁ ପଠେଇ ଦବ । ସେ ବିହେଁ ଇସ୍କୁଲରୁ ଆସିଲେ, ତାଙ୍କୁ ନେଇ ବିଲକୁ ଗୁଲିଯିବ, ଡେରି କରିବନି" !

ଘଧା ଦାଆଖଣ୍ଡିକ ବୋଝ ଭିତରେ ଥୋଇ ଦେଇ, ଖାଇବା ଜିନଷତକ ତା' ଭିତରେ ରଖିଦେଲା । ଟ୍ରେଟ କଳସୀରେ ପାଣି କଳସୀଏ ଧରି, ବୋଝଟିକୁ ମୁଣ୍ଡରେ ମୁଣ୍ଡେଇ ବାହାରି ଯାଉଁ ଯାଉଁ କହିଲା—"ବଉ, ଚମ୍ପୀ ଖେତଘ ଆସିଲେ ତାଙ୍କୁ ନେଇ, ଆଉ କଳସୀଏ ପାଣି ଧରି ଜଲଦି ଜଲଦି ଗୁଲିଯିବ... ! ମୁଁ ଗୁଲିଲି..." ।

ସମୟର ଗତି ଗଡ଼ି ଗୁଲିଲା ଖିପ୍ର ବେଗରେ । ସେ ବର୍ଷ ଘଧାର ଚେଷ୍ଟା ଫଳରେ, ଦେବା ଭୂୟାଁର ଧାନ କ୍ଷେତରୁ ଘାଚିଲା ଫସଲ ଅମଳ ହୋଇଗଲା ଅତି ସହଜରେ । କ୍ଷେତ ବଡ଼ିବାର ଠିକ୍ ଦଶଦିନ ପରେ, ଦିନେ ରାତିରେ ଘଧାର ଗର୍ଭ ଯନ୍ତ୍ରଣା ହେଲା । ସେ ରାତିରେ ତା' ଶାଶୁ ବୁଢ଼ୀକୁ ଉଠାଇ କହିଲା— "ବଉ, ମୋର ବୋଧେ ସମୟ ହୋଇଗଲା । ତୁମେ ଠିକଏ ଜାଗେଇଆର୍ ଥାଅ..." ।

ବୁଢ଼ୀ ଘଧା ମୁହଁରୁ ଏତକ ଶୁଣିବା ମାତ୍ରେ ବ୍ୟସ୍ତ ହୋଇ ପଡ଼ିଲା । ବୁଢ଼ୀର ବ୍ୟସ୍ତତା ଲକ୍ଷ୍ୟ କରି କହିଲା ଘଧା—"ତୁମେ ବ୍ୟସ୍ତ ହୁଅ ନାହିଁ ବଉ...! ମୋର ସେମିତି କିଛି ଅସୁବିଧା ହେବନି... । ଅଳସୋଇ ମାନେ ଯିନା ବେଶୀ କଷ୍ଟ ପାଆନ୍ତି, ମୋର କ'ଣ ହେବ" ?

ବହୂର କଥାରେ ବୁଢ଼ୀର ମନ ବୁଝିଲା ନାହିଁ । ସେ ମନେ ମନେ ଗୁନିଆ ହୋଇ ଯାଇ କହିଲା—"ପହିଲା ପୁଲି ତୁ ବହୂ, ମୁଁ ଖେତଘକୁ ନେଇ ଯାଉଚି,

Digitized by srujanika@gmail.com

ନଟିଆ ବଉକୁ ଡାକିଆଣେ'' ।

"ତୁମେ କୁଆଡେ ଯାଅନା ବଉ ! ମୋ'ର ପାଖରେ ଥାଅ । ସକାଳ ଆଗରୁ ମୋର କଷ୍ଟ ହେବ ନାହିଁ । ଗଣ୍ଡ ପାହିଲେ ଦେଖିବା ପଛକେ କାହାରିକୁ ଡାକିବା........"।

ବେଳକୁ ବେଳ ଗଧାର ଗର୍ଭ ଯନ୍ତ୍ରଣା ଖରତର ହେବାକୁ ଲାଗିଲା । ଠିକ୍ ସିନ୍ଦୁର ଫାଟିଲା ବେଳକୁ ଗଧା ଗୋଟିଏ ପୁଅ ପିଲା ଜନ୍ମ କଲା । ବୁଢ଼ୀ ନିଜର ଅଭିଜ୍ଞତା ବଳରେ ପିଲାଟିକୁ ଧୂଆଧୋଇ ପୋଛି ପୋଛି କରିଦେଲା । ସକାଳୁ ସକାଳୁ ଖେତଗଡ଼ଠାରୁ ଖବର ପାଇ ନଟିଆ ମାଆ ଆସି ପିଲାଟିର ନାହି କାଟି ଅନ୍ତୁଡ଼ି ସଜେଇ ଦେଇ ଗଲା ।

ସବୁ କାମ ଶେଷ ହେବା ପରେ, ବୁଢ଼ୀ ଶାନ୍ତିରେ ଟିକିଏ ନିଃଶ୍ୱାସ ମାରି ଆଖି ପୂରେଇ ନାତିକୁ ଚାହିଁ ଦେଖିଲା—ପିଲାଟି ଗଧାର ଡୋଫା ଚେହେରା ରଜୁର ବଳିଲା ବାଳିଲା ଦେହ ଓ ଚକା ଚଉଧୂରୀ ପରି ମୁହଁ ଏବଂ ଗୋସି ବାପାର ହାତ ଗୋଡ଼ ନେଇ ଜନ୍ମ ହୋଇଛି । ବୁଢ଼ୀ ନାତିକୁ ଦେଖି ପକାଇ ଆନନ୍ଦରେ ଅଧୀର ହୋଇ ଉଠିଲା । ସେ କ୍ଷଣକ ଲାଗି ଭୁଲିଗଲା—ତା'ପୁଅ ଗେରସ୍ତ ଜେଲରେ ରହିଛନ୍ତି ବୋଲି । ସାତଦିନ ପରେ ଅନ୍ତୁଡ଼ିଶାଳରୁ ବାହାରି ଗଧା ଧୀରେ ଧୀରେ ଘରର କାମ ଧନ୍ଦାରେ ଶାଶୁକୁ ସାହାଯ୍ୟ କଲା । ଏକୋଇଶ ଦିନ ଯାଏଁ ସେ ଶାଶୁର ଆକଟରେ ଆଡ଼ ଆଡ଼ ହୋଇ ରହିଲା ମାତ୍ର, ତା' ପରଦିନଠାରୁ ପୁଣି ଗଧା ଲୋଟି ପଡ଼ିଲା ଘରକାମରେ; ଯେତେ ଯେପରି, ତା'ର ପିଲା ଜନ୍ମ ହୋଇ ନାହିଁ ।

ଦିନେ ତା'ର ମଧ୍ୟରେ ହରିରାମ ମାହାଜନ ଆସି ଶାଶୁ, ବୋହୂ ଓ ଛୁଆ ତିନିହିଁକୁ ନେଇ ଜେଲ୍‌ରେ ଥିବା ଦେବା ଓ ରଜୁ ସହିତ ଭେଟ କରାଇ ଆଣିଲା । ବୁଢ଼ୀ ଓ ଛୁଆମାନେ ଦେଖା କରି ସାରିବା ପରେ, ଗଧା ଏକୁଟିଆ ଯାଇ ରଜୁକୁ ଦେଖା କରି, ତା' ପୁଅକୁ ଦେଖାଇ କହିଲା—"ତୁମେ ଅଦୌ କଷ୍ଟ ଭାବନି । ଏଇ ମୋର ସାହା ଭରସା । ରଜୁ ପିଲାଟିକୁ ତା'ର ବେଡ଼ିଦିଆ ହାତରେ ଛୁଇଁ ଦେଇ ଟିକିଏ ହସି ଦେଇ କହିଲା—" ଗଧା, ତୁ ନ ଆସିଥିଲେ ଆମ ଘରଟି ସତରେ ଉଜୁଡ଼ି ଯାଇ ଥାଆନ୍ତା । ତୁ ତୁକୁତରେ ମଣିଷ ହୋଇ ଜନମ ହୋଇଚୁ ସିନା, କଷ୍ଟେ, କଉଣସି ଦେବୀ ଦେବତା । ତା' ହୋଇ ନଥିଲେ, ତୁ ସବୁକଥା ଜାଣିଶୁଣି ଧାଇଁ ଆସି ନ ଥା'ନ୍ତୁ'' ! ଏତିକି କହିଲା ବେଳେ ରଜୁ ଆଖିରୁ ଟପ୍ ଟପ୍ ହୋଇ ଦି'ଟୋପା ଲୁହ ଝରିପଡ଼ିଲା ।

Digitized by srujanika@gmail.com

ଗଜୁର ଆଖିରେ ଲୁହ ଦେଖି ଗଧା ତା' ମନକୁ ଟାଣ କରି କହିଲା— ଛି···ଛିଃ···ତୁମେ ମରଦ ପୁଅ ହୋଇ କାନ୍ଦୁଚ ? ପୁରୁଷ ପୁଅ ପକ୍ଷରେ ଶ୍ରେଷ୍ଠ, ନାରୀ ହେଉଚି – ଦ'ଟ । ଅବଗୁଣ । ତୁମେ ତ ସେ କାମ କରିନ, ନିଜ ହାତଧରା ଘରଣୀର ମାନ ମହତ ରଖିବାଲାଗି, ଶତ୍ରୁକୁ ଶିକ୍ଷା ଦେଇଚ । ମା' କଟକେଶ୍ୱରୀ ତୁମକୁ ନିଶ୍ଚେ ଉଦ୍ଧାର କରିଦେବେ । ତୁମେ ମୋଟେ ଦୁଃଖ କରନି ! ତୁମକୁ ପାଶୋରି ରହିବା ଲାଗି ମୋ' କୋଳକୁ ତୁମରି ପୁଅ ଆସି ଯାଇଚି, ମୋର ଆଉ ଚିନ୍ତା କ'ଣ ? ମୋରତ ମନ କହୁଚି – ତୁମର କିଛି ହେବନି, ତୁମେ ନିର୍ଦ୍ଦୋଷରେ ଖଲାସ ହେଇଯିବ'' ।

ଟିକଏ ରହିଯାଇ ପୁଣି କହିଲା ଗଧା—''କିନ୍ତୁ ମୋର ଗୋଟିଏ ଦୁଃଖ ରହିଗଲା ମନରେ, ମୁଁ ଶୁଣିଲି – ତୁମେ କାଳେ ବାପାଙ୍କ ମୁଣ୍ଡରେ ସବୁତକ ଦୋଷ ଅଜାଡ଼ି ଦେଇଚ'' ?

''ମୁଁ କ'ଣ କରିବ ଗଧା, ମୋର କିଛି ଉପାୟ ନଥିଲା ! ବାପା ମୋତେ ତାଙ୍କ ରାଣ ନିୟମ ପକାଇ ଯା' କରିବାକୁ ବାଧ୍ୟ କଲେ, ମୁଁ କରିବ କଅଣ ? ମୁଁ ଯେତେ ପ୍ରକାର ବୁଝେଇଲି, ସେ ଆଦୌ ବୁଝିଲେନି ! ତୁ ମୋତେ ଯା' କହିବୁ କହ, ମୋର କିଛି ଚୁବ ନଥିଲା'' ।

ଦେଖା କରିବାର ସମୟ ଗଡ଼ିଯିବା ମାତ୍ରେ ଜେଲ୍‌ର ଦରୁଆନ୍ ଆସି ଗଜୁକୁ ସେଠାରୁ ଭିତରକୁ ନେଇଗଲା ।

ଗଧା ସେଠାରୁ ଯାଇ ଶ୍ୱଶୁରଙ୍କୁ ଦେଖା କଲା । ଦେବା ଆଗରୁ ନାତିର ଜନ୍ମ ଖବର ହରିରାମ ମାହାଜନଙ୍କଠାରୁ ଶୁଣିଥିଲା । ସେ ବହୂ କାଖରେ ଚଗଡ଼ା ଚାଗଡ଼ା ନାତି ଟୋକାକୁ ଦେଖି, ମନେ ମନେ ଖୁସି ହୋଇ କହିଲା—''ବହୂ, ତୋ' କୋଳକୁ ମୁଁ ତ ଫେରି ଆସିଚି । ଏ' ଟୋକା ଠିକ୍ ମୋରି ପରି ହୋଇଚି ଯେ, କିନ୍ତୁ ରଙ୍ଗଟା ତୋ' ପରି'' ।

ଗଧା ଯେଇଠି ତଳେ ପୁଅକୁ ଜୁହାର କରେଇ ଦେଇ ନିଜେ ଜୁହାର ହୋଇ କହିଲା—''ବାପା, ତୁମେ ତୁମ ପୁଅକୁ ରାଣ ନିୟମ ପକେଇ ନିଜ ମୁଣ୍ଡକୁ ଦୋଷ ମୁଣ୍ଡେଇ ନେଲ କାହିଁକି ? ଯା'ଫଳରେ ମୋ'ରି ମୁଣ୍ଡ ତଳକୁ ହେଇଯାଉଚି······! ତୁମେ ଯା' କଲ କାହିଁକି'' ?

''ମୋ' ମାଆ···'' ବୁଢ଼ିଆ ମୁହଁରେ ହସ ଉକୁଟେଇ କହିଲା ଦେବା—''ମୁଁ ଆଉ କେଇଦିନ ? ପୁଅ ମୋର ଥିଲେ, କାଲି ପୁଣି ସେ

Digitized by srujanika@gmail.com

ଦରଟାକୁ ଆଗପଛ ବାଗେଇ ନବ । ବାପ ହବ ତା’ ପୁଅକୁ ରକ୍ଷା ନ କରିବ, ଆଉ କରିବ କିଏ ? ମୁଁ ସବୁକଥା ଭାବିଚିନ୍ତି କରିଚି ! ତୁ ମନ ଦୁଃଖ କରନା ମାଆ ! ତୋ’ର ମୁଣ୍ଡର ସିନ୍ଦୂର ଟୋପାଟିକୁ ଚକ୍‌ଚକ୍ କରି ରଖିବା ପାଇଁ ଆଉ ଏଇ ଟୋକାଟା···” ନାତିଟିକୁ ତା ଲୁହା କଡ଼ ପଡ଼ିଥିବା ହାତରେ ଛୁଇଁ ଦେଇ କହିଲା ଦେବା—“···ମୋ ବଂଶର କୁଳଚନ୍ଦ୍ରମା ପାଇଁ ମୁଁ ଯା’ କରିଚି ମାଆ···! ତୁ ସେଥିଲାଗି ମନ ଊଣା କରନା···” !

ସମୟ ହୋଇଯିବାର ତାଗିଦା କରିଦେଲା—ଜେଲ୍ ଦରୁଆନ୍ । ତା’ପରେ ଦେବା ଆଖି ଛଳ ଛଳ କରି କହିଲା—“ମାଆ ! ତୁ ମୋ ବହୂ ନୁହେଁ ମୋ’ ମା···ଆ···! ତୁ ଏଇ ଅବେଳରେ ପହଞ୍ଚିଯାଇ ଘରଟାକୁ, ଯେମିତି ସଜାଡ଼ି ନେଲୁ, ମୋ’ର କୋଡ଼ି କୋଡ଼ି ବର୍ଷ ଆଇଷ ଭିତରେ କେଉଁଠି ହେଲେ ଏ’ଭଳି ଯୋଗ୍ୟ ବହୂ ଥିବାର ମୁଁ ଶୁଣି ନଥିଲି···” ।

ଜେଲ୍ ସିପାହୀ ଦେବା ଭୂୟାଁକୁ ତା’ କୋଠରୀ ଆଡ଼କୁ ନେଇଗଲା । ରାଧା ତା’ ଟିକି ପୁଅଟିକୁ ଧରି ଛଳ ଛଳ ଆଖିରେ ସେଇ ଆଡ଼କୁ ଚାହିଁ ରହିଲା ।

× × ×

ଯା’ ମଧ୍ୟରେ ନଅ ଦଶଟି ମାସ ଗଡ଼ି ଯାଇଛି । ପ୍ରମାଣ ଅଭାବରୁ ଝୁମା ମାମଲାରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇଥିଲେ ହେଁ ମକରର ଡେକୁ ଚୋଡ଼ି ଦେବାରେ ସାହାଯ୍ୟ କରିଥିବା ଅପରାଧ ଲାଗି ରାଜୁକୁ ପାଞ୍ଚବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି ଏବଂ ଦେବା ଭୂୟାଁ ମକରର ଆକ୍ରମଣରୁ ନିଜକୁ ରକ୍ଷା କରିବାକୁ ଯାଇ ହତ୍ୟା କରି ଥିବାର ସ୍ୱୀକାର କରିଥିବାରୁ ତାକୁ ପ୍ରାଣଦଣ୍ଡ ପରିବର୍ତ୍ତେ ଦଶବର୍ଷ ସଶ୍ରମ କାରାବାସ ଦଣ୍ଡ ଦିଆଯାଇଛି ।

ଏ’ ଖବର ଗାଆଁରେ ପହଞ୍ଚିବା ମାତ୍ରେ ଦେବା ଭୂୟାଁର ସ୍ତ୍ରୀ କାନ୍ଦି କାନ୍ଦି ମୂର୍ଚ୍ଛା ହୋଇଗଲେ କିନ୍ତୁ ରାଧା ଶାଶୁ ବୁଢ଼ୀକୁ ବହୁତ ବୁଝାଇ ସୁଝାଇ ସାନ୍ତ୍ୱନା କଲା । ବୁଢ଼ୀର ଅବସ୍ଥା କିଛିଦିନ ପର୍ଯ୍ୟନ୍ତ ଅତ୍ୟନ୍ତ ଚିନ୍ତାଜନକ ହୋଇ-ଥିଲେ ହେଁ, ରାଧାର ସେବା ଶୁଶ୍ରୂଷାରେ ସେ ଭଲ ହୋଇ ଆସିଲା ।

Digitized by srujanika@gmail.com

ଗତବର୍ଷ କୌଣସିମତେ ଫସଲ କଟାକଟି କରିଆଣି ରାଧା ଉଜୁଡ଼ା ଘରଟିକୁ ସୁଧାରି ନେଇ, ସେ ବର୍ଷ ନୂଆ ଉତ୍ସାହରେ ଚାଷ କାମରେ ମାତିଗଲା ।

ଗାଆଁର ଲୋକମାନେ ଭାବିଥିଲେ—ଦେବାଭୂୟାଁ ଉପରେ ଅକାଳ ଚଡ଼କ ପଡ଼ିଥିବାରୁ, ତା'ପିଲେ ବାରଦୁଆର ଶୁଣ୍ଢ ପିଣ୍ଡା ହୋଇଯିବେ ଏବଂ ସେହି ଶନ୍ତାରେ ଦେବା ଭୂୟାଁର ସ୍ତ୍ରୀ ଧନ କେଉଁଠାରେ ଆଖି ବୁଜି ଦେବ, କିନ୍ତୁ ଲୋକମାନଙ୍କର ସମସ୍ତ ପ୍ରକାର ଆଶଙ୍କାକୁ ନିର୍ମୂଳ କରାଇ ଦେଇ ରାଧା ଘରଟିକୁ ନିଜର ମନ ମୁତାବକ ବାଗେଇ ନେବାରେ, ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ରାଧା ଏ'ବର୍ଷ ନଟିଆ ଘର ସହିତ ମିଶି ତା' ଚାଷ ବେଶ୍ ଉଠିଆ କରି ଦେଲା । ସିନ୍ଦୁରା ଫାଟିବା ବେଳରୁ ପୁଣି ରାତି ପାଞ୍ଚଘଡ଼ି ଯାଏଁ ସେ ଯେଉଁ ପରିଶ୍ରମ କଲା, ତା'ର ଫଳରେ ତାଙ୍କ ଖେତରେ ସୁନାର ଫସଲ ହସି ଉଠିଲା । କେବଳ ସେତିକି ନୁହେ, ସେ ମଧ୍ୟ ନିଜର ଗାତରି ଖଟେଇ ଘର ଉହାରେ ଶାଗ, ଶିମ୍ବ, ବୋଇତାଳୁ, ଲାଉ, କାକୁଡ଼ି, ଭେଣ୍ଡି ଓ ଜହ୍ନି ଆଦି କେତେ ପ୍ରକାର ପନିପରିବା ଆମଦାନି କଲା ।

ରାଧା ଗଲାବର୍ଷର ଫସଲରୁ ଘର ଖରଚ ପାଇଁ ଧାନତକ ରଖି, ଆଉ ବଳିଥିବା ଧାନତକ ବିକିଦେଇ ପ୍ରଥମେ ସିରାଜ ମିଆଁର କରଜ ସୁଝିଦେଲା । ତା'ପରେ ହରିରାମ ମାହାଜନଙ୍କଠାରୁ ଚାଷ କାମ ପାଇଁ ଆଣିଥିବା ଋଣ ସୁଝିବା ପାଇଁ ରାଧା ତା ବେକର କଣ୍ଠିମାଳଟିକୁ ବିକିଦେଲା । ହରିରାମ ମାହାଜନ ଅବଶ୍ୟ ତା' ଋଣ ପାଇଁ ଆଦୌ ତାଗିଦା କରି ନଥିଲା, ତଥାପି ଋଣ ରହିଲେ ଆପଣା ମୁଣ୍ଡକୁ ବୋଝ ବୋଲି ଭାବି ରାଧା ତା କଣ୍ଠିମାଳଟିକୁ ବିକି ଦେଇ ମାହାଜନର ଋଣ ବିନା ସୁଧରେ ସୁଝି ଦେଇ ଅବଶିଷ୍ଟ କେତୋଟି ଟଙ୍କା ଚାଷ କାମ ପାଇଁ ସାଇତି ଦେଲା ।

ଚୁହୁଁ ଚୁହୁଁ ଧାନକଟା ବେଳ ଆସି ପହଞ୍ଚି ଗଲା । ରାଧା ସକାଳୁ ଉଠି ଘରକାମତକ ସାରିଦେଇ, ରନ୍ଧାରନ୍ଧି ସାରି ବିଲକୁ ଭାତ ନେଇ ଚାଲିଯାଉଥିଲା । ପଛରେ ବୁଢ଼ୀ ନାତିକୁ ନେଇ ପାଣି କଳସୀଟିଏ ଧରି ବିଲକୁ ଚାଲି ଯାଉଥିଲା ।

ପିଲା ଦୁହେଁ ଇସ୍କୁଲରୁ ଫେରି ବିଲକୁ ଚାଲି ଯାଉଥିଲେ ।

Digitized by srujanika@gmail.com

ସୂରୁଜ ମୁଣ୍ଡ ଉପରକୁ ଆସିବା ଯାଏଁ, ଟିକିଏ ହେଲା ନକରି, ରାଧା କାମରେ ମୂଲିଆମାନଙ୍କ ସହିତ ତାଳ ଦେଇ ଧାନ କଟାରେ ଲାଗିପଡ଼େ । ବୁଢ଼ୀ କଇଁଥ ଗଛ ମୂଳରେ ନାତିଟିକୁ ଧରି ବସି ରହିଥାଏ । ନଅ ଦଶ ମାସର ପିଲାଟି ଖେଳି ଖେଳି ଶୋଇ ପଡ଼େ । ବୁଢ଼ୀ ତାକୁ କଇଁଥ ଗଛରେ ଲାଗିଥିବା ଜଳା ଦୋଳିରେ ଶୁଆଇ ଦେଇ ଡାକ ଛାଡ଼େ—"ବହୂ, ସେତିକି ଥାଉ; ଆସ ଗଣ୍ଡେ ଖାଇଦେ' । ଛୁଆ ଦହେଁ ଆସି ପହଞ୍ଚିଗଲେ, ବୁଢ଼ୀ ବ୍ୟସ୍ତ ହୋଇ ଡାକ ପକାଏ । ରାଧା ଆଉ ଘଡ଼ିଏ କାମ କରିବାକୁ ରହୁଁଥିଲେ ବି ଶାଶୂର ଆଦରମିଶା ଡାକ ଶୁଣି ଝାଳ ଗଲଗଲ ମୁହଁରେ ଆସି ଗଛ ମୂଳରେ ବସିପଡ଼େ, ଶାଶୁ ଗୋଟେଇ ଆଣି ରଖିଥିବା ଜାଳକୁଟାତକ ଜାଳି, ତରକାରୀତକ ଗରମ କରିଦିଏ ।

ତା'ପରେ ସେ ମୂଲିଆଙ୍କ ସହିତ ସମସ୍ତଙ୍କ ପାଇଁ ଭାତ ତରକାରୀ ଅଲଗା ଅଲଗା ବାଢ଼ି ଦେଇ ଶାଶୁ ସାଥିରେ ବସି ଖାଇଦିଏ । ସେ ଆଖିରେ କାନରେ ହ'ଗୁଣ୍ଡା ପୂରାଇ ଦେଇ ହାତ ଧୋଇ ଆସି ମୂଲିଆମାନଙ୍କ ପାଖରେ ବସିପଡ଼େ, ସେମାନଙ୍କୁ ଦୋହରା ଭାତ ଓ ତରକାରୀ ପରଶୁ ପରଶୁ କହେ—"ଆରେ ଭାଇ, ତୁମେ ତ କାହିଁ କିଛି ଖାଉନାହଁ··· ? କ'ଣ ଭଲ ଲାଗୁନାହିଁ କି ? ହଁ···" ଟିକିଏ ଥଟ୍ଟାଳିଆ ସ୍ୱରରେ ସେ ପୁଣି କହେ—"ତୁମ ଘରଣୀମାନେ କେତେ ସୁଆଦିଆ ତରକାରୀ କରି ଦେଉ ଥାଆନ୍ତି, ମୋ' ହାତରନ୍ଧା ତୁମକୁ ଭଲ ଲାଗିବ କୁଆଡ଼ୁ···"?

ସେମାନେ ରାଧାର କଥାରେ ସଙ୍ଗେ ସଙ୍ଗେ ପ୍ରତିବାଦ କରି କହନ୍ତି—"ନା···ଭାଉଜ, ତରକାରୀ ଖୁବ୍ ସୁଆଦିଆ ହୋଇଛି । ଆମେ ମୂଲିଆ ମୁଣ୍ଡ, ଶୁଖୁଆ ପୋଡ଼ା କି ପିଆଜ ଦି'ଟା ହେଲେ ଆମର ଚଳିଯିବ । ଆମ ପାଇଁ ତୁମ ହାତରନ୍ଧା ତରକାରୀ ତ ଅମୃତ ପରି ସୁଆଦିଆ ହୋଇଛି···" ।

ଏମିତି କେତେ କ'ଣ ହସ ମଜାକିଆ କଥାରେ ମୂଲିଆମାନଙ୍କୁ ସନ୍ତୁଷ୍ଟ କରାଇ, ରାଧା ସଞ୍ଜବେଳ ଯାଏ ଧାନ କଟାରେ ମାତି ରହିଥାଏ ।

ରାଧା ଘରକୁ ଆସି, ରାତିପାଇଁ ରନ୍ଧାରନ୍ଧି କରି ସଅଳ ସଅଳ ଛୁଆମାନଙ୍କୁ ଖୁଆଇ ପିଇ ବାସନ ଧୁଆଧୋଇ କରି ଥୋଇ ଦେଇ, ଆସେ ଶୋଇବା ପାଇଁ ।

Digitized by srujanika@gmail.com

ଘଧା ବହୁଣା ଧରିବାମାତ୍ରେ ସେଦିନ ଚମ୍ପୀ ଓ ଖେତରୀ ଭାଉଜର ହାତ ଧରି ପକାଇ କହିଲେ—"ବା···ବାଃ···ବେଶ୍ ତ ନୂଆ'ଉ; ରୋଜ୍ ରୋଜ୍ ଠକେଇ ଦଉଚ···? ଆଜି ଆମେ ଛାଡ଼ିବୁ ନାହିଁ, ଛାଡିବୁ ନାହିଁ···! ଗପ କହିଲେ ଯାଇ ଆମେ ଶୋଇବୁ" !

ପିଲା ଦିହିଙ୍କ ଅଝଟପଣିଆ ଦେଖି ବୁଢ଼ୀ ରାଗରେ ଜଳିଯାଇ କହିଲା—"ଏ' କାଆଁ ଦରପୋଡ଼ା ଝୁଆ ଦ'ଟାଙ୍କ ଆଖିକୁ ନିଦ ଆସୁନି କାହିଁକି କେଜାଣି ? ଦିନ ତମାମ୍ ଖଟି ଖଟି ତାକୁ ଟିକଏ ଆରାମରେ ଶୁଆଇ ଦେବନି ନା କ'ଣ" ?

"ତୁ ବୋଉ କାଇଁକି ଗଜର୍ ଗଜର୍ ହେଉଚୁ ଯେ ? ନୂଆ'ଉ ତ ଆମକୁ ଗପ କହିବ, ତୋର କ'ଣ ଯାଏ ଆସେ କହିଲୁ' ?

"କ'ଣ କହିଲୁ···" ଗର୍ଜି ଉଠିଲା ବୁଢ଼ୀ—"ଦିନସାରା ସେ ଖଟି ଖଟି ନସ୍ଥାନ୍ତ ହେଇ ଗଲାଣି···; ଚଣ୍ଡାଳ, ତାକୁ ଟିକଏ ଅଣ୍ଟା ସଳଖି ଶୋଇବାକୁ ଦିଅ···" ।

"ନା···ବଉ··· !" ଶାଶୁକୁ ବାଧା ଦେଇ କହିଲା ଘଧା—"ମୁଁ ତାଙ୍କୁ ରୋଜ୍ ରୋଜ୍ ଠକେଇ ଦଉଚି । ଆଜି ଆଉ ତାଙ୍କ ମନ ଭାଙ୍ଗିବି ନି··· ! ରୋଜ୍ ପିନା ଟାଳିଦେଇ ତାଙ୍କୁ ଶୁଆଇ ଦେଉଥିଲି, ଆଜି ସେ ଗୁହିଁଚନ୍ତି, ତାଙ୍କୁ ଗପଟିଏ କହିଦିଏ···" ।

ଶାଶୁକୁ କଥାଁ ନେଇ କରି ଉତ୍ତର ଦେଇ ଆରମ୍ଭ କଲା ଘଧା—"ଅଗନା ଅଗନ ବନସ୍ତରେ ଥିଲା – ଗୋଟିଏ ପଦ୍ମ ପୋଖରୀ, ପୋଖରୀ ମଝିରେ ଦେଉଳ, ଦେଉଳ ଭିତରେ ଫରୁଆ, ଫରୁଆ ଭିତରେ ମରୁଆ·····ମୋ' କଥାଟି ସରିଲା, ଫୁଲଗଛଟି ମଲା···" ।

—o—

Digitized by srujanika@gmail.com